# ଧରିତ୍ରୀ
DHARITRI

ଭୁବନେଶ୍ୱର, ବୁଧବାର, ଡିସେମ୍ବର ୫/୨୦୧୮ (୧୬ ପୃଷ୍ଠା) Bhubaneswar, Wednesday, December 5/ 2018 | ★★★★

୪୫ଶ ଭାଗ ୧୨ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹୫/-



DSPL-275

ଆମ ସହର ଆମ ଉନ୍ନତି

## କଟକ ନଗରବାସୀଙ୍କ ପାଇଁ କାର୍ଯ୍ୟକ୍ଷମ ହେବାକୁ ଯାଉଛି ଏକ ଅତ୍ୟାଧୁନିକ ସିୱେଜ୍ ଟ୍ରିଟ୍‌ମେଣ୍ଟ୍ ପ୍ଲାଣ୍ଟ୍

ରାଜ୍ୟ ସରକାରଙ୍କ ଏକ ଉଲ୍ଲେଖନୀୟ ପଦକ୍ଷେପ
ଓଡ଼ିଶା ସମନ୍ୱିତ ପରିମଳ ଉନ୍ନତିକରଣ ପ୍ରକଳ୍ପ



ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ
**ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କ**
କରକମଳରେ କଟକ ସିଡିଏସ୍ଥିତ
ସିୱେଜ୍ ଟ୍ରିଟ୍‌ମେଣ୍ଟ୍ ପ୍ଲାଣ୍ଟ୍‌ର
**ଶୁଭ ଉଦ୍‌ଘାଟନ**

୫ ଡିସେମ୍ବର ୨୦୧୮, ଦିନ ୧୧.୩୦ ଘଟିକା
ସେକ୍ଟର-୧, ସିଡିଏ, କଟକ

ସ୍ୱଚ୍ଛ କଟକ : ସୁସ୍ଥ କଟକ

କଟକର ସିଡିଏଠାରେ ଦୈନିକ ୩ କୋଟି ୬୦ ଲକ୍ଷ ଲିଟର ବିଶୋଧନ କ୍ଷମତା ବିଶିଷ୍ଟ ଟ.୧୧୦ କୋଟି ବ୍ୟୟରେ ଅତ୍ୟାଧୁନିକ ସିୱେଜ୍ ଟ୍ରିଟ୍‌ମେଣ୍ଟ୍ ପ୍ଲାଣ୍ଟ୍‌ର ନିର୍ମାଣ ସଂପୂର୍ଣ୍ଣ

ସହରରେ ୨୭୫ କିଲୋମିଟରରୁ ଅଧିକ ଦୈର୍ଘ୍ୟର ସିୱେଜ୍ ପାଇପଲାଇନ୍ ନିର୍ମାଣ ସଂପୂର୍ଣ୍ଣ


କଟକର ପୋଲିସ୍ କଲୋନିରେ ଘଣ୍ଟା ପ୍ରତି ୭୨ ଲକ୍ଷ ଲିଟର ନିଷ୍କାସନ କ୍ଷମତା ବିଶିଷ୍ଟ ଡ୍ରେନେଜ୍ ପମ୍ପିଙ୍ଗ୍ ଷ୍ଟେସନ୍‌ର ନିର୍ମାଣ କାର୍ଯ୍ୟ ସଂପୂର୍ଣ୍ଣ











ଅତ୍ୟାଧୁନିକ ସିୱେଜ୍ ଟ୍ରିଟ୍‌ମେଣ୍ଟ୍ ପ୍ଲାଣ୍ଟ୍
ସିଡିଏ, କଟକ

ଆସନ୍ତୁ, ଆମ କଟକର୍ ପରିବେଶକୁ ସ୍ୱଚ୍ଛ ଓ ସୁସ୍ଥ ରଖିବା
ଏହି ସିୱେଜ୍ ବ୍ୟବସ୍ଥା ସହ ଆମ ଘରକୁ ଯୋଡିବା

@CMO_Odisha | CMO.Odisha | @Naveen_Odisha

ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ
ଓଡ଼ିଶା ସରକାର

JICA

13001/13/0044/1819

ଧରିତ୍ରୀ DHARITRI
ବୁଧବାର, ୫ ଡିସେମ୍ବର, ୨୦୧୮



"ଆମେରିକା ଭାରତର ଗୁରୁତ୍ୱପୂର୍ଣ୍ଣ ପ୍ରତିରକ୍ଷା ସହଯୋଗୀ। ଗତ କିଛି ବର୍ଷ ହେଲା ଦୁଇ ଦେଶ ମଧ୍ୟରେ ପ୍ରତିରକ୍ଷା କ୍ଷେତ୍ରରେ ଆସ୍ଥା ଓ ଆତ୍ମବିଶ୍ୱାସ ବୃଦ୍ଧି ପାଇଛି।
-ନିର୍ମଳା ସୀଥାରାମନ୍, ପ୍ରତିରକ୍ଷା ମନ୍ତ୍ରୀ



## ସଂକ୍ଷେପରେ

### ସର୍ବଦଳୀୟ ବୈଠକ ଡାକିଲେ ନାଇଡୁ



**ନୂଆଦିଲ୍ଲୀ,୪।୧୨:** ପାର୍ଲାମେଣ୍ଟର ଆଗାମୀ ଶୀତ ଅଧିବେଶନ ଲାଗି ରାଜ୍ୟ ସଭା ଅଧ୍ୟକ୍ଷ ଏମ୍.ଭେଙ୍କୟା ନାଇଡୁ ଆସନ୍ତା ୧୦ ତାରିଖରେ ସର୍ବଦଳୀୟ ବୈଠକ ଡାକିଛନ୍ତି। ରାଜ୍ୟସଭା ଅଧିବେଶନର ସୁପରିଚାଳନା ଲାଗି ସହମତି ଲକ୍ଷ୍ୟରେ ସେ ଏହି ବୈଠକ ଡାକିଥିବା ଜଣାଯାଇଛି। ବିଭିନ୍ନ ସମୟରେ ଶାସକ ଏବଂ ବିରୋଧୀ ସଦସ୍ୟମାନଙ୍କ ପରସ୍ପର ବିରୋଧୀ ଆଭିମୁଖ୍ୟ ଏବଂ ହଟ୍ଟଗୋଳ ଯୋଗୁ ଗୃହରେ ଅଚଳାବସ୍ଥା ସୃଷ୍ଟି ହେଉଥିବାରୁ ନାଇଡୁ ଉଦ୍‌ବେଗ ପ୍ରକାଶ କରିଆସୁଛନ୍ତି। ଆଗାମୀ ଅଧିବେଶନରେ ରାଜ୍ୟ ସଭାରେ ଅଟକି ରହିଥିବା ତିନି ତଲାକ୍ ବିଲ୍ ଗୃହୀତ କରାଇବା ଲାଗି ସରକାର ଜୋର ଦେବେ। ଏହା ବ୍ୟତୀତ କେତେକ ଗୁରୁତ୍ୱପୂର୍ଣ୍ଣ ବିଲ୍ ଉପରେ ଆଲୋଚନା ହେବ। ସେଥିପାଇଁ ଉଚ୍ଚ ସଦନର ସବୁ ଦଳର ନେତାମାନଙ୍କୁ ନାଇଡୁ ସର୍ବଦଳୀୟ ବୈଠକକୁ ଡାକିଛନ୍ତି। ବୈଠକରେ ଅର୍ଥମନ୍ତ୍ରୀ ତଥା ଗୃହର ନେତା ଅରୁଣ ଜେଟ୍‌ଲୀ ଏବଂ ବିରୋଧୀ ଦଳ ନେତା ଗୁଲାମ ନବୀ ଆଜାଦ ଯୋଗଦେବେ।

### 'ପାକିସ୍ତାନ ଶାନ୍ତି ପ୍ରକ୍ରିୟାରେ ସାମିଲ ହେଉ'



**ୱାଶିଂଟନ,୪।୧୨ (ପି.ଟି.):** ଦକ୍ଷିଣ ଏସିଆର ଶାନ୍ତି ପ୍ରକ୍ରିୟାରେ ସାମିଲ ହେବା ଲାଗି ପାକିସ୍ତାନକୁ ଆମେରିକା ଏକ କଡ଼ା ବାର୍ତ୍ତା ମାଧ୍ୟମରେ ଆହ୍ୱାନ ଦେଇଛି। ଉକ୍ତ ଅଞ୍ଚଳରେ ଶାନ୍ତି ବଜାୟ ରଖିବା ଲାଗି ଜାତିସଂଘ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ଅନ୍ୟମାନେ ଚଳାଇଥିବା ଉଦ୍ୟମକୁ ପ୍ରତ୍ୟେକ ଦାୟିତ୍ୱସମ୍ପନ୍ନ ରାଷ୍ଟ୍ର ସମର୍ଥନ କରିବା ଲାଗି ଆମେରିକା ପ୍ରତିରକ୍ଷା ମନ୍ତ୍ରୀ ଜିମ ମାଟିସ୍ କହିଛନ୍ତି। ଆଫଗାନିସ୍ତାନରେ ଶାନ୍ତି ପ୍ରକ୍ରିୟାକୁ ସମର୍ଥନ କରିବା ଲାଗି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପାକ୍ ପ୍ରଧାନମନ୍ତ୍ରୀ ଇମ୍ରାନ ଖାନ୍‌ଙ୍କ ନିକଟକୁ ଲେଖିଥିବା ପତ୍ର ସମ୍ପର୍କରେ ଖବରଦାତାଙ୍କ ଏକ ପ୍ରଶ୍ନର ଉତ୍ତରରେ ମାଟିସ୍ କହିଥିଲେ, ଦୁଇ ଦେଶ ମଧ୍ୟରେ ସମ୍ପର୍କକୁ ମଜଭୁତ କରିବାକୁ ହେଲେ ଶାନ୍ତି ପ୍ରକ୍ରିୟାରେ ପାକିସ୍ତାନ ସହଯୋଗ କରିବା ଜରୁରୀ।

# ମଧ୍ୟସ୍ଥ ପ୍ରତ୍ୟର୍ପିତ: ଖୋଲିବ ଅଗୁସ୍ତା ପେଡି

**ନୂଆଦିଲ୍ଲୀ,୪।୧୨**



ବହୁଚର୍ଚ୍ଚିତ ଅଗୁସ୍ତା ୱେଷ୍ଟଲାଣ୍ଡ ହେଲିକପ୍ଟର କ୍ରୟ ମାମଲାରେ ମଧ୍ୟସ୍ଥ ସାଜିଥିବା କ୍ରିଷ୍ଟିଆନ୍ ମାଇକେଲ୍ ଭାରତ ଆସୁଛନ୍ତି। ତାଙ୍କୁ ମଙ୍ଗଳବାର ରାତିରେ ପ୍ରତ୍ୟର୍ପଣ କରାଯାଇଥିବା ତାଙ୍କ ଓକିଲ ସୂଚନା ଦେଇଛନ୍ତି। ଗତମାସରେ ତାଙ୍କର ଆବେଦନର ବିଚାର ପାଇଁ ଦୁବାଇର ଏକ ଅଦାଲତ ମନାକରିଦେବା ପରେ ଭାରତକୁ ତାଙ୍କ ପ୍ରତ୍ୟର୍ପଣ ପାଇଁ ପଥ ପରିଷ୍କାର ହୋଇଯାଇଥିଲା। ୫୪ବର୍ଷ ବୟସ୍କ କ୍ରିଷ୍ଟିଆନ୍ ୩,୬୦୦ କୋଟି ଟଙ୍କାର ଭିଭିଆଇପି ହେଲିକପ୍ଟର କିଣା ମାମଲାରେ ଜଡ଼ିତ ଥିବା ଅଭିଯୋଗ ହୋଇଛି। ଏ ସଂକ୍ରାନ୍ତୀୟ ଚୁକ୍ତି ପାଇଁ ଲାଞ୍ଚ କାରବାର ହୋଇଥିବା ଅଭିଯୋଗ ଉଠିଥିଲା। ମନମୋହନ ସିଂଙ୍କ ନେତୃତ୍ୱାଧୀନ ୟୁପିଏ ସରକାର ଅମଳରେ ୧୨ଟି ବିଳାସମୟ ହେଲିକପ୍ଟର କିଣିବା ପାଇଁ ଚୁକ୍ତି ହୋଇଥିଲା। ଏଗୁଡ଼ିକ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ ଏବଂ ଅନ୍ୟ ବିଶିଷ୍ଟ ବ୍ୟକ୍ତିଙ୍କ ବ୍ୟବହାର ପାଇଁ ଉଦ୍ଦିଷ୍ଟ ଥିଲା।

ଏହି କାରବାର ପାଇଁ ଯେଉଁ ୩ଜଣ ମଧ୍ୟସ୍ଥ ସାଜିଥିଲେ ସେମାନଙ୍କ ମଧ୍ୟରେ କ୍ରିଷ୍ଟିଆନ୍ ମାଇକେଲ୍ ଅନ୍ୟତମ। ଅନ୍ୟ ଦୁଇଜଣ ହେଉଛନ୍ତି ଗୁଇଡୋ ହାଶ୍‌କେ ଏବଂ କାର୍ଲୋ ଗେରୋସା। ୨୦୧୬ ଜୁନ୍‌ରେ ଏହି ମାମଲାକୁ ନେଇ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) କ୍ରିଷ୍ଟିଆନ୍‌ଙ୍କ ନାମରେ ଏକ ଅଭିଯୋଗପତ୍ର ଦାଏର କରିଥିଲା। କ୍ରିଷ୍ଟିଆନ୍ ଅଗୁସ୍ତା ୱେଷ୍ଟଲାଣ୍ଡଠାରୁ ୩୦ ନିୟୁତ ୟୁରୋ ଗ୍ରହଣ କରିଥିବା ଅଭିଯୋଗପତ୍ରରେ ଦର୍ଶାଯାଇଥିଲା। ଉକ୍ତ ଫାର୍ମରୁ ୧୨ଟି ହେଲିକପ୍ଟର କିଣିବା ନିମିତ୍ତ ଚୁକ୍ତି କାର୍ଯ୍ୟକାରୀ କରିବା ପାଇଁ କମ୍ପାନୀଠାରୁ ସେ ଲାଞ୍ଚ ଗ୍ରହଣ କରିଥିଲେ ବୋଲି ଇଡି ଦର୍ଶାଇଥିଲେ। ତେବେ ଉକ୍ତ ମାମଲାରେ ଉପା ଅଧ୍ୟକ୍ଷା ସୋନିଆ ଗାନ୍ଧୀଙ୍କୁ ଟାଣିବା ପାଇଁ ବର୍ତ୍ତମାନର ସରକାର କ୍ରିଷ୍ଟିଆନ୍ ମାଇକେଲ୍‌କୁ ବାଧ୍ୟ କରୁଛନ୍ତି ବୋଲି କଂଗ୍ରେସ ଅଭିଯୋଗ କରୁଛି। ୨୦୦୭ରେ ଉପା ସରକାର ଭିଭିଆଇପି ହେଲିକପ୍ଟର କିଣିବା ପାଇଁ ଏକ ଚୁକ୍ତି ସ୍ୱାକ୍ଷର କରିଥିଲେ। କିନ୍ତୁ ୬ବର୍ଷ ପରେ ଲାଞ୍ଚ ଅଭିଯୋଗ ପଦାକୁ ଆସିବା ପରେ ଏହି ଚୁକ୍ତିକୁ ରଦ୍ଦ କରି ଦିଆଯାଇଥିଲା।

## ସାଂସଦ, ବିଧାୟକଙ୍କ ନାଁରେ ୪ହଜାର ମାମଲା ବିଚାରାଧୀନ

**ନୂଆଦିଲ୍ଲୀ,୪।୧୨(ପି.ଟି)**

ଦେଶର ୪,୧୨୨ ବିଧାୟକ ଓ ସାଂସଦଙ୍କ ନାମରେ ଆପରାଧିକ ମାମଲା ବିଚାରାଧୀନ ରହିଛି। ଏହିସବୁ ମାମଲା ବର୍ତ୍ତମାନର ଏବଂ ପୂର୍ବତନ ବିଧାୟକ ଓ ସାଂସଦଙ୍କ ନାମରେ ରହିଥିବା ବେଳେ କେତେକ ମାମଲା ପାଖାପାଖି ୩ ଦଶନ୍ଧିରୁ ଊର୍ଦ୍ଧ୍ୱ ବିଚାରାଧୀନ ରହିଥିବା ସର୍ବୋଚ୍ଚ ଅଦାଲତ ସୂଚନା ଦେଇଛନ୍ତି। ଏକ ଜନସ୍ୱାର୍ଥ ସମ୍ବଳିତ ମାମଲାର ଶୁଣାଣି କରି ମୁଖ୍ୟ ବିଚାରପତି ରଞ୍ଜନ ଗୋଗୋଇଙ୍କ ନେତୃତ୍ୱରେ ଗଠିତ ଖଣ୍ଡପୀଠ ଏହାକୁ ଗୁରୁତ୍ୱର ସହ ଗ୍ରହଣ କରିଛନ୍ତି। ତେବେ ଏ ସଂକ୍ରାନ୍ତୀୟ ବିଚାରାଧୀନ ମାମଲା ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ତଥ୍ୟ ଯୋଗାଇବାକୁ ସୁପ୍ରିମକୋର୍ଟ ବିଭିନ୍ନ ରାଜ୍ୟ ସରକାର ଏବଂ ହାଇକୋର୍ଟଗୁଡ଼ିକୁ ନିର୍ଦ୍ଦେଶ ଦେଇଛନ୍ତି। ଏହାଦ୍ୱାରା ଏହିସବୁ ମାମଲାର ଦ୍ରୁତ ବିଚାର ପାଇଁ ସ୍ୱତନ୍ତ୍ର ଅଦାଲତ ଗଠନ ଉଦ୍ୟମ ଆରମ୍ଭ ହେବ। ଏହି ମାମଲାରେ ଅଦାଲତଙ୍କୁ ସହାୟତା କରୁଥିବା ଆମିକସ୍ କ୍ୟୁରି ତଥା ବରିଷ୍ଠ ଆଡଭୋକେଟ୍ ବିଜୟ ହଂସାରିଆ ଏବଂ ଆଡଭୋକେଟ୍ ସ୍ନେହ କଳିତା ରାଜ୍ୟ ଓ ହାଇକୋର୍ଟଗୁଡ଼ିକରୁ ମିଳିଥିବା ତଥ୍ୟକୁ ଶୀର୍ଷ ଅଦାଲତରେ ଦାଖଲ କରିଥିଲେ। ଏହି ତଥ୍ୟରୁ ଜଣାଯାଏ ହାଇକୋର୍ଟରେ ଏ ସମ୍ପର୍କିତ ୨୬୪ ମାମଲା ଉପରେ ସ୍ଥଗିତାଦେଶ ଜାରି ରହିଛି। ୧୯୯୧ରୁ ବିଚାରାଧୀନ ଅନେକ ମାମଲାରେ ଏ ପର୍ଯ୍ୟନ୍ତ ଅଭିଯୋଗ ପତ୍ର ଦାଏର କରାଯାଇ ନାହିଁ।

ଆଇନଜୀବୀ ତଥା ଭାଜପା ନେତା ଅଶ୍ୱିନୀ ଉପାଧ୍ୟାୟଙ୍କ ଦ୍ୱାରା ଆଗତ ଜନସ୍ୱାର୍ଥ ମାମଲାର ଶୁଣାଣି କରି ସୁପ୍ରିମକୋର୍ଟ ଏହି ସୂଚନା ଦେଇଛନ୍ତି। ନିର୍ବାଚିତ ଲୋକପ୍ରତିନିଧିଙ୍କ ଆପରାଧିକ ମାମଲାର ଦ୍ରୁତ ବିଚାର ପାଇଁ ସ୍ୱତନ୍ତ୍ର ଅଦାଲତ ପ୍ରତିଷ୍ଠା କରିବା ସହିତ ଦୋଷୀ ସାବ୍ୟସ୍ତ ରାଜନେତାଙ୍କୁ ରାଜନୀତିରୁ ଆଜୀବନ ନିଷିଦ୍ଧ କରିବା ପାଇଁ ଉକ୍ତ ଆବେଦନରେ ପ୍ରାର୍ଥନା କରାଯାଇଛି।

## ସୋନିଆ, ରାହୁଲଙ୍କ ବିରୋଧରେ ଟିକସ ମାମଲା ଚାଲିବ

**ନୂଆଦିଲ୍ଲୀ,୪।୧୨**

ନ୍ୟାସନାଲ ହେରାଲ୍ଡ ମାମଲା ସହ ସମ୍ପୃକ୍ତ କଂଗ୍ରେସ ନେତ୍ରୀ ସୋନିଆ ଗାନ୍ଧୀ ଓ ଦଳ ଅଧ୍ୟକ୍ଷଙ୍କ ବିରୋଧରେ ଟିକସ ନିର୍ଦ୍ଧାରଣ ମାମଲା ପୁନଃ ଚାଲୁ କରିବାକୁ ସୁପ୍ରିମକୋର୍ଟ ମଙ୍ଗଳବାର ଅନୁମତି ଦେଇଛନ୍ତି। ତେବେ ମାମଲା କୋର୍ଟଙ୍କ ବିଚାରାଧୀନ ଥିବାରୁ ଆୟକର ବିଭାଗ କୌଣସି ନିର୍ଦ୍ଦେଶନାମା ଜାରି କରିପାରିବେ ନାହିଁ। ମାମଲାର ପରବର୍ତ୍ତୀ ଶୁଣାଣି ଜାନୁୟାରୀ ୮ରେ ହେବ। ଆୟକର ବିଭାଗ ପକ୍ଷରୁ ସଲିସିଟର ଜେନେରାଲ ତୁଷାର ମେହଟା ଉପସ୍ଥିତ ଥିଲେ। ୨୦୧୦-୧୧ ଆର୍ଥିକ ବର୍ଷର ଟିକସ ପୁନଃନିର୍ଦ୍ଧାରଣ ନକରିବାକୁ ଗାନ୍ଧୀ ପରିବାର ପକ୍ଷରୁ ହୋଇଥିବା ଆବେଦନକୁ ଦିଲ୍ଲୀ ହାଇକୋର୍ଟ ଖାରଜ କରିଦେବା ପରେ ସେମାନେ ସୁପ୍ରିମକୋର୍ଟରେ ଅପିଲ୍ କରିଥିଲେ।

■ ବୁଲନ୍ଦସହର ହିଂସାରେ ପୋଲିସ ଇନ୍ସପେକ୍ଟରଙ୍କ ମୃତ୍ୟୁ ଘଟଣା

## ହତ୍ୟା ପଛରେ ସାମ୍ପ୍ରଦାୟିକ ଶକ୍ତି

**ବୁଲନ୍ଦସହର,୪।୧୨(ପି.ଟି.)**

■ ୪ ଗିରଫ, ମୁଖ୍ୟ ଅଭିଯୁକ୍ତ ଫେରାର

■ ସୁବୋଧଙ୍କ ପରିବାରକୁ ୫୦ ଲକ୍ଷଟଙ୍କା ସହାୟତା ଘୋଷଣା




ଗୋହତ୍ୟା ଅଭିଯୋଗରେ ଜଣେ ପୋଲିସ ଅଧିକାରୀ ଏବଂ ଅନ୍ୟ ଜଣେ ଯୁବକଙ୍କୁ ଉତ୍ତ୍ୟକ୍ତ ଲୋକେ ହତ୍ୟାକରିବା ଘଟଣାରେ ଉତ୍ତରପ୍ରଦେଶ ପୋଲିସ ମଙ୍ଗଳବାର ୪ ଜଣଙ୍କୁ ଗିରଫ କରିଛି। ପୋଲିସ ଇନ୍ସପେକ୍ଟରଙ୍କ ହତ୍ୟା ପଛରେ ସାମ୍ପ୍ରଦାୟିକ ଶକ୍ତିର ହାତଥିବା ଅଭିଯୋଗ ହୋଇଛି। ଘଟଣାର ମୁଖ୍ୟ ଅଭିଯୁକ୍ତ କୁହାଯାଉଥିବା ବଜରଙ୍ଗ ଦଳର ଜିଲା ଆବାହକ ଯୋଗେଶ ରାଜ ଫେରାର ଅଛନ୍ତି। ୨୭ ଜଣଙ୍କ ନାମରେ ଏତଲା ହୋଇଥିଲା ବେଳେ ଅନ୍ୟ ୫୦ରୁ ୬୦ ଜଣ ଅଜଣା ବ୍ୟକ୍ତିଙ୍କ ବିରୋଧରେ ମାମଲା ରୁଜୁ ହୋଇଛି। ୨୭ ଜଣଙ୍କ ମଧ୍ୟରୁ ଗିରଫ ୪ ଜଣ ବଜରଙ୍ଗ ଦଳ ଏବଂ ଅନ୍ୟ ଦକ୍ଷିଣପନ୍ଥୀ ସଂଗଠନର ସଦସ୍ୟ ବୋଲି ଜଣାପଡ଼ିଛି। ଉକ୍ତ ଅଞ୍ଚଳରେ ଉତ୍ତେଜନା ଲାଗି ରହିଥିବାରୁ ବ୍ୟାପକ ପୋଲିସ ଫୋର୍ସ ମୁତୟନ ହୋଇଛି।

୬ଟି ପୋଲିସ୍ ଟିମ୍ ଘଟଣାର ତଦନ୍ତ କରୁଛନ୍ତି। ନିଜକୁ ତଥାକଥିତ ଗୋରକ୍ଷକ କହୁଥିବା ଲୋକଙ୍କ ଆକ୍ରମଣରେ ସିଆନା ଥାନାର ଇନ୍ସପେକ୍ଟର ସୁବୋଧ କୁମାର ସିଂ ଏବଂ ଜଣେ ଯୁବକ ସୁମିତ କୁମାରଙ୍କର ସୋମବାର ମୃତ୍ୟୁ ଘଟିଥିଲା। ସୁବୋଧଙ୍କ ମରଶରୀରକୁ ରାଷ୍ଟ୍ରୀୟ ମର୍ଯ୍ୟାଦା ପ୍ରଦାନ କରାଯିବା ସହ ଶେଷକୃତ୍ୟ ଲାଗି ତାଙ୍କ ଜନ୍ମସ୍ଥାନ ଏଟାକୁ ନିଆଯାଇଛି।

୨୦୧୫ରେ ମହମ୍ମଦ ଅଖଲାକ୍‌ଙ୍କୁ ଉତ୍ତ୍ୟକ୍ତ ଲୋକେ ପିଟି ହତ୍ୟା କରିବା ଘଟଣାର ତଦନ୍ତ କରୁଥିଲେ ସୁବୋଧ। ତେଣୁ ତାଙ୍କୁ ହତ୍ୟା କରାଯିବା ପୋଲିସ୍‌ର ଏକ ଷଡଯନ୍ତ୍ର ବୋଲି ତାଙ୍କ ଭଉଣୀ ଅଭିଯୋଗ କରିବା ସହିତ ଶହୀଦ ମାନ୍ୟତା ଦାବି କରିଛନ୍ତି। ଇନ୍ସପେକ୍ଟରଙ୍କ ପୁଅ ଅଭିଷେକ କହିଛନ୍ତି ବାପା ସବୁବେଳେ ତାଙ୍କୁ ଧର୍ମନିରପେକ୍ଷ ହେବା ପାଇଁ କହୁଥିଲେ। ଧର୍ମ ନାମରେ ହିଂସାକୁ ଆଦୌ ପ୍ରଶ୍ରୟ ଦେଉ ନଥିଲେ। ଦୁଇ ସମ୍ପ୍ରଦାୟ ମଧ୍ୟରେ ବିବାଦରୁ ତାଙ୍କ ବାପାଙ୍କୁ ହତ୍ୟା କରାଯାଇଛି ବୋଲି ସେ କହିଛନ୍ତି। ସୁବୋଧଙ୍କ ପରିବାରକୁ ୫୦ ଲକ୍ଷ ଟଙ୍କା ଅନୁକମ୍ପାମୂଳକ ସହାୟତା ଦେବାକୁ ୟୁପି ସରକାର ଘୋଷଣା କରିଛନ୍ତି।

## ଉମା ଭାରତୀ ନିର୍ବାଚନ ଲଢ଼ିବେନି

**ଭୋପାଳ,୪।୧୨**



ବହିର୍ବ୍ୟାପାର ମନ୍ତ୍ରୀ ସୁଷମା ସ୍ୱରାଜ ସ୍ୱାସ୍ଥ୍ୟଗତ କାରଣରୁ ଆଗାମୀ ଲୋକସଭା ନିର୍ବାଚନ ଲଢ଼ିବେ ନାହିଁ ବୋଲି କହିବାର କିଛି ଦିନ ପରେ ଅନ୍ୟତମ ଭାଜପା ଏମ୍‌ପି ତଥା କେନ୍ଦ୍ରମନ୍ତ୍ରୀ ଉମା ଭାରତୀ ମଧ୍ୟ ନିର୍ବାଚନ ଲଢ଼ିବେ ନାହିଁ ବୋଲି ମଙ୍ଗଳବାର କହିଛନ୍ତି। ସେ ମଧ୍ୟ ଏଥିପାଇଁ ସ୍ୱାସ୍ଥ୍ୟଗତ କାରଣକୁ ଦାୟୀ କରିଛନ୍ତି। ତାଙ୍କ ଆଣ୍ଠୁ ଓ ପିଠିରେ ସମସ୍ୟା ଥିବା ଉମା ଭାରତୀ କହିଛନ୍ତି। ଏଥିପାଇଁ ସେ ତିନି ବର୍ଷ ବିଶ୍ରାମ ନେବାକୁ ଇଚ୍ଛା ପ୍ରକାଶ କରିଛନ୍ତି। ତେବେ ସେ ଦଳ ପାଇଁ ପ୍ରଚାର ଜାରି ରଖିବେ। ଏଥିସହିତ ସେ ରାମ ମନ୍ଦିର ନିର୍ମାଣ ଏବଂ ଗଙ୍ଗା ସଫେଇ ଉପରେ ଅଧିକ ଧ୍ୟାନ ଦେବେ ବୋଲି କହିଛନ୍ତି।

## ଫୁରସତ

### ଦିଲ୍ଲୀରେ ନିର୍ମାଣ ହେବ 'ଓ୍ୱଣ୍ଡର୍ସ ଅଫ୍ ଦି ୱାର୍ଲଡ' ପାର୍କ

**ନୂଆଦିଲ୍ଲୀ:** ଦକ୍ଷିଣ ଦିଲ୍ଲୀରେ ଏକ 'ଓ୍ୱଣ୍ଡର୍ସ ଅଫ ଦି ୱାର୍ଲଡ' ପାର୍କ ନିର୍ମାଣ ହେବାକୁ ଯାଉଛି। ଶିଳ୍ପରୁ ବାହାରୁଥିବା ଆବର୍ଜନା ଏବଂ ଅନ୍ୟ ବର୍ଜ୍ୟବସ୍ତୁରେ ଏଠାରେ ବିଭିନ୍ନ ଆକୃତିର ସ୍ଥାପତ୍ୟ ନିର୍ମାଣ କରାଯିବ। ତେବେ ଏଭଳି ଏକ ଉଦ୍ୟାନ ନିର୍ମାଣ ପାଇଁ ବଲିଉଡ୍ ଫିଲ୍ମରୁ ପ୍ରେରଣା ମିଳିଛି ବୋଲି ଦକ୍ଷିଣ ଦିଲ୍ଲୀ ମ୍ୟୁନିସପାଲ୍ କର୍ପୋରେଶନ୍ ପକ୍ଷରୁ ସୂଚନା ମିଳିଛି। ଉକ୍ତ ପୌରସଂସ୍ଥା କମିଶନରଙ୍କ କହିବାନୁଯାୟୀ, ସରାଇ କାଲେ ଖାନ୍ ନିକଟବର୍ତ୍ତୀ ରାଜୀବ ଗାନ୍ଧୀ ସ୍ମୃତିଭବନର ୫ଏକର ପରିମିତ ଅଞ୍ଚଳରେ ଏହି ପାର୍କ ନିର୍ମାଣ କରାଯିବ। ବଲିଉଡ୍ ଫିଲ୍ମ 'ବଦ୍ରିନାଥ କି ଦୁଲ୍‌ହାନିଆ'କୁ ଆଧାର କରି 'ଓ୍ୱଣ୍ଡର୍ସ ଅଫ ଦି ୱାର୍ଲଡ' ପାର୍କ ନିର୍ମାଣ କରାଯାଉଛି। ଉକ୍ତ ଫିଲ୍ମ ଦେଖିବା ପରେ ଏଥିରୁ ଏକ ଧାରଣା ସୃଷ୍ଟି ହୋଇଥିଲା। ତେଣୁ ଏଭଳି ପ୍ରତିକୃତି ନିର୍ମାଣ ପାଇଁ ନିଷ୍ପତ୍ତି ନିଆଯାଇଥିଲା ବୋଲି ଦକ୍ଷିଣ ଦିଲ୍ଲୀ ମ୍ୟୁନିସପାଲ୍ କମିଶନର ପୁନିତ କୁମାର ଗୋଏଲ୍ ପ୍ରକାଶ କରିଛନ୍ତି।

### ଗାନ୍ଧୀ-ଜାଏଦ୍ ଡିଜିଟାଲ୍ ମ୍ୟୁଜିୟମ୍ ଉଦ୍‌ଘାଟିତ

**ଆବୁଧାବି**



ସ୍ୱାଧୀନତା ସଂଗ୍ରାମର ମହାନାୟକ ମହାତ୍ମା ଗାନ୍ଧୀ ଏବଂ ଆଧୁନିକ ୟୁଏଇ (ୟୁନାଇଟେଡ୍ ଆରବ ଏମିରେଟ୍ସ)ର ପ୍ରତିଷ୍ଠାତା ଶେଖ୍ ଜାଏଦ୍‌ଙ୍କ ଜୀବନୀ, ଗଠନମୂଳକ କାର୍ଯ୍ୟ ଏବଂ ଆଦର୍ଶ ପ୍ରତିଫଳିତ ଡିଜିଟାଲ୍ ଢାଞ୍ଚାର ମ୍ୟୁଜିୟମ୍ ଲୋକାର୍ପିତ ହୋଇଛି। ମଙ୍ଗଳବାର ଆବୁଧାବିଠାରେ ବହିର୍ବ୍ୟାପାର ମନ୍ତ୍ରୀ ସୁଷମା ସ୍ୱରାଜ ଏବଂ ତାଙ୍କ ପ୍ରତିପକ୍ଷ ଅବଦୁଲ୍ଲା ବିନ୍ ଜାଏଦ୍ ଅଲ୍ ନାହ୍ୟାନ ମିଳିତ ଭାବେ ମ୍ୟୁଜିୟମ୍‌ର ଶୁଭ ଉଦ୍‌ଘାଟନ କରିଛନ୍ତି। ଦୁଇ ଦେଶ ମଧ୍ୟରେ ଶାନ୍ତି, ମୈତ୍ରୀ, ସହିଷ୍ଣୁତା, ସ୍ଥିରତା ବଜାୟ ରଖିବାରେ ଏହି ମ୍ୟୁଜିୟମ୍ ଏକ ମୂର୍ତ୍ତିମନ୍ତ ପ୍ରତୀକ ହୋଇ ରହିବ ବୋଲି ଉଦ୍‌ଘାଟନ ଉତ୍ସବରେ ମତପ୍ରକାଶ ପାଇଛି। ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଏବଂ ଶେଖ୍ ଜାଏଦ୍‌ଙ୍କ ୧୦୦ତମ ଜୟନ୍ତୀକୁ ଦୃଷ୍ଟିରେ ରଖି ଉଦ୍‌ଘାଟନ ସମାରୋହ ହୋଇଥିଲା। ଏହି ଐତିହାସିକସମ୍ପନ୍ନ ମ୍ୟୁଜିୟମ୍‌ରେ ଗାନ୍ଧୀ ଏବଂ ଜାଏଦ୍‌ଙ୍କ ବିଭିନ୍ନ ଘଟଣାବଳୀ ଓ କାର୍ଯ୍ୟର ବିରଳ ଫଟୋଚିତ୍ର, ଭିଡିଓ, ବ୍ୟବହୃତ ସାମଗ୍ରୀ ସ୍ଥାନ ପାଇଛି। ଉଭୟଙ୍କ ନୀତି ଆଦର୍ଶରେ ଥିବା ସମାନତା ଓ ଏହାର ପ୍ରଭାବରେ ଆସିଥିବା ପରିବର୍ତ୍ତନର ମୁଖଶାଳା ଏହି ମ୍ୟୁଜିୟମ୍ ହେବ ବୋଲି କୁହାଯାଇଛି।


୨୦୧୮ ଜୁଲାଇରେ ନାହ୍ୟାନ ନୂଆଦିଲ୍ଲୀ ଗସ୍ତରେ ଆସିଥିବାବେଳେ ପ୍ରସ୍ତାବିତ ଏହି ଡିଜିଟାଲ୍ ମ୍ୟୁଜିୟମ୍ ଆନୁଷ୍ଠାନିକ ଭାବେ ଘୋଷଣା ହୋଇଥିଲା।

## ଇତିହାସର ଆଇନାରେ

### ଡିସେମ୍ବର ୫ର ପ୍ରମୁଖ ଘଟଣା

୧୯୭୩ ଡିସେମ୍ବର ୫ରେ ବ୍ରିଟିଶ୍ ନାଗରିକ ତଥା ରାଡାର ଉଦ୍ଭାବକ ସାର ରବର୍ଟ ଆଲେକଜାଣ୍ଡର ୱାଟସନ୍‌ଙ୍କ ବିୟୋଗ ଘଟିଥିଲା। ସେ ୧୮୯୨ ଏପ୍ରିଲ ୧୩ରେ ଜନ୍ମଗ୍ରହଣ କରିଥିଲେ। ୱାଟ ରେଡିଓ ଫିଜିକ୍ସରେ ତାଙ୍କର କ୍ୟାରିୟର ଆରମ୍ଭ କରି ମେଟ୍ ଅଫିସ୍‌ରେ ଚାକିରି କରୁଥିଲେ। ବିଜୁଳିର ରେଡିଓ ସଂକେତକୁ ବ୍ୟବହାର କରି ସେ ନିର୍ଭୁଲ ଭାବରେ ଘଡିଘଡି ସହିତ ବର୍ଷାର ଠିକ୍ ସୂଚନା ଦେଇପାରୁଥିଲେ। ତାଙ୍କର ଏହି ପଦ୍ଧତି ଦ୍ୱାରା ୧୯୨୦ରେ ଏକ ସିଷ୍ଟମ ବିକଶିତ ହୋଇଥିଲା ଯାହା ହଫ୍-ଡଫ୍ ନାମରେ ପରିଚିତ।

୨୦୧୬ ଡିସେମ୍ବର ୫ରେ ତାମିଲନାଡୁର ପୂର୍ବତନ ମୁଖ୍ୟମନ୍ତ୍ରୀ ଜୟଲଳିତା ପରଲୋକ ଗମନ କରିଥିଲେ। ତାଙ୍କର ଜନ୍ମ ହୋଇଥିଲା ୧୯୪୮ ଫେବୃୟାରୀରେ। ସେ ରାଜନେତ୍ରୀ ତଥା ଫିଲ୍ମ ଅଭିନେତ୍ରୀ। ୧୯୯୧ରୁ ୨୦୧୬ ମଧ୍ୟରେ ସେ ଦୀର୍ଘ ୧୪ବର୍ଷରୁ ଊର୍ଦ୍ଧ୍ୱ ମୁଖ୍ୟମନ୍ତ୍ରୀ ହୋଇଥିଲେ। ୧୯୮୯ରୁ ସେ ଏଆଇଡିଏମ୍‌କେର ସର୍ବଭାରତୀୟ ସାଧାରଣ ସଂପାଦିକା ଥିଲେ।



ମଙ୍ଗଳବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

### କେମିତି ରହିବ ଆଜିର ପାଗ

**ରାଜ୍ୟ**–ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ପାଗ ମୁଖ୍ୟତଃ ଶୁଖିଲା ରହିବା ସମ୍ଭାବନା ଅଛି।


**ସ୍ଥାନୀୟ ଅଞ୍ଚଳ**–ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଆକାଶ ଆଂଶିକ ମେଘାଚ୍ଛନ୍ନ ରହିବ। ବୁଧବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୦ ଡିଗ୍ରୀ ଏବଂ ସର୍ବନିମ୍ନ ୧୫ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି। ମଙ୍ଗଳବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପାମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୨୯.୦ | ୧୪.୨ |
| ଚାନ୍ଦବାଲି | ୨୭.୬ | ୧୬.୦ |
| କଟକ | ୨୮.୫ | ୧୪.୪ |
| ପାରାଦ୍ୱୀପ | ୨୯.୦ | ୧୭.୨ |
| ଭୁବନେଶ୍ୱର | ୨୯.୭ | ୧୫.୧ |
| ଗୋପାଳପୁର | ୨୯.୨ | ୧୮.୦ |
| ପୁରୀ | ୨୯.୦ | ୧୭.୮ |
| ଅନୁଗୋଳ | ୨୬.୯ | ୧୧.୬ |
| ବାରିପଦା | ୨୬.୫ | ୧୪.୫ |
| ଝାରସୁଗୁଡ଼ା | ୨୯.୦ | ୧୩.୮ |
| କେନ୍ଦୁଝର | ୨୫.୮ | ୧୨.୬ |
| ସମ୍ବଲପୁର | ୨୯.୧ | ୧୪.୦ |
| ସୁନ୍ଦରଗଡ଼ | ୨୮.୦ | ୧୨.୦ |
| ହୀରାକୁଦ | ୨୮.୯ | ୧୪.୯ |
| ତାଳଚେର | ୩୧.୬ | ୧୩.୮ |
| ଭବାନୀପାଟଣା | --- | ୧୪.୦ |
| ବଲାଙ୍ଗୀର | ୨୯.୫ | ୧୪.୦ |
| କୋରାପୁଟ | ୨୭.୬ | ୧୩.୪ |
| ଫୁଲବାଣୀ | --- | ୮.୦ |
| ଟିଟିଲାଗଡ଼ | --- | --- |
| ମାଲକାନଗିରି | ୩୨.୫ | --- |
| ସୋନପୁର | ୨୯.୦ | ୧୬.୪ |
| ଦାରିଙ୍ଗିବାଡ଼ି | --- | ୮.୦ |
| ଢେଙ୍କାନାଳ | --- | --- |

ଡିଗ୍ରୀ ସେଲ୍‌ସିୟସ୍

## ଲକ୍ଷ୍ୟସ୍ଥଳରେ ପହଞ୍ଚିଲା ମହାକାଶଯାନ

**ୱାଶିଂଟନ**



ନ୍ୟାସନାଲ୍ ଏରୋନେଟିକ୍ସ ସ୍ପେଶ୍ ଆଡମିନିଷ୍ଟ୍ରେଶନ (ନାଶା) ଦ୍ୱାରା ପଠାଯାଇଥିବା ପ୍ରଥମ ମହାକାଶଯାନ ଲକ୍ଷ୍ୟସ୍ଥଳ କ୍ଷୁଦ୍ର ଗ୍ରହ 'ବେନ୍ନ୍ୟୁ'ରେ ପହଞ୍ଚିଛି। ସ୍ପେକ୍ଟ୍ରାଲ୍ ଇଣ୍ଟରପ୍ରିଟେଶନ, ରିସୋର୍ସ ଆଇଡେଣ୍ଟିଫିକେଶନ, ସିକ୍ୟୁରିଟି-ରିଗୋଲିଥ୍ ଏକ୍ସପ୍ଲୋରର୍ (ଓଏସ୍‌ଆଇଆର୍‌ଆଇଏସ୍-ଆର୍‌ଇଏକ୍ସ) ନାମଧାରୀ ଏହି ମହାକାଶ ଯାନ ଦୀର୍ଘ ୨ ବର୍ଷ ଧରି ୨ ବିଲିୟନ କି.ମି. ଯାତ୍ରା କରିବା ପରେ ସୋମବାର ବେନ୍ନ୍ୟୁ ଗ୍ରହରେ ପହଞ୍ଚିଥିବା ନାଶା ପକ୍ଷରୁ କୁହାଯାଇଛି। ସେଠାରେ ମହାକାଶ ଯାନ ବର୍ଷେ ପର୍ଯ୍ୟନ୍ତ ରହି ଗ୍ରହର ସ୍ଥିତି ଓ ଅବସ୍ଥିତି ମୂଲ୍ୟାଙ୍କନ କରିବା ସହ ନମୂନା ସଂଗ୍ରହ କରିବ। ୨୦୨୩ ସେପ୍ଟେମ୍ବରରେ ଏହା ପୃଥିବୀକୁ ଫେରିବ ବୋଲି ନାଶାର ପ୍ଲାନେଟୋରୀ ସାଇନ୍ସ ଡିଭିଜନର ନିର୍ବାହୀ ନିର୍ଦ୍ଦେଶକ ଲୋରୀ ଗ୍ଲେଜ୍ କହିଛନ୍ତି। କ୍ଷୁଦ୍ର ଗ୍ରହ ବେନ୍ନ୍ୟୁରେ ମନୁଷ୍ୟ ଜୀବନ ଧାରଣ ପାଇଁ ଆବଶ୍ୟକ ପ୍ରାକୃତିକ ସମ୍ପଦ ଯଥା ଜଳ, ଜୈବ ପଦାର୍ଥ, ଧାତୁର ସନ୍ଧାନ ମିଳିଛି। ଏଣୁ ସେଠାରୁ ନମୂନା ସଂଗ୍ରହ କରି ସଫଳତାର ସହ ମହାକାଶ ଯାନକୁ ଫେରାଇ ଆଣିବା ପାଇଁ ୟୁଏସ, କାନାଡା ସହଯୋଗୀ ଦେଶର ବୈଜ୍ଞାନିକମାନଙ୍କ ସହ ବିଚାରବିମର୍ଶ ଜାରି ରହିଛି। ଏହି ମହାକାଶଯାନ ଯାତ୍ରା ମିଶନ ଦ୍ୱାରା ଗ୍ରହର ଗଠନ ପ୍ରଣାଳୀ, ଏବଂ ମନୁଷ୍ୟ ଜୀବନ ଧାରଣର ଅୟଆରମ୍ଭ ବିଷୟରେ ପର୍ଯ୍ୟାପ୍ତ ସୂଚନା ମିଳିପାରିବ ବୋଲି ନାଶାର ବୈଜ୍ଞାନିକମାନେ ଜଣାଇଛନ୍ତି। ଡିସେମ୍ବର ୩୧ରେ ଯାନ ବେନ୍ନ୍ୟୁର କକ୍ଷକୁ ପ୍ରବେଶ କରିବ।

**ଧରିତ୍ରୀର ବିଭିନ୍ନ ଅଫିସ ଓ ପ୍ରତିନିଧିଙ୍କ ଟେଲିଫୋନ ନମ୍ବର**

ଭୁବନେଶ୍ୱର-(Code.0674) 2580101(Advt.), 2549302(News), Fax No. 2549795.Dharitri, ନୂଆଦିଲ୍ଲୀ-(011)23329821, 23329822, ନୂଆଦିଲ୍ଲୀ ପ୍ରତିନିଧି-09999032822, କଟକ ଅଫିସ-(0671)2321004, 2322004, ସମ୍ବଲପୁର-(0663) 2405816, ଢେଙ୍କାନାଳ ଅଫିସ-(06762)224254, ଫୁଲବାଣୀ ଅଫିସ-(06842)253116, 9438367053, ବଲାଙ୍ଗୀର ଅଫିସ-(06652)234333, ବରଗଡ ଅଫିସ-(06646)234789, ଅନୁଗୋଳ-(06764)237556, (ତାଳଚେର-(06760)241177, ରାଉରକେଲା ଅଫିସ-(0661)2643242, ସୁନ୍ଦରଗଡ଼-9437346088, ଯାଜପୁର ଅଫିସ-8895242449, ପାରାଦୀପ-(06722)221081, ବାଲେଶ୍ୱର ଅଫିସ-(06782)240604, ବାରିପଦା ଅଫିସ-9437018073, ଭବାନୀପାଟଣା-9437153870, ରାୟଗଡା ଅଫିସ-(06856)225625, 9437090496, କୋରାପୁଟ ଅଫିସ-06852252599, ଜୟପୁର-9437182105, ନବରଙ୍ଗପୁର-9437119068, ସୋନପୁର-9438739383, ଯାଜପୁର ରୋଡ଼-(06726)265030, ଖୋର୍ଦ୍ଧା ଅଫିସ-(06755)223444, ପୁରୀ ଅଫିସ-(06752)221922, ଆସ୍କା-(06822)273440, 272144, କେନ୍ଦୁଝର-9437197395, ଜଗତ୍‌ସିଂହପୁର ଅଫିସ-(06724)224030, 8763968203, ନୟାଗଡଅଫିସ-(06753)252710, ଭଦ୍ରକଅଫିସ-(06784)242101, ନୂଆପଡ଼ାଅଫିସ-(06678)223068, ଝାରସୁଗୁଡ଼ାଅଫିସ-(06645)272799, ଦେବଗଡ-9437121562, କେନ୍ଦ୍ରାପଡ଼ାଅଫିସ-06727233825, ପାରଳାଖେମୁଣ୍ଡି-9437140002.

# ଧରିତ୍ରୀ
DHARITRI

ଭୁବନେଶ୍ୱର, ବୁଧବାର, ଡିସେମ୍ବର ୫/୨୦୧୮ | Bhubaneswar, Wednesday, December 5/ 2018 | ପୃଷ୍ଠା-୧




**ମୋଡ୍ରିକ୍‌ଙ୍କୁ ବାଲନ ଡି'ଅର ପୁରସ୍କାର**

କ୍ରୋଏସିଆର ଲୁକା ମୋଡ୍ରିକ୍ ବର୍ଷର ଶ୍ରେଷ୍ଠ ପୁରୁଷ ଫୁଟ୍‌ବଲ ଖେଳାଳି ହିସାବରେ ବାଲନ ଡି'ଅର ପୁରସ୍କାର ହାସଲ କରିଛନ୍ତି। **୧୩**

**୦୨** **'ଇଣ୍ଡିଆନ୍ ୨' ହେବ ଶେଷ ସିନେମା**

ସଫଳ ଅଭିନେତା କମଲ ହାସନ 'ଇଣ୍ଡିଆନ ୨'ରେ ଶେଷଥର ପାଇଁ ଅଭିନୟ କରିବେ। ଏହାପରେ ସେ ନିଜକୁ ରାଜନୀତିରେ ସମର୍ପିତ କରିବେ ବୋଲି କହିଛନ୍ତି।






PLEDGE 'PLASTIC-FREE' ODISHA


Ben Johnson
Sprinter - Olympic Medalist

#PlasticFreeOdisha

ଧରିତ୍ରୀ DHARITRI TEAM


## ଡିଜିଟାଲ ଟ୍ରାଞ୍ଜାକ୍‌ଶନ ଖର୍ଚ୍ଚ ବହନ କରିବେ ସରକାର

ନୂଆଦିଲ୍ଲୀ,୪।୧୨: କ୍ଷୁଦ୍ର ବ୍ୟବସାୟୀଙ୍କୁ ଆଶ୍ୱସ୍ତ କରିବାକୁ ଯାଇ କେନ୍ଦ୍ର ସରକାର ସେମାନଙ୍କର ଡିଜିଟାଲ ଟ୍ରାଞ୍ଜାକ୍‌ଶନ ଖର୍ଚ୍ଚକୁ ବହନ କରିବାକୁ ଯାଉଛନ୍ତି। ଏ ନେଇ ଏକ ଯୋଜନା ପ୍ରସ୍ତୁତ ହୋଇଛି। ବ୍ୟାଙ୍କଗୁଡ଼ିକ ସହ ଆଲୋଚନା ପରେ ଖୁବଶୀଘ୍ର ଏ ନେଇ ଘୋଷଣା କରାଯିବ। ବର୍ତ୍ତମାନ କ୍ଷୁଦ୍ର ବ୍ୟବସାୟୀଙ୍କଠାରୁ ଡିଜିଟାଲ ଟ୍ରାଞ୍ଜାକ୍‌ଶନ ବାବଦରେ ଚାର୍ଜ ନିଆଯାଉଛି। (ସବିଶେଷ ରିପୋର୍ଟ: ପୃଷ୍ଠା-୧୧)





କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ହକି ବିଶ୍ୱକପ୍‌ରେ ମଙ୍ଗଳବାର ଅନୁଷ୍ଠିତ ପୁଲ୍ ବି'ର ଏକ ମ୍ୟାଚରେ ଅଷ୍ଟ୍ରେଲିଆ ଓ ଇଂଲଣ୍ଡ ଖେଳାଳିଙ୍କ ମଧ୍ୟରେ ବଲ୍ ପାଇଁ ସଂଘର୍ଷ। ଏହି ମ୍ୟାଚରେ ଅଷ୍ଟ୍ରେଲିଆ ୩-୦ ଗୋଲରେ ବିଜୟୀ ହୋଇଛି।

**ହକି ବିଶ୍ୱକପ୍** — ODISHA HOCKEY MEN'S WORLD CUP BHUBANESWAR 2018 — **ଫଳାଫଳ**

**ମଙ୍ଗଳବାର**

ପ୍ରଥମ ମ୍ୟାଚ
ଅଷ୍ଟ୍ରେଲିଆ-୩
ଇଂଲଣ୍ଡ-୦

ଦ୍ୱିତୀୟ ମ୍ୟାଚ
ଆୟର୍ଲାଣ୍ଡ-୧
ଚାଇନା-୧

■ ମହାପ୍ରସାଦ ଦର ନିର୍ଦ୍ଧାରଣ ପ୍ରସଙ୍ଗ

# ସରିଲା ହିସାବ, ଖୁବ୍‌ଶୀଘ୍ର ତାଲିକା

■ ବରାଦି ଭୋଗରେ ହେଲା ରୋଷେଇ

■ ସାମଗ୍ରୀ ଯୋଗାଇଦେଲା ମନ୍ଦିର ପ୍ରଶାସନ



ପୁରୀ ଅଫିସ, ୪।୧୨

ଦୀର୍ଘଦିନ ଧରି ମହାପ୍ରସାଦ ଦର ନିର୍ଦ୍ଧାରଣ ନେଇ ଯେଉଁ ଚର୍ଚ୍ଚା ଚାଲିଥିଲା ସେଥିରେ ପୂର୍ଣ୍ଣଚ୍ଛେଦ ପଡ଼ିବାକୁ ଯାଉଛି। ଏଥିଲାଗି ସ୍ୱତନ୍ତ୍ର ଭାବେ ପ୍ରସ୍ତୁତ ହୋଇଛି ମହାପ୍ରସାଦ। ମଙ୍ଗଳବାର ବରାଦି ଭୋଗରେ ରନ୍ଧାଯାଇଛି ଅବଢ଼ା। ମହାପ୍ରସାଦ ପ୍ରସ୍ତୁତିରେ କେତେ ଖର୍ଚ୍ଚ ହୋଇଛି ଏବଂ କେତେ ଲାଭ ରଖାଯିବ ତାହାର ହିସାବ ମଧ୍ୟ ସରିଛି। କେବଳ ବିଧିବଦ୍ଧ ରିପୋର୍ଟକୁ ଅପେକ୍ଷା କରିଛି ଶ୍ରୀମନ୍ଦିର ପ୍ରଶାସନ। ଅବଢ଼ା ଦର ସଂକ୍ରାନ୍ତୀୟ ରିପୋର୍ଟ ପାଇବା ପରେ ମନ୍ଦିର ପ୍ରଶାସନ ସମୀକ୍ଷା କରି ଏଥିରେ ମୋହର ମାରିବ। ଏହାପରେ ଭକ୍ତଙ୍କ ଉଦ୍ଦେଶ୍ୟରେ ଦର ତାଲିକା (କୁଡୁଆ ଚିତ୍ର ଥାଇ) ଆନନ୍ଦ ବଜାର ଓ ଶ୍ରୀମନ୍ଦିରର ବିଭିନ୍ନ ଦୃଷ୍ଟି ଆକର୍ଷଣ କରୁଥିବା ସ୍ଥାନରେ ଲଗାଯିବ।

ପୂର୍ବ ନିଷ୍ପତ୍ତି ଅନୁଯାୟୀ ମହାପ୍ରସାଦ ରୋଷେଇ ଲାଗି ଶ୍ରୀମନ୍ଦିର ପ୍ରଶାସନ ଆବଶ୍ୟକ ଡାଲି, ଚାଉଳ, ପରିବା, କୁଡୁଆ ପ୍ରଭୃତି ସାମଗ୍ରୀ ଯୋଗାଇ ଦେଇଥିଲା। ମନ୍ଦିର ପ୍ରଶାସନର ଅଧିକାରୀ ଓ ସୁଆର ମହାସୁଆର ନିଯୋଗ କର୍ମକର୍ତ୍ତାଙ୍କ ତତ୍ତ୍ୱାବଧାନରେ ରୋଷେଇ ହୋଇଥିଲା। ପୂର୍ବରୁ ଏହା କୋଠଭୋଗରେ ରୋଷେଇ ହେବ ବୋଲି କୁହାଯାଇଥିଲେ ମଧ୍ୟ ବରାଦି ଭୋଗରେ ରନ୍ଧା ଯାଇଥିଲା। ଏ ସମ୍ପର୍କରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ପ୍ରଦୀପ୍ତ ମହାପାତ୍ର କହିଛନ୍ତି, ମହାପ୍ରସାଦ ପ୍ରସ୍ତୁତିରେ ସାମଗ୍ରୀର ମୂଲ୍ୟ, କେତେ କୁଡୁଆ ଲାଗିଛି, ପାରିଶ୍ରମିକ କ'ଣ ରହିବ ତାହା ବିଚାରକୁ ନିଆଯାଇ ଦର ନିର୍ଦ୍ଧାରଣ ହେବ। ଖୁବ୍‌ଶୀଘ୍ର ମହାପ୍ରସାଦ ଦର ତାଲିକା ଲଗାଯିବ। ଆନନ୍ଦ ବଜାରକୁ ଶୃଙ୍ଖଳିତ ଏବଂ ସୁବ୍ୟବସ୍ଥିତ କରିବା ଲାଗି ଏଭଳି ବିଭିନ୍ନ ପ୍ରକାର ପଦକ୍ଷେପ ନିଆଯାଇଛି।

ଅନ୍ୟପକ୍ଷରେ ଶେଡ୍ ନିର୍ମାଣ କାମ ଆରମ୍ଭ ହୋଇଛି। ଶ୍ରୀମନ୍ଦିରରେ ଥିବା ୨୩୦ଟି ଚୁଲାକୁ ମନ୍ଦିର ପ୍ରଶାସନ ମହାପ୍ରସାଦ ପ୍ରସ୍ତୁତି ପାଇଁ ସୁଆର ସେବକଙ୍କୁ ଦେବା ବେଳେ କେଉଁ କିସମର ଚାଉଳ, ଘିଅ ଆଦି ବ୍ୟବହାର କରାଯିବ ତାହା ସ୍ପଷ୍ଟ କରିବ। ଏଥିରେ ଯଦି କେହି ବ୍ୟତିକ୍ରମ କରନ୍ତି ତେବେ ସମ୍ପୃକ୍ତ ସେବକଙ୍କୁ ନୋଟିସ କରାଯିବ। ଆନନ୍ଦ ବଜାରରୁ ଅନଧିକୃତ ବ୍ୟକ୍ତିଙ୍କୁ ବାହାର କରାଯିବ ବୋଲି ମୁଖ୍ୟ ପ୍ରଶାସକ କହିଛନ୍ତି।

# ମାର୍ଚ୍ଚ ସୁଦ୍ଧା ୧୬ ଖଣି ନିଲାମ



■ ଆଦାୟ ହୋଇନି ୪ ହଜାର କୋଟି ଟଙ୍କାର ଜରିମାନା ରାଶି

■ ୩୧ ଖଣି ଉପରେ ରହିଛି ବକେୟା

ଭୁବନେଶ୍ୱର,୪।୧୨(ବ୍ୟୁରୋ)

ରାଜ୍ୟ ସରକାର ଖୁବ୍‌ଶୀଘ୍ର ୧୬ଟି ଖଣି ନିଲାମ କରିବାକୁ ଯାଉଛନ୍ତି। ସେଥିମଧ୍ୟରେ ୧୦ ଲୁହାପଥର ଓ ୬ ଅନ୍ୟାନ୍ୟ ଖଣି ରହିଛି। ଏଗୁଡ଼ିକର ଲିଜ୍ ଅବଧି ଶେଷ ହୋଇଯାଇଛି। କେନ୍ଦ୍ର ସରକାରଙ୍କ ଅନୁମୋଦନ ପରେ ଏହି ଖଣିଗୁଡ଼ିକ ନିଲାମ ପ୍ରକ୍ରିୟା ଆରମ୍ଭ ହେବ। ଆସନ୍ତା ମାର୍ଚ୍ଚ ସୁଦ୍ଧା ନିଲାମ ପ୍ରକ୍ରିୟା ଶେଷ ହେବ ବୋଲି ବୋଲି ଖଣି ଓ ଇସ୍ପାତ ମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ ମଙ୍ଗଳବାର ସୂଚନା ଦେଇଛନ୍ତି।

ଗତ ଅଗଷ୍ଟ ୧୦ରେ ଓଡ଼ିଶା ଗସ୍ତରେ ଆସିଥିବା କେନ୍ଦ୍ର କୋଇଲା ସଚିବ ଅନିଲ ମୁକିମ ଗଣମାଧ୍ୟମକୁ ସୂଚନା ଦେଇଥିଲେ ଯେ, ଓଡ଼ିଶାରେ ଥିବା ୧୭ରୁ ୧୮ଟି ଲୁହାପଥର ଖଣି ଚଳିତବର୍ଷ ନିଲାମ କରାଯିବ। ଏନେଇ ରାଜ୍ୟ ସରକାର ପ୍ରସ୍ତାବ ଦେଇଥିବା ସେ କହିଥିଲେ।

ମଙ୍ଗଳବାର ସଚିବାଳୟଠାରେ ଗଣମାଧ୍ୟମକୁ ସୂଚନା ଦେଇ ମନ୍ତ୍ରୀ କହିଛନ୍ତି ଯେ, ସୁପ୍ରିମ୍‌କୋର୍ଟଙ୍କ ନିର୍ଦ୍ଦେଶ ମୁତାବକ ୩୧ଟି ଖଣିର ଲିଜ୍‌ଧାରୀ ଜରିମାନା ଅର୍ଥ ପଇଠ କରିନାହାନ୍ତି। ସେଥିରୁ ୨୫ଟି ଖଣି ଉପରେ କୌଣସି ☞ପୃଷ୍ଠା-୨

■ ମଧ୍ୟାହ୍ନଭୋଜନ ଗାଇଡ୍‌ଲାଇନ ଉଲ୍ଲଂଘନ

# ଓଡ଼ିଶା ସମେତ ୬ ରାଜ୍ୟକୁ ଜରିମାନା

ନୂଆଦିଲ୍ଲୀ,୪।୧୨(ପି.ଟି.)

ମଧ୍ୟାହ୍ନଭୋଜନ ଗାଇଡଲାଇନ ଉଲ୍ଲଂଘନ ପାଇଁ ଓଡ଼ିଶା ସମେତ ୬ଟି ରାଜ୍ୟକୁ ସୁପ୍ରିମକୋର୍ଟ ମଙ୍ଗଳବାର ଅର୍ଥଦଣ୍ଡରେ ଦଣ୍ଡିତ କରିଛନ୍ତି। ଓଡ଼ିଶା, ଆନ୍ଧ୍ରପ୍ରଦେଶ, ଅରୁଣାଚଳପ୍ରଦେଶ, ମେଘାଳୟ, ଜମ୍ମୁ-କଶ୍ମୀରକୁ ୧ ଲକ୍ଷ ଟଙ୍କା ଲେଖାଏ ଏବଂ ଦିଲ୍ଲୀକୁ ୨ ଲକ୍ଷ ଟଙ୍କା ଜରିମାନା କରାଯାଇଛି। ସରକାରୀ ବିଦ୍ୟାଳୟଗୁଡିକରେ ମଧ୍ୟାହ୍ନଭୋଜନ ଯୋଜନାର କାର୍ଯ୍ୟକାରିତା ଏବଂ ଏହା କେତେ ସ୍ୱାସ୍ଥ୍ୟପ୍ରଦ ତାହା ଅନୁଧ୍ୟାନ ଲାଗି ଥିବା ଚାର୍ଟ ସହ ଅନ୍‌ଲାଇନ୍ ଲିଙ୍କ୍ କରିବାରେ ବିଫଳ ହୋଇଥିବାରୁ ଉପରୋକ୍ତ ରାଜ୍ୟଗୁଡିକୁ ଦଣ୍ଡିତ କରାଯାଇଛି। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ପାଳନ ହେଉ ନ ଥିବାରୁ ଜଷ୍ଟିସ୍ ମଦନ ବି. ଲୋକୁର, ଦୀପକ ଗୁପ୍ତା ଏବଂ ହେମନ୍ତ ଗୁପ୍ତାଙ୍କୁ ନେଇ ଗଠିତ ଖଣ୍ଡପୀଠ ଅସନ୍ତୋଷ ପ୍ରକାଶ କରିବା ସହ ୪ ସପ୍ତାହ ମଧ୍ୟରେ ଜରିମାନା ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

ଶୁଣାଣି ବେଳେ ଓଡିଶା ପକ୍ଷରୁ ଆଡଭୋକେଟ୍ ଅନିନ୍ଦିତା ପୂଜାରୀ କହିଥିଲେ ଯେ, ରାଜ୍ୟ ସରକାର ଅନ୍‌ଲାଇନ ତଥ୍ୟ ପ୍ରେରଣ ଆରମ୍ଭ କରିଛନ୍ତି। ଏହି ତଥ୍ୟ ଏମ୍‌ଡିଏମ୍ ୱେବସାଇଟ୍ ଏବଂ ଆପ୍ଲିକେଶନରେ ଉପଲବ୍ଧ ହେଉଥିବା ସେ କୋର୍ଟଙ୍କୁ ଜଣାଇଥିଲେ। ଏହା ସତ୍ତ୍ୱେ ୪ ସପ୍ତାହ ମଧ୍ୟରେ ସୁପ୍ରିମକୋର୍ଟଙ୍କ ନ୍ୟାୟିକ ସେବା କର୍ତ୍ତୃପକ୍ଷଙ୍କଠାରେ ଜରିମାନା ଜମା କରିବା ଲାଗି ଖଣ୍ଡପୀଠ ନିର୍ଦ୍ଦେଶ ଦେଇଥିଲେ। ବିଦ୍ୟାଳୟଗୁଡିକରେ ମଧ୍ୟାହ୍ନଭୋଜନ ପ୍ରସଙ୍ଗରେ ଅନ୍ତଃରାଷ୍ଟ୍ରୀୟ ମାନବ ଅଧିକାର ନିଗରାନି ପରିଷଦ ନାମକ ଏନ୍‌ଜିଓ ପକ୍ଷରୁ ୨୦୧୩ରେ ଦାଖଲ ପିଟିଶନ୍‌ର ଶୁଣାଣି କରି ସୁପ୍ରିମକୋର୍ଟ ଉପରୋକ୍ତ ନିର୍ଦ୍ଦେଶ ଦେଇଛନ୍ତି। ସ୍କୁଲର କେତେଜଣ ପିଲା ମଧ୍ୟାହ୍ନଭୋଜନ ଖାଉଛନ୍ତି ଏବଂ ଅନ୍ୟାନ୍ୟ ତଥ୍ୟ ଅନଲାଇନ୍‌ରେ ଅପଲୋଡ୍ କରିବା ନିମନ୍ତେ ଗତବର୍ଷ ମାର୍ଚ୍ଚ ୨୩ରେ ସୁପ୍ରିମକୋର୍ଟ ସମସ୍ତ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳଗୁଡିକୁ ନିର୍ଦ୍ଦେଶ ଦେଇଥିଲେ। ଉପଯୁକ୍ତ ତଦାରଖ ଏବଂ ଭିତ୍ତିଭୂମି ଅଭାବରୁ ଅନେକ ସମୟରେ ଖାଦ୍ୟ ବିଷାକ୍ତୀକରଣ ଏବଂ ସ୍ୱାସ୍ଥ୍ୟ ପ୍ରତି ହାନିକାରକ ହେଉଥିବା ନେଇ ବିଭିନ୍ନ ସମୟରେ ଅଭିଯୋଗ ଆସୁଥିବା ପିଟିଶନ୍‌ରେ ଦର୍ଶାଯାଇଥିଲା।

**ଆଜିର ସମ୍ପାଦକୀୟ**

**ବଞ୍ଚିବାର ବାଟ**

**ଆଜିର ମନ୍ତବ୍ୟ**

" ନିଜକୁ ଚୌକିଦାର କହୁଥିବା ପ୍ରଧାନମନ୍ତ୍ରୀ ସୁପ୍ରିମକୋର୍ଟ ବିଚାରପତିଙ୍କୁ ସଖୀକଣ୍ଢେଇ କରିଥିଲେ।

— ରାହୁଲ ଗାନ୍ଧୀ, କଂଗ୍ରେସ ଅଧ୍ୟକ୍ଷ

**କିଛି ତଥ୍ୟ**

୨୦୧୭-୧୮ ଆର୍ଥିକ ବର୍ଷରେ ଦେଶରୁ ବିଶ୍ୱର ବିଭିନ୍ନ ପ୍ରମୁଖ ବଜାରଗୁଡ଼ିକୁ ୭୬ ବିଲିୟନ ଡଲାରର ଇଞ୍ଜିନିୟରିଂ ସାମଗ୍ରୀ ରପ୍ତାନୀ ହୋଇଛି।

— ଇଞ୍ଜିନିୟରିଂ ଏକ୍ସପୋର୍ଟ ପ୍ରମୋଶନ କାଉନସିଲ୍


NECC NATIONAL EGG CO-ORDINATION COMMITTEE — 04.12.2018 — Venco66 CHICKEN

| Dist | Farm Gate/Kg | With Skin/Kg | Skinless /Kg |
| --- | --- | --- | --- |
| BBSR | 73 | 123 | 133 |
| CTC | 73 | 123 | 133 |
| DKL | 75 | 126 | 136 |
| BDK | 75 | 126 | 136 |
| BLS | 77 | 128 | 138 |
| ANG | 77 | 128 | 138 |

*Conditions Apply

Eggs Retail Price- 48/-Dozen
Issued in the Interest of Consumers


# ୭ରୁ ଭୁବନେଶ୍ୱରରୁ ରାଞ୍ଚିକୁ ଉଡ଼ିବ ବିମାନ

ଭୁବନେଶ୍ୱର, ୪।୧୨(ବ୍ୟୁରୋ)

ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରରୁ ଝାଡ଼ଖଣ୍ଡର ରାଜଧାନୀ ରାଞ୍ଚିକୁ ସିଧାସଳଖ ବିମାନ ସେବା ଆରମ୍ଭ ହେବ। ଏୟାର ଇଣ୍ଡିଆ ପକ୍ଷରୁ ଆସନ୍ତା ୭ତାରିଖରୁ ଏହି ସେବା ପ୍ରଦାନ କରାଯିବ। ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ଜୟନ୍ତ ସିହ୍ନା ଏହାକୁ ଉଦ୍‌ଘାଟନ କରିବେ ବୋଲି ମଙ୍ଗଳବାର ଏୟାର ଇଣ୍ଡିଆ ପକ୍ଷରୁ ଟୁଇଟ୍ ଜରିଆରେ



ସୂଚନା ଦିଆଯାଇଛି। ବିମାନଟି ଭୁବନେଶ୍ୱର ବିମାନବନ୍ଦରରୁ ପ୍ରତ୍ୟହ ଅପରାହ୍ନ ୨ଟାରେ ଉଡ଼ାଣ କରି ରାଞ୍ଚିର ବିର୍ସା ମୁଣ୍ଡା ବିମାନବନ୍ଦରରେ ଅପରାହ୍ନ ୩ଟା ୧୫ମିନିଟ୍‌ରେ ଅବତରଣ କରିବ। ସେଠାରୁ ପୁଣି ସକାଳ ୭ଟା ୫୦ମିନିଟ୍‌ରେ ଉଡ଼ାଣ ଆରମ୍ଭ କରି ୮ଟା ୫୦ମିନିଟ୍‌ରେ ଭୁବନେଶ୍ୱରରେ ଅବତରଣ କରିବ। ଭୁବନେଶ୍ୱରରୁ ରାଞ୍ଚି ଯିବା ପାଇଁ ଯାତ୍ରୀ ପିଛା ଭଡ଼ା ୧୬୧୦ଟଙ୍କା ଧାର୍ଯ୍ୟ କରାଯାଇଛି।

■ ଶେଲ୍‌ଟର ହୋମ୍ ଯୌନଶୋଷଣ ମାମଲା

# ଲାଗିଛି ବିପୁଳ ବିଦେଶୀ ପାଣ୍ଠି

■ ଖୋଲୁଛି ବିଦେଶୀ ଲିଙ୍କ୍ ଗୁମର

■ ପୋଲିସ ରିମାଣ୍ଡରେ ରେହମାନ୍

ଢେଙ୍କାନାଳ ଅଫିସ, ୪।୧୨

ଢେଙ୍କାନାଳ ସଦର ଥାନା ବେଲଟିକିରିସ୍ଥିତ 'ଗୁଡ୍ ନ୍ୟୁଜ୍ ଡ୍ରିମ୍ ଇଣ୍ଡିଆ ସେଣ୍ଟର' ଯୌନ ଶୋଷଣ ମାମଲାର ପ୍ରମୁଖ ଅଭିଯୁକ୍ତ ତଥା ଅନୁଷ୍ଠାନର ମୁଖ୍ୟ ଡ. ଫୟାଜ୍ ରେହମାନଙ୍କ ଦୁଇଦିନିଆ ରିମାଣ୍ଡ ମଙ୍ଗଳବାରଠାରୁ ଆରମ୍ଭ ହୋଇଛି। ଅଦାଲତଙ୍କ ନିର୍ଦ୍ଦେଶ ଅନୁଯାୟୀ, ପୂର୍ବାହ୍ନ ସାଢ଼େ ୧୦ଟାରେ ଜିଲା କାରାଗାରରୁ ପୋଲିସ ତାଙ୍କୁ ରିମାଣ୍ଡରେ ନେଇଛି। ଗୋବିନ୍ଦପୁର ଫାଣ୍ଡିରେ ରଖି ତାଙ୍କୁ ଜେରା କରାଯାଉଥିବାବେଳେ ପ୍ରଥମ ଦିନ ପୋଲିସକୁ ମିଳିଛି ଅନେକ ଗୁରୁତ୍ୱପୂର୍ଣ୍ଣ ତଥ୍ୟ। ଅନୁଷ୍ଠାନର ଚେର ବିଦେଶକୁ ଲମ୍ବିଛି। ସେଠାରୁ ବିପୁଳ ବିଦେଶୀ ପାଣ୍ଠି ଆସୁଛି, ଯାହାକୁ ଉପଯୋଗ କରି ଓଡ଼ିଶାର ବିଭିନ୍ନ ଶାଖା ଅନୁଷ୍ଠାନଗୁଡ଼ିକୁ ପରିଚାଳନା କରାଯାଉଥିଲା। ପୋଲିସ ଜେରାବେଳେ ଫୟାଜ୍ ଏପରି ଅନେକ ତଥ୍ୟ ଓଗାଳିଥିବା ଏସ୍‌ପି ସନ୍ତୋଷ କୁମାର ନାୟକ କହିଛନ୍ତି।

ଶିଶୁ ଅନ୍ତେବାସୀଙ୍କୁ ଯୌନ ନିର୍ଯାତନା, ଜୋର ଜବରଦସ୍ତ ଧର୍ମ ପରିବର୍ତ୍ତନ ଅଭିଯୋଗ ପରେ ଏବେ ବିଦେଶୀ ଲିଙ୍କ୍‌କୁ ନେଇ ହେଉଥିବା ଚର୍ଚ୍ଚା ଉପରୁ ଧୀରେ ଧୀରେ ପରଦା ହଟୁଛି। ରେହମାନଙ୍କ ପରିବାର ଆମେରିକାରେ ରହୁଛନ୍ତି। ସେଠାକାର ବିଦେଶୀ ନାଗରିକତ୍ୱ, ମିଳୁଥିବା ପାଣ୍ଠି ଏବଂ ସମୟେ ସମୟେ ଅନୁଷ୍ଠାନକୁ ଆସୁଥିବା ବିଦେଶୀଙ୍କ ସମ୍ପର୍କରେ ପୋଲିସ ଖୋଳତାଡ଼ ଆରମ୍ଭ କରିଛି। ରିମାଣ୍ଡରେ ନିଆଯିବା ସମୟରେ ଖବରଦାତାଙ୍କ ପ୍ରଶ୍ନକୁ ଏଡ଼ାଇ ଯାଇଥିଲେ ଫୟାଜ। ପୋଲିସ ମଧ୍ୟ ଯଥାସମ୍ଭବ ଖବରଦାତାଙ୍କଠାରୁ ତାଙ୍କୁ ଦୂରେଇ ରଖିବାକୁ ଚେଷ୍ଟା କରିଥିଲା।



ଜିଲା କାରାଗାର ପରିସରରେ ଡ. ଫୟାଜ୍ ରେହମାନଙ୍କୁ ପୋଲିସ ରିମାଣ୍ଡରେ ନେଉଛି।

ଢେଙ୍କାନାଳ କାଲଟାକ୍ସ ଛକ ନିକଟରେ 'ଗୁଡ୍ ନ୍ୟୁଜ୍ ଡ୍ରିମ୍ ଇଣ୍ଡିଆ ସେଣ୍ଟର' କାର୍ଯ୍ୟକ୍ଷମ ଥିବାବେଳେ ଅନିୟମିତତାର ଗନ୍ଧ ବାରିଥିଲା ପ୍ରଶାସନ। ତତ୍କାଳୀନ ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ୨୦୧୫ରେ ଏହାକୁ ବନ୍ଦ କରିଦିଆଯାଇଥିଲା। ଏହାପରେ ବେଲଟିକିରିରେ ପୁଣି ଥରେ ମୁଣ୍ଡ ଟେକିଥିଲା ଏହି ବେଆଇନ ଅନୁଷ୍ଠାନ। ☞ପୃଷ୍ଠା-୨


ଧରିତ୍ରୀ ଜନ୍ମଦିନ ବିଶେଷାଙ୍କ

**ହକି ଓଡ଼ିଶାରେ ବିଶ୍ୱ**

ଧରିତ୍ରୀର ୪୫ତମ ଜନ୍ମଦିନ ଅବସରରେ ପ୍ରକାଶ ପାଇଛି ଆକର୍ଷଣୀୟ ବିଶେଷାଙ୍କ 'ହକି ଓଡ଼ିଶାରେ ବିଶ୍ୱ'। ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମରେ ଆୟୋଜିତ ହେଉଛି ଚତୁର୍ଦ୍ଦଶ ପୁରୁଷ ହକି ବିଶ୍ୱକପ୍। ଏହି ପ୍ରେକ୍ଷାପଟରେ ଓଡ଼ିଶା ହକିର ଅନ୍ତଃଶାଳ ସୁନ୍ଦରଗଡ଼ ତଥା ହକି ସମ୍ପର୍କିତ ବିଭିନ୍ନ ପ୍ରସଙ୍ଗକୁ ନେଇ ଆଲେଖ୍ୟ ସହ ଏଥିରେ ରହିଛି ୨୦୧୯: ସିଂହାସନ ପାଇଁ ସଜବାଜ, ହାର୍ଡୱର୍କ ନୁହେଁ ସ୍ମାର୍ଟୱର୍କ, #ମି ଟୁ: ପୁରୁଷ-ଆଧିପତ୍ୟରେ ଚଡ଼କ, ପ୍ଲାଷ୍ଟିକ୍ ଆବର୍ଜନା : ପରିଚାଳନା ଓ ବିକଳ୍ପ, ଶର୍ଟ ଫିଲ୍ମ: ଅଳ୍ପ ଅବଧି, ବେଶୀ ବାର୍ତ୍ତା, ପରଦେଶରେ ଦେଶୀ ଫ୍ୟାଶନ୍। ବିଶିଷ୍ଟ ସାହିତ୍ୟିକା ଡ. ପ୍ରତିଭା ରାୟଙ୍କ ସହ ସାକ୍ଷାତ୍କାର ସମେତ ପ୍ରବୀଣ ନବୀନଙ୍କ ଗଳ୍ପ, ପ୍ରବନ୍ଧ, କବିତା ସମ୍ଭାରରେ ଏହି ସଂଖ୍ୟା ସମୃଦ୍ଧ।





ଧରିତ୍ରୀ ବିତରକଙ୍କ ପାଖରେ ଏହି ବିଶେଷାଙ୍କ ଉପଲବ୍ଧ

**ମୂଲ୍ୟ: ୮୦**

**ଯୋଗାଯୋଗ: ଯାଜପୁର:** ଅଜୟ କୁମାର ଯାଦବ (୭୬୦୮୯୯୮୬୦୧) **ଜଗତ୍‌ସିଂହପୁର:** ଦେବରାଜ ସାମଲ (୯୯୩୮୧୩୭୭୪୬) **କେନ୍ଦ୍ରାପଡ଼ା/କଟକ:** ଜ୍ଞାନେନ୍ଦ୍ର କର (୯୪୩୯୬୭୨୧୧୫) **ନୟାଗଡ଼:** ଜ୍ୟୋତିପ୍ରକାଶ ଶତପଥୀ (୭୦୦୮୬୮୪୦୪୧)

ଦୂରଭାଷ: ୦୬୭୪-୨୫୮୦୧୦୧/୨୫୪୯୩୦୨

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ: ..............................
ଜନ୍ମ ତାରିଖ: ..............................


ବାପୁନି ପରିବାରବର୍ଗ


ଗୁଡ଼ି ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ବାବଶ୍ୟ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ଇଣ୍ଡଷ୍ଟ୍ରିଆଲ ଇଷ୍ଟେଟ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।




### BRIDE WANTED

Dhoba groom Oracle Engineer 32, Bank 29, Infosys 28+. 8594926181. D-65088

Wanted bride for 44 age Govt. Service widower groom. Contact: 9861136268. D-64921

Divorcee groom Lecturer 39, Railway 40, Manager 35. 7873374269. D-65090

Brahmin boy 1989/6' B.Tech software engineer Kolkata require professional housewife. 9338229705, 8339083230. D-64756

ଚାର୍ଟର୍ଡ ଆକାଉଣ୍ଟାଣ୍ଟ ବ୍ରାହ୍ମଣ ପୁଅ ପାଇଁ କନ୍ୟା ଆବଶ୍ୟକ। ରାଶି ୧୨/୫ ୨୯ ବର୍ଷ। ଗଞ୍ଜାମ ଜିଲ୍ଲା। ଯୋଗାଯୋଗ: ୭୩୨୫୯୬୭୨୧୯୦. ଧ-୪୯୨୮୩

Handsome Telugu boy 26+ Nationalise Bank PO in Orissa. 9437555525. D-58019

### GROOM WANTED

Bhubaneswar based 29-32 aged groom required for Khandayat girl, beautiful, slim, 28, 5'3", MA. 9437101739. D-64548

Divorcee bride Bank 35, Lecturer 34, Teacher 39. Samadhan: 8594926181. D-65089

୪୪ ବର୍ଷ Revenue Departmentରେ Village Accountant ଭାବେ କାର୍ଯ୍ୟରତ ବିଧବା ଝିଅ ପାଇଁ ଯେକୌଣସି ଜାତିର ଛାଡପତ୍ର ଥିବା ବା ପିଲାଙ୍କ ଥିବା ବରପାତ୍ର ଆବଶ୍ୟକ। 7377689793. D-63736

Now Matrimonial ads. only on Wednesday & Sunday Book 1 Get 1 FREE

Alliance invited for a 5'4"/ 27 years fair and beautiful Odia Kshatriya (Khandayat) girl with B.Tech and MBA working in MNC at Bangalore. Father retired senior Executive of a PSB. Contact: 9619485527, 9167149844. D-9765

**Very beautiful girl Engineer, fair 5.2". Kumbha, Kshatriya, father Rourkela Steel Plant. General Caste. Contact: 8895504388.** D-9739

Beautiful Khandayat girl 1988, 5'5" BDS owncclinic, Bhubaneswar. "Sunasansar". 9937512659. D-9824

ଡିଭୋର୍ସି ଝିଅ ପାଇଁ ପାତ୍ର ଆବଶ୍ୟକ (ପିଲାଥିବା ପାତ୍ରଙ୍କୁ ଅଗ୍ରାଧିକାର ଦିଆଯିବ) 9114866590. D-9781

Newly open herbal full body massage with refreshment well trained therapist. 7381239385. D-64650

Saishree ayurvedic full body massage ladies & gents. Contact: 7438896074. D-64653

Physiotherapy, full body massage by trained ladies/ gents therapist: 7008773793. D-65092

All type of full body massage by expert therapist. 7609005923. D-65214

Herbal full body massage by smart/ expert therapist. Contact: 8338067247. D-65215

Newly opening ayurvedic massage smart therapist, Shree herbal. 7750020754. D-65216

Pamper yourself this Mansoon professional massage. Contact Purple Orchid. 9776598888. D-65217

Experience full body massage with us by experts. Enquiry: 06742597822, 7377048581. D-65219

Improving your health, skin care through expert therapist, excellent offer. 9668374480. D-65218

## classified




### SALE

30' road patta gharabari boundary residential plot at Benupur near Hanspal (100' road side). 9437033320. D-64373

Litigation free plots near Xavier University/ Birla School BDA Zone, Bhubaneswar. Sqft.- 250/-, 160/-. 9937746907, 9337259012. D-64382

3BHK duplex, flats, residential boundary plots at Hanspal, Pahal, Patia, Sundarpada. 8847887273. D-9820

Fully furnished triplex building carpt area 2250 sqft. near Big Bazar, Palasuni, Metro Satellite. 8637268457, 7008561091. D-9821

ସୁନ୍ଦରପଦା Hitech ପାଖରେ 100' and 50' Revenue Roadଅଛ 2ଟି ଘରବାରି ବାଉଣ୍ଡାରି ପ୍ଲଟ ବିକ୍ରିହେବ। (sqft. 600/-) 9777236619. D-64389

Ready 2BHK/ 3BHK flats for sale at Patia. 7008346486, 9937009250. D-65213

Duplex bangalow 4BHK 95,00,000/- at Pokhariput, Bhubaneswar. Contact: 9861125539, 9040521173. D-58014

Gharabari yellow zone 1650 sqft. plot with boundary for sale at Malipada. Litigation free. Sthitiban yellow zone 3000 sqft. plot for sale at Ranasinghpur AIIMS Hospital. Contact: 7008408396, 9348019300. D-9760

Book 3BHK duplex house at Jagamara, Bhubaneswar having land area 1400 sqft. and 2000 sqft. construction area, Price: 74 lakh. 9078151122. D-65221

ଭୁବନେଶ୍ୱର ମହାବୀର Engineering କଲେଜ backside ଘରବାରି boundarywall ପ୍ଲଟ ମିଳୁଛି। 8338932027. D-64386

ଭୁବନେଶ୍ୱର AIIMS Hospital ନିକଟରେ 30' road, ଘରବାରି plot sale. 8480745797. D-64387

ଭୁବନେଶ୍ୱରରୁ ବାଲିଅନ୍ତା ମେନରୋଡରେ 2½ଏକର ଫାର୍ମଜମି ରୋଡ ଧାର ବିକ୍ରିହେବ। 9437001960, 06742371986. D-65085

ଭୁବନେଶ୍ୱର ଚନ୍ଦକାସିଆଣିରେ ସୁଲଭ ମୂଲ୍ୟରେ ଜମି ବିକ୍ରିହେବ। ଯୋଗାଯୋଗ: 8908045426, 7008977610. D-54156

Rera approved flat/ duplex under BMC ready to move/under construction at Jharpada, Sundarpada, Patrapada, Patia, KEC, Nakhara. Contact: 7008917397. D-9834

3BHK ready to move premium duplex immediate sale at Sriram Nagar, Samantarapur, Bhubaneswar. Contact Deepak: 9937329999. D-64549

Book 3BHK duplex house at Jagamara Bhubaneswar having land area 1260 sqft. and 1900 sqft. construction area, Price: 77 lakh. 9078151122. D-65220

Instant registration possession plot available AIIMS Hospital, Bhubaneswar. 9938670164, 6370907396. D-65222

ପାଠକଙ୍କ ପାଇଁ ସୂଚନା: କ୍ଲାସିଫାଏଡରେ ପ୍ରକାଶିତ ହେଉଥିବା ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ବିଚାର କରି କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।




Full furnished office on Cuttack- Puri road at Bomikhal, Bhubaneswar: 7809385726. D-65086

2BHK flat at Vasant villa (1st floor) at Bomikhal for family: 9337022502, 8658402759, 9853313994. D-65087

Rent for family, 1st floor 2BHK 1500 sqft., 408 Paikanagar Delta Colony BBSR: 8249219060/ 2560320, Rs. 11000 (negotiable). D-9505

3BHK independent building with garage Bypass side at Lingipur. 9439357429. D-61035




Shivam logistic packers movers. Household/ car relocation countrywide. 9777044177, 9338461133. D-9832




Fully refreshed/ relaxed body massage by expert therapist, Shastri Nagar. 7377984773. D-65204

Rejuvenate and Ayurvedic full body massage by smart therapist. 9114402304. D-65205

### ୧୦୦ତମ ଜନ୍ମବାର୍ଷିକ ଶୁଭେଚ୍ଛା



**ସତ୍ୟଭାମା ପଣ୍ଡା**

ସ୍ୱାମୀ-ସ୍ୱର୍ଗତ ବୈକୁଣ୍ଠ ନାଥ ପଣ୍ଡା
ନି-ଗୋବିନ୍ଦପାଲି, ପୋ-ଚିଟିଲିମା, ଥା-ଗୁଣ୍ଡା, ଜି-ସମ୍ବଲପୁର

ଏବଂ ସମସ୍ତ ପରିବାର ଓ ବନ୍ଧୁବର୍ଗ। ଧ-୯୮୪୧


### ସାଲେପୁର ନାବାଳିକା ବଳାତ୍କାର, ହତ୍ୟା ମାମଲା

## ସାକ୍ଷ୍ୟ ଦେଲେ ସାଇଣ୍ଟିଫିକ୍ ଅଧିକାରୀ

କଟକ ଅଫିସ, ୪।୧୨

ସାଲେପୁର ନାବାଳିକା ବଳାତ୍କାର ଓ ହତ୍ୟା ମାମଲାର ସାକ୍ଷ୍ୟ ଗ୍ରହଣ ସ୍ୱତନ୍ତ୍ର କୋର୍ଟରେ ଜାରି ରହିଛି। ମଙ୍ଗଳବାର ଫରେନ୍ସିକ ଲାବୋରେଟୋରିର ସାଇଣ୍ଟିଫିକ ଅଧିକାରୀ ସସ୍ମାରାଣୀ ଭୂୟାଁ ହାଜର ହୋଇ ତାଙ୍କର ସାକ୍ଷ୍ୟ ପ୍ରଦାନ କରିଛନ୍ତି। ଭୂୟାଁଙ୍କୁ ମିଶାଇ ଏହି ମାମଲାରେ ଅଦ୍ୟାବଧି ମୋଟ ୨୨ ଜଣଙ୍କ ସାକ୍ଷ୍ୟ ଗ୍ରହଣ ଶେଷ ହୋଇଛି। ସୂଚନା ଥାଉକି, ସାଲେପୁର ଥାନା ଅଞ୍ଚଳର ଜଣେ ୬ବର୍ଷର ନାବାଳିକା ଗତ ଏପ୍ରିଲ ୨୧ରେ ବଳାତ୍କାରର ଶିକାର ହୋଇଥିଲେ। ଅଭିଯୁକ୍ତ ମହମ୍ମଦ ମୁସ୍ତାକ ନାବାଳିକାଙ୍କୁ ବଳାତ୍କାର ପରେ ହତ୍ୟା କରିବାକୁ ଯୋଜନା କରିଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ଏସ୍‌ସିବି ମେଡିକାଲରେ ଭର୍ତ୍ତି କରାଯାଇଥିଲା। ଏହି ମାମଲାରେ ଅଭିଯୁକ୍ତ ମୁସ୍ତାକଙ୍କ ବିରୋଧରେ ଶୁଣାଣି ଜାରି ରହିଛି। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ଅକ୍ଷୟ ନାୟକ ମାମଲା ପରିଚାଳନା କରୁଛନ୍ତି। ତେବେ ସାଇଣ୍ଟିଫିକ ଅଧିକାରୀଙ୍କ ସାକ୍ଷ୍ୟ ଥିଲା ରହିଛି। ଆସନ୍ତା ୧୧ ତାରିଖରେ ପୁନର୍ବାର ଏହି ମାମଲାର ଶୁଣାଣି କୋର୍ଟରେ ହାଜର ହେବେ ବୋଲି ଜଣାପଡ଼ିଛି।


## ମନେ ପଡ଼ନ୍ତି

### ଏକାଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି



**ସ୍ୱ ବିଜୟ କୁମାର ମହାନ୍ତି**

ଅବିର୍ଭାବ - ତା. ୨୦.୦୩.୧୯୪୮
ତିରୋଭାବ - ତା. ୨୫.୧୧.୨୦୧୮

ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଦପଦ୍ମରେ ବିନମ୍ର ପ୍ରାର୍ଥନା କରୁଛୁ।

ଶୋକସନ୍ତପ୍ତ:- ପରିବାର ବର୍ଗ ଓ ଆତ୍ମୀୟସ୍ୱଜନ ଧ-୯୮୩୫


## 'ଇଣ୍ଡିଆନ୍ ୨' ହେବ ଶେଷ ସିନେମା

କୋଚି



ସିନେମା ଜଗତର ଉଚ୍ଚକୋଟୀର ସଫଳ ଅଭିନେତା କମଲ ହାସନ ରାଜନୀତିରେ ପାଦ ଥାପିଛନ୍ତି। ସେ 'ମକ୍କଲ୍ ନିଧି ମାଇମ୍' ନାମକ ଏକ ଦଳ ମଧ୍ୟ ଗଢ଼ିଛନ୍ତି। ଏବେ ସେ ପୂର୍ଣ୍ଣମାତ୍ରାରେ ଦଳ ପାଇଁ ସମର୍ପିତ ହେବାକୁ ନିଷ୍ପତ୍ତି କରିଛନ୍ତି। ୧୯୯୬ରେ ମୁକ୍ତିଲାଭ କରିଥିବା ତାଙ୍କ ଅଭିନୀତ ଚଳଚ୍ଚିତ୍ର 'ଇଣ୍ଡିଆନ' ଧାରାରେ ନିର୍ମିତ ହେବାକୁ ଥିବା 'ଇଣ୍ଡିଆନ ୨'ରେ ସେ ଶେଷଥର ପାଇଁ ଅଭିନୟ କରିବେ ବୋଲି କହିଛନ୍ତି। ଖ୍ୟାତନାମା ନିର୍ଦ୍ଦେଶକ ଏସ୍. ଶଙ୍କରଙ୍କ ନିର୍ଦ୍ଦେଶିତ ଏହି ଚଳଚ୍ଚିତ୍ର ପରେ ସେ କେବଳ ରାଜନୀତି ହିଁ କରିବେ ବୋଲି କେରଳର କୋଚିଠାରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଯୋଗଦେଇ ଜଣାଇଛନ୍ତି। ଦୀର୍ଘ ୨ ଦଶନ୍ଧି ବ୍ୟବଧାନ ପରେ ନିର୍ଦ୍ଦେଶକ ଶଙ୍କରଙ୍କ ସହ ସେ ତାଙ୍କ ଅଭିନୟ ଜୀବନର ଶେଷ ସିନେମା କରିବାକୁ ଯାଉଥିବା ସ୍ପଷ୍ଟ କରିଥିବାବେଳେ ୨୦୧୯ ଲୋକସଭା ନିର୍ବାଚନରେ ତାମିଲନାଡୁରୁ ତାଙ୍କ ଦଳ ପ୍ରାର୍ଥୀ ଛିଡ଼ା କରାଇବାକୁ ପ୍ରସ୍ତୁତି ଚଳାଇଥିବା କହିଛନ୍ତି। ଡିସେମ୍ବର ୨ରୁ 'ଇଣ୍ଡିଆ ୨'ର ସୁଟିଂ ଆରମ୍ଭ ହେବ। ଏଥିରେ କାଜଲ ଅଗ୍ରୱାଲ ତାଙ୍କ ସହ ମୁଖ୍ୟ ଭୂମିକା ନିର୍ବାହ କରିବେ ବୋଲି ସେ ପ୍ରକାଶ କରିଛନ୍ତି।

## ୭ରେ ବର୍ଷା ସମ୍ଭାବନା

### ଟ୍ରଫ୍‌ଲାଇନ

ଭୁବନେଶ୍ୱର,୪।୧୨(ବ୍ୟୁରୋ)

ମଧ୍ୟ ଭାରତରେ ଏକ ଟ୍ରଫ୍‌ଲାଇନ ସୃଷ୍ଟି ହୋଇଛି। ଏହା ଧୀରେ ଧୀରେ ଓଡ଼ିଶା ଉପକୂଳ ଆଡ଼କୁ ଆସୁଛି। ଆସନ୍ତା ୭ ତାରିଖ ବେଳକୁ ଆଭ୍ୟନ୍ତରୀଣ ଏବଂ ଉପକୂଳ ଓଡ଼ିଶାରେ ଘଡ଼ଘଡ଼ି ସହ ବର୍ଷା ହେବାର ସମ୍ଭାବନା ରହିଛି। କେତେକ ସ୍ଥାନରେ ପ୍ରବଳ ବର୍ଷା ହେବ ବୋଲି ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ପୂର୍ବାନୁମାନ କରାଯାଇଛି। ଆଭ୍ୟନ୍ତରୀଣ ଏବଂ ଉପକୂଳ ଓଡ଼ିଶାରେ ଶୀତର ପ୍ରକୋପ ହ୍ରାସ ପାଇଛି। ସର୍ବନିମ୍ନ ତାପମାତ୍ରା ୨ରୁ ୩ ଡିଗ୍ରୀ ବୃଦ୍ଧି ପାଇଛି। କେବଳ ଗୋଟିଏ ଜିଲ୍ଲା ଦୁଇଟି ସ୍ଥାନକୁ ବାଦ୍ ଦେଲେ ରାଜ୍ୟର ଅବଶିଷ୍ଟ ଭାଗରେ ପାରଦ ୧୫ରୁ ୧୮ ଡିଗ୍ରୀ ସେଲସିୟସ ମଧ୍ୟରେ ରହୁଥିବା ବେଳେ ସର୍ବୋଚ୍ଚ ତାପମାତ୍ରା ୨୯ରୁ ୩୨ ଡିଗ୍ରୀ ସେଲସିୟସ ଉପରେ ରହୁଛି। ଏହାଛଡ଼ା ଉତ୍ତର ଦିଗରୁ ପ୍ରବାହିତ ବାୟୁ ହଠାତ୍ ଦିଗ ପରିବର୍ତ୍ତନ କରି ଦକ୍ଷିଣ ପଶ୍ଚିମ ଦିଗରୁ ବହୁଛି। ଏଥିଯୋଗୁ ସମୁଦ୍ର ଆଡ଼ୁ ଜଳୀୟବାଷ୍ପ ମିଶା ବାୟୁ ରାଜ୍ୟ ଭିତରକୁ ପ୍ରବେଶ କରିବା ଯୋଗୁ ରାଜ୍ୟରେ ସର୍ବନିମ୍ନ ତାପମାତ୍ରା ଟିକେ ଖସି ଯାଇଛି। ମଙ୍ଗଳବାର ଫୁଲବାଣୀରେ ରାଜ୍ୟର ସର୍ବନିମ୍ନ ତାପମାତ୍ରା ୮ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଥିବା ବେଳେ ଦାରିଙ୍ଗବାଡ଼ିରେ ୧୦, ଟିଟିଲାଗଡ଼ରେ ୧୩, ସୋନପୁରରେ ୧୩.୨, କୋରାପୁଟରେ ୧୨.୬ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି।

ପ୍ରଥମ ପୃଷ୍ଠାରୁ...

## ମାର୍ଚ୍ଚ ସୁଦ୍ଧା ୧୬...

ପଦକ୍ଷେପ ନ ନେବା ଲାଗି ରିଭିଜନାଲ ଅଥରିଟି ପ୍ରଗିତାଦେଶ ଦେଇଛନ୍ତି। ଅନ୍ୟ ୬ଟି ଖଣି ପ୍ରଗିତାଦେଶ ପାଇବାରେ ବିଫଳ ହୋଇଥିବାରୁ ସେଗୁଡ଼ିକର ଲିଜ୍‌କୁ ବାତିଲ କରାଯାଇଛି। ଜରିମାନା ଦେଇ ନ ଥିବା ଲିଜ୍‌ଧାରୀଙ୍କ ବିରୋଧରେ ସାର୍ଟିଫିକେଟ କେସ୍ କରିବାକୁ ଜିଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଉପରୋକ୍ତ ୬ଟି ଖଣି ଉପରେ କୌଣସି ଆଇନଗତ ପ୍ରତିବନ୍ଧକ ନ ଥିଲେ ସେଗୁଡ଼ିକ ନିଲାମ କରାଯିବ ବୋଲି ମନ୍ତ୍ରୀ କହିଛନ୍ତି।

ସୂଚନା ଥାଉ କି, ଜଙ୍ଗଲ ଏବଂ ପରିବେଶ ଅନୁମତି ନେଇ ନ ଥିବା ୧୫୨ ଖଣି ଲିଜ୍‌ଧାରୀଙ୍କଠାରୁ ୨୦୧୭ ଡିସେମ୍ବର ୩୧ ସୁଦ୍ଧା ଶତ ପ୍ରତିଶତ ଜରିମାନା ଆଦାୟ କରିବାକୁ ସୁପ୍ରିମକୋର୍ଟ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ରାଜ୍ୟ ସରକାରଙ୍କ ହିସାବ ଅନୁଯାୟୀ ବେଆଇନ ଖଣିଗୁଡ଼ିକରୁ ୧୭ ହଜାର ୫୦୦ କୋଟି ଟଙ୍କା ଜରିମାନା ଆଦାୟ କରିବାକୁ ନିଷ୍ପତ୍ତି ହୋଇଥିଲା। ମିଳିଥିବା ସୂଚନା ଅନୁଯାୟୀ ଏ ପର୍ଯ୍ୟନ୍ତ ୧୪ ହଜାର କୋଟି ଟଙ୍କା ଜରିମାନା ଆଦାୟ କରାଯାଇଛି। ଲିଜ୍ ବାତିଲ ହୋଇଥିବା ୬ଟି ଖଣି ଓ ପ୍ରଗିତାଦେଶ ଥିବା ଖଣି ଉପରେ ପ୍ରାୟ ୪ ହଜାର କୋଟି ଟଙ୍କାର ଜରିମାନା ରାଶି ରହିଛି। କେନ୍ଦ୍ର ସରକାର ରହିତାଦେଶ ଦେଇଥିବାରୁ ଜରିମାନା ଦେଇ ନ ଥିବା ଖଣି ଲିଜ୍‌ଧାରୀଙ୍କ ବିରୋଧରେ ରାଜ୍ୟ ସରକାର କୌଣସି କାର୍ଯ୍ୟାନୁଷ୍ଠାନ ନେଇ ପାରୁନାହାନ୍ତି। ଯେଉଁ ଖଣିଗୁଡ଼ିକ ବନ୍ଦ ରହିଛି ସେଗୁଡ଼ିକରୁ ଜରିମାନା ଅର୍ଥ ଆଦାୟ କରିବା ସମ୍ଭବ ହେଉ ନାହିଁ। କେବଳ ସାର୍ଟିଫିକେଟ୍ କେସ୍ କରି ବକେୟା ଛଡ଼ା ଅନ୍ୟ ଉପାୟ ନାହିଁ। ଜରିମାନା ଫାଙ୍କୁଥିବା ଲିଜ୍‌ଧାରୀମାନଙ୍କର ସମ୍ପତ୍ତିକୁ ଜବତ କରିବା ପାଇଁ ବ୍ୟବସ୍ଥା ଥିଲେ ମଧ୍ୟ ତାହା ଆଇନତ କରିବା ସହଜ ହେଉ ନାହିଁ। ଏଥିଯୋଗୁ ଜରିମାନା ଅର୍ଥ ଆଦାୟ ହୋଇପାରୁ ନାହିଁ ବୋଲି ଇସ୍ପାତ ଓ ଖଣି ବିଭାଗର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି।

## ଲାଗିଛି ବିପ୍ଳବ ...

ଏ ସମ୍ପର୍କରେ ଜିଲା ଶିଶୁ ସୁରକ୍ଷା ବିଭାଗ ଏବଂ ପ୍ରଶାସନ ଅବଗତ ଥିବା ଅନୁଷ୍ଠାନର ଜଣେ କର୍ମଚାରୀ ନାମ ଗୋପନ ରଖି କହିଛନ୍ତି। ଜିଲା ସଦରଠାରୁ ୧୩ କିମି ଦୂରରେ ଥିବା ସଂସ୍ଥା ବିଷୟରେ ଜିଲା ଶିଶୁ ସୁରକ୍ଷା ବିଭାଗ କିପରି ଜାଣିପାରିଲାନି ତାହା ଏବେ ସୃଷ୍ଟି କରିଛି ସନ୍ଦେହର ବଳୟ। ଏପରି ପ୍ରଶାସନିକ ଦାୟିତ୍ୱହୀନତାକୁ ନେଇ ଉଦ୍‌ବେଗ ବ୍ୟକ୍ତ କରିଛନ୍ତି ସାମାଜିକକର୍ମୀ। ଜିଲାର ସମସ୍ତ ଶେଲ୍‌ଟର ହୋମକୁ ସରକାରୀ ପଞ୍ଜୀକରଣ, ସାର୍ଟିଫିକେଟ ଯାଞ୍ଚ ଲାଗି ପ୍ରଶାସନ ପକ୍ଷରୁ କମିଟି ଗଠନ ଏବଂ ପ୍ରତିମାସରେ ଏହାର ସମୀକ୍ଷା କରିବାକୁ ଇଣ୍ଡବନ୍ଧୁଶାନାଲ ହ୍ୟୁମାନ ରାଇଟ୍ସ କାଉନ୍‌ସିଲ ରାଜ୍ୟ ସଭାପତି ସସ୍ମିତା ଦାସ, ଉପସଭାପତି ସମିତ ମହାନ୍ତି, ତାପସ ପଣ୍ଡା, ସୁଷମା ଦାସ ପ୍ରମୁଖ ଏସ୍‌ପିଙ୍କୁ ଲିଖିତ ଭାବେ ଦାବିପତ୍ର ଦେଇଛନ୍ତି।

ବୁଧବାର ଅପରାହ୍ନ ୫ଟାରେ ରେହମାନଙ୍କ ରିମାଣ୍ଡ ଅବଧି ଶେଷ ହେବ । ଜେରା ସମୟରେ ଆହୁରି ଅନେକ ତଥ୍ୟ ପଦାକୁ ଆସିବା ନେଇ ପୋଲିସ ଆଶାବାଦୀ। ଏ ସମ୍ପର୍କରେ ଏସ୍‌ପି କୁଳନ୍ତି, ଅଭିଯୁକ୍ତ ରେହମାନଙ୍କୁ ପଚରାଉଚରା ଚାଲିଛି। ଅନୁଷ୍ଠାନ ପଞ୍ଜିମବନ୍ଧରେ ପଞ୍ଜୀକୃତ ହୋଇଛି। ଏଥିରେ ବିଦେଶୀ ପାଣ୍ଠି ଲାଗିଥିବା ସୂଚନା ମିଳିଛି। ତଦନ୍ତ ପରେ ସମସ୍ତ ବିଷୟ ସ୍ପଷ୍ଟ ହେବ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଉଡ଼ା, ଗଞ୍ଜାମ

**ମେଷ**
ଆଜି ବିଶାଖା ନକ୍ଷତ୍ରରୁ ଚନ୍ଦ୍ର ଆପଣଙ୍କୁ ଧାର୍ମିକ କିଛି ଆନୁଷ୍ଠାନିକ କାର୍ଯ୍ୟ କରାଇବେ ନିୟୋଜିତ କରିପାରନ୍ତି। କର୍ମାଧିପ ଶନି ସ୍ୱଭାବରୁ ଦୃଢ଼ବଳ ଯୋଗୁ ଅଫିସ କାମରେ ଦୁର୍ନାମ ନେଇ ଚିନ୍ତିତ ଦେଖାଦେଇପାରେ। ତର୍କବିତର୍କ ଶେଷପର୍ଯ୍ୟାୟରେ ବନ୍ଧୁ ସାହାଯ୍ୟ ସହଯୋଗରେ ଦୃଢ଼ ପ୍ରତିଷ୍ଠିତ ହେବେ। ଅତୀତ କଥାକୁ ଆଲୋଚନା କରି ପାରିବାରିକ ସମସ୍ୟାକୁ ବଢ଼ାନ୍ତୁ ନାହିଁ।

**ବୃଷ**
ବକ୍ରୀ ବୁଧ ଅନୁରାଧା ନକ୍ଷତ୍ରରୁ ଯୋଗୁ ଅଭିଳଷିତ ଦ୍ରବ୍ୟପ୍ରାପ୍ତିରେ ବିଳାୟିତ ବାଧା ଜଣେ ଅସହଯୋଗ କରିପାରେ। ଶାରୀରିକ ଦୁର୍ବଳତା ଯୋଗୁ କୌଣସି କାମ କରିବାକୁ ଆଗ୍ରହ ପ୍ରକାଶ କରିବେ ନାହିଁ। କର୍ମକ୍ଷେତ୍ରରେ ସମ୍ମାନନୀୟ ବ୍ୟକ୍ତି ବିଶେଷ ଅବଶ୍ୟ ସହାୟତା କରିପାରନ୍ତି। ପରିବାରରେ ମଧ୍ୟାହ୍ନେ ମନରେ ବିରକ୍ତିଭାବ ସୃଷ୍ଟି ହେବ।

**ମିଥୁନ**
ରବି ଜ୍ୟେଷ୍ଠା ନକ୍ଷତ୍ରରେ ରହି ଆର୍ଥିକ ସ୍ଥିତିକୁ ଦୃଢ଼ୀଭୂତ କରିବେ। ଆଲୋଚନା ପରିସରରେ ବନ୍ଧୁଙ୍କ ପରାମର୍ଶକୁ ଗ୍ରହଣ କଲେ ଉପକୃତ ହେବେ। ସନ୍ତାନମାନଙ୍କ ବାଧ୍ୟବାଧକତାରେ ସୌଖୀନ ଦ୍ରବ୍ୟ କ୍ରୟ କରିପାରନ୍ତି। ଯାତ୍ରା ସମୟରେ ଅନ୍ୟମନସ୍କ ହେତୁକ କୌଣସି ଭୁଲ୍ କାମ କରି ଅନୁତପ୍ତ ହେବାକୁ ପଡ଼ିପାରେ।

**କର୍କଟ**
ରାହୁଙ୍କ ମିତ୍ର ଶନିଙ୍କ ନକ୍ଷତ୍ର ପୁଷ୍ୟାରେ ଅବସ୍ଥାନ କରି ଯାତ୍ରାକାଳୀନ ସମସ୍ୟାକୁ ଲାଘବ କରିଦେବେ। ଦୀର୍ଘଦିନରୁ ଭାଙ୍ଗିପଡ଼ିଥିବା ସମ୍ପର୍କ ଆଜି ଆକସ୍ମିକ ଯୋଡ଼ି ହୋଇଯିବ। ଶତ୍ରୁଗ୍ରହୀ ଚନ୍ଦ୍ରଙ୍କ ପ୍ରଭାବରେ ଭାବପ୍ରବଣତାବଶତଃ ବିରକ୍ତିକର କଥାବାର୍ତ୍ତା କରି ଅପଦସ୍ଥ ହୋଇପାରନ୍ତି। କର୍ମକ୍ଷେତ୍ରରେ ପରକଥାରେ ପ୍ରଭାବିତ ହେଲେ ଭୁଲ୍ ମାର୍ଗର ଅନୁସରଣ କରିବେ।

**ସିଂହ**
ଶୁକ୍ର ବ୍ୟୟଭାବରୁ ରାହୁ ନକ୍ଷତ୍ରରୁ ହେତୁ ସହକର୍ମୀ କିମ୍ବା ପଡ଼ୋଶୀମାନଙ୍କ ସହ ବିବାଦୀୟ ସ୍ଥିତି ସୃଷ୍ଟି ହୋଇପାରେ। ବ୍ୟୟ ବୃଦ୍ଧି ଯୋଗୁ ମାନସିକ ଅବସାଦଜନିତ କୌଣସି କାମ ଉତ୍ସାହପ୍ରଦ ହେବ ନାହିଁ। କର୍ମକ୍ଷେତ୍ରରେ ଈର୍ଷା ପରାୟଣ ବ୍ୟକ୍ତିଙ୍କ ମିଥ୍ୟା ଗୁଜବରେ ଆତଙ୍କିତ ହୁଅନ୍ତୁ ନାହିଁ। ବାଣିଜ୍ୟ,ବ୍ୟବସାୟରେ ସନ୍ତୋଷଜନକ ଫଳ ଦେଖା ଦେଇପାରେ।

**କନ୍ୟା**
କେନ୍ଦ୍ରଚତୁର୍ଥରୁ ହୋଇ ବ୍ୟୟାଧିପ ରବିଙ୍କ ଉଚ୍ଚରାଶୀରା ନକ୍ଷତ୍ରରେ ରହୁଥିବାରୁ ଗୃହ, ଜମିବାଡ଼ି, ଯାନବାହନ କ୍ରିୟକରିବା ପାଇଁ ପ୍ରବର୍ତ୍ତକ ପାରନ୍ତି। କର୍ମକ୍ଷେତ୍ରରେ ହାତକୁ ନେଇଥିବା କାମଗୁଡ଼ିକ ଅନେକ ଦିନ ଯାଏଁ ସେଥିରେ ଆଶାଜନକ ଫଳ ପାଇବେ। ସରକାରୀ କାମରେ ହଠାତ୍ ବିଘ୍ନ ଯୁକ୍ତ ଶୁଭ ଖବର ଶୁଣି ଖୁସି ହେବେ। ଅର୍ଥ ସମ୍ପର୍କକୁ ନେଇ ଭ୍ରାତୃବିବାଦ ଦେଖାଦେଇପାରେ।

**ତୁଳା**
ଧନାଧିପ କୌଣସିଭାବରେ ଉଚ୍ଚସ୍ଥ ହେଲେ ମଧ୍ୟ ରାହୁଙ୍କ ନକ୍ଷତ୍ରରେ ଅର୍ଥ ସମ୍ବନ୍ଧୀୟ ସମସ୍ୟା ସୃଷ୍ଟି କରିବେ। ପାରିବାରିକ କ୍ଷେତ୍ରରେ ଯୁକ୍ତିଯୁକ୍ତ କଥା କହି ସମସ୍ୟା ସମାଧାନ ପାଇଁ ଚେଷ୍ଟା କଲେ ଉପକୃତ ହେବାର ଆଶା କରାଯାଇପାରେ। ବିଭିନ୍ନ ସୂତ୍ରରୁ ରୋଜଗାର କରିବା ସାଙ୍ଗକୁ ବିଳାସ ବ୍ୟସନରେ ସମୟ ଅତିବାହିତ କରିପାରନ୍ତି।

**ବିଛା**
ରାଶିରେ ତିନୋଟି ଗ୍ରହ ଏକାଧିକ କର୍କରେ ସମ୍ମୁଖ କରାଇ ବ୍ୟୁହଗତକୁ ବଢ଼ାଇ ପାରନ୍ତି। ଆଜି ଆପଣ ବନ୍ଧୁଙ୍କ ମେଳରେ ରହିବାର ସୁଯୋଗ ପାଇ ସାମୟିକ ଦୁଃଖକୁ ଭୁଲିପାରିବେ। କେତେକ ପରିସ୍ଥିତିରେ ଇଚ୍ଛା ନ ଥାଇ ମଧ୍ୟ ଖର୍ଚ୍ଚ କରିବାକୁ ବାଧ୍ୟ ହେବେ ଓ ପଶ୍ଚାତରେ ମନସ୍ତାପ କରିବାକୁ ପଡ଼ିପାରେ। ଦୀର୍ଘଦିନରୁ ଚିନ୍ତା କରିଥିବା କାମଟି ହଠାତ୍ ହୋଇଯିବ।

**ଧନୁ**
ଉପଚୟାଧିପତି ଶନି ପୂର୍ଣ୍ଣଦୃଷ୍ଟିରେ ମଙ୍ଗଳଙ୍କୁ ଦୃଷ୍ଟି ନିକ୍ଷେପ କରି ଜମିଜମା ବିବାଦ ଅଶାନ୍ତିକୁ ବୃଦ୍ଧି କରିବେ। ପ୍ରତିକୂଳ ପରିସ୍ଥିତିରେ ଚାପ କ୍ରମଶଃ ବଢ଼ିପାରେ, ଫଳରେ ପ୍ରତାରିତ ହେବାର ବହୁତ ସମ୍ଭାବନା ରହିଛି। ସାହାଯ୍ୟକାରୀ ମନୋଭାବ ପ୍ରଭାବରେ ପ୍ରତିବେଶୀଙ୍କ ସହ ସମ୍ପର୍କ ମଧୁର ରହିବ। ଆଜି ପ୍ରସ୍ତୁତ ଯାତ୍ରାରେ ସଫଳତା ପାଇବେ।

**ମକର**
ରାଶିରେ ମୃଣ୍ଡ ନ ଥିବା ଗ୍ରହ କେତୁଙ୍କ ପ୍ରଭାବରେ ଅପରିଣାମଦର୍ଶୀ ହେବା ସହ ନିଷ୍ପତ୍ତି ନେବାରେ ଦ୍ୱନ୍ଦ୍ୱରେ ପଡ଼ିବେ। ଅତୀତ ଘଟଣାକୁ କେନ୍ଦ୍ରକରି ବିବାଦୀୟ ପରିସ୍ଥିତି ସୃଷ୍ଟି ହେବାର ସୂଚନା ରହିଛି। ଯାତ୍ରା ସମୟରେ ଅସାବଧାନତାବଶତଃ ଦ୍ରବ୍ୟ ନଷ୍ଟ ହୋଇପାରେ। କର୍ମକ୍ଷେତ୍ରରେ ଭଲ କାମ କରି ମଧ୍ୟ ନିନ୍ଦା ଶୁଣିପାରନ୍ତି।

**କୁମ୍ଭ**
କର୍ମାଧିପତି ବ୍ୟୟାଧିପଙ୍କ ଦୃଷ୍ଟିରେ ସ୍ଥାନାନ୍ତର ପାଇଁ ବ୍ୟଗ୍ରତା ପ୍ରକାଶ କରିବେ। ବିଶୃଙ୍ଖଳିତ ପରିସ୍ଥିତି ଲାଗିରହିବା କାରଣରୁ କର୍ମକ୍ଷେତ୍ରରେ ଶିଥିଳତା ଦେଖାଦେବାର ଆଶଙ୍କା ରହିଛି। ଶିଳ୍ପ, ବାଣିଜ୍ୟରେ କ୍ଷତିର ଆଶଙ୍କା ରହିଛି। ମିତ୍ର ଜଣେ ବନ୍ଧୁଙ୍କ ସାହାଯ୍ୟକୁ ଭୁଲି ପାରିବେ ନାହିଁ। ଭ୍ରାତୃ ସମ୍ପର୍କରେ ଅବନତି ଘଟିବ ମାତ୍ର ପ୍ରିୟ କଥା କହି ସମସ୍ୟାକୁ ସୁଧାରି ନେବେ।

**ମୀନ**
ଭାଗ୍ୟସ୍ଥାନରେ ଏକାଧିକ ଗ୍ରହଙ୍କ ସମାବେଶଜନିତ ପ୍ରତ୍ୟେକ କାର୍ଯ୍ୟରେ ସଫଳତା ଅବଶ୍ୟମ୍ଭାବୀ। ଯେତେ ଭଲ କାମ କଲେ ସୁଦ୍ଧା ପରୋକ୍ଷ ସମାଲୋଚନାଜନିତ ସମାଲୋଚିତ ହେବେ। ବାଣିଜ୍ୟ ଶିଳ୍ପରେ ଫାଇଦା ଓ ବନ୍ଧୁମାନଙ୍କ ସହାନୁଭୂତି ଲାଭକରି କିଛିଟା ଆଶ୍ୱସ୍ତି ଲାଭ କରିବେ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ରାଜନୀତି କ୍ଷେତ୍ରରେ ଲକ୍ଷ୍ୟ ହାସଲ କରିପାରନ୍ତି।

ଆଜି ମାର୍ଗଶିର କୃଷ୍ଣ ତ୍ରୟୋଦଶୀ ଯୁକ୍ତ ଚତୁର୍ଦ୍ଦଶୀ ବୁଧବାର, ଡିସେମ୍ବର ୫ ତାରିଖ ବିଶ୍ୱ ସ୍ୱେଚ୍ଛାସେବୀ ଦିବସ, ଶ୍ରୀମନ୍ଦିରରେ ବେଢ଼ପରିକ୍ରମା ଆରମ୍ଭ, ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କର ଶ୍ରାଦ୍ଧ ବେଶ, ଅଦିତି ଓ କଶ୍ୟପଙ୍କ ପ୍ରତି ପ୍ରଦୀପ ଉତ୍ସର୍ଗ, ଶ୍ରୀଅରବିନ୍ଦଙ୍କ ମହାପ୍ରୟାଣ ଦିବସ, ଶିବ ଚତୁର୍ଦ୍ଦଶୀ ଉପବାସ ଓ ଦେବୀ ପରିକ୍ରମା, ରାଶି ନକ୍ଷତ୍ର-ବିଶାଖା (ତୁଳା, ବିଛା) କର୍କଟ ରାଶିର ଘାତବାର, ତ୍ରୟୋଦଶୀର ଏକୋଦ୍ଦିଷ୍ଟ ଓ ଚତୁର୍ଦ୍ଦଶୀର ପାର୍ବଣ ଶ୍ରାଦ୍ଧ, ସକାଳ ଘ୬।୨୨ମି. ଗତେ ଘ୮।୫୬ମି. ମଧ୍ୟେ ଅମୃତବେଳା। ବିଦା ଘ୧୦।୧୮ମି. ଗତେ ଘ୧୧।୩୩ମି. ମଧ୍ୟେ ମାହେନ୍ଦ୍ରବେଳା।




ସେବା ଯୋଗାଣ କାର୍ଯ୍ୟର ସମୀକ୍ଷା କଲେ ମୁଖ୍ୟ ଶାସନ ସଚିବ

# ପୀଠା ଯୋଜନା ପାଇଁ ରହିବେ ଜଣେ ଲେଖାଏଁ ନୋଡାଲ ଅଫିସର

**ଭୁବନେଶ୍ୱର, ୪।୧୨(ବ୍ୟୁରୋ):** ପଞ୍ଚାୟତସ୍ତରରେ ବ୍ୟାପକ ଜନ ସଚେତନତା ଏବଂ ସେବା ଯୋଗାଣ ନିଶ୍ଚିତ କରିବାକୁ ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢ଼ୀ ବିଭିନ୍ନ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି। ରାଜ୍ୟ ସଚିବାଳୟଠାରେ ମଙ୍ଗଳବାର ଅନୁଷ୍ଠିତ ଏକ ଉଚ୍ଚସ୍ତରୀୟ ବୈଠକରେ ବିଭିନ୍ନ ବିଭାଗ ଅଧୀନରେ ଜନସାଧାରଣଙ୍କୁ ଯୋଗାଇ ଦିଆଯାଉଥିବା ସେବା ଯୋଗାଣ ବ୍ୟବସ୍ଥାର ସମୀକ୍ଷା କରି ପାଢୀ ଏହି ନିର୍ଦ୍ଦେଶ ଦେଇଛନ୍ତି। ଏହି ଅବସରରେ ପାଢୀ କହିଛନ୍ତି, ନାଗରିକ ସଚେତନତା ଗଣତାନ୍ତ୍ରିକ ବ୍ୟବସ୍ଥାର ଭିତ୍ତିଭୂମି। ସକାରାତ୍ମକ ସଚେତନତା ମାଧ୍ୟମରେ ସେବା ଯୋଗାଣ ତ୍ୱରାନ୍ୱିତ ହେବାସହ ସ୍ୱଚ୍ଛତା ବଜାୟ ରହିପାରିବ। ତେଣୁ ତୃଣମୂଳସ୍ତରରେ ସଚେତନତା ଏବଂ ସେବା ଯୋଗାଣ କାର୍ଯ୍ୟର ସଫଳ ରୂପାୟନ ଲାଗି ଏକ ସମନ୍ୱିତ କାର୍ଯ୍ୟ ଯୋଜନା ପ୍ରସ୍ତୁତ କରିବାକୁ ପାଢ଼ୀ ପଞ୍ଚାୟତିରାଜ ବିଭାଗ ପ୍ରମୁଖ ଶାସନ ସଚିବ ଦେଓ ରଂଜନ କୁମାର ସିଂଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଘୋଷଣା କରିଥିବା (ପିପୁଲ୍‌ସ୍ ଏମ୍‌ପାୱାର୍‌ମେଣ୍ଟ ଏନେବିଲିଂ ଟ୍ରାନ୍‌ସ୍‌ପେରେନ୍ସି ଆଣ୍ଡ ଆକାଉଣ୍ଟାବିଲିଟି ଅଫ୍ ଓଡ଼ିଶା ଇନିସିଏଟିଭ୍)- ପୀଠା ଯୋଜନାର ଏହା ଅଂଶ ବିଶେଷ ହେବ। ଏହି ଯୋଜନା ପ୍ରସ୍ତୁତିରେ ସହଯୋଗ ପାଇଁ ବିଭିନ୍ନ ବିଭାଗରୁ ଜଣେ ଲେଖା ବରିଷ୍ଠ ଅଧିକାରୀଙ୍କୁ ନୋଡାଲ୍ ଅଫିସର ଭାବେ ଚିହ୍ନଟ କରାଯିବ। ଆସନ୍ତା ୧୫ରୁ ଏହି କାର୍ଯ୍ୟକ୍ରମ ପଞ୍ଚାୟତସ୍ତରରେ ଆୟୋଜିତ ହେବ। ପ୍ରତି ମାସ ୧୫ରୁ ୨୦ପର୍ଯ୍ୟନ୍ତ ପଞ୍ଚାୟତସ୍ତରରେ ଏଥିପାଇଁ ସ୍ୱତନ୍ତ୍ର କ୍ୟାମ୍ପ୍ ଆୟୋଜନ କରାଯିବ। ସୁବିଧା ଓ ସେବା ଯୋଗାଣ ସହ ସାମାଜିକ ସହାୟତା ଏବଂ ଉନ୍ନୟନମୂଳକ ଯୋଜନା ବିଷୟରେ ସବିଶେଷ ସୂଚନା ଦିଆଯିବ। ଜିଲାସ୍ତରରେ ଜିଲାପାଳ ଏବଂ ବ୍ଲକ୍ ସ୍ତରରେ ବିଡ଼ିଓମାନେ ଏହି ଯୋଜନାର କାର୍ଯ୍ୟନ୍ୱୟନ ସଞ୍ଚାଳନ କରିବେ।

## ଏୟାରଷ୍ଟ୍ରିପ୍ ନିର୍ମାଣ ପାଇଁ ଏନ୍‌ଟିପିସିକୁ ଚିଠି

**ତାଲଚେର,୪।୧୨ (ନି.ପ୍ର.):** ଅନୁଗୋଳ ଜିଲା ତାଲଚେର ରାଣୀପାର୍କରେ ଏକ ଏୟାରଷ୍ଟ୍ରିପ୍ ନିର୍ମାଣ ପାଇଁ ଖଣି ମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ କଣିହାଁ ସ୍ଥିତ ଏନ୍‌ଟିପିସି ଜେନେରାଲ ମ୍ୟାନେଜରଙ୍କୁ ଚିଠି ଲେଖିଛନ୍ତି। ଏ ଦିଗରେ ପଦକ୍ଷେପ ନେବାକୁ ମନ୍ତ୍ରୀ ଏନ୍‌ଟିପିସି କର୍ତ୍ତୃପକ୍ଷଙ୍କୁ ପରାମର୍ଶ ଦେଇଛନ୍ତି।




■ ଆମ ଗାଁ ଆମ ବିକାଶ କାର୍ଯ୍ୟକ୍ରମ

# ପ୍ରତି ବ୍ଲକରେ ନିର୍ମାଣ ହେବ ମିଶନ ଶକ୍ତି ଗୃହ

**ଭୁବନେଶ୍ୱର, ୪।୧୨(ବ୍ୟୁରୋ)**

ଆମ ଗାଁ ଆମ ବିକାଶ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଙ୍ଗଳବାର ୫ଟି ଜିଲାର ୭ ବ୍ଲକ ପାଇଁ ୨୬.୮୬କୋଟି ଟଙ୍କାର ପ୍ରକଳ୍ପ ମଞ୍ଜୁର କରିଛନ୍ତି। ଏହାସହ ପ୍ରତ୍ୟେକ ପଞ୍ଚାୟତରେ ମିଶନ ଶକ୍ତି ଗୃହ ନିର୍ମାଣ କରାଯିବ ବୋଲି ମଧ୍ୟ ଘୋଷଣା କରିଛନ୍ତି। ଏହି ବ୍ଲକଗୁଡିକ ଭିତରେ ନବରଙ୍ଗପୁର ଜିଲାର ପାପଡହାଣ୍ଡି, ଜଗତସିଂହପୁର ଜିଲାର ଏରସମା, ମୟୂରଭଞ୍ଜ ଜିଲାର ରାସଗୋବିନ୍ଦପୁର ଓ ରରୁଆଁ, କେନ୍ଦୁଝର ଜିଲାର ଚମ୍ପୁଆ ଏବଂ କନ୍ଧମାଳ ଜିଲାର ଚକାପଡା ଓ ଜି. ଉଦୟଗିରି ବ୍ଲକର ବିଭିନ୍ନ ପଞ୍ଚାୟତ ପାଇଁ ଏକାଧିକ ଯୋଜନା ଘୋଷଣା କରାଯାଇଛି। ପାପଡାହାଣ୍ଡି ବ୍ଲକର ୨୩ ପଞ୍ଚାୟତ ପାଇଁ ୫.୭୫କୋଟି ଟଙ୍କାରେ ୨୪୫ଟି ପ୍ରକଳ୍ପ, ଏରସମା ବ୍ଲକର ୨୪ପଞ୍ଚାୟତ ପାଇଁ ୫.୫୦କୋଟି ଟଙ୍କାରେ ୩୮୭ ପ୍ରକଳ୍ପ, ରାସଗୋବିନ୍ଦପୁର ବ୍ଲକର ୧୬ପଞ୍ଚାୟତ ପାଇଁ ୩.୫୯କୋଟି ଟଙ୍କାରେ ୧୫୨ ପ୍ରକଳ୍ପ, ରରୁଆଁ ବ୍ଲକର ୧୨ପଞ୍ଚାୟତ ପାଇଁ ୨.୭୬କୋଟି ଟଙ୍କାରେ ୧୦୪ ପ୍ରକଳ୍ପ, ଚମ୍ପୁଆ ବ୍ଲକର ୨୨ ପଞ୍ଚାୟତ ପାଇଁ ୪.୮୬କୋଟି ଟଙ୍କାରେ ୧୩୨ ପ୍ରକଳ୍ପ, ଚକାପଦା ବ୍ଲକର ୧୨ ପଞ୍ଚାୟତ ପାଇଁ ୨.୪୦କୋଟି ଟଙ୍କାରେ ୮୯ପ୍ରକଳ୍ପ, ଜି. ଉଦୟଗିରି ବ୍ଲକର ୮ ପଞ୍ଚାୟତ ପାଇଁ ୨କୋଟି ଟଙ୍କାରେ ୪୭ ପ୍ରକଳ୍ପକୁ ମୁଖ୍ୟମନ୍ତ୍ରୀ ମଞ୍ଜୁର କରିଛନ୍ତି। ଏହିପରି ସମୁଦାୟ ୭ବ୍ଲକର ୧୧୭ ପଞ୍ଚାୟତ ପାଇଁ ୨୬.୮୬କୋଟି ଟଙ୍କାରେ ୧୧୫୬ଟି ପ୍ରକଳ୍ପ ମଞ୍ଜୁର ହୋଇଛି। ଏହି ଅବସରରେ କନ୍ଧମାଳ ଜିଲାର ଚକାପଦା ଏବଂ କେନ୍ଦୁଝର ଜିଲା ଚମ୍ପୁଆ ବ୍ଲକର ଦୁଇଜଣ ମହିଳା ପ୍ରତି ପଞ୍ଚାୟତରେ ମିଶନ ଶକ୍ତି ଗୃହ ନିର୍ମାଣ ପାଇଁ ପ୍ରସ୍ତାବ ଦେଇଥିଲେ। ଏହି ଅବସରରେ ପ୍ରତି ପଞ୍ଚାୟତରେ ମିଶନ ଶକ୍ତି ଗୃହ ନିର୍ମାଣ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି। ଏହି କାର୍ଯ୍ୟକ୍ରମ ବର୍ତ୍ତମାନ ୨୫୫ ବ୍ଲକରେ ପହଞ୍ଚିଛି। ଏହି କାର୍ଯ୍ୟକ୍ରମକୁ ଠିକଣାଭାବେ ତ୍ୱରାନ୍ୱିତ କରିବା ସହିତ ସ୍ୱଚ୍ଛତା ଓ ସଚେତନତା ଉପରେ ଗୁରୁତ୍ୱ ଦେଇ ମୁଖ୍ୟମନ୍ତ୍ରୀ ସୋମବାର ପିଠା ଯୋଜନା ଆରମ୍ଭ କରିଛନ୍ତି। ବର୍ତ୍ତମାନ ସୁଦ୍ଧା ୨୫୫ଟି ବ୍ଲକର ୫୫୩୮ ଗ୍ରାମପଞ୍ଚାୟତ ପାଇଁ ଆଲୋଚନା ମାଧ୍ୟମରେ ବିଭିନ୍ନ ପ୍ରକଳ୍ପର ଘୋଷଣା କରାଯାଇଛି। ଏ ପର୍ଯ୍ୟନ୍ତ ୫୧,୨୨୯ ପ୍ରକଳ୍ପ ପାଇଁ ୧୨୬୧.୨୦କୋଟି ଟଙ୍କା ମଞ୍ଜୁର କରାଯାଇଛି।

**୭ ବ୍ଲକ ପାଇଁ ୨୬.୮୬କୋଟି ଟଙ୍କାର ପ୍ରକଳ୍ପ ମଞ୍ଜୁର**

PUBLIC ANNOUNCEMENT
INDIAN READERSHIP SURVEY
Media Research Users Council

**WHERE WILL YOU FIND THE WORLD'S LARGEST READERSHIP SURVEY? IN THE WORLD'S LARGEST DEMOCRACY, OF COURSE.**

The Media Research Users Council (MRUC) has commissioned the world's largest readership and consumption survey - **Indian Readership Survey (IRS)**. The IRS is a pan-India **readership and consumption study**, which provides vital insights on the readership of Newspapers and Magazines, **other media consumption** like TV, Radio, Internet, and also **product ownership information**. IRS enables marketing companies to devise effective media and marketing strategies that contribute in achieving their business goals. The Survey is being carried out by **Nielsen India** - a reputed market research agency in India. We request you and your family members to cooperate with Nielsen surveyors, who may come to your house for conducting an interview. If you wish to verify, you may ask the Nielsen surveyor for an Identity Card.

**Media Research Users Council (MRUC)**, a registered not-for-profit industry body, having representations from major advertisers, publishers, advertising agencies, and broadcasters, has commenced the fieldwork for the 2018-19 edition of the IRS.

ଗୁଜବ ଆଉ ମିଛ ଖବର କୁ WhatsApp ରେ ପ୍ରସାରିତ ହେବା ରୁ ଅଟକାଇବାରେ ସାହାଯ୍ୟ କରନ୍ତୁ

1. ଏଭଳି ଖବରଙ୍କୁ ଚିହ୍ନନ୍ତୁ, ଯାହା ମିଛ (ଫେକ୍) ହୋଇଥାଇ ପାରେ

ଏଭଳି ସଙ୍କେତଙ୍କୁ ଯାଞ୍ଚ କରନ୍ତୁ, ଯାହା ଖବର ସତ କି ମିଛ ଜାଣିବାରେ ସାହାଯ୍ୟ କରିବ । ଉଦାହରଣ ରୂପେ, ଫର୍‌ୱାର୍ଡେଡ୍ ମେସେଜ୍‌ସବୁ, ଯାହାର କୌଣସି ଉତ୍ସ ନଥିବ, ପ୍ରମାଣ ନଥିବ ବା ଯାହା ଆପଣଙ୍କୁ ଉସ୍‌କାଉଥିବ, ସଙ୍କେତ ହୋଇପାରେ ଯେ ତାହା ସତ୍ୟ ନୁହେଁ । ଆପଣଙ୍କୁ ଭ୍ରମରେ ପକାଇବା ପାଇଁ ଫୋଟୋ, ଭିଡିଓ ଏବଂ ଭଏସ୍ ରେକର୍ଡିଙ୍ଗଗୁଡିକୁ ମଧ ଏଡିଟ୍ କରାଯାଇପାରିବ।

2. ଅନ୍ୟ ଉତ୍ସରୁ ସେଗୁଡ଼ିକୁ ଯାଞ୍ଚ କରନ୍ତୁ

ସତ୍ୟ ଜାଣିବା ପାଇଁ, ଅନ୍‌ଲାଇନ୍ ସର୍ଚ୍ଚ କରନ୍ତୁ ଏବଂ ନିର୍ଭରଯୋଗ୍ୟ ସମାଚାର ସାଇଟ୍ ରୁ ଜାଣନ୍ତୁ ଯେ ଏହି ଷ୍ଟୋରୀ କେଉଁଠୁ ଆସିଛି । ତଥାପି ସନ୍ଦେହ ରହିଲେ, ସତ୍ୟତା ଯାଞ୍ଚ କରୁଥିବା ୱେବ୍‌ସାଇଟ୍‌ସ, ଭରସାଯୋଗ୍ୟ ବ୍ୟକ୍ତି ବା କମ୍ୟୁନିଟୀ ଲୀଡର୍ ମାନଙ୍କ ଠାରୁ ଅଧିକ ଖବର ସଂଗ୍ରହ କରନ୍ତୁ ।

3. ଗୁଜବ ବ୍ୟାପିବା ଅଟକାନ୍ତୁ

ଆପଣଙ୍କୁ କିଛି ଫେକ୍ ଲାଗୁଥିଲେ, ଲୋକଙ୍କୁ କୁହନ୍ତୁ ଯେ ଖବର ଶେୟାର୍ କରିବା ଆଗରୁ ତାକୁ ଯାଞ୍ଚ କରନ୍ତୁ । ମେସେଜ୍ କୁ ଏଇଥିପାଇଁ ଶେୟାର୍ କରନ୍ତୁନି ଯେ କେହି ଆପଣଙ୍କୁ ଶେୟାର୍ କରିବାକୁ କହୁଛି, ତେଣିକି ସିଏ ଆପଣଙ୍କ ମିତ୍ର ହେଉ ପଛେ !

ଖୁସି ବାଣ୍ଟନ୍ତୁ, ଗୁଜବ ନୁହେଁ ।

# ବଞ୍ଚିବାର ବାଟ

ଗାଈ ବଞ୍ଚାଇବା, ମଣିଷ ମାରିବା। ସମ୍ଭବତଃ ଉତ୍ତରଭାରତ, ଯାହାକି 'କାଓ ବେଲ୍ଟ' ବା ଗୋ ଅଞ୍ଚଳ ଭାବେ ଜଣାଶୁଣା, ସେଠାରେ ମଣିଷ ମାରିବା ଅପରାଧ ଭାବେ ଦେଖାଯାଉନାହିଁ। ଗାଈର ମାନ୍ୟତା ରକ୍ଷା କରିବାକୁ ଯାଇ ସବୁକିଛି ତ୍ୟାଗ କରିହେବ ବୋଲି ରାଜନୈତିକ ଉଦ୍ଦେଶ୍ୟ ରଖୁଥିବା ଗୋରକ୍ଷକମାନେ ସାଧାରଣରେ ଧାରଣା ସୃଷ୍ଟି କରିବାକୁ ଚେଷ୍ଟା କରୁଛନ୍ତି। ଏହାର କଦର୍ଯ୍ୟ ଛବି ଡିସେମ୍ବର ୩ରେ ଉତ୍ତରପ୍ରଦେଶର ବୁଲନ୍ଦସହରଠାରେ ଦେଖିବାକୁ ମିଳିଥିଲା। ବୁଲନ୍ଦସହର ନିକଟସ୍ଥ ମହାଉ ଗ୍ରାମ ଅନତିଦୂର ଏକ ଜଙ୍ଗଲରେ ଗ୍ରାମୀୟ ଲୋକେ କେତେକ ଗାଈ ଓ ବାଛୁରୀ ଶରୀରର କିଛି ଅଂଶ ଦେଖିବାକୁ ପାଇବା ପରେ ଗୋହତ୍ୟା ଗୁଜବ ସୃଷ୍ଟି ହୋଇଥିଲା। ଏହା ପରେ ହିନ୍ଦୁ ସଙ୍ଗଠନର ସଦସ୍ୟ ଓ ଉତ୍ତ୍ୟକ୍ତ ଗ୍ରାମବାସୀ ଗୋରୁଙ୍କ ଦେହାବଶେଷକୁ ଏକ ଟ୍ରାକ୍ଟରରେ ଚିଙ୍ଗରାୱାଠି ଥାନା ନିକଟକୁ ବୋହି ନେଇ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅଡ଼ି ବସିଥିଲେ। ବିକ୍ଷୋଭକାରୀମାନେ ପୋଲିସ ପ୍ରଶାସନ ବିରୋଧରେ ସ୍ଲୋଗାନ ଦେଇ ବୁଲନ୍ଦସହର-ଗାଡ ରାଜପଥ ମଧ୍ୟ ଅବରୋଧ କରିଥିଲେ। ଫଳରେ ସ୍ୟାନା ଥାନାର ଷ୍ଟେସନ ହାଉସ୍ ଅଫିସର (ଏସ୍‌ଏଚ୍ଓ) ସୁବୋଧ କୁମାର ସିଂ ଓ ଅନ୍ୟ ପୋଲିସ କର୍ମଚାରୀ ସେଠାରେ ପହଞ୍ଚି ଲୋକଙ୍କ ସହ ବୁଝାଶୁଝା କରିଥିଲେ। ଏହାପରେ ପରିସ୍ଥିତି ଅଶାନ୍ତ ହୋଇଥିଲା। ବିକ୍ଷୋଭକାରୀମାନେ ସୁବୋଧଙ୍କ ଉପରକୁ ପଥର ଫିଙ୍ଗି ମାରିଦେଇଥିଲେ। ପୃଥିବୀବ୍ୟାପୀ ସବୁଦେଶରେ ପୋଲିସକୁ ହତ୍ୟା କଲେ କୌଣସି କ୍ଷମାର ବ୍ୟବସ୍ଥା ନ ଥାଏ। କେତେକ ଦେଶରେ ଯେଉଁଠାରେ ଆଇନବ୍ୟବସ୍ଥା ଦୁର୍ବଳ ରହିଛି, ସେଠାରେ ପୋଲିସ ବିଭାଗର ଅନ୍ୟ କର୍ମଚାରୀମାନେ ହତ୍ୟାକାରୀଙ୍କୁ ଶେଷ କରିବାର ଦାୟିତ୍ୱ ନିଜ ଉପରେ ନେଇଯାଇଥାଆନ୍ତି। ବିରୋଧୀଙ୍କୁ ଆକ୍ରମଣ କରି ମାରିଦେଉଥିବା ବ୍ୟକ୍ତି ଯେକୌଣସି ପ୍ରଭାବଶାଳୀ ବର୍ଗର ହୋଇଥିଲେ ମଧ୍ୟ ତାଙ୍କର ମୃତ୍ୟୁ ଅବଶ୍ୟମ୍ଭାବୀ। ଏଭଳି ପ୍ରତିଶୋଧମୂଳକ ହତ୍ୟାରେ ବିଳମ୍ବ ମଧ୍ୟ ଘଟେନାହିଁ। କିନ୍ତୁ ଭାରତରେ ବୁଲନ୍ଦସହର ଭଳି ଘଟଣା ପ୍ରାୟ ସବୁଆଡ଼େ ଘଟୁଛି। ଉତ୍ତରପ୍ରଦେଶର ସେହି ମୃତ ପୋଲିସ ଅଧିକାରୀ ସୁବୋଧଙ୍କ ଭଉଣୀ ଗଣମାଧ୍ୟମକୁ ଜଣାଇଛନ୍ତି ଯେ, ତାଙ୍କ ଭାଇଙ୍କ ହତ୍ୟା ପଛରେ ଅନ୍ୟ ପୋଲିସ କର୍ମଚାରୀଙ୍କ ହାତ ରହିଛି। ସେ ଆହୁରି ମଧ୍ୟ କହିଛନ୍ତି ଯେ, ସୁବୋଧ ସିଂ ପୂର୍ବର ଅଖଲାକ୍ ହତ୍ୟା ଘଟଣାର ତଦନ୍ତ ଅଧିକାରୀଭାବେ ବାସ୍ତବ ରିପୋର୍ଟ ପ୍ରସ୍ତୁତ କରିଥିଲେ ବୋଲି ତାଙ୍କ ଉପରେ ଅନେକଙ୍କ କ୍ରୋଧ ଥିଲା। ଏଥିରୁ ବୁଝିବାକୁ ହେବ ଯେ ଜଣେ ସଚ୍ଚୋଟ ପୋଲିସ ଅଫିସରଙ୍କ ସୁରକ୍ଷା ପାଇଁ ସେହି ବିଭାଗର ଅନ୍ୟ କର୍ମଚାରୀମାନେ ଆଦୌ ଇଚ୍ଛାପ୍ରକାଶ କରନ୍ତି ନାହିଁ। ଏଭଳି ମାନସିକତା ପୋଷଣ କରୁଥିବା ବିଭାଗକୁ ଉଭୟ ଅର୍ଥଲୋଭ ଏବଂ ରାଜନୈତିକ ପ୍ରୋତ୍ସାହନ ଇନ୍ଧନ ଯୋଗାଉଥାଏ। ପୋଲିସକୁ ହତ୍ୟା କରିବା ଯେତେ ଅଧିକ ସଂଖ୍ୟାରେ ବୃଦ୍ଧିପାଇବ ଦେଶରେ ସେତିକି ଅଧିକ ସାମାଜିକ ବିଶୃଙ୍ଖଳା ବଢ଼ିବ। ଯେହେତୁ ପୋଲିସର ଛବି ସମ୍ପୂର୍ଣ୍ଣଭାବେ ଧୂଳିସାତ୍ ହୋଇଯାଇଛି, ସେଥିପାଇଁ ସାଧାରଣରେ ଏଭଳି ଘଟଣା ଘଟିବା ସତ୍ତ୍ୱେ ଦେଶବ୍ୟାପୀ କୌଣସି ଚିନ୍ତା ପ୍ରକାଶ ପାଉନାହିଁ। ପୋଲିସ ଉପରେ ବିଶ୍ୱାସ ସମ୍ପୂର୍ଣ୍ଣ ଲୋପ ପାଇଯାଇଥିବାରୁ ତାଙ୍କ ଦ୍ୱାରା ଅନ୍ୟାୟ କରାଯାଉଛି ବୋଲି ସହଜରେ ବିଶ୍ୱାସ ହୁଏ। ଅପରପକ୍ଷରେ ପୋଲିସ ନ୍ୟାୟ ଦେଇପାରୁଛି ବୋଲି ଭାରତୀୟମାନେ ବିଶ୍ୱାସ କରିବେ ନାହିଁ।

ଉତ୍ତରପ୍ରଦେଶର ରାଜନୀତି ଅତ୍ୟନ୍ତ ମାରାତ୍ମକ। ଜାତି, ଧର୍ମ, ମନ୍ଦିର, ମସଜିଦ୍ ବ୍ୟତୀତ ସେଠାରେ ହିଂସାର ଏକ ସାମାଜିକ ଗୁରୁତ୍ୱ ରହିଛି। ହତ୍ୟା ଏବଂ ଧର୍ଷଣଠାରୁ ଆରମ୍ଭ କରି ସବୁପ୍ରକାର ଅତ୍ୟାଚାରରେ ଉତ୍ତରପ୍ରଦେଶ ଆଗୁଆ। ସେଭଳି ଏକ ରାଜ୍ୟରେ କୌଣସି ନ୍ୟାୟ ଆଶା କରିବା ହାସ୍ୟାସ୍ପଦ ବିଷୟ। ଯେଉଁଥିପାଇଁ ସୁବୋଧ ସିଂଙ୍କ ହତ୍ୟା, ସମ୍ଭବତଃ, ଉତ୍ତରପ୍ରଦେଶର କାହାରିକୁ ବ୍ୟସ୍ତ କରି ନ ଥିବ। ଭାରତରେ ମଣିଷ ଜୀବନର ମୂଲ୍ୟାଙ୍କନ କରିବା ଅତ୍ୟନ୍ତ ସହଜ ବୋଲି ଆମର ଆଗୁଆ ଧାଡ଼ିର ନାଗରିକମାନେ ବାରମ୍ବାର ମନେକରାଇ ଦେଉଥାଆନ୍ତି। ସରକାରୀ କାର୍ଯ୍ୟ କରୁଥିବା ସମୟରେ ହତ୍ୟା ଯୋଗୁ ମୃତ୍ୟୁବରଣ କରିଥିବା ସୁବୋଧଙ୍କ ପରିବାରକୁ ୫୦ ଲକ୍ଷ ଟଙ୍କାର କ୍ଷତିପୂରଣ ତତ୍‌କ୍ଷଣାତ୍ ଘୋଷଣା କରାଯାଇଛି। ତାହା ମଧ୍ୟ ତାଙ୍କୁ କେବେ ମିଳିବ କିମ୍ବା ମିଳିବ କି ନାହିଁ ତାହାର କୌଣସି ନିଶ୍ଚିତତା ନାହିଁ। ସେହିଭଳି ବାତ୍ୟା ଓ ବନ୍ୟା ଯୋଗୁ ପ୍ରାଣ ହରାଇଥିବା ବ୍ୟକ୍ତିଙ୍କୁ ୩ ରୁ ୫ ଲକ୍ଷ ଟଙ୍କା ଘୋଷଣା କରିଦିଆଯାଇଥାଏ। ଏହା ବ୍ୟତୀତ ଉତ୍ତରପ୍ରଦେଶରେ ଏହି ହତ୍ୟା ଘଟଣା ପଛରେ ଅନେକ ରାଜନୈତିକ ଉଦ୍ଦେଶ୍ୟ ରହିଥିବା ଭଳି ମନେହୁଏ। ମୁଖ୍ୟତଃ ସେହି ରାଜ୍ୟରେ ଗଙ୍ଗାନଦୀକୁ ନିର୍ମଳ କରାଯିବ ବୋଲି ପ୍ରାୟ ୫ ବର୍ଷ ତଳେ ଘୋଷଣା କରାଯାଇଥିଲା। ଉତ୍ତରପ୍ରଦେଶର ଅଯୋଧ୍ୟାରେ ରାମମନ୍ଦିର ଗଢାଯିବ ବୋଲି ଅନେକ ବର୍ଷହେଲା ଶୁଣି ଆସୁଛୁ। ମୋଦିଙ୍କ ଭଳି ଶକ୍ତିଶାଳୀ ପ୍ରଧାନମନ୍ତ୍ରୀ ଏବଂ ଯୋଗୀ ଆଦିତ୍ୟନାଥଙ୍କ ଭଳି ବିଚକ୍ଷଣ ମୁଖ୍ୟମନ୍ତ୍ରୀ ଥିବା ସତ୍ତ୍ୱେ ମାତ୍ର ଗୋଟିଏ ମନ୍ଦିର ମଧ୍ୟ ଗଢାଯାଇ ପାରୁ ନ ଥିବା ଯୋଗୁ ହିନ୍ଦୁମାନେ ପ୍ରଶ୍ନ କଲେଣି। ସେହିଭଳି ପୂର୍ବରୁ କଂଗ୍ରେସ ନେତୃତ୍ୱାଧୀନ ଉପା ସରକାରଙ୍କ ଦୁର୍ନୀତିକୁ ଦର୍ଶାଇ କ୍ଷମତା ହାସଲ କରିଥିବା ନରେନ୍ଦ୍ର ମୋଦି ଏବେ ରାଫାଲ ବିମାନ କିଣା ସ୍କାମରେ ଛନ୍ଦିହୋଇଯାଇଛନ୍ତି। ବିମୁଦ୍ରୀକରଣ ଓ ଜିଏସ୍‌ଟିର ବିଫଳତା ଯୋଗୁ ଦେଶର ଅର୍ଥନୀତି ଦୁର୍ବଳ ପଡିଲାଣି। ଏଭଳିସ୍ଥଳେ କୌଣସି ନୂଆ ଚାକିରିର ସୁଯୋଗ ମଧ୍ୟ ଯୁବପିଢ଼ି ପାଇଁ ସୃଷ୍ଟି କରାଯାଇପାରୁନାହିଁ। ଉତ୍ତରପ୍ରଦେଶ ଏକ ବିରାଟ ରାଜ୍ୟ, ଯେଉଁଠାରୁ ୮୦ ଲୋକସଭା ସାଂସଦ ନିର୍ବାଚିତ ହୋଇଥାନ୍ତି। ତନ୍ମଧ୍ୟରୁ ୨୦୧୪ରେ ୭୨ ଭାଜପା ପ୍ରତିଦ୍ୱନ୍ଦ୍ୱୀ ଜିତିଥିଲେ। ଏବକାର ପରିସ୍ଥିତି ଦେଖିଲେ ଉଭୟ ମୋଦି ଓ ଯୋଗୀଙ୍କ ସମ୍ମୁଖରେ କୌଣସି ପ୍ରସଙ୍ଗ ନାହିଁ। 'ବିକାଶ'ର ଧ୍ୱନି ଦେଇ ଆସୁଥିବା ଭାଜପା ସର୍ବନିମ୍ନ ସ୍ତରରେ କାର୍ଯ୍ୟର ପ୍ରତିଫଳନ ଦର୍ଶାଇ ପାରୁନାହିଁ। ସମ୍ଭବତଃ ସେଥିପାଇଁ ଧର୍ମଭିତ୍ତିକ ଦ୍ୱେଷ ସୃଷ୍ଟିକରିବା ହୋଇପଡ଼ିଛି ଏକମାତ୍ର ଉପାୟ। ମନେହେଉଛି ସତେଯେମିତି ସବୁ ଚକ୍ରଚାଲ ଏକ ଅନ୍ଧକାର ଗଳି ଭିତରକୁ ଟାଣି ନେଉଛି। ଏଭଳି ପ୍ରଚ୍ଛଦପଟରେ ଗୋସୁରକ୍ଷା ପ୍ରସଙ୍ଗ ହୋଇଥାଇପାରେ ଅନ୍ୟତମ ବଞ୍ଚିବାର ବାଟ।

# ଋଣଗ୍ରସ୍ତର ସୁଖଦୁଃଖ



ଡ. ନିଖିଳାନନ୍ଦ ପାଣିଗ୍ରାହୀ

ଋଣ ବିଷୟରେ ଆମେ ଅତୀତରେ ବିଜ୍ଞଜନଙ୍କଠାରୁ ବହୁ ଉପାଦେୟ ତଥ୍ୟ ଜାଣିଛୁ। ତନ୍ମଧ୍ୟରେ ମହାଭାରତ ପ୍ରକରଣରେ ଯକ୍ଷ-ଯୁଧିଷ୍ଠିର ଖବର ସମ୍ବଳିତ ପ୍ରଶ୍ନୋତ୍ତର ଉଲ୍ଲେଖନୀୟ। ଯକ୍ଷ ଯେତେବେଳେ ଯୁଧିଷ୍ଠିରଙ୍କୁ ପ୍ରଶ୍ନ କଲେ, 'ସଂସାରରେ ସୁଖୀ କିଏ?' ଧର୍ମରାଜ ଉତ୍ତର ଦେଲେ:

''ପଞ୍ଚମେଽହନି ଷଷ୍ଠେ ବା ଶାକଂ ପଚତି ସ୍ୱେ ଗୃହେ,
ଅନୃଣୀ ଚାପ୍ରବାସୀ ଚ ସ ବାରିଚର ମୋଦତେ।''

ସଂକ୍ଷେପରେ ଏହାର ଅର୍ଥ ହେଉଛି- ଶାଗଭାତ ମୁଠେ ଖାଇ, ବିନା ଋଣରେ ନିଜ ଘରେ ଯିଏ ରହେ ସେ ସୁଖୀ। ତେବେ ଋଣ ପ୍ରସଙ୍ଗଟି ଏତେ ସହଜ ଓ ସରଳ ନୁହେଁ। ଆମ ଦେଶର ହିଁ ଜଣେ ପଣ୍ଡିତ ଚାର୍ବାକ୍ କହିଛନ୍ତି-

''ଯାବଜ୍ଜୀବେତ୍ ସୁଖଂ ଜୀବେତ୍
ଋଣଂ କୃତ୍ୱା ଘୃତଂ ପିବେତ୍,
ଭସ୍ମୀଭୂତସ୍ୟ ଦେହସ୍ୟ ପୁନରାଗମନଂ କୁତଃ?''

ଚାର୍ବାକ୍ ଜଣେ ବସ୍ତୁବାଦୀ। ତାଙ୍କର ଆତ୍ମା, ପରମାତ୍ମା ଓ ପୁନର୍ଜନ୍ମ ଉପରେ ବିଶ୍ୱାସ ନାହିଁ। ଇନ୍ଦ୍ରିୟଲାଳସାର ଚରିତାର୍ଥ ପାଇଁ ସେ ପ୍ରାଧାନ୍ୟ ଦେଇଥାନ୍ତି। ଏହି ଦୃଷ୍ଟିରୁ ତାଙ୍କ ନାଁ ହୋଇଛି ଚାର୍ବାକ୍ ବା ଚାରୁ ବାକ୍- ସୁନ୍ଦର ରସରସିଆ କଥା କହୁଥିବା ଲୋକ। ବହୁ ଲୋକ ସେହି ଦୃଷ୍ଟିରୁ ତାଙ୍କର ଅନୁଗାମୀ। ପ୍ରକାରାନ୍ତରେ ତାଙ୍କର ଅନ୍ୟ ନାମ ଲୋକାୟତ।

ମହାଜନମାନେ ଯେମିତି ଋଣ ବିଷୟରେ ଭିନ ଭିନ ମତପୋଷଣ କରିଛନ୍ତି, ଏହା ଆମ ପାଇଁ ଗୋଲକଧନ୍ଦା କେଉଁପ୍ରାଚୀନକାଳରୁ ସୃଷ୍ଟିକରିଛି। ତେଣୁ ବିଭିନ୍ନ ଦୃଷ୍ଟାନ୍ତ ମାଧ୍ୟମରେ ଏହାର ତର୍ଜମା କରାଯିବା ଉଚିତ। କୌଣସି ନା କୌଣସି କାରଣରୁ ଆମେ ଋଣ ନେଉ। କେତେକ ବ୍ୟକ୍ତି ଅର୍ଥର ଆବଶ୍ୟକତା ଏଡ଼ାଇ ନ ପାରି ଋଣଗ୍ରସ୍ତ ହୋଇଥାନ୍ତି। ଏଠାରେ କେତେକ ଋଣୀ ବ୍ୟକ୍ତିଙ୍କ ଜୀବନର ପୃଷ୍ଠଭୂମିରେ ଯୁଧିଷ୍ଠିର ଓ ଚାର୍ବାକ୍‌ଙ୍କ ମନ୍ତବ୍ୟ ପ୍ରଣିଧାନଯୋଗ୍ୟ। ବ୍ରିଟିଶ୍ ଭାରତର ଘଟଣା। ସେତେବେଳେ ପ୍ରଭାଶଙ୍କର ପଟ୍ଟନୀ ଗୁଜରାଟ ଅନ୍ତର୍ଗତ ଭାବନଗର ଇଲାକାର ଦେବାନ ଥିଲେ। ପଟ୍ଟନୀ ଜଣେ ପରୋପକାରୀ ବ୍ୟକ୍ତି ଥିଲେ। ଦୁଃସ୍ଥ ଦରିଦ୍ରମାନଙ୍କୁ ସେ ଅକାତରେ ଆର୍ଥିକ ସାହାଯ୍ୟ ଦେଉଥିଲେ। ଏକଦା ତାଙ୍କ ଗ୍ରାମର ଜଣେ ବାଳକ ତା' ବାପାଙ୍କୁ ହରାଇଲା। ବାପଛେଉଣ୍ଡ ପିଲାଟିର ଏକମାତ୍ର ଭରସା ଥିଲେ ତା'ର ବିଧବା ମା'। ପିଲାଟିର ପାଠପଢ଼ିବା ପାଇଁ ଅସୀମ ଆଗ୍ରହ ଥିଲା। କିନ୍ତୁ ଅର୍ଥାଭାବ ଏଥିପାଇଁ ବାଧକ ସାଜିଲା। ପଟ୍ଟନୀ ଏହା ଜାଣିବା ପରେ ପିଲାଟିକୁ ଯଥେଷ୍ଟ ଆର୍ଥିକ ସହାୟତା ସେତେବେଳେ ଦେଇଥିଲେ। ଅବଶ୍ୟ ସେ ଏମିତି ଅସଂଖ୍ୟ ଅଭାବୀ ବ୍ୟକ୍ତିଙ୍କୁ ସାହାଯ୍ୟ ପ୍ରଦାନ କରିଥାନ୍ତି। ସେମାନଙ୍କ ନିର୍ଦ୍ଦିଷ୍ଟ ପରିଚୟ କିମ୍ବା ତାଲିକା ସେ ରଖୁ ନ ଥାନ୍ତି। ତେଣୁ ତାଙ୍କ ଗାଁ ପିଲାଟି ବିଷୟ ସେ ଭୁଲି ଯାଇଥିଲେ। ଅବଶ୍ୟ ଋଣଗ୍ରହୀତା ମଧ୍ୟରେ ସେ ଥିଲା ଜଣେ। ବହୁ ବର୍ଷ ପରେ ଏହି ପିଲାଟି ଅଧିବସାୟ ବଳରେ ନ୍ୟାୟାଧୀଶ ହେଲେ। ସେ ନିଯୁକ୍ତ ହେବା ପରେ ପରେ କାଳ ବିଳମ୍ବ ନ କରି ପଟ୍ଟନୀଙ୍କ ବାସଗୃହକୁ ଗଲେ ଏବଂ ଗୋଟିଏ ଥଳିରେ ଦଶହଜାର ଟଙ୍କା ରଖି ତାଙ୍କ ଆଡକୁ ବଢ଼ାଇଦେଲେ। ପଟ୍ଟନୀ ଏହି ଘଟଣାର ରହସ୍ୟ ବୁଝି ପାରୁ ନ ଥିବା ବେଳେ ନ୍ୟାୟାଧୀଶ ତାଙ୍କୁ ସ୍ମରଣ କରାଇଦେଲେ। ଅତୀତରେ ମୋ ବିଧବା ମା' ଆପଣଙ୍କଠାରୁ କିଛି ଟଙ୍କା ମୋ ପାଠପଢ଼ା ପାଇଁ ନେଇଥିଲେ। ତେଷ୍ଟାକରି ମଧ୍ୟ ସେ ଜୀବନକାଳ ଭିତରେ ତାହା ପରିଶୋଧ କରି ପାରି ନ ଥିଲେ। ମୃତ୍ୟୁ ପୂର୍ବରୁ ମୋତେ କହିଦେଇ ଯାଇଥିଲେ ଅର୍ଥ ଉପାର୍ଜନରେ ମୁଁ ସକ୍ଷମ ହେଲେ ଆପଣଙ୍କ ସେହି ଋଣ ପରିଶୋଧ କରିବା ନିମନ୍ତେ। ମୁଁ ବର୍ତ୍ତମାନ ରୋଜଗାରକ୍ଷମ। ଆପଣଙ୍କ ସେହି ଋଣ ପରିଶୋଧ କରିବାକୁ ଆସିଛି। ମୋ ଦିବଂଗତ ମା'ଙ୍କୁ ଦେଇଥିବା କଥା ରକ୍ଷାକରି ମୁଁ ଶାନ୍ତି ପାଇବି।

ଅବଶ୍ୟ ପଟ୍ଟନୀ ତାହା ଗ୍ରହଣ ନକରି ସେଥିରେ ଆଉ କେତେ ଟଙ୍କା ମିଶାଇ ଜଣେ ଗରିବ ଛାତ୍ରର ପାଠପଢ଼ା ସକାଶେ ବିନିଯୋଗ କରିବାକୁ ପରାମର୍ଶ ଦେଲେ। ଏହି ଘଟଣା ଦର୍ଶାଏ, ଜଣେ ଋଣ ନେଇ ଦୁଃଖୀ ରହିପାରେ। ମାତ୍ର ତା'ର ଏହି ଦୁଃଖ ଭବିଷ୍ୟତ ପାଇଁ ସୁଖର ଦ୍ୱାର ଖୋଲିଦିଏ। ଉପରୋକ୍ତ ଅଜ୍ଞାତ ବାଳକଟିର ନିର୍ଧନ ଅଭିଭାବକ କେବଳ ନୁହନ୍ତି, ବହୁ ପ୍ରତିଷ୍ଠିତ ବ୍ୟକ୍ତି ମଧ୍ୟ ପରିସ୍ଥିତିର ତାଡନାରେ ଋଣ ଗ୍ରହଣ କରିଥାନ୍ତି।

ଯଦି ଆମେ ଦିଲ୍ଲୀର ଲାଲବାହାଦୁର ଶାସ୍ତ୍ରୀ ମେମୋରିଆଲକୁ ଯିବା, ସେଠାରେ ଆଜି ମଧ୍ୟ ଗୋଟିଏ କ୍ରିମ୍ କଲରର କାର୍ ସୁରକ୍ଷିତ ଭାବେ ରଖାଯାଇଥିବା ଆମ ନଜରରେ ପଡ଼ିବ। ୧୯୬୪ ମଡେଲର ଏହି ଫିଆଟ୍ କାର୍ ପଛରେ ରହିଛି ଏକ ଶିକ୍ଷଣୀୟ ବାର୍ତ୍ତା। ଶାସ୍ତ୍ରୀ (୧୯୦୪-୧୯୬୬) ପ୍ରଧାନମନ୍ତ୍ରୀ ଥିବା ବେଳର ଘଟଣା। ତାଙ୍କର ସନ୍ତାନମାନେ ସେତେବେଳେ ସେଣ୍ଟ କୁଲୁମ୍ବ ସ୍କୁଲରେ ଅଧ୍ୟୟନ କରୁଥାନ୍ତି। ପ୍ରଧାନମନ୍ତ୍ରିତ୍ୱ ବେଳେ ତାଙ୍କ ପିଲାମାନେ ସ୍କୁଲ ଯିବା ପରି ଏକ ବ୍ୟକ୍ତିଗତ କାର୍ଯ୍ୟରେ ଅଫିସ ଯାନବାହନର ବ୍ୟବହାର ସକାଶେ ଶାସ୍ତ୍ରୀ ଘୋର ନାପସନ୍ଦ କରୁଥିଲେ। ତେଣୁ ପିଲାମାନେ ଘୋଡ଼ା ଟାଣୁଥିବା ଟାଙ୍ଗାରେ ଯିବାକୁ ବାଧ୍ୟ ହେଉଥିଲେ। ଆତ୍ମୀୟବର୍ଗଙ୍କ ଅନୁରୋଧକ୍ରମେ ଶାସ୍ତ୍ରୀ ପରିବାର ଜାଣିଲେ ଯେ, ଉପରବର୍ଣ୍ଣିତ କାରଟି ୧୨,୦୦୦ ଟଙ୍କାରେ ବିକ୍ରି ହେଉଛି। ଏହି ବିଷୟ ଶାସ୍ତ୍ରୀଙ୍କୁ ଜଣାଇଲେ। କିନ୍ତୁ ପ୍ରଧାନମନ୍ତ୍ରୀଙ୍କ ବ୍ୟାଙ୍କ ଆକାଉଣ୍ଟରେ ମୋଟେ ୭,୦୦୦ ଟଙ୍କା ଥିଲା। ତେଣୁ ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ (ପିଏନ୍‌ବି)ରେ ଥିବା ଶାସ୍ତ୍ରୀଙ୍କ ଜମା ଖାତାରେ ଆଉ ୫,୦୦୦ ଟଙ୍କା ମିଶାଇବା ଦରକାର। ପିଲାମାନଙ୍କ ଆଗ୍ରହ ଦେଖି ଶାସ୍ତ୍ରୀ ପିଏନ୍‌ବିକୁ ଏହି ଅବଶିଷ୍ଟ ଟଙ୍କା ପାଇଁ ଋଣ ଦରଖାସ୍ତ କଲେ।

ତେବେ ଦରଖାସ୍ତ ଦେବା ମାତ୍ରେ ଯେତେବେଳେ ଋଣ ମଞ୍ଜୁର ହୋଇଗଲା, ଶାସ୍ତ୍ରୀ ବ୍ୟାଙ୍କକୁ ଜଣାଇଲେ, ଏହି ତତ୍ପରତା କେବଳ ମୋ ପାଇଁ ନ ହୋଇ ସାଧାରଣ ଜନତାଙ୍କ ପାଇଁ ହେଉ। କାର୍ କିଣା ହେଲା ୧୯୬୫ ମସିହାରେ। ଆକାଂକ୍ଷିତ ନୂଆ କାରଟି ପାଇ ପିଲାମାନଙ୍କ ଖୁସି କହିଲେ ନ ସରେ। ତା' ପରବର୍ଷ ଶାସ୍ତ୍ରୀ ଭାରତ-ପାକିସ୍ତାନ ଯୁଦ୍ଧ ସମାପ୍ତିପୂର୍ବକ ଶାନ୍ତିଚୁକ୍ତିରେ ସ୍ୱାକ୍ଷର କରିବା ପାଇଁ ତତ୍କାଳୀନ ସୋଭିଏତ ରୁଷର ତାସ୍‌କେଣ୍ଟ ସହରକୁ ଗଲେ। ଦୁର୍ଭାଗ୍ୟବଶତଃ ସେଠାରେ ତାଙ୍କର ଅକାଳ ଦେହାନ୍ତ ଘଟିଲା। ଘଟଣାଚକ୍ରରେ ବ୍ୟାଙ୍କ ଋଣ ତାଙ୍କ ନାମରେ ଗଡ଼ିଲା। ପତ୍ନୀ ଲଳିତା ଶାସ୍ତ୍ରୀ ଏ ବିଷୟ ଯେତେବେଳେ ଜାଣିଲେ, ସେ ସ୍ୱାମୀଙ୍କ ପରଲୋକ ପରେ ଯେଉଁ ପେନ୍‌ସନ୍ ପାଉଥିଲେ ସେଥିରୁ ଋଣ ପରିଶୋଧ କଲେ। ଏ ବିଷୟଟି ଶାସ୍ତ୍ରୀଙ୍କ ପୁତ୍ର ତଥା କଂଗ୍ରେସ ନେତା ଅନିଲ ଶାସ୍ତ୍ରୀ ନିକଟରେ ପ୍ରକାଶ କରିଛନ୍ତି ଏବଂ ତାଙ୍କ ନାତି ଆଦର୍ଶ ଶାସ୍ତ୍ରୀ ଏହାର ସତ୍ୟତା ଦୋହରାଇଛନ୍ତି।

ଆଜିକାଲି ବଡ଼ବଡ଼ିଆଙ୍କ ପରିବାରର ସଦସ୍ୟମାନେ ଯେମିତି ନିଜ ପ୍ରଭାବ ପ୍ରୟୋଗ କରି ଋଣ ନ ଶୁଝିବା ପାଇଁ କିମ୍ବା ଋଣମୁକ୍ତ ହେବାକୁ ପ୍ରଚେଷ୍ଟାରତ, ଅତୀତରେ ସେମିତି ନୈତିକ ସ୍ଖଳନ ବିରଳ ଥିଲା କହିଲେ ଅତ୍ୟୁକ୍ତି ହେବ ନାହିଁ। ଅବଶ୍ୟ ଶାସ୍ତ୍ରୀଙ୍କ ଜୀବନବ୍ୟାପୀ ସାଧୁତାର ପ୍ରଭାବ ତାଙ୍କ ପରିବାର ଉପରେ ରହିଥିବା ସତ୍ୟ। କିନ୍ତୁ ଆଜିକାଲି ଋଣ ଆତ୍ମସାତ୍ କରିବା ପରି ବ୍ୟାପକ ଭାବେ ପରିଦୃଷ୍ଟ ଅଧୋଗତି ଚାର୍ବାକ୍‌ପନ୍ଥୀଙ୍କ ଦୁର୍ବୁଦ୍ଧି ହୋଇପାରେ। ଯେଉଁମାନେ 'ଭସ୍ମୀଭୂତସ୍ୟ ଦେହସ୍ୟ ପୁନରାଗମନଂ କୁତଃ'ରେ ବିଶ୍ୱାସ କରନ୍ତି, ସେମାନେ ବୁଝନ୍ତି ନାହିଁ ଯେ, ଏହି ଶରୀର ପାଉଁଶ ହେବା ଆଗରୁ ଋଣଦାତାମାନେ ଦୁଃଖେଇ ବସି ରହିବେ ନାହିଁ। ଆଇନ ଅଦାଲତ, ଜନ ଅପବାଦ ସେମାନଙ୍କୁ ଶାନ୍ତିରେ ବସାଇଦେବ ନାହିଁ। ଏହି ଅବସରରେ ସେମାନଙ୍କ ଦୁଃଖ ହୋଇଯାଏ ଅବର୍ଣ୍ଣନୀୟ। ଋଣରେ ବୁଡ଼ିଥିବା ସତ୍ତ୍ୱେ ଘିଅପିଆର ମଉଜ ମଜଲିସ ଓ ଆନନ୍ଦ ସେତେବେଳେ ପିତା ହୋଇ ବାନ୍ତି ମାଡ଼ିବ।

ମୋ-୯୪୩୭୦୨୬୬୫୧

# ପୃଥିବୀକୁ ବଞ୍ଚାଇବ କିଏ



ଅଲେଖ ଚନ୍ଦ୍ର ସାମଲ

ଆଜି ବିଶ୍ୱ ମୃତ୍ତିକା ଦିବସ। କେବଳ ମଣିଷର ବାସବାସ, ଖାଦ୍ୟପେୟ ପାଇଁ ନୁହେଁ, ଆମ ସମସ୍ତଙ୍କ ପାଇଁ ମୃତ୍ତିକାର ଗୁରୁତ୍ୱପୂର୍ଣ୍ଣ ଅବଦାନ ରହିଛି। ସମ୍ପ୍ରତି ଦୁନିଆରେ ପରି ରାଜଧାନୀ ସହରରେ ଭୟଙ୍କର ବାୟୁ ପ୍ରଦୂଷଣ ହେବା ସହ ଲୋକମାନଙ୍କର ନିଶ୍ୱାସପ୍ରଶ୍ୱାସ ପାଇଁ ଅମ୍ଳଜାନ କିଣିବା ସମ୍ଭବତଃ ବର୍ତ୍ତମାନର ସମୟ ପାଇଁ ଏକ ବହୁତ ବଡ଼ ଆଶ୍ଚର୍ଯ୍ୟର ପ୍ରସଙ୍ଗ। ୨୦୨୦ ପରବର୍ତ୍ତୀ ସମୟରେ ବିଶ୍ୱରେ କାର୍ବନ ନିର୍ଗମନ ମାତ୍ରାକୁ ୨ ଡିଗ୍ରୀ ମଧ୍ୟରେ ସୀମିତ ରଖିବା ସକାଶେ ପୃଥିବୀର ବଡ଼ ବଡ଼ ଦେଶ ଭିତରେ ସହମତି ପ୍ରକାଶ ପାଇ ନ ଥିବାରୁ ସମଗ୍ର ବିଶ୍ୱ ଏବେ ଏକ ପ୍ରକାର ଭୟଙ୍କର ବିପର୍ଯ୍ୟୟ ଆଡ଼କୁ ମୁହାଁଉଛି। ଯଦିଓ ବିଶ୍ୱକୁ ଜଳବାୟୁ ପରିବର୍ତ୍ତନ ଓ ଉତ୍ତାପବୃଦ୍ଧିରୁ ରୋକିବା ସକାଶେ ସଭିଏଁ ଏକମନରେ କାର୍ଯ୍ୟ କରିବା ଉଚିତ, ତଥାପି ସେ ଦାୟିତ୍ୱବୋଧ ମଧ୍ୟରେ ବି ପାର୍ଥକ୍ୟ ରହିବା ଆବଶ୍ୟକ। ୧୮୫୦ ମସିହାଠାରୁ ଯେଉଁ ଶିଳ୍ପୋନ୍ନତ ରାଷ୍ଟ୍ରମାନେ ଶିଳ୍ପ ନାମରେ ବାୟୁମଣ୍ଡଳକୁ ପ୍ରଭୃତ ମାତ୍ରାରେ ଅଙ୍ଗାରକାମ୍ଳ ବାଷ୍ପ ଛାଡ଼ି ଆଜିର ଅବସ୍ଥାରେ ପହଞ୍ଚାଇଛନ୍ତି, ସେମାନେ ଯଦି ଏବେ ଦରିଦ୍ର ଓ ଅନୁନ୍ନତ ରାଷ୍ଟ୍ରଙ୍କ ଭଳି ଏ ଦିଗରେ କିଛି ନ କରି ବସିରହନ୍ତି, ତେବେ ଏଥିରୁ କୌଣସି ସୁଫଳ ମିଳିବା ଅସମ୍ଭବ। ଯେଉଁ ପ୍ରକୃତିକୁ ସେମାନେ ଅହରହ ଲୁଣ୍ଠିଛନ୍ତି ତା'ର ସୁରକ୍ଷା ପାଇଁ ସେମାନଙ୍କୁ ନିଜ ସମ୍ପତ୍ତିରୁ କିଛିଟା ତ୍ୟାଗ କରିବାକୁ ପଡ଼ିବ। ଉଦାହରଣ ସ୍ୱରୂପ କୁହାଯାଇପାରେ ଯେ, ୧୮୫୦ଠାରୁ ୨୦୧୧ ମଧ୍ୟରେ କେବଳ ଆମେରିକା ପୃଥିବୀ ବାୟୁମଣ୍ଡଳକୁ ୪୧୧ ବିଲିୟନ ଟନ ଅଙ୍ଗାରକାମ୍ଳ ଛାଡ଼ିଛି। ଅର୍ଥାତ୍ ବିଶ୍ୱ ଜନସଂଖ୍ୟାର ମାତ୍ର ୫ ପ୍ରତିଶତ ଜନସଂଖ୍ୟା ବିଶିଷ୍ଟ ରାଷ୍ଟ୍ର ଯଦି ବିଶ୍ୱର ମୋଟ କାର୍ବନ ନିର୍ଗମନର ୨୧ ପ୍ରତିଶତ ବାୟୁମଣ୍ଡଳରେ ଛାଡ଼ିଛି ତେବେ ବର୍ତ୍ତମାନ ବିଶ୍ୱକୁ ବଞ୍ଚାଇରଖିବା ପାଇଁ ତା'ର ଦାୟିତ୍ୱ କେତେ ତାହା ସହଜରେ ଅନୁମେୟ। କେବଳ ଆମେରିକା ନୁହେଁ, ଏହି କାଳଖଣ୍ଡ ମଧ୍ୟରେ ୟୁରୋପୀୟ ସଂଘଙ୍କ ଅଙ୍ଗାରକାମ୍ଳ ନିର୍ଗମନ ମାତ୍ରା ଥିଲା ୧୮.୪ ପ୍ରତିଶତ, ଚାଇନାର ୧୦.୭ ପ୍ରତିଶତ ଏବଂ ଭାରତର ୨.୮ ପ୍ରତିଶତ। ଅପରପକ୍ଷରେ ଏହି ଅବଧି ମଧ୍ୟରେ ସମଗ୍ର ଆଫ୍ରିକାର କାର୍ବନ ନିର୍ଗମନ ପରିମାଣ ଥିଲା ମାତ୍ର ୫୦ ବିଲିୟନ ଟନ୍ ଯାହାକି ବିଶ୍ୱର ମୋଟ କାର୍ବନ ନିର୍ଗମନ ପରିମାଣର ୨.୭ ପ୍ରତିଶତ। ଆଶ୍ଚର୍ଯ୍ୟର କଥା ୧୯୯୨ ମସିହାରେ କାର୍ବନ ନିର୍ଗମନ ପ୍ରସଙ୍ଗରେ ବିଶ୍ୱ ସ୍ତରରେ ଆଲୋଚନା ଆରମ୍ଭ ହେବା ପରେ ବାୟୁମଣ୍ଡଳକୁ ଅଙ୍ଗାରକାମ୍ଳ ନିର୍ଗମନ ମାତ୍ରାରେ ପ୍ରାୟ ୫୦ ପ୍ରତିଶତ ବୃଦ୍ଧି ପାଇଛି। ଅବଶ୍ୟ ଏକଥା ସତ ଯେ, ବିଗତ ତିନି ଦଶନ୍ଧି ମଧ୍ୟରେ ବିଶ୍ୱରେ ଯେଉଁ ମାତ୍ରାରେ ଶିଳ୍ପବିକାଶ ଓ ଉତ୍ପାଦନ ଘଟିଛି ତାହା ଅତୀତରେ କୌଣସି କାଳଖଣ୍ଡରେ ଘଟି ନ ଥିଲା। ତେଣୁ ପ୍ରଗତି ସହ ଆମକୁ ତା'ର କୁପରିଣାମକୁ ମଧ୍ୟ ମୁକାବିଲାକୁ ପଡ଼ିବ। ଏଇ ଅଢ଼େଇ ଦଶନ୍ଧି ଭିତରେ ଜଳବାୟୁ ପରିବର୍ତ୍ତନ ଲାଗି ବିଶ୍ୱ ନେତୃବର୍ଗ ଅନ୍ୟୂନ ୨୨ଥର ବିଭିନ୍ନ ସ୍ଥାନରେ ମିଳିତ ହୋଇ ଗଳଦ୍‌ଘର୍ମ ଆଲୋଚନା କରିଛନ୍ତି। କିନ୍ତୁ ନିର୍ଯ୍ୟାସ ପାଇଁ ବିଶ୍ୱବାସୀ ଏବେ ବି ଅପେକ୍ଷାରତ। ତା'ର କାରଣ ହେଲା, ଜଳବାୟୁ ପରିବର୍ତ୍ତନ ସହ ଅର୍ଥନୀତି ଓତପ୍ରୋତ ଭାବେ ଜଡ଼ିତ। ପାଶ୍ଚାତ୍ୟ ରାଷ୍ଟ୍ରମାନେ ପଣସ ଖାଇ ଏବେ ଅଠା ବୋଳୁଛନ୍ତି ଗରିବ ରାଷ୍ଟ୍ରଙ୍କ ମୁଣ୍ଡରେ। ଦରିଦ୍ର ରାଷ୍ଟ୍ରଙ୍କ ନିକଟରେ କାର୍ବନ ନିର୍ଗମନ ପାଇଁ ନା ଅଛି ସାଧନ ନା ଅଛି ସାମର୍ଥ୍ୟ। ପୁଣି ସେମାନେ ପ୍ରସଙ୍ଗ ଉପସ୍ଥାପନ ପାଇଁ ଏବେ କେହି ନାହାନ୍ତି।

## ବିଶ୍ୱ ମୃତ୍ତିକା ଦିବସ ଉପଲକ୍ଷେ

ଆଜି ସମାଜରେ ମୃତ୍ତିକାଠାରୁ ବାୟୁ ପର୍ଯ୍ୟନ୍ତ ସବୁଠାରେ ପ୍ରଦୂଷଣର ଭୟାବହତା ଦେଖିବାକୁ ମିଳୁଛି। ଆମେ ସାମ୍ନା କରୁଥିବା ସୁନାମି ହେଉଛି ପ୍ରକୃତି ଉପରେ ଆମେମାନେ ସୃଷ୍ଟି କରୁଥିବା ଚାପର ପ୍ରତିକ୍ରିୟା। ମୃତ୍ତିକା ସଂରକ୍ଷଣ ହେଉ ବା ପ୍ରଦୂଷଣ ଏସବୁ କ୍ଷେତ୍ରରେ କେବଳ ସରକାର ବା ବେସରକାରୀ ସଙ୍ଗଠନ ଉପରେ ଦାୟିତ୍ୱ ନ୍ୟସ୍ତ କଲେ ହେବନାହିଁ। ଦିନକୁ ଦିନ ଯେଉଁପରି ଭାବରେ ଗଛ କଟା ହୋଇ କଂକ୍ରିଟ୍ ଜଙ୍ଗଲ ସୃଷ୍ଟି ହେଉଛି ଏବଂ ସେ ତୁଳନାରେ ବୃକ୍ଷରୋପଣ ହେଉନାହିଁ, ଏହା ହିଁ ବର୍ତ୍ତମାନ ସମୟର ସବୁଠାରୁ ବଡ଼ ଆହ୍ୱାନ। ଆମେ ସମସ୍ତେ ବୃକ୍ଷ, ଜୀବଜନ୍ତୁ, ପ୍ରାଣୀ ଜଗତ ସମସ୍ତଙ୍କୁ ଭଲ ପାଇବା ସହ ବୃକ୍ଷରୋପଣ ଓ ବୃକ୍ଷର ଉନ୍ନତି ନିମିତ୍ତ ନିଜ ସୀମିତ ସାଧ୍ୟମତେ କିଛି କିଛି କାର୍ଯ୍ୟକ୍ରମ ହାତକୁ ନେଲେ ପୃଥିବୀ ମାତା ନିଶ୍ଚିତ ବଞ୍ଚିବ। ପୃଥିବୀକୁ ବଞ୍ଚାଇବା ପାଇଁ ଭଗବାନଙ୍କ ଦୈବୀକୃପା ତ ନିଶ୍ଚୟ ରହିଛି କିନ୍ତୁ ଏସବୁର ବଡ଼ ଦାୟିତ୍ୱ ଆମମାନଙ୍କ ଉପରେ। କାରଣ କ୍ୟୋଟୋ ପ୍ରୋଟୋକଲ୍ ଡାଆରେ ସମସ୍ତିତ ଜାତୀୟ ପ୍ରତିଶ୍ରୁତିବଦ୍ଧ ଅବଦାନ ଭିତ୍ତିରେ ଯେଉଁ ପ୍ରତିବଦ୍ଧତା ପ୍ରକଟ ପାଇଁ ସୁଯୋଗ ଦିଆଯାଇଛି ତାହା ଉତ୍ପନ୍ନ ଗୁରୁତର ଜଳବାୟୁ ସଂକଟରୁ ତ୍ରାହି ପାଇବା ପାଇଁ ଯେ ପର୍ଯ୍ୟାପ୍ତ ନୁହେଁ ସେକଥା ଏବେଠାରୁ ଅନୁଭୂତ ହେଲାଣି। ତେଣୁ ନିଜେ ବଞ୍ଚିବା ସହ ଏବେ ପୃଥିବୀକୁ ବଞ୍ଚାଇବା ସକାଶେ ଉଦ୍ୟମ କରାଯିବା ଜରୁରୀ।

ସହକାରୀ ବନ ସଂରକ୍ଷକ, ରାୟଗଡ଼ା ବନ୍ୟ ଡିଭିଜନ, ରାୟଗଡ଼ା, ମୋ-୯୪୩୭୨୫୬୭୨୩

## ଏଇ ଭାରତରେ

ମନସ୍କାମନା ପୂରଣ ପାଇଁ କିଏ କେତେ ପ୍ରକାର ପନ୍ଥା ଅବଲମ୍ବନ କରିଥାଆନ୍ତି। କିଏ ମନ୍ଦିରରେ ଅଥିଆ ପଡ଼ନ୍ତି ତ କିଏ ଠାକୁରଙ୍କୁ ପୂଜା କରନ୍ତି। କିଏ ପୁଣି ଦାଢ଼ି ରଖନ୍ତି ତ କିଏ ଲଣ୍ଡା ହୁଅନ୍ତି। ମନସ୍କାମନା ପୂରଣ କରିବାର ଏ ସବୁ ଗୋଟିଏ ଗୋଟିଏ ମାଧ୍ୟମ। ତେବେ କେଉଁଠୁ ମାନସିକ ପୂରଣ ହୁଏ ସମ୍ପୃକ୍ତ ବ୍ୟକ୍ତି ହିଁ କହିପାରିବେ। କିନ୍ତୁ ଏଥିପାଇଁ ଛୋଟପିଲାଙ୍କୁ ମାଙ୍କଡ଼ ବେଶ କରାଯିବା କଥା ନିଆରା। ଏପରି ଘଟଣା ଦେଖିବାକୁ ମିଳେ ପଞ୍ଜାବର ଅମୃତସର ନିକଟରେ ଥିବା ପାବ୍ ଅଞ୍ଚଳର ଏକ ହନୁମାନ ମନ୍ଦିରରେ। ଏଠାରେ ମାନସିକ ପୂରଣ ପାଇଁ ଛୋଟପିଲାଙ୍କୁ ମାଙ୍କଡ଼ ବେଶ କରାଯାଇଥାଏ। ମନ୍ଦିରରେ ପ୍ରତିବର୍ଷ କାର୍ତ୍ତିକ ମାସରେ ୧୦ଦିନ ପର୍ଯ୍ୟନ୍ତ ଏହି ଉତ୍ସବ ଚାଲେ। ଏହାକୁ ଲଙ୍ଗୁର ମେଳା ମଧ୍ୟ କୁହାଯାଏ। ଏହି ମେଳାରେ ଯୋଗଦେବା ପାଇଁ ଦେଶବିଦେଶରୁ ଅନେକ ଶ୍ରଦ୍ଧାଳୁ ଆସିଥାଆନ୍ତି। ମେଳାକୁ ଆସୁଥିବା ଛୋଟ ଛୋଟ ପିଲାଙ୍କୁ ମାଙ୍କଡ଼ ବେଶ କରି ମାତାପିତା ମନ୍ଦିରକୁ ଆଣିଥାଆନ୍ତି। ଏଭଳି ଏକ ପ୍ରାଚୀନ ପରମ୍ପରା ୭ଶହରୁ ଅଧିକ ବର୍ଷ ହେଲା ଏଠାରେ ଚଳିଆସୁଛି।

## ଚିରନ୍ତନୀ

ନୟନ ତଳେ ଦେଖି କଜଳ
ପରାଣ ନାହିଁ ହୁଏ ସଜଳ
କପୋଳ ସ୍ୱେଦ ଶୋଭା ନିରେଖି ଏ ଅଧର
ତୃଷାରେ ହୁଏ ନାହିଁ ବିକଳ।
(ବ୍ୟାଖ୍ୟା)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ୨୫ ବର୍ଷ ତଳର ଧରିତ୍ରୀ

୫ ଡିସେମ୍ବର ୧୯୯୩

- ଭାରତୀୟ ଜନତା ପାର୍ଟିର ନେତା ଭୈରୋଁସିଂ ଶେଖାୱତଙ୍କ ରାଜସ୍ଥାନର ନୂଆ ମୁଖ୍ୟମନ୍ତ୍ରୀ ଭାବେ ଶପଥ ଗ୍ରହଣ।
- ତାମିଲନାଡ଼ୁରେ ପ୍ରବଳ ଝଡ଼ ତୋଫାନରେ ୨୩ଜଣଙ୍କ ମୃତ୍ୟୁ।
- ସିମ୍ଲା ରାଜିନାମା ଜରିଆରେ କଶ୍ମୀର ସମସ୍ୟାର ସମାଧାନ ହେବା ଆବଶ୍ୟକ ବୋଲି ଉଭୟ ଭାରତ ଏବଂ ପାକିସ୍ତାନର ସହମତି।

## su|do|ku ସୁ-ଡୋ-କୁ

| | | | | | | | | | | | |
|---|---|---|---|---|---|---|---|---|---|---|---|
| [illegible] | | | | | | | | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଜଗତ କାଳର ଅଧୀନ

ମହାଶୟ,

ଦେବତା, ଅସୁର, ଯକ୍ଷ, ଗନ୍ଧର୍ବ ଓ ମଣିଷ ସମସ୍ତେ କାଳ ଦ୍ୱାରା କବଳିତ। କାଳର ଊର୍ଦ୍ଧ୍ୱରେ କେହି ନୁହନ୍ତି। କାଳର ଅକଳନ ଶକ୍ତିକୁ ଆକଳନ କରି ନ ପାରି କ୍ଷମତା, ପଦପଦବୀର ମୋହରେ ଧରାକୁ ସରା ମନେକରି ଶେଷରେ ସେହି କାଳର କରାଳ ସ୍ରୋତରେ ଅନେକ ଜ୍ଞାନୀ, ଧନୀ ଓ ମାନୀ ଭାସି ଯାଇଛନ୍ତି କୁଟାଖିଅ ପରି। ଆମେ ଭୁଲିଯିବା ଉଚିତ ନୁହେଁ ଯେ ଆମ ଉପରେ ଗୋଟିଏ ମହାକାଳ ନଜର ରଖିଛି। ଆମେ ତା' ହାତରୁ ରକ୍ଷାପାଇବା ଅସମ୍ଭବ। ଏଣୁ କାଳ ସହିତ ବାଜି ନ ମାରି ବରଂ କାଳ ନିକଟରେ ନମ୍ରତା ପ୍ରକାଶ କରି ନିଜକୁ ସଜାଗ ମଣିଷରେ ପରିଣତ କରିବା ବିଧେୟ। ଏହି ପରିପ୍ରେକ୍ଷୀରେ ଧରିତ୍ରୀ (୧୦।୧୧)ରେ ପ୍ରକାଶିତ ଡ. ନରହରି ବେହେରାଙ୍କ 'ଜଗତ କାଳର ଅଧୀନ' ଆଲେଖ୍ୟଟି ବେଶ୍ ଯୁକ୍ତିଯୁକ୍ତ ଓ ମାର୍ଗଦର୍ଶକ।

ଭଗବାନ ଦାସ, ଅବସରପ୍ରାପ୍ତ ଶିକ୍ଷକ, 'ହରି ନିବାସ' ନାରାୟଣପୁର, କେନ୍ଦ୍ରାପଡ଼ା

### ଛାତ୍ର ସଂସଦ ନିର୍ବାଚନ

ଡ. ଅଚ୍ୟୁତ ସାମନ୍ତଙ୍କ ଦ୍ୱାରା ଲିଖିତ କଲେଜ ନିର୍ବାଚନ ସମ୍ପର୍କିତ ସୁଚିନ୍ତିତ ତଥା ସମୟୋଚିତ ମତାମତ ସମ୍ବଳିତ ଆଲେଖ୍ୟଟି ଅତି ସ୍ୱର୍ଣ୍ଣାକ୍ଷରର ପ୍ରତୀକ ମଧ୍ୟ। ଆଜକୁ ୧୦ବର୍ଷ ତଳେ ଏହାର ଭୟାବହତାକୁ ଲକ୍ଷ୍ୟ କରି ଏହି ପ୍ରଥା ଜରିଆରେ ସଚେତନ ଜନତାଙ୍କ ଦୃଷ୍ଟି ଆକର୍ଷଣ କରାଇଥିଲି। ଆଜି ଏହା ସାଧାରଣ ନିର୍ବାଚନଠାରୁ ମଧ୍ୟ ଅଧିକ ଉଗ୍ରହିଂସାତ୍ମକ ରୂପ ଧାରଣ କଲାଣି। ବର୍ତ୍ତମାନ ପରିସ୍ଥିତିରେ ଡ. ସାମନ୍ତଙ୍କ ଭଳି ଚିନ୍ତାଶୀଳ ଶିକ୍ଷାବିତ୍ ଓ ବୁଦ୍ଧିଜୀବୀମାନେ ଏକତ୍ରିତ ଭାବେ ସ୍ୱରଉତ୍ତୋଳନ କରି ଏହାର ବିକଳ୍ପ ବ୍ୟବସ୍ଥା ସ୍ଥିରୀକୃତ ନ କଲେ ଭବିଷ୍ୟତରେ ପରିସ୍ଥିତି ସଙ୍ଗିନ ହୋଇପଡ଼ିବ।

ଲକ୍ଷ୍ମୀକାନ୍ତ ମହାରଣା, ଅଦିମାତା କଲୋନୀ, ଭୁବନେଶ୍ୱର

### ମୋ ବସ୍ ସେବାରୁ ବଞ୍ଚିତ

ଢୁମୁଢୁମା ଅଞ୍ଚଳବାସୀ, ଚତୁର୍ଥ ପର୍ଯ୍ୟାୟ, ପଞ୍ଚସଖା ନଗର, ମା' ମଙ୍ଗଳା କଲୋନୀ ଓ କଣ୍ଟୋପଲିସ୍‌ବାସୀଙ୍କ ଦୀର୍ଘଦିନର ଦାବିକୁ ଉପେକ୍ଷା କରାଯାଇ ନିକଟରେ ଯେଉଁ ରୁଟ୍‌ରେ ସିଟି ବସ୍ ଚାଲୁଥିଲା, ସେହି ରୁଟ୍‌ରେ ପୁଣି ମୋ ବସ୍ ସେବା ଲୋକାର୍ପିତ କରାଯାଇଛି। ସୁତରାଂ ବିଭିନ୍ନ ଅନୁଷ୍ଠାନ, ମାନ୍ୟଗଣ୍ୟ ବ୍ୟକ୍ତି ବିଶେଷ ଓ ସାଧାରଣ ଲୋକ ଗଭୀର ଅସନ୍ତୋଷ ପ୍ରକାଶ କରିଛନ୍ତି। ଆମର ଦୀର୍ଘଦିନର ଦାବି ଢୁମୁଢୁମା ପାଲାମଣ୍ଡପ, ଚତୁର୍ଥ ପର୍ଯ୍ୟାୟ ରାମମନ୍ଦିର, କଣ୍ଟୋପଲିସ, ବରମୁଣ୍ଡା ବସ୍‌ଷ୍ଟାଣ୍ଡ ଦେଇ ୬ ନମ୍ବର ଗେଟ୍‌କାଲ ଓ ଷ୍ଟେସନ ରୁଟ୍‌ରେ ମିନିବସ୍ ସେବା ଯୋଗାଇବା ପାଇଁ। ଆବଶ୍ୟକତା ଦୃଷ୍ଟିରୁ ଉକ୍ତ ରୁଟ୍‌ରେ 'ମୋ ବସ୍ ସେବା' ଯୋଗାଇ ଦେବାକୁ ବାରମ୍ବାର ଦାବି ହୋଇଆସୁଛି। କିନ୍ତୁ ଏହାକୁ ଉପେକ୍ଷା କରାଯାଉଛି। ଏ ରୁଟ୍‌ରେ ତୁରନ୍ତ ବସ୍ ସେବା କରାଗଲେ ବରିଷ୍ଠ ନାଗରିକ, ମହିଳା, ଛାତ୍ରଛାତ୍ରୀ, ବିଭିନ୍ନ ଦପ୍ତରର କର୍ମଚାରୀ ଓ ବ୍ୟବସାୟୀମାନେ ଉପକୃତ ହେବା ସଙ୍ଗେ ସଙ୍ଗେ ସରକାରଙ୍କର ରାଜସ୍ୱ ବଢ଼ିବ ବୋଲି ଆଶା କରାଯାଉଛି।

ବିଶ୍ୱନାଥ ଜେନା, ବରିଷ୍ଠ ନାଗରିକ, ୪ର୍ଥ ପର୍ଯ୍ୟାୟ, ଢୁମୁଢୁମା, ଭୁବନେଶ୍ୱର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଖଣି ବିଭାଗର କୋଟିପତି କିରାଣି

**କଟକ ଅଫିସ/ ଯାଜପୁର ଅଫିସ, ୪।୧୨**

ଯାଜପୁର ଖଣି ଉପନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟର କନିଷ୍ଠ କିରାଣି ଚିନ୍ମୟ କୁମାର ବେହୁରାଙ୍କ ସମ୍ପତ୍ତିର ମୂଲ୍ୟ ୧କୋଟି ୨ଲକ୍ଷ ୮୦ହଜାର ୧୪୫ ହଜାର ଟଙ୍କା। ଚିନ୍ମୟ ଏବେ ଡେପୁଟେଶନରେ ଟିସ୍କୋ କାଳିଆପାଣିଠାରେ କାର୍ଯ୍ୟରତ। ତାଙ୍କ ବିରୋଧରେ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗ ଆସିବା ପରେ ମଙ୍ଗଳବାର ଭିଜିଲାନ୍ସ ପକ୍ଷରୁ ଘର, ଅଫିସ ସମେତ ମୋଟ ୬ଟି ସ୍ଥାନରେ ଏକକାଳୀନ ଚଢ଼ାଉ କରାଯାଇଥିଲା। ଯାଞ୍ଚ ସ୍ଥାନଗୁଡ଼ିକ ମଧ୍ୟରେ ଯାଜପୁର ଧବଳଗିରି ନିକଟରେ ଥିବା ମାଇନିଂ କଲୋନୀସ୍ଥିତ ଆବାସିକ ସରକାରୀ କ୍ୱାର୍ଟର, ଟିସ୍କୋ କଲୋନୀ ପରିସରରେ ଥିବା ସରକାରୀ କ୍ୱାର୍ଟର, ଯାଜପୁର ଜିଲା ସୁକିନ୍ଦାଗଡ଼ ପାଇକସାହି ଗ୍ରାମରେ ଥିବା ଘର, ଯାଜପୁର ରୋଡ୍‌ର କୁସୁନପୁରସ୍ଥିତ ସାଇ ରେସିଡେନ୍ସି ଆପାର୍ଟମେଣ୍ଟରେ ଥିବା ଫ୍ଲାଟ୍, ଭଦ୍ରକ ଜିଲା ଚାନ୍ଦବାଲି ନିକଟ ଛରାଡ଼ିଆ ଗ୍ରାମରେ ଥିବା ସମ୍ପର୍କୀୟଙ୍କ ଘର ଓ ଟିସ୍କୋ ଅଫିସ ଆଦି ରହିଛି। ତେବେ ଯାଞ୍ଚରୁ ଠାବ ସମ୍ପତ୍ତିଗୁଡ଼ିକ ମଧ୍ୟରେ ଫ୍ଲାଟ୍‌ର ମୂଲ୍ୟକୁ ୨୪ ଲକ୍ଷ ୯୨ହଜାର ଟଙ୍କା, ସୁକିନ୍ଦାଗଡ଼ ନିକଟରେ ଥିବା ଦୁଇ ମହଲା କୋଠାକୁ ୩୬ ଲକ୍ଷ ୮୫ହଜାର ଟଙ୍କା ଓ ସୁକିନ୍ଦା ନିକଟରେ ଥିବା ଦୁଇଟି ପ୍ଲଟ୍ ମୂଲ୍ୟକୁ ୫୭ ହଜାର ଟଙ୍କାରେ ଆକଳନ କରିଛି ଭିଜିଲାନ୍ସ। ସେହିପରି ବେହୁରାଙ୍କର ୫ ଲକ୍ଷ ୫୬ହଜାର ୭୨୯ ଟଙ୍କାର ଗୋଟିଏ କାର୍ ଥିବାବେଳେ ୧ ଲକ୍ଷ ୨୯ହଜାର ୬୫୪ ଟଙ୍କାର ଦୁଇଟି ମୋଟରସାଇକେଲ ଓ ୫୪ହଜାର ୬୩୫ ଟଙ୍କା ମୂଲ୍ୟର ଗୋଟିଏ ସ୍କୁଟି ଥିବା ଭିଜିଲାନ୍ସ ସୂଚନା ଦେଇଛି। ଏଥିସହ ବିଭିନ୍ନ ବ୍ୟାଙ୍କ ଓ ବୀମା କମ୍ପାନୀରେ ତାଙ୍କର ୧୩ ଲକ୍ଷ ୧୧ହଜାର ୮୪୭ ଟଙ୍କା ଜମା ଥିବାବେଳେ ଘରୁ ୧୩ ଲକ୍ଷ ୮୨ହଜାର ୨୮୦ ଟଙ୍କା ମୂଲ୍ୟର ସୁନାଗହଣା, ୫ଲକ୍ଷ ୪୦ହଜାର ଟଙ୍କା ମୂଲ୍ୟର ଆସବାବପତ୍ର ଓ ଘରୁ ନଗଦ ୭୧ ହଜାର ଟଙ୍କା ଭିଜିଲାନ୍ସ ଠାବ କରିଛି।



ଯାଜପୁର ରୋଡ ଡିଡିଏମ୍ କଲୋନୀ ଘରେ ଭିଜିଲାନ୍ସ ଟିମ୍‌ର ଯାଞ୍ଚ।

- ୬ ସ୍ଥାନରେ ଏକକାଳୀନ ଭିଜିଲାନ୍ସ ଯାଞ୍ଚ
- ୧ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ସମ୍ପତ୍ତି ଠାବ

ମହିଳାଙ୍କ ପାଇଁ ୩୩ % ସ୍ଥାନ ସଂରକ୍ଷଣ ପ୍ରସଙ୍ଗ

# ପ୍ରଧାନମନ୍ତ୍ରୀଙ୍କୁ ଚିଠି ଲେଖିଲେ ମୁଖ୍ୟମନ୍ତ୍ରୀ



**ଭୁବନେଶ୍ୱର, ୪।୧୨(ବ୍ୟୁରୋ)**

ମହିଳାଙ୍କୁ ସଶକ୍ତୀକରଣ କରିବାରେ ଓଡ଼ିଶା ଅଗ୍ରଣୀ ରାଜ୍ୟ। ପାର୍ଲାମେଣ୍ଟ ଏବଂ ରାଜ୍ୟ ବିଧାନସଭାଗୁଡ଼ିକରେ ମହିଳାଙ୍କ ପାଇଁ ୩୩ ପ୍ରତିଶତ ସ୍ଥାନ ସଂରକ୍ଷଣ ହେଉ। ଏହାକୁ ଆଇନରେ ପରିଣତ କରିବା ପାଇଁ କେନ୍ଦ୍ର ସରକାର ପଦକ୍ଷେପ ନିଅନ୍ତୁ। ଏଥିପାଇଁ ଓଡ଼ିଶା ସରକାରଙ୍କ ପୂର୍ଣ୍ଣ ସମର୍ଥନ ରହିବ। ଜାତିର ପିତା ମହାତ୍ମାଗାନ୍ଧୀଙ୍କ ୧୫୦ତମ ଜୟନ୍ତୀରେ ଏହା ପ୍ରକୃତ ଶ୍ରଦ୍ଧାଞ୍ଜଳି ହେବ ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଚିଠି ଲେଖି କହିଛନ୍ତି।

ମୁଖ୍ୟମନ୍ତ୍ରୀ ମଙ୍ଗଳବାର ଲେଖିଥିବା ଉକ୍ତ ଚିଠିରେ ଉଲ୍ଲେଖ କରିଛନ୍ତି, ନବେ ଦଶକରେ ବିଜୁ ପଟ୍ଟନାୟକ ପଞ୍ଚାୟତ ଏବଂ ପୌରନିର୍ବାଚନରେ ମହିଳାଙ୍କ ପାଇଁ ୩୩ ପ୍ରତିଶତ ସ୍ଥାନ ସଂରକ୍ଷଣ କରିଥିଲେ। ଏହା ସହ ପୁରୁଷ ଏବଂ ମହିଳାଙ୍କ ପାଇଁ ସମାନ ମଜୁରି ବ୍ୟବସ୍ଥା ମଧ୍ୟ କରିଥିଲେ। ବିଜୁ ବାବୁଙ୍କ ଦ୍ୱାରା କରାଯାଇଥିବା ୩୩ ପ୍ରତିଶତ ସଂରକ୍ଷଣକୁ ରାଜ୍ୟ ସରକାର ୨୦୧୧ରେ ୫୦ ପ୍ରତିଶତକୁ ବୃଦ୍ଧି କରି ସାରିଛନ୍ତି। ନିକଟରେ ଓଡ଼ିଶା ବିଧାନସଭାରେ ମହିଳାଙ୍କୁ ପାର୍ଲାମେଣ୍ଟ ଏବଂ ବିଧାନସଭାଗୁଡ଼ିକରେ ୩୩ ପ୍ରତିଶତ ସଂରକ୍ଷଣ ପାଇଁ ସଂକଳ୍ପ ପ୍ରସ୍ତାବ ସର୍ବସମ୍ମତ ଭାବେ ଗୃହୀତ କରିଥିବା ନବୀନ ପଟ୍ଟନାୟକ କହିଛନ୍ତି।

ସେହିପରି ମହିଳାଙ୍କୁ ସଶକ୍ତୀକରଣ କରିବା ଅର୍ଥ ରାଷ୍ଟ୍ରକୁ ସଶକ୍ତୀକରଣ କରିବା। ମହିଳା ସଶକ୍ତୀକରଣ ବିନା କୌଣସି ରାଷ୍ଟ୍ର, ଘର, ସମାଜ ଏବଂ ରାଜ୍ୟ ଆଗକୁ ବଢ଼ିପାରିବ ନାହିଁ। ଲିଙ୍ଗଗତ ସମାନତା ଅଧିକାର ଉପରେ ଆମ ସମ୍ବିଧାନ ପର୍ଯ୍ୟବସିତ। ସମଗ୍ର ଜନସଂଖ୍ୟାର ୫୦ ପ୍ରତିଶତ ତଥା ମା' ଭଉଣୀମାନେ ସଶକ୍ତକରଣ ହେବା ଦ୍ୱାରା ରାଷ୍ଟ୍ରର ଦ୍ରୁତ ବିକାଶ ହେବ। ତେଣୁ ସେମାନଙ୍କୁ ନୀତି ପ୍ରଣୟନର ସର୍ବୋଚ୍ଚ ସ୍ଥାନ ଗୁଡ଼ିକରେ ୩୩ ପ୍ରତିଶତ ସଂରକ୍ଷଣ ପ୍ରଦାନ କରାଯିବା ଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱାରୋପ କରିଛନ୍ତି।

# ମୁକୁଳିବେ ଅଭିଜିତ



**ମାମଲା ପ୍ରତ୍ୟାହାର ପାଇଁ ରାଜ୍ୟ ସରକାରଙ୍କ ନିଷ୍ପତ୍ତି**

**ଭୁବନେଶ୍ୱର, ୪।୧୨(ବ୍ୟୁରୋ)**

ଶ୍ରୀମନ୍ଦିର, ସୂର୍ଯ୍ୟମନ୍ଦିର ଏବଂ ଓଡ଼ିଶା ସମ୍ପର୍କରେ ଅରୁଚିକର ମନ୍ତବ୍ୟ ଦେଇଥିବା ସାମ୍ବାଦିକ ଅଭିଜିତ ଆୟର ମିତ୍ରଙ୍କୁ ଆଶ୍ୱସ୍ତି ମିଳିଛି। ଅଭିଜିତଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗୁଡୁଥିବାରୁ ତାଙ୍କୁ ମୁକ୍ତ କରିବା ସହ ମାମଲା ପ୍ରତ୍ୟାହାର ପାଇଁ ସେ ମୁଖ୍ୟମନ୍ତ୍ରୀ ଓ ମୁଖ୍ୟ ଶାସନ ସଚିବଙ୍କୁ ଗତ ୨୦ ତାରିଖରେ ଚିଠି ଲେଖିଥିଲେ। ଏହି ଚିଠି ଆଧାରରେ ଅଭିଜିତଙ୍କ ବିରୋଧରେ ଥିବା ମାମଲା ପ୍ରତ୍ୟାହାର କରିବା ସହ ଜେଲରୁ ମୁକ୍ତି ପାଇଁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ଏ ନେଇ ମଙ୍ଗଳବାର ଗୃହ ବିଭାଗ ପକ୍ଷରୁ ଏକ ବିଜ୍ଞପ୍ତିରେ ପ୍ରକାଶ ପାଇଛି। ଅଭିଜିତ ଏହି ପ୍ରସଙ୍ଗରେ ପୂର୍ବରୁ ଗତ ନଭେମ୍ବର ୧୬ରେ ବିଧାନସଭା ଗୃହ କମିଟି ନିକଟରେ ହାଜର ହୋଇ କ୍ଷମାପ୍ରାର୍ଥନା କରିଥିଲେ।

**IDBI BANK** (A Govt. of India Owned Bank)
ଆଇଡ଼ିବିଆଇ ବ୍ୟାଙ୍କ ଲିଃ., ଗ୍ରାଣ୍ଡ ରୋଡ୍, ବଡ଼ଶଙ୍ଖ, ପୁରୀ-୭୫୨୦୦୨, ଓଡ଼ିଶା (CIN: L65190MH2004GOI148838)

**ଋଣ ରିକଲ୍ ନୋଟିସ୍**

| କ୍ର.ନ. | ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନଙ୍କ ନାମ ଏବଂ ଠିକଣା | ଋଣ ପରିମାଣ/ ଋଣ ମଞ୍ଜୁରୀ ତାରିଖ | ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା/ବନ୍ଧକଦାତାଙ୍କ ଦ୍ୱାରା ପରିଶୋଧ କରିବାକୁ ଥିବା ସୁଧ ସହିତ ବକେୟା ପରିମାଣ |
|---|---|---|---|
| ୧. | ଋଣଗ୍ରହୀତା: ମେସର୍ସ ସୁପ୍ରିୟା ଫୁଡ୍ ପ୍ରଡକ୍ଟସ୍, ସ୍ୱତ୍ତ୍ୱାଧିକାରୀ: କେ. ରଶ୍ମିତା ପାତ୍ର, ସା: ଦେବୀଘାଟ, ବାରବାଟୀ ଲେନ୍, ପୁରୀ-୭୫୨୦୦୧ / ଗ୍ୟାରେଣ୍ଟିଦାତାମାନେ : ୧) କେ. ସୁରେଶ କୁମାର, ସା: ଦେବୀଘାଟ, ବାରବାଟୀ ଲେନ୍, ପୁରୀ-୭୫୨୦୦୧, ୨) ବାଳକୃଷ୍ଣ ନାୟକ, କୁଣ୍ଡେଇବେଣ୍ଟ ସାହି, ବାନାମ୍ବର ମନ୍ଦିର ନିକଟ, ପୁରୀ-୭୫୨୦୦୧ | ଟ.୨୦.୦୦ଲକ୍ଷ / ୩୧.୧୨.୨୦୧୫ | ୦୧.୧୦.୨୦୧୮ ସୁଦ୍ଧା ଟ.୨୦,୯୦,୭୪୨/- |

ଏତଦ୍‌ଦ୍ୱାରା ଉପରୋକ୍ତ ଋଣଗ୍ରହୀତା ଏବଂ ଗ୍ୟାରେଣ୍ଟିଦାତା/ବନ୍ଧକଦାତାଙ୍କୁ ନୋଟିସ୍ ମାଧ୍ୟମରେ ଜଣାଇଦିଆଯାଉଛି ଯେ, ଉପରୋକ୍ତ ଋଣଗ୍ରହୀତାଙ୍କୁ **ଆଇଡିବିଆଇ ବ୍ୟାଙ୍କ ଲିଃ., (ଆଇଡିବିଆଇ ବ୍ୟାଙ୍କ)** ଦ୍ୱାରା ଆର୍ଥିକ ସହାୟତା/ଋଣ ପ୍ରଦାନ କରାଯାଇଥିଲା । ଯେହେତୁ କଥିତ ଋଣଗ୍ରହୀତା ଋଣ ପରିଶୋଧ କରିବାରେ ଅସଫଳ ହୋଇଛନ୍ତି, ତେଣୁ ତାଙ୍କର ଆକାଉଣ୍ଟ ଅଣକାର୍ଯ୍ୟକାରୀ ସମ୍ପତ୍ତି (NPA) ଶ୍ରେଣୀଭୁକ୍ତ ହୋଇଛି। ଆଇଡିବିଆଇ ବ୍ୟାଙ୍କ "ରେଜେଷ୍ଟ୍ରି ଡାକ ସହିତ ଏ.ଡି."/କୋରିୟର ମାଧ୍ୟମରେ ଋଣ ପରିଶୋଧ ନିମନ୍ତେ ପୁନଃ ନୋଟିସ୍ ପ୍ରେରଣ କରାଯାଇଥିଲା। ଯାହାକି ଡାକ ବିଭାଗ/କୋରିୟର ଦ୍ୱାରା ପ୍ରଦାନ କରାଯାଇ ନପାରି ଫେରସ୍ତ ଆସିଛି। ତେଣୁ ଏହି ନୋଟିସ୍ ପ୍ରକାଶନ ମାଧ୍ୟମରେ କଥିତ ଋଣଗ୍ରହୀତା, ଗ୍ୟାରେଣ୍ଟିଦାତା/ବନ୍ଧକଦାତାମାନଙ୍କୁ ଜଣାଇ ଦିଆଯାଉଛି ଯେ, ବ୍ୟାଙ୍କର ଉପରୋକ୍ତ ବକେୟା ରାଶି ସହିତ ତତ୍‌ପରବର୍ତ୍ତୀ ସୁଧ ଏବଂ ଆନୁସଙ୍ଗିକ ଖର୍ଚ୍ଚ ଏହି ପ୍ରକାଶନର **୧୫ ଦିନ** ମଧ୍ୟରେ ପୈଠ କରନ୍ତୁ । ନଚେତ୍ ଆଇଡିବିଆଇ ବ୍ୟାଙ୍କ ଏହାପରେ, ଋଣଗ୍ରହୀତା /ଗ୍ୟାରେଣ୍ଟିଦାତାମାନଙ୍କୁ କୌଣସି ପ୍ରକାରର ଯୋଗାଯୋଗ ନ କରି ନ୍ୟାୟାଳୟ ମାଧ୍ୟମରେ ସେମାନଙ୍କ ବିପକ୍ଷରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ । ଏ ବାବଦ ଖର୍ଚ୍ଚ ଓ ଫଳାଫଳ ନିମନ୍ତେ ସେମାନେ ହିଁ ଦାୟୀ ରହିବେ।

ସ୍ଥାନ: ପୁରୀ, ତାରିଖ: ୦୪.୧୨.୨୦୧୮ — ସ୍ୱା/- ଶାଖା ମୁଖ୍ୟ, ଆଇଡ଼ିବିଆଇ ବ୍ୟାଙ୍କ ଲିମିଟେଡ

**ପୂର୍ବ ତଟ ରେଳପଥ**

**ତାଳଚେର ରୁ ଜରପଡ଼ା ଏବଂ ରେଢ଼ାଖୋଲ ରୁ ଯୁଯୁମୁରା ନୂତନ ଡ଼ବଲ ଲାଇନ୍‌ରେ ଓଭର ହେଡ୍ ଟ୍ରାକ୍ସନ ତାରରେ ବିଦ୍ୟୁତ୍ ପ୍ରବାହ ସମ୍ବନ୍ଧୀୟ ସାର୍ବଜନିକ ଅଧିସୂଚନା**

ପ୍ରୋଫର୍ମା 10.01

ପୂର୍ବ ତଟ ରେଳପଥ ଅନ୍ତର୍ଗତ ନିମ୍ନ ବର୍ଣ୍ଣିତ ସେକ୍ସନ୍‌ର ସମ୍ପୂର୍ଣ୍ଣ ହୋଇଥିବା ସେକ୍ସନରେ ଅବସ୍ଥିତ ରେଳ ଲାଇନ ଏବଂ ପରିସରକୁ ବ୍ୟବହାର କରୁଥିବା ସମସ୍ତ ବ୍ୟକ୍ତିବିଶେଷଙ୍କୁ ଏତଦ୍ୱାରା ଅବଗତ କରାଇ ଦିଆଯାଉଅଛି ଯେ, ନିର୍ଦ୍ଦିଷ୍ଟ ସେକ୍ସନ ନିମନ୍ତେ ନିର୍ଦ୍ଧାରିତ ତାରିଖରେ କିମ୍ବା ଏହାପରେ 25,000 ଭୋଲ୍ଟ, 50 HZ, A.C ଓଭରହେଡ୍ ଟ୍ରାକ୍ସନ ତାରରେ ବିଦ୍ୟୁତ୍ ପ୍ରବାହ କରାଯିବ। ସେହି ତାରିଖ ଦିନ ଓ ତାହା ପରଠାରୁ ଓଭରହେଡ୍ ଟ୍ରାକ୍ସନ ଲାଇନରେ ସବୁ ସମୟପାଇଁ ବିଦ୍ୟୁତ୍ ପ୍ରବାହ ରହିବ ଏବଂ କୌଣସି ଅନଧିକୃତ ବ୍ୟକ୍ତି ଏହି କଥିତ ଓଭରହେଡ୍ ଲାଇନ ନିକଟରେ ପ୍ରବେଶ କରିପାରିବେ ନାହିଁ କିମ୍ବା କାର୍ଯ୍ୟ କରିପାରିବେ ନାହିଁ।

| କ୍ର.ନଂ. | ସେକ୍ସନ | ମଣ୍ଡଳ | ବିଦ୍ୟୁତ୍ ପ୍ରବାହ ତାରିଖ |
|---|---|---|---|
| 1 | ତାଳଚେର ରୁ ଜରପଡ଼ା ମଧ୍ୟରେ ନୂତନ ଡ଼ବଲ୍ ଲାଇନ୍ | ସମ୍ବଲପୁର ଏବଂ ଖୋର୍ଦ୍ଧା ରୋଡ୍ | 31.12.2018 |
| 2 | ରେଢ଼ାଖୋଲ ରୁ ଯୁଯୁମୁରା ମଧ୍ୟରେ ନୂତନ ଡ଼ବଲ୍ ଲାଇନ୍ | ସମ୍ବଲପୁର | 31.01.2019 |

**ଦ୍ରଷ୍ଟବ୍ୟ : ତାଳଚେର ଠାରୁ ଜରପଡ଼ା ଓ ରେଢ଼ାଖୋଲ ଠାରୁ ଯୁଯୁମୁରା ପର୍ଯ୍ୟନ୍ତ ସିଙ୍ଗିଲ୍ ଲାଇନ୍ ଏବଂ ଷ୍ଟେସନ ୟାର୍ଡ଼ର OHE ଲାଇନ୍ ଗୁଡ଼ିକରେ ଆଗରୁ 25,000 ଭୋଲ୍ଟ AC ଦ୍ୱାରା ବିଦ୍ୟୁତ୍ ପ୍ରବାହିତ ହୋଇ ସାରିଛି ।**

**AC 25 KV ଟ୍ରାକ୍ସନ୍ ପ୍ରଚଳନ ନିମନ୍ତେ "ସଡ଼କ ବ୍ୟବହାରକାରୀଙ୍କୁ ସତର୍କ ସୂଚନା"**

ପ୍ରୋଫର୍ମା 10.02

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ସୂଚାଇ ଦିଆଯାଉଅଛି ଯେ, ପୂର୍ବ ତଟ ରେଳପଥର ସମ୍ବଲପୁର ମଣ୍ଡଳ ଏବଂ ଖୋର୍ଦ୍ଧାରୋଡ଼ ମଣ୍ଡଳ ଅନ୍ତର୍ଗତ ତାଳଚେର-ସମ୍ବଲପୁର ଦୋହରୀକରଣ ସେକ୍ସନର ବିଦ୍ୟୁତୀକରଣ ସମ୍ବନ୍ଧୀୟ ପୂର୍ବ ତଟ ରେଳପଥ ଅନ୍ତର୍ଗତ ତାଳଚେର ରୁ ଜରପଡ଼ା ଏବଂ ରେଢ଼ାଖୋଲ ରୁ ଯୁଯୁମୁରା ନୂତନ ଡ଼ବଲ୍ ଲାଇନ୍ ସେକ୍ସନ ଗୁଡ଼ିକରେ 25,000 ଭୋଲ୍ଟ A.C ଇଲେକ୍ଟ୍ରିକ୍ ଟ୍ରାକ୍ସନର ପ୍ରବର୍ତ୍ତନ ସମ୍ପର୍କରେ ସମସ୍ତ ଲେଭେଲ କ୍ରସିଂ ଗୁଡ଼ିକଠାରେ କୌଣସି ବୋଝେଇ ଗାଡ଼ି ଏହି ଜୀବନ୍ତ ଟ୍ରାକ୍ସନ ତାର ସଂସ୍ପର୍ଶରେ ନ ଆସିବା କିମ୍ବା ଏହାର ନିକଟବର୍ତ୍ତୀ ବିପଦାଞ୍ଚଳକୁ ପ୍ରବେଶ ନିଷିଦ୍ଧ ନିମନ୍ତେ ସମସ୍ତ ରେଳ ଫାଟକମାନଙ୍କରେ ସଡ଼କ ପତନ ଠାରୁ 4.67 ମି. ଉଚ୍ଚତାରେ ହାଇଟ୍ ଗେଜ୍ ମାନ ସ୍ଥାପନ କରାଯାଇଅଛି।

ତେଣୁ ସର୍ବସାଧାରଣଙ୍କୁ ଏତଦ୍ୱାରା ସୂଚାଇ ଦିଆଯାଉଅଛିଯେ ସଡ଼କ ଗାଡ଼ିରେ ବୋଝେଇ କରିବା ସମୟରେ ଉପର ବର୍ଣ୍ଣିତ ଉଚ୍ଚତାକୁ ଧ୍ୟାନରେ ରଖି ବୋଝେଇ କରିବେ ଏବଂ ଏହା ଯେପରି କୌଣସି ପରିସ୍ଥିତିରେ ହାଇଟ୍ ଗେଜ୍ ସୀମା ଉଲ୍ଲଙ୍ଘନ ନକରେ, ସେଥିପ୍ରତି ଦୃଷ୍ଟି ଦେବେ।

<u>ଅତ୍ୟଧିକ ଉଚ୍ଚତା ବିଶିଷ୍ଟ ବୋଝେଇ ଦ୍ୱାରା ସୃଷ୍ଟି ହେବାକୁ ଥିବା ବିପଦ ନିମ୍ନମତେ ଅଟେ :</u>
(1) ହାଇଟ୍ ଗେଜ୍ ପ୍ରତି ବିପଦ ଫଳସ୍ୱରୂପ ସଡକ ଏବଂ ରେଳ ଲାଇନ୍ ର ଅବରୋଧ ।
(2) ପରିବହନ କରାଯାଉଥିବା ସାମଗ୍ରୀ ବା ଉପକରଣ କିମ୍ବା ଏହାକୁ ନେଉଥିବା ଗାଡ଼ି ପ୍ରତି ବିପଦ।
(3) ବିଦ୍ୟୁତପ୍ରବାହୀ ତାର ସନ୍ନିକଟ ବିପଜ୍ଜନକ ଅଞ୍ଚଳ କିମ୍ବା ଏହାର ସଂସ୍ପର୍ଶରେ ଆସିବା ଦ୍ୱାରା ଅଗ୍ନି ବିପଦ ଏବଂ ଜୀବନ ପ୍ରତି ବିପଦ।

PR-89/CB/18-19 — ଉପ ମୁଖ୍ୟ ବିଦ୍ୟୁତ୍ ଯନ୍ତ୍ରୀ /ନିର୍ମାଣ/ଅନୁଗୋଳ

**GOVT. OF INDIA**
**MINISTRY OF FINANCE**
**DEPARTMENT OF FINANCIAL SERVICES**
**DEBTS RECOVERY TRIBUNAL**
**COURT OF THE RECOVERY OFFICER**
**Plot No.: C/71, Sector-7, CDA, Cuttack - 753014**
सत्यमेव जयते
FORM NO. ITCP-1

**NOTICE OF DEMAND TO THE CERTIFICATE DEBTORS**
(See Rule 2 of the Second Schedule as referred to in Section 29 of the Recovery of Debts due to Banks & Financial Institutions Act, 1993)

**R.P. No. 216/2017/CTC**
**(Arising out of OA No. 281 of 2009)**

**Next Date: 28.12.2018**

**AXIS Bank Ltd.,** Cuttack Branch, At: Badambadi, P.O.: Telenga Bazar, Town/Dist.: Cuttack, PIN-753009 **...Certificate Holder Bank**

**Vs.**

**Shri Subhranshu Kumar Jena & others ...Certificate Debtors**

**To,**
1. **Shri Subhranshu Kumar Jena,** S/o: Shri Sudhanshu Sekhar Jena, At: Plot No.: 132, Bapujee Nagar, P.O.: Bapujee Nagar, Bhubaneswar, Dist.: Khurda.
2. **Shri Alekh Charan Prusty,** S/o: Late Govinda Prusty, At: Hatasinghpur, G.P.: Kalana, Dist.: Jajpur.
3. **Smt. Kumarika Samal,** W/o: Shri Subhranshu Kumar Jena, At: Plot No.: 132, Bapujee Nagar, P.O.: Bapujee Nagar, Bhubaneswar, Dist.: Khurda.
7. **Shri Prafulla Kumar Basti,** S/o: Shri Pitabas Basti, Vill- Gola Sahi, G.P. Badasa, Dist.: Nayagarh.
8. **Shri Pramod Pandi,** Shri Kishore Chandra Pandi, Vill: Ward No.: 19 of C.M.C., P.S.: Purighat, Town/Dist.: Cuttack.
9. **Shri Krushna Chandra Roul,** S/o: Ganeswar Roul, At: Goutam Nagar, Bhubaneswar, Dist.: Khurda.
11. **M/s. National Bulk Handling Corporation Ltd.,** At: Bajrakabati Road, P.O.: Buxi Bazar, Town/Dist.: Cuttack (Represented by its Cluster Head)

Take notice that Certificate arising out of **OA No. 281 of 2009** issued by the Hon'ble Presiding Officer, Debts Recovery Tribunal, Cuttack under Section 19 (22) of the Recovery of Debts due to Banks and Financial Institutions Act, 1993 and forwarded to the undersigned for recovery of **Rs. 55,39,700.41 (Rupees Fifty Five Lac Thirty Nine Thousand Seven Hundred and Paise Forty One Only)** together with interest till realisation of the dues, cost, charges as per the certificate, the details of which are given below:

| | | | |
|---|---|---|---|
| 1. Decretal Dues | | :Rs. | 55,39,700.41 |
| 2. Cost allowed | (+) | :Rs. | 1,22,000.00 |
| 3. Interest @12% p.a with quarterly rests from 03.09.2009 to 16.11.2017 | | :Rs. | 90,88,581.37 |
| **Total** | | **:Rs.** | **1,47,50,281.78** |

(**Rupees One Crore Forty Seven Lac Fifty Thousand Two Hundred Eighty One and Paise Seventy Eight Only**) with Interest @12% p.a. with quarterly rests on the amount due from 17.11.2017 till realization of the entire Dues.

2. You are hereby directed to pay the above stated sum **within 15 (Fifteen) days** of the publication of this notice, failing which the recovery shall be made in accordance with the provisions contained in Chapter V of the Recovery of Debts due to Banks & Financial Institutions Act, 1993.
3. In addition to the aforesaid amount you will also be liable for all future interest, costs, charges and expenses incurred in respect of the service of this notice and of warrants and other processes etc. and of all the other proceedings taken for realising of arrears.
4. You are hereby directed to appear in person or through legal representative before the undersigned on **28.12.2018** and report the details of payment made by you.


Given under my hand & seal at Cuttack on this **15th day of November, 2018.**

**Sd/- (R. P. Patnaik)**
**Recovery Officer**









# ଅଙ୍ଗନୱାଡ଼ି କର୍ମୀ ସଂଘର ବୈଠକ

## ■ ଭୁବନେଶ୍ୱରଠାରେ ହେବାକୁ ଥିବା ଧାରଣାରେ ଭାଗ ନେବାକୁ ନିଷ୍ପତ୍ତି

**ପଟ୍ଟାମୁଣ୍ଡାଇ, ୪।୧୨ (ସ୍ୱ.ପ୍ର)**

ଭାରତୀୟ ମଜଦୁର ସଂଘ ଦ୍ୱାରା ପରିଚାଳିତ ଅଲ୍ ଓଡିଶା ଅଙ୍ଗନୱାଡି ଲେଡିଜ୍ ୱାର୍କସ ଆସୋସିଏଶନ ପକ୍ଷରୁ କେନ୍ଦ୍ରାପଡା ଜିଲା ପଟ୍ଟାମୁଣ୍ଡାଇ ଶାଖାର ଏକ ଜରୁରୀ ବୈଠକ ସ୍ଥାନୀୟ ହରପାର୍ବତୀ ମନ୍ଦିରଠାରେ ମଙ୍ଗଳବାର ଅପରାହ୍ନରେ ଅନୁଷ୍ଠିତ ହୋଇଥିଲା । ପୂର୍ବ ସଂଘର କେତେକ କର୍ମକର୍ତ୍ତା ସଂଘ ବିରୋଧୀ କାର୍ଯ୍ୟରେ ଲିପ୍ତ ଥିବା ନେଇ ବୈଠକରେ ଘୋର ଉଦ୍‌ବେଗ ପ୍ରକାଶ ପାଇଥିଲା । ଜିଲା ସଂଘ ସମ୍ପାଦିକା ପୁଷ୍ପଲତା ରଥଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ସଂଘ ବିରୋଧୀ କାର୍ଯ୍ୟରେ ଲିପ୍ତ ଥିବା କର୍ମକର୍ତ୍ତାମାନଙ୍କୁ ବହିଷ୍କାର କରିବା ପାଇଁ ଦାବି ହୋଇଥିଲା । ସର୍ବସମ୍ମତି କ୍ରମେ ସଂଘରୁ କେତେଜଣ କର୍ମକର୍ତ୍ତାଙ୍କୁ ବହିଷ୍କାର କରାଯାଇଥିଲା । ଏଥିସହିତ ସଂଘର ନୂତନ କର୍ମକର୍ତ୍ତା ନିର୍ବାଚନରେ ସଭାନେତ୍ରୀ ଭାବେ ଅରୁନ୍ଧତୀ ଲେଙ୍କା, ସମ୍ପାଦିକା ଭାବେ ନଳିନୀପ୍ରଭା ତ୍ରିପାଠୀ, କୋଷାଧ୍ୟକ୍ଷ ଭାବେ ଯୋଗବିଦ୍ୟା ଧଳଙ୍କୁ ମନୋନୀତ କରାଯାଇଥିଲା । ଏଥିସହିତ ଅଙ୍ଗନୱାଡି କର୍ମୀ ଓ ସହାୟିକାମାନଙ୍କ ସମ୍ମତି କ୍ରମେ କାର୍ଯ୍ୟକାରୀ କମିଟି ସଭ୍ୟାମାନଙ୍କୁ ମନୋନୀତ କରାଯାଇଥିଲା । ବୈଠକରେ ରତ୍ନରେଖା ରାଉତ, ସସ୍ମିତା ବେହେରା, ସନ୍ଧ୍ୟାରାଣୀ ସାହୁ, କଳ୍ପନା ରାଉତ, ଧରିତ୍ରୀ ଦାସ, ଚନ୍ଦନା ସ୍ୱାଇଁ, ଜୟନ୍ତୀ ଧଳ, ରଶ୍ମିତା ନାୟକ, ପୁଷ୍ପଲତା ରାଉତ, ଝୁମାଲତା ଦାସଙ୍କ ସମେତ ଶତାଧିକ କର୍ମୀ ଓ ସହାୟିକା ଯୋଗ ଦେଇଥିଲେ । ଆସନ୍ତା ୧୪ ତାରିଖରେ ଭୁବନେଶ୍ୱର ପିଏମଜି ଠାରେ ସଂଘ ପକ୍ଷରୁ ହେଉଥିବା ଧାରଣାରେ ବହୁ ସଂଖ୍ୟାରେ ଯୋଗ ଦେବା ପାଇଁ ନିଷ୍ପତ୍ତି ହୋଇଥିଲା ।



ଅଙ୍ଗନୱାଡି କର୍ମୀସଂଘର ନୂତନ କର୍ମକର୍ତ୍ତା ଓ ଅନ୍ୟମାନେ।

# ଭାଜପାର ଜନ ପରାମର୍ଶ ପଦଯାତ୍ରା

**ରାଜକନିକା, ୪।୧୨ (ଡି.ଏନ୍.ଏ.)**

ରାଜକନିକା ବ୍ଲକ ହାଟସାହି ପଞ୍ଚାୟତର ଅନ୍ନପୂର୍ଣ୍ଣା ପଡ଼ିଆରୁ ମଙ୍ଗଳବାର ଭାଜପାର ଜନ ପରାମର୍ଶ ପଦଯାତ୍ରା ଆରମ୍ଭ ହୋଇଛି। ଏହି ପଦଯାତ୍ରା ଅହମଦପୁର, ଦୂର୍ଗାଦେବୀପଡ଼ା, ଅବଦୁଲପୁର, ଚରପଡ଼ା ପଞ୍ଚାୟତର ଚରପଡା, କଣ୍ଠିଆହାଟ ପରିକ୍ରମା କରି କଣ୍ଠିଆଦୁର୍ଗା ଛକରେ ପହଞ୍ଚିଥିଲା। ମଣ୍ଡଳ ସଭାପତି କାର୍ତ୍ତିକ ଚନ୍ଦ୍ର ଦାଶଙ୍କ ନେତୃତ୍ୱରେ ଆୟୋଜିତ ଏହି ପଦଯାତ୍ରାରେ କର୍ମୀମାନେ ରାଜ୍ୟ ସରକାର ବିରୋଧୀ ନାରା ଦେବା ସହ କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ଲୋକଙ୍କ ସହ ଆଲୋଚନା କରିଥିଲେ। ପୂର୍ବତନ ବିଧାୟକ ଦୋଳଗୋବିନ୍ଦ ନାୟକ, ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ବ୍ରଜସୁନ୍ଦର ଭୂୟାଁ, ବରିଷ୍ଠ ନେତା ବିଶିକେଶନ ଦାସ, କର୍ଣ୍ଣରାଜ ବାରିକ, ଅଶୋକ ସାମଲ, ପରମାନନ୍ଦ ମଲିକ, ବିସ୍ତାରକ ତପନ ବିଶ୍ୱାଳ, ସଂଘମିତ୍ରା ବିଶ୍ୱାଳ, ପ୍ରୀୟଦର୍ଶିନୀ ନନ୍ଦ ପ୍ରମୁଖ ପଦଯାତ୍ରାରେ ସାମିଲ ହୋଇଥଲେ।

# ନୃସିଂହଟିକିରି ମଠରେ ଶ୍ରୀ କଳ୍ପତରୁ କଥାଯଜ୍ଞ

**କେନ୍ଦ୍ରାପଡା ଅଫିସ, ୪।୧୨**

ସହରର ମହିପାଳସ୍ଥିତ ନୃସିଂହଟିକିରି ମଠରେ ଶ୍ରୀକଳ୍ପତରୁ କଥାଯଜ୍ଞ ଗତ ୩ ତାରିଖଠାରୁ ଆରମ୍ଭ ହୋଇଛି। ୩ ତାରିଖରେ ପ୍ରବଚକ ମାନସ କୁମାର ଷଡ଼ଙ୍ଗୀ, ୪ରେ ତ୍ରିଜୀବ ଦାସ ଓ ଶ୍ରୀକାନ୍ତ ଦାସ ପ୍ରବଚନ ଦେଇଥିଲେ। ୫ ତାରିଖରେ ବିପିନ ବିହାରୀ ଦାସ ମହାରାଜ ଓ ସନ୍ତୋଷ ଚୈତନ୍ୟ ମହାରାଜ ପ୍ରବଚନ ଦେବେ। ମଠାଧୀଶ ହୃଷୀକେଶ ଦାସ ବାବାଜୀ, ରାଜକିଶୋର ପଟ୍ଟନାୟକ ଏହାକୁ ପରିଚାଳନା କରୁଛନ୍ତି। ଆସନ୍ତା ୬ତାରିଖରେ ନଗର ସଙ୍କୀର୍ତ୍ତନ ସହ ଉଦ୍‌ଯାପନୀ କାର୍ଯ୍ୟକ୍ରମ ହେବ।



# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଅଦିନ ଶାଗ କିଆରି**
**ଅଦିନ କକେଇ ଡାକି ଆଇଚିଲୋ**
**ମୁଁ ତୋର କୋଉ ଝିଆରୀ ?**

ସ୍ୱାର୍ଥାନ୍ୱେଷୀ ବ୍ୟକ୍ତି ପରିଚିତ ବା ସମ୍ପର୍କୀୟ ବ୍ୟକ୍ତିଙ୍କ ସହ ମଧ୍ୟ ବିନା ସ୍ୱାର୍ଥରେ ଦିନେ କାଳେ ସମ୍ପର୍କ ରଖି ନ ଥାନ୍ତି କି ପଚାରି ନ ଥାନ୍ତି। କିନ୍ତୁ ହଠାତ୍ କୌଣସି ସ୍ୱାର୍ଥସିଦ୍ଧିର ଆବଶ୍ୟକ ପଡ଼ିଲେ ନିଜକୁ ମାମୁ, ମାଇଁ, ମଉସା, ମାଉସୀ ବା ଦାଦାଖୁଡ଼ୀର ପରିଚୟ ଦେଇ ନିକଟତର ହେବାକୁ ଚେଷ୍ଟା କରନ୍ତି। ତାଙ୍କର ଏପରି ଆଚରଣରୁ କିଛି ଗୁପ୍ତ ଉଦ୍ଦେଶ୍ୟ ଥିବା ସ୍ପଷ୍ଟ ବୁଝା ପଡ଼ିଯାଇଥାଏ। ଏପରିସ୍ଥଳେ ସେମାନଙ୍କ ଲୋକଦେଖାଣିଆ ମିଛ ସମ୍ପର୍କ ପ୍ରତି ମନରେ ପ୍ରଶ୍ନ ଉଠିବା ସ୍ୱାଭାବିକ ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଅଢ଼େଇ ଦିନିଆ ଏ ସଂସାର**
**ପୁଅ କାହାର ବା ଝିଅ କାହାର ?**

ମିଛ ମାୟା ଭରା ଏ ସାରା ଦୁନିଆରେ କେହି ନୁହନ୍ତି ଆପଣାର। ପୁଅ ଝିଅ ଭଳି ସମସ୍ତ ସମ୍ପର୍କ ଏଠି ମିଛ ବା ତୁଚ୍ଛ। ସମସ୍ତେ ମାୟାରେ ବଶ। ଏହି ଅନିତ୍ୟ ସଂସାରରେ କେହି କାହାର ନୁହନ୍ତି ବୋଲି ଏଠାରେ ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ
-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା.ଲି.

# ରମାଦେବୀ ନର୍ସିଂ ସ୍କୁଲର ବାର୍ଷିକୋତ୍ସବ

**ପଟ୍ଟାମୁଣ୍ଡାଇ, ୪।୧୨(ସ୍ୱ.ପ୍ର)**

ଅସହାୟ ପୀଡିତ ଲୋକମାନଙ୍କ ମୁହଁରେ ହସ ଫୁଟାଇବା ହେଉଛି ସେବାର ମୁଖ୍ୟ ମାଧ୍ୟମ । ସେବାକୁ ଆପଣେଇ ନେଇଥିବା ସେବିକାମାନେ ନିଷ୍ଠାପର ଭାବେ କାର୍ଯ୍ୟ କଲେ ସମାଜରେ ଦୁଃଖ କଷଣ ଦୂରେଇ ଯିବ ବୋଲି ସୋମବାର ପଟ୍ଟାମୁଣ୍ଡାଇ ରମାଦେବୀ ନର୍ସିଂ ସ୍କୁଲର ୧୨ତମ ବାର୍ଷିକ ଉତ୍ସବରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି । ନର୍ସିଂ ସ୍କୁଲର ଅଧ୍ୟକ୍ଷା ସସ୍ମିତା ଜେନା ଆୟୋଜିତ ଉତ୍ସବରେ ଅଧ୍ୟକ୍ଷତା କରିଥିଲେ। ଉତ୍ସବରେ ମୁଖ୍ୟଅତିଥି ଭାବେ ସାହସପୁର କଲେଜର ଅବସରପ୍ରାପ୍ତ ଅଧ୍ୟକ୍ଷ ହରିଶ୍ଚନ୍ଦ୍ର ପୃଷ୍ଟି ମୁଖ୍ୟଅତିଥି, କେନ୍ଦ୍ରାପଡା କଲେଜ ଓଡିଆ ବିଭାଗ ଅଧ୍ୟାପକ ଈଶ୍ୱର ଚନ୍ଦ୍ର ପୃଷ୍ଟି ମୁଖ୍ୟବକ୍ତା ଭାବେ ଯୋଗ ଦେଇ କହିଥିଲେ ଯେ, ସେବା ମାଧ୍ୟମରେ ସମସ୍ତଙ୍କୁ ଆପଣାର କରିହେବ । ସେବିକା ନାଇଟଙ୍ଗେଲ ସେବା ମାଧ୍ୟମରେ ମାନବ ସମାଜକୁ ବାନ୍ଧି ରଖିଥିଲେ । ଏଣୁ ତାଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ଅତିଥିମାନେ କହିଥିଲେ ।

ପଟ୍ଟାମୁଣ୍ଡାଇ ଥାନା ଆଇଆଇସି ପ୍ରମୋଦ କୁମାର ମଲିକ, ପବ୍ଲିକ ସ୍କୁଲ ଅଧ୍ୟକ୍ଷା ସ୍ମିତାରାଣୀ ନାୟକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ବକ୍ତବ୍ୟ ରଖିଥିଲେ । ନର୍ସିଂ ସ୍କୁଲର ନିର୍ଦ୍ଦେଶକ ପ୍ରଭାସ କୁମାର ଧଳ ସ୍ୱାଗତ ଭାଷଣ ଦେଇଥିଲେ । କାଦମ୍ବିନୀ ପ୍ରିୟଦର୍ଶିନୀ ବାର୍ଷିକ ବିବରଣୀ ପ୍ରଦାନ କରିଥିଲେ । ଏହି ଅବସରରେ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା । ଶେଷରେ ସସ୍ମିତା ପାଣି ଧନ୍ୟବାଦ ଅର୍ପଣ କରିଥିଲେ । ନର୍ସିଂ ସ୍କୁଲ ଓ ପବ୍ଲିକ ସ୍କୁଲର ଛାତ୍ରୀଛାତ୍ରମାନେ ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ । ଏହି ଉତ୍ସବରେ ଅଭିଭାବକ, ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ସମେତ ବହୁ ଦର୍ଶକ ଉପସ୍ଥିତ ଥିଲେ।




ବାର୍ଷିକୋତ୍ସବରେ ଉପସ୍ଥିତ ଅତିଥିମାନେ।


**OFFICE OF THE EXECUTIVE ENGINEER**
**BALANGIR (R&B) DIVISION, BALANGIR**
Email : eepwd.bgr@rediffmail.com, eepwd.bgr@gmail.com, Ph.No. 06652-232374

**CANCELLATION OF WORK**

**Bid Identification No. BGR R&B / 14/ 2018-19**
**Letter No. 4408/ Dtd. 13.11.2018**
**Tender ID Nos. 2018_EICCL_50941_2**
**No. 4683/ Date. 30.11.2018**

No. 969-B

The works in Sl. No. 02 "Construction of approach road to Reserve Police Colony at Balangir District head quarters." In Bid Identification No. BGR R&B /14/ 2018-19 is hereby cancelled on technical ground.

Sd./- Executive Engineer,
Balangir (R&B) Division, Balangir

34028/11/0044/1819



**+PILES CLINIC+**
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
☎ 0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD
GAMS (PATNA)
DR. PREM KUMAR
BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
☎ 0674 - 2581337, 9437301790



**OFFICE OF THE SUPERINTENDENT,**
**SAHEED LAXMAN NAYAK MEDICAL COLLEGE AND HOSPITAL, KORAPUT**

Letter No. 1663 Dt. 01.12.2018

**NOTICE**

620-E

Sub- Provisional list of Paramedical Staff.

Candidate who have applied for the post of Laboratory Technician & Radiographer vide this office Advt. No. 1330, Dt.30.10.2018 are hereby requested to visit the Koraput Dist. Website www.koraput.nic.in to invite objections on the provisional list. They are requested to submit their objections on provisional list if any in the given prescribed format before 08.12.2018 by 5.00PM. No objections will be entertained beyond the stipulated time period. Final Merit list will be published in the website for appointment later.

*Sd./- Superintendent*
*SLNMCH, Koraput*

10121/11/0028/1819



**ZILLA SWASTHYA SAMITI, KHORDHA**
**DISTRICT PROGRAMME MANAGEMENT UNIT**
**NATIONAL HEALTH MISSION**

Advt. No. 14039/NHM/2018 Date: 03.12.2018

**NOTICE INVITING BID**
**FOR EQUIPMENT, AIDS & DRUGS FOR DEIC (RBSK) O/O CDM&PHO, KHORDHA**

**No. 623-E:-** Bids are invited from eligible firms / company / agency / suppliers /distributors to supply the Equipments, Aids & Drugs to DEIC, RBSK Khordha. The bid document with all information relating to the bidding process including the cost of bid document, EMD, Eligibility criteria and terms & conditions are available in the district website: www.khordha.nic.in. The last date of submission of bid is on or before 26.12.2018 by 4PM to the O/o-CDM&PHO, Khordha through Speed Post / Regd. Post / Courier only. The undersigned reserves the right to cancel any or all the bids without assigning any reason thereof.

*Sd./- Chief District Medical & Public Health Officer, Khordha*

10029/11/0034/1819



**ZILLA SWASTHYA SAMITI, SUNDARGARH**
**DISTRICT PROGRAMME MANAGEMENT UNIT, NHM**
**O/o CDM & PHO, SUNDARGARH, DIST.- SUNDARGARH**

Advertisement No. 5412 Date: 01.12.2018

**NOTICE**

**No. 616-E:-** Applications are invited from the contractual employees of NHM working in the same post under OSH & FW Society in other districts, desiring to be posted in SUNDARGARH District against the category of posts mentioned below:-

| Sl. No. | Name of the Post | No. of Vacancy |
|---|---|---|
| 1. | Block Programme Manager | 01 |
| 2. | Block Accounts Manager/Accountant | 04 |

Interested in-house candidates of NHM only are requested to apply in the prescribed format with NOC and experience certificate issued by concerned CDM & PHO. Selection shall be made on the highest length of incumbency in the same post under OSH&FW Society. The application format & other details can be obtained from the district website www.sundergarh.nic.in and the application should reach to the Office of the Chief District Medical & Public Health Officer, Sundargarh, PIN-770001 by dt.13th December 2018 upto (5.00PM) through REGISTERED / SPEED POST only. Envelopes containing applications must be superscribed in bold letter for the post applied for. Applications received after due date will be rejected and the undersigned is not responsible for any postal delay. Vacancies shown above are provisional and subject to change during the time of posting. Incomplete application in any form is liable for rejection. The undersigned reserves the right to accept / reject any application and modify / cancel the advertisement without assigning any reason thereof. Status of the selection process will be web hoisted in the District website and no personal query will be entertained.

*Sd./-*
*Chief District Medical & Public Health Officer -cum-District Mission Director, Sundargarh*

10100/11/0068/1819



**ଜିଲ୍ଲା ପ୍ରକଳ୍ପ କାର୍ଯ୍ୟାଳୟ**
**ଶିକ୍ଷା ଅଧିକାର, ସର୍ବ ଶିକ୍ଷା ଅଭିଯାନ**
**ଶିକ୍ଷା ସଦନ, କୋରାପୁଟ- ୭୬୪୦୨୦**

ଫୋନ: (୦୬୮୫୨)-୨୫୨୪୨୧(କାର୍ଯ୍ୟାଳୟ), ୨୫୨୮୫୭(ଏମଆଇଏସ),
ଇମେଲ: dpckoraputssa.opepa@nic.in, grievancessakpt@gmail.com

**ବିଜ୍ଞାପନ**

ବିଜ୍ଞାପନ ସଂଖ୍ୟା: ୪୩୬୭/ ୨୦୧୮ V. Estt. 109/18 ତା: ୦୧।୧୨।୨୦୧୮

**No.63-n:-** ଏହି କାର୍ଯ୍ୟାଳୟ ବିଜ୍ଞାପନ ସଂଖ୍ୟା ୪୩୪୯ ତା: ୩୦।୧୧।୨୦୧୮ ରିଖ ପ୍ରତି ଦୃଷ୍ଟି ଆକର୍ଷଣ ପୂର୍ବକ, ସର୍ବସାଧାରଣ ଓ ବର୍ତ୍ତମାନ ଚିଠାଯୋଗ୍ୟ ତାଲିକାରେ ନାମ ରହିଥିବା ସମସ୍ତ ପ୍ରାର୍ଥୀ ଓ ପ୍ରାର୍ଥିନୀ +2 CT (Science & Arts) ଓ +3 B.Ed (Science & Arts)ଙ୍କ ଅବଗତ ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ନିଯୁକ୍ତି ସ୍ଥାନ ଚୟନ ପ୍ରକ୍ରିୟା (Counseling) ଆସନ୍ତା ତା: ୦୭।୧୨।୨୦୧୮ ରିଖ ପୂର୍ବାହ୍ନ ୧୦.୦୦ ଘଟିକା ସମୟରୁ ଜିଲ୍ଲା ପ୍ରକଳ୍ପ କାର୍ଯ୍ୟାଳୟ, ସର୍ବ ଶିକ୍ଷା ଅଭିଯାନ, କୋରାପୁଟ ଠାରେ ଅନୁଷ୍ଠିତ ହେବ। ପ୍ରସ୍ତାବିତ ନିଯୁକ୍ତି ସ୍ଥାନ ଚୟନ ପ୍ରକ୍ରିୟା (Counseling) ଦିନ ଓ ସମୟରେ ସମସ୍ତ ପ୍ରାର୍ଥୀ ଓ ପ୍ରାର୍ଥିନୀ ଉପସ୍ଥିତ ରହି ସ୍ଥାନ ଚୟନ ସହ ନିମ୍ନଲିଖିତ ପ୍ରମାଣପତ୍ର (Photocopies of Certificates) ଗୁଡ଼ିକର ନକଲ ଓ ଦୁଇଟି Passport size Photo ପ୍ରାଧିକୃତ ଅଧିକାରୀଙ୍କ ନିକଟରେ ଦାଖଲ କରିବେ ଓ ମୂଳ ଯୋଗ୍ୟତା ପ୍ରମାଣପତ୍ର (Original Certificates) ସହ ଯାଞ୍ଚ କରାଇନେବେ। ଏଥିରେ କୌଣସି ବ୍ୟତିକ୍ରମ ଯେପରି ନ ହୁଏ ସେଥିପ୍ରତି ସଜାଗ ରହିବେ।

ସ୍ୱା./- ଜିଲ୍ଲା ପ୍ରକଳ୍ପ ସଂଯୋଜକ
ଶିକ୍ଷା ଅଧିକାର-ସର୍ବ ଶିକ୍ଷା ଅଭିଯାନ, କୋରାପୁଟ

**DOCUMENTS REQUIRED TO BE SUBMITTED IN CRONOLOGICAL ORDER FOR VERIFICATION WITH ORIGINAL CERTIFICATES (For +2 CT Science & Arts Candidates) on 07.12.2018**

1. Application form (downloaded at the time of application), 2. HSC Certificate, 3. HSC Mark Sheet, 4. +2 Certificate, 5. +2 Mark Sheet (All semester), 6. Training Qualification Certificate, 7. Trainign qualification Mark Sheet, 8. +3 Certificate, 9. +3 Mark Sheets (if passed), 10. OTET pass certificate, 11. Recent Caste Certificate issued by competent authority, 12. Recent Residence Certificate issued by competent authority. 13. Valid Employment Exchange Registration Certificate, 14. 02 Nos. of recent color Passport size photograph, 15. Proof of identification (Aadhaar/ DL/Voter ID/PAN), 16. Equivalency certificate in case of certificates from Boards / Universities other than Odisha Board / Universities, 17. RCI registration certificate in case of special education Training.

**27035/11/0023/1819**



# CLASSIFIED DISPLAY

ALL EDITION-B/W (Every Day) For Booking Contact: 0674-2580385, 7894447131, 7894447148, 9437038266, 7894447166

Get Instant Cash against Gold, Sell Your Gold at 100% Market Value
**GOLD CASH LTD**
(an ISO 9001:2015 Certified Company)
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ ମୂଲ୍ୟରେ ନେବା ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ୍ ମୂଲ୍ୟରେ।
WWW.GOLDCASH.CO
9090902555, 9090903555
Toll Free: 1800-120-3430
Branches: Bhubaneswar, Cuttack, Bhadrak, Rourkela & Berhampur

**BALADEV FINANCE**
ଓଡ଼ିଶାର ସମସ୍ତ ଜିଲ୍ଲା ପାଇଁ Personal, Business, Home, Certificate, Property, କୃଷି ଓ ଶିକ୍ଷା ପାଇଁ ସମସ୍ତ ପ୍ରକାର loan Baladev Finance ଦ୍ୱାରା ଯୋଗାଇ ଦିଆଯାଉଛି।
ସୁଧ ୨%
M: 7750923286
7750921101

**ମୁଦ୍ରିକା ଫାଇନାନ୍ସ ଲୋନ**
ଏଜେଣ୍ଟ ଏବଂ ଡିଲରଶିପ୍ ସୁଧ 2% ଛାଡ଼, 40% ସହଜ କିସ୍ତିରେ କମ୍ପାନୀଠୁ ସମସ୍ତ ପ୍ରକାରର ଲୋନ ପ୍ରାପ୍ତ କରନ୍ତୁ।
7055500110
7351444489
ବାଲେଶ୍ୱର- 7088008550
କଟକ- 7618439473
ଯାଜପୁର- 7055111132
ସୁନ୍ଦରଗଡ଼- 8057447508

**FINANCE**
Mahalaxmi Credit Services
Bank ଯଦି ଋଣ ଦଉନୀ ତାହେଲେ ଆମ କମ୍ପାନୀ ଠାରୁ ମାର୍କସିଟ, ଆଧାରକାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ, BPL ଋଣ ପାଆନ୍ତୁ 25 ଲକ୍ଷ୍ୟ ପର୍ଯ୍ୟନ୍ତ। ବାର୍ଷିକ 4% ସୁଧ 35% ଛାଡ । ଘରେ ବସି ପାଆନ୍ତୁ
website- mahalaxmicreditservices.com
Lane No - 5, MG Road, Bangalore
9105689469
8395030162

ମୁଦ୍ରା ପ୍ରୋତ୍ସାହନ ଯୋଜନା ଅଧୀନରେ !!! ଋଣ ଉପରେ ଋଣ !!! ମାର୍କଶିଟ୍, ପର୍ସନାଲ, କୃଷି, ଲଘୁ ଉଦ୍ୟୋଗ ଋଣ !!! ମହିଳା ଗ୍ରୁପ୍, ବିକଳାଙ୍ଗଙ୍କ ପାଇଁ ବିଶେଷ ରିହାତି !!! ପ୍ରକ୍ରିୟାକରଣ ୨ କାଗଜ ଉପରେ !!! ୨% ସୁଧ, ୪୦% ସବ୍‌ସିଡି !!! ଗ୍ରୁପ୍ ଫାଇଲ୍ ଉପରେ ୨% କମିଶନ।
8376930370
7840058835
H.No.-258, VPO Duhai, Ghaziabad, (U.P.) 201203

**BUSINESS**
ଖାଲିଥିବା ଜମି ଓ ଛାତ ଉପରେ ଗ୍ୟାଲେକ୍ସୀ ଗ୍ରୁପର ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ । ଆଜି ହିଁ ସମ୍ପର୍କ କରନ୍ତୁ
Plot No - 114/617, Devaraja Mohalla, Bangalore, Karnataka 570001
Call / SMS Now
8697980580

**କୁବେର ଫାଇନାନ୍ସ**
ମୁଖ୍ୟମନ୍ତ୍ରୀ ଯୋଜନା ଦ୍ୱାରା ସବୁ ଋଣ ଘରେ ବସି 24 ଘଣ୍ଟାରେ ପାଆନ୍ତୁ। ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ବିପିଏଲ୍, ମହିଳା ଗ୍ରୁପ୍ ଋଣ 0% ସୁଧ, 35% ସବ୍‌ସିଡି।
Helpline
18002126755
08802683947
Dist: Khargaon, Madhyapradesh

**T.C.F. FINANCE**
(Govt. Registered)
ଋଣ ମାତ୍ର 6 ଘଣ୍ଟାରେ । ନୋ ଫାଇଲ ଚାର୍ଜ, ବିନା ଗ୍ୟାରେଣ୍ଟର ମାର୍କଶିଟ୍ ଋଣ (ସାର୍ଟିଫିକେଟ୍), ପ୍ରପର୍ଟି, ପର୍ସନାଲ, ଗୃହଋଣ, 0% ସୁଧ, 50% ରିହାତି। (ଠକମାନଙ୍କ ପ୍ରତି ସାବଧାନ)
08859668407
୩୯, ପଟେଲ ନଗର, ଆଶିକ ସାହାରନପୁର ରୋଡ୍, ଡେରାଡୁନ୍ - ୨୪୫୦୦୧

**LOAN**
ଆପଣ ବେରୋଜଗାରିଆ କି? ଏବେ ଓଡ଼ିଶାରେ ପ୍ରଥମ ଥର ପାଇଁ ମୁଦ୍ରା ଯୋଜନାରେ ଗ୍ରାହକମାନଙ୍କୁ କମ୍ ସୁଧରେ ୫୦ ହଜାରରୁ ୫ ଲକ୍ଷ ପର୍ଯ୍ୟନ୍ତ ଋଣ ଯୋଗାଇ ଦିଆଯାଉଛି। ଡକ୍ୟୁମେଣ୍ଟ Email:- fileodisha@gmail.com ରେ ପଠାଇ ପାରିବେ।
7991052261
7991052595
405 D, Gandhi Marg, Mumbai-02

**LOAN**
ଓଡ଼ିଶାର ସମସ୍ତ ଜିଲ୍ଲା ପାଇଁ ବ୍ୟକ୍ତିଗତ, କୃଷି, ଶିକ୍ଷା, ମାର୍କସିଟ୍, ବ୍ୟବସାୟ ଓ ମହିଳା ଗ୍ରୁପ୍‌କୁ SAMRUDHI FINANCEରୁ ଋଣ ଯୋଗାଇ ଦିଆଯାଉଛି।
B-19, Tower No-9, New Moti Bagh, New Delhi-110021
8658167603
7064382081

ଟଙ୍କା ନେଉନ୍ତୁ, ଧୋକା ଦେଉନ୍ତୁ
**MUDRA FINANCE**
ଆଗେ କାମ - ପରେ ଦାମ
ପର୍ସନାଲ, ପ୍ରପର୍ଟି ମାର୍କଶିଟ୍, ବ୍ୟବସାୟ ଯାନବାହନ, ଆଧାରକାର୍ଡ ରାଶନ କାର୍ଡ ସମସ୍ତ ଋଣ
2% ସୁଧ - 40% ରିହାତି
ଘରେ ବସି ଉପଲବ୍ଧ
7078300380
Ram Nagar, Narnel, Haryana

ସରକାରୀ ଜନଧନ ଯୋଜନା ଅଧୀନରେ
**DHANLAXMI FINANCE PVT. LTD.**
(Regd. No.- 004554MH)
ଦ୍ୱାରା ସରକାରୀ ବ୍ୟାଙ୍କରୁ ମାର୍କଶିଟ୍, ପ୍ରପର୍ଟି, ଆଧାରକାର୍ଡ, ରାଶନକାର୍ଡ, ପର୍ସନାଲ , ଗ୍ରୁପ୍ ଋଣ ଏବଂ ସମସ୍ତ ଋଣ କେବଳ 24 ଘଣ୍ଟାରେ ପାଆନ୍ତୁ । 2% ସୁଧ 50% ରିହାତି
Helpline Number
9499218982
Goudunipokhari, Pharsibandha, Bhadrak, Odisha - 756132

**କେମିତି ମଦ ଛାଡ଼ିବେ**
ଆସକ୍ତ ବ୍ୟକ୍ତିଙ୍କୁ ନ ଆଣି ଏବଂ ନ ଜଣାଇ। ସମୟ ପୂର୍ବାହ୍ନ ୧୦ ଘଟିକାରୁ ଅପରାହ୍ନ ୨ ଘଟିକା
ବାଲେଶ୍ୱର: ପ୍ରତିମାସ ୧ ଓ ୧୫, ହୋଟେଲ କଳିଙ୍ଗ, ଷ୍ଟେଶନ ଗୋଲେଇ। ଭଦ୍ରକ: ୨ ଓ ୧୬, ହୋଟେଲ ବ୍ଲୁଭାଇନ୍, ରାଜଘାଟ ଛକ। ଯାଜପୁର: ୩ ଓ ୧୭, ହୋଟେଲ ଭୀମସେନ ପ୍ୟାଲେସ୍, ଗୋପବନ୍ଧୁ ଛକ, ଯାଜପୁର ରୋଡ୍। କଟକ: ୪ ଓ ୧୮, ହୋଟେଲ ମା ମଙ୍ଗଳା, ବାଦାମବାଡ଼ି, ବସ୍‌ଷ୍ଟାଣ୍ଡ ନିକଟ। ଭୁବନେଶ୍ୱର: ୫ ଓ ୧୯ ହୋଟେଲ ଟ୍ରାଇଡେଣ୍ଟ (ଲଜ୍) ବଡ଼ଜେନା କମର୍ସିଆଲ୍ କମ୍ପ୍ଲେକ୍ସ, ୧୩୮, ଅଶୋକ ନଗର, ୟୁନିଟ୍-୨। ପୁରୀ: ୬ ଓ ୨୦, ହୋଟେଲ ପାରାଡାଇଜ୍, ଗ୍ରାଣ୍ଡ ରୋଡ୍, ବଡ଼ଦାଣ୍ଡ ନିକଟ। ବାରିପଦା: ୭ ଓ ୨୧, ହୋଟେଲ ଗଣେଶ, ଗଣେଶ ମାର୍କେଟ। ସମ୍ବଲପୁର: ପ୍ରତିମାସ ୮ ଓ ୨୨, ହୋଟେଲ ସୁଜାତା, ଭି.ଏସ୍.ଏସ୍. ମାର୍ଗ, ବସ୍ ଷ୍ଟାଣ୍ଡ ନିକଟ। ରାଉରକେଲା: ପ୍ରତିମାସ ୯ ଓ ୨୩, ହୋଟେଲ ଶ୍ୟାମ, ବିସ୍ରା ରୋଡ୍, ରେଳ ଷ୍ଟେଶନ ନିକଟ। ପାରାଦୀପ: ପ୍ରତିମାସ ୮ ଓ ୨୨, ହୋଟେଲ ଆରିଷ୍ଟୋକ୍ରାଟ୍। କେନ୍ଦ୍ରାପଡ଼ା: ପ୍ରତିମାସ ୯ ଓ ୨୩, ହୋଟେଲ ଗୋଲ୍ଡେନ୍ ପ୍ୟାଲେସ, ବସ୍ ଷ୍ଟାଣ୍ଡ ନିକଟ। କେନ୍ଦୁଝର: ପ୍ରତିମାସ ୧୦ ଓ ୨୪, ହୋଟେଲ ବରାଳ, ବସ୍ ଷ୍ଟାଣ୍ଡ ନିକଟ। ଝାରସୁଗୁଡ଼ା: ୧୦ ଓ ୨୪, ହୋଟେଲ ଉପହାର, ଏମ୍.ବି. ରୋଡ୍। ଅନୁଗୋଳ: ୧୧ ଓ ୨୫, ହୋଟେଲ ଶାନ୍ତି, ବସ୍ ଷ୍ଟାଣ୍ଡ ନିକଟ। ବ୍ରହ୍ମପୁର: ୧୨ ଓ ୨୬, ହୋଟେଲ ଲେକଭ୍ୟୁ, ରାମ ଲିଙ୍ଗ ଟ୍ରଙ୍କ ରୋଡ୍। ଭବାନୀପାଟଣା: ୧୩ ଓ ୨୭, ରବି ଲଜ୍, ଗାନ୍ଧୀ ଚୌକ। ବରଗଡ଼: ୧୪ ଓ ୨୮, ହୋଟେଲ ଓରିଏଣ୍ଟାଲ, କେନାଲ ଆଭେନ୍ୟୁ ନିକଟ। ଫୁଲବାଣୀ: ପ୍ରତିମାସ ୧୨ ତାରିଖ, ହୋଟେଲ ରାଜ କମଲ। ନୟାଗଡ଼: ପ୍ରତିମାସ ୧୧ ତାରିଖ, ହୋଟେଲ ତ୍ରିନାଥ, ଦିଘା ରୋଡ୍। ପୂଜା ହେଲ୍‌ଥ ସେଣ୍ଟର
ଶ୍ୱାସରୋଗ, ଗଣ୍ଠି ଯନ୍ତ୍ରଣା, ଅର୍ଶ, ଓଜନ ବୃଦ୍ଧି ପାଇଁ ପ୍ରଭାବୀ ଔଷଧ।

**ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ**
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଚ୍ୟାଲେଞ୍ଜ
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଳେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

**M. GROUP FINANCE CO.**
DIWALI OFFER
(Govt. Approved)
- Personal Loan
- Business Loan
- Salary Slip Loan
- Marksheet Loan
2% Interest, ମହିଳାଙ୍କ ପାଇଁ 50% subsidy
Balasore, Ganjam, Dhenkanal, Delhi
9650189261
9718741868
Block Chack, Balasore-756027

**Shri Ram Finance**
ସେବା ସମିତି ଋଣ ଅଫର୍
ପିଏମ୍ ଋଣ ଯୋଜନା ଅଧୀନରେ 5 ଘଣ୍ଟାରେ ସବୁ ପ୍ରକାର ଋଣ ପାଆନ୍ତୁ । ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ବିପିଏଲ୍ କାର୍ଡ । ବେରୋଜଗାର, ମହିଳା ଗ୍ରୁପ୍ ଋଣ ପାଆନ୍ତୁ 2% ସୁଧ 40% ସରକାରୀ ସବ୍‌ସିଡି।
Helpline Numbers
9996568749
7497026992
Kutasingha, Tentuligaon, Bolangir, Orissa 767068

ନୂଆବର୍ଷର ଶୁଭ ଅବସରରେ
**GANAPATI FINANCE**
ଦ୍ୱାରା ଆଧାରକାର୍ଡ, ମାର୍କଶିଟ୍, ଗୃହ, ପର୍ସନାଲ, ବ୍ୟବସାୟ
ସମସ୍ତ ଋଣ ମାତ୍ର 4 ଘଣ୍ଟାରେ
1% ସୁଧ - 50% ରିହାତି
ମହିଳା / ସରକାରୀ କର୍ମଚାରୀଙ୍କ ପାଇଁ ରିହାତି
ଦ୍ରଷ୍ଟବ୍ୟ: ଆମର ଅନ୍ୟ କୌଣସି ଶାଖା ନାହିଁ
ଯୋଗାଯୋଗ: ସୁନିତା
8860416623, 8860412564
168, Sector 30, Jagatpura, Jaipur (Rajasthan)

ଭାରତର ନଂ.1 କମ୍ପାନୀ
**HI-TECH TOWER**
(GOVT. REGD.)
ଡିଜିଟାଲ ଉପକରଣ ଜମି, ଛାତ, ପ୍ଲଟ୍ କ୍ଷେତରେ ଲଗାନ୍ତୁ
ପାଆନ୍ତୁ 60 ଲକ୍ଷ ଅଗ୍ରିମ + ଭଡ଼ା 40 ହଜାର + 20,000/-ର ପ୍ରୋତ୍ସାହନ + ବାଇକ୍ + ଜୀବନ ବୀମା
(ଠକମାନଙ୍କ ପ୍ରତି ସାବଧାନ)
08818956614
09753490869
#908, Dhiman Line, Yamuna Nagar, Haryana.

**ପାଠକଙ୍କ ପାଇଁ ସୂଚନା:**
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

TARIFF — MORE SPACE • SAME PRICE

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6×4 | 12×4 | 6×4 | 12×4 | 6×4 | 12×4 | 6×4 | 12×4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

* GST 5% Extra

## ସଂକ୍ଷେପରେ

### ନିଆଳ ହାଟରେ ବୋମା ମାଡ଼ ଘଟଣାସ୍ଥଳରୁ ୨ ଜୀବନ୍ତ ବୋମା ଜବତ

ଆଳି, ୪।୧୨ (ଡି.ଏନ୍.ଏ.)-ଆଳି ବ୍ଲକ ନିଆଳ ହାଟସ୍ଥିତ ସେସୁ କାର୍ଯ୍ୟାଳୟ ଆଗରେ ମଙ୍ଗଳବାର ରାତିରେ ପ୍ରାୟ ସାଢ଼େ ୧୦ଟା ବେଳେ ବୋମା ମାଡ ହୋଇଛି। ଏହାପରେ ସ୍ଥାନୀୟ ଅଞ୍ଚଳରେ ଭୟର ବାତାବରଣ ଦେଖାଦେଇଛି। ଏକ ବାଇକରେ ୨ଜଣ ଯୁବକ ଆସି ସେସୁ କାର୍ଯ୍ୟାଳୟ ଆଗରେ ଦୁଇଟି ବୋମା ମାଡ଼ କରି ପଟ୍ଟାମୁଣ୍ଡାଇ ଆଡ଼କୁ ଦ୍ରୁତ ଗତିରେ ଚାଲିଯାଇଥିଲେ। ଶବ୍ଦ ଶୁଣି ଲୋକମାନେ ସେଠାରେ ରୁଣ୍ଡ ହେବା ସହ ପୋଲିସକୁ ଖବର ଦେଇଥିଲେ। ଆଳି ଥାନା ଆଇଆଇସି ମହେଶ୍ୱର ସେଠୀ ଓ ଏଏସ୍ଆଇ ପ୍ରମୋଦ ସେଠୀ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ସହ ନିଆଳ ହାଟସ୍ଥିତ ଏକ ଦୋକାନ ଆଗରୁ ଆଉ ଦୁଇଟି ଜୀବନ୍ତ ବୋମାକୁ ଉଦ୍ଧାର କରିଛନ୍ତି। ବୋମାମାଡ଼ର ପ୍ରକୃତ କାରଣ ଜଣାପଡିନାହିଁ। ତେବେ ବିଳମ୍ବିତ ରାତି ଯୋଗୁ ସମସ୍ତ ଦୋକାନ ବଜାର ବନ୍ଦ ଥିବାରୁ ଏଥିରେ କେହି ମୃତାହତ ହୋଇ ନଥିବା ଜଣାପଡିଛି।

### ୬ ରେ ଦ୍ୱିତୀୟ ସ୍ୱଦେଶୀ ମେଳା



କେନ୍ଦ୍ରାପଡ଼ା ଅଫିସ, ୪।୧୨: ସହରର ଟେଲିକମ୍ ଗ୍ରାଉଣ୍ଡରେ ଆସନ୍ତା ୬ରୁ ୧୬ ତାରିଖ ପର୍ଯ୍ୟନ୍ତ ସ୍ୱଦେଶୀ ମେଳା ଅନୁଷ୍ଠିତ ହେବ। ଏଥିରେ ଦେଶର ୬୦ରୁ ଉର୍ଦ୍ଧ୍ୱ କ୍ଷୁଦ୍ର ଓ ମଧ୍ୟମ ସ୍ୱଦେଶୀ ଉତ୍ପାଦନକାରୀ ଯୋଗଦେଇ ସେମାନଙ୍କ ଉତ୍ପାଦିତ ଜିନିଷ ପ୍ରଦର୍ଶନୀ ସହିତ ବିକ୍ରୟ କରିବେ। ଏହି ମେଳା ଅବସରରେ ପ୍ରତ୍ୟେକ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ, ବିଭିନ୍ନ ପ୍ରତିଯୋଗିତା ସହ କେନ୍ଦ୍ରାପଡ଼ାର ସାମାଜିକ, ସାଂସ୍କୃତିକ, ଅର୍ଥନୈତିକ, କୃଷି, ନିଯୁକ୍ତି ସମସ୍ୟାର ସମାଧାନ ପାଇଁ ଆଲୋଚନା ଚକ୍ର ଅନୁଷ୍ଠିତ ହେବ। ଏ ସମ୍ପର୍କରେ ସହରର ଗୋବିନ୍ଦଜୀଉ ମନ୍ଦିର ପରିସରରେ ମଙ୍ଗଳବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ସ୍ୱଦେଶୀ ଜାଗରଣ ମଞ୍ଚର ପ୍ରାନ୍ତ ସଂଗଠକ ନିର୍ମଳ ଷଡ଼ଙ୍ଗୀ, ମେଳା ସଂଯୋଜକ ଅମୃତ ମହାନ୍ତି, ରାଜକିଶୋର ନାୟକ, ଅକ୍ଷୟ ସେନାପତି ପ୍ରମୁଖ ସୂଚନା ଦେଇଛନ୍ତି।

### ତରଡ଼ିପାଳ ହାଇସ୍କୁଲରେ ବନ୍ଧୁ ମିଳନ

ପଟ୍ଟାମୁଣ୍ଡାଇ, ୪।୧୨ (ସ୍ୱ.ପ୍ର)-ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ତରଡିପାଳ ହାଇସ୍କୁଲର ୧୯୯୪ ମାଟ୍ରିକ୍ ବ୍ୟାଚ୍ ଛାତ୍ରୀଛାତ୍ରଙ୍କ ପକ୍ଷରୁ ଏକ ବନ୍ଧୁ ମିଳନ ଉତ୍ସବ ରବିବାର ଅନୁଷ୍ଠିତ ହୋଇଥିଲା । ହାଇସ୍କୁଲର ପୂର୍ବତନ ପ୍ରଧାନ ଶିକ୍ଷକ ରମାକାନ୍ତ ରାଉତ ଉତ୍ସବରେ ପୌରୋହିତ୍ୟ କରିଥିଲେ । ଏଥିରେ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକ ଶୁଭ୍ରାଂଶୁ ଦାସ, ବ୍ରାହ୍ମଣୀ କଲେଜର ପୂର୍ବତନ ଅଧ୍ୟକ୍ଷ ନିର୍ମଳ ଚନ୍ଦ୍ର ବିଶ୍ୱାଳ, ଶିକ୍ଷାବିତ୍ ରାଜ କୁମାର ବିଶ୍ୱାଳ, ସ୍କୁଲର ପ୍ରଧାନ ଶିକ୍ଷକ ପ୍ରଫୁଲ୍ଲ କୁମାର ପାତ୍ର, କପିଳ ଚରଣ ପଣ୍ଡା, ପର୍ଶୁରାମ ବିଶ୍ୱାଳ, କାଙ୍ଗାଳି ଚରଣ ଦାସ, ସୁବାଷ ମଜୁମଦାର, ସିଆରସିସି ସୁଦର୍ଶନ ପତି, କ୍ରୀଡ଼ା ଶିକ୍ଷକ ସୁଶୀଲ ବିଶ୍ୱାଳ, କବି ନୃସିଂହ ରାଉତ, ବିଚିତ୍ର ସାମଲ ଓ ସୁକାନ୍ତି ନାଥଶର୍ମା ପ୍ରଭୃତି ଶିକ୍ଷୟିତ୍ରୀ ଓ ଶିକ୍ଷକମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ସମ୍ବର୍ଦ୍ଧିତ ଶିକ୍ଷକମାନେ ପୁରାତନ ଛାତ୍ରୀଛାତ୍ରମାନଙ୍କର ଏଭଳି କାର୍ଯ୍ୟକ୍ରମକୁ ସ୍ୱାଗତ କରିଥିଲେ । ଦୀର୍ଘ ୨୪ ବର୍ଷ ପରେ ପୁରାତନ ଛାତ୍ରୀଛାତ୍ରମାନେ ଏହି ବନ୍ଧୁ ମିଳନ ଉତ୍ସବରେ ପାଠପଢା ବେଳର ସ୍ମୃତିଚାରଣ କରି ପରସ୍ପର ମଧ୍ୟରେ ଭାବ ବିନିମୟ କରିଥିଲେ । ଏହି ଉତ୍ସବକୁ ପୁରାତନ ଛାତ୍ର ଶିବ ଶଙ୍କର ବିଶ୍ୱାଳ ସଂଯୋଜନା କରିଥିଲେ । ରଶ୍ମି ରଞ୍ଜନ ଶର୍ମା, ଚିତ୍ତ ରଞ୍ଜନ ବିଶ୍ୱାଳ, ବିଶ୍ୱନାଥ ନାଥଶର୍ମା, ଅଜିତ୍ ବିଶ୍ୱାଳ, ପ୍ରଦୀପ ବେହେରା, ପ୍ରଶାନ୍ତ ବିଶ୍ୱାଳ, ରୋଜାଲିନ୍ ବିଶ୍ୱାଳ, ସୁଜାତା ବିଶ୍ୱାଳ, ଆଶାରାଣୀ ବିଶ୍ୱାଳ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ଏହି ଉତ୍ସବରେ ୧୯୯୪ ବ୍ୟାଚ୍ର ସମସ୍ତ ଛାତ୍ରୀଛାତ୍ର ଯୋଗ ଦେଇଥିଲେ। ଆସନ୍ତା ୨୦୨୩ ମସିହାରେ ଏହି ହାଇସ୍କୁଲର ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ପାଳନ କରିବା ପାଇଁ ପ୍ରସ୍ତାବ ଗୃହୀତ ହୋଇଥିବା ବେଳେ ପୁରାତନ ଛାତ୍ରୀଛାତ୍ରମାନେ ସବୁ ପ୍ରକାର ସହଯୋଗ କରିବେ ବୋଲି ସହମତି ପ୍ରକାଶ କରିଥିଲେ।

# ଭୂମିହୀନଙ୍କୁ ମିଳୁନି ବସୁନ୍ଧରା ଯୋଜନାରେ ଜମି

- ଜଙ୍ଗଲ ଜମି ଯୋଗୁ ମିଳୁନି ସ୍ଥାୟୀ ପଟ୍ଟା
- ପଲିଥିନ ତଳେ ବିତୁଛି ଜୀବନ

ମହାକାଳପଡା,୪।୧୨(ଡି.ଏନ୍.ଏ.)

କେନ୍ଦ୍ର ଓ ରାଜ୍ୟ ସରକାର ଗ୍ରାମାଞ୍ଚଳରେ ବସବାସ କରୁଥିବା ଆଦିବାସୀଙ୍କ ଉନ୍ନତି ପାଇଁ ଅନେକ ଯୋଜନା ପ୍ରଣୟନ କରୁଛନ୍ତି। ସେମାନଙ୍କୁ ରାଜ୍ୟ ସରକାର ବସୁନ୍ଧରା ଯୋଜନାରେ ଜମିପଟ୍ଟା ଯୋଗାଇ ଦେବା ପାଇଁ ବ୍ୟବସ୍ଥା କରିଛନ୍ତି। ମାତ୍ର ସରକାରୀ ଜଙ୍ଗଲର କିସମ ଜମିରେ ବସବାସ କରୁଥିବା ଆଦିବାସୀ ସମ୍ପ୍ରଦାୟର ଲୋକେ ଏହି ସୁବିଧା ପାଇବାରୁ ବଞ୍ଚିତ ହେଉଥିବା ଅଭିଯୋଗ ହୋଇଛି। ପ୍ରାୟ ୧୦୦ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ଜଙ୍ଗଲରେ ବାସ କରୁଥିଲେ ମଧ୍ୟ ଜଙ୍ଗଲ ଜମି ଅଧିକାର ଆଇନ ଯୋଗୁ ସେମାନଙ୍କୁ ସ୍ଥାୟୀ ଜମି ପଟ୍ଟା ମିଳିପାରୁ ନାହିଁ। ଫଳରେ ସେମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହାର ଏକ ଉଦାହରଣ ଦେଖିବାକୁ ମିଳିଛି ମହାକାଳପଡା ବ୍ଲକ ପେଟ୍ଛେଲା ପଞ୍ଚାୟତ ଅନ୍ତର୍ଗତ ଲୁଣି ମାଠିଆର ଶବର ଆଦିବାସୀପଡାରେ। ଏଠାରେ ୧୦୦ରୁ ଉର୍ଦ୍ଧ୍ୱ ପରିବାର ବସବାସ କରୁଥିବା ବେଳେ ମୁଖ୍ୟମନ୍ତ୍ରୀଙ୍କ ବସୁନ୍ଧରା ଯୋଜନା ଅଦ୍ୟାବଧି କାର୍ଯ୍ୟକାରୀ ହୋଇପାରିନାହିଁ। ଫଳରେ ଛାଳଛପର ଘର ଭାଙ୍ଗିଯିବା ପରେ ଏହି ଆଦିବାସୀ ପଡାର ବାଦଲ ମୁର୍ମୁ ଓ ସ୍ତ୍ରୀ ଗୌରୀ ମୁର୍ମୁଙ୍କ ଦୀର୍ଘ ୫ ବର୍ଷ ହେବ ପଲିଥିନ ତଳେ ଜୀବନ ବିତାଉଛନ୍ତି। ଗତ ବର୍ଷ ଏହି ପଲିଥିନ ଘର ଉପରେ ନଡିଆ ଗଛ ଢ଼ଳି ପଡିଛି। ଏହା ସତ୍ତ୍ୱେ ବାସସ୍ଥାନ ଅଭାବରୁ ସେମାନେ ଉକ୍ତ ଘରେ ବିପଦପୂର୍ଣ୍ଣ ଭାବେ ଜୀବନଯାପନ କରିବାକୁ ବାଧ୍ୟ ହେଉଛନ୍ତି ବୋଲି କହିଛନ୍ତି। ସେହିପରି ଲୁଣିମାଠିଆ ଗ୍ରାମର



ଘର ଆଗରେ ଗୌରୀ ମୁର୍ମୁ।

ରାମଚଣ୍ଡୀ ଶବରପଡା, ଜଙ୍ଗଲଘେରି ଓ ଆଖୁଗଡା ଆଦି ଅଞ୍ଚଳର ବହୁ ପରିବାର ବସୁନ୍ଧରା ଯୋଜନାରୁ ବଞ୍ଚିତ ହୋଇ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସେମାନଙ୍କ ନିଜସ୍ୱ ଜମି ନ ଥିବାରୁ ସରକାରୀ ଜଙ୍ଗଲ ଜମିରେ ବସବାସ କରୁଛନ୍ତି । ଏହି ଆଦିବାସୀଙ୍କ ପୂର୍ବଜ ମୟୁରଭଞ୍ଜ ଜିଲାର ହୋଇଥିବା ବେଳେ ପ୍ରାୟ ୧୦୦ ବର୍ଷ ଉର୍ଦ୍ଧ୍ୱ ସମୟ ହେବ ସେମାନଙ୍କ ବଂଶଧର ଏଠାରେ ବସବାସ କରି ଆସୁଛନ୍ତି। ମାତ୍ର ଜଙ୍ଗଲ ଜମି ଅଧିକାର ଆଇନ ଯୋଗୁ ଏପର୍ଯ୍ୟନ୍ତ ସେମାନଙ୍କୁ ସ୍ଥାୟୀ ପଟ୍ଟା ମିଳୁ ନ ଥିବା ବେଳେ ବସୁନ୍ଧରା ଯୋଜନା ମଧ୍ୟ କାର୍ଯ୍ୟକାରୀ ହେଉନାହିଁ ବୋଲି ଅଭିଯୋଗ କରିଛନ୍ତି। ଏସମ୍ପର୍କରେ ଜିଲାପାଳ ଦାଶରଥି ଶତପଥୀ କହିଛନ୍ତି ଉକ୍ତ ଶବରପଡା ଗ୍ରାମର ସମସ୍ୟା ସମ୍ପର୍କରେ ଅବଗତ ଅଛି। ଖୁବ୍ଶୀଘ୍ର ପ୍ରଶାସନ ପକ୍ଷରୁ ତଦନ୍ତ କରାଯାଇ ଏନେଇ ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି।

■ ମହାକାଳପଡା ଥାନା ହାଜତରୁ ଫେରାର ଯୁବକଙ୍କ ମୃତ୍ୟୁ ମାମଲା

# ଆଇଆଇସିଙ୍କ ଆଗୁଆ ଜାମିନ ଆବେଦନ ଖାରଜ

କଟକ ଅଫିସ, ୪।୧୨

ହାଜତ ମୃତ୍ୟୁ ମାମଲାରେ ଛନ୍ଦି ହୋଇପଡିଥିବା ମହାକାଳପଡ଼ା ଥାନାର ପୂର୍ବତନ ଆଇଆଇସି ଶ୍ୟାମଘନ ବେହେରାଙ୍କ ପାଇଁ ଅଡୁଆ ବଢ଼ିଛି। ବେହେରାଙ୍କ ଆଗୁଆ ଜାମିନ ଆବେଦନକୁ ହାଇକୋର୍ଟ ମଙ୍ଗଳବାର ଖାରଜ କରିଦେଇଛନ୍ତି। ମାମଲାର ଶୁଣାଣି କରି ବିଚାରପତି ଜଷ୍ଟିସ ଦେବବ୍ରତ ଦାସ ଏହି ରାୟ ଦେଇଛନ୍ତି। ଗତ ଅଗଷ୍ଟ ୨୬ରେ କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ଥାନାରେ ଅଭାବନୀୟ ଘଟଣା ଘଟିଥିଲା। ଏକ ମୋବାଇଲ ଫୋନ୍ ଚୋରି ଅଭିଯୋଗରେ ପୋଲିସ ବଲଣା ଗ୍ରାମର ଅବିନାଶ ପାଇଟାଳ ନାମକ ଜଣେ ଯୁବକଙ୍କୁ ଅଗଷ୍ଟ ୨୫ରେ ଗିରଫ କରିଥିଲା। ପରଦିନ ତାଙ୍କର ଝୁଲନ୍ତା ମୃତଦେହ ଥାନାଠାରୁ ୨ଶହ ମିଟର ଦୂର ଜଣେ ବ୍ୟକ୍ତିଙ୍କ ସିଡି ଘରୁ ମିଳିଥିଲା। ଅବିନାଶଙ୍କୁ ଥାନା ହାଜତରେ ପୋଲିସ ପିଟି ମାରି ଦେଇଥିବା ଅଭିଯୋଗ ହୋଇଥିଲା। ଉକ୍ତ ଘଟଣାରେ ଥାନା ଆଇଆଇସି ବେହେରାଙ୍କୁ ପୋଲିସ ଡିଜିପି କାର୍ଯ୍ୟରୁ ନିଲମ୍ବିତ କରିବା ସହିତ ଘଟଣାର କ୍ରାଇମବ୍ରାଞ୍ଚ ତଦନ୍ତ ନିର୍ଦ୍ଦେଶ ଦେଇଥିଲେ। କ୍ରାଇମବ୍ରାଞ୍ଚ ପକ୍ଷରୁ ପ୍ରାଥମିକ ତଦନ୍ତ ପରେ ଆଇଆଇସିଙ୍କ ବିରୋଧରେ ମାମଲା ରୁଜୁ କରାଯାଇଥିଲା। ସମ୍ଭାବ୍ୟ ଗିରଫଦାରିରୁ ବର୍ତ୍ତିବା ପାଇଁ ଆଇଆଇସି ବେହେରା ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

# ଭୋଳିବାବାଙ୍କ ବାର୍ଷିକ ମହୋତ୍ସବ



ବେଲତଳ ଗ୍ରାମର ଭୋଳିବାବା ମଠ

ପଟ୍ଟାମୁଣ୍ଡାଇ, ୪।୧୨ (ସ୍ୱ.ପ୍ର)

ପଟ୍ଟାମୁଣ୍ଡାଇ ଅଞ୍ଚଳର ସିଦ୍ଧ ମହାପୁରୁଷ ଶ୍ରୀ ଶ୍ରୀ ଭୋଳିବାବାଙ୍କ ମଠର ବାର୍ଷିକ ମହୋତ୍ସବ ସୋମବାର ରାତିରେ ଉଦ୍ଯାପିତ ହୋଇଯାଇଛି । ପଟ୍ଟାମୁଣ୍ଡାଇ ପୌରାଞ୍ଚଳ ଅଧୀନ ବେଲତଳ ଗ୍ରାମର ଭୋଳିବାବା ମଠ ପରିଚାଳନା କମିଟି ତତ୍ତ୍ୱାବଧାନରେ ୭ ଦିନ ଧରି ଅନୁଷ୍ଠିତ ଏହି ଉତ୍ସବରେ ଭାଗବତ ପାରାୟଣ ସପ୍ତାହ ,ପ୍ରବଚନ ଓ ଭଜନ କୀର୍ତ୍ତନ ଅନୁଷ୍ଠିତ ହୋଇଥିଲା । ପାଲା ଗାୟକ ଦଉହରି ପଣ୍ଡା, କୃପାସିନ୍ଧୁ ଦାଶ, ତ୍ରିଜିବୀ ଦାଶ ଓ ବିରଞ୍ଚି ନାରାୟଣ ଦାଶ ପ୍ରବଚନ ଦେଇଥିଲେ । ମଠ ପୂଜକ ଶ୍ରୀବତ୍ସ ପଣ୍ଡା ପୂଜାର୍ଚ୍ଚନା ଓ ପଣ୍ଡିତ ବିଭୁତି ଭୂଷଣ ପଣ୍ଡା ବ୍ୟାସ ଦାୟିତ୍ୱ ସମ୍ପନ୍ନ କରିଥିଲେ । ପଣ୍ଡିତ ଚିଦାନନ୍ଦ ଷଡଙ୍ଗୀ ଭାଗବତ ପାଠ କରିଥିଲେ । ବିଭିନ୍ନ ଦିବସରେ ବିଧାୟକ ଅଂଶୁମାନ ମହାନ୍ତି, ପୂର୍ବତନ ବିଧାୟକ ଅଲେଖ ଜେନା, ଜିଲା ବିଜେଡ଼ି ସଭାପତି ଧ୍ରୁବ ସାହୁ, ଆପିକଲ ଅଧକ୍ଷ କୃତ୍ତିବାସ ପାତ୍ର, ପୂର୍ବତନ ପୌରାଧକ୍ଷା ବୈଜୟନ୍ତୀ ମାଳା ଲେଙ୍କା, ସାମାଜିକ କର୍ମୀ ପ୍ରତାପ ପାଢୀଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗ ଦେଇଥିଲେ । ମଠ ପରିଚାଳନା କମିଟି ସଭାପତି ଗୋପାଳ ଚନ୍ଦ୍ର ଦାଶ, ସମ୍ପାଦକ ବ୍ରଜବନ୍ଧୁ ଦାଶଙ୍କ ସମେତ ସୁନୀଲ କୁମାର ଦାଶ, ନଟବର ରାଉତ, ପ୍ରମୁଖ ସହଯୋଗ କରିଥିଲେ ।

# ୧୨ରେ ବିଜୟଙ୍କୁ ସମ୍ବର୍ଦ୍ଧିତ କରିବେ ଜିଲାବାସୀ

କେନ୍ଦ୍ରାପଡା ଅଫିସ, ୪।୧୨

ବରିଷ୍ଠ ରାଜନେତା ବିଜୟ ମହାପାତ୍ର ଆସନ୍ତା ୧୨ ତାରିଖରେ କେନ୍ଦ୍ରାପଡ଼ା ଜିଲା ଗସ୍ତ କରିବେ। ଏହି ଅବସରରେ ମାର୍ଶାଘାଇ ବ୍ଲକସ୍ଥିତ ମା’ ଗୋଜବାୟାଣୀ ପୀଠରେ ବିଜୟଙ୍କୁ ସମ୍ବର୍ଦ୍ଧିତ କରାଯିବ। ଏ ନେଇ ପୂର୍ବତନ ଜିଲା ଭାଜପା ସଭାପତି ସୁକାନ୍ତ କୁମାର ଦ୍ୱିବେଦୀ ମଙ୍ଗଳବାର ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ସେ ପ୍ରକାଶ କରିଛନ୍ତି ଯେ, ମହାନଦୀ ପ୍ରସଙ୍ଗରେ ଓଡ଼ିଶାକୁ ଭାଜପାର ଅଣଦେଖା ଓ ଆଇଓସିଏଲରେ ଓଡ଼ିଆ ଯୁବକଙ୍କୁ କର୍ମ ନିଯୁକ୍ତି ଆଦି ପ୍ରସଙ୍ଗ ଉଠାଇ ଥିବାରୁ ବିଜୟଙ୍କୁ ଭାଜପା ପକ୍ଷରୁ ବିରୋଧ ଯାଇଥିଲା। ତେବେ ଗତ ୩୦ ତାରିଖରେ ସେ ଇସ୍ତଫା ପ୍ରଦାନ କରି ନିଜର ସ୍ୱାଭିମାନକୁ ବଜାୟ ରଖିଛନ୍ତି। ଏଥିପାଇଁ ଜିଲାବାସୀଙ୍କ ପକ୍ଷରୁ ତାଙ୍କୁ ସମ୍ବର୍ଦ୍ଧିତ କରାଯିବାର କାର୍ଯ୍ୟକ୍ରମ ରହିଛି।

# ପ୍ଲାଟିନମ୍ ଜୁବିଲି ପାଳନ ପାଇଁ ପ୍ରସ୍ତୁତି ବୈଠକ

## ଏମ୍ଏନ୍ ହାଇସ୍କୁଲ

ପଟ୍ଟାମୁଣ୍ଡାଇ,୪।୧୨(ସ୍ୱ.ପ୍ର)

ପଟ୍ଟାମୁଣ୍ଡାଇ ଅଞ୍ଚଳର ସର୍ବପୁରାତନ ଶିକ୍ଷାନୁଷ୍ଠାନ ଏମଏନ ହାଇସ୍କୁଲର ୭୫ତମ ପୂର୍ତ୍ତି ଉପଲକ୍ଷେ ପ୍ଲାଟିନମ ଜୁବିଲି ପାଳନ କରିବା ପାଇଁ ଏକ ପ୍ରସ୍ତୁତି ବୈଠକ ହାଇସ୍କୁଲ ପରିସରରେ ରବିବାର ଅନୁଷ୍ଠିତ ହୋଇଥିଲା। ପୁରାତନ ଛାତ୍ର ସଂସଦ ପକ୍ଷରୁ ହୋଇଥିବା ଏହି ପ୍ରସ୍ତୁତି ବୈଠକରେ ସଭାପତି ପ୍ରଫେସର ଅନିରୁଦ୍ଧ ରାଉଳ ଅଧକ୍ଷତା କରିଥିଲେ। ଏହି ବୈଠକରେ ଛାତ୍ର ସଂସଦ ସମ୍ପାଦକ ଡା. ବୈଷ୍ଣବ ଚରଣ ସିଂହ, ବିଶ୍ୱନାଥ ଧଳ, ଡା. ଗୋଲକ ବିହାରୀ ସ୍ୱାଇଁ, ପୂର୍ଣ୍ଣଚନ୍ଦ୍ର ସାମଲ, ଭରତ ଚନ୍ଦ୍ର ପାତ୍ର, କୈଳାସ ଚନ୍ଦ୍ର ପାତ୍ର, ରମେଶ ଚନ୍ଦ୍ର ଜେନା, ଦୂର୍ଯ୍ୟୋଧନ ପରିଡା, ସନାତନ ବେହୁରା, କେଲୁଚରଣ ସ୍ୱାଇଁ, ଅଭୟ କୁମାର ବେହେରା, ସର୍ବେଶ୍ୱର ସିଂହ, ବିଜୟ ସାହୁ, ଗିରିଧାରୀ ତ୍ରିପାଠୀ ପ୍ରମୁଖ ପୁରାତନ ଛାତ୍ର ଯୋଗଦେଇ ପ୍ଲାଟିନମ୍ ଜୁବୁଲି ଉତ୍ସବକୁ ସରସ ସୁନ୍ଦର କରିବାପାଇଁ ମତ ରଖିଥିଲେ।



ପ୍ରସ୍ତୁତି ବୈଠକରେ ଯୋଗଦେଇଥିବା ପୁରାତନ ଛାତ୍ରମାନେ।

ଏଥିସହିତ ଜୁବୁଲି ପାଳନ ପାଇଁ ବିଭିନ୍ନ କମିଟି ଗଠନ କରାଯାଇଥିଲା। ଏହି ଉତ୍ସବରେ ସମସ୍ତ ପୁରାତନ ଛାତ୍ର ଯୋଗ ଦେବା ପାଇଁ ଆହ୍ୱାନ କରାଯିବା ସହିତ ଦାୟିତ୍ୱ ଅର୍ପଣ କରାଯାଇଥିଲା। ଆସନ୍ତା ଜାନୁୟାରୀ ମାସ ୧୨,୧୩ ଓ୧୪ ତାରିଖରେ ପ୍ଲାଟିନମ ଜୁବୁଲି ଉତ୍ସବ ଆୟୋଜନ ପାଇଁ ତାରିଖ ଧାର୍ଯ୍ୟ କରାଯାଇଥିଲା। ଏହି ଉତ୍ସବରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍ ମୁଖ୍ୟ ଅତିଥି ଭାବେ ଯୋଗ ଦେବାପାଇଁ ସଦୟ ସ୍ୱୀକୃତି ପ୍ରଦାନ କରିଥିବା ସମ୍ପାଦକ ଡ. ସିଂହ ସୂଚନା ଦେଇଥିଲେ। ତିନିଦିନିଆ ଉତ୍ସବର ଦ୍ୱିତୀୟ ଦିବସରେ ଅନ୍ତର୍ଜାତୀୟ ଖ୍ୟାତି ସମ୍ପନ୍ନ କ୍ରିୟାଯୋଗୀ ପରମହଂସ ପ୍ରଜ୍ଞାନାନନ୍ଦଜୀ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ଏଥିସହିତ ସାହିତ୍ୟ ଆଲୋଚନା , ବିଜ୍ଞାନ ଭିତ୍ତିକ କାର୍ଯ୍ୟକ୍ରମ ଓ ପୁରାତନ ନୂତନ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ବନ୍ଧୁତ୍ୱପୂର୍ଣ୍ଣ ଆଲୋଚନା ହେବା ଲାଗି ନିଷ୍ପତ୍ତି ନିଆଯାଇଛି। ଅନ୍ୟମାନଙ୍କ ମଧ୍ୟରେ ସତ୍ୟବାଦୀ ପ୍ରଧାନ, ନିଶିକାନ୍ତ ପ୍ରଧାନ, ଅକ୍ଷୟ ପରିଡା, ତ୍ରିଲୋଚନ ଜେନା, ରାମକୃଷ୍ଣ ଦାଶ, ଦୁଃଶାସନ କୁଣ୍ଡ, ପ୍ରଭାତ ପ୍ରଧାନ, ଅକ୍ଷୟ ବିଶ୍ୱାଳଙ୍କ ସମେତ ଶତାଧିକ ପୁରାତନ ଛାତ୍ର ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ। ଶେଷରେ ଶିକ୍ଷୟିତ୍ରୀ ଆରାଧନା ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

■ ଅରଗଳରେ ନାଟକ ମହୋତ୍ସବ ଉଦ୍ଯାପିତ

# ଆଧୁନିକତାରେ ହଜିଗଲାଣି ନାଟକର ଆଦର

ରାଜକନିକା, ୪।୧୨ ( ଡି.ଏନ୍.ଏ.)

ରାଜକନିକା ବ୍ଲକ ଅରଗଳଠାରେ ଶ୍ରୀନୃସିଂହଜୀଉ ସେବା ସମିତି ପକ୍ଷରୁ ଚାଲିଥିବା ୪ଦିନିଆ ନାଟକ ମହୋତ୍ସବ ମଙ୍ଗଳବାର ଉଦ୍ଯାପିତ ହୋଇଯାଇଛି। ଏଥିରେ ଦକ୍ଷିଣବନ୍ଧ ମା’ ଦୁର୍ଗା ନାଟ୍ୟ ସଂସଦ, ଚିକଣାର ମା’ ଜାଗୁଲାଇ ସାଂସ୍କୃତିକ କ୍ରୀଡ଼ା ଓ ଯୁବ ପରିଷଦ, ବାଲକାଟିର ମା’ ଖରସ୍ରୋତା ଡ୍ରାମାଟିକ କ୍ଲବ ଓ ଅରଗଳ ନୃସିଂହଜୀଉ ଡ୍ରାମାଟିକ କ୍ଲବ ଅଂଶ ଗ୍ରହଣ କରିଥିଲେ। ଅରଗଳ ନୃସିଂହଜୀଉ ଡ୍ରାମାଟିକ କ୍ଲବର ସମ୍ପାଦକ ଶ୍ରୀଧର ବେହେରାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉଦ୍ଯାପନୀ ଉତ୍ସବରେ ବରିଷ୍ଠ ଅଭିନେତା ନିରଞ୍ଜନ ବେହେରା ମୁଖ୍ୟଅତିଥି ଓ ଶିକ୍ଷକ ଗଗନ ବିହାରୀ ସାହୁ ସମ୍ମାନିତ ଅତିଥିଭାବେ ଯୋଗଦେଇ



ଉଦ୍ଯାପନୀ ଅବସରରେ ଅତିଥିମାନେ ନାଟ୍ୟ ସଂସଦ କଳାକାରମାନଙ୍କୁ ପୁରସ୍କୃତ କରୁଛନ୍ତି।

ଆଧୁନିକ ଯୁଗରେ ନାଟକର ଆଦର ଦିନକୁ ଦିନ ହ୍ରାସ ପାଉଛି ବୋଲି ମତବ୍ୟକ୍ତ କରିଥିଲେ। ତେବେ ନୃସିଂହନାଥ ଯୁବ ପରିଷଦ ନାଟକ ମହୋତ୍ସବ କରି ଅଞ୍ଚଳରେ କଳାର ବିକାଶ କ୍ଷେତ୍ରରେ ଏକ ନୂତନ ଉନ୍ମାଦନା ସୃଷ୍ଟି କରିଛି ବୋଲି ଅତିଥିମାନେ କହିଥିଲେ। ବରିଷ୍ଠ ସଦସ୍ୟ ଅଧିର କୁଅଁରଙ୍କ ସଂଯୋଜନାରେ ଆୟୋଜିତ ଏହି ଉତ୍ସବରେ ପ୍ରଥମ ସ୍ଥାନ ଅଧିକାର କରିଥିବା ମା’ ଜାଗୁଲାଇ ସାଂସ୍କୃତିକ ପରିଷଦ, ଦ୍ୱିତୀୟ ମା’ଦୁର୍ଗା ନାଟ୍ୟ ସଂସଦ ଓ ତୃତୀୟ ମା’ ଖରସ୍ରୋତା ଡ୍ରାମାଟିକ କ୍ଲବକୁ ମାନପତ୍ର ସହ ୨୦ ହଜାର ଟଙ୍କା ପୁରସ୍କାର ରାଶି ପ୍ରଦାନ କରାଯାଇଥିଲା। ଏଥବସହ ସମସ୍ତ ନାଟ୍ୟ ସଂସଦ କଳାକାରମାନଙ୍କୁ ମୁଖ୍ୟଅତିଥି ମାନପତ୍ର ଦେଇ ପୁରସ୍କୃତ କରିଥିଲେ। ତେବେ ଉଦ୍ଘାଟନୀ ଉତ୍ସବରେ ପୀତାମ୍ବର କୁଅଁର ଅଧକ୍ଷତା କରିଥିଲେ। ଶିକ୍ଷାବିତ୍ ଆନନ୍ଦ ଚନ୍ଦ୍ର କୁଅଁର ଓ ମୁଖ୍ୟବକ୍ତା ଭାବେ ବାସୁଦେବ କୁଅଁର ଯୋଗଦେଇଥିଲେ। ଏହି ଅବସରରେ ସେବା ସମିତି ଗ୍ରାମର ପ୍ରଥମ ଦଶମ ପାସ୍ କରିଥିବା ଶ୍ରୀନିବାସ ଦାଶଙ୍କୁ ସମ୍ବର୍ଦ୍ଧିତ କରାଯିବା ସହ ୨୦ ଜଣ ବୃଦ୍ଧାବୃଦ୍ଧଙ୍କୁ ପୂଜାର୍ଚ୍ଚନା କରିଥିଲେ। ଏହି ସାଂସ୍କୃତିକ କାର୍ଯ୍ୟକ୍ରମକୁ ଶୁକଦେବ ନାୟକ ପରିଚାଳନା କରିଥିଲେ। ୪ ଦିନବ୍ୟାପୀ ଚାଲିଥିବା ନାଟକ ମହୋତ୍ସବକୁ ସର୍ବେଶ୍ୱର ବୋଇତି, ନିରଞ୍ଜନ ସାହୁ, ନନ୍ଦ କିଶୋର ଦାସ, ପୂର୍ଣ୍ଣ ଚନ୍ଦ୍ର ପାତ୍ର, ଅଭୟ ପାତ୍ର, ସରୋଜ ଦାସ, ନବଘନ ବେହେରା ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

# ସୁସନ୍ଧ୍ୟା ଆପ୍ଲାଏଡ କେମେଷ୍ଟ୍ରିରେ ଟପ୍ପର



ସୁସନ୍ଧ୍ୟାଙ୍କୁ ରାଜ୍ୟପାଳ ଗଣେଶି ଲାଲ ପୁରସ୍କୃତ କରୁଛନ୍ତି।

କେନ୍ଦ୍ରାପଡା ଅଫିସ, ୪।୧୧

ଭୁବନେଶ୍ୱରସ୍ଥିତ ସେଞ୍ଚୁରିଆନ ବିଶ୍ୱବିଦ୍ୟାଳୟ ଛାତ୍ରୀ ସୁସନ୍ଧ୍ୟା ରାଉତ ଏମଏସସି ଆପ୍ଲାଏଡ କେମେଷ୍ଟ୍ରି ବିଭାଗରେ ଟପ୍ପର ହୋଇଛନ୍ତି। ଗତ ୧ତାରିଖରେ ବିଶ୍ୱବିଦ୍ୟାଳୟ ପକ୍ଷରୁ ଆୟୋଜିତ ସମାବର୍ତ୍ତନ ଉତ୍ସବରେ ରାଜ୍ୟପାଳ ଗଣେଶି ଲାଲ ତାଙ୍କୁ ସ୍ୱର୍ଣ୍ଣପଦକ ପ୍ରଦାନ କରିବା ସହ ସମ୍ବର୍ଦ୍ଧିତ କରିଛନ୍ତି। ସୁସନ୍ଧ୍ୟା କେନ୍ଦ୍ରାପଡାର ସେଣ୍ଟ ଯୋଶେଫ ସ୍କୁଲ, ସୋଫିଆ କଲେଜ ଓ ଶୈଳବାଳା କଲେଜରେ ସ୍ନାତକ ପର୍ଯ୍ୟନ୍ତ ପଢ଼ିଥିଲେ। ମେଧାବୀ ସୁସନ୍ଧ୍ୟା ଏବେ ବୁର୍ଲାସ୍ଥିତ ବୀର ସୁରେନ୍ଦ୍ର ସାଏ ବିଶ୍ୱବିଦ୍ୟାଳୟର ପିଏଚ୍ଡି ଛାତ୍ରୀ। ସେ ସହରର କାକଟସ୍ଥିତ କଳ୍ପନା ଧଳ ଓ ମନ୍ମଥ ରାଉତଙ୍କର ଝିଅ। ତାଙ୍କର ଏହି କୃତିତ୍ୱ ପାଇଁ ସ୍ଥାନୀୟ ଅଞ୍ଚଳର ବହୁ ଶୁଭେଚ୍ଛୁ ତାଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି।

■ ସରକାରୀ ଆଇନକୁ ବେଖାତିର

# ଗୋଚର ଜମିରେ ବେଆଇନ କମ୍ୟୁନିଟି ସେଣ୍ଟର

ପଟ୍ଟାମୁଣ୍ଡାଇ,୪।୧୨(ସ୍ୱ.ପ୍ର)

ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ସିଂହଗାଁ ପଞ୍ଚାୟତ କୃଷ୍ଣଦାସପୁର ଗ୍ରାମର ଗୋଚର ଜମିରେ ବେଆଇନ ଭାବେ ନିର୍ମିତ ହେଉଛି ବାବା ସାହେବ ଆମ୍ବେଦକର କମ୍ୟୁନିଟି ସେଣ୍ଟର। ଏହି ଗ୍ରାମର ଅନ୍ୟ ସ୍ଥାନରେ ଅନାବାଦୀ ଜମି ରହିଥିଲେ ହେଁ କେତେକ ବ୍ୟକ୍ତି ଗୋଚର ଜମିରେ ଉକ୍ତ କମ୍ୟୁନିଟି ସେଣ୍ଟର ନିର୍ମାଣ କରିବା ନେଇ ଗ୍ରାମବାସୀ ପଟ୍ଟାମୁଣ୍ଡାଇ ତହସିଲଦାରଙ୍କ ନିକଟରେ ଅଭିଯୋଗ କରିଛନ୍ତି। ପଟ୍ଟାମୁଣ୍ଡାଇ ତହସିଲଦାର ସରୋଜ କୁମାର ସ୍ୱାଇଁ ଏହାର ତଦନ୍ତ କରି ରିପୋର୍ଟ ପ୍ରଦାନ କରିବା ପାଇଁ ଅଣ୍ଡରା ରାଜସ୍ୱ ନିରୀକ୍ଷକଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ରାଜସ୍ୱ ନିରୀକ୍ଷକ ବେଆଇନ ଭାବେ ନିର୍ମାଣ ଚାଲିଥିବା କମ୍ୟୁନିଟି ସେଣ୍ଟର ବନ୍ଦ କରିବା ପାଇଁ କହିବା ସହିତ ତହସିଲଦାରଙ୍କୁ ରିପୋର୍ଟ ଦେଇଥିଲେ । ଏହାସତ୍ତ୍ୱେ ୫ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଏହି କମ୍ୟୁନିଟି ସେଣ୍ଟର କାମ ଚାଲିଛି । ଏପରିକି ନିମ୍ନମାନର କାମ କରାଯାଇ ଅର୍ଥ ହଡପ ଲାଗି ଉଦ୍ୟମ କରାଯାଉଥିବା ଗ୍ରାମବାସୀଙ୍କ ପକ୍ଷରୁ ଅଭିଯୋଗ ହୋଇଛି । ଏଥିନେଇ ଗ୍ରାମର ଗୋଲେଖ ଦାଶ, ଚରଣ ଜେନା, ହେମନ୍ତ ଦାସ, ରତ୍ନାକର ଦାସ, ସୁଶୀଲ ଦାସ, ରବିନ୍ଦ୍ର ଦାସ, ଶ୍ରୀଧର ଦାସ, ଦୀପକ କୁମାର ଦାସ, ନିରାକର ଦାସ, ବନମାଳୀ ଦାସ ପ୍ରମୁଖ ପଟ୍ଟାମୁଣ୍ଡାଇ ବିଡିଓ ପବିତ୍ର ମୋହନ କାନୁନ୍ଗୋଙ୍କୁ ଇତିମଧ୍ୟରେ ଭେଟି କାମ ବନ୍ଦ କରିବା ପାଇଁ ଲିଖିତ ଅଭିଯୋଗ କରିଥିଲେ। ବିଡିଓ ନିର୍ମାଣ କାର୍ଯ୍ୟ ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଥିଲେ ହେଁ ଏହାକୁ ଖାତିର ନ କରି ନିର୍ମାଣ କାର୍ଯ୍ୟ ଚାଲିଛି । ଫଳରେ ଗ୍ରାମରେ ଥିବା ଗୃହପାଳିତ ପଶୁମାନେ ଚରିବା ପାଇଁ ସମସ୍ୟା ସୃଷ୍ଟି ହେବା ଆଶଙ୍କା ରହିଛି । ଏହାଛଡା ସେଠାରେ ବିଭିନ୍ନ ସମୟରେ ହେଉଥିବା ପୂଜା ଉତ୍ସବ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ହେବାରେ ସମସ୍ୟା ସୃଷ୍ଟି ହେବ ବୋଲି ଗ୍ରାମବାସୀ ଦର୍ଶାଇ ଅନାବାଦୀ ଜମିରେ କମ୍ୟୁନିଟି ସେଣ୍ଟର ନିର୍ମାଣ ନ କରିବା ପାଇଁ ଦାବି କରିଛନ୍ତି।

■ କାମ ଅଧାରୁ ଛାଡ଼ି ଠିକାଦାର ଛୁ

# ୩ ବର୍ଷ ହେଲା ଅଧା ହୋଇପଡ଼ିଛି ରାସ୍ତା

ଡେରାବିଶ, ୪।୧୨ (ସ୍ୱ.ପ୍ର.)

ଡେରାବିଶ ବ୍ଲକ ଅଞ୍ଚଳରେ ମୁଖ୍ୟମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା ଓ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା ଠିକ୍ ଭାବେ କାର୍ଯ୍ୟକାରୀ ହେଉ ନଥିବା ଦେଖାଯାଉଥିବା ବେଳେ କେନ୍ଦ୍ରାପଡ଼ା ଜିଲା ଗ୍ରାମ୍ୟ ଉନ୍ନୟନ ବିଭାଗର ବେପରୁଆ ମନୋଭାବ ଯୋଗୁ ବ୍ଲକ ଅଞ୍ଚଳର ବହୁ ରାସ୍ତା ଶୋଚନୀୟ ହୋଇପଡିଛି। ନିମ୍ନମାନର କାର୍ଯ୍ୟ ଯୋଗୁ କେତେକ ରାସ୍ତା ନିର୍ମାଣର କିଛି ମାସ ପରେ ଖାଲଖମାରେ ଭର୍ତ୍ତି ହେଉଥିବା ବେଳେ ଅନ୍ୟ କେତେକ ରାସ୍ତା ଆଦୌ ନିର୍ମାଣ ହେଉନି। ତେବେ ବିଭାଗୀୟ କର୍ତ୍ତୃପକ୍ଷଙ୍କ ଏଭଳି ମନମୁଖି କାର୍ଯ୍ୟ ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଏଥିସହ ବିଭାଗୀୟ ଯନ୍ତ୍ରୀ ଓ ଠିକାଦାରଙ୍କ ମଧ୍ୟରେ ମଧୁଚନ୍ଦ୍ରିକା ଯୋଗୁ ସାଧାରଣ ଲୋକେ ଅସୁବିଧା ଭୋଗୁଥିବା ଅଭିଯୋଗ ହେଉଛି। ଡେରାବିଶ ବ୍ଲକ ଅଧୀନ




ଅଧାପନ୍ତରିଆ ରାସ୍ତା ଓ ନିର୍ମାଣ ଆରମ୍ଭ ବେଳେ ଲଗାଯାଇଥିବା ସୂଚନା ଫଳକ।

ଲକ୍ଷ୍ମୀନାରାୟଣପୁର ପଞ୍ଚାୟତସ୍ଥିତ ୫ ନଂ. (କ) ଜାତୀୟ ରାଜପଥର ବଳଭଦ୍ରପୁର ଛକଠାରୁ ସାତବାଟିଆ ପର୍ଯ୍ୟନ୍ତ ରାସ୍ତା ନିର୍ମାଣ ପାଇଁ ସ୍ଥାନୀୟ ଲୋକେ ବାରମ୍ବାର ଦାବି କରିଆସୁଥିଲେ। ତେବେ ଏହି ୪ କି.ମି. ରାସ୍ତା ନିର୍ମାଣ ପାଇଁ ମୁଖ୍ୟମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନାରେ ଏକ ଠିକା ସଂସ୍ଥାକୁ ଟେଣ୍ଡର ଦିଆଯାଇଥିଲା। ୨୦୧୫ ଡିସେମ୍ବରରୁ ୨୦୧୬ ସେପ୍ଟେମ୍ବର ମଧ୍ୟରେ ଉକ୍ତ ରାସ୍ତା ନିର୍ମାଣ ପାଇଁ ଚୁକ୍ତି ହୋଇଥିଲା। ତେବେ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ୧ କୋଟି ୯୦ ଲକ୍ଷ ୪୦ହଜାର ଟଙ୍କା ବ୍ୟୟରେ ନିର୍ମିତ ହେବାକୁ ଥିବା ଏହି ରାସ୍ତାର ମାତ୍ର ଗୋଟିଏ କିମି ପର୍ଯ୍ୟନ୍ତ ଗୋଡି ପକାଇ ଠିକାଦାର ଫେରାର ହୋଇଯାଇଛନ୍ତି। ଫଳରେ ଦୀର୍ଘ ୨ବର୍ଷ ହେବ ସେହି ରାସ୍ତା ମରଣଯନ୍ତା ପାଲଟିଛି। ତେବେ ଦୀର୍ଘଦିନ ଧରି ରାସ୍ତା କାର୍ଯ୍ୟ ଅଧାପନ୍ତରିଆ ଭାବେ ପଡ଼ି ରହିଥିବା ନେଇ ବିଭାଗୀୟ ମୁଖ୍ୟଯନ୍ତ୍ରୀ ଓ କେନ୍ଦ୍ରାପଡ଼ା ଜିଲା ନିର୍ବାହୀ ଯନ୍ତ୍ରୀଙ୍କୁ ସ୍ଥାନୀୟ ଲୋକେ ଏକାଧିକ ବାର ଅଭିଯୋଗ କରିଛନ୍ତି। ମାତ୍ର ବିଭାଗୀୟ କର୍ତ୍ତୃପକ୍ଷ ଏ ଦିଗରେ ଦୃଷ୍ଟି ଦେଉ ନ ଥିବାରୁ ଲୋକମାନେ ନାନା ସମସ୍ୟାରେ ସମ୍ମୁଖୀନ ହୋଇ ସେହି ରାସ୍ତା ଦେଇ ଯିବାଆସିବା କରୁଛନ୍ତି। ତେବେ ଉକ୍ତ ରାସ୍ତାର ଗୁରୁତ୍ୱକୁ ଦୃଷ୍ଟିରେ ରଖି ରାସ୍ତା କାର୍ଯ୍ୟ ପୁଣି ଆରମ୍ଭ କରିବାକୁ ଲକ୍ଷ୍ମୀନାରାୟଣପୁର ପଞ୍ଚାୟତବାସୀ ଇତିମଧ୍ୟରେ ଜିଲାପାଳଙ୍କୁ ଭେଟି ଅଭିଯୋଗ କରିଛନ୍ତି। ତୁରନ୍ତ ରାସ୍ତା କାର୍ଯ୍ୟ କରା ନଗଲେ ଆଗାମୀ ଦିନରେ ପଞ୍ଚାୟତବାସୀ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି। ନୂଆହାଟ ଗ୍ରାମର ଝରି ପ୍ରଧାନ, ପୂର୍ବତନ ସମିତିସଭ୍ୟ ଗଗନ ବିହାରୀ ସାହୁ, ବିଜୟ କୁମାର ପଲେଇ, ଶେଖ୍ ରହିମ ତୁଲ୍ଲା, ବସନ୍ତ କୁମାର ପଲେଇ, ନୃସିଂହ ଚରଣ ଭୂୟାଁ, ପ୍ରଭାତ କୁମାର ଭୂୟାଁ ପ୍ରମୁଖ ଜିଲାପାଳଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଥିଲେ। ଏ ସମ୍ପର୍କରେ ରାସ୍ତା ଦାୟିତ୍ୱରେ ଥିବା ବିଭାଗୀୟ ସହକାରୀ ଯନ୍ତ୍ରୀ ଅର୍ଜୁନ କୁମାର ସାହୁଙ୍କୁ ପଚାରିବାରେ ଆସନ୍ତା ବୁଧବାରଠାରୁ ରାସ୍ତା କାମ ଆରମ୍ଭ ହେବ ବୋଲି କହିଛନ୍ତି।



ନୀଚ ଲୋକଠାରେ ଯଦି ଉଚ୍ଚ ବିଦ୍ୟା ଥାଏ, ତେବେ ଜାତି ଧର୍ମ ନ ବିଚାରି ତାହା ଗ୍ରହଣ କରିବା ଉଚିତ, ଯେପରି ଶାମୁକା ଭିତରୁ ମୁକ୍ତା ସଂଗ୍ରହ ହୁଏ।
- ବ୍ୟାସଦେବ

## ସଂକ୍ଷେପରେ

### ଦୁର୍ଘଟଣାରେ ଯୁବକ ମୃତ

ବିରଜାକ୍ଷେତ୍ର/କୋରେଇ, ୪।୧୨ (ଡି.ଏନ୍.ଏ)- ସଡ଼କ ଦୁର୍ଘଟଣାରେ ଯାଜପୁର ବ୍ଲକ ଭୁଇଁପୁର ପଞ୍ଚାୟତ ମଲପଡ଼ା ଗ୍ରାମର ସତ୍ୟଜିତ ଯେନାଙ୍କ ମଙ୍ଗଳବାର ମୃତ୍ୟୁ ହୋଇଛି। ସତ୍ୟଜିତ କୁଆଖିଆରୁ କାର୍ଯ୍ୟସାରି ନିଜ ଘରକୁ ଫେରୁଥିବାବେଳେ ସାହସପୁର ପୋଲ ଉପରେ ଏକ ଗାଡ଼ି ତାଙ୍କୁ ଧକ୍କା ଦେବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ପାଣିକୋଇଲି ଥାନା ଖବରପାଇ ଘଟଣାସ୍ଥଳରୁ ମୃତ ଯୁବକଙ୍କ ଶବକୁ ଉଦ୍ଧାର କରି ବ୍ୟବଚ୍ଛେଦ ନିମନ୍ତେ ଯାଜପୁର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଛନ୍ତି। ସତ୍ୟଜିତଙ୍କ ମୃତ୍ୟୁ ଖବରପାଇ ଭାଜପା ନେତା ମନ୍ମଥ ବରାଳଙ୍କ ସମେତ ଗ୍ରାମର ବହୁ ଲୋକ ମୁଖ୍ୟ ଚିକିତ୍ସାଳୟରେ ପହଞ୍ଚି ପରିବାରବର୍ଗଙ୍କୁ ସମବେଦନା ଜଣାଇଛନ୍ତି।

### ତୃତୀୟ ବାର୍ଷିକ ଧର୍ମଶାଳା ପୁସ୍ତକ ମେଳା

ଧର୍ମଶାଳା, ୪।୧୨(ଡି.ଏନ୍.ଏ.)
ଧର୍ମଶାଳା ସାଧାରଣ ତନ୍ତ୍ର ଦିବସ ପାଳନ କମିଟି ପକ୍ଷରୁ ଧର୍ମଶାଳା ବାଣୀପୀଠ ଖେଳ ପଡିଆଠାରେ ଆସନ୍ତା ଗୁରୁବାର ଧର୍ମଶାଳା ବାର୍ଷିକ ପୁସ୍ତକମେଳା ଅନୁଷ୍ଠିତ ହେବ। ଏହି ଅବସରରେ ଉଦ୍‌ଘାଟକଭାବେ ଏମ୍‌ପି ରୀତା ତରାଇ ଯୋଗଦେବେ। ଏଥିସହ ମୁଖ୍ୟ ଅତିଥିଭାବେ ବିଧାୟକ ପ୍ରଣବ କୁମାର ବଳବନ୍ତରାୟ, ମୁଖ୍ୟବକ୍ତା ଭାବେ ସାହିତ୍ୟିକ ହୁସେନ ରବି ଗାନ୍ଧୀ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ପୁସ୍ତକ ମେଳାଟି ୧୨ ତାରିଖ ବୁଧବାର ଉଦ୍‌ଯାପିତ ହେବ। ଉଦ୍‌ଯାପନୀ ସନ୍ଧ୍ୟାରେ ଯାଜପୁର ଆରକ୍ଷୀ ଅଧୀକ୍ଷକ ଚରଣ ସିଂ ମିନାଙ୍କ ସହିତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ରହିବେ। ଆୟୋଜିତ ପୁସ୍ତକ ମେଳାରେ ୭ ତାରିଖ ସନ୍ଧ୍ୟାରେ ଜିଲା ପରିଷଦ ଅଧକ୍ଷ ନରେଶ ଚନ୍ଦ୍ର ମହାନ୍ତି, ୮ ରେ ଯାଜପୁର ଉପଖଣ୍ଡ ଆରକ୍ଷୀ ଅଧିକାରୀ କେଦାର ନାଥ ସାହୁ, ୯ରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଅକ୍ଷୟ କୁମାର ଦାଶ, ୧୦ରେ ଉପ ଜିଲାପାଳ ନାରାୟଣ ଚନ୍ଦ୍ର ଧଳ, ୧୧ରେ ପ୍ରକଳ୍ପ ନିର୍ଦ୍ଦେଶକ ବ୍ରଜ ଗୋପାଳ ଆଚାର୍ଯ୍ୟ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଉଦ୍‌ଯାପନୀ ସନ୍ଧ୍ୟାରେ ପୂର୍ବତନ ତହସିଲଦାର ପ୍ରଭାସ କୁମାର ବେହୁରା ଓ ପୂର୍ବତନ ଥାନାଧିକାରୀ ଅମିତାଭ ମହାପାତ୍ରଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯିବ ବୋଲି କମିଟି ସଭାପତି ଶୀତଲ ଅଗ୍ରୱାଲ ଓ ସମ୍ପାଦକ ଉମାକାନ୍ତ ନାୟକ ଏକ ପ୍ରେସ୍ ବିବୃତ୍ତିରେ ଜଣାଇଛନ୍ତି।

### ମଦ ଜବତ, ଜଣେ କୋର୍ଟ ଚାଲାଣ

କୋରେଇ, ୪।୧୨(ସ୍ୱ.ପ୍ର)- କାଳିଆପାଣି ପୋଲିସ ମଙ୍ଗଳବାର ବେଆଇନ ମଦ କାରବାରରେ ସମ୍ପୃକ୍ତ ଜଣେ ବ୍ୟବସାୟୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ଜେନାପୁର ଥାନା ଅନ୍ତର୍ଗତ ସାରୋଇ ଗ୍ରାମ ସାଗର ସାମଲ(୨୪)। ଏ ନେଇ ପୋଲିସ ଏକ ମାମଲା (୧୯୭/୧୮) ରଜୁ କରିଥିବା ଏଏସ୍‌ଆଇ ଅଭୟ କୁମାର ନାୟକ କହିଛନ୍ତି। ଶଙ୍ଖଚିଲା ଫାଣ୍ଡି ଅନ୍ତର୍ଗତ ନାଉଡପୁର ତଣ୍ଡରା ରାସ୍ତାରେ ସାଗରଙ୍କୁ ଏଏସ୍‌ଆଇ ବିଶ୍ୱନାଥ ଦତ ଓ ବି.କେ ଦାସ ପେଟ୍ରୋଲିଂବେଳେ ଗିରଫ କରିଥିଲେ। ଗିରଫବେଳେ ସାଗରଙ୍କଠାରୁ ପୋଲିସ ୩୦ ବୋତଲ ମଦ ଜବତ କରିଥିଲେ।

### ସଡ଼କ ଦୁର୍ଘଟଣାରେ ଜଣେ ମୃତ

ଚଣ୍ଡିଖୋଲ,୪।୧୨(ଡି.ଏନ.ଏ)- ୧୬ନଂ ଜାତୀୟ ରାଜପଥର ବଡ଼ଚଣା ଥାନା ଅନ୍ତର୍ଗତ କଡାଇଛକ ନିକଟରେ ସୋମବାର ଏକ ଗାଡ଼ି ଧକ୍କାରେ ଜଣେ ବାଇକ ଆରୋହିଙ୍କ ମୃତ୍ୟୁ ଘଟିଛି। ମୃତକ ଜଣକହେଲେ ବାଲିଚନ୍ଦ୍ରପୁର ଥାନା ଅନ୍ତର୍ଗତ ଚାରିନଙ୍ଗଳ ପଞ୍ଚାୟତ ଝରକୁଳ ଗାଁର ମିର ରଫିକ ଉଦ୍ଦିନ(୩୯)। ମୃତ ରଫିକ ଉଦ୍ଦିନ ଏକ ବାଇକ ଓଡି ୩୪-୨୦୫୫ ଯୋଗେ ଚଣ୍ଡିଖୋଲରୁ କଟକ ଅଭିମୁଖେ ଯାଉଥିବା ବେଳେ କଡାଇଛକ ନିକଟରେ ଏକ ଗାଡି ଧକ୍କାଦେବାରୁ ଘଟଣାସ୍ଥଳରେ ଛିଟିକି ପଡି ଯାଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଜାତୀୟ ରାଜପଥ ଆମ୍ବୁଲାନ୍ସ ଯୋଗେ ବଡଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ମାତ୍ର ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଜାରି ରଖିଛି।

## ■ଆଗେ ସତ ପରେ ମିଛ

# ୨୩ କୋଟି ଚଳୁ କରିବାକୁ ଉଦ୍ୟମ

■ତିତ୍‌ଲୀ କ୍ଷୟକ୍ଷତି ରିପୋର୍ଟରେ ହେରଫେର
■ରାଜନୈତିକ ଚାପରେ ରିପୋର୍ଟ ବଦଳା ଯାଇଥିବା ନେଇ ଚର୍ଚ୍ଚା

ବରୀ,୪।୧୨(ସ୍ୱ.ପ୍ର.)

ଯାଜପୁର ଜିଲ୍ଲା ବରୀ ବ୍ଲକ ପ୍ରଶାସନ ୨୩କୋଟି ଟଙ୍କା ଚଳୁ କରିବା ଉଦ୍ଦେଶ୍ୟରେ ଜିଲ୍ଲା ପ୍ରଶାସନକୁ ମିଥ୍ୟା ରିପୋର୍ଟ ପ୍ରଦାନ କରିଥିବା ଜଣାପଡ଼ିଛି। ଚଳିତ ବର୍ଷ ଅକ୍ଟୋବର ମାସରେ ହୋଇଥିବା ତିତ୍‌ଲିର ପ୍ରଭାବ ଯାଜପୁର ଜିଲ୍ଲାରେ ବିଶେଷ ମାତ୍ରାରେ ପଡ଼ି ନ ଥିଲା ବୋଲି ବ୍ଲକ ପ୍ରଶାସନ ଗତ ଅକ୍ଟୋବର ୧୫ତାରିଖରେ ଚିଠି ନଂ ୩୭୨୮ରେ ଜିଲ୍ଲା ପ୍ରଶାସନକୁ ରିପୋର୍ଟ ଦେଇଥିଲା। କିନ୍ତୁ ଏବେ ପୁଣି ଥରେ ବ୍ଲକ ପ୍ରଶାସନ ମିଥ୍ୟା ରିପୋର୍ଟ ପ୍ରଦାନ କରି କୋଟି କୋଟି ଟଙ୍କା ହଡ଼ପ କରିବାକୁ ଚେଷ୍ଟା କରୁଥିବା ଜଣାପଡ଼ିଛି। ଯାହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ବିଭିନ୍ନ ପ୍ରକାର ଚର୍ଚ୍ଚା ହେଉଛି। ଶାସକ ଦଳର ନେତାଙ୍କ ପ୍ରରୋଚନାରେ ପଡ଼ି ଏଭଳି ମିଥ୍ୟା ରିପୋର୍ଟ ପ୍ରକାଶ କରାଯାଇଥିବା କୁହାଯାଉଛି।

ପ୍ରକାଶ ଯେ, ଅକ୍ଟୋବର ୧୧ହୋଇଥିବା ବାତ୍ୟା ତିତ୍‌ଲୀ ପ୍ରଭାବରେ କେଉଁ ବ୍ଲକରେ କେତେ କ୍ଷୟକ୍ଷତି ହୋଇଛି ସେନେଇ ରିପୋର୍ଟ ଦେବାକୁ ଜିଲା ପ୍ରଶାସନ ନିର୍ଦ୍ଦେଶ ଦେଇଥିଲା। ଉକ୍ତ ନିର୍ଦ୍ଦେଶକୁ ଆଧାର କରି ବରୀର ତତ୍କାଳୀନ ବିଡିଓ ଅକ୍ଟୋବର ୧୫ତାରିଖରେ ବରୀ ଅଞ୍ଚଳରେ କ୍ଷୟକ୍ଷତି ହୋଇନାହିଁ ବୋଲି ଜିଲା ପ୍ରଶାସନକୁ ଅବଗତ କରିଥିଲେ। ଏପରି କି ବ୍ଲକର କୌଣସି ଗାଁ ରାସ୍ତାଘାଟ, ଧନଜୀବନ, କ୍ଷୟ କ୍ଷତି ହୋଇନାହିଁ ବୋଲି ତଦନ୍ତ ବେଳେ ଜାଣିବାକୁ ମିଳିଥିଲା। କିନ୍ତୁ ଆଶ୍ଚର୍ଯ୍ୟର କଥା ପରବର୍ତ୍ତୀ ସମୟରେ ବ୍ଲକ ପ୍ରଶାସନ ୨ଟି ଭିନ୍ନ ରିପୋର୍ଟ ପ୍ରସ୍ତୁତ କରି ୨୨କୋଟି ୮୦ଲକ୍ଷ ଟଙ୍କାର କ୍ଷୟକ୍ଷତି ହୋଇଥିବା ଜିଲାପ୍ରଶାସନକୁ ଜଣାଇଥିବା ଆର୍‌ଟିଆଇ ତଥ୍ୟରୁ ଜଣାପଡ଼ିଛି। ୨୪।୧୧ ଓ ୨୫।୧୧।୨୦୧୮ରେ ଚିଠି ନଂ ଯଥାକ୍ରମେ ୪୨୩୧ ଓ ୪୨୭୫ ରେ ଏହି ରିପୋର୍ଟ ଦିଆଯାଇଛି ବୋଲି ସାମାଜିକ କର୍ମୀ ହିମାଂଶୁ ଶେଖର ଦାଶ ଜାଣିବାକୁ ପାଇଛନ୍ତି। ବ୍ଲକ ପ୍ରଶାସନ କାହା ଚାପରେ ଏଭଳି ଭିନ୍ନ ରିପୋର୍ଟ ପ୍ରଦାନ କରିଛି ତାକୁ ନେଇ ଏବେ ଚର୍ଚ୍ଚା ଜୋର ଧରିଛି। ୨୦୧୯ ଆଗକୁ ଆସୁଛି। ଏହି ନୂଆ ବର୍ଷରେ ଶାସକ ଦଳ କର୍ମୀମାନଙ୍କୁ ଭେଟିଦେବାପାଇଁ ଏଭଳି ମିଥ୍ୟା ରିପୋର୍ଟ ଦେଇ ବ୍ଲକ ପ୍ରଶାସନ ଜରିଆରେ କୋଟି କୋଟି ଟଙ୍କା ହଡ଼ପ କରାଯିବାକୁ ଯୋଜନା କରାଯାଉଛି ବୋଲି ଆଲୋଚନା ହେଉଛି। ପ୍ରକାଶ ଥାଉକି ୨୦୧୭-୧୮ ବନ୍ୟାରେ କିମ୍ପିରିଆପାଳ ନିକଟ ବ୍ରାହ୍ମଣୀ ନଦୀ ବନ୍ଧରେ ଏକ ବିରାଟ ଘାଇ ହୋଇଥିଲା। ସମଗ୍ର ବରୀ ଅଞ୍ଚଳ ଏଥିରେ ଜଳମଗ୍ନ ହୋଇଯାଇଥିଲା। ସେତେବେଳେ ବ୍ୟାପକ କ୍ଷୟ କ୍ଷତି ହୋଇଥିଲାବେଳେ ବରୀ ଅଞ୍ଚଳକୁ ବନ୍ୟାଞ୍ଚଳ ବୋଲି ଘୋଷଣା କରାଯାଇ ନ ଥିଲା। ଏନେଇ ଭାଜପା ପକ୍ଷରୁ ରାସ୍ତାରୋକୋ କରାଯାଇଥିଲା। ପ୍ରଶାସନ ସେତେବେଳେ ଭାଜପାର କୌଣସି କଥାକୁ ଶୁଣି ନ ଥିଲା। ଏବେ ତିତ୍‌ଲିରେ କୌଣସି କ୍ଷୟକ୍ଷତି ହୋଇ ନ ଥିଲାବେଳେ ପ୍ରଶାସନ ପକ୍ଷରୁ ଏଭଳି ରିପୋର୍ଟକୁ ନେଇ ରାଜନୈତିକ ଛକାପଞ୍ଝା ଆରମ୍ଭ ହୋଇଯାଇଛି। ଏ ସଂକ୍ରାନ୍ତରେ ବରୀ ବ୍ଲକ ବିଡିଓ ପ୍ରଭାସ ବେଉରାଙ୍କୁ ପଚାରିବାରୁ ରିପୋର୍ଟ ପଠାଇ ଦିଆଯାଇଛି। ମଞ୍ଜୁର ଦାୟିତ୍ୱ ଜିଲା ପ୍ରଶାସନର ବୋଲି କହିଛନ୍ତି।

## ମହିଳା ଆତ୍ମସୁରକ୍ଷା କାର୍ଯ୍ୟକ୍ରମ




ମହିଳା ଆତ୍ମସୁରକ୍ଷା ତାଲିମ ଶିବିରର ଉଦ୍‌ଘାଟନୀ ସଭାରେ ଉପସ୍ଥିତ ଅତିଥି ଓ ଛାତ୍ରୀମାନେ।

ବିଞ୍ଝାରପୁର,୪।୧୨(ଡି.ଏନ୍.ଏ)

ବିଞ୍ଝାରପୁର ବ୍ଲକ ଅରେଇସ୍ଥିତ ବରୁଣେଶ୍ୱର ମହାବିଦ୍ୟାଳୟ ପରିସରରେ ମଙ୍ଗଳବାର ମହିଳା ଆତ୍ମସୁରକ୍ଷା ତାଲିମ କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଛି। ଏହି କାର୍ଯ୍ୟକ୍ରମକୁ ମହାବିଦ୍ୟାଳୟର ଅଧ୍ୟକ୍ଷ କିର୍ତ୍ତନବିହାରୀ ସାମଲ ଉଦ୍‌ଘାଟନ କରି ବର୍ତ୍ତମାନ ସମୟରେ ମହିଳା ଆତ୍ମସୁରକ୍ଷାର ଆବଶ୍ୟକତା ସମ୍ପର୍କରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମର ସଂଯୋଜକ ପ୍ରଧାପକ ବଟକୃଷ୍ଣ ମହାପାତ୍ର, ଅଧ୍ୟାପକ ଦିଲୀପ କୁମାର ପ୍ରଧାନ, ଅଧ୍ୟାପିକା ବିଦ୍ୟୁରେଖା ନାୟକ, ଅଧ୍ୟାପିକା ପ୍ରତିମା ସାହୁ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ମହିଳାମାନଙ୍କ ଆତ୍ମସୁରକ୍ଷା ତାଲିମ ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ଆତ୍ମସୁରକ୍ଷା ତାଲିମ କାର୍ଯ୍ୟକ୍ରମ ପ୍ରଶିକ୍ଷକ ସରସ୍ୱତୀ ପତି, ଶିଲାରାଣୀ ସାହୁ, ଭାରତୀ ମଲ୍ଲିକଙ୍କ ତତ୍ତ୍ୱାବଧାନରେ ହୋଇଥିବାବେଳେ ବଟକୃଷ୍ଣ ଦାସ ସହଯୋଗ କରିଥିଲେ।

## ବିଜୁ ଯୁବବାହିନୀ ପକ୍ଷରୁ କ୍ରୀଡ଼ା ଉପକରଣ ବଣ୍ଟନ

ଦଶରଥପୁର,୪।୧୨(ଡି.ଏନ୍.ଏ)

ଦଶରଥପୁର ବ୍ଲକରେ ସୋମବାର ବିଜୁ ଯୁବବାହିନୀ ପକ୍ଷରୁ ବ୍ଲକର ୩୫ଟି ପଞ୍ଚାୟତକୁ ୧୭ ଲକ୍ଷ ୫୦ ହଜାର ଟଙ୍କାର କ୍ରୀଡ଼ା ଉପକରଣ ବଣ୍ଟନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ବିଡିଓ ନାରାୟଣ ଚନ୍ଦ୍ର ନାୟକ, ବ୍ଲକ ଅଧ୍ୟକ୍ଷା ସୁଜାତା ସାହୁ, ଉପାଧ୍ୟକ୍ଷ ରଞ୍ଜନ କୁମାର ପୃଷ୍ଟି, ଯାଜପୁର ବିଧାୟକଙ୍କ ପ୍ରତିନିଧି କର୍ଣ୍ଣାଟକେଶରୀ ଦାସ, ଜିଲାପରିଷଦ ସଭ୍ୟ ସରୋଜ କୁମାର ମହାପାତ୍ର, ଯୁବବାହିନୀର ବ୍ଲକ ସଂଯୋଜକ ଦିବ୍ୟପ୍ରକାଶ ନାୟକ, ଜିପିଓ ଶ୍ରୀକାନ୍ତ ବେହେରା ପ୍ରମୁଖ ଯୋଗ ଦେଇଥିଲେ। ପ୍ରତ୍ୟେକ ପଞ୍ଚାୟତକୁ କ୍ରୀଡ଼ା ସାମଗ୍ରୀ ଭାବେ - କ୍ୟାରମ ବୋର୍ଡ, ଭଲିବଲ, ଫୁଟବଲ, ଟେନିସ, କ୍ରିକେଟ ବ୍ୟାଟ, ବଲ୍, ଷ୍ଟମ୍ପ, ବ୍ୟାଡମିଣ୍ଟନ, ର୍‌ୟାକେଟ, ଜିମ୍ କିଟ୍, ସ୍କିପିଂ ରୋପ ଓ ଖୋ ଖୋର ଖମ୍ବ ସହ ସାମଗ୍ରୀକୁ ରଖିବା ଲାଗି ଟିଣର ଏକ ବଡ଼ ବାକ୍ସ ପ୍ରଦାନ କରାଯାଇଛି। ପ୍ରତି ପଞ୍ଚାୟତକୁ ୫୦ ହଜାର ଟଙ୍କାର ଖେଳ ସାମଗ୍ରୀ ଦିଆଯାଇଛି।

## ୪ ଜୁଆଡ଼ି କୋର୍ଟ ଚାଲାଣ

କାଳିଆପାଣି, ୪।୧୨(ଡି.ଏନ୍.ଏ.)
କାଳିଆପାଣି ଥାନା ପୋଲିସ ଖଣି ଅଞ୍ଚଳରୁ ସୋମବାର ବିଳମ୍ବିତ ରାତିରେ ୪ ଜଣ ଜୁଆଡ଼ିଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ କାଳିଆପାଣି ଅଞ୍ଚଳର ଭଞ୍ଜକିଶୋର ପ୍ରଧାନ(୪୮), ମାନସ ଦେହୁରି (୨୩), ଗଗନ ପ୍ରଧାନ(୨୪), ଆଶଷ ପ୍ରଧାନ (୨୬)। ହନୁମାନ ବଜାରର ହଟିଂରେ ଜୁଆଖେଳ ହେଉଥିବା ଖବର ପାଇ ପୋଲିସ ଚଢାଉ କରିଥିଲା।

## ଅନାଥ ଆଶ୍ରମରେ ଜିଲାପ୍ରଶାସନର ଚଢାଉ

ଯାଜପୁର ରୋଡ, ୪।୧୨ (ନି.ପ୍ର) : ମଙ୍ଗଳବାର ଯାଜପୁର ଜିଲାପାଳ ରଞ୍ଜନ କୁମାର ଦାସଙ୍କ ନିର୍ଦ୍ଦେଶରେ ଜିଲା ଶିଶୁ ଅଧିକାରୀ ନିରଞ୍ଜନ କରଙ୍କ ସମେତ ବହୁ ପଦାଧିକାରୀ ଦାନଗଦୀ ଓ ସୁକିନ୍ଦା ବ୍ଲକର ବିଭିନ୍ନ ସ୍ଥାନରେ ଥିବା ମିସିନାରୀ ସ୍କୁଲ ଓ ଅନାଥ ଆଶ୍ରମରେ ଚଢାଉ କରିଛନ୍ତି। ଦାନଗଦୀ ବ୍ଲକର ନଡିଆଭଙ୍ଗାର ମିସିନାରୀ ଚର୍ଚ୍ଚ, ବାଉଁଶନଳୀ ମାରିଆ ଭବନ ବାଳିକାବାଳକ ହଷ୍ଟେଲ ଓ ସୁକିନ୍ଦା ବ୍ଲକର ଆସ୍ ଫାୟାର ଉପରେ ଚଢାଉ କରି କାଗଜପତ୍ର ଯାଞ୍ଚ କରାଯାଇଛି। ଏଥିସହ ଅନାଥ ପିଲାମାନଙ୍କୁ ଯାଜପୁର ଶିଶୁ ସୁରକ୍ଷା ୟୁନିଟ୍‌ରେ ହସ୍ତାନ୍ତର କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ୩ ଦିନ ମଧ୍ୟରେ ଅନ୍ୟାନ୍ୟ ସମସ୍ତ ଅବାଶ୍ୟକୀୟ କାଗଜପତ୍ର ଦର୍ଶାଇବା ପାଇଁ କୁହାଯାଇଛି। ଏହି ଚଢାଉରେ ଦାନଗଦୀ ଓ ସୁକିନ୍ଦା ବିଡିଓ ଉପସ୍ଥିତ ଥିଲେ।

## ବ୍ୟାସନଗର ପୌରପରିଷଦର ପ୍ରଶାସକ ନିଯୁକ୍ତ

ଯାଜପୁର ରୋଡ, ୪।୧୨ (ନି.ପ୍ର)

ଯାଜପୁର ଜିଲାର ବ୍ୟାସନଗର ପୌର ପରିଷଦର ପ୍ରଶାସକ ଭାବେ କଳିଙ୍ଗନଗର ଅତିରିକ୍ତ ଜିଲାପାଳ ସନ୍ତୋଷ କୁମାର ମିଶ୍ର ମଙ୍ଗଳବାର ନିଯୁକ୍ତି ପାଇଛନ୍ତି। ତାଙ୍କୁ ଗୃହ ଓ ନଗର ଉନ୍ନୟନ ବିଭାଗ, ବିଜ୍ଞପ୍ତି ନଂ-୨୬୩୭୮, ୨୯।୦୯।୨୦୧୮ରେ ପ୍ରଶାସକ ଭାବେ ନିଯୁକ୍ତି କରାଯାଇଛି। ଏହି ଅବସରରେ ମିଶ୍ରଙ୍କୁ ବ୍ୟାସନଗର ପୌର ପରିଷଦର ବିଭିନ୍ନ ସଂଗଠନ ତରଫରୁ ପୁଷ୍ପଗୁଚ୍ଛ ଦେଇ ଭବ୍ୟ ସମ୍ବର୍ଦ୍ଧନା ଦିଆଯାଇଛି। ଶ୍ରମିକ ସଂଗଠନ ପକ୍ଷରୁ ବିଦ୍ୟାଧର ମହାନ୍ତି , ଯାଜପୁର ରୋଡ ଟ୍ୟାକ୍ସ ବାର୍ ଆସୋସିଏଶନର ବିବେକାନନ୍ଦ ମହାନ୍ତି, ରୋଟ୍ରାକ୍ଟ କ୍ଲବ୍ ପକ୍ଷରୁ ଅଭିଳାଷ ବୋଇତାଇ, ହୃଦାନନ୍ଦ ସାମଲ, ପଦ୍ମନାଭ ସ୍ୱାଇଁ, ପ୍ରଫୁଲ୍ଲ କୁମାର ବୋଇତାଇ, ବରିଷ୍ଠ ଆଇନଜୀବି ଚନ୍ଦ୍ରଶେଖର ପଣ୍ଡା, ସୁଧାନିଧି ମହାପାତ୍ର, ଅଜୟ ସାହୁ, ସଦାଶିବ ଦାସ, ଅସିତ୍ ବିଶ୍ୱାଳ, ସଂଘମିତ୍ରା ଜେନା ସମେତ ବହୁ ପୂର୍ବତନ କାଉସିଲର ଓ ବିଭିନ୍ନ ଦଳର ନେତୃବୃନ୍ଦ ସମ୍ବର୍ଦ୍ଧନା ଦେଇଥିଲେ। ମିଶ୍ର ଦାୟିତ୍ୱ ନେବା ପରେ ପୌର ପରିଷଦରେ ଏକ ବୈଠକ ଡକାଇଥିଲେ। ବୈଠକରେ ପୌରବାସୀଙ୍କ ସମସ୍ୟ ପ୍ରତି ଦୃଷ୍ଟି ଦେବାପାଇଁ କର୍ମଚାରୀମାନଙ୍କୁ ଆହ୍ୱାନ ଦେଇଥିବା ଜଣାପଡିଛି। ପୌର ପରିଷଦର ମୁଖ୍ୟ ସମସ୍ୟା ପରିମଳ, ଏଲ୍.ଇ.ଡି. ଲାଇଟ୍ ସଂଯୋଗ, ନାଳନର୍ଦ୍ଦମା ସଫା ଓ ମଶା ବିନାଶ ଉପରେ ଗୁରୁତ୍ୱ ଦିଆଯିବ ବୋଲି ମିଶ୍ର କହିଛନ୍ତି।

## ■ନାବାଳିକାଙ୍କୁ ଅପହରଣ ଘଟଣା

# ଏସ୍‌ପିଙ୍କୁ ଭେଟିଲେ ପରିବାରଲୋକେ



ପରିବାର ଲୋକେ ଏସ୍‌ପିଙ୍କୁ ଅଭିଯୋଗ କରୁଛନ୍ତି।

କୋରେଇ,୪।୧୨(ସ୍ୱ.ପ୍ର)
ବୈରୀ ଥାନା ଅଞ୍ଚଳରେ ଜଣୈକା ନାବାଳିକା ଛାତ୍ରୀଙ୍କୁ ଜଣେ ଟ୍ରକ୍ ଡ୍ରାଇଭର ଅପହରଣ କରି ନେବା ଘଟଣାର ଦୁଇ ସପ୍ତାହ ପରେ ମଧ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିପାରିନାହିଁ। ଏ ନେଇ ମଙ୍ଗଳବାର ପରିବାରଲୋକେ ପାଣିକୋଇଲିସ୍ଥିତ ଯାଜପୁର ଏସ୍‌ପି ଚରଣ ସିଂ ମୀନାଙ୍କୁ ଭେଟି ଝିଅକୁ ଉଦ୍ଧାର କରିବା ସହିତ ଅଭିଯୁକ୍ତଙ୍କୁ ଗିରଫ ପାଇଁ ଦାବି କରିଛନ୍ତି। ଏ ଦିଗରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଏସ୍‌ପି ପରିବାର ଲୋକଙ୍କୁ ପ୍ରତିଶ୍ରୁତି ଦେଇଥିବା ଜଣାପଡିଛି। ପ୍ରକାଶ ଯେ, ଗତ ନଭେମ୍ବର ୨୦ରେ ସମିଆ ଗ୍ରାମର ଜଣେ ନାବାଳିକା ଟିଉସନକୁ ଯାଇ ଆଉ ଘରକୁ ଫେରି ନ ଥିଲେ। ବହୁ ଖୋଜାଖୋଜି ପରେ ସ୍ଥାନୀୟ ସିମେଣ୍ଟ କାରଖାନା ଅଞ୍ଚଳରେ ଟ୍ରକ୍ ଡ୍ରାଇଭର ଭାବେ କାର୍ଯ୍ୟ କରୁଥିବା ଉକ୍ତ ଗ୍ରାମର ଆଲୋକ ବ୍ରହ୍ମ ନାମକ ଯୁବକ ସମ୍ପୃକ୍ତ ନାବାଳିକାଙ୍କୁ ଅପହରଣ କରି ନେଇଥିବା ପରିବାର ଲୋକେ ଜାଣିବାକୁ ପାଇଥିଲେ। ଘଟଣାକୁ ନେଇ ନାବାଳିକାଙ୍କ ପିତା ବୈରୀ ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ। ଏ ନେଇ ଥାନରେ ଏକ ମାମଲା (୧୦୫/୧୮) ରୁଜୁ ହୋଇଥିବା ଜଣାପଡିଛି। ପୋଲିସ ପକ୍ଷରୁ ଅଭିଯୁକ୍ତଙ୍କୁ ଗିରଫ କିମ୍ବା ଝିଅଙ୍କୁ ଉଦ୍ଧାର କରିବା ଦିଗରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନ ଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି।

## ସାରୁଆବିଲ ଅଞ୍ଚଳରେ ଶାନ୍ତି ପ୍ରତିଷ୍ଠା ପାଇଁ ଜିଲାପାଳଙ୍କୁ ଦାବିପତ୍ର

ବିରଜାକ୍ଷେତ୍ର,୪।୧୨(ଡି.ଏନ୍.ଏ)

ସମ୍ପ୍ରତି ସାରୁଆବିଲ ମାଇନ୍ସରେ ଶ୍ରମିକମାନଙ୍କ ଉପରେ ବିଜେଡ଼ି ପରିଚାଳିତ ୟୁନିୟନ ପକ୍ଷରୁ ହେଉଥିବା ଜୁଲୁମ ବିରୋଧରେ ଏସ୍‌ୟୁସିଆଇ(ସି) ପରିଚାଳିତ ସୁକିନ୍ଦା ଉପତ୍ୟକା ମାଇନ୍ସ ୱାର୍କର୍ସ ୟୁନିୟନ ନେତୃତ୍ୱରେ ଯାଜପୁର ଜିଲାପାଳ ଓ ଏସ୍‌ପିଙ୍କୁ ଭେଟି ଦାବିପତ୍ର ପ୍ରଦାନ କରାଯାଇଛି। ପ୍ରକାଶ ଯେ, ଗତ ୨୬ତାରିଖରେ ଜାମସେଦପୁରଠାରେ ଆୟୋଜିତ ସର୍ବଭାରତୀୟ ସମ୍ମିଳନୀରେ ଯୋଗଦେବାକୁ ଯାଇଥିବା ୟୁନିୟନର ଶ୍ରମିକ ବିଷ୍ଣୁ ହେମ୍ବ୍ରମ୍ ସେଠାରେ ଅସୁସ୍ଥ ହୋଇପଡ଼ିଥିଲେ। ତାଙ୍କୁ ଏମ୍‌ଜିଏମ୍ ହସ୍ପିଟାଲରେ ଭର୍ତ୍ତି କରାଇ ଚିକିତ୍ସା କରାଯିବା ଏବଂ ଚିକିତ୍ସିତ ଅବସ୍ଥାରେ ମୃତ୍ୟୁବରଣ କରିବା ଘଟଣାକୁ ହତ୍ୟାକାଣ୍ଡର ଆଖ୍ୟା ଦେଇ ବିଜେଡ଼ି ପରିଚାଳିତ ସଙ୍ଗଠନ ମାଇନ୍ସ କ୍ୟାମ୍ପରେ ତାଣ୍ଡବ ସୃଷ୍ଟି କରିଛନ୍ତି। ଗତ ୨୮ତାରିଖରେ ଶ୍ରମିକ କଲୋନୀରେ ପଶି ଶ୍ରମିକଙ୍କୁ ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରିବା, କ୍ୱାର୍ଟରରେ ଥିବା ମହିଳାପୁରୁଷଙ୍କୁ ଜୋରଜବରଦସ୍ତ ଟଣାଓଟରା କରିବା ସହ କ୍ୱାର୍ଟରର କବାଟ, ଝରକା ଭଙ୍ଗାରୁଜା କରିଥିଲେ। ପ୍ରକାଶଥାଉକି, ଦୀର୍ଘ ୪୦ ବର୍ଷରୁ ଉର୍ଦ୍ଧ୍ୱକାଳ ଧରି ଶ୍ରମିକମାନଙ୍କର ସ୍ୱାର୍ଥକୁ ରକ୍ଷାକରି ଲଢ଼େଇ ଜାରି ରଖିଥିବା ୟୁନିୟନକୁ ସମ୍ପୂର୍ଣ୍ଣ ଧ୍ୱଂସ କରିବା ଓ କର୍ମକର୍ତ୍ତାମାନଙ୍କୁ ହଟାଇ ଦେବାପାଇଁ ଉଦ୍ୟମ କରାଯାଉଛି ବୋଲି ଅଭିଯୋଗ ହୋଇଛି। ସୁକିନ୍ଦା ଉପତ୍ୟକା ମାଇନ୍ସ ୟୁନିଅନ୍ ପକ୍ଷରୁ ଉପସଭାପତି ଶଙ୍କର ଦାସଗୁପ୍ତ, ସାଧାରଣ ସମ୍ପାଦକ ଜଗବନ୍ଧୁ ବରାଳ, ଶ୍ରମିକ ନେତା ସୁରେନ୍ଦ୍ର ମଲ୍ଲିକ, ସୁଧାଂଶୁ ଦାସ, ୟୁନିୟନର ସହସମ୍ପାଦକ ରମାକାନ୍ତ ମହାନ୍ତ ପ୍ରମୁଖ ସାରୁଆବିଲ ଅଞ୍ଚଳରେ ଶ୍ରମିକ ନେତା ଓ ଶ୍ରମିକଙ୍କ ଜୀବନ ପ୍ରତି ଦେଖାଦେଇଥିବା ବିପଦର ସୁରକ୍ଷା ପ୍ରଦାନ କରିବା ସଙ୍ଗେ ସଙ୍ଗେ ସ୍ଥାୟୀ ଶାନ୍ତି ପ୍ରତିଷ୍ଠା କରିବାପାଇଁ ଜିଲାପାଳ ଓ ଏସ୍‌ପିଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି।

ଧରିତ୍ରୀ CAREER APPOINTMENT
every Wednesday & Saturday

BACHPAN a play school
Requires : TEACHERS
MINIMUM 2 YEARS OF EXPERIENCE WITH FLUENCY IN ENGLISH
KAPIL PRASAD, BDA COLONY, HIG 1/17, NEAR LINGARAJ RAILWAY STATION, BBSR-2
Mob.: 9437143495

OMM SAI INFRATECH
ବ୍ଲକ୍ ସ୍ତରୀୟ ନିଯୁକ୍ତି
ନିଜ ନିଜ ପଞ୍ଚାୟତସ୍ତରରେ କାମ କରିବାପାଇଁ ODISHA ର ପ୍ରତ୍ୟେକ ଜିଲ୍ଲାରୁ ଆବଶ୍ୟକ
Qual. 7th, 10th, +2, +3 ଓ ITI candidate
Salary : Rs. 8,000 To Rs.15,000
CONTACT : 9776141333

ଭୁବନେଶ୍ୱରରେ ରହୁଥିବା ଛୋଟ ପରିବାର ପାଇଁ ରୋଷେଇ ଏବଂ ଘର କାମ କରିବା ପାଇଁ ଅଭିଜ୍ଞତା ଥିବା ସ୍ତ୍ରୀଲୋକ/ଝିଅ ଆବଶ୍ୟକ। ରହିବା, ଖାଇବା ସୁବିଧା ଅଛି।
ସମ୍ପର୍କ କରନ୍ତୁ:
8114721727

WALK-IN-INTERVIEW
Bhubaneswar a leading travel agency need Sales & Marketing Boys. All candidate qualification: MBA + Salary negotiable.
Contact: 0674-2595523, 2595513, 9937438896

Urgent Requirement for FIELD EXECUTIVE. 10th Pass. Salary: 7000 to 10000.
Ph. No.: 7290035795

WANTED
YOUNG MALE BODY MASSAGE (BOY)
For Body Massage Parlour
Ph : 9861550765

MNC କମ୍ପାନୀରେ ଚାକିରୀ
VACANCY- 10 (Male) & 7 (Female)
No Registration Fee / No Experience
ଯୋଗ୍ୟତା-10th/+2/+3. Age Below 30 yrs
Monthly : Rs.10000/- ଓ ରହିବା ସୁବିଧା
ଆସନ୍ତା ୫ଦିନ ମଧ୍ୟରେ ଯୋଗାଯୋଗ କରନ୍ତୁ
BHUBANESWAR : 9437186335

ବ୍ଲକସ୍ତରୀୟ ନିଯୁକ୍ତି
ନିଜ ବ୍ଲକ ଓ ପଞ୍ଚାୟତ ସ୍ତରରେ କାମ କରିବା ପାଇଁ ପ୍ରତ୍ୟେକ ଜିଲ୍ଲାରୁ Candidate ଆବଶ୍ୟକ।
ଦରମା: 7,000/- to 42,000/-.
ଯୋଗାଯୋଗ: 9777639313

ଆବଶ୍ୟକ
ଭୁବନେଶ୍ୱର, କଟକ, ବ୍ରହ୍ମପୁର ଏବଂ ରାଉରକେଲା ପାଇଁ Office Staff ଆବଶ୍ୟକ। ଯୋଗ୍ୟତା: 10th/above. Monthly Salary upto Rs.27000/-. (Part Time / Full Time)
Contact: 9938676412

CONTACT:- 9938414918
ଭୁବନେଶ୍ୱର ପାଇଁ Accountant, Computer Operator, Field Officer, Office Assistant, Receptionist & Supervisor ଆବଶ୍ୟକ। ଯୋଗ୍ୟତା: 10th/above. ବୟସ: (17-30) yrs, Monthly Salary upto Rs. 24000/-.

A reputed C & FA of Home Appliances at BBSR requires
SALES OFFICER
Persons having (3 to 5 years Experience) in Same Trade. Salary Negotiable.
IMMEDIATELY CONTACT
9937136851

AIRPORT RECRUITMENT
Male, Female Ground Staff, Floor Manager, Ticket Checker, Security Staff, Cook.
Salary: 27k to 45 k + PF + ESI + Accommodation
Departmenthrpoojasharma@gmail.com
7289943942, 9582577706

WANTED Following Staffs for Steel Industries at Cuttack.
• FIELD SUPERVISORS
• MALI
CONTACT
9437496020
7381075901

OFFICIALLY JOB
ଯୋଗ୍ୟତା: ଦଶମ ପାସ୍/ଫେଲ୍, ବୟସ: (18-35) yrs. ମାସିକ ଦରମା upto Rs.25000/-.
Contact Immediately:
Mob: 8763257042

SWIGGY REQUIRES
Work Full Time/ Part Time with Swiggy as a DELIVERY EXECUTIVE (Bike and DL) and earn up to 12000 - 25000 / month (Incentives and Insurance worth 6 lakhs extra).
Walk-in at Swiggy office at Gulmohar Building, Ground Floor, Behera Sahi, Nayapalli (opp. NABARD) Regiona, Bhubaneshwar, Odisha-751012 or give a missed call or call us on
011 30017619

ସବୁ ଏୟାର ପୋର୍ଟ ହେତୁ ଡାଇରେକ୍ଟ ଭର୍ତ୍ତି ପକ୍କା ଜଏନିଂ। ଶାସକୀୟ, ଅର୍ଦ୍ଧଶାସକୀୟ, ଅପାଠୁଆରୁ ଗ୍ରାଜୁଏଟ 45,500/- ରୁ 85,500/-। ଗ୍ରାଉଣ୍ଡ ଷ୍ଟାଫ, ସୁପରଭାଇଜର, ଏୟାରହୋଷ୍ଟେସ୍, ଲୋଡର, ହେଲପର, ଡ୍ରାଇଭର। ରହିବା + ଖାଇବା + ବୀମା
CONSULTANT
07303520928

24 x 7 Satellite News Channel ODISHA NEWS9 ଆପଣଙ୍କ ସ୍ୱର
An upcoming Satellite News Channel of Odisha
Requires
• Reporter (All Block/District) • Anchor, • Input incharge, • Output incharge, • IT & Broadcast head & executives, • Graphics Offline Head & executives, • Graphics Designer, • PCR, • Switcher, • Sting clint, • Sound engineer, • MCR- Executive, • Visual Editor, • Camera-video Journalist, • Promo Dept. Designer, • Research Executives, • Library Associates, • Makeup associates, • Marketing & Sales Manager & Associates, • Operation Coordinator, • Drivers, • Distribution executives, • HR & Admin. executives, • Store incharge, • Current Affairs Head, • Producer, Asst./Tr.producer, • Art Dept. executives, • Animation designer, • Public relations-executive, • Digital contain executives,
Preference will be given to experienced, highly motivated creative candidates having flair for initiating innovative programmes & activities. Very Attractive Incentives to really deserving candidates with proven merit and talent.
Interested candidates are requested to send the duly filled Biodata to: news9odisha@gmail.com within 7 days of publication of this advertisement.
Walk-in-Interview
At 09:00 AM to 05:00 PM on 1st, 2nd, 8th & 9th December 2018 at Hotel Royal Suites, Near Durga Mandap, Satyanagar, Bhubaneswar.

See Career Appointment on every Wednesday & Saturday

URGENT REQUIRED
ନିଜ ଜିଲ୍ଲାରେ ରହିବା, ଖାଇବା ସୁବିଧା ଦିଆଯିବ। ଦରମା: 25,000/-, ଶିକ୍ଷାଗତ ଯୋଗ୍ୟତା: 8th to 10th & above.
Contact:
8339922964

SANTANU ENGLISH MEDIUM SCHOOL
Affiliated to CBSE, New Delhi
Chintamaniswar Temple Road, Bhubaneswar - 751 006
Ph : (0674) 2312784/2972080, Mail : semsbbsr@gmail.com
WANTED : Teachers in Science (CBZ) English, Hindi, Computer, Activity, Peon (Gents) and a Driver. Apply within 7 days to the Principal.

TEAM ADMARK (P) LTD
99/A, Saheed Nagar, 1st Lane Facing N.Opp of Ayakar Bhawan, Bhubaneswar-751007
Phone-0674-6532628/7205006004/9238121210
Mail id- careerteamadmark@gmail.com
URGENTLY REQUIRED
1. Sr. Marketing Executive (outdoor) - Graduate (Male & Female) with min. 5-7 years marketing experience in outdoor advertising trade or in space selling. Preferably MBA, Salary- ₹15, 000/- to ₹20,000/- per month, Fuel and Mob. Expenses Extra, Two wheeler must.
2. Marketing Executive (outdoor) - BBA Graduate (Male & Female) with min. 2-3 years marketing experience in outdoor advertising trade or in space selling., salary- ₹10, 000/- to ₹12,000/- per month, Fuel and Mob. Expenses Extra.
3. Field Supervisor (outdoor): Graduate with Min. 2-3 years experience in Outdoor advertising business/construction in managing field works, salary- ₹7,000/- to ₹9,000/- per month, fuel and mob. Expenses extra, Computer Knowledge & Two wheeler must.
4. Electrician: ITI Pass out with Min 2-3 years experience in Electrical Trade/ outdoor advertising business/ construction in managing field work, salary- ₹7,000/- to ₹9, 000/- per month, Fuel and Mob. Expenses Extra, Two wheeler must.
5. Office Peon: 10th Pass with min. 1 year experience in Office/field work, salary- ₹6, 000/-per month with own bicycle or two wheeler.
Interested candidates may apply to our above address & mail ID with complete Bio-data and photo within 7 days from the date of advertisement.

ନୋଟିସ୍: ନିଯୁକ୍ତି ଓ କ୍ୟାରିୟର ପୃଷ୍ଠାରେ ଅନେକ ନିଯୁକ୍ତି ସମ୍ବନ୍ଧୀୟ ବିଜ୍ଞାପନ ପ୍ରକାଶ ପାଉଛି। ସମସ୍ତ ବିଜ୍ଞାପନ ବା ବିଜ୍ଞାପନଦାତାଙ୍କ ସତ୍ୟାସତ୍ୟ ଅନୁସନ୍ଧାନ କରିବା ଆମ ପକ୍ଷରେ ସମ୍ଭବପର ନୁହେଁ। ତେଣୁ ଯେଉଁ ବିଜ୍ଞାପନକୁ ଦେଖି ଆପଣ ଆବେଦନ କରୁଛନ୍ତି ବା ପରବର୍ତ୍ତୀ ସମୟରେ କୌଣସି ସମ୍ପର୍କ ସ୍ଥାପନ କରୁଛନ୍ତି ତାହା କରିବା ବେଳେ ନିଜର ବିବେକ, ବୁଦ୍ଧି ଖଟାଇ କରନ୍ତୁ। ବିଜ୍ଞାପନକାରୀ କମ୍ପାନୀ ପକ୍ଷରୁ ଅର୍ଥ ଦାବି କରାଗଲେ ତାହା ଦେବା ପୂର୍ବରୁ ନିଜ ସ୍ତରରେ ଅନୁସନ୍ଧାନ କରନ୍ତୁ। କୌଣସି ଅର୍ଥ ନେଣଦେଣ ପାଇଁ 'ଧରିତ୍ରୀ' ଦାୟୀ ରହିବ ନାହିଁ।

# ପୋଲିସ-ଅପରାଧୀ ଗୁଳି ବିନିମୟ

**ଜୟପୁର,୪।୧୨(ନି.ପ୍ର./ଡି.ଏନ୍.ଏ.)**

ଜୟପୁର ପୋଲିସ ପାଟ୍ରୋଲିଂ କରୁଥିବା ବେଳେ ମଙ୍ଗଳବାର ଭୋର ସମୟରେ ସ୍ଥାନୀୟ ଗ୍ଲୋକାଲ ମେଡିକାଲ ଅଞ୍ଚଳରେ କେତେଜଣ ଦୁର୍ବୃତ୍ତ ସେମାନଙ୍କ ଉପରକୁ ଗୁଳିମାଡ଼ କରିଥିଲେ। ଏହାର ଜବାବରେ ପୋଲିସ ମଧ୍ୟ ପାଲଟା ଗୁଳି ଚଳାଇଛି। ଉଭୟଙ୍କ ମଧ୍ୟରେ ୫ ରାଉଣ୍ଡ ଗୁଳି ବିନିମୟ ହୋଇଛି। ଘଟଣାସ୍ଥଳରୁ ପୋଲିସ ୯ ଏମ୍ଏମ୍ର ଏକ ଖୋକା ଜବତ କରିଛି।

ଜୟପୁର ଟାଉନ ପୋଲିସ ମଙ୍ଗଳବାର ଭୋର୍ରୁ ଗ୍ଲୋକାଲ ମେଡିକାଲ ଅଞ୍ଚଳରେ ପାଟ୍ରୋଲିଂ କରୁଥିଲା। ଏହି ସମୟରେ ସେଠାରେ ବାଇକ୍ ଧରି ଛିଡ଼ା ହୋଇଥିବା ୨ ମୁଖାପିନ୍ଧା ଯୁବକ ପୋଲିସକୁ ଦେଖି ବାଇପାସ୍ ରୋଡ୍ ପଟେ ଚମ୍ପଟ ମାରିଥିଲେ। ପୋଲିସ ମଧ୍ୟ ସେମାନଙ୍କ ପିଛା କରିଥିଲା। ଦୁର୍ବୃତ୍ତମାନେ ଏହା ଦେଖି ପୋଲିସ ଉପରକୁ ୨ ରାଉଣ୍ଡ ଗୁଳି ଚଳାଇଥିବା ବେଳେ ଆତ୍ମରକ୍ଷା ପାଇଁ ପୋଲିସ ୩ ରାଉଣ୍ଡ ଗୁଳି ଚଳାଇଥିଲା।

---

**idco** Your power to grow — ISO 9001 & 14001 CORPORATION | ODISHA NEW OPPORTUNITIES

**ODISHA INDUSTRIAL INFRASTRUCTURE DEVELOPMENT CORPORATION**
*(A Government of Odisha Undertaking)*
IDCO Towers, Janpath, Bhubaneswar - 751022

OFFICE OF THE CHIEF GENERAL MANAGER (P&C) IDCO, IDCO TOWER, BHUBANESWAR.
RFP Call Notice No. IDCO/H.O/P&C/EST/E-960/-01/2018/24356 Date: 01.12.2018

**NOTICE INVITING REQUEST FOR PROPOSAL UNDER NATIONAL COMPETITIVE BIDDING THROUGH e-Procurement**

**1. Name of the Work :** Procurement of PVC-O (Oriented PVC) pipes.
**2. Completion Period :** 09(Nine) Calendar months
**3. Other details**

| Procurement Officer | Bid Identification No. | Availability of Tender on-Line for Bidding | |
|---|---|---|---|
| | | From | To |
| 1 | 2 | 3 | 4 |
| Chief General Manager (P&C), IDCO, IDCO Towers, Bhubaneswar-751022 | Bid Id.No. PC-EST-E-72/2018-19 | 05.12.2018 at 16.00 Hrs. | 20.12.2018 up to 17.00 Hrs. |

**Further details can be seen from the e-Procurement Portal. www.tendersodisha.gov.in** . Corrigendum or addendum if any will not be published in news papers and can only be seen in the e-procurement portal **www.tenderodisha.gov.in** as well as **IDCO website www.idco.in**

Sd/-
**Chief General Manager (P&C)**
**IDCO, Bhubaneswar**

---

## OFFICE OF THE CHIEF DISTRICT MEDICAL AND PUBLIC HEALTH OFFICER
**GANJAM, BERHAMPUR**

**No. 19319/M/2018 Dated Berhampur the 03.12.2018**

**NOTICE**

It is hereby informed to all the candidates who have applied for engagement of Attendant on contracual basis under the administrative control of CDM&PHO Ganjam, in response to advertisement published The Sambad & The Dharitri on dt.15.12.2016 & 16.12.2016, that the provisional data base for the Post of Attendants is prepared and uploaded in the Dist. website i.e. https://ganjam.nic.in. The candidates are hereby advised to visit the aforesaid website, verify the entries made against their names from the draft database and submit their objections on the entries made in database (regarding omissions or commissions only) if any by Regd. Post/ Speed Post on which is to be reached by this office (O/o CDM&PHO, Ganjam, Berhampur, Ganjam, 760001) on or before dt. 24.12.2018 at 05.00 PM. No new documents will be entertained. The authority is not responsible for any postal delay or any other reasons. Further the envelope containing the application of objection should be superscribed as OBJECTION FOR THE POST OF ATTENDANT in block capital letters.

**Sd./- Chief District Medical and Public Health Officer**
**Ganjam, Berhampur**

---

**MCL** — **Mahanadi Coalfields Limited**
(A Subsidiary of Coal India Limited)
Jagruti Vihar, Burla - 768020, Dist. - Sambalpur, Odisha
Ph. (EPABX) : 0663-2542461 to 469 Website : http://www.mahanadicoal.in

**EoI Notice**

Tenders are invited on-line on the website **https://coalindiatenders.nic.in** from the eligible bidders having Digital Signature Certificate (DSC) issued from any agency authorized by Controller of Certifying Authority (CCA), Govt. of India for the following work:

| | | |
|---|---|---|
| 1 | e-Tender Notice No. | MCL/GM/CSR/2018-19/829 Dt. 01.12.2018 |
| 2 | Tender ID | 2018_MCL_122534_1 |
| 3 | Name of the work | Expression of Interest (EoI) for the empanelment of NGO's |
| 4 | Estimated cost | ₹0.00 |
| 5 | Bid Submission start date | 04-Dec-2018 11:00 AM |
| 6 | Bid submission end date | 07-Jan-2019 05:00 PM |

All bids are to be submitted on-line only. No bid shall be accepted off-line.
**For further details and submission of bid please visit the website https://coalindiatenders.nic.in.** R-4867

---

**Government of Odisha** No.963-B
**OFFICE OF THE SUPERINTENDING ENGINEER**
**CUTTACK (R&B) CIRCLE, CUTTACK**
E-mail.ID-sectcrb_2006@yahoo.co.in, Tel/Fax – 0671-2301751/2302751

**('e' – PROCUREMENT NOTICE)**
Bid Identification No.S.E.Ctc.(R&B) 12/2018-19

1. The Superintending Engineer, Cuttack (R&B)Circle, Cuttack on behalf of Governor of Odisha invites on Percentage rate basis bid in double cover system in ONLINE MODE from eligible contractors for Road work as mentioned below.
2. No. of work :- 1 No.
3. Nature of work :- Road work
4. Class of contractor :- 'B' & 'A' Class
5. Tender paper cost :- Rs.10000/- (online)
6. Available of bid documents in the website :- **From 11.12.2018 to 16.00 Hours of 26.12.2018**
7. Date of opening of bid :- **Dt. 27.12.2018 at 11.00 Hours**
8. The Bidders have to participate in ONLINE bidding only. Further details can be seen from the website https://tendersodisha.gov.in. Any addendum / corrigendum / cancellation of tender can also be seen in the said website.

**Sd./- B.C.Dash**
**Superintending Engineer**
**Cuttack(R&B)Circle**

34012/11/0025/1819

---

**GOVERNMENT OF ODISHA** No.969-B
**OFFICE OF THE SUPERINTENDING ENGINEER**
**BALANGIR (R&B) CIRCLE, BALANGIR**
Mail Id: sepwdbalangir@gmail.com, Fax / Ph. NO. 06652-231866

**e-Procurement Notice**
**Bid Identification No.: SE(R&B) BGR / 15 / 2018-19**
No.2496 Dtd.01.12.2018

1. The Superintending Engineer, Bolangir (R&B) Circle, Bolangir on behalf of Governor of Odisha invites percentage rate bid in double cover system in ONLINE MODE for the construction of works detailed in the table below from B / A / Special Class Contractors registered with the State Governments and contractors of equivalent Grade / Class registered with Central Government / MES / Railways for execution of Civil works. The proof of registration from the appropriate authority shall be enclosed along with the bid.
2. Nature of work : Road work
3. No. of tender : Road work 01 No.
4. Tender Cost : Rs.10,000/-
5. Class of contractor : "B" Class, "A" Class & "Special Class"
6. Date & time of sale & receipt of bids : From Dt.10.12.2018 at 10.00 AM to Dt.24.12.2018 upto 05.00 PM
7. Date of opening of bid : Dt.27.12.2018 at 11.30 AM
8. The bidders have to participate ONLINE bidding only. Further details can be seen from the website http://tendersorissa.gov.in. All future corrigendum will be available on ONLINE MODE only.

**Sd./- Superintending Engineer**
**Balangir (R&B) Circle, Balangir**

34131/11/0041/1819

---

## OFFICE OF THE REGULATED MARKET COMMITTEE, BARGARH

**"e" procurement of Notice.05/RMC-BGH 2018-19**
**Bid Identification No.05/RMC-BGH 2018-19**
**Tender Call Notice No.85/RMC Dated 04.12.2018**

| Sr. No. | Item | Details |
|---|---|---|
| 1 | The A.D.M., Bargarh-cum-Chairman, RMC, Bargarh invites percentage rate bids in Single Cover System in ONLINE MODE only for work as detailed below. | |
| 2 | Nature of the work | Construction of building works |
| 3 | No. of work | 1 No. |
| 4 | Bid cost | Rs.6000.00 online transfer |
| 5 | Value of tender | Rs.46.40 lakhs |
| 6 | Class of contractor | B & A Class |
| 7 | Availability of bid documents in the website | Dt.06.12.2018 to 22.12.2018 |
| 8 | Last date / time of receipt of bids in the portal | Dt.22.12.2018 upto 5.00 PM |
| 9 | Date of opening of bid | Dt.26.12.2018 at 3.00 PM |
| 10 | Further details can be seen from the e-procurement portal **"https://tendersorissa.gov.in"**. | |

**Sd./- A.D.M., Bargarh-cum-Chairman,**
**RMC, Bargarh**

---

## କୃଷି ଉପନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟ, ବରଗଡ଼

ବିଜ୍ଞପ୍ତି ସଂଖ୍ୟା– ୩୬୬୦ ତା: ୨୨।୧୧।୨୦୧୮

ଶ୍ରୀ ଭରତ ଚନ୍ଦ୍ର ଭୋଇ ବରିଷ୍ଠ କିରାଣି (ନିଲମ୍ବିତ) କୃଷି ଉପନିର୍ଦ୍ଦେଶକଙ୍କ
କାର୍ଯ୍ୟାଳୟ, ବରଗଡ଼
ଗ୍ରାମ– କଣ୍ଟାଟିକିରା
ପୋ– ସରସରା
ଜି– ବରଗଡ଼

ଏତଦ୍ଵାରା ଆପଣଙ୍କୁ ଜଣାଇ ଦିଆଗଲା ଯେ, ଆପଣଙ୍କ ବର୍ତ୍ତମାନର ବାସସ୍ଥାନ ଠିକଣାରେ ଏହି କାର୍ଯ୍ୟାଳୟର ସ୍ମାରକପତ୍ର ସଂଖ୍ୟା ୩୪୪୯, ତା୩୧।୧୦।୨୦୧୮ ଆପଣଙ୍କୁ ଜାରି କରିବା ପାଇଁ ଏହି କାର୍ଯ୍ୟାଳୟର ଶ୍ରୀ ପ୍ରତାପ ମହାପାତ୍ର, ତା୦୨।୧୧।୨୦୧୮ ଓ ୦୩।୧୧।୨୦୧୮ ଦିନ ଯାଇଥିଲେ, କିନ୍ତୁ ଆପଣ ଘରେ ଅନୁପସ୍ଥିତ ଥିଲେ ଏବଂ ଆପଣଙ୍କ ବାସଗୃହରେ ତାଲା ପଡ଼ିଥିଲା। ତେଣୁ ଆପଣଙ୍କୁ ଉପରୋକ୍ତ ସ୍ମାରକ ପତ୍ର ଜାରି କରାଯାଇପାରିଲା ନାହିଁ। ତେଣୁ ଆପଣଙ୍କୁ ଏହି ଖବରକାଗଜ ମାଧ୍ୟମରେ ଜଣାଇ ଦିଆଗଲା ଯେ, ଆପଣ ଉପରୋକ୍ତ ସ୍ମାରକ ପତ୍ର ସଂଖ୍ୟା ୩୪୪୯, ତା୩୧।୧୦।୨୦୧୮ ଏହି କାର୍ଯ୍ୟାଳୟରୁ ଖବର ପ୍ରକାଶ ପାଇବାର ୭ ଦିନ ମଧ୍ୟରେ ଆସି ଗ୍ରହଣ କରିନିଅନ୍ତୁ, ନଚେତ ଆପଣଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

ସ୍ୱା./– (ଦୀନବନ୍ଧୁ ଗାନ୍ଧୀ), କୃଷି ଉପନିର୍ଦ୍ଦେଶକ
ବରଗଡ଼

---

**GOVERNMENT OF ODISHA**
**PANCHAYATIRAJ & DRINKING WATER DEPARTMENT**
**OFFICE OF THE EXECUTIVE ENGINEER**
**RWS&S DIVISION, MALKANGIRI**
Ph No. 06861-231617, Email: eerwss_mal@nic.in

**QUOTATION CALL NOTICE NO. 03 OF 2018-19, DTD. 27.11.2018**

**No. 1087-O:-** Sealed quotations are invited from interested reputed Travel Agencies / Tour Operators or private individuals for providing Two numbers of AC Diesel driven vehicles having sitting capacity of not more then ten including driver, which shall conform to the following terms and conditions for official use under District Water & Sanitation Mission, Malkangiri on monthly basis.

i. The vehicle must be in road-worthy condition, shall not be more than 3 (three) years old from the date of initial registration and must have valid Registration Certificate, Insurance Certificate, fitness Certificate, Valid contract Carriage Permit, Proof of upto date tax payment etc. which are mandatory for plying of vehicle.
ii. The Driver of the vehicle must have valid Driving License for driving light transport passenger vehicle and should be sufficient experienced in driving transport passengers vehicle.
iii. The Driver should be well behaved, gentle and obedient in nature.
iv. A sum of Rs. 5,000/- (Rupees Five thousand) only shall be deposited by the intending bidders in shape of Account payee Bank Draft drawn in favour of Member Secretary, DWSM, Malkangiri and submitted along with the tender as security deposit. After completion of the tender process the amount will be refunded to unsuccessful bidders.
v. The monthly rate of hire charges to be quoted separately in the general bid information (excluding fuel and lubricants).
vi. The vehicle must achieve a fuel efficiency of 10 KMs per liter.
vii. The details of the make and year of manufacture of the vehicle, registration No. Mileage (KMs covered per liter) and name of the Driver with Driving License No. and period of validity should be specifically provided in the general bid information to be furnished with the quotation.
viii. The quotation complete in all respect should reach the undersigned on or before 18.12.2018 by 1.00PM and shall be opened on the same day at 4.00PM in presence of the bidders or their authorized representatives.

The application form of quotation containing General Bid information & Terms and condition for Hiring of vehicle etc. will be available with office of the Executive Engineer, RWS&S Division, Malkangiri (Near Fire Station) MV-02 Malkangiri on payment of Rs. 100/- (Rupees One Hundred) only from 07.12.2018 to 17.12.2018 during office hours.

The authority reserves the right to reject any or all quotations without assigning any reason thereof.

25044/11/0020/1819

***Sd./- Executive Engineer***
***RWS&S Division, Malkangiri***

---

## ଫିଜିଓଥେରାପି ସେବାକେନ୍ଦ୍ର

ଓଡ଼ିଶାର ଅଗ୍ରଣୀ ସଂଗଠନ ପୁନର୍ବାସ ସେବା ଓ ଅନୁସନ୍ଧାନ କେନ୍ଦ୍ର (ସି.ଆର୍.ଏସ୍.ଆର୍.), ଭଦ୍ରକ ଦୀର୍ଘ ୨୦ବର୍ଷ ଧରି ନିପୁଣ ଓ ଅନୁଭୂତି ସମ୍ପନ୍ନ ଚିକିତ୍ସକମାନଙ୍କ ଦ୍ୱାରା ସର୍ବୋତ୍କୃଷ୍ଟ ଫିଜିଓଥେରାପି ସେବା ଯଥା: ଅଣ୍ଟାବ୍ୟଥା, ଆଣ୍ଠୁଗଣ୍ଠି ଯନ୍ତ୍ରଣା, ସିଆଟିକା, ସ୍ଲିପ୍‌ଡିସ୍କ, ମସ୍ତିଷ୍କ ପକ୍ଷାଘାତ, ବେକ ବ୍ୟଥା, ଫେସିଆଲ ପାରାଲିସିସ୍, ହେମିପ୍ଲେଜିଆ, ପାରାପ୍ଲେଜିଆ ଇତ୍ୟାଦି ପ୍ରଦାନ କରିଆସୁଅଛି।

**ଏହି ଅନୁଷ୍ଠାନରେ ବରିଷ୍ଠ ନାଗରିକମାନଙ୍କୁ ବିନା ମୂଲ୍ୟରେ ଚିକିତ୍ସା ପ୍ରଦାନ କରାଯାଉଛି।**

ଏହି ଅନୁଷ୍ଠାନରେ ବିଭିନ୍ନ ପ୍ରକାର ଅତ୍ୟାଧୁନିକ ଚିକିତ୍ସା ଯଥା: ଲେଜର (Laser), ଫୁଟ୍ ମସାଜର (Foot Massager), ଇନ୍‌ଫ୍ରାରେଡ଼ ରେ' (Infra Red Ray), ଇ-ରଫେରେନ୍ସିଆଲ ଥେରାପି (IFT), ଟ୍ରାକ୍‌ସନ୍ (Traction), ଅଲଟ୍ରାସାଉଣ୍ଡ (Ultrasound), ସର୍ଟ୍‌ଓଏଭ ଡାୟାଥର୍ମି (SWD) ମାଧ୍ୟମରେ ଉପରୋକ୍ତ ରୋଗର ଚିକିତ୍ସାର ସୁବିଧା ରହିଅଛି।

**ସମୟ: ସକାଳ ୯.୩୦ରୁ ଅପରାହ୍ନ ୧ଟା ଏବଂ ଅପରାହ୍ନ ୨ଟାରୁ ସନ୍ଧ୍ୟା ୫.୩୦ ପର୍ଯ୍ୟନ୍ତ।**

**ଯୋଗାଯୋଗ କରିବାର ଠିକଣା:**
**ପୁନର୍ବାସ ସେବା ଓ ଅନୁସନ୍ଧାନ କେନ୍ଦ୍ର (ସି.ଆର୍.ଏସ୍.ଆର୍)**
ପ୍ରଶାନ୍ତି ଭବନ, ଡାହାଣିଗଡ଼ିଆ, ଚରମ୍ପା, ଭଦ୍ରକ
ଟେଲିଫୋନ୍ ନମ୍ବର– ୦୬୭୮୪–୨୩୧୩୮୭, ଫାକ୍ସ ନମ୍ବର– ୦୬୭୮୪–୨୩୦୮୦୫
ମୋ.– ୯୪୩୭୦୬୦୨୩୮

---

PANCHAYATI RAJ DEPARTMENT
OFFICE OF THE
PANCHAYAT SAMITI, KUARMUNDA (SUNDARGARH)
**ପଞ୍ଚାୟତ ସମିତି କାର୍ଯ୍ୟାଳୟ, କୁଆରମୁଣ୍ଡା (ସୁନ୍ଦରଗଡ଼)**
E-mail Id: ori-kuarmunda@gramsat.nic.in

**Bid Identification No.3/2018-19 Dated 03.12.18**
ଠିକା ନୋଟିସ ନଂ:- ୦୩/୨୦୧୮-୧୯, ତାରିଖ- ୦୩।୧୨।୧୮

1. Number of work : Total 23 (Twenty three) numbers of works
2. Estimated cost : Rs.1.0065 lakhs to 24.55358 lakhs
3. Period of completion : One (1) to Five (5) calendar months
4. Date & time of availability of bid document in the portal : **04.12.2018 at 10.00 AM**
5. Last date / time for receipt of bids in the portal : **15.12.2018 upto 5.00 PM**
6. Date of opening of bid : **18.12.2018 at 11.00 AM**
7. Name and address of the Officer Inviting Bid : Block Development Officer, Kuarmunda, Panchayat Samiti, Kuarmunda

Further details can be seen from the e-procurement portal **"http//www.sundergarh.nic.in**.

**Sd./- Block Development Officer, Kuarmunda**

---

**WORKS DEPARTMENT**
**OFFICE OF THE EXECUTIVE ENGINEER**
**MAYURBHANJ (R&B) DIVISION, BARIPADA**
**No.965-B:-** **e-mail: bpd_eerb@rediffmail.com**
**Government of Odisha "e" Procurement Notice**
**Bid Identification No.-E.E.-31/2018-19**

| | | |
|---|---|---|
| 1. | Number of works | 1 (One) number of work |
| 2. | Approximate estimated cost | 79.20 Lakh |
| 3. | Period of Completion | 6(Six) Calendar months |
| 4. | Date & Time of availability of bid documents in the portal | Dt. 07.12.2018 to 15.12.2018. |
| 5. | Last Date / Time of receipt of bid in the portal | Dt. 15.12.2018 upto 4.00 PM |
| 6. | Date of Opening of bid | Dt. 17.12.2018 at 11.00 AM |
| 7. | Name & address of the Officer inviting bid | Executive Engineer, Mayurbhanj (R&B) Division, Baripada |

Further details can be seen from the e-procurement portal http://www.tendersodisha.gov.in.

**Sd./- Executive Engineer,**
**Mayurbhanj (R&B) Division**

34025/11/0017/1819

---

**DIRECTORATE OF AGRICULTURE AND FOOD PRODUCTION, ODISHA, BHUBANESWAR**

**CORRIGENDUM**

In partial modification of the EoI published in SAMAYA and Pratidin odia daily newspaper on 03.11.2018 & for **"Empanelment of Support Agency for promotion of Organic Farming under scheme Paramparagat Krishi Vikas Yojana (PKVY)"** in state of Odisha, Department of Agriculture and Farmers Empowerment during 2018-19.

The following corrigendum has been made.

1. The last date for receipt of application has been extended to **10.12.2018 upto 2.00 PM** instead of **26.11.2018** upto **2 PM** and will be opened on the same day at **4 PM** in the office of the P.D., ATMA of concerned districts in the presence of the authorized signatory or representative.
2. The PIN & TIN may be read as PAN & TAN as mentioned under v. financial management (page no.7) in EoI application format of PKVY for 2018-19. The application form and the terms & condition is available at the website of **http://agriodisha.nic.in** and **www.odisha.gov.in**.
3. The point **4.** as described agencies can apply for maximum three districts each district will have separate EoI **may be read as agencies can apply for any number of districts.**

Any further modification in EoI will be referred to website.

**Sd./- Director, Agriculture &**
**Food Production, Odisha, Bhubaneswar**

---

**GOVERNMENT OF ODISHA, DEPARMENT OF WATER RESOURCES**
**Office of the Executive Engineer**
**EARTH DAM DIVISION, CHITRAKONDA, DISTRICT: MALKANGIRI**
E-mail ID– executiveengineereddckd@gmail.com

**QUOTATION CALL NOTICE NO. EE.EDDCKD- 01/2018-19 (On Line)** 891-A

1. Name of Work : Survey, Investigation with Geological mapping, Design and Execution of hill slope protection work including rock bolting or tensioned cable as per necessity (Under guidance of professional geologist) of Land slide portion of Ghat Road from Valve House Chowk to Valve House of Balimela Power House from RD 1.00 KM to 1.90 KM.
2. Unit : Per 01 (One) Sqm.
3. Quantity : 01 (One) complete job.
4. Approximate Value of work : As quoted by the Bidder.
5. Cost of Tender Paper : Rs. 6000/-
6. E.M.D. : Rs. 10000/-

| Quotation Inviting Officer | Date and time of Receipt of Quotations | | Opening of Quotations |
|---|---|---|---|
| | From | To | |
| 1 | 2 | 3 | 4 |
| Executive Engineer, Earth Dam Division, Chitrakonda | 10.12.2018 at 10.00AM | 19.12.2018 upto 5.00PM | 21.12.2018 at 11.30 AM in the Office of the Executive Engineer, Earth Dam Division, Chitrakonda. |

32019/11/0009/1819 ***Sd./- Executive Engineer, Earth Dam Division,Chitrakonda, Malkangiri (O)***

---

See Career Appointment on every Wednesday & Saturday

Classified Display on Every Tuesday and Friday Size 6 cm x 8 cm

---

**OFFICE OF THE EXECUTIVE ENGINEER**
**RWSS DIVISION,KEONJHAR**
**INVITATION FOR BIDS**
**E-Mail- eerwss22keonjhar@gmail.com**
**1ST CORRIGENDUM TO IDENTIFICATION No. 33 RWSS/KJR 2018-19**
No.1106-O

The 1st corrigendum to Identification bid No.33 RWSS/KJR 2018-19 is as follows:-The estimated cost put to tender for Sl. No.l to 10 are amendment as given below :

| Sl. No. | Name of Work | Amount value put to tender | Estimated Value as per corrigendum | Re-marks |
|---|---|---|---|---|
| 1 | Construction of Pump house, Compound wall, OHR/UGR and Laying of Pipe line etc. for Rural Piped water supply to village Damodargouni under Telkoi Block in Keonjhar Dist including 5 years operation and maintenance | 78.69 Lakhs | 83.90 Lakhs | |
| 2 | Construction of Pump house, Compound wall ,OHR/UGR and Laying of Pipe line etc. for Rural Piped water supply to village Galda under Telkoi Block in Keonjhar Dist including 5 years operation and maintenance | 88.11 Lakhs | 93.80 Lakhs | |
| 3 | Construction of Pump house, Compound wall, OHR/UGR and Laying of Pipe line etc. for Rural Piped water supply to village Golagadia under Telkoi Block in Keonjhar Dist including 5 years operation and maintenance | 73.25 Lakhs | 78.21 Lakhs | |
| 4 | Construction of Pump house, Compound wall, OHR/UGR and Laying of Pipe line etc. for Rural Piped water supply to village Gurum under Telkoi Block in Keonjhar Dist including 5 years operation and maintenance | 88.54 Lakhs | 94.28 Lakhs | |
| 5 | Construction of Pump house, Compound wall, OHR/UGR and Laying of Pipe line etc. for Rural Piped water supply to village Halpudi under Telkoi Block in Keonjhar Dist including 5 years operation and maintenance | 90.38 Lakhs | 95. 18 Lakhs | |
| 6 | Construction of Pump house, Compound wall, OHR/UGR and Laying of Pipe line etc. for Rural Piped water supply to village Kalima under Telkoi Block in Keonjhar Dist including 5 years operation and maintenance | 99.96 Lakhs | 99.97 Lakhs | |
| 7 | Construction of Pump house, Compound wall, OHR/UGR and Laying of Pipe line etc. for Rural Piped water supply to village Nipinda under Telkoi Block in Keonjhar Dist including 5 years operation and maintenance | 79.80 Lakhs | 85. 11 Lakhs | |
| 8 | Construction of Pump house, Compound wall, OHR/UGR and Laying of Pipe line etc. for Rural Piped water supply to village Ankura under Patna Block in Keonjhar Dist including 5 years operation and maintenance. | 84. 15 Lakhs | 89.83 Lakhs | |
| 9 | Construction of Pump house, Compound wall .OHR/UGR and Laying of Pipe line etc. for Rural Piped water supply to village Badadhanurjayapur under Patna Block in Keonjhar Dist including 5 years operation and maintenance | 9 1.06 Lakhs | 97. 17 Lakhs | |
| 10 | Construction of Pump house, Compound wall, OHR/UGR and Laying of Pipe line etc. for Rural Piped water supply to village Thakurpatna under Keonjhar Block in Keonjhar Dist including 5 years operation and maintenance | 99.60 Lakhs | 99.95 Lakhs | |

All other terms and conditions are re-main un-changed.

25023/11/0021/1819 **Sd./- Executive Engineer, RWSS, Keonjhar**

---

IPICOL | ODISHA NEW OPPORTUNITIES

**INDUSTRIAL PROMOTION AND INVESTMENT CORPORATION OF ODISHA LIMITED**
**(An ISO 9001:2015 Certified State Level Nodal Agency)**
**IPICOL House, Janpath, Bhubaneswar - 751022, Odisha, India**
**(A Government of Odisha Undertaking)**
**Website: http://ipicolodisha.com & http://investodisha.gov.in**

**Advertisement Inviting Applications for the Posts of Asst. Managers, IPICOL, Bhubaneswar**

No. CAD-1098: Industrial Promotion and Investment Corporation of Odisha Limited (IPICOL) is a State owned PSU and designated State Level ISO 9001:2015 Certified Nodal Agency for Investment Promotion and Industrial Facilitation. IPICOL intends to recruit technical professionals in the rank of Asst. Manager with the following qualifications/ stipulations.

**Assistant Manager (SLNA/IP) - 02**
**Category - ST - 1, SC - 1**

**Qualification:** Must have 1st Class Degree (Minimum 60% marks) in Engineering from a recognized University and MBA/Post Graduate Diploma in Management from an Institute recognized/notified by State/Central Govt. as preferable.

**Experience:** Minimum 3 years experience in investment promotion/facilitation and allied activities in a Company/Institution of repute. Must have adequate exposure in computerized environment.

**Age Limit:** Maximum 32 + 5 Years.

**Scale of Pay and Allowances (As per ORSP Rule - 2017):** Rs.44,900 - Level - 10.
The post carries D.A., C.P.F., H.R.A. etc.

**Selection Procedure:** Shortlisted candidates meeting the stipulated qualification, experience and age limit will have to appear written test and a subsequent interview. Final selection will be made basing on the written test and interview. The selection procedure will be facilitated by Xavier University Bhubaneswar (XUB).

Interested applicants may send their resume along with two copies of recent photographs and copies of Credentials/Certificates addres to **CAS (Carrer Advisory Services) Office, Xaiver City Campus, Plot No.- 12(A), Nijigada, Kurki, Harirajpur - 752050, Dist.- Puri, Odisha through Regd. Post/Speed Post. The last date of receiving application is 26.12.2018. Please superscribe the name of the position applied for on both the resume and envelope.** The management reserves the right to reject any or all the applications without assigning any reason whatsoever.

14005/11/0059/1819 **Sd./- General Manager (P & A)**

---

**ODISHA SPACE APPLICATIONS CENTRE** No. CAD-1097
**Dept. of Science & Technology, Govt. of Odisha**
**Plot No.45/48(P), Jayadev Vihar, Near Gopabandhu Academy of Administration, Unit-16, Bhubaneswar-751 023**

**Tender for Part-A (1) Blade Server, (2) Microsoft Windows Server 2016 paper License, (3) Core i7 Desktop, (4) i5 Desktop Computer, (5) Xeon Workstation, (6) 3D Monitor and (7) Microsoft Office 2019 Paper License Part-B (1) A3 Laser Color Printer on Buy Back mode and (2) A4 B/W Laser Printer (3) Plotter-cum-Scanner on Buy Back mode.**

**ORSAC Advt. No. 20/2018**

Sealed tenders are invited from established and accredited Original Equipment Manufacturer (OEM)/authorized dealers for supply, installation and commissioning of Part-A (1) Blade Server, (2) Microsoft Windows Server 2016 paper License, (3) Core i7 Desktop, (4) i5 Desktop Computer, (5) Xeon Workstation, (6) 3D Monitor and (7) Microsoft Office 2019 Paper License Part-B (1) A3 Laser Color Printer on Buy Back mode and (2) A4 B/W Laser Printer (3) Plotter-cum-Scanner on Buy Back mode to Odisha Space Applications Centre, Bhubaneswar.

For details please visit Website **http://www.odisha.gov.in** and ORSAC website: **http//www.orsac.gov.in** or in the above office for the tender papers.

Date of issue of Tender Paper: 05.12.18 to 01 P.M. of 26.12.18
Pre-bid Meeting : 12.12.18 at 11.30 A.M.
Last date of submission of Tender : 27.12.18 by 01 P.M.
Opening of Technical Bid : 27.12.18 at 03.30 P.M.

ORSAC reserves the right to accept/reject/modify & cancel the full tender or part thereof at any time without assigning any reason thereof.

28007/11/0024/1819 **CHIEF EXECUTIVE**

# ମାଟି ମା'ର ସୁରକ୍ଷା

**ଡ. ସୁବୋଧ କୁମାର ସାହୁ**



ମାଟିର ଦାୟିତ୍ୱ ମା' ଠାରୁ ଅଧିକ କହିଲେ ଅତ୍ୟୁକ୍ତି ହେବ ନାହିଁ। ମା' କେବଳ ସନ୍ତାନ ଜନ୍ମ ଦେଇ, ଶୈଶବରେ ତା'ର ଲାଳନ ପାଳନ କରିଥାଏ । ଏହା ପରେ ସନ୍ତାନ ବଡ ହୋଇ ନିଜର ଦାୟିତ୍ୱ ନିଜେ ନେବା ପରେ କେତେକ ସନ୍ତାନ ମା'ଠାରୁ ସମ୍ପର୍କ କାଟି ଦୂରେଇ ଯାଆନ୍ତି । ମାଟି ଉପରେ ମା' ଗର୍ଭରୁ ଆମେ ଜନ୍ମନେଇ ବଡ ହେବା ପରେ ମାଟି ଆମକୁ ଖାଇବାକୁ ଖାଦ୍ୟ, ପରିଧାନ ଲାଗି ବସ୍ତ୍ର, ପାନୀୟ ପାଇଁ ଜଳ, ରୋଗ ସକାଶେ ଔଷଧ, ରହିବା ନିମନ୍ତେ ବାସଗୃହ, ରୋଷେଇ ଲାଗି ଜାଳେଣି ଯୋଗାଇବା ସହ ବୃକ୍ଷର ଖାଦ୍ୟ ପ୍ରସ୍ତୁତି ପାଇଁ ଅଙ୍ଗାରକାମ୍ଳ ଏବଂ ପ୍ରାଣୀମାନେ ବଞ୍ଚିବା ଲାଗି ଜୀବନ ଦାୟକ ଅମ୍ଳଜାନ ପରୋକ୍ଷଭାବେ ଯୋଗାଇଥାଏ । ମାଟି ଉପରେ ଥିବା ସୌନ୍ଦର୍ଯ୍ୟକୁ ଆମେ ମଧ୍ୟ ଭରପୂର ଉପଭୋଗ କରିଥାଉଁ । ପ୍ରକୃତପକ୍ଷେ ମାନବ ଜାତିର ସମସ୍ତ ସଭ୍ୟତା, ସାମାଜିକ ବ୍ୟବସ୍ଥା, ଅର୍ଥନୈତିକ ଉନ୍ନତି ଆଦି ମାଟି ଉପରେ ନିର୍ଭର କରେ । ତେଣୁ ମା' ଠାରୁ ମାଟି ବଡ ।

ଭୂପୃଷ୍ଠର ଏକ ଇଞ୍ଚ ମାଟି ଗଠନ ପାଇଁ ପ୍ରାୟ ଏକ ହଜାରରୁ ପନ୍ଦରଶହ ବର୍ଷ ଲାଗିଥାଏ। କିନ୍ତୁ ଏହି ପରିମାଣ ମାଟିର ଅବକ୍ଷୟ ପାଇଁ ପାଞ୍ଚ ମିନିଟରୁ କମ୍ ସମୟ ଲାଗିଥାଏ। ମାଟି ଅବକ୍ଷୟର ବିଭିନ୍ନ କାରଣ ମଧ୍ୟରୁ ପ୍ରାକୃତିକ ଏବଂ ମାନବକୃତ ପ୍ରଧାନ। ପ୍ରାକୃତିକ ବିପର୍ଯ୍ୟୟ ମଧ୍ୟରେ ଆବଶ୍ୟକ ଠାରୁ ଅଧିକ ବର୍ଷା, ବନ୍ୟା, ବାତ୍ୟା, ଭୂସ୍ଖଳନ, ଭୂମିକମ୍ପ, ସମୁଦ୍ରର ଉତ୍ତାଳ ତରଙ୍ଗ, ଘୂର୍ଣ୍ଣିବାୟୁ ପ୍ରବାହ, ସର୍ବୋପରି ଜଳବାୟୁ ପରିବର୍ତ୍ତନ ଆଦି ମୁଖ୍ୟ। ତେବେ ମାନବକୃତ ମାଟି ଅବକ୍ଷୟ ପ୍ରାକୃତିକ ଅବକ୍ଷୟ ଠାରୁ ଅଧିକ। କାରଣ ମନୁଷ୍ୟର ସମସ୍ତ କାର୍ଯ୍ୟକଳାପ ମାଟି ସହିତ ସବୁ ସମୟରେ ଜଡିତ। କମ୍ ହଳ ବା ଶୂନ୍ୟ ଚାଷ ଦ୍ୱାରା ମାଟି ଅବକ୍ଷୟ କମେ। ଖେତରେ ମାଟିକୁ ଖୋଲା ନ ଛାଡି ବିଭିନ୍ନ ଉପାୟରେ ଏହାକୁ ଘୋଡ଼ାଇ ରଖିବା ଭଲ। ଶସ୍ୟ ଅମଳ ପରେ ଫସଲର ଅବଶିଷ୍ଟାଂଶକୁ ନ ପୋଡି ବା ନ ଉପାଡି ଖେତରେ ଛାଡି ଦେଲେ ମାଟି ନଷ୍ଟ ନ ହୋଇ ସୁରକ୍ଷିତ ରହେ। ଫସଲରେ ମାତ୍ରାଧିକ ରାସାୟନିକ ସାର ଯଥା ୟୁରିଆ ଓ କୀଟନାଶକ ପ୍ରୟୋଗ ଦ୍ୱାରା ମାଟି ପ୍ରଦୂଷଣ ହୋଇ ଅବକ୍ଷୟ ହୁଏ । ଏହାର ପ୍ରତିକାର ଲାଗି ମାଟି ପରୀକ୍ଷା କରି ସମନ୍ୱିତ ସାର ପ୍ରୟୋଗ କରିବା ଜରୁରୀ। ରାସାୟନିକ ସାର ପରିବର୍ତ୍ତେ ଜୈବସାର, ଗୋବର ଖତ ଓ ସବୁଜ ସାର ଏବଂ ଫସଲରେ ବିଷାକ୍ତ ରାସାୟନିକ କୀଟନାଶକ ବଦଳରେ ଜୈବ କୀଟନାଶକ ଯଥା ନିମ, ବେଗୁନିଆ ଓ ହଳଦୀ ଜାତୀୟ ପଦାର୍ଥ ପ୍ରୟୋଗ କଲେ ମାଟି ସୁରକ୍ଷିତ ରହେ। ସହରୀକରଣ ଓ ନୂତନ ରାସ୍ତାଘାଟ ଏବଂ ପୋଲ ଆଦିର ସୀମିତ ନିର୍ମାଣ ଓ ସରଳୀକରଣ ମାଟି କ୍ଷୟକୁ କିଛି ମାତ୍ରାରେ ରୋକି ପାରିବ। ଖଣି ଖନନ ଦ୍ୱାରା ମାତ୍ରାଧିକ ମାଟି ଅବକ୍ଷୟ ହୁଏ । ଏଣୁ ଖଣି ଖନନକୁ ସୀମିତ କରିବା ଆବଶ୍ୟକ। କୃଷି ଓ ଶିଳ୍ପ ପାଇଁ ଆବଶ୍ୟକ ଠାରୁ ଅଧିକ ଭୂତଳ ଜଳ ଉତ୍ତୋଳନ ମାଟି ଅବକ୍ଷୟ ଲାଗି କିଛି ମାତ୍ରାରେ ଦାୟୀ । ଏଣୁ ଭୂଗର୍ଭସ୍ଥିତ ଜଳକୁ ସଂରକ୍ଷଣ ଓ ଭୂମି ଉପରେ ବହି ଯାଉଥିବା ଜଳକୁ ବାନ୍ଧି ରଖି ଏହାର ବ୍ୟବହାର କଲେ ଭୂଗର୍ଭ ତଥା ଭୂମି ଉପରର ମାଟି ସୁରକ୍ଷିତ ରହିବ । ନୂତନ ବାସସ୍ଥଳୀ ସ୍ଥାପନ ଏବଂ କୃଷି ପାଇଁ ନୂତନ ଜମି ଅଧିଗ୍ରହଣ ମାଟି ଅବକ୍ଷୟକୁ ତ୍ୱରାନ୍ୱିତ କରିଥାଏ। ଏହିଭଳି ଭାବେ ମାନବକୃତ ମାଟି ଅବକ୍ଷୟର ବିଭିନ୍ନ କାରଣ ରହିଛି। ତେଣୁ ମାଟି ମା'ର ସୁରକ୍ଷା ପାଇଁ ସମସ୍ତେ ସଚେତନ ହେବା ଜରୁରୀ । ଏହା ଦ୍ୱାରା ମାଟି ମା'ର ପ୍ରତ୍ୟେକ ସନ୍ତାନ ସୁସ୍ଥ ଜୀବନ ଯାପନ କରିପାରିବେ।

–ଅବସରପ୍ରାପ୍ତ ମୁଖ୍ୟ ପ୍ରଫେସର, ଓୟୁଏଟି, ଭୁବନେଶ୍ୱର
ମୋ:୯୫୫୬୨୬୭୦୮୫



**ଡିସେମ୍ବର ୫, ବିଶ୍ୱ ମୃତ୍ତିକା ଦିବସ। ମାଟି ମା'ର ସୁରକ୍ଷା ଏବେ ବିଶ୍ୱବ୍ୟାପୀ ଆହ୍ୱାନ। ଚଳିତ ବର୍ଷ ଏହି ଦିବସ ଅବସରରେ ବାର୍ତ୍ତା ରହିଛି– 'ମୃତ୍ତିକା ପ୍ରଦୂଷଣ ନିରାକରଣର ମାଧ୍ୟମ ହୁଅନ୍ତୁ'**

## ମାଟି ଅନୁଯାୟୀ ଫସଲ

**ଡ. ଲକ୍ଷ୍ମୀପ୍ରିୟା ପ୍ରଧାନ**

ସୁନ୍ଦରଗଡ ଜିଲାର ଅଧିବାସୀମାନେ ମୁଖ୍ୟତଃ କୃଷି ଉପରେ ନିର୍ଭରଶୀଳ। ଉତ୍ତମ କୃଷି ପାଇଁ ଉତ୍ତମ ମାଟି ଅପରିହାର୍ଯ୍ୟ । ଅବଶ୍ୟ ଏହି ଜିଲାରେ ବିଭିନ୍ନ ପ୍ରକାରର ମାଟି (ଲାଲମାଟି, କାଦୁଆ ବାଲିମାଟି, କଳାମାଟି, ବାଲିଆ ମାଟି, ବାଦାମୀ ରଙ୍ଗର ଜଙ୍ଗଲ ମାଟି ଓ ଲାଟେରାଇଟ୍ ମାଟି )ରହିଅଛି। ସାଧାରଣତଃ ଲାଲମାଟିରେ ଜୈବିକ ଅଂଶ କମ୍ ଥାଏ। ଜଳଧାରଣ ଶକ୍ତି ଭଲ ନ ଥାଏ। ଏହି ମାଟି ସହ ମଧ୍ୟମରୁ ଅଧିକ ଅମ୍ଳୀୟ, ଯବକ୍ଷାରଜାନ, ଫସଫରସ୍ ଓ ବୋରନ୍ ଅଭାବ ଦେଖାଯାଇଥାଏ। ଏହି ମାଟିରେ ଧାନ, ଅଳସୀ, ଆଳୁ, କୋଳଥ, ମୁଗ, ଚିନାବାଦାମ, ପଣସ, ପିଜୁଳି ଇତ୍ୟାଦି ଭଲ ହୋଇଥାଏ। ମାଟିରେ ଚୂନ ପ୍ରୟୋଗ କଲେ ଅମ୍ଳତା ହ୍ରାସ ହୋଇଥାଏ। ବାଲିମାଟିରେ ମୂଳଜାତୀୟ ଫସଲ ଯଥା ଆଳୁ, ଗାଜର, କନ୍ଦମୂଳ ଇତ୍ୟାଦି ଭଲ ହୋଇଥାଏ। ଏହା ସହିତ ବିଭିନ୍ନ ପ୍ରକାରର ପନିପରିବା ମଧ୍ୟ ଚାଷ କରାଯାଇଥାଏ। କୃଷି ମୃତ୍ତିକା ଅଧିକ ମଟାଳ। ସବୁଜ ଖତ ପ୍ରୟୋଗ ଦ୍ୱାରା ମାଟି ଉତ୍ତମ ହୋଇଥାଏ ଏବଂ ଧାନ, ଯଅ, ବାଜରା, ମକା, ବୁଟ, ସୋରିଷ ଇତ୍ୟାଦି ଚାଷ କରିବା ଉତ୍ତମ ହୋଇଥାଏ। ବାଦାମୀ ରଙ୍ଗର ମାଟି ସାମାନ୍ୟ ଅମ୍ଳୀୟ ଅଟେ। କିନ୍ତୁ ଏଥିରେ ଯଥେଷ୍ଟ ପରିମାଣର ଜୈବିକ ପଦାର୍ଥ ରହିଅଛି। ଏହି ମାଟିରେ ମକା, ଗହମ, ସୋରିଷ, ଅଦା ଓ ହଳଦୀ ଇତ୍ୟାଦି ଚାଷ ଉତ୍ତମ ହୋଇଥାଏ । ତେଣୁ କୌଣସି ଫସଲ ଚାଷ କରିବା ପୂର୍ବରୁ



ମାଟି ପରୀକ୍ଷା କରିବା ନିହାତି ଆବଶ୍ୟକ । ମାଟି ପରୀକ୍ଷାର ଫଳାଫଳ ଅନୁସାରେ ଖାଦ୍ୟସାର ପ୍ରୟୋଗ କଲେ ଉତ୍ତମ ଅମଳ ମିଳିଥାଏ । ମାଟିକୁ ପରୀକ୍ଷାଗାରରେ କିମ୍ବା ମାଟି ପରୀକ୍ଷା କିଟ୍ ସାହାଯ୍ୟରେ ପରୀକ୍ଷା କରାଯାଇଥାଏ । ଗୋଟିଏ ଥର ମାଟି ପରୀକ୍ଷା କରାଇଲେ ଏହାର ଫଳ ଅନୁସାରେ ୩–୪ ବର୍ଷ ପର୍ଯ୍ୟନ୍ତ ସାର ପ୍ରୟୋଗ କରାଯାଇପାରିବ ।

*–ବରିଷ୍ଠ ବୈଜ୍ଞାନିକ ତଥା ମୁଖ୍ୟ କୃଷି ବିଜ୍ଞାନ କେନ୍ଦ୍ର, କିରେଇ, ସୁନ୍ଦରଗଡ*

## ସୁସ୍ଥ ଜୀବନ ପାଇଁ ସୁସ୍ଥ ମୃତ୍ତିକା

**ଏକାଦଶୀ ନନ୍ଦୀ**

ଆଜି ବିଶ୍ୱ ମୃତ୍ତିକା ଦିବସ। ୨୦୧୫ ବର୍ଷକୁ ଅନ୍ତର୍ଜାତୀୟ ମୃତ୍ତିକା ବର୍ଷ ଭାବେ ମିଳିତ ଜାତିସଂଘରୁ ସ୍ୱୀକୃତି ମିଳିବା ପରେ ପ୍ରତିବର୍ଷ ଡିସେମ୍ବର ୫ତାରିଖକୁ ବିଶ୍ୱ ମୃତ୍ତିକା ଦିବସ ପାଳନ କରାଯାଉଛି। ଏହି ଦିବସର ଅନୁଚିନ୍ତା ହେଉଛି– 'ସୁସ୍ଥ ଜୀବନ ପାଇଁ ସୁସ୍ଥ ମୃତ୍ତିକା'। ତେବେ ନିମ୍ନଲିଖିତ କେତୋଟି ବିଷୟରେ ଆମକୁ ଧ୍ୟାନ ଦେବାକୁ ହେବ।

– ମାନବ ଜୀବନ ପାଇଁ ମାଟିର ଗୁରୁତ୍ୱ ବିଷୟରେ ସମ୍ପୂର୍ଣ୍ଣ ଅବଗତ କରାଇବା।

– ଖାଦ୍ୟ ସୁରକ୍ଷା, ଜଳବାୟୁ ପରିବର୍ତ୍ତନ, ପରିବେଶ ସୁରକ୍ଷା, ଦାରିଦ୍ର୍ୟ ଦୂରୀକରଣ ତଥା ନିରନ୍ତର ଉନ୍ନୟନରେ ମାଟିର ଭୂମିକା ବିଷୟରେ ସମସ୍ତଙ୍କୁ ଉପଯୁକ୍ତ ଶିକ୍ଷା ଦେବା।

–ମାଟିକୁ ଜୀବନଧାରଣର ମୁଖ୍ୟ ସମ୍ବଳର ପ୍ରାଧାନ୍ୟ ଦେଇ ତା'ର ଉପଯୁକ୍ତ ରକ୍ଷଣାବେକ୍ଷଣ ପାଇଁ ସ୍ପଷ୍ଟ ନୀତିନିର୍ଦ୍ଧାରଣ କରିବା।

– ଉପଯୁକ୍ତ ମୃତ୍ତିକା ପରିଚାଳନା କାର୍ଯ୍ୟକ୍ରମ ମାଧ୍ୟମରେ ମାଟିର ଉପଯୁକ୍ତ ସ୍ୱାସ୍ଥ୍ୟ ବିଷୟ ରଖିବା ପାଇଁ ବିଭିନ୍ନ ମୃତ୍ତିକା ବ୍ୟବହାରକାରୀ ତଥା ଜନସମାଜ ଲାଗ ଯଥେଷ୍ଟ ଅର୍ଥ ବିନିଯୋଗର ସୁବ୍ୟବସ୍ଥା କରିବା ଆଦି। ବିଶେଷକରି ମାଟି ଓ ଜଳ ସଂରକ୍ଷଣ ଜରୁରୀ ।

ଆମ ପାଦତଳ ଧୂଳିମାଟିରେ ଖାଲି ଆଖିକୁ ଦିଶୁ ନ ଥିବା ଅତିକ୍ଷୁଦ୍ର ଅଣୁଜୀବମାନ ବିଦ୍ୟମାନ। ଗୋଟିଏ ଦୁଇଟି ନୁହେଁ ଏକ ଚା' ଚାମଚ ମାଟିରେ କୋଟି କୋଟି ସଂଖ୍ୟାରେ। ଏହି ଅଣୁଜୀବନ ଜଗତ ବିଷୟରେ ସମ୍ପୂର୍ଣ୍ଣ ରୂପେ ଜାଣିବା ଆଜି ପର୍ଯ୍ୟନ୍ତ ସମ୍ଭବ ହୋଇନାହିଁ। ମାତ୍ର କେତେକ ବୈଜ୍ଞାନିକଙ୍କ ଭାଷାରେ ଏହି ଅଣୁଜୀବ ସମସ୍ତ ପ୍ରକାର ଅସମ୍ଭବ କାର୍ଯ୍ୟକୁ ସମ୍ଭବରେ ପରିଣତ କରିପାରନ୍ତି। ଯେଉଁ କଥାକୁ ଆମେ ଆଜି ଧୀରେ ଧୀରେ ବୁଝିବା ଆରମ୍ଭ କରୁଛୁ।

ଅତୀତରେ ଆମ କୃଷିବିତ୍ ତଥା କୃଷକମାନେ ଫସଲର ରୋଗ ସୃଷ୍ଟିକାରୀ ଅଣୁଜୀବ (ଜୀବାଣୁ, କବକ, ସୂତ୍ର ଜୀବ)ଙ୍କ ବିଷୟରେ ପୁଙ୍ଖାନୁପୁଙ୍ଖ ଗବେଷଣା ଚଳାଇ ସେମାନଙ୍କୁ କିପରି ନଷ୍ଟ କରାଯିବ ଏବଂ ଫସଲକୁ ରୋଗମୁକ୍ତ ରଖାଯିବ, ସେ ବିଷୟରେ ଯଥେଷ୍ଟ ଧ୍ୟାନ ଦେଇଛନ୍ତି। ରାସାୟନିକ ବିଷ ବ୍ୟବହାର କରି ସେମାନଙ୍କୁ ମାରିବାରେ ଯତ୍ନବାନ ହୋଇଛନ୍ତି। ଅଥଚ ଏହାଦ୍ୱାରା ଉପକାରୀ ଅଣୁଜୀବଙ୍କୁ ମଧ୍ୟ ମାରି ମାଟିକୁ ମୃତପ୍ରାୟ କରିଦେଇଛନ୍ତି। ଏଥିସହ ଫସଲ ଅମଳ ବୃଦ୍ଧି ପାଇଁ ରାସାୟନିକ ସାର ପ୍ରୟୋଗ ପରିସ୍ଥିତିକୁ ଆହୁରି ଗମ୍ଭୀର କରିଦେଇଛି। ମାଟିସହ ଉଭୟ ଉପର ଓ ଭୂତଳ ପାଣି, ବାୟୁମଣ୍ଡଳ ତଥା ପରିବେଶକୁ ପ୍ରଦୂଷିତ କରି ମନୁଷ୍ୟର ସ୍ୱାସ୍ଥ୍ୟ ଉପରେ କୁପ୍ରଭାବ ପକାଇଛି।



ତେବେ ମାଟିରେ ରୋଗ ସୃଷ୍ଟିକାରୀ ଜୀବାଣୁଙ୍କୁ ମାରିବା କଥା ଚିନ୍ତା ନ କରି ଯଦି ଉପକାରୀ ଅଣୁଜୀବଙ୍କୁ ଖାଇବାକୁ ଦେଇ (କମ୍ପୋଷ୍ଟ) ସେମାନଙ୍କୁ ଶକ୍ତିଶାଳୀ ଓ ବଂଶବୃଦ୍ଧିରେ ସହାୟକ ହେବା ତେବେ ଅପକାରୀ ଜୀବଙ୍କୁ ସମ୍ପୂର୍ଣ୍ଣ ନଷ୍ଟ କରିବାର ରାସ୍ତା ଖୋଜିବାର ଅବକାଶ ରହିବ ନାହିଁ। ମାଟି ସଜୀବ ହୋଇ ଗଢ଼ିଉଠିବ ଏବଂ ଚାଷୀଭାଇ ରୋଗପୋକ ନାଶକ ତଥା ରାସାୟନିକ ସାର ବ୍ୟବହାର ଦିଗରୁ ନିଶ୍ଚିତ ଦୃଷ୍ଟି ଫେରାଇ ନେବେ। ଫଳରେ ମାଟି, ପାଣି ପବନ ଏବଂ ସର୍ବୋପରି ପରିବେଶ ଶୁଦ୍ଧ ରହିବା ସହ ଆମ ସ୍ୱାସ୍ଥ୍ୟ ମଧ୍ୟ ଭଲ ରହିବ। ଅବଶ୍ୟ ଷାଠିଏ ଦଶକର ସବୁଜ ବିପ୍ଳବ ଫଳରେ ମାଟିର ସ୍ୱାସ୍ଥ୍ୟ ଉପରେ ପଡିଥିବା କୁପ୍ରଭାବରୁ ସମଗ୍ର ପୃଥିବୀକୁ ସମ୍ପୂର୍ଣ୍ଣ ଦୂର ହେବାକୁ ୧୫–୨୦ ବର୍ଷ ସମୟ ଲାଗିଯିବ। ଏଥିପାଇଁ ସମସ୍ତଙ୍କର ମିଳିତ ସହଯୋଗ ଲୋଡ଼ା। ଅପରପକ୍ଷେ ସରକାର ବ୍ୟବସ୍ଥା କରିଥିବା ମାଟି ସ୍ୱାସ୍ଥ୍ୟ କାର୍ଡକୁ ଚାଷୀଭାଇ କିପରି ଭାବେ ମାଟିର ସ୍ୱାସ୍ଥ୍ୟରକ୍ଷା ଦିଗରେ ବ୍ୟବହାର କରିବେ ସେ ବିଷୟରେ ସମସ୍ତଙ୍କୁ ଗଭୀର ଭାବେ ଚିନ୍ତା କରିବାକୁ ପଡିବ।

– ଜୈବ କୃଷିବିତ୍,
ମୋ:୯୪୩୭୪୧୨୪୧୧

## ସୁସ୍ଥ ମୃତ୍ତିକାରୁ ଉତ୍ତମ ଫସଲ

**ଡ. ପରେଶ କୁମାର ପଣ୍ଡା**



ରାସାୟନିକ ପଦାର୍ଥର ବହୁଳ ପ୍ରୟୋଗ ମୃତ୍ତିକାକୁ ରୁଗ୍ଣ କରିଥାଏ। ଉପଯୁକ୍ତ କୌଶଳ ଅବଲମ୍ବନ କରି ମୃତ୍ତିକାର ଅମ୍ଳ ପରିମାପକକୁ ଠିକ୍ ରଖି ମୃତ୍ତିକାର ସ୍ୱାସ୍ଥ୍ୟ ସୁସ୍ଥ ରହିପାରିଲେ ଉତ୍ତମ ଫସଲ ଓ ଆଶାନୁରୂପ ଅମଳ ମିଳିପାରିବ।

ମୃତ୍ତିକାର ସ୍ୱାସ୍ଥ୍ୟକୁ ଠିକ୍ ରଖି ଫସଲରୁ ଅଧିକ ଅମଳ ପାଇବା ନିମନ୍ତେ ମାଟି ପରୀକ୍ଷା ଜରୁରୀ। ଏହି ପରୀକ୍ଷା ଦ୍ୱାରା ମୃତ୍ତିକାରେ ଅଭାବ ବା ଅଧିକ ଥିବା ଖାଦ୍ୟସାରର ପରିମାଣ ସମ୍ବନ୍ଧରେ ଜାଣି ଚାଷ ହେବାକୁ ଥିବା ଫସଲରେ କେତେ ଖାଦ୍ୟସାର ଆବଶ୍ୟକ ଓ କେତେ ସାର ପ୍ରୟୋଗ କରିବା ତାହା ଜଣାପଡ଼େ। ତଦ୍ୱାରା ମୃତ୍ତିକାର ଗୁଣାତ୍ମକ ମାନ ଓ ଉର୍ବରତା ରକ୍ଷା କରିବା ସମ୍ଭବ ହୋଇଥାଏ। ପ୍ରତି ୨–୩ ବର୍ଷରେ ନିହାତି ଥରେ ମାଟି ପରୀକ୍ଷା କରିବା ଆବଶ୍ୟକ। ମାଟି ପରୀକ୍ଷାର ଫଳାଫଳ ଅନୁଯାୟୀ ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ ଜରିଆରେ ଫସଲ ଚାଷ ନିମିତ୍ତ ଖତସାର, ଜୈବସାର ଓ ମୃତ୍ତିକା ସୁଧାରକ ସମ୍ବନ୍ଧେ ଆବଶ୍ୟକ ପରାମର୍ଶ ଦିଆଯାଇଥାଏ।

ମୃତ୍ତିକା ଅନୁଯାୟୀ ଫସଲ ଚାଷ କରିବା ଭଲ। ଫସଲ ବୃଦ୍ଧି ନିମନ୍ତେ ୧୮ଟି ଖାଦ୍ୟ ଉପାଦାନ ମଧ୍ୟରୁ ଯେକୌଣସିଟିର ଅଭାବ ହେଲେ ଫସଲ ଅମଳ ଆଶାନୁରୂପ ନ ହୋଇ ତଦନୁଯାୟୀ କମ୍ ହୋଇଥାଏ। ଅଧିକନ୍ତୁ, ଲଗାତାର ଏକ ନିର୍ଦ୍ଦିଷ୍ଟ ଫସଲ ଚାଷ ଦ୍ୱାରା ମାଟିରେ ଉପଲବ୍ଧ କେତେକ ନିର୍ଦ୍ଦିଷ୍ଟ ଖାଦ୍ୟ ଉପାଦାନର ପରିମାଣ କମିଯାଏ। ଅନ୍ୟପକ୍ଷରେ ମାଟିରେ ଏକ ଉପାଦାନ ଯଥେଷ୍ଟ ଥାଇ ପୁନର୍ବାର ତାହାର ପ୍ରୟୋଗ କରିବାରେ ଅଯଥା ଖର୍ଚ୍ଚାନ୍ତ ହେବାକୁ ପଡ଼େ। ମୃତ୍ତିକାର ଅମ୍ଳ ବା କ୍ଷାର ଦୋଷ ରହିଲେ ଫସଲ ଉତ୍ପାଦନ ନିମନ୍ତେ ମୃତ୍ତିକା ଉପଯୁକ୍ତ ହୋଇ ନଥାଏ। ସୁତରାଂ ମୃତ୍ତିକା ପରୀକ୍ଷା କରି ତାହାର ଗୁଣବତ୍ତା ଅନୁଯାୟୀ ଅନୁମୋଦିତ ପରିମାଣର ଖତସାର ପ୍ରୟୋଗ ଦ୍ୱାରା ମୃତ୍ତିକା ଜୀବନ୍ତ ଓ ସୁସ୍ଥ ରହିବା ସହିତ ବିଭିନ୍ନ ଶସ୍ୟ, ଡାଲି, ତୈଳବୀଜ, ପନିପରିବା, ଫୁଲ ଓ ଫଳ ଜାତୀୟ ଫସଲର ଉତ୍ପାଦନ ବଢ଼ିଥାଏ ଏବଂ ଚିରପୋଷ୍ୟମାନ ହୋଇଥାଏ। ଏହି ମାଟି ପରୀକ୍ଷା ଲାଗି ନିଜ ବ୍ଲକ ଓ ପଞ୍ଚାୟତର ଗ୍ରାମ୍ୟ କୃଷି କର୍ମଚାରୀଙ୍କ ସହ ଯୋଗାଯୋଗ କରି ମାଟି ନମୁନା ପଠାଇଲେ, ତାହାକୁ ବିନା ମୂଲ୍ୟରେ ପରୀକ୍ଷା କରାଯାଏ।

–ସହକାରୀ ବିହନ ପ୍ରମାଣନ ଅଧିକାରୀ, ଭୁବନେଶ୍ୱର,
ମୋ:୭୨୦୫୦୯୬୦୮୦


### ବିଶ୍ୱ ମୃତ୍ତିକା ଦିବସ ଉଦ୍ଦେଶ୍ୟରେ ବାର୍ତ୍ତା

ପ୍ରତି ବର୍ଷ ଭଳି ଏହି ବର୍ଷ ଡିସେମ୍ବର ୫ ତାରିଖ ଦିନ କୃଷି ବିଜ୍ଞାନ କେନ୍ଦ୍ର, ବାଲେଶ୍ୱର ଦ୍ୱାରା ବିଶ୍ୱ ମୃତ୍ତିକା ଦିବସ, ୨୦୧୮ ପାଳିତ ହେବାକୁ ଯାଉଛି। ଏହି ଉଦ୍ଦେଶ୍ୟରେ କୃଷି ବିଜ୍ଞାନ କେନ୍ଦ୍ର ତରଫରୁ ସମସ୍ତ ଚାଷୀ ଭାଇ ଓ ଭଉଣୀମାନଙ୍କୁ ଶୁଭେଚ୍ଛା ଜଣାଉଛି। ଆସନ୍ତୁ ଆମେ ଆଜି ମୃତ୍ତିକା ପ୍ରଦୂଷଣ ରୋକିବା ପାଇଁ ଶପଥ ନେବା। ଏହା ଫଳରେ ମାଟି ମା'ର ସ୍ୱାସ୍ଥ୍ୟ ରକ୍ଷା ହେବା ସହିତ ନିଜ ଜୀବନ ସୁରକ୍ଷିତ ହୋଇପାରିବ।

**ଡ. ସୁନୀଲ କୁମାର ମହାପାତ୍ର**
ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ କୃଷି ବିଜ୍ଞାନକେନ୍ଦ୍ର, ବାଲେଶ୍ୱର

### ବିଶ୍ୱ ମୃତ୍ତିକା ଦିବସ

ସାରା ବିଶ୍ୱରେ ଡିସେମ୍ବର ୫ ତାରିଖକୁ ବିଶ୍ୱ ମୃତ୍ତିକା ଦିବସ ରୂପେ ପାଳନ କରାଯାଉଅଛି ଆମ ସମାଜ ପ୍ରତି ଥିବା ମୃତ୍ତିକାର ଅବଦାନକୁ ମନେପକାଇବା ଏବଂ ତାହା ସହ ମୃତ୍ତିକାକୁ କିପରି ସୁସ୍ଥ ରଖିବା ହେଉଛି ଏହି ଦିବସର ମୂଳ ଲକ୍ଷ୍ୟ। ଆମ ବରଗଡ଼ ଜିଲ୍ଲାରେ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମ ମୃତ୍ତିକା ପରୀକ୍ଷାଗାର, ଏକାମ୍ର ଛକ, ବରଗଡ଼ରେ ପାଳନ ହେଉଥିବା ବେଳେ, ବ୍ଲକ ସ୍ତରୀୟ କାର୍ଯ୍ୟକ୍ରମ ସମସ୍ତ ବ୍ଲକରେ ଥିବା କୃଷି ସୂଚନା ଓ ପରାମର୍ଶ କେନ୍ଦ୍ରଠାରେ ପାଳନ କରାଯାଉଅଛି। ବରଗଡ ଜିଲ୍ଲାର ସମସ୍ତ ଚାଷୀଭାଇମାନଙ୍କୁ ଅନୁରୋଧ କରାଯାଇଅଛି କି ଆପଣମାନେ ମୃତ୍ତିକାକୁ ପରୀକ୍ଷା କରି ପରୀକ୍ଷା ଫଳ ଅନୁସାରେ ଜମିରେ ଖତ ଓ ସାର ପ୍ରୟୋଗ କରନ୍ତୁ। ଏହାଦ୍ୱାରା ଜମିରୁ ଅଧିକ ଫସଲ ଅମଳ ହେବା ସହ ମୃତ୍ତିକା ସୁସ୍ଥ ରହିବ ଏବଂ ଆବଶ୍ୟକଠାରୁ ଅଧିକ ରାସାୟନିକ ସାର ପ୍ରୟୋଗ ଦ୍ୱାରା ହୋଇଥିବା ଅନାବଶ୍ୟକ ଖର୍ଚ୍ଚ ଏବଂ ଫସଲ ଉପରେ ପଡୁଥିବା ଏହାର କୁପ୍ରଭାବକୁ ରୋକିପାରିବେ।
ଏହି ବର୍ଷର ମୃତ୍ତିକା ଦିବସର ସ୍ଲୋଗାନ ହେଉଅଛି
**'ମୃତ୍ତିକା ପ୍ରଦୂଷଣ ନିରାକରଣର କାରଣ ହୁଅନ୍ତୁ'**
(Be the Solution to Soil Pollution)

ସ୍ୱା./– ଶ୍ରୀ ଦୀନବନ୍ଧୁ ଗାନ୍ଧୀ
ଜିଲ୍ଲା କୃଷି ଉପନିର୍ଦ୍ଦେଶକ, ବରଗଡ

### କୃଷି ବିଜ୍ଞାନ କେନ୍ଦ୍ର, ଅନୁଗୁଳ

କୃଷି ବିଜ୍ଞାନ କେନ୍ଦ୍ର, ଅନୁଗୁଳ ତରଫରୁ 'ବିଶ୍ୱ ମୃତ୍ତିକା ଦିବସ' ଆସନ୍ତା ୦୫।୧୨।୨୦୧୮ ତାରିଖରେ ଜିଲ୍ଲା ପରିଷଦ କକ୍ଷ, ଅନୁଗୁଳଠାରେ ପାଳିତ ହେଉଅଛି। ଏହି ଅବସରରେ କେନ୍ଦ୍ର ତରଫରୁ ମୁଁ ଅନୁଗୁଳ ଜିଲ୍ଲାର ଚାଷୀ ଭାଇ ଭଉଣୀମାନଙ୍କୁ ଶୁଭେଚ୍ଛା ବାର୍ତ୍ତା ସହିତ ମାଟି ମା'ର ସୁରକ୍ଷା ପାଇଁ ସଂକଳ୍ପବଦ୍ଧ ହେବାକୁ ଅନୁରୋଧ କରୁଛି।

**ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ କୃଷି ବିଜ୍ଞାନ କେନ୍ଦ୍ର, ଅନୁଗୁଳ**

### ବିଶ୍ୱ ମୃତ୍ତିକା ଦିବସ

ଆଜିର ବିଶ୍ୱ ମୃତ୍ତିକା ଦିବସ ଉପଲକ୍ଷେ ଜିଲ୍ଲାର ସମସ୍ତ କୃଷିଜୀବୀ ଭାଇ ଓ ଭଉଣୀଙ୍କୁ ଶୁଭେଚ୍ଛା। କୃଷି ବିଜ୍ଞାନ କେନ୍ଦ୍ର ଓ କୃଷି ଉପନିର୍ଦ୍ଦେଶକ କାର୍ଯ୍ୟାଳୟ ମିଳିତ ଭାବରେ ବିଶ୍ୱ ମୃତ୍ତିକା ଦିବସ ପାଳନ କରୁଥିବାରୁ କୃଷି ବିଜ୍ଞାନ କେନ୍ଦ୍ର ଧନ୍ୟ ମନେକରୁଅଛି। ଅନ୍ତର୍ଜାତୀୟ ମୃତ୍ତିକା ବିଜ୍ଞାନ ସଂଘ ୨୦୦୨ ମସିହାରୁ ଡିସେମ୍ବର ୫ ତାରିଖକୁ ବିଶ୍ୱ ମୃତ୍ତିକା ଦିବସ ଭାବରେ ପାଳନ କରିବାକୁ ଉତ୍ସର୍ଗ ଦେଇଅଛି। ମାଟି ଗଛମାନଙ୍କ ଖାଦ୍ୟ ପ୍ରାଣର ଉତ୍ସ ଓ ଗନ୍ତାଘର। ଏହା ଜୀବନ୍ତ ଓ ପରିବର୍ତ୍ତନଶୀଳ, ଏଥିରେ ଅସଂଖ୍ୟ ଅଣୁଜୀବ ରହି ଜୈବ ପଦାର୍ଥ ଖାଇ ମାଟିରେ ଘଟୁଥିବା ବିଭିନ୍ନ ରାସାୟନିକ ପ୍ରକ୍ରିୟାରେ ସାହାଯ୍ୟ କରନ୍ତି ଓ ଫସଲ ଉତ୍ପାଦନରେ ମୁଖ୍ୟ ଅଂଶଗ୍ରହଣ କରିଥାନ୍ତି। ଆଧୁନିକ କୃଷି ଆପଣେଇବା ସମୟରୁ ଆମେ ମାଟିକୁ ଉପେକ୍ଷା କରିଆସିଅଛୁ। ଆସନ୍ତୁ ଆଜି ଶପଥ ନେବା ଯେପରି ମାଟିର ପୂର୍ବ ପ୍ରାକୃତିକ ଅବସ୍ଥାକୁ ଫେରାଇ ଆଣିବା।

Swagatika Srichandan
SS&Head, KVK, Nuapada

### ବିଶ୍ୱ ମୃତ୍ତିକା ଦିବସ-2018, ଜିଲ୍ଲା- ଦେବଗଡ

୦୫ ଡିସେମ୍ବର ୨୦୧୮ ଦିନ ଦେବଗଡ ଜିଲ୍ଲାର ୩ଟି ବ୍ଲକରେ ଓ ଜିଲ୍ଲା ସ୍ତରରେ ଉପକୃଷି ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟ ପ୍ରାଙ୍ଗଣରେ ବିଶ୍ୱ ମୃତ୍ତିକା ଦିବସ ପାଳନ କରାଯାଉଛି। ଏହି ଅବସରରେ ଜିଲ୍ଲା ଓ ବ୍ଲକର ଚାଷୀମାନଙ୍କର ମୃତ୍ତିକା ଫଳାଫଳ ଅନୁସାରେ ବିଭିନ୍ନ ପ୍ରକାର ଅନୁମୋଦିତ ଖାଦ୍ୟସାର ପ୍ରୟୋଗ କରିବା ପାଇଁ ସଚେତନ କରାଯାଏ, ଯାହା ଫଳରେ ମାଟିର ସ୍ୱାସ୍ଥ୍ୟକୁ ଅନେକ ଦିନ ପର୍ଯ୍ୟନ୍ତ ସୁସ୍ଥ ଭାବରେ ବଜାୟ ରଖାଯାଇ ପାରିବ ଓ ଅମଳ ମଧ୍ୟ ଅଧିକ ମିଳିବ। ସମସ୍ତ ଚାଷୀମାନଙ୍କୁ ମଧ୍ୟ ଏହି ଅବସରରେ ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ ମଧ୍ୟ ଅତିଥି ମାନଙ୍କ ଦ୍ୱାରା ବଣ୍ଟନ କରାଯାଇ ଏହାର ତାତ୍ପର୍ଯ୍ୟ ବୁଝାଇ ଦିଆଯାଏ।

ଜିଲ୍ଲାପାଳ–ତଥା–ଅଧ୍ୟକ୍ଷ, ଆତ୍ମା, ଦେବଗଡ
କୃଷି ଉପନିର୍ଦ୍ଦେଶକ–ତଥା–ପ୍ରକଳ୍ପ ନିର୍ଦ୍ଦେଶକ ଆତ୍ମା, ଦେବଗଡ

### ବିଶ୍ୱ ମୃତ୍ତିକା ଦିବସ

**ତାରିଖ ୫ ଡିସେମ୍ବର ୨୦୧୮**

ଆଜିର ଏହି ପବିତ୍ର **"ବିଶ୍ୱ ମୃତ୍ତିକା ଦିବସ" ଅବସରରେ କୃଷି ବିଭାଗ ସୁନ୍ଦରଗଡ** ତରଫରୁ ସମସ୍ତ ଚାଷୀ ଭାଇ ଓ ଭଉଣୀମାନଙ୍କୁ ଶୁଭେଚ୍ଛା ଜଣାଉଛି। ଆସନ୍ତୁ ମୃତ୍ତିକାକୁ ପରୀକ୍ଷା କରି ତା'ର ଫଳାଫଳ ଅନୁଯାୟୀ ଚାଷ କରିବା।

ସ୍ୱା./– କୃଷି ଉପନିର୍ଦ୍ଦେଶକ ତଥା
ପ୍ରକଳ୍ପ ନିର୍ଦ୍ଦେଶକ, ଆତ୍ମା, ସୁନ୍ଦରଗଡ

### ବିଶ୍ୱ ମୃତ୍ତିକା ଦିବସ – ୨୦୧୮

**ଓ ଧରିତ୍ରୀର ୪୫ତମ ଜନ୍ମ ଦିବସ ଅବସରରେ କଣ୍ଟାପଡ଼ା ବ୍ଲକର ସମସ୍ତ ଯୁବ ଭାଇଭଉଣୀମାନଙ୍କୁ ମୋର ହାର୍ଦ୍ଦିକ ଅଭିନନ୍ଦନ।**



**ବିମାନ ବିହାରୀ ବେହେରା**
ବିଜୁ ଯୁବବାହିନୀ ସଂଯୋଜକ, କଣ୍ଟାପଡ଼ା ବ୍ଲକ
ସଭାପତି, ନାହାଳପୁର ସେବା ସମବାୟ ସମିତି
ଯୁବ ବିଜେଡି ସଭାପତି, କଣ୍ଟାପଡ଼ା ବ୍ଲକ

### ଜିଲ୍ଲାଓ ବ୍ଲକ୍‌ସ୍ତରୀୟ ବିଶ୍ୱମୃତ୍ତିକା ଦିବସ ପାଳନ

ଆସନ୍ତା ତା୦୫।୧୨।୨୦୧୮ରିଖ ଦିନ ସମସ୍ତ ବ୍ଲକ୍ ସଦର ମହକୁମାରେ ଓ ଭଦ୍ରକ ସଂସ୍କୃତି ଭବନରେ ଜିଲ୍ଲାସ୍ତରୀୟ ବିଶ୍ୱ ମୃତ୍ତିକା ଦିବସ ପାଳନ କରାଯିବ। ଏହି ଉତ୍ସବରେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିବା ନିମନ୍ତେ ସମସ୍ତ ଚାଷୀଭାଇ ଓ ଭଉଣୀମାନଙ୍କୁ ଅନୁରୋଧ କରାଯାଉଅଛି।

ସୌଜନ୍ୟ:
ଉପକୃଷି ନିର୍ଦ୍ଦେଶକ, ଭଦ୍ରକ




**WORLD SOIL DAY**
5th Dec. 2018
**ବିଶ୍ୱ ମୃତ୍ତିକା ଦିବସ**

ଆଜି ଏହି ପବିତ୍ର **'ବିଶ୍ୱ ମୃତ୍ତିକା ଦିବସ'** ଅବସରରେ କୃଷି ବିଜ୍ଞାନ କେନ୍ଦ୍ର, କିରେଇ, ସୁନ୍ଦରଗଡ଼ ଜିଲ୍ଲାର ଅଗଣିତ ଚାଷୀ ଭାଇ ଓ ଭଉଣୀମାନଙ୍କୁ ଶୁଭେଚ୍ଛା ଜଣାଉଛି। ମୃତ୍ତିକାକୁ ପରୀକ୍ଷା କରି ଓ ତା'ର ଫଳାଫଳ ଅନୁଯାୟୀ ଚାଷ କରିବା। ନିଶ୍ଚିତ ରୂପେ "ମୃତ୍ତିକାର ପ୍ରଦୂଷଣ ପାଇଁ ଆମ୍ଭେମାନେ ଉତ୍ତରଦାୟୀ"। ତେଣୁ ଆସନ୍ତୁ ଏହି ଦିବସ ଅବସରରେ ସମସ୍ତେ ମିଶି ମାଟି **"ମା' ର ସ୍ୱାସ୍ଥ୍ୟକୁ ରାସାୟନିକ ସାର ଓ ବିଷ କବଳରୁ ରକ୍ଷାକରି ଜୈବିକ କୃଷି ଆପଣେଇ ନେବା, ସଂକଳ୍ପ ବଦ୍ଧ ହେବା"**। ଯାହାଦ୍ୱାରା ଆମେ ପ୍ରାକୃତିକ ପରିବେଶ ବଜାୟ ରଖିବା ସହିତ ଜୀବଜଗତର ସ୍ଥିତି ସୁଦୃଢ ହୋଇପାରିବ।

**ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ**
**କୃଷି ବିଜ୍ଞାନ କେନ୍ଦ୍ର, କିରେଇ, ସୁନ୍ଦରଗଡ**

### ବିଶ୍ୱ ମୃତ୍ତିକା ଦିବସ ଉପଲକ୍ଷେ ବାର୍ତ୍ତା


ମାଟି ମା'ର ସ୍ୱାସ୍ଥ୍ୟ ସୁରକ୍ଷା ପ୍ରତି ସଚେତନତା ସୃଷ୍ଟି ନିମନ୍ତେ ବିଶ୍ୱ ମୃତ୍ତିକା ଦିବସ ସାରା ବିଶ୍ୱରେ ଡିସେମ୍ବର ୫ ତାରିଖ ଦିନ ପାଳନ କରାଯାଉଛି। ମୃତ୍ତିକା ପରୀକ୍ଷା ଆଧାରରେ ଅନୁମୋଦିତ ପରିମାଣର ସାର ପ୍ରୟୋଗ କରି ଜମିର ଉର୍ବରତା ବଢ଼େଇବା ସହିତ ଜଳ, ଜମି ଓ ପରିବେଶର ସନ୍ତୁଳନ ରକ୍ଷା କରିବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ। ଅବିଚାରିତ ଭାବରେ ସାର ପ୍ରୟୋଗ ଦ୍ୱାରା ଚାଷୀ ନିଜର ଉତ୍ପାଦନ ଖର୍ଚ୍ଚ ବଢ଼େଇବା ସହିତ ନିଜ ପରିବାର, ସମାଜ ତଥା ପରିବେଶର କ୍ଷତି ପହଞ୍ଚାଇଥାଏ। ଆଜି ଚାଷୀ ଭାଇ ଓ ଭଉଣୀମାନେ ସଂକଳ୍ପ କରି ନିଜ ଜମିର ମୃତ୍ତିକା ପରୀକ୍ଷା ଆଧାରରେ ସୁଷମ ସାର ପ୍ରୟୋଗ କରି ମାଟି ମା'ର ସ୍ୱାସ୍ଥ୍ୟ ଓ ସୁରକ୍ଷା ପ୍ରତି ଧ୍ୟାନ ଦିଅନ୍ତୁ।

ଉପ କୃଷି ନିର୍ଦ୍ଦେଶକ ତଥା ପ୍ରକଳ୍ପ ନିର୍ଦ୍ଦେଶକ, ଆତ୍ମା, ସୁବର୍ଣ୍ଣପୁର
ଜିଲ୍ଲାପାଳ ତଥା ଅଧ୍ୟକ୍ଷ, ଆତ୍ମା, ସୁବର୍ଣ୍ଣପୁର

### କୃଷି ବିଜ୍ଞାନ କେନ୍ଦ୍ର, ମାଲକାନଗିରି

ମାଲକାନଗିରି ଜିଲ୍ଲାର ସମସ୍ତ କୃଷକ ଭାଇମାନଙ୍କୁ ବିଶ୍ୱ ମୃତ୍ତିକା ସ୍ୱାସ୍ଥ୍ୟ ଦିବସରେ କୃଷି ବିଜ୍ଞାନ କେନ୍ଦ୍ର ତରଫରୁ ଅନୁରୋଧ କରାଯାଉଛି କି, ଚାଷୀ ଭାଇମାନେ ନିଜ ନିଜ ଜମିରେ ଚାଷକାର୍ଯ୍ୟ କରିବା ପୂର୍ବରୁ ଜମିର ମାଟି ପରୀକ୍ଷା କରିନିଅନ୍ତୁ। ମାଲକାନଗିରି କୃଷି ବିଜ୍ଞାନ କେନ୍ଦ୍ର କିମ୍ବା ଜିଲ୍ଲା କୃଷି ଉପ–ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟରେ ମାଟି ପରୀକ୍ଷା ପାଇଁ ସମସ୍ତ ବ୍ୟବସ୍ଥା ଅଛି। ଆସନ୍ତା ଡିସେମ୍ବର ୫ତାରିଖ ବିଶ୍ୱ ମୃତ୍ତିକା ସ୍ୱାସ୍ଥ୍ୟ ଦିବସରେ ଚାଷୀ ଭାଇମାନେ ଜିଲ୍ଲା ସଦର ମହକୁମା ସଂସ୍କୃତି ଭବନ ପରିସରରେ ଜିଲ୍ଲାସ୍ତରୀୟ ଉତ୍ସବରେ ଯୋଗଦେବା ସହ ନିଜ ନିଜ ଜମିର ମାଟି ଆଣି ପରୀକ୍ଷାଗାରରେ ପରୀକ୍ଷା କରିନିଅନ୍ତୁ। ଏଥିପାଇଁ ପ୍ରତ୍ୟେକ କୃଷକ ବନ୍ଧୁମାନେ ନିଜ ନିଜର କୃଷକ କାର୍ଡ ସହ ମାଟି ପରୀକ୍ଷା କରି ମାଟିର ସ୍ୱାସ୍ଥ୍ୟ ସମ୍ବନ୍ଧରେ ଜାଣିପାରିବେ।

ସମୀର ରଞ୍ଜନ ଦାସ
ବରିଷ୍ଠ ବୈଜ୍ଞାନିକ
କୃଷି ବିଜ୍ଞାନ କେନ୍ଦ୍ର, ମାଲକାନଗିରି



“ସାରା ଦେଶରେ ରହିଥିବା ଶୋ'ରୁମ ଏବଂ ୱାର୍କଶପଗୁଡିକର ସମ୍ପୂର୍ଣ୍ଣ ପରିବର୍ତ୍ତନ ଲାଗି ଏକ ବିଶ୍ୱ ସ୍ତରୀୟ କନସଲଟାନ୍ସି ନିଯୁକ୍ତ କରାଯାଇଛି।
– ମୟାଙ୍କ ପାରିକ, ସଭାପତି, ଟାଟା ମୋଟର୍ସ ଯାତ୍ରୀବାହୀ ଯାନ ଶୃଙ୍ଖଳା



“ଚଳିତ ଆର୍ଥିକବର୍ଷ ଚତୁର୍ଥ ତ୍ରୈମାସରେ ଦେଶର ଜିଡିପି ଅଭିବୃଦ୍ଧି ଉନ୍ନତ ହେବ।
– ରାଜୀବ କୁମାର, ଉପାଧ୍ୟକ୍ଷ, ନୀତି ଆୟୋଗ



## ସଂକ୍ଷେପରେ

### ଏସି-୩ରେ ମହିଳାଙ୍କ ଲାଗି ଆହୁରି ୬ ବର୍ଥ



**ନୂଆଦିଲ୍ଲୀ,୪-୧୨:** ରେଳରେ ଅଧିକ ମହିଳା ବର୍ଥ ଯୋଡିବା ନେଇ ରେଲୱେ ବୋର୍ଡ ପକ୍ଷରୁ ଏକ ସର୍କୁଲାର ଜାରି କରାଯାଇଛି। ଏଥିରେ କୁହାଯାଇଛି ଯେ, ରାଜଧାନୀ, ଦୁରନ୍ତୋ ଏବଂ ସମସ୍ତ ଏସି ଟ୍ରେନର ୩ ଟାୟାରରେ ଆହୁରି ୬ଟି ବର୍ଥ ମହିଳାଙ୍କ ଲାଗି ସଂରକ୍ଷିତ ରଖାଯିବ। ବରିଷ୍ଠ ନାଗରିକ, ୪୫ ବର୍ଷରୁ ଅଧିକ ବୟସର ମହିଳା ଯାତ୍ରୀ ତଥା ଗର୍ଭବତୀ ମହିଳାଙ୍କ ଲାଗି ଏସି-୩ ଟାୟାର ବର୍ଥରେ ନିମ୍ନ ଆସନ ବ୍ୟବସ୍ଥା କରାଯିବ। ସୂଚନାଥାଉ କି, ବର୍ତ୍ତମାନ ପ୍ରତ୍ୟେକ ମେଲ୍/ଏକ୍ସପ୍ରେସ ଟ୍ରେନରେ ମହିଳା ଯାତ୍ରୀଙ୍କୁ ତାଙ୍କର ବୟସ, ଏକୁଟିଆ ଯାତ୍ରା କରିବା ନେଇ ଜାଣିବା ପରେ ସ୍ଲିପର କ୍ଲାସ୍‌ର ୬ ଟି ବର୍ଥ ଧାର୍ଯ୍ୟ କରାଯାଇଛି।

### ୧୦ହଜାର କୋଟି ନଗଦ ଯୋଗାଇବ ଆର୍‌ବିଆଇ



**ମୁମ୍ବାଇ,୪-୧୨:** ବଜାରରେ ଏବେ ନଗଦ ସଙ୍କଟ ଗୁରୁତର ହେଲାଣି। ଏହାକୁ ଦୂର କରିବା ଲାଗି ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ) ଆସନ୍ତା ଗୁରୁବାର ଖୋଲା ବଜାରରେ ସରକାରୀ ସିକ୍ୟୁରିଟି ଜରିଆରେ ୧୦ ହଜାର କୋଟି ନଗଦ ଉପଲବ୍ଧ କରାଇବ। ଆର୍‌ବିଆଇ ପକ୍ଷରୁ କୁହାଯାଇଛି ଯେ, ରିଜର୍ଭ ବ୍ୟାଙ୍କ ଦେଶରେ ନଗଦ ସଙ୍କଟ ସମ୍ପର୍କରେ ଆକଳନ କରିବେ ଏବଂ କେତେ ନଗଦର ଆବଶ୍ୟକତା ରହିଛି ତାହା ସ୍ଥିର କରିବେ। ଆଇଏଲ୍ଆଣ୍ଡଏଫ୍ଏସ ଗ୍ରୁପ୍ କମ୍ପାନୀ ସୁଧ ଫେରାଇବାରେ ବିଫଳ ହେବା ପରେ ବଜାରରେ ଅର୍ଥ ସଙ୍କଟ ଦେଖାଦେଇଥିଲା। କେନ୍ଦ୍ରୀୟ ବ୍ୟାଙ୍କର ଉକ୍ତ ନିଷ୍ପତ୍ତି ଯୋଗୁ ଏହି ସମସ୍ୟା କିଛି ମାତ୍ରାରେ ଦୂର ହୋଇପାରିବ। ଏହି କିଣିବିକାରେ ସାମିଲ ହେବାକୁ ଥିବା ଆଗ୍ରହୀ ସଂସ୍ଥାଗୁଡିକ ନିଜର ଯୋଗଦାନ ସଂକ୍ରାନ୍ତରେ ଆସନ୍ତା ୬ରେ ଆର୍‌ବିଆଇର କୋର୍ ବ୍ୟାଙ୍କିଙ୍ଗ ସଲ୍ୟୁଶନ(ଇ-କୁବେର)ରେ ଯୋଗଦେବାକୁ କୁହାଯାଇଛି। ନିଲାମର ଫଳାଫଳ ସେହି ଦିନ ଘୋଷଣା କରାଯିବ ଏବଂ ସମ୍ପୃକ୍ତ ନିଲାମଧାରୀଙ୍କୁ ତହି ପରଦିନ ଦେୟ ପ୍ରଦାନ କରାଯିବ ବୋଲି ରିଜର୍ଭ ବ୍ୟାଙ୍କ ପକ୍ଷରୁ କୁହାଯାଇଛି।

### ୮୯% ଘରେ ପହଞ୍ଚିଛି ଏଲ୍‌ପିଜି ସିଲିଣ୍ଡର



**ନୂଆଦିଲ୍ଲୀ,୪-୧୨:** ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନା ଅଧୀନରେ ଦେଶର ୮୯% ଘରେ ଏବେ ଏଲ୍‌ପିଜି ସିଲିଣ୍ଡର ପହଞ୍ଚିସାରିଛି। ଏବେ ଦେଶର ପ୍ରତ୍ୟେକ ୧୦ ଘର ମଧ୍ୟରୁ ୯ଟି ଘରେ ଏଲ୍‌ପିଜି ବ୍ୟବହୃତ ହେଉଛି। ୪ବର୍ଷ ପୂର୍ବେ ଏହା ପ୍ରତି ୧୦ ଘରେ ୫ ଥିଲା। ଉଜ୍ଜ୍ୱଳା ଯୋଜନାରେ ୫ କୋଟି ଘରେ ଗ୍ୟାସ୍ ସଂଯୋଗ ଦିଆଯାଇଛି। ପେଟ୍ରୋଲିୟମ ମନ୍ତ୍ରଣାଳୟ ସହାୟତାରେ ତୈଳ କମ୍ପାନୀ ଏପ୍ରିଲ ୨୦୧୫ରୁ ଅଦ୍ୟାବଧି ୧୦ କୋଟି ନୂଆ ଗ୍ରାହକଙ୍କୁ ରୋଷେଇ ଗ୍ୟାସ୍ ସଂଯୋଗ ଦେଇପାରିଛନ୍ତି। ୨୦୧୫ ଏପ୍ରିଲ ପହିଲା ସୁଦ୍ଧା ଦେଶରେ ୫୬.୨% ଘରେ ଗ୍ୟାସ୍ ସଂଯୋଗ ହୋଇପାରିଥିଲା। ତୈଳ ମନ୍ତ୍ରଣାଳୟର ସୂଚନାନୁଯାୟୀ ଦେଶରେ ଏବେ ୨୪.୯ କୋଟି ସକ୍ରିୟ ଗ୍ରାହକଙ୍କ ରହିଛନ୍ତି ଯାହାଙ୍କ ମଧ୍ୟରୁ ୨୨.୯କୋଟିଙ୍କୁ ସବ୍‌ସିଡି ଦିଆଯାଉଛି। ମୋଟ୍ ଗ୍ରାହକଙ୍କ ମଧ୍ୟରୁ ଅଧାରୁ ଅଧିକଙ୍କ ନିକଟରେ ଦୁଇଟି ଲେଖାଏ ସିଲିଣ୍ଡର ରହିଛି। ଏହି କାରଣରୁ ନୂଆ ଗ୍ରାହକ ପାରମ୍ପରିକ ଇନ୍ଧନକୁ ଛାଡ଼ିପାରୁନାହାନ୍ତି। ମିଳିଥିବା ତଥ୍ୟ ଅନୁଯାୟୀ ଏଲ୍‌ପିଜି ସଂଯୋଗ କ୍ଷେତ୍ରରେ ଗୋଆ(୧୩୯%) ସର୍ବାଗ୍ରେ ରହିଛି। ଏହାପରେ ତେଲେଙ୍ଗାନା, ପୁଡୁଚେରୀ, କେରଳ ଓ ମିଜୋରାମ ରହିଛି ଯାହାଙ୍କ ସଂଯୋଗ ପ୍ରତିଶତ ୧୦୦ରୁ ଅଧିକ। ତେବେ ଝାଡ଼ଖଣ୍ଡ(୬୫.୪%), ବିହାର(୬୭%) ଓ ଓଡ଼ିଶା(୬୭.୯%) ଏଲ୍‌ପିଜି ସଂଯୋଗ କ୍ଷେତ୍ରରେ ସବୁଠାରୁ ପଛୁଆ ରହିଛନ୍ତି।

# ଡିଜିଟାଲ ଟ୍ରାଞ୍ଜାକ୍‌ଶନ ଖର୍ଚ୍ଚ ବହନ କରିବେ ସରକାର

**ନୂଆଦିଲ୍ଲୀ,୪-୧୨**

ନିର୍ବାଚନୀ ବର୍ଷରେ କେନ୍ଦ୍ର ସରକାର କ୍ଷୁଦ୍ର ବ୍ୟବସାୟୀଙ୍କୁ ଆଉ ଏକ ଉପହାର ଦେବାକୁ ଯୋଜନା ପ୍ରସ୍ତୁତ କରିଛନ୍ତି। ପେମେଣ୍ଟ ସ୍ୱାଇପ୍ ମେଶିନ, ପିଓଏସ୍, ଅନ୍‌ଲାଇନ ଅଥବା ବ୍ୟାଙ୍କ ଜରିଆରେ ଟ୍ରାଞ୍ଜାକ୍‌ଶନ ହେଉଥିଲେ କ୍ଷୁଦ୍ର ବ୍ୟବସାୟୀ ଦେଉଥିବା ଚାର୍ଜକୁ ସରକାର ବହନ କରିବେ। ସରକାର ଏଭଳି ଏକ ଯୋଜନା ପ୍ରସ୍ତୁତ କରିଛନ୍ତି, ଯାହାର ଚିଠା ପ୍ରସ୍ତୁତ ହୋଇସାରିଛି। ବ୍ୟାଙ୍କଗୁଡିକ ସହିତ ଆଲୋଚନା କରିବା ପରେ ଏ ସମ୍ପର୍କରେ ଘୋଷଣା କରାଯିବ। ପୂର୍ବରୁ ଉକ୍ତ ବ୍ୟବସ୍ଥାରେ ଟ୍ରାଞ୍ଜାକ୍‌ଶନ କରୁଥିବାରୁ କ୍ଷୁଦ୍ର ବ୍ୟବସାୟୀମାନେ ଏହାର ବୋଝକୁ ଗ୍ରାହକଙ୍କ ଉପରେ ଲଦି ଦେଉଥିଲେ। ଫଳରେ ଉଭୟ କ୍ଷୁଦ୍ର ବ୍ୟବସାୟୀ ଓ ଗ୍ରାହକ ଖୁସି ହେବେ।

ଅର୍ଥ ମନ୍ତ୍ରଣାଳୟ ସୂତ୍ର ଅନୁଯାୟୀ କ୍ଷୁଦ୍ର ବ୍ୟବସାୟୀଙ୍କ ମଧ୍ୟରେ ଡିଜିଟାଲ ଟ୍ରାଞ୍ଜାକ୍‌ଶନ ବୃଦ୍ଧି କରିବା ଲାଗି ସରକାର ଏକ ଯୋଜନା ଚିଠା ପ୍ରସ୍ତୁତ କରିଛନ୍ତି। ଏଥିପାଇଁ ଏକ ପାଣ୍ଠି ଗଠନ କରାଯିବ। ବ୍ୟବସାୟୀଙ୍କ ଟର୍ନଓଭର ବା ମୋଟ୍ କାରବାରକୁ ହିସାବକୁ ନେଇ ଟ୍ରାଞ୍ଜାକ୍‌ଶନ ଚାର୍ଜ ଦେୟ ରାଶି ଧାର୍ଯ୍ୟ କରାଯିବ। କ୍ଷୁଦ୍ର ବ୍ୟବସାୟୀ ଯେତେବେଳେ ଡିଜିଟାଲ ଟ୍ରାଞ୍ଜାକ୍‌ଶନ କରିବେ, ତାଙ୍କର ସମ୍ପୂର୍ଣ୍ଣ ବିବରଣୀ ବ୍ୟାଙ୍କ ପାଇଯିବ ଓ ଏହା ଜରିଆରେ ତାଙ୍କ ଦେୟକୁ ସରକାର ପ୍ରଦାନ କରିବେ। ଅର୍ଥ ମନ୍ତ୍ରଣାଳୟର ଜଣେ ଅଧିକାରୀ କହିଛନ୍ତି ଯେ, କ୍ଷୁଦ୍ର ବ୍ୟବସାୟୀଙ୍କ ଡିଜିଟାଲ ଟ୍ରାଞ୍ଜାକଶନ ଚାର୍ଜକୁ ଦେବା ଦ୍ୱାରା ସରକାରଙ୍କ ଉପରେ ଅତିରିକ୍ତ ବୋଝ ପଡିବ ନାହିଁ। ଡିଜିଟାଲ ଇଣ୍ଡିଆ ପ୍ରୋଗ୍ରାମ ଜରିଆରେ ସରକାର ଅଦ୍ୟାବଧି ୬୦ ହଜାର କୋଟି ଟଙ୍କା ସଞ୍ଚୟ କରିଛନ୍ତି। ଏହାକୁ ଉକ୍ତ ଯୋଜନାରେ ବ୍ୟବହାର କରାଯିବ। ଟ୍ରାଞ୍ଜାକଶନ ଚାର୍ଜ ଛାଡ଼ପାଇବା ଦ୍ୱାରା କ୍ଷୁଦ୍ର ଓ ମଧ୍ୟମ ବ୍ୟବସାୟୀ ଅଧିକ ମାତ୍ରାରେ ଡିଜିଟାଲ ଟ୍ରାଞ୍ଜାକ୍‌ଶନ ଆଡକୁ ଆକର୍ଷିତ ହେବେ। ଏହାଦ୍ୱାରା ବ୍ୟବସାୟରେ ପାରଦର୍ଶିତା ଆସିବ। ସୂଚନାଥାଉ କି, କେନ୍ଦ୍ର ସରକାର କ୍ଷୁଦ୍ର ବ୍ୟବସାୟୀଙ୍କ ଲାଗି ମାତ୍ର ୫୯ ମିନିଟ୍‌ରେ ଡିଜିଟାଲ ଋଣ ପ୍ଲାଟଫର୍ମ ଜରିଆରେ ୧ କୋଟି ଟଙ୍କା ଋଣ ପ୍ରଦାନ କରିବାର ଗ୍ୟାରେଣ୍ଟି ବ୍ୟବସ୍ଥା ଘୋଷଣା କରିଛନ୍ତି। ଜିଏସ୍‌ଟି ପଞ୍ଜୀକରଣ କରିଥିବା ଛୋଟ ଓ ମଧ୍ୟମ ବ୍ୟବସାୟୀଙ୍କୁ ୧ କୋଟି ଟଙ୍କାର ନୂଆ ଋଣ ଅଥବା ଇନକ୍ରିମେଣ୍ଟାଲ ଋଣ ଉପରେ ସୁଧ ହାର ୨% ଛାଡ ଘୋଷଣା କରାଯାଇଛି। ବିମୁଦ୍ରୀକରଣ ଯୋଗୁ କ୍ଷୁଦ୍ର ବ୍ୟବସାୟୀଙ୍କୁ ଗଭୀର ଝଟ୍‌କା ଲାଗିଥିଲା ବୋଲି ମନେକରାଯାଉଛି। ଏହି କାରଣରୁ ସରକାର ଏବେ ସେମାନଙ୍କୁ କିଛି ପରିମାଣରେ ଆଶ୍ୱସ୍ତ କରିବାକୁ ଚାହୁଁଛନ୍ତି। ଅନ୍ୟପକ୍ଷରେ କନଫେଡେରେଶନ ଅଫ୍ ଅଲ୍ ଇଣ୍ଡିଆ ଟ୍ରେଡର୍ସ (ସିଏଆଇଟି) ପକ୍ଷରୁ କୁହାଯାଇଛି ଯେ, କ୍ଷୁଦ୍ର ବ୍ୟବସାୟୀ ଯେପରି ଡିଜିଟାଲ ଟ୍ରାଞ୍ଜାକ୍‌ଶନ ପ୍ରତି ମନ ବଳାଇବେ ସେଥିଲାଗି ସଂଗଠନ ପକ୍ଷରୁ ସରକାରଙ୍କୁ ସହାୟତା କରାଯିବ। ଭାରତ କ୍ୟୁଆର୍ ଜରିଆରେ ଟ୍ରାଞ୍ଜାକ୍‌ଶନକୁ ପ୍ରୋତ୍ସାହନ ଦେବା ଲାଗି ସଂଗଠନ ପକ୍ଷରୁ ଅଭିଯାନ ଆରମ୍ଭ କରାଯାଇଛି। କ୍ୟୁଆର୍ କୋଡ୍‌କୁ କିଭଳି ଭାବେ ବ୍ୟବହାର କରାଯିବ ସେନେଇ ବ୍ୟବସାୟୀଙ୍କୁ ପ୍ରଶିକ୍ଷଣ ଦିଆଯିବ। ସୂଚନାଥାଉ କି, ଭାରତ କ୍ୟୁଆର୍ କୋଡ୍‌କୁ ଗତବର୍ଷ ଆରମ୍ଭ କରାଯାଇଥିଲା। ଏହା ଜରିଆରେ ବ୍ୟବସାୟୀ କେବଳ ଏକ କୋଡ୍ ସ୍କାନ କରି ସିଧାସଳଖ ନିଜ ଆକାଉଣ୍ଟରେ ପେମେଣ୍ଟ ନେଇପାରିବେ। ସିଏଆଇଟି ମହାସଚିବ ପ୍ରବୀଣ ଖଣ୍ଡେଲୱାଲ କହିଛନ୍ତି ଯେ, ଅଦ୍ୟାବଧି ୧ କୋଟି ବ୍ୟବସାୟୀ ଜିଏସ୍‌ଟିରେ ପଞ୍ଜୀକରଣ କରିସାରିଛନ୍ତି। ସେମାନଙ୍କୁ ଭାରତ କ୍ୟୁଆର୍ କୋଡ୍ ସହ ଯୋଡାଯିବ। ବ୍ୟାଙ୍କରେ ଯେଉଁମାନଙ୍କ ଆକାଉଣ୍ଟ ରହିଛି ସେମାନଙ୍କୁ ଏହାସହ ଯୋଡ଼ାଯିବ।

**କ୍ଷୁଦ୍ର ବ୍ୟବସାୟୀ-ଗ୍ରାହକ ଖୁସ୍**
- ଯୋଜନା ଚିଠା ପ୍ରସ୍ତୁତ
- ବ୍ୟାଙ୍କଗୁଡ଼ିକ ସହ ଆଲୋଚନା ପରେ ଘୋଷଣା
- ୬୦ହଜାର କୋଟିର ପାଣ୍ଠି ବ୍ୟବହାର କରାଯିବ
- ଭାରତ-କ୍ୟୁଆର୍ କୋଡ୍ ନେଇ ସିଏଆଇଟି ପ୍ରଶିକ୍ଷଣ ଦେବ



## ଆମେରିକାକୁ ରୁହାନିଙ୍କ ଧମକ
# ବନ୍ଦ କରିଦେବୁ ପାରସ୍ୟ ଉପସାଗର ରାସ୍ତା

**ତେହେରାନ,୪-୧୨**

ଆମେରିକା ପକ୍ଷରୁ ଅର୍ଥନୈତିକ କଟକଣା ଜାରି କରାଯିବା ପରେ ଇରାନ ଏବେ ଉତ୍କ୍ଷିପ୍ତ ହୋଇଉଠିଛି। ରାଷ୍ଟ୍ରପତି ହାସନ ରୁହାନି ମଙ୍ଗଳବାର ଆମେରିକାକୁ ସିଧାସଳଖ ଧମକ ଦେଇ କହିଛନ୍ତି ଯେ, ତାଙ୍କ ଦେଶ ପାରସ୍ୟ ଉପସାଗର ବାଟ ଦେଇ ଅଶୋଧିତ ତେଲ ରପ୍ତାନିକୁ ବନ୍ଦ କରିଦେବ।

ସମନାନ ପ୍ରଦେଶରେ ଆୟୋଜିତ ଏକ ରାଲିରେ ଉଦ୍‌ବୋଧନ ଦେଇ ରୁହାନି କହିଛନ୍ତି ଯେ, ଆମେରିକା ଜାଣିରଖିବା ଉଚିତ୍ ଯେ, ଏହା ଇରାନର ତେଲ ରପ୍ତାନିକୁ ବନ୍ଦ କରିପାରିବ ନାହିଁ। ଆମେରିକା କଟକଣା ଲାଗି ଦୁଃସାହସ କଲେ ବା ପ୍ରୟାସ କଲେ ପର୍ସିୟାନ ଗଲ୍ଫ ରାସ୍ତା ଦେଇ ତୈଳ ରପ୍ତାନି ହେବ ନାହିଁ। ଉଲ୍ଲେଖଯୋଗ୍ୟ ଯେ, ରୁହାନିଙ୍କ ଧମକକୁ ଯଦି ଇରାନ କାର୍ଯ୍ୟକାରୀ କରେ ତେବେ ଆମେରିକା ସହ ସେଦେଶ ମୁହାଁମୁହିଁ ହେବା ଅବସମ୍ଭାବୀ ହୋଇଯିବ। ସୂଚନାଥାଉ କି, ଗଲ୍ଫ ଦେଶର ବହୁ ରାଷ୍ଟ୍ର ପାରସ୍ୟ ଉପସାଗର ବାଟ ଦେଇ ସମୁଦ୍ରରେ ତୈଳ ନେଇଥାନ୍ତି। ଇରାନର ପଦକ୍ଷେପ ଦ୍ୱାରା ବିଶ୍ୱରେ ତୈଳ ସଙ୍କଟ ସୃଷ୍ଟି ହେବ ବୋଲି ଆଶଙ୍କାପ୍ରକାଶ ପାଇଛି। ସେ କହିଛନ୍ତି ଯେ, ଅନ୍ତର୍ଜାତୀୟ ଚାପ ପଡୁଥିବାରୁ ଇରାନ ୧୯୮୦ରୁ ଗଲ୍ଫ ବାଟ ବନ୍ଦ କରି ଦେବ ବୋଲି ଧମକ ଦେଇ ଆସୁଛି। କିନ୍ତୁ କେବେ ତାହା କରିନି। ବିଶ୍ୱର କେତେକ ପରମାଣୁ ସମ୍ପନ୍ନ ରାଷ୍ଟ୍ର ସହ ଇରାନ ପରମାଣୁ ଚୁକ୍ତି ସ୍ୱାକ୍ଷର କରିଥିଲା। କିନ୍ତୁ ଆମେରିକା ଏଥିରୁ ଏକତରଫା ଭାବେ ଓହରିଯାଇଛି। ଏହାପରେ ଆମେରିକା ପକ୍ଷରୁ କଟକଣା ଲାଗୁ କରାଯାଇଛି। ଇରାନରୁ ତେଲ କିଣିବା ସମ୍ପୂର୍ଣ୍ଣ ବନ୍ଦ କରିବାକୁ ଆମେରିକା ପକ୍ଷରୁ ବିଶ୍ୱବାସୀଙ୍କୁ ଆହ୍ୱାନ ଦିଆଯାଇଛି। ଗତ ଜୁଲାଇରେ ମଧ୍ୟ ରୁହାନି ଏଭଳି ଧମକ ଦେଇଥିଲେ। ସେ କହିଛନ୍ତି ଯେ, ମୁଦ୍ରାସ୍ଫୀତି ଓ ବେକାରି ସମସ୍ୟା ଯେତେ ବଢ଼ିଯାଉନା କାହିଁକି କେହି ଇରାନକୁ ଧମକ ଦେଇପାରିବେ ନାହିଁ। ସୂଚନାଥାଉ କି, ପାରସ୍ୟ ଦେଶରେ ବାହାରିନ୍, କୁଏତ, ଓମାନ, କାତାର, ସୌଦି ଆରବ ଓ ସଂଯୁକ୍ତ ଆରବ ଏମିରେଟ ରହିଛନ୍ତି। ଇରାନ ଯଦି ପାରସ୍ୟ ଦେଶର ରାସ୍ତା ବନ୍ଦ କରିଦିଏ ତେବେ ସୌଦି ଆରବରୁ ହେବାକୁ ଥିବା ସମସ୍ତ ପ୍ରକାର ବ୍ୟବସାୟ ପ୍ରଭାବିତ ହେବ। ବର୍ତ୍ତମାନ ବିଶ୍ୱରେ ସୌଦି ଆରବ ସର୍ବାଧିକ ତୈଳ ରପ୍ତାନିକାରୀ ରହିଛି।



ଇରାନ ରାଷ୍ଟ୍ରପତି ହାସନ ରୁହାନି

# ଜିଏସ୍‌ଟି ପରେ କ୍ଷୁଦ୍ର ଶିଳ୍ପଗୁଡ଼ିକୁ ୧.୨୩ ଲକ୍ଷ କୋଟିର ଋଣ

**ନୂଆଦିଲ୍ଲୀ,୪-୧୨**

ସାମଗ୍ରୀ ଓ ସେବା ଟିକସ (ଜିଏସ୍‌ଟି) ଲାଗୁ ହେବା ପରେ ଦେଶର କ୍ଷୁଦ୍ର ଏବଂ ମଧ୍ୟମ ଶିଳ୍ପ(ଏସ୍ଏମ୍ଇ)ଗୁଡ଼ିକୁ ଋଣ ପ୍ରଦାନ ଧାରା ତ୍ୱରାନ୍ୱିତ ହୋଇଛି। ସଂସ୍ଥାଗୁଡ଼ିକୁ ଋଣ ପ୍ରଦାନ ଧାରାରେ ୫ ଗୁଣ ବୃଦ୍ଧି ଘଟି ୧.୨୩ ଲକ୍ଷ କୋଟି ଛୁଇଁଥିବା ଏସ୍‌ବିଆଇ ରିସର୍ଚ୍ଚ ମଙ୍ଗଳବାର ଏହାର ଇକୋରାପ ରିପୋର୍ଟରେ ପ୍ରକାଶ କରିଛି। ଜିଏସ୍‌ଟି ଲାଗୁ ପରେ ୧୫ ମାସ ସମୟ ମଧ୍ୟରେ ସଂସ୍ଥାଗୁଡ଼ିକ ଏହି ଋଣ ଲାଭ କରିଛନ୍ତି। ଯାହା ଜିଏସ୍‌ଟି ପୂର୍ବବର୍ତ୍ତୀ ସମାନ ସମୟରେ ୨୫, ୭୦୦ କୋଟି ଟଙ୍କା ରହିଥିବା ରିପୋର୍ଟରେ ଉଲ୍ଲେଖ ରହିଛି।

ଅର୍ଥନୈତିକ କାର୍ଯ୍ୟକଳାପରେ ଶିଥିଳତା, ଏନ୍‌ପିଏ ବୃଦ୍ଧି, ଏମ୍ଏସ୍ଏମ୍ଇରୁ ଖାଦ୍ୟ ପ୍ରକ୍ରିୟାକରଣ ୟୁନିଟଗୁଡିକୁ ଏଗ୍ରୀ ସେକ୍ଟର ଭାବେ ପୁନଃ ଶ୍ରେଣୀକରଣ ଯୋଗୁ ଜିଏସ୍‌ଟି ପୂର୍ବବର୍ତ୍ତୀ ସମୟରେ ସଂସ୍ଥାଗୁଡ଼ିକୁ ଋଣ ପ୍ରଦାନ ଧାରା ନିମ୍ନରେ ରହିଥିଲା। ଅର୍ଥନୀତିରେ ସ୍ଥିତାବସ୍ଥା ଫେରିବାରୁ ଋଣ ସ୍ଥିତିରେ ଉନ୍ନତି ଆସିଛି ବୋଲି ରିପୋର୍ଟ ପ୍ରକାଶ ପାଇଛି। ଦେଶର ଏମ୍ଏସ୍ଏମ୍ଇଗୁଡ଼ିକୁ ୩୭୦ ବିଲିୟନ ଡଲାର ଫାଇନାନ୍ସ ଚାହିଦା ରହିଥିବାବେଳେ ବର୍ତ୍ତମାନ ଋଣ ଯୋଗାଣ ଧାରା ୧୩୯ ବିଲିୟନ ଡଲାର ରହିଥିବା ଅନ୍ତର୍ଜାତୀୟ ଫାଇନାନ୍ସ କମିଶନ (ଆଇଏଫ୍‌ସି) ପ୍ରକାଶ କରିଛି। ଚାହିଦା ଏବଂ ଯୋଗାଣ ମଧ୍ୟରେ ୨୩୦ ବିଲିୟନ ଡଲାରର ପାର୍ଥକ୍ୟ ରହିଥିବା ରିପୋର୍ଟରୁ ଜଣାପଡ଼ିଛି।



- ୫ ଗୁଣ ଅଧିକ ଋଣ ପ୍ରଦାନ
- ଜିଏସ୍‌ଟି ପୂର୍ବବର୍ତ୍ତୀ ସମୟରେ ଥିଲା ୨୫,୭୦୦ କୋଟି
- ଏମ୍ଏସ୍ଏମ୍ଇ ଋଣ ଚାହିଦା ୩୭୦ ବିଲିୟନ ଡଲାର

## ୪ଘଣ୍ଟାରେ ତିଆରି ହେବ ପାନ୍





**ନୂଆଦିଲ୍ଲୀ,୪-୧୨**

ଡିଜିଟାଲ ଦୁନିଆରେ ପାନ୍ ମହତ୍ତ୍ୱପୂର୍ଣ୍ଣ ହୋଇଥିବାବେଳେ ଏହାକୁ ତିଆରି କରିବା ଲାଗି ଅନେକ ଅସୁବିଧାର ସମ୍ମୁଖୀନ ହେବାକୁ ପଡେ। କିନ୍ତୁ ଆୟକର ବିଭାଗ ଏବେ ଏହାକୁ ସହଜ କରିବାକୁ ଯାଉଛନ୍ତି। ମାତ୍ର ୪ ଘଣ୍ଟାରେ ପାନ୍ କାର୍ଡ ତିଆରି ହୋଇଯିବ। ଏହାକୁ ପାଇବା ପାଇଁ ଦୀର୍ଘଦିନ ଧରି ଅପେକ୍ଷା କରିବାକୁ ପଡିବ ନାହିଁ। କେନ୍ଦ୍ରୀୟ ପ୍ରତ୍ୟକ୍ଷ ଟିକସ ବୋର୍ଡ (ସିବିଡିଟି) ଅଧ୍ୟକ୍ଷ ସୁଶୀଲ ଚନ୍ଦ୍ରା ଏହା ପ୍ରକାଶ କରିଛନ୍ତି। ସେ କହିଛନ୍ତି ଏହି ନୂଆ ବ୍ୟବସ୍ଥା ଆଣିବା ପାଇଁ ଆୟକର ବିଭାଗ ପକ୍ଷରୁ ଯୋଜନା ପ୍ରସ୍ତୁତ ହେଉଛି। ମଙ୍ଗଳବାର ସେ କହିଛନ୍ତି ଯେ, ସିବିଡିଟି ପକ୍ଷରୁ ଏକ ପ୍ରଣାଳୀ ଖୁବ୍‌ଶୀଘ୍ର ଅଣାଯିବ। ଆସନ୍ତା ବର୍ଷେ ବା ଏହାଠାରୁ କିଛି ଅଳ୍ପ ସମୟ ପରେ ଆବେଦନର ମାତ୍ର ୪ ଘଣ୍ଟା ମଧ୍ୟରେ ପାନ ନମ୍ବର ଦିଆଯିବ। ତାଙ୍କର କହିବାନୁଯାୟୀ ଏ ସଂକ୍ରାନ୍ତରେ ପ୍ରକଳ୍ପ ଆରମ୍ଭ କରାଯାଇଥିଲା। ୭୦ ହଜାର ଟିକସଦାତାଙ୍କୁ ଅନଲାଇନରେ ପାନ୍ ନମ୍ବର ଦିଆଯାଇଛି। ସେମାନଙ୍କୁ ଏଥିପାଇଁ ଆୟକର ଅଫିସ ଦୌଡିବାକୁ ପଡିବ ନାହିଁ। ଆଇଟି ରିଟର୍ନ ଦାଖଲ କରି ନ ଥିବା ୨ କୋଟି ଟିକସଦାତାଙ୍କୁ ଏସ୍ଏମ୍ଏସ୍ ପଠାଯାଇଛି ବୋଲି ସେ ସୂଚନା ଦେଇଛନ୍ତି।

# ଏପ୍ରିଲ ପହିଲାରୁ ସରଳୀକୃତ ଜିଏସ୍‌ଟି ରିଟର୍ନ ଫର୍ମ

**ନୂଆଦିଲ୍ଲୀ,୪-୧୨**

ଏପ୍ରିଲ ପହିଲାରୁ ସରଳୀକୃତ ଜିଏସ୍‌ଟି ରିଟର୍ନ ଫର୍ମ ଲାଗୁ ହେବ। ରାଜସ୍ୱ ସଚିବ ଅଜୟ ଭୂଷଣ ପାଣ୍ଡେ ମଙ୍ଗଳବାର ଏ ନେଇ ସୂଚନା ଦେଇଛନ୍ତି। ସାମଗ୍ରୀ ଓ ସେବା ଟିକସ(ଜିଏସ୍‌ଟି) ଆଦାୟ ନେଇ ସରକାର ଧାର୍ଯ୍ୟ କରିଥିବା ଲକ୍ଷ୍ୟ ହାସଲ କରିବାକୁ ସକ୍ଷମ ହେବେ ବୋଲି ପାଣ୍ଡେ କହିଛନ୍ତି। ଟିକସ ଫାଙ୍କୁଥିବା ସଂସ୍ଥାଗୁଡ଼ିକୁ ଟିକସ ପରିସରକୁ ଆଣିବାକୁ ରାଜସ୍ୱ ବିଭାଗ ବର୍ତ୍ତମାନ ଇନପୁଟ ସଂଗ୍ରହ କରୁଛି ବୋଲି ସେ କହିଛନ୍ତି। ପ୍ରଥମ ୮ ମାସରେ ସରକାର ୭.୭୬ ଲକ୍ଷ କୋଟି ଟଙ୍କାର ଜିଏସ୍‌ଟି ସଂଗ୍ରହ କରିଛନ୍ତି। ଚଳିତ ଆର୍ଥିକ ବର୍ଷରେ ୧୩.୪୮ ଲକ୍ଷ କୋଟି ପରୋକ୍ଷ ଟିକସ ସଂଗ୍ରହ ନେଇ ଲକ୍ଷ୍ୟ ଧାର୍ଯ୍ୟ ହୋଇଛି। ସେହିଭଳି ରିଫଣ୍ଡ ଧାରାକୁ ତ୍ୱରାନ୍ୱିତ, ଟିକସ ଫ୍ରେଣ୍ଡଲି ଏବଂ ସମ୍ପୂର୍ଣ୍ଣ ଅନଲାଇନ କରିବା ଉପରେ ସେ ଗୁରୁତ୍ୱାରୋପ କରିଛନ୍ତି। ଜୁଲାଇରେ କେନ୍ଦ୍ରୀୟ ପରୋକ୍ଷ ଟିକସ ଏବଂ ସୀମା ଶୁଳ୍କ ବୋର୍ଡ ସହଜ ଏବଂ ସୁଗମ ଜିଏସ୍‌ଟି ରିଟର୍ନ ଫର୍ମକୁ ଲୋକଙ୍କ ମତାମତ ଲାଗି ଜାରି କରିଥିଲା। ଏହି ଫର୍ମଗୁଡ଼ିକ ଜିଏସ୍‌ଟିଆର୍-୩ବି, ଜିଏସ୍‌ଟି ଆର୍-୧କୁ ବାଦ ଦେବ ବୋଲି ଜଣାପଡିଛି।




# କରୋଜନ କଣ୍ଟ୍ରୋଲ ସମ୍ମିଳନୀ ଆଜିଠାରୁ

**ଭୁବନେଶ୍ୱର,୪-୧୨**

ନ୍ୟାଶନାଲ କନଫେରେନ୍ସ ଅନ୍ କରୋଜନ କଣ୍ଟ୍ରୋଲ( ଜାତୀୟ ଅବକ୍ଷୟ ନିୟନ୍ତ୍ରଣ ସମ୍ମିଳନୀ)ର ୧୯ତମ ସଂସ୍କରଣ ଚଳିତ ମାସ ୫ରୁ ୭ ତାରିଖ ଯାଏ ଭୁବନେଶ୍ୱରଠାରେ ଅନୁଷ୍ଠିତ ହେଉଛି। ନ୍ୟାଶନାଲ କରୋଜନ କାଉନସିଲ ଅଫ୍ ଇଣ୍ଡିଆ,କରାଇଗୁଡି, ସିଏସ୍ଆଇଆର୍ କରାଇଗୁଡ଼ି ଏବଂ ଇଣ୍ଡିଆନ ଅଏଲ୍ କର୍ପୋରେଶନ (ପାଇପଲାଇନ) ଡିଭିଜନର ମିଳିତ ଆନୁକୂଲ୍ୟରେ ଏହି କାର୍ଯ୍ୟକ୍ରମ ଆୟୋଜନ ହେଉଛି। କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସମ୍ମିଳନୀକୁ ଉଦ୍‌ଘାଟନ କରିବାର କାର୍ଯ୍ୟକ୍ରମ ରହିଛି। ବିଭିନ୍ନ ଔଦ୍ୟୋଗିକ ଅବକ୍ଷୟ ସମସ୍ୟାର ବିଶ୍ଳେଷଣ, ଉଦ୍ୟୋଗପତି, ବୈଜ୍ଞାନିକ ଏବଂ ପ୍ରଫେଶନାଲଙ୍କ ମଧ୍ୟରେ ମତ ବିନିମୟର ଏହା ଏକ ପ୍ଲାଟଫର୍ମ ହେବ। ଅବକ୍ଷୟ ବିଜ୍ଞାନ ଏବଂ ଇଞ୍ଜିନିୟରିଂ ବିଷୟର ସର୍ବୋତ୍ତମ ଜ୍ଞାନର ବିକାଶ ଉପରେ ସମ୍ମିଳନୀରେ ଆଲୋଚନା ହେବ। ଏଥିରେ ଅବକ୍ଷୟ ଏବଂ ଏହାର ନିୟନ୍ତ୍ରଣ ଉପରେ କାର୍ଯ୍ୟରତ ବିଶେଷଜ୍ଞମାନେ ଗବେଷଣାଲବ୍ଧ ବିଷୟକୁ ଉପସ୍ଥାପନ କରିବାର କାର୍ଯ୍ୟକ୍ରମ ରହିଛି।

# ୯ରେ ଟେକ୍ ଭୁବନେଶ୍ୱର-୨୦୧୮

**ଭୁବନେଶ୍ୱର,୪-୧୨**

ଚଳିତ ମାସ ୯ରେ ଟେକ୍ ଭୁବନେଶ୍ୱର ସମ୍ମିଳନୀର ତୃତୀୟ ସଂସ୍କରଣ ଆୟୋଜନ କରାଯାଉଛି। ମାଇଣ୍ଡ ଫାୟାର ସଲ୍ୟୁଶନ ପକ୍ଷରୁ ଏହା ଆୟୋଜନ ହେଉଥିବା ବେଳେ କାର୍ଯ୍ୟକ୍ରମରେ ପ୍ରାୟ ୬୫୦ ପ୍ରତିନିଧି ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ଆର୍ଟିଫିସିଆଲ ଇଣ୍ଟେଲଜେନ୍ସ ଏବଂ ସାଇବର ସିକ୍ୟୁରିଟି ଭଳି ପ୍ରମୁଖ ପ୍ରସଙ୍ଗ ଚଳିତ ବର୍ଷ ଆଲୋଚନାର ମୁଖ୍ୟ କେନ୍ଦ୍ରବିନ୍ଦୁ ରହିବ। କାର୍ଯ୍ୟକ୍ରମରେ ଟେକ୍ନିକାଲ ବିଶେଷଜ୍ଞଙ୍କ ସେଶନରେ ବିଭିନ୍ନ ନୂଆ ଦିଗ, ମଡେଲ, ଆଇଡିଆ ଉପରେ ଆଲୋଚନା ହେବ। ପୂର୍ବାଞ୍ଚଳରେ ଏହା ଏକ ପ୍ରମୁଖ କାର୍ଯ୍ୟକ୍ରମ ହୋଇଥିବା ବେଳେ ସଫ୍ଟୱେର ଟେଷ୍ଟିଂ, ଓପନ ସୋର୍ସ ଓ୍ୱେବ ଭଳି ବିଷୟ ଏଥିରେ ସ୍ଥାନିତ ହେବ।

କାର୍ଯ୍ୟକ୍ରମରେ ୧୩ଟି ଟେକ୍ନିକାଲ ସେସନ ରହିବ। ୯ ଲାଇଟନିଂ ଟେକ୍ ସେସନ, ୨ ଅଣ ଟେକ୍ନିକାଲ ସେସନ ଏବଂ ପାନେଲ ଆଲୋଚନା ସାମିଲ ରହିବ।

# ବ୍ୟାଙ୍କ ଗ୍ରହଣ କରିବେନି ଅଣ ସିଟିଏସ୍ ଚେକ୍

**ନୂଆଦିଲ୍ଲୀ,୪-୧୨**

ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ଚଳିତ ମାସ ୧୨ ଏବଂ ଅନ୍ୟ ସମସ୍ତ ବ୍ୟାଙ୍କ ଜାନୁୟାରୀ ପହିଲାରୁ ଅଣ ସିଟିଏସ୍(ଚେକ୍ ଟ୍ରାଞ୍ଜାକଶନ ସିଷ୍ଟମ୍) ଚେକ୍ ଗ୍ରହଣ କରିବେ ନାହିଁ। ବ୍ୟାଙ୍କଗୁଡିକ ପକ୍ଷରୁ ଏ ସଂକ୍ରାନ୍ତରେ ଏସ୍ଏମ୍ଏସ୍ ଏବଂ ଇମେଲ୍ ଜରିଆରେ ମେସେଜ ପଠାଯିବା ଆରମ୍ଭ ହୋଇଯାଇଛି। ସିଟିଏସ୍ ଚେକ୍ ହେଉଛି ଏଭଳି ଏକପ୍ରକାର ଚେକ୍ ଯାହାକୁ ଅନୁମୋଦନ କରିବା ଲାଗି ଗୋଟିଏ ବ୍ୟାଙ୍କରୁ ଅନ୍ୟ ବ୍ୟାଙ୍କକୁ ଯିବାକୁ ପଡେ ନାହିଁ। ଏହାର କେବଳ ଇଲେକ୍ଟ୍ରୋନିକ କପି ଉପସ୍ଥାପନ କରାଯାଏ। ରିଜର୍ଭ ବ୍ୟାଙ୍କ ପକ୍ଷରୁ ୩ ମାସ ପୂର୍ବେ ଗାଇଡଲାଇନ ଜାରି କରାଯାଇଥିଲା। ବ୍ୟାଙ୍କଗୁଡିକ ୨୦୧୯ ଜାନୁୟାରୀ ପହିଲାରୁ ଅଣ ସିଟିଏସ୍ ଚେକ୍ ଗ୍ରହଣ କରିବା ବନ୍ଦ କରିଦେବାକୁ ଏଥିରେ ଦର୍ଶାଯାଇଥିଲା। ଏଣୁ ଆସନ୍ତା ବର୍ଷ ଜାନୁୟାରୀ ପହିଲାରୁ ଅଣ-ସିଟିଏସ୍ ଚେକ୍ ସମ୍ପୂର୍ଣ୍ଣ ରୂପେ ବନ୍ଦ ହୋଇଯିବ। ସୂଚନାଥାଉ କି, ୨୦୧୩ ଜାନୁୟାରୀ ପହିଲାରୁ ଦେଶରେ ସିଟିଏସ୍ ବ୍ୟବସ୍ଥା ଲାଗୁ କରାଯାଇଥିଲା। ଏଣୁ ଅଣ ସିଟିଏସ୍ ଚେକ୍ ରଖିଥିବା ଗ୍ରାହକ ତୁରନ୍ତ ଏହାକୁ ବଦଳାଇ ନେବା ଉଚିତ ବୋଲି ବ୍ୟାଙ୍କଗୁଡିକ ପକ୍ଷରୁ କୁହାଯାଇଛି। ଏଥିପାଇଁ ଗ୍ରାହକଙ୍କୁ କୌଣସି ଚାର୍ଜ ଦେବାକୁ ପଡିବ ନାହିଁ। ଯଦି କେହି ଆପଣଙ୍କୁ କେହି ଏଭଳି ଚେକ୍ ଦେଇଥାନ୍ତି ତୁରନ୍ତ ଏହାକୁ ଭଙ୍ଗାଇ ନିଆଯିବା ଉଚିତ।

# ସରଳ ହେବ ଆୟକର ଆଇନ

**ନୂଆଦିଲ୍ଲୀ,୪-୧୨**

ସରକାର ଆୟକର (ଆଇଟି) ଆଇନର ପୁନଃ ଡ୍ରାଫ୍ଟ ପ୍ରସ୍ତୁତ କରିବେ। ଏଥିଲାଗି ଏକ ଟାସ୍କ ଫୋର୍ସ ଗଠନ ହୋଇଥିବା ଜଣାପଡ଼ିଛି। ଆୟକର ଆଇନରେ ରହିଥିବା ବିଭିନ୍ନ ଅସୁବିଧା ଦୂରୀକରଣ ଉପରେ ଫୋକସ ରହିବା ସହ ବିଭିନ୍ନ ନିୟମ ପରିବର୍ତ୍ତନ ନେଇ କମିଟି ପ୍ରସ୍ତାବ ଦେବ। ସେହିଭଳି ଟିକସ ହାର ପରିବର୍ତ୍ତନ ନେଇ କାର୍ଯ୍ୟପନ୍ଥା ଗ୍ରହଣ କରାଯିବ ବୋଲି ପାନେଲର ଆବାହକ ଅଖିଳେଶ ରାଜନ ମଙ୍ଗଳବାର ସୂଚନା ଦେଇଛନ୍ତି। କମିଟିରେ ୬ ସଦସ୍ୟ ରହିଥିବା ବେଳେ ପୁରୁଣା ଆୟକର ନିୟମରେ ପରିବର୍ତ୍ତନ ନେଇ ବିଭିନ୍ନ ପଦକ୍ଷେପ ଗ୍ରହଣ କରିବେ। କମିଟିର ବୈଠକ ଶୀଘ୍ର ବସିବା ନେଇ କାର୍ଯ୍ୟକ୍ରମ ସ୍ଥିର ହୋଇଛି। ସେହିଭଳି ନୂଆ ଆଇଟି ଆଇନର ଡ୍ରାଫ୍ଟକୁ ଶୀଘ୍ର ପ୍ରସ୍ତୁତ କରାଯିବ ବୋଲି ଅଖିଳେଶ କହିଛନ୍ତି।

ଆଇନରେ ବିଭିନ୍ନ ପ୍ରସଙ୍ଗ ଲୋକଙ୍କ ବୋଧଗମ୍ୟ ହେବା ଭଳି ପ୍ରସ୍ତୁତ ହେବ। ସେହିଭଳି ଟିକସ ହାରର ସରଳତା ଉପରେ ଟାସ୍କଫୋର୍ସ ନଜର ରଖିଛି। ଆଇଟି ଆଇନ ୧୯୬୧ରେ ଥିବା ଧାରା, ପ୍ରୋଭିଜନ, ସ୍ପଷ୍ଟୀକରଣକୁ ସରଳ ଭାଷାରେ ଲେଖିବାର ଆବଶ୍ୟକତା ରହିଥିବା ସେ ପ୍ରକାଶ କରିଛନ୍ତି। ଗତବର୍ଷ ନଭେମ୍ବରରେ ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ଏହି ଟାସ୍କଫୋର୍ସ ଗଠନ ହୋଇଥିଲା। ଏହାର ଆବାହକ ଭାବେ ଅରବିନ୍ଦ ମୋଦିଙ୍କୁ ଦାୟିତ୍ୱ ଭାର ପ୍ରଦାନ କରାଯାଇଥିଲା। ମାତ୍ର ଚଳିତ ବର୍ଷ ସେପ୍ଟେମ୍ବର ୩୦ରେ ସେ ଅବସର ନେଇଥିଲେ।

ନଭେମ୍ବର ୨୬ରେ ନୂଆ ଆବାହକ ଭାବେ ରାଜନ ଦାୟିତ୍ୱ ଭାର ଗ୍ରହଣ କରିଛନ୍ତି। ୨୦୧୯ ଫେବୃୟାରୀ ସୁଦ୍ଧା କମିଟି ରିପୋର୍ଟ ପ୍ରଦାନ କରିବ। ଆଇଟି ଆଇନରେ ପରିବର୍ତ୍ତନ ହେବା ନେଇ ଗତ ବର୍ଷ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଥିଲେ। କମିଟିରେ ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ଗିରିଶ ଆହୁଜା, ଇଓ୍ୱାଇର ମ୍ୟାନେଜିଂ ପାର୍ଟନେର,ଆଞ୍ଚଳିକ ନିର୍ଦ୍ଦେଶକ ତଥା ଅଧ୍ୟକ୍ଷ ରାଜୀବ ମେମାନି, ଟିକସ ବିଶେଷଜ୍ଞ ମୁକେଶ ପଟେଲ, ମନିଷ କେଡିଆ, ଅବସର ପ୍ରାପ୍ତ ଆଇଆରଏସ୍ ଜି.ସି ଶ୍ରୀବାସ୍ତବ ରହିଛନ୍ତି।

- ୫୦ ବର୍ଷର ପୁରୁଣା ଆଇନରେ ପରିବର୍ତ୍ତନ ଆସିବ
- ପୁନଃ ଡ୍ରାଫ୍ଟ ଲାଗି ନୂଆ ପାନେଲ୍ ଗଠିତ
- ବିଭିନ୍ନ ଅସୁବିଧା ଦୂରୀକରଣ ଉପରେ ଫୋକସ୍
- ହାର ପରିବର୍ତ୍ତନ ନେଇ ପ୍ରସ୍ତାବ ଆସିବ
- ୨୦୧୯ ଫେବୃୟାରୀ ସୁଦ୍ଧା ରିପୋର୍ଟ



## ଫ୍ୟାନ୍ କର୍ଣ୍ଣର





# ଅଷ୍ଟ୍ରେଲିଆ କ୍ୱାର୍ଟର ଫାଇନାଲରେ

ଭୁବନେଶ୍ୱର, ୪।୧୨(କ୍ରୀଡ଼ା ପ୍ରତିନିଧି)



ଇଂଲଣ୍ଡ ବିପକ୍ଷରେ ଗୋଲ୍‌ସ୍କୋର କରିବା ପରେ ଉଲ୍ଲସିତ ଅଷ୍ଟ୍ରେଲୀୟ ଖେଳାଳି।

ଶେଷ କ୍ୱାର୍ଟରରେ ଦମ୍ ଦେଖାଇଲା ବିଶ୍ୱର ନମ୍ବର ୱାନ ଦଳ ଅଷ୍ଟ୍ରେଲିଆ। ପ୍ରଥମ ତିନି କ୍ୱାର୍ଟରର ସଂଘର୍ଷପରେ ଶେଷ କ୍ୱାର୍ଟରରେ ୩ଟି ଗୋଲ ଦେଇ ଗତ ଥରର ଚାମ୍ପିୟନ ଅଷ୍ଟ୍ରେଲିଆ ଏଥର ପ୍ରଥମ ଦଳଭାବେ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ହକି ବିଶ୍ୱକପର ମଙ୍ଗଳବାର ଅନୁଷ୍ଠିତ ପୁଲ୍ 'ବି'ର ଏହି ମ୍ୟାଚ୍‌ରେ ଜ୍ୟାକ୍ ହ୍ୱିଟନ, ଗୋଭର୍ସ ବ୍ଲେକ୍ ଓ କୋରେ ୱେୟେରଙ୍କ ଗୋଲ ବଳରେ ଅଷ୍ଟ୍ରେଲିଆ ୩–୦ ଗୋଲରେ ବିଶ୍ୱର ୭ ନମ୍ବର ଦଳ ଇଂଲଣ୍ଡକୁ ପରାସ୍ତ କରିଛି। ଅଷ୍ଟ୍ରେଲିଆ ପ୍ରଥମ ମ୍ୟାଚରେ ଆୟର୍ଲାଣ୍ଡକୁ ୨–୧ ଗୋଲରେ ହରାଇଥିବାରୁ ୨ ମ୍ୟାଚରୁ ୬ ପଏଣ୍ଟ ସହିତ ଅନ୍ୟ ମ୍ୟାଚର ଫଳାଫଳ ଭିତ୍ତିରେ ସିଧାସଳଖ କ୍ୱାର୍ଟର ଫାଇନାଲରେ ସ୍ଥାନ ପକ୍କା କରିଛି। ଅନ୍ୟପକ୍ଷରେ ଚାଇନା ସହିତ ୨–୨ରେ ମ୍ୟାଚ ଡ୍ର ରଖି ଅଭିଯାନ ଆରମ୍ଭ କରିଥିବା ଇଂଲଣ୍ଡ ଏବେ ୨ ମ୍ୟାଚରୁ ସେହି ୧ ପଏଣ୍ଟରେ ସ୍ଥିର ରହିଛି। ଚାଇନା ୨ ମ୍ୟାଚରୁ ୨ ଓ ଆୟର୍ଲାଣ୍ଡ ୨ ମ୍ୟାଚରୁ ୧ ପଏଣ୍ଟ ପାଇଛି। ଫଳରେ ଇଂଲଣ୍ଡ, ଆୟର୍ଲାଣ୍ଡ ଓ ଚାଇନା ମଧ୍ୟରେ କ୍ରସ୍ ଓଭର ଯୋଗ୍ୟତା ପାଇଁ ମୁକାବିଲା ହେବ। ଔପଚାରିକତା ଦୃଷ୍ଟିରୁ ଅଷ୍ଟ୍ରେଲିଆ ଏହାର ଶେଷ ଲିଗ୍ ମ୍ୟାଚ ଡିସେମ୍ବର ୭ରେ ଚାଇନା ସହିତ ଖେଳିବ। ସେହିଦିନ ଅନ୍ୟ ଏକ ମ୍ୟାଚରେ ଇଂଲଣ୍ଡ ଓ ଆୟର୍ଲାଣ୍ଡ ମଧ୍ୟରେ ମୁକାବିଲା ହେବ। ଏହି ଗ୍ରୁପ୍‌ର ଦ୍ୱିତୀୟ ଓ ତୃତୀୟ ସ୍ଥାନୀୟ ଦଳ କ୍ରସ୍ ଓଭର ଖେଳିବାକୁ ଯିବେ ଏବଂ ୪ର୍ଥ ସ୍ଥାନୀୟ ଦଳ ପ୍ରତିଯୋଗିତାରୁ ବିଦାୟ ନେବ। ପୋଲିସ କମିଶନର ସତ୍ୟଜିତ ମହାନ୍ତି ଖେଳାଳିଙ୍କ ସହ ପରିଚିତ ହୋଇ ମ୍ୟାଚର ଶୁଭାରମ୍ଭ କରିଥିଲେ। ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ଅଶୋକ ପଣ୍ଡା ଅତିଥିଭାବେ ଯୋଗଦେଇ ଅଷ୍ଟ୍ରେଲିଆର ମାଥ୍ୟୁ ସ୍ୱାନଙ୍କୁ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ପ୍ରଦାନ କରିଥିଲେ। ପୁରସ୍କାର ଆକାରରେ ସ୍ୱାନଙ୍କୁ ୫୦,୦୦୦ଟଙ୍କାର ଚେକ୍ ପ୍ରଦାନ କରାଯାଇଥିଲା। ପୁଲ୍ 'ବି'ର ଏହି ମ୍ୟାଚ୍‌ଟି ଆରମ୍ଭରୁ ଧିମା ରହିଥିଲା। ଅଷ୍ଟ୍ରେଲିଆ ଆକ୍ରମଣାତ୍ମକ ଖେଳିବାକୁ ଉଦ୍ୟମ କରିଥିଲେ ହେଁ କଡ଼ା ଟକ୍କର ଦେଇଥିଲା ଇଂଲଣ୍ଡ। ତେବେ ଉଭୟ ଦଳ ସତର୍କତା ଅବଲମ୍ବନ କରିଥିବାରୁ କୌଣସି ଦଳ ପେନାଲ୍ଟି କର୍ଣ୍ଣର ସୁଯୋଗ ପାଇ ନ ଥିଲେ। ଦ୍ୱିତୀୟ କ୍ୱାର୍ଟରରେ ଗୋଲ ଦେବାର ଏକାଧିକ ସୁଯୋଗ ଆସିଥିଲା। ମାତ୍ର କୌଣସି ଦଳର ଖେଳାଳି ଏହାର ସଦୁପଯୋଗ କରିପାରି ନ ଥିଲେ। ୨୦ତମ ମିନିଟରେ ଅଷ୍ଟ୍ରେଲିଆକୁ କ୍ରମାଗତ ୨ଟି ପେନାଲ୍ଟି କର୍ଣ୍ଣର ମିଳିଥିଲା। ମାତ୍ର ଇଂଲଣ୍ଡ ଡିଫେଣ୍ଡର ଓ ଗୋଲକିପର ଜର୍ଜ ପିନେର ତାହାକୁ ବ୍ୟର୍ଥ କରି ଦେଇଥିଲେ। ୨୯ତମ ମିନିଟରେ ଇଂଲଣ୍ଡ ପାଇଥିବା ପେନାଲ୍ଟି କର୍ଣ୍ଣରକୁ ମଧ୍ୟ ଖେଳାଳିମାନେ ଗୋଲରେ ପରିଣତ କରିପାରି ନ ଥିଲେ। ପ୍ରଥମାର୍ଦ୍ଧ ଗୋଲଶୂନ୍ୟ ରହିବାପରେ ତୃତୀୟ କ୍ୱାର୍ଟରରେ ଉଭୟ ଦଳ ଅଗ୍ରଣୀ ନେବାପାଇଁ ଲଢ଼ିଥିଲେ। ଅଷ୍ଟ୍ରେଲିଆକୁ ଏକ ପେନାଲ୍ଟି କର୍ଣ୍ଣର ସୁଯୋଗ ମିଳିଥିଲେ ହେଁ ତାହା କାର୍ଯ୍ୟକାରୀ ହୋଇପାରି ନ ଥିଲା। ତିନି କ୍ୱାର୍ଟର ୦–୦ ରହିବାପରେ ସ୍ୱାଭାବିକଭାବେ ୪ର୍ଥ କ୍ୱାର୍ଟର ଉତ୍ତେଜନାପୂର୍ଣ୍ଣ ରହିଥିଲା। ମାତ୍ର ଏହି କ୍ୱାର୍ଟରକୁ ସ୍ମରଣୀୟ କରି ଦେଇଥିଲା ଅଷ୍ଟ୍ରେଲିଆ। ନିଜ ର୍ୟାଙ୍କିଙ୍ଗ୍‌ର ଯଥାର୍ଥତା ପ୍ରତିପାଦନ କରିଥିଲା ଏହି ଦଳ। ମ୍ୟାଚର ୪୭ତମ ମିନିଟରେ ଦଳ ପକ୍ଷରୁ ପ୍ରଥମ ଗୋଲଟି ସ୍କୋର କରିଥିଲେ ୧୨ ନମ୍ବର ଖେଳାଳି ଜ୍ୟାକ୍ ହ୍ୱିଟନ। ବ୍ୟାକ୍‌ଫୁଟ୍‌କୁ ଚାଲି ଯାଇଥିବା ଇଂଲଣ୍ଡ ଗୋଲ ପରିଶୋଧ ଉଦ୍ୟମରେ ଥିବାବେଳେ ୫୦ତମ ମିନିଟରେ ଗୋଭର୍ସ ବ୍ଲେକ୍ ଆଉ ଏକ ଫିଲ୍ଡ ଗୋଲ ଦେଇ ଅଷ୍ଟ୍ରେଲିଆକୁ ଡ୍ରାଇଭର ସିଟ୍‌ରେ ବସାଇ ଦେଇଥିଲେ। ୨ ଗୋଲରେ ପଛୁଆ ରହିବାଯୋଗୁ ଇଂଲଣ୍ଡ ସ୍ୱାଭାବିକଭାବେ ଚାପକୁ ଆସି ଯାଇଥିଲା। ଶେଷ ୧୦ ମିନିଟରେ ପ୍ରତ୍ୟାବର୍ତ୍ତନ ଇଂଲଣ୍ଡପାଇଁ କାଠିକର ପାଠ ଥିଲା। ଏହି ସମୟ ମଧ୍ୟରେ ଖେଳ ମଧ୍ୟ ତୀବ୍ର ସଂଘର୍ଷପୂର୍ଣ୍ଣ ହୋଇ ଯାଇଥିଲା। ୫୬ତମ ମିନିଟରେ କୋରେ ୱେୟେର ଆଉ ଏକ ଫିଲ୍ଡ ଗୋଲ ଦେବାରୁ ଅଷ୍ଟ୍ରେଲିଆର ଅଗ୍ରଣୀ ବ୍ୟବଧାନ ୩–୦ରେ ପହଞ୍ଚିବା ସହ ଦଳର ବିଜୟ ସମ୍ଭାବନା ଏକପ୍ରକାର ନିଶ୍ଚିତ ହୋଇ ଯାଇଥିଲା। ଅବଶିଷ୍ଟ ୪ ମିନିଟର ଖେଳ କେବଳ ଔପଚାରିକତା ହୋଇ ରହି ଯାଇଥିଲା।

### ଗୋଲ ସ୍କୋରର

**ଅଷ୍ଟ୍ରେଲିଆ-୩**

- ଜ୍ୟାକ୍ ହ୍ୱିଟନ: ୪୭ତମ ମିନିଟ
- ଗୋଭର୍ସ ବ୍ଲେକ୍: ୫୦ତମ ମିନିଟ
- କୋରେ ୱେୟେର: ୫୬ତମ ମିନିଟ

**ଇଂଲଣ୍ଡ-୦**

## ଭୁବନେଶ୍ୱରରେ ହୋଇପାରେ ହକି ସିରିଜ ଫାଇନାଲ୍ସ

ଭୁବନେଶ୍ୱର, ୪।୧୨(କ୍ରୀଡ଼ା ପ୍ରତିନିଧି)

କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ହକି ବିଶ୍ୱକପ ଅବସରରେ ଓଡ଼ିଶା ହକି ପ୍ରେମୀଙ୍କ ପାଇଁ ଆଉ ଏକ ଶୁଭ ଖବର ଶୁଣିବାକୁ ମିଳିଛି। ୨୦୧୯ରେ ୩ଟି ହକି ସିରିଜ ଫାଇନାଲ୍ସ ବିଶ୍ୱର ୩ଟି ସ୍ଥାନରେ ଅନୁଷ୍ଠିତ ହେବ। ଏହାର ଦ୍ୱିତୀୟ ଚରଣ ଆୟୋଜନ ଅଧିକାର ଭାରତକୁ ମିଳିଛି। ଏହି ସିରିଜ ଅଲିମ୍ପିକ୍ସ କ୍ୱାଲିଫାଇଂ ଟୁର୍ନାମେଣ୍ଟ ଭାବେ ବିବେଚିତ ହେବ। ଭାରତକୁ ଆୟୋଜନ ଅଧିକାର ମିଳିଥିବାରୁ ଛତିଶଗଡ଼ର ରାୟପୁର ଓ ଓଡ଼ିଶାର ଭୁବନେଶ୍ୱର ଦୌଡ଼ରେ ସାମିଲ ଥିବା ସୂଚନା ମିଳିଛି। ଏବେ ଓଡ଼ିଶାରେ ପ୍ରତିଯୋଗିତା ଆୟୋଜନ, ଆତିଥେୟତା ଏବଂ କଳିଙ୍ଗ ଷ୍ଟାଡିୟମରେ ଉପଲବ୍ଧ ଭିତ୍ତିଭୂମିକୁ ନେଇ ପ୍ରାୟ ଦେଶ ବିଦେଶର ସମସ୍ତ ଖେଳାଳି ଓ ଅଫିସିଆଲ ପ୍ରଶଂସାରେ ଶତମୁଖ। ତେଣୁ ସବୁକିଛି ଯଦି ଠିକ୍ ରହେ ତେବେ ଭୁବନେଶ୍ୱରରେ ଆସନ୍ତାବର୍ଷ ଏହି ସମ୍ମାନଜନକ ଟୁର୍ନାମେଣ୍ଟ ଆୟୋଜନ ସମ୍ଭାବନାକୁ ଏଡ଼ାଇ ଦିଆଯାଇ ନ ପାରେ। ତେବେ ଅଫିସିଆଲଭାବେ ଭେନ୍ୟୁ ସ୍ଥିର କରାଯାଇ ନାହିଁ। ଏହି ସିରଜ ଜୁନ ୬ରୁ ୧୬ ପର୍ଯ୍ୟନ୍ତ ହେବାକୁ କାର୍ଯ୍ୟସୂଚୀ ଧାର୍ଯ୍ୟ ହୋଇଛି।

# ଚାଇନା–ଆୟର୍ଲାଣ୍ଡ ମ୍ୟାଚ ଡ୍ର

ଭୁବନେଶ୍ୱର, ୪।୧୨ (କ୍ରୀଡ଼ା ପ୍ରତିନିଧି)



ଆୟର୍ଲାଣ୍ଡ ଓ ଚାଇନା ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍।

କଳିଙ୍ଗ ଷ୍ଟାଡିୟମରେ ମଙ୍ଗଳବାର ଅନୁଷ୍ଠିତ ଚାଇନା–ଆୟର୍ଲାଣ୍ଡ ପୁଲ୍ 'ବି' ମ୍ୟାଚ ୧–୧ ଗୋଲରେ ଡ୍ର ରହିଛି। ବିଶ୍ୱର ୧୭ ନମ୍ବର ଦଳ ଚାଇନା ପକ୍ଷରୁ ଗୁଓ ଜିନ୍ ୪୩ତମ ମିନିଟରେ ପେନାଲ୍ଟି କର୍ଣ୍ଣରୁ ଏକ ଗୋଲ ଦେଇଥିବାବେଳେ ୪୪ତମ ମିନିଟରେ ୧୦ ନମ୍ବର ଦଳ ଆୟର୍ଲାଣ୍ଡର ଆଲାନ ସୋଦେର୍ନ ଏକ ଫିଲ୍ଡ ଗୋଲ ମାଧ୍ୟମରେ ତାହାକୁ ପରିଶୋଧ କରି ଦେଇଥିଲେ। ଫଳରେ ଏହି ଗ୍ରୁପ୍‌ରୁ ଅଷ୍ଟ୍ରେଲିଆ ସିଧାସଳଖ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ଅନ୍ୟ ୩ଟି ଦଳ ଇଂଲଣ୍ଡ, ଚାଇନା ଓ ଆୟର୍ଲାଣ୍ଡ ମଧ୍ୟରେ କ୍ରସ୍ ଓଭର ମ୍ୟାଚ ଯୋଗ୍ୟତା ପାଇ ଲଢ଼େଇ ହେବ। ୪ଟି ଯାକ ଦଳ ୨ଟି ଲେଖାଏ ମ୍ୟାଚ ଖେଳି ସାରିଥିବାବେଳେ ଅଷ୍ଟ୍ରେଲିଆ ୬ ପଏଣ୍ଟ ପାଇ ଥୁ କରିଛି। ଅନ୍ୟପକ୍ଷରେ ଚାଇନାର ପଏଣ୍ଟ ସଂଖ୍ୟା ୨ରେ ପହଞ୍ଚି ଥିବାବେଳେ ଇଂଲଣ୍ଡ ଓ ଆୟର୍ଲାଣ୍ଡ ଗୋଟିଏ ଲେଖାଏ ପଏଣ୍ଟ ପାଇଛନ୍ତି। ଅଷ୍ଟ୍ରେଲିଆ ଏହାର ଶେଷ ପୁଲ୍ ମ୍ୟାଚରେ ୭ ତାରିଖରେ ଚାଇନାକୁ ଭେଟିବ। ସେହିଦିନ ଇଂଲଣ୍ଡ ଓ ଆୟର୍ଲାଣ୍ଡ ମଧ୍ୟରେ ମୁକାବିଲା ହେବ। ଅଷ୍ଟ୍ରେଲିଆ ପାଇଁ ଏହି ମ୍ୟାଚ କେବଳ ଔପଚାରିକା ସଦୃଶ ହେବ। ଏହି ପୁଲ୍‌ର ଦ୍ୱିତୀୟ ଓ ତୃତୀୟ ସ୍ଥାନୀୟ ଦଳ କ୍ରସ୍ ଓଭର ଖେଳିବାକୁ ଯୋଗ୍ୟ ବିବେଚିତ ହେବେ। ୪ର୍ଥ ସ୍ଥାନୀୟ ଦଳ ଗ୍ରୁପ ପର୍ଯ୍ୟାୟରୁ ବିଦାୟ ନେବ।

ବିଏମ୍‌ସି କମିଶନର କ୍ରିଷନ କୁମାର ଖେଳାଳିଙ୍କ ସହ ପରିଚିତ ହୋଇ ମ୍ୟାଚର ଶୁଭାରମ୍ଭ କରିଥିଲେ। ଶେଷରେ ଏମ୍‌ପି ଭର୍ତ୍ତୃହରି ମହତାବ ଅତିଥିଭାବେ ଯୋଗଦେଇ ଆୟର୍ଲାଣ୍ଡର ଆଲାନ ସୋଦେର୍ନଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରିଥିଲେ। ମ୍ୟାଚରେ ଆୟର୍ଲାଣ୍ଡକୁ ୨ଟି ଓ ଚାଇନାକୁ ୩ଟି ପେନାଲ୍ଟି କର୍ଣ୍ଣର ମିଳିଥିଲା। ଏଥିରୁ ଚାଇନା ଗୋଟିକର ସଦୁପଯୋଗ କରିଥିଲା। ଚାଇନାର ସୁ ଲିଜିଙ୍ଗ ୩୫ତମ ମିନିଟରେ ଗ୍ରୀନ୍ ଏବଂ ଆୟର୍ଲାଣ୍ଡର ଜୋନାଥନ୍ ବେଲ୍ ୪୨ତମ ମିନିଟରେ ହଳଦିଆ କାର୍ଡ ପାଇବା ଥିଲା ଏହି ମ୍ୟାଚର ଅନ୍ୟତମ ଉଲ୍ଲେଖନୀୟ ଘଟଣା।

### ଗୋଲ ସ୍କୋରର

**ଚାଇନା-୧**

- ଗୁଓ ଜିନ୍

**ଆୟର୍ଲାଣ୍ଡ-୧**

- ଆଲାନ ସୋଦେର୍ନ

### ପଏଣ୍ଟ ଟେବୁଲ୍

| ଦେଶ | ଖେ | ଜି | ଡ୍ର | ହା | ଗୋ.ସ | ଗୋ.ବି | ଗୋ.ବ୍ୟ | ପ |
|---|---|---|---|---|---|---|---|---|
| **ପୁଲ୍–ଏ** | | | | | | | | |
| ଆର୍ଜେଣ୍ଟିନା | ୨ | ୨ | ୦ | ୦ | ୭ | ୩ | +୪ | ୬ |
| ନ୍ୟୁଜିଲାଣ୍ଡ | ୨ | ୧ | ୦ | ୧ | ୨ | ୪ | –୨ | ୩ |
| ସ୍ପେନ୍ | ୨ | ୦ | ୧ | ୧ | ୪ | ୫ | –୧ | ୧ |
| ଫ୍ରାନ୍ସ | ୨ | ୦ | ୧ | ୧ | ୨ | ୩ | –୧ | ୧ |
| **ପୁଲ୍–ବି** | | | | | | | | |
| ଅଷ୍ଟ୍ରେଲିଆ | ୨ | ୨ | ୦ | ୦ | ୫ | ୧ | +୪ | ୬ |
| ଚାଇନା | ୨ | ୦ | ୨ | ୦ | ୩ | ୩ | ୦ | ୨ |
| ଆୟର୍ଲାଣ୍ଡ | ୨ | ୦ | ୧ | ୧ | ୨ | ୩ | –୧ | ୧ |
| ଇଂଲଣ୍ଡ | ୨ | ୦ | ୧ | ୧ | ୨ | ୫ | –୩ | ୧ |
| **ପୁଲ୍–ସି** | | | | | | | | |
| **ଭାରତ** | **୨** | **୧** | **୧** | **୦** | **୭** | **୨** | **+୫** | **୪** |
| ବେଲଜିୟମ | ୨ | ୧ | ୧ | ୦ | ୪ | ୩ | +୧ | ୪ |
| କାନାଡା | ୨ | ୦ | ୧ | ୧ | ୨ | ୩ | –୧ | ୧ |
| ଦ.ଆଫ୍ରିକା | ୨ | ୦ | ୧ | ୧ | ୧ | ୬ | –୫ | ୧ |
| **ପୁଲ୍–ଡି** | | | | | | | | |
| ନେଦରଲାଣ୍ଡ୍ସ | ୧ | ୧ | ୦ | ୦ | ୭ | ୦ | +୭ | ୩ |
| ଜର୍ମାନୀ | ୧ | ୧ | ୦ | ୦ | ୧ | ୦ | +୧ | ୩ |
| ପାକିସ୍ତାନ | ୧ | ୦ | ୦ | ୧ | ୦ | ୧ | –୧ | ୦ |
| ମାଲେସିଆ | ୧ | ୦ | ୦ | ୧ | ୦ | ୭ | –୭ | ୦ |

(**ବି.ଦ୍ର:** ଖେ–ଖେଳିଛି, ଜି– ଜିତିଛି, ହା–ହାରିଛି, ଗୋ.ସ–ଗୋଲ ସପକ୍ଷରେ, ଗୋ.ବି–ଗୋଲ୍ ବିପକ୍ଷରେ, ଗୋ.ବ୍ୟ–ଗୋଲ ବ୍ୟବଧାନ, ପ.–ପଏଣ୍ଟ ।)



ଫ୍ୟାନ୍ ଭିଲେଜରେ ମାସ୍କଟ ଓଲି ସହ ଦକ୍ଷିଣ ଆଫ୍ରିକା ଖେଳାଳି ସେଲ୍ଫି ଉଠାଉଛନ୍ତି।

## କଳିଙ୍ଗ କର୍ଣ୍ଣର

# ଫ୍ୟାନ୍ ଭିଲେଜରେ ନାଚିଲେ ଗୀତ ଗାଇଲେ ଦକ୍ଷିଣ ଆଫ୍ରିକା ଖେଳାଳି

ଭୁବନେଶ୍ୱର, ୪।୧୨(କ୍ରୀଡ଼ା ପ୍ରତିନିଧି)

ହକି ଇଣ୍ଡିଆ ପକ୍ଷରୁ କ୍ରୀଡ଼ା ପ୍ରେମୀଙ୍କ ପାଇଁ ନିଆରା ଅନୁଭୂତି ସାଉଁଟିବା ଲାଗି ସୁଯୋଗ ସୃଷ୍ଟି କରାଯାଇଛି। ହକି ବିଶ୍ୱକପ ଅବସରରେ କଳିଙ୍ଗ ଷ୍ଟାଡିୟମ ପରିସରରେ ଥିବା ଫ୍ୟାନ ଭିଲେଜକୁ ମଙ୍ଗଳବାରଠାରୁ ବିଭିନ୍ନ ଦଳର ଖେଳାଳିଙ୍କୁ ଆଣା ଯାଉଛି। ଏହି ପରିପ୍ରେକ୍ଷୀରେ ପ୍ରଥମ ପଯର୍ୟାୟରେ ଦକ୍ଷିଣ ଆଫ୍ରିକା ଦଳର ଖେଳାଳିମାନେ ଆସି ଦର୍ଶକଙ୍କ ମନୋରଞ୍ଜନ କରିଛନ୍ତି। ଅନ୍ୟପକ୍ଷରେ ଦର୍ଶକମାନେ ସେମାନଙ୍କ ସହ ମିଶିବା ସହିତ ସେଲ୍ଫି ନେବାର ମଜା ଉଠାଉଛନ୍ତି। ଏହି ଅବସରରେ ଖେଳାଳିମାନେ ସେମାନଙ୍କ ନୃତ୍ୟ ପ୍ରତିଭା ପ୍ରଦର୍ଶନ ସହ, ଅନୁଭୂତି ବର୍ଣ୍ଣନା କରିଛନ୍ତି। ''କଳିଙ୍ଗ ଷ୍ଟାଡିୟମ ବହୁତ ଭଲ, ଏଠାକାର ଦର୍ଶକ ଚମତ୍କାର, ପିଚ୍ ଓ ପରିବେଶ ମଧ୍ୟ ବଢ଼ିଆ'' ବୋଲି ଜଣେ ଖେଳାଳି ପ୍ରକାଶ କରିଛନ୍ତି। ଭାରତର ରାଞ୍ଚି ତାଙ୍କର ପ୍ରିୟ ସହର ବୋଲି ଅନ୍ୟ ଜଣେ ଖେଳାଳି ବର୍ଣ୍ଣନା କରିଛନ୍ତି। ଏହା ବ୍ୟତୀତ ନୂଆଦିଲ୍ଲୀ ଓ ଭୁବନେଶ୍ୱର ତାଙ୍କ ପସନ୍ଦର ସହର ବୋଲି କହିଛନ୍ତି। ଅନ୍ୟ ଜଣେ ଖେଳାଳିଙ୍କୁ ହିନ୍ଦିରେ କିଛି କହିବାକୁ କୁହା ଯାଇଥିଲା। ସେ 'ନମସ୍ତେ' ଓ 'ବହୁତ ଆଚ୍ଛା' ବୋଲି ଦୁଇଟି ଶବ୍ଦ ଉଚ୍ଚାରଣ କରିବାରୁ ଉପସ୍ଥିତ ଦର୍ଶକମାନେ କରତାଳି ଦେଇ ତାଙ୍କୁ ଉତ୍ସାହିତ କରିଥିଲେ। ଭାରତ ବିପକ୍ଷ ପ୍ରଥମ ମ୍ୟାଚରେ କ୍ୟାରିୟରର ୧୦୦ତମ ମ୍ୟାଚ ଖେଳିଥିଲେ ଦକ୍ଷିଣ ଆଫ୍ରିକାର ଜେଥ୍ରୋ ୟୁଷ୍ଟିସ। ଏହି ମ୍ୟାଚ ତାଙ୍କ ପାଇଁ ସ୍ମରଣୀୟ ବୋଲି କହିବା ସହ ସେ ଟୁର୍ନାମେଣ୍ଟରେ ନିଜ ଦଳର ସ୍ଥିତି ସମ୍ପର୍କରେ ପ୍ରକାଶ କରିଥିଲେ। ଏନ୍‌କୋବିଲ ଏନ୍‌ଟୁଲି ନିଜ ନୃତ୍ୟ ପ୍ରତିଭା ଦେଖାଇଥିଲେ। ଏହାପରେ ସମସ୍ତ ଖେଳାଳିମିଶି ମାସ୍କଟ ଓଲି ସହିତ ଷ୍ଟେପ୍ ଡ୍ୟାନ୍ସ କରିଥିଲେ। ଗୋଲକିପର ରସି ପିଟର୍ସ ଗୀତ ଗାଇଥିଲେ। ଶେଷରେ ହକି ଷ୍ଟିକ୍‌ରେ ମ୍ୟାଜିକ ପ୍ରଦର୍ଶନ କରାଯାଇଥିଲା। ଦୁଇ ଖେଳାଳିଙ୍କ ମୁହଁରେ କଳାପଟି ବାନ୍ଧି ଦିଆ ଯାଇ ଷ୍ଟିକ୍‌ରେ ବଲ୍‌କୁ କିଏ କେତେ ସମୟ ଏୟାରରେ ରଖି ପାରୁଛି ତା'ର ପରୀକ୍ଷା କରାଯାଇଥିଲା। ଏଥିରେ ଏନ୍‌ଟୁଲି ମଧ୍ୟ ବାଜି ମାରିଥିଲେ। ଏହି ଅବସରରେ ଜଣେ କଳାକାର ତିନୋଟି ଲେଖାଏ ଛତା ଓ ଟୋପିରେ ମ୍ୟାଜିକ୍ ଦେଖାଇଥିଲେ।



“ଆଗାମୀ ଭାରତ ବିପକ୍ଷ ଟେଷ୍ଟ ସିରିଜ ପାଇଁ କେବଳ କୋହଲି ନୁହନ୍ତି ଦଳର ପ୍ରତ୍ୟେକ ବ୍ୟାଟ୍ସମ୍ୟାନଙ୍କ ପାଇଁ ଆମେ ଯୋଜନା କରିଛୁ ।

–ମିଚେଲ ମାର୍ଶ, ଅଷ୍ଟ୍ରେଲୀୟ ଅଲରାଉଣ୍ଡର



“ଭାରତୀୟ ପୁରୁଷ ଟେନିସରେ ବର୍ତ୍ତମାନ ଯେଭଳି ପ୍ରତିଭାସମ୍ପନ୍ନ ଖେଳାଳି ଅଛନ୍ତି ତାହା ପୂର୍ବରୁ କେବେ ଦେଖା ନ ଥିଲା ।

–ମହେଶ ଭୂପତି
ଭାରତୀୟ ଡେଭିସ୍ କପ୍ ଦଳର ଅଣ ଖେଳାଳି ଅଧିନାୟକ

## ସଂକ୍ଷେପରେ

### ମାଇଲଷ୍ଟୋନ ଠାରୁ ୮ ରନ୍ ଦୂରରେ କୋହଲି

**ମେଲବୋର୍ନ,୪।୧୨:** ଭାରତୀୟ ଅଧିନାୟକ ବିରାଟ କୋହଲିଙ୍କୁ ଅଷ୍ଟ୍ରେଲିଆରେ ଏକ ମାଇଲଷ୍ଟୋନ ସ୍ପର୍ଶ କରିବା ଲାଗି ମାତ୍ର ୮ ରନ୍ ଦରକାର। କୋହଲି ଏପର୍ଯ୍ୟନ୍ତ ୮ ଟେଷ୍ଟ ଖେଳି ୬୨ ହାରରେ ୯୯୨ ରନ୍ କରିଛନ୍ତି। ଏଥିରେ ୫ ଶତକ ଓ ଦୁଇ ଅର୍ଦ୍ଧଶତକ ରହିଛି। ଆଗାମୀ ମ୍ୟାଚ୍‌ରେ ୮ ରନ୍ କଲେ ସେ ପୂର୍ବତନ ଅଧିନାୟକ ରାହୁଲ ଦ୍ରାବିଡ, ଭିଭିଏସ ଲକ୍ଷ୍ମଣ ଓ ସଚିନ ତେନ୍ଦୁଲକରଙ୍କ ଭଳି ବ୍ୟାଟିଂ କିମ୍ବଦନ୍ତୀଙ୍କ ତାଲିକାରେ ସାମିଲ ହେବେ। ଅଷ୍ଟ୍ରେଲିଆରେ ଏକ ହଜାର ପୂରଣ କରିଥିବା ୪ର୍ଥ ଭାରତୀୟ ବ୍ୟାଟ୍ସମ୍ୟାନ ହେବେ। ଅଷ୍ଟ୍ରେଲିଆରେ ସର୍ବାଧିକ ରନ୍ କରିଥିବା ଭାରତୀୟ ବ୍ୟାଟ୍ସମ୍ୟାନ ତାଲିକାରେ ତେନ୍ଦୁଲକର ୧୮୦୯ ରନ୍ ସହ ଶୀର୍ଷରେ ରହିଛନ୍ତି। ତାଙ୍କ ପଛକୁ ଲକ୍ଷ୍ମଣ (୧୨୩୬) ଓ ଦ୍ରାଭିଡ୍ (୧୧୪୩) ରହିଛନ୍ତି। ଏହାବାଦ୍ ଅଷ୍ଟ୍ରେଲିଆ ସିରିଜ୍‌ରେ ସର୍ବାଧିକ ଶତକ ହାସଲ କରିଥିବା ତେନ୍ଦୁଲକରଙ୍କୁ ଅତିକ୍ରମ କରିବା ପାଇଁ ବିରାଟଙ୍କ ନିକଟରେ ସୁବର୍ଣ୍ଣ ସୁଯୋଗ ରହିଛି। ତେନ୍ଦୁଲକର ଅଷ୍ଟ୍ରେଲିଆରେ ମୋଟ ୬ ଶତକ ହାସଲ କରିଥିବାବେଳେ କୋହଲି ଏପର୍ଯ୍ୟନ୍ତ ୫ ଶତକ ମାରିଛନ୍ତି।

### ସର୍ବଭାରତୀୟ ବେସାମରିକ ଫୁଟ୍‌ବଲ ଚୟନ ପ୍ରକ୍ରିୟା

**ଭୁବନେଶ୍ୱର, ୪।୧୨ (ସ୍ପୋର୍ଟ୍ସ ବ୍ୟୁରୋ):** ମଧ୍ୟପ୍ରଦେଶର ଭୋପାଳଠାରେ ସର୍ବଭାରତୀୟ ବେସାମରିକ ଫୁଟ୍‌ବଲ ପ୍ରତିଯୋଗିତା ଚଳିତ ମାସ ୧୭ରୁ ୨୨ ତାରିଖ ପର୍ଯ୍ୟନ୍ତ ହେବ। ଏଥିପାଇଁ ଖେଳାଳି ଚୟନ ପ୍ରକ୍ରିୟା ଆସନ୍ତା ବୁଧବାର ସକାଳ ୭ଟା ୩୦ରେ ସ୍ଥାନୀୟ କିଶୋର କ୍ଲବ ପ୍ରାଙ୍ଗଣରେ ଅନୁଷ୍ଠିତ ହେବ। ଏଥିରେ ଅଂଶଗ୍ରହଣ କରିବାଲାଗି ଇଚ୍ଛୁକ ଖେଳାଳିମାନେ ସେମାନଙ୍କ ପରିଚୟ ପତ୍ର ସଙ୍ଗରେ ଆଣି ନାମ ପଞ୍ଜୀକରଣ ସହ ଚୟନ ପ୍ରକ୍ରିୟାରେ ଅଂଶଗ୍ରହଣ କରିପାରିବେ। ରାଜ୍ୟ ସଚିବାଳୟ କର୍ମଚାରୀ ସଂଘର ସାଧାରଣ ସମ୍ପାଦକ ହର ପ୍ରସାଦ ବିଶ୍ୱାଳ ପ୍ରକାଶ କରିଛନ୍ତି।

### ଦିଲ୍ଲୀ ଡେୟାରଡେଭିଲ୍ସର ନୂଆ ନାମ ‘ଦିଲ୍ଲୀ କ୍ୟାପିଟାଲ୍ସ’

**ନୂଆଦିଲ୍ଲୀ, ୪।୧୨:** ଇଣ୍ଡିଆନ୍ ପ୍ରିମିୟର ଲିଗ୍ (ଆଇପିଏଲ୍)ର ଦ୍ୱାଦଶ ସଂସ୍କରଣ ଖେଳାଳି ନିଲାମୀ ପ୍ରକ୍ରିୟା ପୂର୍ବରୁ ଦିଲ୍ଲୀ ଡେୟାରଡେଭିଲ୍ସ ଫ୍ରାଞ୍ଚାଇଜ୍ ଏହାର ନାମ ପରିବର୍ତ୍ତନ କରିଛି। ଦିଲ୍ଲୀ ଡେୟାରଡେଭିଲ୍ସ ଏବେ ‘ଦିଲ୍ଲୀ କ୍ୟାପିଟାଲ୍ସ’ ନାମରେ ପରିଚିତ ହେବ। ସେହିଭଳି ଦିଲ୍ଲୀ ଦଳ ଏହାର ନୂତନ ଲୋଗୋ ମଧ୍ୟ ଉନ୍ମୋଚନ କରିଛି। ଏଥିରେ ୩ଟି ବାଘ ରହିଥିବା ଜଣାପଡ଼ିଛି। ସୋସିଆଲ ମିଡିଆରେ ଫ୍ରାଞ୍ଚାଇଜ୍ ପକ୍ଷରୁ ଏହା ସ୍ପଷ୍ଟ କରାଯାଇଛି। ଅପରପକ୍ଷରେ ଆଇପିଏଲ୍ ସିଜନ-୧୨ ପାଇଁ ଶ୍ରେୟାସ ଆୟାରଙ୍କୁ ଦିଲ୍ଲୀ କ୍ୟାପିଟାଲ୍ସର ଅଧିନାୟକ ନିଯୁକ୍ତ କରାଯାଇଛି। ବରିଷ୍ଠ ବ୍ୟାଟ୍ସମ୍ୟାନ ଶିଖର ଧାୱନ ଆଗାମୀ ସିଜନରେ ଦିଲ୍ଲୀ ଦଳ ପକ୍ଷରୁ ଖେଳିବେ। ଆଇପିଏଲ୍‌ର ପ୍ରଥମ ସଂସ୍କରଣ ୨୦୦୮ରୁ ଦିଲ୍ଲୀ ଡେୟାରଡେଭିଲ୍ସ ଅଂଶଗ୍ରହଣ କରିଆସୁଥିଲେ ମଧ୍ୟ ଗୋଟିଏଥର ଟାଇଟଲ ଜିତିବାରେ ସଫଳ ହୋଇପାରି ନାହିଁ।

# ପୁରୀରେ ଭାରତୀୟ ହକି ଟିମ୍

**ପୁରୀ ଅଫିସ, ୪।୧୨**

ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମରେ ଚାଲିଛି ପୁରୁଷ ହକି ବିଶ୍ୱକପ୍। ମଙ୍ଗଳବାର ଭାରତୀୟ ହକି ଟିମ୍ ପୁରୀ ବେଳାଭୂମିରେ ମଜା ଉଠାଇଥିଲେ। ବେଳାଭୂମିରେ ଦୀର୍ଘ ସମୟ ଧରି ସାଥିଖେଳାଳି ମାନଙ୍କ ସହ ଢେର ସମୟ ଧରି ମଜା ନେଇଥିଲେ। ସମୁଦ୍ରରେ ସ୍ନାନ କରିଥିଲେ। ବିଚ୍ ଡ୍ରାଇଭିଙ୍ଗ ଏବଂ ଓଟରେ ବୁଲିଥିଲେ। ବେଳାଭୂମିରେ ସେଲ୍ଫି ଉଠାଇଥିଲେ। ପରେ ଭୁବେଶ୍ୱର ଫେରି ଯାଇଥିଲେ। ଖେଳାଳିଙ୍କ ସୁରକ୍ଷା ଦୃଷ୍ଟିରୁ ହୋଟେଲ ଏବଂ ବେଳାଭୂମିରେ କଡା ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା। ସାଥିରେ ଭୁବନେଶ୍ୱର କମିଶନରେଟ୍ ପୋଲିସ, ଆଇଆରବି, ଓଏସଏପି ରହିଥିଲେ। ଭାରତୀୟ ହକିଟିମ୍ ପୁରୀ ଆସିଥିବା ଖବରପାଇ ଶତାଧିକ ହକି ପ୍ରଂଶସକ, କ୍ରୀଡାପ୍ରେମୀ ହୋଟେଲ ସମ୍ମୁଖରେ ଭିଡ ଜମାଇଥିଲେ। ବେଳାଭୂମିରେ ଖେଳାଳି ମାନେ ମଜା ନେବା ବେଳେ ବହୁ ଦର୍ଶକ ସେଠାରେ ଉପସ୍ଥିତ ରହି ସେମାନଙ୍କୁ ଉତ୍ସାହିତ କରିଥିଲେ। ବେଳାଭୂମିରେ ଉପସ୍ଥିତ ଥିବା ଦର୍ଶକ ଏବଂ ପର୍ଯ୍ୟଟକ ଭାରତୀୟ ହକିଟିମ୍‌ର ବିଜୟ କାମନା କରିଥିଲେ।



ଓଟ ସବାରିର ମଜା ନେଉଛନ୍ତି ଭାରତୀୟ ହକି ଖେଳାଳି ।

ମଙ୍ଗଳବାର ପୂର୍ବାହ୍ନ ସାଢେ ୧୧ଟା ସମୟରେ ଏକ ସ୍ୱତନ୍ତ୍ର ବସ ଯୋଗେ ୨୭ଜଣିଆ ହକି ଭାରତୀୟ ହକି ଟିମ୍ ଆସିଥିଲେ। ଏମାନଙ୍କ ସହିତ କୋଚ ଏବଂ ଅନ୍ୟ ଦେଶର ହକି ଖେଳାଳି ମଧ୍ୟ ଆସିଥିଲେ। ଚକ୍ରତୀର୍ଥ ରୋଡ ସ୍ଥିତ ହୋଟେଲ ହଲିଡେ ରିର୍ସଟରେ ପହଞ୍ଚିଥିଲେ। ସେଠାରେ ହୋଟେଲ କର୍ତ୍ତୃପକ୍ଷ ତାଙ୍କୁ ଭବ୍ୟ ଆତିଥ୍ୟତା ପ୍ରଦାନ କରିଥିଲେ। ଖେଳାଳିମାନେ ପ୍ରଥମେ ପଇଡ ପିଇଥିଲେ। ସେଠାରେ ଉପସ୍ଥିତ ଥିବା କେତେଜଣ ପର୍ଯ୍ୟଟକଙ୍କ ସହ ସେଲ୍ଫି ଉଠାଇଥିଲେ। ପରେ ହାଲୁକା ଟିଫିନ ନେଇ ହୋଟେଲ ସମ୍ମୁଖ ବେଳାଭୂମିକୁ ଯାଇଥିଲେ। ସେଠାରେ କିଛି ସମୟ ବେଳାଭୂମିର ସୌନ୍ଦର୍ଯ୍ୟକୁ ଉପଭୋଗ କରିଥିଲେ। ସମୁଦ୍ର ସ୍ନାନର ମଜା ନେଇଥିଲେ। ଖେଳାଳିଙ୍କ ସୁରକ୍ଷା ଦୃଷ୍ଟିରୁ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା। କୌଣସି ଅଘଟଣ ଆଶଙ୍କାରେ ଲାଇଫଗାର୍ଡ ମୁତୟନ ହୋଇଥିଲେ। ସ୍ନାନ ସାରି ହୋଟେଲକୁ ଫେରିଥିଲେ। ସେଠାରେ ମଧ୍ୟାହ୍ନ ଭୋଜନ ସାରି ଭୁବନେଶ୍ୱର ଫେରିଯାଇଥିଲେ।

### ଓଡ଼ିଶା ହକି ବିଶ୍ୱକପ୍ ମନେ ରହିବ: ମନପ୍ରୀତ୍

ଆଗରୁ ଓଡ଼ିଶା ଆସିଛି। ଶ୍ରୀକ୍ଷେତ୍ରକୁ ଆସି ପୂର୍ବରୁ ମଧ ମହାପ୍ରଭୁଙ୍କ ଦର୍ଶନ କରିଛି। ମହାପ୍ରଭୁଙ୍କ ଦର୍ଶନରେ ଏକ ଅପୂର୍ବ ଆନନ୍ଦ ରହିଛି। ଓଡ଼ିଶାବାସୀଙ୍କ ମଙ୍ଗଳକାମନା କରୁଛି। ଓଡ଼ିଶାରେ ହକି ବିଶ୍ୱ କପ୍‌ର ସୁନ୍ଦର ଆୟୋଜନ କରାଯାଇଛି। ରାଜ୍ୟ ସରକାର ଖେଳାଳି ମାନଙ୍କ ଲାଗି ଭବ୍ୟ ବ୍ୟବସ୍ଥା କରିଛନ୍ତି। ପୂର୍ବରୁ ଅନେକ ଦେଶରେ ବିଶ୍ୱକପ୍ ଆୟୋଜନ ହୋଇଛି। କିନ୍ତୁ ଓଡ଼ିଶାରେ ହକି ବିଶ୍ୱର ଏକ ନିଆରା ଅନୁଭବ ରହିଛି। ଏଠାକାର ଦର୍ଶକଙ୍କ ମଧ୍ୟରେ ଆନନ୍ଦ ଓ ଉତ୍ସାହ ରହିଛି ବୋଲି ମଙ୍ଗଳବାର ପୁରୀ ବୁଲିବାକୁ ଆସିଥିବା ଭାରତୀୟ ହକି ଟିମ୍‌ର କ୍ୟାପଟନ୍ ମନପ୍ରୀତ ସିଂ ଧରିତ୍ରୀକୁ ସାକ୍ଷାତକାରରେ ଏହା କହିଛନ୍ତି। ଶ୍ରୀକ୍ଷେତ୍ରରେ ମହାପ୍ରଭୁଙ୍କ ଦର୍ଶନ ଏବଂ ବେଳାଭୂମିର ସୌନ୍ଦର୍ଯ୍ୟ ଏଠାକୁ ଟାଣି ଆଣିଛି। ହକି ବିଶ୍ୱକପ୍‌ରେ ବିଜୟ ଆଶା ରହିଛି ବୋଲି କହିଥିଲେ।



ପୁରୀ ବେଳାଭୂମିରେ ଭଲିଖେଳରେ ନିମଗ୍ନ ଭାରତୀୟ ହକି ଦଳର ଖେଳାଳିମାନେ।

# କ୍ୱାର୍ଟର ଫାଇନାଲ ଲକ୍ଷ୍ୟରେ ଜର୍ମାନୀ, ନେଦରଲାଣ୍ଡ୍ସ

**ଭୁବନେଶ୍ୱର, ୪।୧୨ (ସ୍ପୋର୍ଟ୍ସ ବ୍ୟୁରୋ)**

ଚଳିତ ହକି ବିଶ୍ୱକପ୍‌ରେ ବୁଧବାର ପୁଲ୍ ଡି’ର ପ୍ରଥମ ମ୍ୟାଚ୍‌ରେ ଜର୍ମାନୀ ଓ ନେଦରଲାଣ୍ଡ୍ସ ପରସ୍ପରକୁ ଭେଟିବେ। ଉଭୟ ଦଳ ପ୍ରଥମ ମ୍ୟାଚ୍‌ରେ ବିଜୟ ହାସଲ କରି ବିଶ୍ୱକପ୍ ଅଭିଯାନ ଆରମ୍ଭ କରିଛନ୍ତି। ତେଣୁ ଆଉ ଗୋଟିଏ ବିଜୟ ହାସଲ କଲେ ଏହି ଦୁଇ ଦଳ କ୍ୱାର୍ଟର ଫାଇନାଲ ଟିକେଟ ହାସଲ କରିବେ। ତେଣୁ ସମାନ ଭାବେ ଉଭୟ ଦଳ ପାଇଁ ଏହି ମ୍ୟାଚ୍ ଗୁରୁତ୍ୱ ବହନ କରୁଛି। ଆଧୁନିକ ହକିରେ ୟୁରୋପର ଏହି ଦୁଇ ହକି ପାୱାର ହାଉସ୍ ଗତ କେତେବର୍ଷ ହେବ ନିଜର ପ୍ରଭାବ ଜାହିର କରିଆସିଛନ୍ତି ଓ ୟୁରୋପୀୟ ହକିକୁ ନୂଆ ରୂପ ଦେଇଛନ୍ତି। ଏବେ କ୍ୱାର୍ଟର ଫାଇନାଲ ଲକ୍ଷ୍ୟରେ ଉଭୟ ଦଳ ମୁକାବିଲାରେ ଅବତୀର୍ଣ୍ଣ ହେବେ।

ଆନ୍ତର୍ଜାତିକ ହକି ଫେଡେରେଶନ (ଏଫ୍‌ଆଇଏଚ୍) ର୍‍ୟାଙ୍କିଙ୍ଗ୍‌ରେ ନେଦରଲାଣ୍ଡ୍ସ ଚତୁର୍ଥ ସ୍ଥାନରେ ରହିଛି। ନିଜ ର୍‍ୟାଙ୍କିଙ୍ଗ୍‌ର ଯଥାର୍ଥତା ପ୍ରତିପାଦନ କରି ନେଦରଲାଣ୍ଡ୍ସ ତା’ର ପ୍ରଥମ ମ୍ୟାଚ୍‌ରେ ୭-୦ ଗୋଲରେ ମାଲେସିଆକୁ ପରାସ୍ତ କରିଥିଲା। ଏହି ମ୍ୟାଚ୍‌ରେ ଜେଓରେନ୍ ହେର୍ଜବର୍ଜର ହ୍ୟାଟ୍ରିକ ଗୋଲ ସ୍କୋର କରି ଦଳ ବିଜୟରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ଏହି ମ୍ୟାଚ୍‌ରେ ନେଦରଲାଣ୍ଡ୍ସ ସମ୍ପୂର୍ଣ୍ଣ ରୂପେ ଆଧିପତ୍ୟ ବିସ୍ତାର କରି ଖେଳିଥିଲା। ପୁଲ୍‌ରେ ନେଦରଲାଣ୍ଡ୍ସ ସବୁଠାରୁ ଶକ୍ତିଶାଳୀ ମନେହେଉଛି। ଜର୍ମାନୀ ବିପକ୍ଷରେ ନେଦରଲାଣ୍ଡ୍ସ ଅବଶ୍ୟ ଫେଭରାଇଟ୍ ମନେହେଉଛି। ଗତ ୨୦୧୬ ରିଓ ଅଲିମ୍ପିକ୍ସରେ ନେଦରଲାଣ୍ଡ୍ସ ଚତୁର୍ଥସ୍ଥାନରେ ରହି ଅଭିଯାନ ଶେଷ କରିଥିଲା। କିନ୍ତୁ ୨୦୧୪ ବିଶ୍ୱକପ୍‌ରେ ନେଦରଲାଣ୍ଡ୍ସ ରନର୍ସଅପ୍‌ରେ ସନ୍ତୁଷ୍ଟ ହୋଇଥିଲା। ନେଦରଲାଣ୍ଡ୍ସର ରୋବେର୍ଟ କେମ୍ପେରମ୍ୟାନ, ବିଲି ବାକେର ଓ ମାଇକ୍ରୋ ପ୍ରୁଇଜରଙ୍କ ଭଳି ତାରକା ଖେଳାଳିଙ୍କ ଉପରେ ସମସ୍ତଙ୍କ ନଜର ରହିଛି।


ପୁଲ୍ ଡି’ର ଅନ୍ୟ ଦୁଇ ଦଳ ପାକିସ୍ତାନ ଓ ମାଲେସିଆ ଏହି ଦୁଇ ଦଳ ଅପେକ୍ଷା ଦୁର୍ବଳ ମନେ ହେଉଛନ୍ତି। ପାକିସ୍ତାନ ଓ ମାଲେସିଆ ମଧ୍ୟ ସେମାନଙ୍କ ପ୍ରଥମ ମ୍ୟାଚ୍ ପରାସ୍ତ ହୋଇଛନ୍ତି। ଫଳରେ ଜର୍ମାନୀ, ନେରଦଲାଣ୍ଡ୍ସ ପାଇଁ ସୁଯୋଗ ସୃଷ୍ଟି ହୋଇଛି।

ଅପରପକ୍ଷରେ ଜର୍ମାନୀ ମଧ୍ୟ ଚଳିତ ବିଶ୍ୱକପ୍‌ରେ ଅନ୍ୟତମ ଫେଭରାଇଟ୍ ଦଳ ଭାବେ ଉଭା ହୋଇଛି। ଅବଶ୍ୟ ପ୍ରଥମ ମ୍ୟାଚ୍‌ରେ ପାକିସ୍ତାନକୁ ହରାଇବା ପାଇଁ ଜର୍ମାନୀକୁ ବେଶ୍ ସଂଘର୍ଷ କରିବାକୁ ପଡିଥିଲା। ମାର୍କୋ ମିଲ୍ଟକାଉ ୩୬ତମ ମିନିଟରେ ଗୋଲ ଦେଇ ଜର୍ମାନୀକୁ ବିଜୟୀ କରାଇଥିଲେ। ନେଦରଲାଣ୍ଡ୍ସଠାରୁ ଦୁଇଟି ସ୍ଥାନ ତଳେ ରହି ଜର୍ମାନୀ ଏଫ୍‌ଆଇଏଚ୍ ର୍‍ୟାଙ୍କିଙ୍ଗ୍‌ର ଚତୁର୍ଥ ସ୍ଥାନରେ ରହିଛି। ଅଭିଜ୍ଞ ଓ ଯୁବ ଖେଳାଳିଙ୍କୁ ନେଇ ଜର୍ମାନୀ ଦଳ ବେଶ୍ ସନ୍ତୁଳିତ ମନେହେଉଛି। ଜର୍ମାନୀର ତାରକା ଖେଳାଳି ଫ୍ଲୋରିଆନ୍ ଫୁଚ୍ସ, କ୍ରିଷ୍ଟୋଫର ରୁହର ଓ ଟିମ୍ ହେର୍ଜବର୍ଜଙ୍କ ଉପରେ ସମସ୍ତଙ୍କ ନଜର ରହିବ। ଗତ ୨୦୧୬ ରିଓ ଅଲିମ୍ପିକ୍ସରେ ଜର୍ମାନୀ ସେମିଫାଇନାଲରେ ପରାସ୍ତ ହୋଇଥିଲା। ସେହିପରି ୨୦୧୪ ବିଶ୍ୱକପ୍‌ରେ ଜର୍ମାନୀ ଷଷ୍ଠସ୍ଥାନରେ ରହି ଅଭିଯାନ ଶେଷ କରିଥିଲା। ଉଭୟ ଅଲିମ୍ପିକ୍ସ ଓ ବିଶ୍ୱକପ୍‌ରେ ତ୍ରୁଟିକୁ ସୁଧାରି ଜର୍ମାନୀ ଏଥର କିଛି ଅଲଗା କରି ଦେଖାଇବା ଲକ୍ଷ୍ୟରେ ରହିଛି। ମୋଟାମୋଟି ଉପରେ ବୁଧବାରର ଏହି ମ୍ୟାଚ୍‌ରେ ଆଗଧାଡିର ଦୁଇ ୟୁରୋପୀୟ ଦଳ ମଧ୍ୟରେ ଜବରଦସ୍ତ ସଂଘର୍ଷ ଦେଖିବାକୁ ମିଳିବ ବୋଲି ଆଶା କରାଯାଉଛି।

**ଆଜିର ମ୍ୟାଚ୍**

**ଜର୍ମାନୀ ବନାମ ନେଦରଲାଣ୍ଡ୍ସ**
ପୁଲ୍-ଡି
ସମୟ : ଅପରାହ୍ନ ୫ଟା

**ପାକିସ୍ତାନ ବନାମ ମାଲେସିଆ**
ପୁଲ୍-ଡି
ସମୟ: ରାତି ୭ଟା



ସ୍ଥାନ: କଳିଙ୍ଗ ଷ୍ଟାଡିୟମ
**ପ୍ରସାରଣ: ଷ୍ଟାର୍ ସ୍ପୋର୍ଟ୍ସ**


# ପ୍ରଦ୍ୟୁମ୍ନ, ଆକାଂକ୍ଷାଙ୍କୁ ସ୍ୱର୍ଣ୍ଣ

**ଜାତୀୟ ଜୁନିୟର ଉଷୁ**

**ଭୁବନେଶ୍ୱର, ୪।୧୨ (ସ୍ପୋର୍ଟ୍ସ ବ୍ୟୁରୋ):** ତାମିଲନାଡୁର ନମ୍‌ଖଲଠାରେ ଚାଲିଥିବା ସପ୍ତଦଶ ଜାତୀୟ ଜୁନିୟର ଉଷୁ ଚାମ୍ପିୟନଶିପ୍‌ର ୪ର୍ଥ ଦିବସ ଶେଷ ସୁଦ୍ଧା ଓଡ଼ିଶା ୬ଟି ପଦକ ଅର୍ଜନ କରିଛି। ଯେଉଁଥିରେ ୨ଟି ସ୍ୱର୍ଣ୍ଣ, ୩ଟି ରୌପ୍ୟ ଓ ଗୋଟିଏ ବ୍ରୋଞ୍ଜ ପଦକ ରହିଛି। ପ୍ରଦ୍ୟୁମ୍ନ କୁମାର ବେହେରା ନାନ୍‌ଗୁନ୍ ବିଭାଗରେ ସ୍ୱର୍ଣ୍ଣପଦକ ଏବଂ ନାନ୍‌ଦାଓ ଓ ନାନ୍‌କ୍ୱାନ ବିଭାଗରେ ୨ଟି ରୌପ୍ୟ ପଦକ ଜିତିଛନ୍ତି। ଏଥିସହ ବ୍ୟକ୍ତିଗତଭାବେ ପ୍ରଦ୍ୟୁମ୍ନ ୩ଟି ପଦକ ହାସଲ କରିଛନ୍ତି। ସେହିଭଳି ଆକାଂକ୍ଷା ବାରିକ ଜିଆନ୍‌ସୁ ବର୍ଗରେ ସ୍ୱର୍ଣ୍ଣ ଓ ଚାଙ୍ଗ୍‌କ୍ୱାନ ବର୍ଗରେ ରୌପ୍ୟ ପଦକ ପାଇଛନ୍ତି। ଅନ୍ୟତମ ପଦକଟି ବ୍ରୋଞ୍ଜ ଭାବେ ପଲ୍ଲବୀ ସାମଲ ଗୁନ୍‌ସୁ ବର୍ଗରେ ଜିତିଛନ୍ତି। ଗୁରୁବାର ପର୍ଯ୍ୟନ୍ତ ଏହି ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏଥିରେ ଓଡ଼ିଶାର ୮ ବାଳିକା ଓ ୯ ବାଳକ ପ୍ରତିଯୋଗୀ ଅଂଶଗ୍ରହଣ କରିଛନ୍ତି। ଖେଳାଳିଙ୍କ ଏହି ସଫଳତା ଲାଗି ଉଷୁ ଆସୋସିଏଶନ ଅଫ୍ ଓଡ଼ିଶାର ସଭାପତି ଇଂ ସୁଧାଂଶୁ ଶେଖର ହରିଚନ୍ଦନ ଅଭିନନ୍ଦନ ଜଣାଇଛନ୍ତି।


# ଅବସର ନେଲେ ଗମ୍ଭୀର

**ନୂଆଦିଲ୍ଲୀ, ୪।୧୨ (ପି.ଟି.)**



ଭାରତର ପୂର୍ବତନ ଓପନିଂ ବ୍ୟାଟ୍ସମ୍ୟାନ ଗୌତମ ଗମ୍ଭୀର କ୍ରିକେଟର ସମସ୍ତ ଫର୍ମାଟରୁ ମଙ୍ଗଳବାର ତାଙ୍କ ଅବସର ଘୋଷଣା କରିଛନ୍ତି। ୩୭ ବର୍ଷୀୟ ଦିଲ୍ଲୀର ଏହି ବ୍ୟାଟ୍ସମ୍ୟାନ ଟୁଇଟର ଜରିଆରେ ତାଙ୍କ ନିଷ୍ପତ୍ତି ଘୋଷଣା କରିଛନ୍ତି। ଖେଳରୁ ଅବସର ନେବା ସମୟ ଉପନୀତ ହୋଇଛି ବୋଲି ସେ କହିଛନ୍ତି। ୨୦୦୪ରୁ ୨୦୧୬ ମଧ୍ୟରେ ଗମ୍ଭୀର ୫୮ ଟେଷ୍ଟ ମ୍ୟାଚ ଖେଳିଛନ୍ତି। ୪୧.୯୫ ଆଭରେଜରେ ସେ ୪୧୫୪ ରନ ସଂଗ୍ରହ କରିଛନ୍ତି। ସେ ୯ ଶତକ ଏବଂ ୨୨ ଅର୍ଦ୍ଧ ଶତକହାସଲ କରିଛନ୍ତି। ସେ ଆହୁରି ମଧ୍ୟ ୨୦୦୩ରୁ ୨୦୧୩ ମଧ୍ୟରେ ୧୪୭ ଅନ୍ତର୍ଜାତୀୟ ଦିନିକିଆ ମ୍ୟାଚ ଖେଳିଛନ୍ତି। ଏହାଛଡ଼ା ସେ ୩୭ ଅନ୍ତର୍ଜାତୀୟ ଟି୨୦ ମ୍ୟାଚ ମଧ୍ୟ ଖେଳିଛନ୍ତି।

# ଲୁକା ମୋଡ୍ରିକ୍‌ଙ୍କୁ ବାଲନ ଡି’ଅର ପୁରସ୍କାର



**ପ୍ୟାରିସ, ୪।୧୨ (ଏଏଫ୍‌ପି):** କ୍ରୋଏସିଆର ଷ୍ଟାର ଫୁଟ୍‌ବଲ ଖେଳାଳି ଲୁକା ମୋଡ୍ରିକ୍ ଏଥର ସମ୍ମାନଜନକ ବାଲନ ଡି’ଅର ପୁରସ୍କାର ଜିତିଛନ୍ତି। ଦଶନ୍ଧି ଧରି କ୍ରିଷ୍ଟିଆନୋ ରୋନାଲ୍‌ଡୋ ଏବଂ ଲିଓନେଲ ମେସି ଏହି ପୁରସ୍କାରରେ ଆଧିପତ୍ୟ ବିସ୍ତାର କରି ଆସୁଥିଲେ। ଉଭୟ ଖେଳାଳି ୫ ଥର ଲେଖାଁଏ ଏହି ପୁରସ୍କାର ଲାଭ କରିସାରିଥିଲେ। ଏଥର ଜଣେ ନୂଆ ଖେଳାଳିଙ୍କୁ ଏହି ପୁରସ୍କାର ଦିଆଯାଇ ପାରେ ବୋଲି ଆଶା କରାଯାଉଥିଲା। ବାସ୍ତବିକ ତାହା ଘଟିଛି। ପ୍ୟାରିସଠାରେ ଆୟୋଜିତ ଏକ ଆଡମ୍ବରପୂର୍ଣ୍ଣ ଉତ୍ସବରେ ୩୩ ବର୍ଷୀୟ ମୋଡ୍ରିକ୍‌ଙ୍କୁ ବିଜେତା ଘୋଷଣା କରାଯାଇଛି। ରୋନାଲ୍‌ଡୋ ଦ୍ୱିତୀୟ ହୋଇଥିବାବେଳେ ଫ୍ରାନ୍ସ ଓ ଆଟ୍‌ଲେଟିକୋ ମାଡ୍ରିଡ ଷ୍ଟ୍ରାଇକର ଆଣ୍ଟୋନି ଗ୍ରିଜମ୍ୟାନ ପୋଡିୟମ ଫିନିଶ କରିଥିଲେ। ପ୍ୟାରିସ ସେଣ୍ଟ୍ ଜର୍ମେନର ସ୍ୱଳ୍ପ ବୟସ୍କ ଫରୱାର୍ଡ କିଲିଆନ ଏମ୍‌ବାପେ ଚତୁର୍ଥ ଏବଂ ମେସି ୫ମ ସ୍ଥାନରେ ରହିଥିଲେ। ଲିଭରପୁଲ୍‌ର ଇଜିପ୍‌ସିଆନ ଫରୱାର୍ଡ ମହମ୍ମଦ ସାଲାହଙ୍କ ପଛରେ ଅନ୍ୟ ଜଣେ ଫ୍ରେଞ୍ଚ୍ ଖେଳାଳି ମୋଡ୍ରିକ୍‌ଙ୍କ ମାଡ୍ରିଡ୍ ଟିମ୍‌ମେଟ୍ ରାଫାଲେ ଭାରାନେ ୭ମରେ ଥିଲେ। ପୁରସ୍କାର ଗ୍ରହଣ କରିବାପରେ ମୋଡ୍ରିକ୍ କହିଛନ୍ତି, ପିଲାଦିନେ ସମସ୍ତେ ସ୍ୱପ୍ନ ଦେଖିଥାନ୍ତି। ଏକ ବଡ଼ କ୍ଲବରେ ଖେଳିବା ଏବଂ ଗୁରୁତ୍ୱପୂର୍ଣ୍ଣ ଟ୍ରଫି ଜିତିବା ଲାଗି ମୁଁ ସ୍ୱପ୍ନ ଦେଖୁଥିଲି। ମୁଁ ଦିନେ ବାଲନ ଡି’ଅର ପୁରସ୍କାର ଜିତିପାରିବି ଏହା ମୋ କଳ୍ପନା ବାହାରେ ଥିଲା। ଏମ୍‌ବାପେ ଶ୍ରେଷ୍ଠ ଯୁବ ଖେଳାଳି ଭାବେ କୋପା ଟ୍ରଫି ଜିତିଥିଲେ। ଆଡମ୍ବରପୂର୍ଣ୍ଣ ଉତ୍ସବରେ ପ୍ରଥମ ଥର ଜଣେ ମହିଳା ଖେଳାଳିଙ୍କୁ ବାଲନ ଡି’ଅର ପୁରସ୍କାରରେ ସମ୍ମାନିତ କରାଯାଇଥିଲା। ସେ ହେଲେ ଲିୟନ’ର ନରୱେ ଷ୍ଟ୍ରାଇକର ଆଡା ହେଗରବର୍ଗ। ୨୦୦୬ରେ ଇଟାଲୀର ଫାବିଓ କାନାଭାରୋ (୩୩ବର୍ଷ)ଙ୍କ ପରେ ମୋଡ୍ରିକ୍ ସବୁଠାରୁ ବୟସ୍କ ଖେଳାଳି ହିସାବରେ ପୁରସ୍କାର ଜିତିଛନ୍ତି। ତାଙ୍କ ପ୍ରଦର୍ଶନ ସହାୟତାରେ ରିୟଲ ମାଡ୍ରିଡ ଚାମ୍ପିୟନ୍ସ ଲିଗ୍ ଟାଇଟଲ ବଜାୟ ରଖିପାରିଛି। ଏହାଛଡ଼ା ତାଙ୍କ ଦେଶ ଫୁଟ୍‌ବଲ ଇତିହାସରେ ପ୍ରଥମ ଥର ବିଶ୍ୱକପ୍ ଫାଇନାଲକୁ ଉନ୍ନୀତ ହୋଇପାରିଥିଲା। ଜୁଲାଇରେ ମସ୍କୋଠାରେ ଅନୁଷ୍ଠିତ ଫାଇନାଲରେ ଫ୍ରାନ୍ସ ନିକଟରୁ ୪-୨ ଗୋଲରେ କ୍ରୋଏସିଆ ପରାସ୍ତ ହୋଇଥିଲା।



ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/18-20. ଭୁବନେଶ୍ୱର, ବୁଧବାର, ଡିସେମ୍ବର ୫/୨୦୧୮ Bhubaneswar, Wednesday, December 5/ 2018

## ■ କୃଷି କୌଶଳ ନିର୍ଦ୍ଧାରଣ କମିଟି ବୈଠକ

# ୬୧ ହଜାର ହେକ୍ଟର ଜମିରେ ଡାଲି ଫସଲ ଉତ୍ପାଦନ ଲକ୍ଷ୍ୟ

**ଜଗତ୍‌ସିଂହପୁର ଅଫିସ,୪।୧୨**

ଚଳିତ ବର୍ଷ ଜିଲାର ଅଧିକ ଜମିରେ କିପରି ସଫଳ ରବି ଫସଲ କରାଯାଇ ପାରିବ ସେ ନେଇ ଯୋଜନା ପ୍ରସ୍ତୁତ ହୋଇଛି। ମଙ୍ଗଳବାର ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ସଦ୍‌ଭାବନା ସଭାଗୃହରେ ଅନୁଷ୍ଠିତ କୃଷି ନିର୍ଦ୍ଧାରଣ କୌଶଳ କମିଟି ବୈଠକରେ ଏହା ସ୍ପଷ୍ଟ କରାଯାଇଛି। ଏଥିରେ ୨୦୧୮-୧୯ ଆର୍ଥିକ ବର୍ଷ ରବି ଋତୁରେ ୬୧,୨୨୫ ହେକ୍ଟର ଜମିରେ ଡାଲି ଜାତୀୟ ଫସଲ କରାଯିବାକୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ସେହିପରି ତୈଳବୀଜ ୫,୧୮୦, ପନିପରିବା ୨୬,୬୮୦, ଆଖୁ ୮୦୦ ଓ ଖାଦ୍ୟ ଶସ୍ୟ ୧,୫୧୫ ହେକ୍ଟର ଜମିରେ କରାଯିବ। ଏପରି ମୋଟ ୯୮,୫୨୦ ହେକ୍ଟର ଜମିରେ ଉପରୋକ୍ତ ଚାଷ କରାଯିବ ବୋଲି ଆଶା ରହିଛି। ଏଥିସହ ସାର, କୀଟନାଶକ ଔଷଧ ଆଦି ଯେପରି ପଯର୍ଯ୍ୟାପ୍ତ ପରିମାଣର ମିଳିବ ତା ଉପରେ ଧ୍ୟାନ ଦିଆଯିବ। ସୁଲଭ ଓ ରିହାତି ମୂଲ୍ୟରେ କୃଷି ଯନ୍ତ୍ରପାତି, ଜଳନିଧି ଓ ସୌର ଜଳନିଧି ମାଧ୍ୟମରେ ଅଧିକ ପରିମାଣର ଜମିକୁ ଜଳସେଚିତ ପାଇଁ ଉଦ୍ୟମ ହେବ। ସଫଳ ରବି ଫସଲ ପାଇଁ ଅଧିକ ପରିମାଣର କୃଷି ଋଣ ଦିଆଯିବା ଉପରେ ମଧ୍ୟ ଗୁରୁତ୍ୱାରୋପ କରାଯିବ। ଚଳିତବର୍ଷ ଆଳୁ ଚାଷକୁ ପ୍ରୋତ୍ସାହନ ପାଇଁ ୧୫୦ କୁଇଣ୍ଟାଲ ବିହନ ଯୋଗାଣ ହେବ। ଜିଲାରେ ପ୍ରଥମ କରି ସୌର ଚାଳିତ କୋଲ୍ଡ ଚାମ୍ବର ନିର୍ମାଣ ହେବ, ଯଦ୍ୱାରା ଚାଷୀ ସେମାନଙ୍କ ଫସଲ ସୁରକ୍ଷିତ ଭାବେ ଏଥିରେ ରଖିପାରିବେ।

ଆୟୋଜିତ ବୈଠକରେ ଜିଲାପାଳ ଯାମିନୀ ଷଡ଼ଙ୍ଗୀ ଉପସ୍ଥିତ ରହି ରବି ଫସଲ ପାଇଁ ଚାଷୀଙ୍କୁ ଉତ୍ସାହିତ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। କୃଷି ଉପନିର୍ଦ୍ଦେଶକ ରାମଚନ୍ଦ୍ର ନାୟକ କୃଷି କୌଶଳ ନିର୍ଦ୍ଧାରଣ ଉପରେ ବିସ୍ତୃତ ତଥ୍ୟ ରଖିଥିଲେ। ସେ କହିଥିଲେ, ଜିଲାରେ ଏବର୍ଷ ରବି ଋତୁରେ ୪୩,୮୦୦ ହେକ୍ଟର ମୁଗ, ୨୫ ଚଣା, ୧୫,୦୦୦ ବିରି, ୧,୯୫୦ କୋଳଥ, ୧୦୦ ମଟର ଓ ୩୫୦ ଝୁଡ଼ଙ୍ଗ ଏହିପରି ମୋଟ ୬୧,୨୨୫ ହେକ୍ଟର ଡାଲି ଜାତୀୟ ଫସଲ ଚାଷ ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ସେହିପରି ୪,୨୦୦ ହେକ୍ଟର ଚିନା ବାଦାମ, ୨୫୦ ହେକ୍ଟର ସୂର୍ଯ୍ୟମୁଖୀ ଓ ୬୫୦ ହେକ୍ଟର ସୋରିଷ ସମେତ ମୋଟ ୫,୧୮୦ ହେକ୍ଟର ତୈଳବୀଜ ଜାତୀୟ ଫସଲ ଉତ୍ପାଦନ ହେବା ଆଶା ରହିଛି। ୭୫୦ ହେକ୍ଟର ଆଳୁ, ୨୫୦ ପିଆଜ ଓ ୨୫,୬୦୦ ହେକ୍ଟର ଅନ୍ୟ ପନିପରିବା ଆଦି ମିଶି ମୋଟ ୨୬,୬୯୦ ହେକ୍ଟର ଚାଷ କରାଯିବା ଲକ୍ଷ୍ୟ କରାଯାଇଛି। ଲଙ୍କା ୨,୪୦୦ ଓ ରସୁଣ ୧୮୦ ହେକ୍ଟର ସହ ମୋଟ ୩,୧୧୦ ହେକ୍ଟର ମସଲା ଜାତୀୟ ଏବଂ ୮୦୦ ହେକ୍ଟର ଆଖୁ ଚାଷ ପାଇଁ ଲକ୍ଷ୍ୟ ରଖାଯାଇଛି । ଧାନ ୧,୪୦୦ ହେକ୍ଟର, ଗହମ ୫ ଓ ମକା ୧୧୦ ହେକ୍ଟର ଚାଷ କରାଯିବା ଆଶା କରାଯାଉଛି। ଏପରି ମୋଟ ୯୮,୫୨୦ ହେକ୍ଟର ଜମିରେ ଉପରୋକ୍ତ ଫସଲ କରାଯିବା ଲକ୍ଷ୍ୟଧାର୍ଯ୍ୟ କରାଯାଇଛି। ଜମିକୁ ଦେଖି ରାସାୟନିକ ସାର ବିଶେଷକରି ୪,୫୦୦ ମେଟ୍ରିକ୍ ଟନ୍ (ଏମ୍‌ଟି) ୟୁରିଆ, ୪,୦୦୦ ଜିଏପି (୨୮:୨୮:୦) ଓ ୩,୫୦୦ ଏମ୍‌ଟି ଡିଏପି (୧୮:୪୬:୦) ଆଦି ଚାଷୀଙ୍କୁ ସହଜରେ ଯୋଗାଣ ବ୍ୟବସ୍ଥା ହେଉଛି। ମୁଖ୍ୟମନ୍ତ୍ରୀ ଅଭିନବ କୃଷି ଯନ୍ତ୍ରପାତି ଯୋଜନାରେ ସମ୍ମାନିତ ହେବା ପାଇଁ ୭୮ଟି ଦରଖାସ୍ତ ହସ୍ତଗତ ହୋଇଛି। ଜିଲାରେ ପ୍ରଥମ ଥର ସୌର ଜଳନିଧି ଯୋଜନାରେ ୩୦ ପମ୍ପ ବସାଯିବ। ସେଥିରୁ ଜଗତ୍‌ସିଂହପୁର ବ୍ଲକରେ ୩, ରଘୁନାଥପୁର ୩, ବାଲିକୁଦା ୫, ବିରିଡ଼ି ୩, ନାଉଗାଁ ୫, ତିର୍ତ୍ତୋଲ ୩, କୁଜଙ୍ଗ ୩ ଓ ଏରସମା ବ୍ଲକ ଅଞ୍ଚଳରେ ୫ଟି କାର୍ଯ୍ୟକ୍ଷମ ହେବ। ଏଥିସହ ଅନ୍ୟାନ୍ୟ ପ୍ରସଙ୍ଗରେ ଆଲୋଚନା ହୋଇଥିଲା। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ସହକାରୀ ଉଦ୍ୟାନ କୃଷି ନିର୍ଦ୍ଦେଶକ ମିହିର ସାମନ୍ତରାୟ ନୂଆ କୋଲ୍ଡ ଷ୍ଟୋର ନିର୍ମାଣ ଓ ଆଳୁ ମଞ୍ଜି ଯୋଗାଣ ଆଦି ଉପରେ ବକ୍ତବ୍ୟ ରଖିଥିଲେ।



ବୈଠକରେ ଯୋଗଦେଇଥିବା ବିଭିନ୍ନ ବିଭାଗ ଅଧିକାରୀ ଓ ଅନ୍ୟମାନେ।

- ■ସୁଲଭ ଓ ରିହାତି ମୂଲ୍ୟରେ ମିଳିବ କୃଷି ଯନ୍ତ୍ରପାତି
- ■ଚଳିତବର୍ଷ ୧୫୦ କୁଇଣ୍ଟାଲ ଆଳୁ ବିହନ ଯୋଗାଣ କରାଯିବ
- ■ଜିଲାରେ ସୌରଚାଳିତ କୋଲ୍ଡ ଚାମ୍ବର ହେବ

## ଛପଡ଼ା ଗୁଳିକାଣ୍ଡ: ଦୁଇ ଅଭିଯୁକ୍ତ କୋର୍ଟଚାଲାଣ

**ତିର୍ତ୍ତୋଲ,୪।୧୨(ଡି.ଏନ.ଏ.)**

ତିର୍ତ୍ତୋଲ ଥାନା ଛପଡ଼ା ରେଲୱେ ଲେବୁଲ କ୍ରସିଂ ନିକଟରେ ଗତ ଶୁକ୍ରବାର ହୋଇଥିବା ବୋମା ଓ ଗୁଳିମାଡ ଘଟଣାରେ ପୋଲିସ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରି ସୋମବାର କୋର୍ଟଚାଲାଣ କରିଛି। ସେମାନେ ହେଲେ ସ୍ଥାନୀୟ ବ୍ରାହ୍ମଣବାଡି ଗ୍ରାମର ସୂର୍ଯ୍ୟକାନ୍ତ ମହାପାତ୍ର ଓ ରାଜକିଶୋର ପାତ୍ର(ପପି)। ଘଟଣାର ମୁଖ୍ୟ ଅଭିଯୁକ୍ତ ପାଣ୍ଡରା ଗ୍ରାମର ରାଜୁ ପାତ୍ର ଫେରାର ଥିବା ଜଣାଯାଇଛି। ସୂଚନାଯୋଗ୍ୟ, ଛପଡା ଗ୍ରାମର ଅଟୋଚାଳକ ସମୀର ଦାସଙ୍କୁ ଦୁଇ ଅଭିଯୁକ୍ତ ଘଟଣାଦିନ ଅଟୋ ଭଡାରେ ନେବାକୁ ଡାକିଥିଲେ। ବାଟରେ ଅଟୋ ଭଡାକୁ ନେଇ ଅଭିଯୁକ୍ତଙ୍କ ସହ ସମୀରଙ୍କ ବଚସା ହୋଇଥିଲା। ଏହାପରେ ଦୁଇ ଅଭିଯୁକ୍ତ ମୁଖ୍ୟ ଅଭିଯୁକ୍ତ କୁହାଯାଉଥିବା ରାଜୁଙ୍କୁ ଡାକିଥିଲେ। ରାଜୁ ଘଟଣା ସ୍ଥଳରେ ପହଞ୍ଚି ଦୁଇ ଅଭିଯୁକ୍ତଙ୍କ ସହ ମିଶି ସମୀରଙ୍କୁ ଆକ୍ରମଣ କରିଥିଲେ। ପରେ ବୋମା ମାଡ କରିବା ସହ ସମୀରଙ୍କ ଉପରକୁ ଗୁଳିମାଡ କରିଥିଲେ। ସମୀର ଗୁରୁତର ହୋଇ କଟକ ବଡ ଡାକ୍ତରଖାନାରେ ଚିକିତ୍ସାଧୀନ ରହିଛନ୍ତି। ଘଟଣା ସମ୍ପର୍କରେ ସମୀରଙ୍କ ଭାଇ ସାଗର ପରଦିନ ତିର୍ତ୍ତୋଲ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ୩୦୧/୧୮ରେ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା।

## ସଂକ୍ଷେପରେ

### ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଜଣେ ମୃତ

**ଜଗତ୍‌ସିଂହପୁର ଅଫିସ,୪।୧୨:** ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ମଙ୍ଗଳବାର ଜଗତ୍‌ସିଂହପୁର ଥାନା ଅନ୍ତର୍ଗତ ସାନଲହଙ୍ଗା ଗ୍ରାମର ଚୈତନ୍ୟ ଭୋଇଙ୍କ ମୃତ୍ୟୁ ଘଟିଛି। ପୋଲିସ ଏ ନେଇ ଏକ ଅପମୃତ୍ୟୁ ମାମଲା ନଂ-୫୬/୧୮ ରୁଜୁ କରିଛି। ଚୈତନ୍ୟଙ୍କ ପୁଅ ଗଗନଙ୍କ ଅଭିଯୋଗ ଅନୁଯାୟୀ, ଅପରାହ୍ନ ପ୍ରାୟ ୨ଟା ବେଳେ ମଣ୍ଡାସାହି ବିଦ୍ୟୁତ ସେକ୍ସନ୍ ଅଧୀନ ସିଂହାରପୁର କୁମାର ସାହି ନିକଟରେ ଏଭଳି ଅଘଟଣ ଘଟିଥିଲା। ସେଠାରେ ନାଚ ଶିଖା ଯାଉଥିବା ଏକ ଘରକୁ ସର୍ଭିସ୍ ତାର ଯାଇଥିଲା। ଚେତନ୍ୟ କୌଣସି ପ୍ରକାରେ ଏହି ତାର ସଂସ୍ପର୍ଷରେ ଆସିବାରୁ ଗୁରୁତର ହୋଇ ପଡିଥିଲେ। ସଙ୍ଗେସଙ୍ଗେ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

### ବୃହତ୍ ବନ୍ଦର କ୍ରିକେଟ ମୁମ୍ବାଇ, ପାରାଦୀପ ବିଜୟୀ

**ପାରାଦୀପ,୪।୧୨(ସ୍ୱ.ପ୍ର.):** ସ୍ଥାନୀୟ ଗୋପବନ୍ଧୁ ଷ୍ଟାଡିୟମ୍‌ଠାରେ ଚାଲିଥିବା ସର୍ବଭାରତୀୟ ବୃହତ୍ ବନ୍ଦର କ୍ରିକେଟ ଟୁର୍ନାମେଣ୍ଟରେ ମଙ୍ଗଳବାର ୨ ମ୍ୟାଚ୍ ଅନୁଷ୍ଠିତ ହୋଇଛି। ଏଥିରେ ମୁମ୍ବାଇ ଓ ପାରାଦୀପ ବନ୍ଦର ସେମାନଙ୍କ ପ୍ରତିପକ୍ଷଠାରୁ ବିଜୟୀ ହୋଇଛନ୍ତି। ପ୍ରଥମ ମ୍ୟାଚ୍ ପାରାଦୀପ ଓ ଚିଦାମ୍ବରନମ୍ ପୋର୍ଟ ମଧ୍ୟରେ ହୋଇଥିଲା। ପାରାଦୀପ ପ୍ରଥମେ ବ୍ୟାଟିଂ କରି ସୂର୍ଯ୍ୟକାନ୍ତଙ୍କ ୮୨ ରନ୍ ସହାୟତାରେ ୨୦ ଓଭରରେ ୬ ଉଇକେଟ ହରାଇ ୧୮୫ ରନ୍ କରିଥିଲା। ଜବାବରେ ଚିଦାମ୍ବରନମ୍ ପୋର୍ଟ ନିର୍ଦ୍ଧାରିତ ୨୦ ଓଭରରେ ୯ ଉଇକେଟ ହରାଇ ମାତ୍ର ୮୭ ରନ୍ କରିବା ସହ ୯୮ ରନ୍‌ରେ ପରାଜିତ ହୋଇଥିଲା। ସେହିପରି ଦ୍ୱିତୀୟ ମ୍ୟାଚ୍ ମୁମ୍ବାଇ ଓ କଲିକତା ପୋର୍ଟ ମଧ୍ୟରେ ହୋଇଥିଲା। କଲିକତା ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୮ ଉଇକେଟ ହରାଇ ୧୪୬ ରନ୍ କରିଥିଲା। ଜବାବରେ ମୁମ୍ବାଇ ଖେଳାଳି ୧୭.୨ ଓଭରରେ ୪ ଉଇକେଟ ହରାଇ ୧୪୮ ରନ୍ କରିବା ସହ ୬ ଉଇକେଟରେ ଜିତିଥିଲା।

### ରାହାମାରେ ଗିରି ସମ୍ପ୍ରଦାୟର ୩ ସାଧୁ

**ରାହାମା,୪।୧୨(ଡି.ଏନ.ଏ.):** ସୁଦୂର ଗୁଜରାଟର ଦ୍ୱାରକା ପ୍ରଦେଶରୁ ୩ଜଣ ଗିରି ସମ୍ପ୍ରଦାୟର ସାଧୁ ତିର୍ତ୍ତୋଲ ଅଞ୍ଚଳର ଗୋରେଖନାଥ ପୀଠ ଦର୍ଶନ ସହ ଜିଲାର ବିଭିନ୍ନ ଅଞ୍ଚଳ ପରିଦର୍ଶନ କରିଛନ୍ତି। ସ୍ୱାମୀ ମୁରଲୀଧର ଗିରିଙ୍କ ନେତୃତ୍ୱରେ ଏହି ସାଧୁ ରାହାମାଠାରେ ପହଞ୍ଚିବା ପରେ ତାଙ୍କୁ ରାହାମା ବଜାର କମିଟି ତରଫରୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ସାଧୁଙ୍କ ମଧ୍ୟରେ ରାମକୃଷ୍ଣ ଗିରି ଓ ନୃସିଂହନାଥ ଗିରି ପ୍ରମୁଖ ସାମିଲ ହୋଇଥିଲେ। ବଜାର କମିଟି ସଭାପତି ଜଟାଧରୀ ଦାସ, ସମ୍ପାଦକ ସୁନାକର ବେହେରା ପ୍ରମୁଖ ସାଧୁମାନଙ୍କୁ ନୂତନ ବସ୍ତ୍ର ପରିଧାନ ନିମିତ୍ତ ଅର୍ପଣ କରି ଆଶିଷ ଭିକ୍ଷା କରିଥିଲେ। ରବୀନ୍ଦ୍ର ନାଥ ପ୍ରଧାନ, ଦୁର୍ଯ୍ୟୋଧନ ସ୍ୱାଇଁ ଓ ଅନ୍ୟମାନେ ଉପସ୍ଥିତ ଥିଲେ।

## ଧାନର ମାନ ନିର୍ଦ୍ଧାରଣ ସମ୍ପର୍କିତ ପ୍ରଶିକ୍ଷଣ ଶିବିର



ଧାନର ଏଫ୍ଏକ୍ୟୁ ମାନର ନିର୍ଦ୍ଧାରଣ ପ୍ରଣାଳୀ ସମ୍ପର୍କରେ ଚାଷୀଙ୍କୁ ଅବଗତ କରାଯାଉଛି।

**ରଘୁନାଥପୁର, ୪।୧୨( ଡି.ଏନ.ଏ.)**

ଚାଷୀ ଓ ସମବାୟ ସମିତି କର୍ମଚାରୀଙ୍କୁ ଏଫଏକ୍ୟୁ ଧାନର ମାନ ନିର୍ଦ୍ଧାରଣ ସମ୍ପର୍କରେ ଅବଗତ କରିବାକୁ ଏକ ପ୍ରଶିକ୍ଷଣ ଶିବିର ରଘୁନାଥପୁର ବ୍ଲକ ଜ୍ୟୋତି ମହାସଂଘ ସଭାକକ୍ଷରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଜଗତ୍‌ସିଂହପୁର ଜିଲା ଆରଏମସି ପକ୍ଷରୁ ଖରିଫ ବିପଣନ ଋତୁ ୨୦୧୮-୧୯ ପୂର୍ବରୁ ଆୟୋଜିତ ଶିବିରରେ ଏସିଏସଓ ଜି. ପ୍ରଭାକରନ ପାତ୍ର, ଏସଏଆରସିଏସ ଶିବ ପ୍ରସାଦ ମହାନ୍ତି, କ୍ୱାଲିଟି ଆନାଲିଷ୍ଟିକ ମନୀଷା ମିଶ୍ର, ଆରଏମ୍‌ସି ସମ୍ପାଦକ ସୂର୍ଯ୍ୟକାନ୍ତି ଦାସ, ପ୍ରୋକ୍ୟୋରମେଣ୍ଟ ଇନ୍ସପେକ୍ଟର ମିନର୍ଭା ଶତପଥୀ ଓ ଏମ୍‌ଆଇ ମୋଚିରାମ ଦାସ ପ୍ରମୁଖ ଯୋଗଦେଇ ଏ ସମ୍ପର୍କରେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଏଫଏକ୍ୟୁ ଧାନର ମାନ ୦ରୁ ୧୭ ଭିତରେ ରହିଲେ ଚାଷୀମାନେ ସରକାରଙ୍କ ଦ୍ୱାରା ଧାର୍ଯ୍ୟ ରେଟ ୧୭୫୦ ଟଙ୍କା ପାଇପାରିବେ ବୋଲି ଅଧିକାରୀମାନେ ପ୍ରକାଶ କରିଥିଲେ। ବିଶେଷକରି ଚାଷୀମାନେ ମଣ୍ଡିକୁ ଆଣୁଥିବ । ଧାନର ମାନ ନିର୍ଦ୍ଧାରଣ ପାଇଁ ଏ ସମ୍ପର୍କରେ ଅବଗତ ହେବା ଅତ୍ୟନ୍ତ ଜରୁରୀ ବୋଲି ଶିବିରରେ କୁହାଯାଇଥିଲା। ଏହାଛଡା ଚାଷୀମାନେ ମଧ୍ୟ କେଉଁ ପଦ୍ଧତିରେ ମାନ ନିର୍ଦ୍ଧାରଣ କରାଯାଉଛି ଦେଖିବା ସହ ଅଧିକାରୀମାନଙ୍କଠାରୁ ବିଭିନ୍ନ ପ୍ରଶ୍ନ ପଚାରି ବୁଝିଥିଲେ। ଆସନ୍ତା ୧୧ ତାରିଖରେ ଜିଲାସ୍ତରରେ ଧାନମଣ୍ଡି ଉଦ୍‌ଘାଟନ ହେବାର ସ୍ଥିର ହୋଇଥିବାବେଳେ ପର୍ଯ୍ୟାୟକ୍ରମେ ବ୍ଲକସ୍ତରରେ ଖୋଲାଯିବ ବୋଲି ଆରଏମ୍‌ସି ସମ୍ପାଦକ ଦାସ ପ୍ରକାଶ କରିଥିଲେ। ଏହାଛଡା ଚାଷୀଙ୍କୁ ସେମାନଙ୍କ ପ୍ରାପ୍ୟ ୨୪ ଘଣ୍ଟାରୁ ୩ ଦିନ ମଧ୍ୟରେ ଆକାଉଣ୍ଟକୁ ଚାଲି ଆସିବ ବୋଲି କହିଥିଲେ।

## ଦମ୍ପତିଙ୍କଠାରୁ ୯୦ ହଜାର ଟଙ୍କା ଲୁଟ୍

**ବଡ଼ମ୍ବା,୪।୧୨ (ଡ଼ି.ଏନ୍.ଏ)**

ବଡ଼ମ୍ବା ବ୍ଲକ ଅନ୍ତର୍ଗତ ବିଧାରପୁର ଛକ ନିକଟ ଜନଗହଳି ରାସ୍ତା ଉପରୁ ମଙ୍ଗଳବାର ଏକ ଦମ୍ପତିଙ୍କଠାରୁ ୯୦ ହଜାର ଦୁର୍ବୃତ୍ତମାନେ ଲୁଟି ନେଇଛନ୍ତି। ତିଗିରିଆ ଥାନା ଅନ୍ତର୍ଗତ ନୂଆପାଟଣାସ୍ଥିତ ଷ୍ଟେଟ ବ୍ୟାଙ୍କ ଶାଖାରୁ ବଡ଼ମ୍ବା ବ୍ଲକ ଅନ୍ତର୍ଗତ କଙ୍କଡ଼ାଯୋଡ଼ି ଗ୍ରାମର ପ୍ରଭାକର ରାଜ ଏବଂ ତାଙ୍କ ସ୍ତ୍ରୀ ରଞ୍ଜିତା ୯୦ ହଜାର ଟଙ୍କା ଉଠାଇ ବାଇକ୍ ଯୋଗେ ଘରକୁ ଫେରୁଥିଲେ । ବିଧାରପୁର ଛକ ପାର ହୋଇ କଙ୍କଡ଼ାଯୋଡ଼ି ରାସ୍ତାରେ ସେମାନେ ଯାଉଥିବା ବେଳେ ଏକ କଳାରଙ୍ଗର ଟିଭିଏସ ଆପାଚି ବାଇକ୍‌ରେ ୨ ଜଣ ଯୁବକ ଆସି ସେମାନଙ୍କୁ ଅଟକାଇବା ସହ ରଞ୍ଜିତା ଧରିଥିବା ଟଙ୍କା ବ୍ୟାଗ ଛଡ଼ାଇ ନେଇ ଆଖି ପିଛୁଳାକେ ପଳାଇଯାଇଥିଲେ। ବ୍ୟାଗରେ ଟଙ୍କା ସମେତ,୨ ଚେକ୍ ବହି,ଏଟିଏମ୍ କାର୍ଡ଼ ଓ ପାସବୁକ୍ ଥିବା ରଞ୍ଜିତା କହିଛନ୍ତି। ଏନେଇ ରଞ୍ଜିତା ମାଣିଆବନ୍ଧ ଫାଣ୍ଡିରେ ଲିଖିତ ଅଭିଯୋଗ କରିଛନ୍ତି। ସୂଚନାଯୋଗ୍ୟ, ଗତ ଏକ ମାସ ମଧ୍ୟରେ ବଡ଼ମ୍ବାର ବୃନ୍ଦାବନପୁର ଏବଂ ପରେ ବଡ଼ମ୍ବା ଟାଉନରେ ଅନୁରୂପ ଭାବେ ଲୁଟ୍ ହୋଇମଧ୍ୟ ପୋଲିସ ଲୁଟେରାଙ୍କୁ ଧରିବାରେ ସକ୍ଷମ ହୋଇନାହିଁ। ଫଳରେ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ପ୍ରକାଶ ପାଇବା ସହ ଲୁଟେରାଙ୍କୁ ତୁରନ୍ତ ଗିରଫ କରିବା ପାଇଁ ସାଧାରଣରେ ଦାବି ହୋଇଛି।

## ■ ଜମିହରା ସମାଜ ମଙ୍ଗଳ କମିଟି ପକ୍ଷରୁ

# ପିପିଏଲ୍ କାରଖାନା ଆଗରେ ବିକ୍ଷୋଭ



ଜମିହରା ଶ୍ରମିକ କମିଟି ସଦସ୍ୟ ପିପିଏଲ୍ କାରଖାନା ଆଗରେ ଧାରଣା ଦେବାକୁ ଯାଉଛନ୍ତି।

**ପାରାଦୀପ,୪।୧୨(ସ୍ୱ.ପ୍ର.)**

ପାରାଦୀପ ଫସ୍‌ଫେଟସ ଲିମିଟେଡ୍ (ପିପିଏଲ୍) କାରଖାନା ଆଗରେ ମଙ୍ଗଳବାର ସ୍ଥାନୀୟ ରଙ୍ଗିଆଗଡ଼ର ଜମିହରା ସମାଜ ମଙ୍ଗଳ କମିଟି ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ୧୯୮୨ ମସିହାରେ ଜମି ହରାଇଥିବା ଚାଷୀଙ୍କୁ ନିଯୁକ୍ତି ଦାବିରେ ଏହି ବିକ୍ଷୋଭ କରାଯାଇଛି। ଏଥିସହ ଏକ ୪ ଦଫା ଦାବିପତ୍ର କମ୍ପାନୀ ଉପସଭାପତିଙ୍କ ଉଦ୍ଦେଶ୍ୟରେ ଦିଆଯାଇଛି। ଏଥିରେ ୨୦୧୦ରେ ଜିଲାପାଳଙ୍କ ଅଧ୍ୟକ୍ଷତାରେ ହୋଇଥିବା ଆଲୋଚନାକୁ କାର୍ଯ୍ୟକାରୀ କରିବା, ଜମିହରାଇଥିବା ପରିବାର ଲୋକଙ୍କୁ ନିଯୁକ୍ତି, ସେମାନଙ୍କୁ ଠିକାଦାରୀ, ସପ୍ଲାଇ କାମରେ ସୁଯୋଗ ଓ ପାରିପାର୍ଶ୍ୱିକ ଉନ୍ନୟନ ଠିକ୍ ଭାବେ କରିବା ଆଦି ଦାବି ରହିଛି। ବିକ୍ଷୋଭରେ ପ୍ରାୟ ଶହେ ପାଖାପାଖି ମହିଳାପୁରୁଷ ସାମିଲ ହୋଇ କମ୍ପାନୀ ଫାଟକ ପର୍ଯ୍ୟନ୍ତ ଯାଇଥିଲେ। ଦାବି ସମ୍ପର୍କରେ କମ୍ପାନୀ ପକ୍ଷରୁ କୁହାଯାଇଛି ଯେ, ଉକ୍ତ ଦାବି ପୁରୁଣା। ଏଥିରେ ନୂତନତ୍ୱ ନାହିଁ। ୩୬ ବର୍ଷ ତଳେ ଜମିହରାଙ୍କୁ ସରକାର ସବୁ ଅର୍ଥ ଦେଇସାରିଛନ୍ତି। ଭିନ୍ନ ସ୍ୱାର୍ଥ ପାଇଁ କେତେଜଣ ଏପରି କରୁଛନ୍ତି।




# ଉନ୍ନୟନ କାର୍ଯ୍ୟ ପାଇଁ ୫.୫ କୋଟି ଟଙ୍କା ମଞ୍ଜୁର



ଆମ ଗାଁ, ଆମ ବିକାଶ କାର୍ଯ୍ୟକ୍ରମରେ ଜିଲାପାଳ, ବିଧାୟକ, ଏମ୍‌ପି ଓ ଅନ୍ୟମାନେ।

**ଏରସମା,୪।୧୨(ସ୍ୱ.ପ୍ର.)**

### ଏରସମାରେ ଆମ ଗାଁ ଆମ ବିକାଶ କାର୍ଯ୍ୟକ୍ରମ

ଏରସମା ବ୍ଲକ ସଦରମହକୁମାସ୍ଥିତ ଆଞ୍ଚଳିକ ଯୁବ ପରିଷଦ ପଡ଼ିଆରେ ମଙ୍ଗଳବାର ଆମ ଗାଁ ଆମ ବିକାଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ଲକ ଅଞ୍ଚଳର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟପାଇଁ ୫ କୋଟି ୫୦ ଲକ୍ଷ ଟଙ୍କା ମଞ୍ଜୁର ହୋଇଥିବା ଘୋଷଣା କରାଯାଇଛି। ବାଲିକୁଦା-ଏରସମା ବିଧାୟକ ପ୍ରଶାନ୍ତ କୁମାର ମୁଦୁଲି, ଏମ୍‌ପି ଡା.କୁଳମଣି ସାମଲ, ଜିଲାପାଳ ଯାମିନୀ ଷଡ଼ଙ୍ଗୀ, ଆରକ୍ଷୀ ଅଧୀକ୍ଷକ ଆର ପ୍ରକାଶ, ବ୍ଲକ ଅଧ୍ୟକ୍ଷ ପ୍ରଣବ ସ୍ୱାଇଁ, ବ୍ଲକ ବିଜେଡି ସଭାପତି ତଥା ଏମ୍‌ପିଙ୍କ ପ୍ରତିନିଧି ପୀତବାସ ଗଛାୟତ, ଏରସମା ତହସିଲଦାର ଅଞ୍ଜଳି ତରାଇ, ବିଡିଓ କୈଳାସ ଚନ୍ଦ୍ର ବେହେରା, ଅତିରିକ୍ତ ବିଡିଓ ବିଜୟ କେତନ ଚୌଧୁରୀ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବକ୍ତବ୍ୟର ସିଧାପ୍ରସାରଣ କରାଯାଇଥିଲା। ବିଭିନ୍ନ ଏସଏଚଜିର ମହିଳାମାନେ ହୁଳହୁଳି ଦେଇ ମୁଖ୍ୟମନ୍ତ୍ରୀଙ୍କ ବକ୍ତବ୍ୟକୁ ସମର୍ଥନ ଜଣାଇଥିଲେ। ବ୍ଲକର ମୋଟ ୨୫ ପଞ୍ଚାୟତ ମଧ୍ୟରୁ ଗୋଡା ପଞ୍ଚାୟତରେ ପୂର୍ବରୁ ପଞ୍ଚାୟତସ୍ତରୀୟ ଆମ ଗାଁ ଆମ ବିକାଶ କାର୍ଯ୍ୟକ୍ରମ ହୋଇଥିଲା। ଅବଶିଷ୍ଟ ୨୪ ପଞ୍ଚାୟତର ସରପଞ୍ଚମାନେ ଦେଇଥିବା ପ୍ରକଳ୍ପ ଗୁଡିକ କାର୍ଯ୍ୟକାରୀ କରାଯିବା ପାଇଁ ସରକାରଙ୍କ ପକ୍ଷରୁ ଉପରୋକ୍ତ ଅର୍ଥ ମଞ୍ଜୁର କରାଯାଇଥିବା ଘୋଷଣା କରାଯାଇଥିଲା। ଏଥି ସହିତ କେଉଁ ପ୍ରକଳ୍ପ କାର୍ଯ୍ୟକାରୀ କରାଯିବ ତାହାର ତାଲିକା ମନିଟରରେ ପ୍ରଦର୍ଶନ କରାଯାଇଥିଲା। ୨୦ ହଜାରରୁ ଉର୍ଦ୍ଧ୍ୱ ମହିଳାପୁରୁଷ ଏଥିରେ ଉପସ୍ଥିତ ଥିଲେ।

### କାର୍ଯ୍ୟକ୍ରମ ବର୍ଜନ କଲେ ୧୦ ସରପଞ୍ଚ

ଏରସମା ବ୍ଲକରେ ହୋଇଥିବା ଆମ ଗାଁ ଆମ ବିକାଶ କାର୍ଯ୍ୟକ୍ରମକୁ ୧୦ ସରପଞ୍ଚ ବର୍ଜନ କରିଛନ୍ତି। ସେମାନଙ୍କ ମଧ୍ୟରେ କୃଷ୍ଣଚନ୍ଦ୍ରପୁର ସରପଞ୍ଚ ଖୁଲଣା ସୁନ୍ଦରୀ ସ୍ୱାଇଁ, ଜପାର ତପନ ଗଛାୟତ, ଏରସମାର ଗୀତାଞ୍ଜଳି ସ୍ୱାଇଁ, ପଲିକଣ୍ଠାର ଧ୍ୱଜରାଜ ଖଣ୍ଡୁଆଳ, ଗଡହରିଶପୁରର ଭୀମସେନ ରାଉତ, ବାମଦେଇପୁରର ଗୋପୀନାଥ ସାମନ୍ତରାୟ ଓ ବାଲିତୁଠ ସରପଞ୍ଚ ମିଲି ମଲ୍ଲିକ ପ୍ରମୁଖ ରହିଛନ୍ତି। ଏମାନଙ୍କ ମଧ୍ୟରୁ ଜପା ସରପଞ୍ଚ ଗଛାୟତ ଅଭିଯୋଗ କରିଛନ୍ତି ଯେ, କାର୍ଯ୍ୟକ୍ରମ ପାଇଁ ହୋଇଥିବା ପ୍ରସ୍ତୁତି ବୈଠକକୁ ଆମକୁ ଡକାଯାଇ ନାହିଁ, କି ଆମମାନଙ୍କ ମତାମତ ବ୍ଲକ ପ୍ରଶାସନ ଲୋଡି ନ ଥିଲ। ଫଳରେ ଆମେ ଏହାକୁ ବର୍ଜନ କରିଛୁ। ବ୍ଲକ ଅଧ୍ୟକ୍ଷ ପ୍ରଣବ ସ୍ୱାଇଁ କହିଛନ୍ତି, ୨୦ ହଜାର ଲୋକ ଏଥିରେ ସାମିଲ ହୋଇଥିଲେ। ମାତ୍ର କୌଣସି କାରଣରୁ କେତେଜଣ ସରପଞ୍ଚ ନ ଆସିଥିବା ସମ୍ପର୍କରେ ମୁଁ କହିପାରିବି ନାହିଁ। ବିଡିଓ କୈଳାସ ଚନ୍ଦ୍ର ବେହେରା କହିଛନ୍ତି, ପ୍ରସ୍ତୁତି ବୈଠକକୁ କେବଳ ଏସଏଚଜି ମହିଳାଙ୍କୁ ଡକାଯାଇଥିଲା। କାର୍ଯ୍ୟକ୍ରମରେ ଯୋଗ ଦେବାକୁ ସେମାନଙ୍କୁ ଚିଠି କରାଯାଇଥିଲା। ସୂଚନାଯୋଗ୍ୟ, ବ୍ଲକ ପ୍ରଶାସନର କାର୍ଯ୍ୟକଳାପରେ ଅସନ୍ତୁଷ୍ଟ ହୋଇ ଏହି ସରପଞ୍ଚମାନେ ଗତ ପଞ୍ଚାୟତ ସମିତି ବୈଠକ ବର୍ଜନ କରିଥିଲେ। ପରେ ଆମ ଗାଁ ଆମ ବିକାଶ କାର୍ଯ୍ୟକ୍ରମ ବର୍ଜନ କରିବା ଘଟଣା ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି।



3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ

# 'ଓଡ଼ିଶାରେ ସବୁ ଖଣି ଲିଜ୍ ବାତିଲ କର'

ଯାଜପୁର ଅଫିସ, ୪।୧୨

ରତ୍ନଗର୍ଭା ସୁକିନ୍ଦା ଅଞ୍ଚଳରେ ଲୋକେ ନିଯୁକ୍ତି ନ ପାଇ ଦାଦନ ଖଟିବାକୁ ଯାଉଛନ୍ତି । ଅଜସ୍ର ଖଣିଜ ସମ୍ପଦରେ ଭରପୁର ସୁକିନ୍ଦାର ଝିଅପୁଅ ଆଜି ଗରିବ। ଜିଲାର ଖଣିଜ ସମ୍ପଦକୁ ଉତ୍ତୋଳନ କରି ଖଣି ସଂସ୍ଥା ଲାଭବାନ ହୋଇଛନ୍ତି। ହେଲେ ଶିଳ୍ପ ପାଇଁ ନିଜର ଭିଟାମାଟି ଛାଡିଥିବା ଅବା କ୍ଷତିଗ୍ରସ୍ତ ହୋଇଥିବା ଲୋକେ ଯାହା ଆଶା କରିଥିଲେ ସେମାନଙ୍କୁ ମିଳି ନାହିଁ । ପ୍ରାକୃତିକ ପରିବେଶ ନଷ୍ଟ ହେଲା । ପାରିପାର୍ଶ୍ୱିକ ଉନ୍ନୟନ ହୋଇ ପାରିନାହିଁ । ସାମାଜିକ ଦାୟିତ୍ୱବୋଧକୁ ଖଣିସଂସ୍ଥାମାନେ ଭୁଲି ଯାଇଛନ୍ତି । ବେକାରୀ, ବେରୋଜଗାରି, ଖାଦ୍ୟାଭାବ ପିଛା ଛାଡୁନି । ତେଣୁ ସମସ୍ତ ଖଣି ଲିଜ୍‌କୁ ବାତିଲ କରାଯାଉ ବୋଲି ଶ୍ରମିକ ନେତା ମାୟାଧର ନାୟକ ଏକ ପ୍ରେସ୍ ବିଜ୍ଞପ୍ତିରେ ଜଣାଇଛନ୍ତି । ବିଜ୍ଞପ୍ତିରେ ସେ ଆହୁରି ଦର୍ଶାଇଛନ୍ତି ଯେ, କେନ୍ଦ୍ର ସରକାରଙ୍କ କର୍ତ୍ତୃତ୍ୱରେ ସବୁ ଖଣି ନିୟମ ପରିଚାଳିତ। ତେଣୁ ସବୁ ରାଜ୍ୟ ସରକାର ଏବଂ ପ୍ରତ୍ୟେକ ରାଜ୍ୟବାସୀ ଦାବିକରି ଆପଣାର ତାଲିକା ଫର୍ଦ୍ଦରେ ଆଣିବାକୁ ଦାବି ହେବା ଆବଶ୍ୟକ। ଓଡ଼ିଶାରେ ୯୮ ଭାଗ କ୍ରୋମାଇଟ, ୩୩ ଭାଗ ଲୁହାପଥର, ୬୫ଭାଗ ବକ୍ସାଇଟ, ୪୫ଭାଗ ମାଙ୍ଗାନିଜ ଓ କୋଇଲା, ୪୫ ଭାଗ ରେୟାରଓର, ଜେମସ୍‌ଷ୍ଟୋନ୍, ହୀରା, ମୋତି, ମାଣିକ, ସୁନା ଆଦି ୨୩ ପ୍ରକାର ପଥର ଭର୍ତ୍ତି ହୋଇଛି। ଖଣି ଚୋରି ଧରିବା ପାଇଁ ଶାହା କମିଶନ ବସି ବେଆଇନ ଖଣିଜ ସମ୍ପଦ ଉତ୍ତୋଳନ ଓ ବିକ୍ରି ଉପରେ ୬୫ହଜାର କୋଟି ଟଙ୍କା ଜରିମାନା ହୋଇଥିଲା। ଖଣି ଲିଜ୍‌ଧାରୀ ସୁପ୍ରିମକୋର୍ଟ ଦଉଡ଼ି ଜରିମାନା ନ ଦେବା ଉଦ୍ଦେଶ୍ୟରେ ନାନା କୂଟକୌଶଳ କଲେ। ଏଯାଏ କିନ୍ତୁ ଜରିମାନାରୁ ଛାଡ଼ପାଇ ନାହାଁନ୍ତି। ଅଳ୍ପ କେତେଜଣ ଖଣିଲିଜଧାରୀ ଜରିମାନା ଦେଲେ । ଅନ୍ୟମାନେ କାଳକ୍ଷେପଣ ନୀତି ଅବଲମ୍ବନ କରୁଛନ୍ତି। ଏବେ କେତେକ ଖଣି ଲିଜ୍‌ଧାରୀଙ୍କ ଲିଜ ବାତିଲ ହୋଇଛି। ତେଣୁ ସବୁଖଣିର ଲିଜ୍ ବାତିଲ କରି ରାଜ୍ୟସରକାର ଖଣିର ମାଲିକ ହୋଇ ଓଡ଼ିଶାକୁ ରାଜକୋଷ ଲୁଣ୍ଠନରୁ ରକ୍ଷା କରନ୍ତୁ। ପ୍ରୟୋଜନରେ ରାଜ୍ୟରେ ଗଚ୍ଛିତ ଥିବା ୨୩ ପ୍ରକାର ଖଣିଜ ସମ୍ପଦର ବ୍ୟବହାରିକ କ୍ଷେତ୍ରଗତ ପରିଚାଳନା ପାଇଁ ଓଡ଼ିଶା ଖଣି ନିଗମ ଭଳି ଆଉ ୭ଟି ଖଣି ନିଗମ ଗଠନ କରାଯାଉ। ସାରା ଦେଶରେ କେବଳ ଖଣିଜ ସଂପଦ ଲାଭଲୁଟ୍‌ର କେନ୍ଦ୍ର ଓ ରାଜ୍ୟସରକାର, ବିଭିନ୍ନ ରାଜନୈତିକ ଦଳ, ନେତା, ଅଫିସର, ଲିଜ ହୋଲଡର, ଠିକାଦାର ମାଲେମାଲ। କିନ୍ତୁ ଅଳ୍ପ ଲୋକ କାହିଁକି ଦେଶର ସଂପତ୍ତିକୁ ଭୋଗ କରିବେ ବୋଲି ନାୟକ ପ୍ରଶ୍ନ କରିଛନ୍ତି ।

ଆନ୍ତଃ କ୍ଲବ ଭଲିବଲ୍ ଟୁର୍ଣ୍ଣାମେଣ୍ଟ

# କୃଷ୍ଣପୁରକୁ ହରାଇ ମୁଗୁପାଳ ଚାମ୍ପିୟନ

ଯାଜପୁରରୋଡ, ୪।୧୨(ଡି.ଏନ୍.ଏ)

ଯାଜପୁର ଜିଲା କ୍ରୀଡ଼ା ସଂସଦ ଆନୁକୂଲ୍ୟରେ ନ୍ୟାଶନାଲ ଆଥଲେଟିକ୍ ଆସୋସିଏଶନ୍ ସହଯୋଗରେ ସ୍ଥାନୀୟ ତାହାରପୁର ଖେଳ ପଡ଼ିଆରେ ଅନୁଷ୍ଠିତ ଆନ୍ତଃ କ୍ଲବ ଭଲିବଲ୍ ଟୁର୍ଣ୍ଣାମେଣ୍ଟ ମଙ୍ଗଳବାର ଉଦ୍‌ଯାପିତ ହୋଇଛି। ଏହି ଟୁର୍ଣ୍ଣାମେଣ୍ଟରେ ମୋଟ ୧୨ଟି ଦଳ ଅଂଶଗ୍ରହଣ କରିଥିଲେ। ଶ୍ରେଷ୍ଠ ଦୁଇଦଳ ଭାବେ ମୁଗୁପାଳ ଓ କୃଷ୍ଣପୁର ଫାଇନାଲରେ ପ୍ରବେଶ କରିଥିଲେ। ଫାଇନାଲ ମ୍ୟାଚ୍‌ରେ (୨-୧) ସେଟ୍‌ରେ ମୁଗୁପାଳ ଦଳ କୃଷ୍ଣପୁରକୁ ହରାଇ ଚାମ୍ପିୟାନ ହୋଇଛି। ଏହି ଅବସରରେ ଅତିଥି ଭାବେ କ୍ରୀଡ଼ା ସଂସଦର କାର୍ଯ୍ୟକାରୀ ସଭାପତି ରସାନନ୍ଦ ମହାନ୍ତି, ସାଧାରଣ ସମ୍ପାଦକ ସମ୍ବିତ୍ ମହାନ୍ତି, ସରପଞ୍ଚ ଶରତ୍ ଚନ୍ଦ୍ର ଜେନା, ଭଲିବଲ୍ ସମ୍ପାଦକ ଅସିତ ପାଲ, ବୀରସେନ ସାହୁ, ବ୍ରଜବାହୁ ସାମଲ, ନିରଞ୍ଜନ ପୃଷ୍ଟି, ଆଥଲେଟିକ୍ ସମ୍ପାଦକ ସଞ୍ଜୀବ ବେହେରା, ଫୁଟବଲ୍ ସମ୍ପାଦକ ନରେନ୍ଦ୍ର ବଳ ପ୍ରମୁଖ ଉପସ୍ଥିତ ଥିଲେ। ଅମର ସାହୁ, ଅସିତ୍ ପାଲ୍, ଖଗେଶ୍ୱର ରଣା, ମନୋରନ ପଣ୍ଡା ପ୍ରମୁଖ ଖେଳ ପରିଚାଳନା କରିଥିଲେ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଅଦିନ ଶାଗ କିଆରି**
**ଅଦିନ କକେଇ ଡାକି ଆଇଚିଲୋ**
**ମୁଁ ତୋର କୋଉ ଝିଆରୀ ?**

ସ୍ୱାର୍ଥାନ୍ୱେଷୀ ବ୍ୟକ୍ତି ପରିଚିତ ବା ସମ୍ପର୍କୀୟ ବ୍ୟକ୍ତିଙ୍କ ସହ ମଧ ବିନା ସ୍ୱାର୍ଥରେ ଦିନେ କାଳେ ସମ୍ପର୍କ ରଖି ନ ଥାନ୍ତି କି ପଚାରି ନ ଥାନ୍ତି। କିନ୍ତୁ ହଠାତ୍ କୌଣସି ସ୍ୱାର୍ଥସିଦ୍ଧିର ଆବଶ୍ୟକ ପଡ଼ିଲେ ନିଜକୁ ମାମୁ, ମାଈଁ, ମଉସା, ମାଉସୀ ବା ଦାଦାଖୁଡ଼ୀର ପରିଚୟ ଦେଇ ନିକଟତର ହେବାକୁ ଚେଷ୍ଟା କରନ୍ତି। ତାଙ୍କର ଏପରି ଆଚରଣରୁ କିଛି ଗୁପ୍ତ ଉଦ୍ଦେଶ୍ୟ ଥିବା ସ୍ପଷ୍ଟ ବୁଝା ପଡ଼ିଯାଇଥାଏ। ଏପରିସ୍ଥଳେ ସେମାନଙ୍କ ଲୋକଦେଖାଣିଆ ମିଛ ସମ୍ପର୍କ ପ୍ରତି ମନରେ ପ୍ରଶ୍ନ ଉଠିବା ସ୍ୱାଭାବିକ ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଅଢ଼େଇ ଦିନିଆ ଏ ସଂସାର**
**ପୁଅ କାହାର ବା ଝିଅ କାହାର ?**

ମିଛ ମାୟା ଭରା ଏ ସାରା ଦୁନିଆରେ କେହି ନୁହନ୍ତି ଆପଣାର। ପୁଅ ଝିଅ ଭଳି ସମସ୍ତ ସମ୍ପର୍କ ଏଠି ମିଛ ବା ତୁଚ୍ଛ। ସମସ୍ତେ ମାୟାରେ ବଶ। ଏହି ଅନିତ୍ୟ ସଂସାରରେ କେହି କାହାର ନୁହନ୍ତି ବୋଲି ଏଠାରେ ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ
-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା.ଲି.

ପିପିଏଲ୍ ନବରତ୍ନା କପ୍ ଫୁଟବଲ ଟୁର୍ଣ୍ଣାମେଣ୍ଟ

# ଖୋର୍ଦ୍ଧାକୁ ହରାଇ ସେମିରେ କଟକ

ଚଣ୍ଡିଖୋଲ, ୪।୧୨(ଡି.ଏନ୍.ଏ.)



ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ଖେଳାଳିଙ୍କୁ ଅତିଥି ପୁରସ୍କାର ପ୍ରଦାନ କରୁଛନ୍ତି।

ବଡ଼ଚଣା ବ୍ଲକ ଅନ୍ତର୍ଗତ ଖଇରା ଖେଳ ପଡିଆରେ ରାଜୀବ ମେମୋରିଆଲ ୟୁଥ କ୍ଲବ ଦ୍ୱାରା ଆୟୋଜିତ ସର୍ବଭାରତୀୟ ମନୋରଞ୍ଜନ,ବବୁଲ ସ୍ମାରକୀ ପିପିଏଲ ନବରତ୍ନା କପ୍ ଫୁଟବଲ ଟୁର୍ଣ୍ଣାମେଣ୍ଟର ତୃତୀୟ କ୍ୱାଟର ଫାଇନାଲ ମ୍ୟାଚ ମଙ୍ଗଳବାର ଅନୁଷ୍ଠିତ ହୋଇଥିଲା। ଏଥିରେ ଏକାଡେମୀ ଖୋର୍ଦ୍ଧା ଟିମ୍ ସହ ମା' ଭୁଆଷୁଣୀ କ୍ଲବ କଟକ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଖୋର୍ଦ୍ଧାକୁ ୧-୦ଗୋଲରେ ହରାଇ କଟକ ତୃତୀୟ ଦଳ ଭାବେ ସେମି ଫାଇନାଲରେ ପ୍ରବେଶ କରିଛି। ଉଭୟ ଦଳ ମଧ୍ୟରେ ଖେଳ ବେଶ୍ ଚିତାକର୍ଷକ ହୋଇଥିଲା। ପ୍ରଥମାର୍ଦ୍ଧର ୧୯ମିନିଟରେ କଟକର ୧୧ନମ୍ବର ଜର୍ସି ପରିହିତ ସାହାରୁକ ଖାନ୍ ପ୍ରଥମ ଗୋଲଦେଇ ଦଳକୁ ଅଗ୍ରଣୀ ରଖିଥିଲେ। ସାହାରୁକ ଖାନ୍‌ଙ୍କୁ 'ମ୍ୟାନ ଅଫ ଦି ମ୍ୟାଚ' ଭାବେ ଘୋଷଣା କରାଯାଇଥିଲା। ଖେଳ ଶେଷରେ କ୍ଲବ ସଭାପତି ରାଜକିଶୋର ଓଝାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ରାଜ୍ୟପାଳ ପୁରସ୍କାରପ୍ରାପ୍ତ ଶିକ୍ଷୟିତ୍ରୀ ମମତା ଦାଶ ଅତିଥିଭାବେ ଯୋଗଦେଇ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ବିତରଣ କରିଥିବା ବେଳେ ପିପିଏଲ ଅଧିକାରୀ ମନ୍ମଥ କୁମାର ପୃଷ୍ଟି ଖେଳକୁ ଉଦ୍‌ଘାଟନ କରିଥିଲେ। କ୍ଲବ ସମ୍ପାଦକ ବିନୟ କୁମାର ପୃଷ୍ଟି ଧନ୍ୟବାଦ ଅର୍ପଣ କରିଥିଲେ। ବୁଧବାର ଶେଷ କ୍ୱାର୍ଟର ଫାଇନାଲ ମ୍ୟାଚ ରେଣୁଆ ଆଦିବାସୀ ଫୁଟବଲ ଏକାଡେମୀ ବଙ୍ଗଳା ଓ କଳିଙ୍ଗ ସ୍ପୋର୍ଟି ଭୁବନେଶ୍ୱର ମଧ୍ୟରେ ଅନୁଷ୍ଠିତ ହେବ। କିର୍ତ୍ତିରଞ୍ଜନ ସ୍ୱାଇଁ, ସରୋଜ ମହାରଣା, ଗିତାଲି ବରାଳ, ଅମିତ ନାୟକ ଖେଳ ପରିଚାଳନା କରିଥିଲେ।

**OFFICE OF THE EXECUTIVE ENGINEER**
**BALANGIR (R&B) DIVISION, BALANGIR**
...il : eepwd.bgr@rediffmail.com, eepwd.bgr@gmail.com, Ph.No. 06652-232374

**CANCELLATION OF WORK**

**Bid Identification No. BGR R&B / 14/ 2018-19**
**Letter No. 4408/ Dtd. 13.11.2018**
**Tender ID Nos. 2018_EICCL_50941_2**
**No. 4683/ Date. 30.11.2018**

No. 969-B

The works in Sl. No. 02 "Construction of approach road to Reserve Police Colony at Balangir District head quarters." In Bid Identification No. BGR R&B /14/ 2018-19 is hereby cancelled on technical ground.

Sd./- Executive Engineer,
Balangir (R&B) Division, Balangir

34028/11/0044/1819

**+PILES CLINIC+**
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
☎ 0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD
GAMS (PATNA)
DR. PREM KUMAR
BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
☎ 0674 - 2581337, 9437301790

**OFFICE OF THE SUPERINTENDENT,**
**SAHEED LAXMAN NAYAK MEDICAL COLLEGE AND HOSPITAL, KORAPUT**

Letter No. 1663 Dt. 01.12.2018

**NOTICE**

620-E

Sub- Provisional list of Paramedical Staff.

Candidate who have applied for the post of Laboratory Technician & Radiographer vide this office Advt. No. 1330, Dt.30.10.2018 are hereby requested to visit the Koraput Dist. Website www.koraput.nic.in to invite objections on the provisional list. They are requested to submit their objections on provisional list if any in the given prescribed format before 08.12.2018 by 5.00PM. No objections will be entertained beyond the stipulated time period. Final Merit list will be published in the website for appointment later.

*Sd./- Superintendent*
*SLNMCH, Koraput*

10121/11/0028/1819

**ZILLA SWASTHYA SAMITI, KHORDHA**
**DISTRICT PROGRAMME MANAGEMENT UNIT**
**NATIONAL HEALTH MISSION**

Advt. No. 14039/NHM/2018 Date: 03.12.2018

**NOTICE INVITING BID**
**FOR EQUIPMENT, AIDS & DRUGS FOR DEIC (RBSK) O/O CDM&PHO, KHORDHA**

**No. 623-E:-** Bids are invited from eligible firms / company / agency / suppliers /distributors to supply the Equipments, Aids & Drugs to DEIC, RBSK Khordha. The bid document with all information relating to the bidding process including the cost of bid document, EMD, Eligibility criteria and terms & conditions are available in the district website: www.khordha.nic.in. The last date of submission of bid is on or before 26.12.2018 by 4PM to the O/o-CDM&PHO, Khordha through Speed Post / Regd. Post / Courier only. The undersigned reserves the right to cancel any or all the bids without assigning any reason thereof.

*Sd./- Chief District Medical & Public Health Officer, Khordha*

10029/11/0034/1819

**ZILLA SWASTHYA SAMITI, SUNDARGARH**
**DISTRICT PROGRAMME MANAGEMENT UNIT, NHM**
**O/o CDM & PHO, SUNDARGARH, DIST.- SUNDARGARH**

Advertisement No. 5412 Date: 01.12.2018

**NOTICE**

**No. 616-E:-** Applications are invited from the contractual employees of NHM working in the same post under OSH & FW Society in other districts, desiring to be posted in SUNDARGARH District against the category of posts mentioned below:-

| Sl. No. | Name of the Post | No. of Vacancy |
|---|---|---|
| 1. | Block Programme Manager | 01 |
| 2. | Block Accounts Manager/Accountant | 04 |

Interested in-house candidates of NHM only are requested to apply in the prescribed format with NOC and experience certificate issued by concerned CDM & PHO. Selection shall be made on the highest length of incumbency in the same post under OSH&FW Society. The application format & other details can be obtained from the district website www.sundergarh.nic.in and the application should reach to the Office of the Chief District Medical & Public Health Officer, Sundargarh, PIN-770001 by dt.13th December 2018 upto (5.00PM) through REGISTERED / SPEED POST only. Envelopes containing applications must be superscribed in bold letter for the post applied for. Applications received after due date will be rejected and the undersigned is not responsible for any postal delay. Vacancies shown above are provisional and subject to change during the time of posting. Incomplete application in any form is liable for rejection. The undersigned reserves the right to accept / reject any application and modify / cancel the advertisement without assigning any reason thereof. Status of the selection process will be web hoisted in the District website and no personal query will be entertained.

*Sd./-*
*Chief District Medical & Public Health Officer*
*-cum-District Mission Director, Sundargarh*

10100/11/0068/1819

**ଜିଲ୍ଲା ପ୍ରକଳ୍ପ କାର୍ଯ୍ୟାଳୟ**
**ଶିକ୍ଷା ଅଧିକାର, ସର୍ବ ଶିକ୍ଷା ଅଭିଯାନ**
**ଶିକ୍ଷା ସଦନ, କୋରାପୁଟ- ୭୬୪୦୨୦**
ଫୋନ: (୦୬୮୫୨)-୨୫୨୪୨୧(କାର୍ଯ୍ୟାଳୟ), ୨୫୨୮୫୭(ଏମଆଇଏସ),
ଇମେଲ: dpckoraputssa.opepa@nic.in, grievancessakpt@gmail.com

**ବିଜ୍ଞାପନ**

ବିଜ୍ଞାପନ ସଂଖ୍ୟା: ୪୩୬୭/ ୨୦୧୮ V. Estt. 109/18 ତା: ୦୧।୧୨।୨୦୧୮

**No.63-n:-** ଏହି କାର୍ଯ୍ୟାଳୟ ବିଜ୍ଞାପନ ସଂଖ୍ୟା ୪୩୪୯ ତା: ୩୦।୧୧।୨୦୧୮ ରିଖ ପ୍ରତି ଦୃଷ୍ଟି ଆକର୍ଷଣ ପୂର୍ବକ, ସର୍ବସାଧାରଣ ଓ ବର୍ତ୍ତମାନ ଚିଠାଯୋଗ୍ୟ ତାଲିକାରେ ନାମ ରହିଥିବା ସମସ୍ତ ପ୍ରାର୍ଥୀ ଓ ପ୍ରାର୍ଥିନୀ +2 CT (Science & Arts) ଓ +3 B.Ed (Science & Arts)ଙ୍କ ଅବଗତ ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ନିଯୁକ୍ତି ସ୍ଥାନ ଚୟନ ପ୍ରକ୍ରିୟା (Counseling) ଆସନ୍ତା ତା: ୦୭।୧୨।୨୦୧୮ ରିଖ ପୂର୍ବାହ୍ନ ୧୦.୦୦ ଘଟିକା ସମୟରୁ ଜିଲ୍ଲା ପ୍ରକଳ୍ପ କାର୍ଯ୍ୟାଳୟ, ସର୍ବ ଶିକ୍ଷା ଅଭିଯାନ, କୋରାପୁଟ ଠାରେ ଅନୁଷ୍ଠିତ ହେବ। ପ୍ରସ୍ତାବିତ ନିଯୁକ୍ତି ସ୍ଥାନ ଚୟନ ପ୍ରକ୍ରିୟା (Counseling) ଦିନ ଓ ସମୟରେ ସମସ୍ତ ପ୍ରାର୍ଥୀ ଓ ପ୍ରାର୍ଥିନୀ ଉପସ୍ଥିତ ରହି ସ୍ଥାନ ଚୟନ ସହ ନିମ୍ନଲିଖିତ ପ୍ରମାଣପତ୍ର (Photocopies of Certificates) ଗୁଡ଼ିକର ନକଲ ଓ ଦୁଇଟି Passport size Photo ପ୍ରାଧିକୃତ ଅଧିକାରୀଙ୍କ ନିକଟରେ ଦାଖଲ କରିବେ ଓ ମୂଳ ଯୋଗ୍ୟତା ପ୍ରମାଣପତ୍ର (Original Certificates) ସହ ଯାଞ୍ଚ କରାଇନେବେ। ଏଥିରେ କୌଣସି ବ୍ୟତିକ୍ରମ ଯେପରି ନ ହୁଏ ସେଥିପ୍ରତି ସଜାଗ ରହିବେ।

ସ୍ୱା./- ଜିଲ୍ଲା ପ୍ରକଳ୍ପ ସଂଯୋଜକ
ଶିକ୍ଷା ଅଧିକାର-ସର୍ବ ଶିକ୍ଷା ଅଭିଯାନ, କୋରାପୁଟ

**DOCUMENTS REQUIRED TO BE SUBMITTED IN CRONOLOGICAL ORDER FOR VERIFICATION WITH ORIGINAL CERTIFICATES (For +2 CT Science & Arts Candidates) on 07.12.2018**

1. Application form (downloaded at the time of application), 2. HSC Certificate, 3. HSC Mark Sheet, 4. +2 Certificate, 5. +2 Mark Sheet (All semester), 6. Training Qualification Certificate, 7. Trainign qualification Mark Sheet, 8. +3 Certificate, 9. +3 Mark Sheets (if passed), 10. OTET pass certificate, 11. Recent Caste Certificate issued by competent authority, 12. Recent Residence Certificate issued by competent authority. 13. Valid Employment Exchange Registration Certificate, 14. 02 Nos. of recent color Passport size photograph, 15. Proof of identification (Aadhaar/ DL/Voter ID/PAN), 16. Equivalency certificate in case of certificates from Boards / Universities other than Odisha Board / Universities, 17. RCI registration certificate in case of special education Training.

**27035/11/0023/1819**

# CLASSIFIED DISPLAY

ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

Get Instant Cash against Gold, Sell Your Gold at 100% Market Value
**GOLD CASH LTD**
(an ISO 9001:2015 Certified Company)
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ ମୂଲ୍ୟରେ ନେବା ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ୍ ମୂଲ୍ୟରେ।
WWW.GOLDCASH.CO
9090902555, 9090903555
Toll Free: 1800-120-3430
Branches: Bhubaneswar, Cuttack, Bhadrak, Rourkela & Berhampur

**BALADEV FINANCE**
ଓଡ଼ିଶାର ସମସ୍ତ ଜିଲ୍ଲା ପାଇଁ Personal, Business, Home, Certificate, Property, କୃଷି ଓ ଶିକ୍ଷା ପାଇଁ ସମସ୍ତ ପ୍ରକାର loan Baladev Finance ଦ୍ୱାରା ଯୋଗାଇ ଦିଆଯାଉଛି।
ସୁଧ ୨%
M: 7750923286 7750921101

**ମୁଦ୍ରିକା ଫାଇନାନ୍ସ ଲୋନ**
ଏଜେଣ୍ଟ ଏବଂ ଡିଲରଶିପ୍ ସୁଧ 2% ଛାଡ଼, 40% ସହଜ କିସ୍ତିରେ କମ୍ପାନୀଠୁ ସମସ୍ତ ପ୍ରକାରର ଲୋନ ପ୍ରାପ୍ତ କରନ୍ତୁ।
7055500110
7351444489
ବାଲେଶ୍ୱର- 7088008550
କଟକ- 7618439473
ଯାଜପୁର- 7055111132
ସୁନ୍ଦରଗଡ଼- 8057447508

**FINANCE**
Mahalaxmi Credit Services
Bank ଯଦି ଋଣ ଦଉନୀ ତାହେଲେ ଆମ କମ୍ପାନୀ ଠାରୁ ମାର୍କସିଟ, ଆଧାରକାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ, BPL ଋଣ ପାଆନ୍ତୁ
25 ଲକ୍ଷ୍ୟ ପର୍ଯ୍ୟନ୍ତ। ବାର୍ଷିକ 4% ସୁଧ 35% ଛାଡ । ଘରେ ବସି ପାଆନ୍ତୁ
website- mahalaxmicreditservices.com
Lane No - 5, MG Road, Bangalore
9105689469
8395030162

ମୁଦ୍ରା ପ୍ରୋତ୍ସାହନ ଯୋଜନା ଅଧୀନରେ !!! ଋଣ ଉପରେ ଋଣ !!! ମାର୍କଶିଟ୍, ପର୍ସନାଲ, କୃଷି, ଲଘୁ ଉଦ୍ୟୋଗ ଋଣ !!! ମହିଳା ଗ୍ରୁପ୍, ବିକଳାଙ୍ଗଙ୍କ ପାଇଁ ବିଶେଷ ରିହାତି !!! ପ୍ରକ୍ରିୟାକରଣ ୨ କାଗଜ ଉପରେ !!! ୨% ସୁଧ, ୪୦% ସବ୍‌ସିଡି !!! ଗ୍ରୁପ୍ ଫାଇଲ୍ ଉପରେ ୨% କମିଶନ।
8376930370
7840058835
H.No.-258, VPO Duhai, Ghaziabad, (U.P.) 201203

**BUSINESS**
ଖାଲିଥିବା ଜମି ଓ ଛାତ ଉପରେ ଗ୍ୟାଲେକ୍ସୀ ଗ୍ରୁପର ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ । ଆଜି ହିଁ ସଂମ୍ପର୍କ କରନ୍ତୁ
Plot No - 114/617, Devaraja Mohalla, Bangalore, Karnataka 570001
Call / SMS Now
8697980580

**କୁବେର ଫାଇନାନ୍ସ**
ମୁଖ୍ୟମନ୍ତ୍ରୀ ଯୋଜନା ଦ୍ୱାରା ସବୁ ଋଣ ଘରେ ବସି 24 ଘଣ୍ଟାରେ ପାଆନ୍ତୁ। ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ବିପିଏଲ୍, ମହିଳା ଗ୍ରୁପ୍ ଋଣ 0% ସୁଧ, 35% ସବ୍‌ସିଡି।
Helpline
18002126755
08802683947
Dist: Khargaon, Madhyapradesh

**T.C.F. FINANCE**
(Govt. Registered)
ଋଣ ମାତ୍ର 6 ଘଣ୍ଟାରେ । ନୋ ଫାଇଲ ଚାର୍ଜ, ବିନା ଗ୍ୟାରେଣ୍ଟର ମାର୍କଶିଟ୍ ଋଣ (ସାର୍ଟିଫିକେଟ୍), ପ୍ରପର୍ଟି, ପର୍ସନାଲ, ଗୃହଋଣ, 0% ସୁଧ, 50% ରିହାତି। (ଠକମାନଙ୍କ ପ୍ରତି ସାବଧାନ)
08859668407
୩୯, ପଟେଲ ନଗର, ଆଶିକ ସାହାରନପୁର ରୋଡ୍, ଡେରାଡୁନ୍ - ୨୪୫୦୦୧

**LOAN**
ଆପଣ ବେରୋଜଗାରିଆ କି? ଏବେ ଓଡ଼ିଶାରେ ପ୍ରଥମ ଥର ପାଇଁ ମୁଦ୍ରା ଯୋଜନାରେ ଗ୍ରାହକମାନଙ୍କୁ କମ୍ ସୁଧରେ ୫୦ ହଜାରରୁ ୫ ଲକ୍ଷ ପର୍ଯ୍ୟନ୍ତ ଋଣ ଯୋଗାଇ ଦିଆଯାଉଛି।
ଡକ୍ୟୁମେଣ୍ଟ Email:- fileodisha@gmail.com ରେ ପଠାଇ ପାରିବେ।
7991052261
7991052595
405 D, Gandhi Marg, Mumbai-02

**LOAN**
ଓଡ଼ିଶାର ସମସ୍ତ ଜିଲ୍ଲା ପାଇଁ ବ୍ୟକ୍ତିଗତ, କୃଷି, ଶିକ୍ଷା, ମାର୍କସିଟ୍, ବ୍ୟବସାୟ ଓ ମହିଳା ଗ୍ରୁପ୍‌କୁ SAMRUDHI FINANCEରୁ ଋଣ ଯୋଗାଇ ଦିଆଯାଉଛି।
B-19, Tower No-9, New Moti Bagh, New Delhi-110021
8658167603
7064382081

ଟଙ୍କା ନେଉନ୍ତୁ, ଧୋକା ଦେଉନ୍ତୁ
**MUDRA FINANCE**
ଆଗେ କାମ - ପରେ ଦାମ
ପର୍ସନାଲ, ପ୍ରପର୍ଟି ମାର୍କଶିଟ୍, ବ୍ୟବସାୟ ଯାନବାହନ, ଆଧାରକାର୍ଡ ରାଶନ କାର୍ଡ ସମସ୍ତ ଋଣ
2% ସୁଧ - 40% ରିହାତି
ଘରେ ବସି ଉପଲବ୍ଧ
7078300380
Ram Nagar, Narnel, Haryana

ସରକାରୀ ଜନଧନ ଯୋଜନା ଅଧୀନରେ
**DHANLAXMI FINANCE PVT. LTD.**
(Regd. No.- 004554MH)
ଦ୍ୱାରା ସରକାରୀ ବ୍ୟାଙ୍କରୁ ମାର୍କଶିଟ୍, ପ୍ରପର୍ଟି, ଆଧାରକାର୍ଡ, ରାଶନକାର୍ଡ, ପର୍ସନାଲ , ଗ୍ରୁପ୍ ଋଣ ଏବଂ ସମସ୍ତ ଋଣ କେବଳ 24 ଘଣ୍ଟାରେ ପାଆନ୍ତୁ । 2% ସୁଧ 50% ରିହାତି
Helpline Number
9499218982
Goudunipokhari, Pharsibandha, Bhadrak, Odisha - 756132


**କେମିତି ମଦ ଛାଡ଼ିବେ**
ଆସକ୍ତ ବ୍ୟକ୍ତିଙ୍କୁ ନ ଆଣି ଏବଂ ନ ଜଣାଇ।
ସମୟ ପୂର୍ବାହ୍ନ ୧୦ ଘଟିକାରୁ ଅପରାହ୍ନ ୨ ଘଟିକା
**ବାଲେଶ୍ୱର:** ପ୍ରତିମାସ ୧ ଓ ୧୫, ହୋଟେଲ୍ କଳିଙ୍ଗ, ଷ୍ଟେଶନ ଗୋଲେଇ। **ଭଦ୍ରକ:** ୨ ଓ ୧୬, ହୋଟେଲ ବ୍ଲୁଭ୍ୟାଇନ୍, ରାଜଘାଟ ଛକ। **ଯାଜପୁର:** ୩ ଓ ୧୭, ହୋଟେଲ ଭୀମସେନ ପ୍ୟାଲେସ୍, ଗୋପବନ୍ଧୁ ଛକ, ଯାଜପୁର ରୋଡ୍। **କଟକ:** ୪ ଓ ୧୮, ହୋଟେଲ ମା ମଙ୍ଗଳା, ବାଦାମବାଡ଼ି, ବସ୍‌ଷ୍ଟାଣ୍ଡ ନିକଟ। **ଭୁବନେଶ୍ୱର:** ୫ ଓ ୧୯ ହୋଟେଲ ଟ୍ରାଇଡେଣ୍ଟ (ଲଜ୍) ବଡ଼ଜେନା କମର୍ସିଆଲ୍ କମ୍ପ୍ଲେକ୍ସ, ୧୩୮, ଅଶୋକ ନଗର, ୟୁନିଟ୍-୩। **ପୁରୀ:** ୬ ଓ ୨୦, ହୋଟେଲ ପାରାଡାଇଜ୍, ଗ୍ରାଣ୍ଡ ରୋଡ୍, ବଡ଼ଦାଣ୍ଡ ନିକଟ। **ବାରିପଦା:** ୭ ଓ ୨୧, ହୋଟେଲ ଗଣେଶ, ଗଣେଶ ମାର୍କେଟ। **ସମ୍ବଲପୁର:** ପ୍ରତିମାସ ୮ ଓ ୨୨, ହୋଟେଲ ସୁଜାତା, ଭି.ଏସ୍.ଏସ୍. ମାର୍ଗ, ବସ୍ ଷ୍ଟାଣ୍ଡ ନିକଟ। **ରାଉରକେଲା:** ପ୍ରତିମାସ ୯ ଓ ୨୩, ହୋଟେଲ ଶ୍ୟାମ, ବିସ୍ରା ରୋଡ୍, ରେଳ ଷ୍ଟେଶନ ନିକଟ। **ପାରାଦୀପ:** ପ୍ରତିମାସ ୮ ଓ ୨୨, ହୋଟେଲ ଆରିଷ୍ଟୋକ୍ରାଟ୍। **କେନ୍ଦ୍ରାପଡ଼ା:** ପ୍ରତିମାସ ୯ ଓ ୨୩, ହୋଟେଲ ଗୋଲ୍ଡେନ୍ ପ୍ୟାଲେସ, ବସ୍ ଷ୍ଟାଣ୍ଡ ନିକଟ। **କେନ୍ଦୁଝର:** ପ୍ରତିମାସ ୧୦ ଓ ୨୪, ହୋଟେଲ ବରାଳ, ବସ୍ ଷ୍ଟାଣ୍ଡ ନିକଟ। **ଝାରସୁଗୁଡ଼ା:** ୧୦ ଓ ୨୪, ହୋଟେଲ ଉପହାର, ଏମ୍.ବି. ରୋଡ୍। **ଅନୁଗୋଳ:** ୧୧ ଓ ୨୫, ହୋଟେଲ ଶାନ୍ତି, ବସ୍ ଷ୍ଟାଣ୍ଡ ନିକଟ। **ବ୍ରହ୍ମପୁର:** ୧୨ ଓ ୨୬, ହୋଟେଲ ଲେକ୍‌ଭ୍ୟୁ, ରାମ ଲିଙ୍ଗ ଟ୍ରଙ୍କ ରୋଡ୍। **ଭବାନୀପାଟଣା:** ୧୩ ଓ ୨୭, ରବି ଲଜ୍, ଗାନ୍ଧୀ ଚୌକ। **ବରଗଡ଼:** ୧୪ ଓ ୨୮, ହୋଟେଲ ଓରିଏଣ୍ଟାଲ, କେନାଲ ଆଭେନ୍ୟୁ ନିକଟ। **ଫୁଲବାଣୀ:** ପ୍ରତିମାସ ୧୨ ତାରିଖ, ହୋଟେଲ ରାଜ କମଲ। **ନୟାଗଡ଼:** ପ୍ରତିମାସ ୧୧ ତାରିଖ, ହୋଟେଲ ତ୍ରିନାଥ, ଦିଘା ରୋଡ୍। **ପୂଜା ହେଲ୍‌ଥ ସେଣ୍ଟର**
ଶ୍ୱାସରୋଗ, ଗଣ୍ଠି ଯନ୍ତ୍ରଣା, ଅର୍ଶ, ଓଜନ ବୃଦ୍ଧି ପାଇଁ ପ୍ରଭାବୀ ଔଷଧ।

**ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ**
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଚ୍ୟାଲେଞ୍ଜ
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଳେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।



A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

**M. GROUP FINANCE CO.**
DIWALI OFFER
(Govt. Approved)



- Personal Loan
- Business Loan
- Salary Slip Loan
- Marksheet Loan

2% Interest, ମହିଳାଙ୍କ ପାଇଁ 50% subsidy
Balasore, Ganjam, Dhenkanal, Delhi
9650189261
9718741868
Block Chack, Balasore-756027

**Shri Ram Finance**
ସେବା ସମିତି ଋଣ ଅଫର୍
ପିଏମ୍ ଋଣ ଯୋଜନା ଅଧୀନରେ 5 ଘଣ୍ଟାରେ ସବୁ ପ୍ରକାର ଋଣ ପାଆନ୍ତୁ । ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ବିପିଏଲ୍ କାର୍ଡ । ବେରୋଜଗାର, ମହିଳା ଗ୍ରୁପ୍ ଋଣ ପାଆନ୍ତୁ 2% ସୁଧ 40% ସରକାରୀ ସବ୍‌ସିଡି।
Helpline Numbers
9996568749
7497026992
Kutasingha, Tentuligaon, Bolangir, Orissa 767068

ନୂଆବର୍ଷର ଶୁଭ ଅବସରରେ
**GANAPATI FINANCE**
ଦ୍ୱାରା ଆଧାରକାର୍ଡ, ମାର୍କଶିଟ୍, ଗୃହ, ପର୍ସନାଲ, ବ୍ୟବସାୟ
ସମସ୍ତ ଋଣ ମାତ୍ର 4 ଘଣ୍ଟାରେ
1% ସୁଧ - 50% ରିହାତି
ମହିଳା / ସରକାରୀ କର୍ମଚାରୀଙ୍କ ପାଇଁ ରିହାତି
ଦ୍ରଷ୍ଟବ୍ୟ: ଆମର ଅନ୍ୟ କୌଣସି ଶାଖା ନାହିଁ
ଯୋଗାଯୋଗ: ସୁନିତା
8860416623, 8860412564
168, Sector 30, Jagatpura, Jaipur (Rajasthan)


ଭାରତର ନଂ.1 କମ୍ପାନୀ
**HI-TECH TOWER**
(GOVT. REGD.)
ଡିଜିଟାଲ ଉପକରଣ ଜମି, ଛାତ, ପ୍ଲଟ୍ କ୍ଷେତରେ ଲଗାନ୍ତୁ
ପାଆନ୍ତୁ 60 ଲକ୍ଷ ଅଗ୍ରିମ + ଭଡ଼ା 40 ହଜାର + 20,000/-ର ପ୍ରୋତ୍ସାହନ + ବାଇକ୍ + ଜୀବନ ବୀମା
(ଠକମାନଙ୍କ ପ୍ରତି ସାବଧାନ)
08818956614
09753490869
#908, Dhiman Line, Yamuna Nagar, Haryana.

**TARIFF** — MORE SPACE • SAME PRICE

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6×4 | 12×4 | 6×4 | 12×4 | 6×4 | 12×4 | 6×4 | 12×4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

* GST 5% Extra

**ପାଠକଙ୍କ ପାଇଁ ସୂଚନା:**
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



ନ୍ୟାୟ ଯଦି ବିଳମ୍ବରେ ମିଳିଲା, ତାହା ନ ମିଳିବା ସଙ୍ଗେ ସମାନ।

- ୱିଲିୟମ ଗ୍ଲାଡ୍‌ଷ୍ଟୋନ



## ସଂକ୍ଷେପରେ

### ବିଶ୍ୱ ଦିବ୍ୟାଙ୍ଗ ସଚେତନତା ଶିବିର

**ରସୁଲପୁର,୪।୧୨(ଡି.ଏନ୍.ଏ.):** ରସୁଲପୁର ବ୍ଲକ ଶିକ୍ଷାମଣ୍ଡଳ ଅଧୀନରେ ଥିବା କ୍ଷେତ୍ରପାଳ ନୋଡାଲ ଉଚ୍ଚ ବିଦ୍ୟାଳୟରେ ମଙ୍ଗଳବାର ବିଶ୍ୱ ଦିବ୍ୟାଙ୍ଗ ଦିବସ ପାଳିତ ହୋଇଛି। ଏହି ଅବସରେ ସମାଜରେ ୨୧ପ୍ରକାର ଦିବ୍ୟାଙ୍ଗ ବାଧିତ ପିଲା ବସବାସ କରୁଛନ୍ତି। ସେମାନଙ୍କୁ ଚିହ୍ନଟ କରି ସମାଜର ମୁଖ୍ୟ ସ୍ରୋତରେ ସାମିଲ କରିବା ଦିଗରେ ଅଭିଭାବକ, ଶିକ୍ଷୟିତ୍ରୀଶିକ୍ଷକ, ସ୍ୱେଚ୍ଛାସେବୀ ସମସ୍ତେ ସହାୟକ ହେବାକୁ ଆହ୍ୱାନ କରାଯାଇଛି। ପ୍ରତ୍ୟେକ ଦିବ୍ୟାଙ୍ଗଙ୍କ ନିକଟରେ ସ୍ୱତନ୍ତ୍ରତା ରହିଛି। ଉକ୍ତ ଗୁଣର ବିକାଶ ଘଟାଇବା ଦିଗରେ ସାମଗ୍ରିକ ଉଦ୍ୟମ ଜାରି ରଖିବା ଉଚିତ ବୋଲି ଅତିଥିମାନେ ଗୁରୁତ୍ୱାରୋପ କରିଥିଲେ। ବ୍ଲକ ସମ୍ବଳ ଅଧିକାରୀ ରାମକୃଷ୍ଣ ମହାକୁଡ଼ଙ୍କ ଅଧକ୍ଷତାରେ ଅନୁଷ୍ଠିତ ଶିବିରରେ ମୁଖ୍ୟ ଅତିଥି ଭାବରେ ରସୁଲପୁର ବ୍ଲକ ଶିକ୍ଷାଧିକାରୀ ସାନ୍ତନୁ କର, ସମ୍ମାନିତ ଅତିଥି ଭାବରେ ପ୍ରଧାନ ଶିକ୍ଷକ କୁଳମଣି ସାହୁ ପ୍ରମୁଖ ଯୋଗ ଦେଇଥିଲେ ।

### ଶକ୍ତି ପରମ୍ପରାରେ ଯାଜପୁରର ଐତିହ୍ୟ ବକ୍ତୃତା ପ୍ରତିଯୋଗିତା

**କୋରେଇ, ୪।୧୨(ସ୍ୱ:ପ୍ର):** କୋରେଇ ବ୍ଲକ ଅନ୍ତର୍ଗତ ଶଙ୍ଖଚିଲା ହିଙ୍ଗୁଳା ହାଇସ୍କୁଲ ପୁରାତନ ଛାତ୍ର ସଙ୍ଘ ପକ୍ଷରୁ ଶକ୍ତି ପରମ୍ପରାରେ ଯାଜପୁରର ଐତିହ ଶିର୍ଷକ ପ୍ରଥମ ବକ୍ତୃତା ମାଳା ପ୍ରତିଯୋଗିତା ସୋମବାର ଜିଲାର ବିଭିନ୍ନ ଅନୁଷ୍ଠାନକୁ ନେଇ ଅନୁଷ୍ଠିତ ହୋଇଯାଇଛି। ଛାତ୍ର ସଙ୍ଘ ସଭାପତି ଦୀନବନ୍ଧୁ ନାୟକଙ୍କ ସଭାପତିତ୍ୱ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ମୁଖ୍ୟ ବକ୍ତାଭାବେ କେନ୍ଦ୍ର ସାହିତ୍ୟ କାଡେମୀ ପୁରସ୍କାର ପ୍ରାପ୍ତ ସାହିତ୍ୟିକ ସୂର୍ଯ୍ୟମଣି ଖୁଣ୍ଟିଆ, ସମ୍ମାନିତ ଅତିଥିଭାବେ ଶିବ ଚରଣ ମାଝୀ ଯୋଗଦେଇଥିଲେ। ରମେଶ ଚନ୍ଦ୍ର ପତି, ଲୋକନାଥ ପୃଷ୍ଟି, ଅଶୋକ ପତି, ପଦ୍ମନାଭ ରାୟ ସ୍ୱତନ୍ତ୍ର ଅଭିଭାଷଣ ପ୍ରଦାନ କରିଥିଲେ । କାର୍ଯ୍ୟକ୍ରମରେ ରଘୁନାଥ ସାହୁ, ଅକ୍ଷୟ କୁମାର ଜେନା, ବିଷ୍ଣୁ ଚରଣ ସାହୁ, ଦେବ ପ୍ରକାଶ ସାହୁ ଓ ସ୍ମାଇଲ ଫାଉଣ୍ଡେଶନର ସଦସ୍ୟମାନେ ସହଯୋଗ କରିଥିଲେ। ମନୋରଞ୍ଜନ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।

### ସଂସ୍କୃତି ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ

**ସିଂହପୁର, ୪।୧୨(ଡି.ଏନ୍.ଏ.):** ସିଂହପୁରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଶିକ୍ଷାବିକାଶ ସମିତି ଓଡିଶାଙ୍କ ଆନୁକୂଲ୍ୟରେ ଭାରତୀୟ ସଂସ୍କୃତି ଅଧୀନରେ ସଂଗୀତ ଓ ଲଳିତକଳା କାର୍ଯ୍ୟଶାଳା ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପରିଚାଳନା ସମ୍ପାଦକ ଅଜୟ ପଣ୍ଡାଙ୍କ ସଭାପତିତ୍ୱରେ ସଂଗୀତ ଶିକ୍ଷକ ମାଧବାନନ୍ଦ ଦାସ ଉଦ୍‌ଘାଟ ଭାବେ ଯୋଗଦେଇଥିବାବେଳେ ନେତ୍ରାନନ୍ଦ ଦାସ ଅତିଥିଭାବେ ଯୋଗଦେଇଥିଲେ। ବୀରକିଶୋର ବେହେରା ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତା କରାଯାଇଥିଲା।

## ■ ଗୋପାଳପୁର ସମିତି ସଭ୍ୟା ଉପନିର୍ବାଚନ ପ୍ରଚାର ସରିଲା

# ସବୁ ଦଳ ପାଇଁ ସମ୍ମାନର ପ୍ରଶ୍ନ

**ଚଣ୍ଡିଖୋଲ, ୪।୧୨(ଡି.ଏନ୍.ଏ)**

ଆଗକୁ ଅଛି ୨୦୧୯ ସାଧାରଣ ନିର୍ବାଚନ। ସେଥିପାଇଁ ସବୁ ରାଜନୈତିକ ଦଳ ପ୍ରସ୍ତୁତି ଆରମ୍ଭ କରିସାରିଲେଣି। ବଡ଼ଚଣାରେ ନିର୍ବାଚନୀ ଉଷ୍ମତା ବୃଦ୍ଧି ପାଇଥିବାବେଳେ ଏହାପୂର୍ବରୁ ପଞ୍ଚାୟତ ସମିତିସଭ୍ୟା ଉପନିର୍ବାଚନ ରାଜନୀତିକୁ ବେଶ୍ ସରଗରମ କରିଛି। ଆସନ୍ତା ୬ତାରିଖରେ ବଡ଼ଚଣା ବ୍ଲକ ଅନ୍ତର୍ଗତ ଗୋପାଳପୁର ପଞ୍ଚାୟତର ସମିତିସଭ୍ୟା ଉପନିର୍ବାଚନ ଅନୁଷ୍ଠିତ ହେବ। ଏଥିପାଇଁ ମଇଦାନରେ ୪ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ମଙ୍ଗଳବାର ଥିଲା ନିର୍ବାଚନ ପ୍ରଚାରର ଶେଷ ଦିନ। ଶେଷ ଦିନରେ ସବୁ ଦଳର ନେତା ପଞ୍ଚାୟତ ସାରା ପରିକ୍ରମା କରିବା ସହ ପଥପ୍ରାନ୍ତ ସଭା କରିଥିଲେ। ଆଉ ଦିନକ ପରେ ଜଣା ପଡ଼ିବ ସେମାନଙ୍କ ସମର୍ଥିତ ପ୍ରାର୍ଥୀଙ୍କ ଭାଗ୍ୟ। ଏହା ବିଜେଡି, ଭାଜପା ଓ କଂଗ୍ରେସ ପାଇଁ ଯେତିକି ସମ୍ମାନର ପ୍ରଶ୍ନ ତାଠାରୁ ଅସନ୍ତୁଷ୍ଟ ବିଜେଡି ଗୋଷ୍ଠୀ ପାଇଁ ଏକ ଚ୍ୟାଲେଞ୍ଜ ସଦୃଶ ହୋଇଛି। ଏହି ପଞ୍ଚାୟତ ୨୩ୱାର୍ଡ ବିଶିଷ୍ଟ ହୋଇଥିବାବେଳେ ଏହାର ୨୦୧୧ଜନଗଣନା ଅନୁସାରେ ଲୋକ ସଂଖ୍ୟା ୬୭୩୨ ଓ ଭୋଟର ସଂଖ୍ୟା ୪୬୭୩। ଗତ ପଞ୍ଚାୟତ ନିର୍ବାଚନରେ ଏଠାରୁ ସମିତି ସଭ୍ୟାଭାବେ ନିର୍ବାଚିତ ହୋଇଥିବା ମନସ୍ୱିତା ରାଉତ ବଡ଼ଚଣା ବ୍ଲକରେ ସର୍ବାଧିକ ୨୩ ଶହ ୩୮ ଖଣ୍ଡ ଭୋଟ ବ୍ୟବଧାନରେ ବିଜୟୀ ହୋଇଥିଲେ। ସେ ବିଜୁଜନତା ଦଳର ସମର୍ଥନରେ ବିଜୟୀ ହୋଇଥିବାରୁ ପଞ୍ଚାୟତ ସମିତିର ଉପାଧ୍ୟକ୍ଷ ପଦବୀ ମଣ୍ଡନ କରିଥିଲେ। ପରେ ସେ ସରକାରୀ ଚାକିରୀରେ ଯୋଗ ଦେବା ହେତୁ ଇସ୍ତଫା ପ୍ରଦାନ କରିଥିଲେ। ଚଳିତ ଥର ବିଜେଡି ତଥା ବଡ଼ଚଣା ବିଧାୟକଙ୍କ ସମର୍ଥନରେ ଉପାସନା ପାତ୍ର ପ୍ରାର୍ଥୀ ହୋଇଛନ୍ତି। ସେ ହେଉଛନ୍ତି ପୂର୍ବତନ ବିଧାୟକ ମାନଗୋବିନ୍ଦ ସାମଲଙ୍କ ନାତୁଣୀ ବୋହୂ ଓ ବର୍ତ୍ତମାନର ସେହି ପଞ୍ଚାୟତର ସରପଞ୍ଚ ଶରତ କୁମାର ସାମଲଙ୍କ ପୁତୁରା ବୋହୂ। ସେହିଭଳି କଂଗ୍ରେସ ସମର୍ଥନରେ ନିରୂପମା ସାହୁ ପ୍ରାର୍ଥୀ ହୋଇଛନ୍ତି। ଭାରତୀୟ ଜନତା ପାର୍ଟି ଏଠାରେ ରୋଜାଲିନ ଭୂୟାଁଙ୍କୁ ପ୍ରାର୍ଥୀ କରିଛି। ବିଜେଡିରୁ ଅସନ୍ତୁଷ୍ଟ ହୋଇଥିବା ତଥା ବଡ଼ଚଣା ବିଧାୟକ ଅମର ପ୍ରସାଦ ଶତପଥୀଙ୍କ ବିରୋଧି ସାଜିଥିବା ୧୯ନଂ ଜୋନର ଜିଲା ପରିଷଦ ସଭ୍ୟା ଉତିଶ୍ରୀ ସାମଲ ତାଙ୍କ ସମର୍ଥନରେ ନିବେଦିତା ସାମଲଙ୍କୁ ପ୍ରାର୍ଥୀ କରାଉଛନ୍ତି। ୪ ଜଣଙ୍କୁ ମଇଦାନରେ ଠିଆ କରି ସବୁ ଦଳ ନିଜର ବଳ ଦେଖାଇବାକୁ ଚେଷ୍ଟା କରୁଛନ୍ତି। ଆଗାମୀ ବିଧାନସଭା ନିର୍ବାଚନର ଅବ୍ୟବହିତ ପୂର୍ବରୁ ନିର୍ବାଚନ ହେଉଥିବା ହେତୁ ସବୁ ରାଜନୈତିକ ଦଳ ପାଇଁ କର ବା ମର ପରିସ୍ଥିତି ସୃଷ୍ଟି ହୋଇଛି। ୨୦୧୭ ପଞ୍ଚାୟତ ନିର୍ବାଚନରେ ଏଠାରୁ ମନସ୍ୱିତା ରାଉତ ୨୯୯୨ ଭୋଟ ପାଇଥିଲା ବେଳେ ଯଶୋଦାରାଣୀ ରାଉତ ୬୫୪ ଓ ଲିପିମୟୀ ପ୍ରଧାନ ୩୧୬ ଭୋଟ ପାଇଥିଲେ।

## ପାଲଟପୁର ପଞ୍ଚାୟତରେ ରାଶନକାର୍ଡରେ ଅନିୟମିତତା ଅଭିଯୋଗ

# କାର୍ଯ୍ୟାନୁଷ୍ଠାନ ପାଇଁ ଜିଲାପାଳ, ବିଡିଓଙ୍କୁ ଦାବିପତ୍ର

**ଦଶରଥପୁର,୪।୧୨(ଡି.ଏନ୍.ଏ.)**

ଦଶରଥପୁର ବ୍ଲକ ପାଲଟପୁର ପଞ୍ଚାୟତରେ ରାଶନକାର୍ଡ(ରାଜ୍ୟ ଏବଂ କେନ୍ଦ୍ର) ଯୋଜନାରେ ବ୍ୟାପକ ଅନିୟମିତତା ହୋଇଛି। ଏହାର ତଦନ୍ତ ସହ କାର୍ଯ୍ୟାନୁଷ୍ଠାନ ପାଇଁ ସୋମବାର ଜିଲାପାଳ ଏବଂ ବିଡିଓଙ୍କୁ ପଞ୍ଚାୟତବାସୀ ଦାବିପତ୍ର ପ୍ରଦାନ କରିଛନ୍ତି। ଏହି ପଞ୍ଚାୟତରେ ଗୋଟିଏ ଗୋଟିଏ ପରିବାରକୁ ଭାଗଭାଗ ଦର୍ଶାଇ ୨/୩/୪ ଟି ଲେଖାଏ ରାଶନ କାର୍ଡ ପ୍ରଦାନ କରାଯାଇଛି। ଏପରି କି ପଞ୍ଚାୟତର ଶତାଧିକ ଅଯୋଗ୍ୟ ପରିବାରକୁ ଏହି ଯୋଜନାରେ ସାମିଲ କରାଯାଇଛି। ରାଶନକାର୍ଡ ପାଇବାକୁ ହିତାଧିକାରୀ ଅଯୋଗ୍ୟ ହୋଇଥିଲେ ମଧ ଶାସକ ଦଳର ନେତା ଓ କର୍ମୀ ହୋଇଥିବାରୁ ସେମାନଙ୍କୁ ଅହେତୁକ ଅନୁକମ୍ପା ଦେଖାଇ ରାଶନ କାର୍ଡ ଯୋଜନାରେ ସାମିଲ କରାଯାଇଛି ବୋଲି ଅଭିଯୋଗରେ ଦର୍ଶାଯାଇଛି। ଯାହାକି ସରକାରୀ ନିୟମକୁ ସମ୍ପୂର୍ଣ୍ଣ ଭାବେ ଉଲଂଘନ କରୁଥିବା କୁହାଯାଇଛି। ଅନ୍ୟପକ୍ଷରେ ବହୁ ଯୋଗ୍ୟ ହିତାଧିକାରୀଙ୍କୁ ଉଦ୍ଦେଶ୍ୟମୂଳକଭାବେ ଯୋଜନାରୁ ବାଦ୍ ଦିଆଯାଉଛି। ଏହାର ତଦନ୍ତ କରାଯାଇ ଚଞ୍ଚକତା କରି କାର୍ଡ ହାତେଇଥିବା ଅଯୋଗ୍ୟ ହିତାଧିକାରୀଙ୍କଠାରୁ କାର୍ଡ ପ୍ରତ୍ୟାହାର କରିବାକୁ ଦାବିପତ୍ରରେ ଉଲ୍ଲେଖ ରହିଛି। ଆସନ୍ତା ୧୫ଦିନ ମଧ୍ୟରେ ଦାବିପତ୍ର ଉପରେ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ନିଆ ନ ଗଲେ ବ୍ୟାପକ ଆନ୍ଦୋଳନ କରାଯିବା ସହ କୋର୍ଟଙ୍କ ଦ୍ୱାରସ୍ଥ ହେବେ ବୋଲି ପୂର୍ବତନ ଜିଲାପରିଷଦ ସଭ୍ୟ ଭରତ ଚନ୍ଦ୍ର ପରିଡ଼ା, ପୂର୍ବତନ ସମିତିସଭ୍ୟ ବିମଳ ମଲ୍ଲିକ, ପୀତବାସ ବେହେରା, ପତିତପାବନ ଦାଶ, ସାଗର ରଞ୍ଜନ ପରିଡ଼ା, ନିରଞ୍ଜନ ମିଶ୍ର, ଲଳିତ ବାରିକ, ଧୀରେନ୍ଦ୍ର ବେହେରା, ଯୁବରାଜ ମଲ୍ଲିକ, ଚନ୍ଦ୍ରଶେଖର ସାହୁସମେତ ପଞ୍ଚାୟତର ବହୁ ବ୍ୟକ୍ତି ଦାବି କରିଛନ୍ତି।

## ■ ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ କଲେ ବିଧାୟକ

# ୨୬୩ ଆଦିବାସୀ ପରିବାରଙ୍କୁ ଜମି ପଟ୍ଟା ବଣ୍ଟନ

**ସୁକିନ୍ଦା, ୪।୧୨(ଡି.ଏନ୍.ଏ.)**

ସୁକିନ୍ଦା ବ୍ଲକ ଅନ୍ତର୍ଗତ ପିମ୍ପୁଡିଆ ପଞ୍ଚାୟତରେ ମଙ୍ଗଳବାର ବିଧାୟକ ପ୍ରୀତିରଞ୍ଜନ ଘଡାଇଙ୍କ ଦ୍ୱାରା ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ ସହ ଜମି ପଟ୍ଟା ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପିମ୍ପୁଡିଆ ପଞ୍ଚାୟତ କାର୍ଯ୍ୟାଳୟଠାରେ ବରିଷ୍ଠ ବିଜେଡି ନେତା କ୍ଷେତ୍ରମୋହନ ମହାରଣାଙ୍କ ସଭାପତିତ୍ୱରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ସଭାରେ ମୁଖ୍ୟ ଅତିଥିଭାବେ ବିଧାୟକ ଯୋଗ ଦେଇଥିଲେ। ସମ୍ମାନିତ ଅତିଥିଭାବେ ବ୍ଲକ ଅଧ୍ୟକ୍ଷା ପଦ୍ମାବତୀ ଜେନା, ଉପାଧ୍ୟକ୍ଷ ଦିବ୍ୟରଞ୍ଜନ ବରାଳ, ସରପଞ୍ଚ ମନୋରମା ନାୟକ, ସମିତିସଭ୍ୟା ଜାନକୀ ମହାନ୍ତ ପ୍ରମୁଖ ଉପସ୍ଥିତଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ବ୍ଲକ ଅଧ୍ୟକ୍ଷା ଭଗବତୀ ମହାନ୍ତ, ଶ୍ରମିକ ନେତା ନାରାୟଣ ଚନ୍ଦ୍ର ଧୀର, ପ୍ରତାପ ଚନ୍ଦ୍ର ପାତ୍ର, ସୁକାନ୍ତ କୁମାର ନାୟକ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଜଙ୍ଗଲ ଜମି ଅଧିକାର ଆଇନ ଅନୁଯାୟୀ ବିଧାୟକ ଘଡାଇ ୨୬୩ ଜଣ ଆଦିବାସୀ ପରିବାରଙ୍କୁ ଜମି ପଟ୍ଟା ବଣ୍ଟନ କରିଛନ୍ତି। ଏଥିସହ ଜିଲା ଖଣିଜ ପାଣ୍ଠିରେ ୧୦ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ନିର୍ମିତ ପିମ୍ପୁଡିଆ ସାପ୍ତାହିକ ହାଟର ୨ଟି କମ୍ପ୍ଲେକ୍ସ ଉଦ୍‌ଘାଟନ, ଗ୍ରାମ ଉନ୍ନୟନ ରାସ୍ତାଠାରୁ ଆମ୍ବପାଳ ମୁଣ୍ଡା ସାହି ରାସ୍ତାର ଶିଳାନ୍ୟାସ, ଆମ ଗାଁ ଆମ ବିକାଶ ଯୋଜନାରେ ୫ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ମହିଳା ଗୋଷ୍ଠୀ କେନ୍ଦ୍ର ଏବଂ ଓଡ଼ିଶା ଖଣି ନିଗମ ଦ୍ୱାରା ୧୦ ଲକ୍ଷ ଟଙ୍କା ଅଟକଳରେ ବାମ ନଗରଠାରେ ନିର୍ମିତ ଗୋଷ୍ଠୀ କେନ୍ଦ୍ରର ଉଦ୍‌ଘାଟନ କରିଥିଲେ। ସୁକିନ୍ଦା ଅତିରିକ୍ତ ତହସିଲଦାର ଅସିତ୍ କୁମାର ମହାନ୍ତି ଏବଂ ବ୍ଲକ ମଙ୍ଗଳ ଅଧିକାରୀ ସନ୍ତୋଷ କୁମାର ପତିଙ୍କ ଉପସ୍ଥିତିରେ ବିଧାୟକଙ୍କ ଦ୍ୱାରା ଜମି ପଟ୍ଟା ବଣ୍ଟନ କରାଯାଇଥିଲା।



ବିଧାୟକଙ୍କ ଗହଣରେ ଜମି ପଟ୍ଟା ପାଇଥିବା ହିତାଧିକାରୀ।

## ■ ନାବାଳିକାଙ୍କୁ ଅପହରଣ ଅଭିଯୋଗ

# ସୁରକ୍ଷା ପାଇଁ ଥାନାର ଦ୍ୱାରସ୍ଥ ହେଲେ ପରିବାର

**ଧର୍ମଶାଳା/ଜେନାପୁର, ୪।୧୨(ଡି.ଏନ୍.ଏ.)**

ଧର୍ମଶାଳା ବ୍ଲକ ଜେନାପୁର ଥାନା ଅନ୍ତର୍ଗତ କମାଗଡ ଗ୍ରାମରେ ଜଣେ ଦଳିତ ନାବାଳିକାଙ୍କୁ ଅପହରଣ କରାଯାଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ଏ ନେଇ ନାବାଳିକାଙ୍କ ପିତା ମଙ୍ଗଳବାର ଜେନାପୁର ଥାନାରେ ଅଭିଯୋଗ କରିବା ସହ ପରିବାରର ସୁରକ୍ଷା ଦାବି କରିଛନ୍ତି। ପୋଲିସ ଏକ ମାମଲା (୨୭୮/୧୮) ରୁଜୁ କରି ତଦନ୍ତ ଚଳାଇଛି। ଘଟଣାକୁ ନେଇ ଗ୍ରାମରେ ଉତ୍ତେଜନା ଲାଗିରହିଥିବାରୁ ପୋଲିସ ପକ୍ଷରୁ ଏକ ପ୍ଲାଟୁନ ଫୋର୍ସ ମୁତୟନ କରାଯାଇଛି। ପ୍ରକାଶ ଯେ, ଗତ ଶନିବାର ସନିଆ ରାଉତ(୧୮) ଉକ୍ତ ଗ୍ରାମର ଜଣେ ଦଳିତ ପରିବାର ସମ୍ପୃକ୍ତ ନାବାଳିକାଙ୍କୁ ଅପହରଣ କରି ନେଇଥିଲେ। ସୋମବାର ବିଳମ୍ବିତ ରାତିରେ ସାନିଆଙ୍କ ପରିବାରଲୋକଙ୍କ ସହିତ କେତେଜଣ ଯୁବକ ନାବାଳିକାଙ୍କ ଘରେ ପଶି ତାଙ୍କ ପରିବାର ସଦସ୍ୟଙ୍କୁ ମାଡ ମାରିଥିଲେ। ପରେ ଉଭୟ ଗୋଷ୍ଠୀ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଥିଲା। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବା ସହ ୨୪ ଘଣ୍ଟା ମଧ୍ୟରେ ଅଭିଯୁକ୍ତମାନଙ୍କୁ ଗିରଫ ପାଇଁ ପ୍ରତିଶ୍ରୁତ ଦେଇଥିଲେ। ଏ ନେଇ ନାବାଳିକାଙ୍କ ପିତା ଥାନାର ଦ୍ୱାରସ୍ଥ ହୋଇଥିବାବେଳେ ପରିବାରର ସୁରକ୍ଷା ପାଇଁ ଥାନାରେ ଦାବି କରିଛନ୍ତି।

## ■ ଇଡ୍‌କଲ ଖଣିରେ ଶ୍ରମିକ ବିକ୍ଷୋଭ

# ଖଣି ପରିବହନକୁ ବିରୋଧ

**କାଳିଆପାଣି, ୪।୧୨(ଡି.ଏନ୍.ଏ.)**

ଇଡ୍‌କଲ ଖଣିରେ ମଙ୍ଗଳବାର ଉତ୍ତେଜନା ପରିସ୍ଥିତି ସୃଷ୍ଟି ହୋଇଛି। ଦୀର୍ଘଦିନ ଧରି ଖଣିରେ ପରିବହନ ବନ୍ଦ ରହିଥିବା ବେଳେ କମ୍ପାନୀରେ ଗଚ୍ଛିତ ରହିଥିବା ମାଲଗୁଡିକୁ ମଙ୍ଗଳବାର କମ୍ପାନୀ ପକ୍ଷରୁ ପରିବହନ କରାଯାଇଥିଲା। ଘଟଣାସ୍ଥଳରେ ଖଣିରୁ ଛଟେଇ ହୋଇଥିବା ଶ୍ରମିକମାନେ ପହଞ୍ଚି ପରିବହନ କାର୍ଯ୍ୟକୁ ବିରୋଧ କରିବା ସହ ଖଣି ଫାଟକ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ପରିବହନ କାର୍ଯ୍ୟରେ ଛଟେଇ ଶ୍ରମିକଙ୍କୁ ନିୟୋଜିତ କରିବା ପରେ ଖଣି ପରିବହନ କରିବାକୁ ଆନ୍ଦୋଳନକାରୀମାନେ ଦାବ କରିଥିଲେ। ଶ୍ରମିକଙ୍କ ବିରୋଧ ଫଳରେ ଖଣି କାର୍ଯ୍ୟାଳୟ ବନ୍ଦ ରହିଥିଲା। ଖଣିରେ ଦୀର୍ଘଦିନ ହେବ ଶ୍ରମିକ ଓ କର୍ମଚାରୀ ମାନେ ଛଟେଇ ହୋଇ ରହିଛନ୍ତି। ହେଲେ ନିଗମ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନ ଥିବାରୁ ଶ୍ରମିକଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଛି। ତେବେ ଆଗାମୀ ଦିନରେ ଏ ଦିଗରେ କୌଣସି ପଦକ୍ଷେପ ଗ୍ରହଣ କରା ନ ଗଲେ ଶ୍ରମିକମାନେ ଆନ୍ଦୋଳନର ଚେତାବନୀ ଦେଇଛନ୍ତି । ଘଟଣାକୁ ନେଇ ଇଡ୍‌କଲ ତଳଙ୍ଗୀ ଖଣିପରିଚାଳକ ଜ୍ୟୋତି ମିଶ୍ରଙ୍କୁ ପଚାରିବାରୁ କୌଣସି ଉତ୍ତର ଦେଇ ନ ଥିଲେ ।



ଧାରଣାରେ ବସିଥିବା ଶ୍ରମିକ।

## କେଡିଏମ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ

# ଚହଟା, କୁମାରୀ ବିଜୟୀ

**ଧର୍ମଶାଳା, ୪।୧୨(ଡି.ଏନ୍.ଏ.)**

ଧର୍ମଶାଳା ନିର୍ବାଚନମଣ୍ଡଳୀର ବଡ଼କାଏମାସ୍ଥିତ ଖେଳ ପଡ଼ିଆରେ ୪ର୍ଥ କଳ୍ପତରୁ ଦାସ ମେମୋରିଆଲ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ମଙ୍ଗଳବାର ୨ଟି ମ୍ୟାଚ୍ ଅନୁଷ୍ଠିତ ହୋଇଯାଇଛି। ଦୁଇଟି ମ୍ୟାଚ୍‌ରେ ଯଥାକ୍ରମେ କୁମାରୀ ଓ ଚହଟା ଦଳ ବିଜୟୀ ହୋଇଛନ୍ତି। ପ୍ରଥମ ମ୍ୟାଚ୍‌ଟି ସୁନ୍ଦରିଆ ଓ କୁମାରୀ ଦଳ ମଧ୍ୟରେ ଖେଳାଯାଇଥିଲା। ସୁନ୍ଦରିଆ ଦଳ ପ୍ରଥମ ବ୍ୟାଟିଂ କରି ନିର୍ଦ୍ଧାରିତ ୧୫ ଓଭର୍‌ମଧ୍ୟରୁ ୧୪.୩ ଓଭର୍‌ରେ ସମସ୍ତ ଉଇକେଟ ହରାଇ ୧୦୦ ରନ୍ ସଂଗ୍ରହ କରିଥିଲେ। ଦଳ ପକ୍ଷରୁ ସାଗର ସାମଲ ସର୍ବାଧିକ ୨୭ରନ୍ ସଂଗ୍ରହ କରିଥିଲେ। ବିପକ୍ଷ କୁମାରୀ ଦଳର ସମ୍ବିତ ପରିଡ଼ା ୪ଟି ଉଇକେଟ ପାଇଥିଲେ। ଜବାବରେ କୁମାରୀ ଦଳ ୧୦ ଓଭର୍ କୌଣସି ଉଇକେଟ ନ ହରାଇ ମ୍ୟାଚ୍‌ରେ ବିଜୟ ଲାଭକରିଥିଲା। ଦଳପକ୍ଷରୁ ମନୋଜ ପଲେଇ ୫୨ରନ୍ ସଂଗ୍ରହ କରିଛନ୍ତି। ଏହିପରି ଚହଟା ଓ ଜାରକା ମଧ୍ୟରେ ଅନୁଷ୍ଠିତ ଦ୍ୱିତୀୟ ମ୍ୟାଚ୍‌ରେ ଜାରକା ପ୍ରଥମେ ମ୍ୟାଟିଂ କରି ନିର୍ଦ୍ଧାରିତ ୧୫ ଓଭର୍‌ରେ ସମସ୍ତ ଉଇକେଟ ହରାଇ ୧୩୮ରନ୍ ସଂଗ୍ରହ କରିଥିଲା। ଦଳପକ୍ଷରୁ ଅବିନାଶ ସାହୁ ୩୪ରନ୍ ସଂଗ୍ରହ କରିଥିଲେ। ଜବାବରେ ଚହଟା ଦଳ ୧୪ ଓଭରରେ ୫ ଉଇକେଟ ହରାଇ ମ୍ୟାଚ୍‌ର ବିଜୟୀ ହୋଇଥିଲା। ଦଳପକ୍ଷରୁ ଶେଖର ଦାସ ୫୪ରନ୍ ସଂଗ୍ରହ କରିଥିଲେ। ପ୍ରତାପ କୁମାର ନାୟକ, ନାରାୟଣ ପାଳ ପରିଚାଳନା କରିଥିଲେ। ବାସୁଦେବ ମିଶ୍ର, ପ୍ରକାଶ ଧଳ ସ୍କୋରର୍ ଭାବେ ସହାୟତା କରିଥିଲେ। ବୁଧବାର କୋଟପୁର ସହିତ ନଠୁଆବର ଓ ଚୋରମୁହାଁ ସହିତ ଭବାନୀପୁର ମଧ୍ୟରେ ଅନୁଷ୍ଠିତ ହେବ ।


## ■ ପୋଖରୀରେ ବୁଡ଼ି ଶିଶୁ ମୃତ୍ୟୁ ଘଟଣା

# ଅଙ୍ଗନୱାଡ଼ି କର୍ମୀଙ୍କୁ ବହିଷ୍କାର ଦାବି

**ରସୁଲପୁର,୪।୧୨(ଡି.ଏନ୍.ଏ.)**

ରସୁଲପୁର ବ୍ଲକ ଅନ୍ତର୍ଗତ ନଠୁଆବର ପଞ୍ଚାୟତ କୋରକୋର ଅଙ୍ଗନୱାଡ଼ି କେନ୍ଦ୍ର ଅଧିନସ୍ଥ ୨ଜଣ ପ୍ରି-ସ୍କୁଲ ପିଲା ଗତ ନଭେମ୍ବର ୧୧(ରବିବାର ଦିନ) କେନ୍ଦ୍ର ନିକଟସ୍ଥ ପୋଖରୀରେ ବୁଡ଼ି ପ୍ରାଣ ହରାଇଥିଲେ। ଏଥିପାଇଁ ମୃତ ଶିଶୁଙ୍କ ପରିବାର ଲୋକେ ଅଙ୍ଗନୱାଡି କର୍ମୀଙ୍କୁ ଦାୟୀ କରିଛନ୍ତି। ତାଙ୍କୁ ବହିଷ୍କାର ଦାବିରେ ବ୍ଲକ କାର୍ଯ୍ୟାଳୟଠାରୁ ଆରମ୍ଭ କରି ଯାଜପୁର ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଥିଲେ। ଅଭିଯୋଗ ମୁତାବକ ବ୍ଲକ ମହିଳା ଓ ଶିଶୁ ବିକାଶ ଅଧିକରିଣୀଙ୍କ ପକ୍ଷରୁ ରିପୋର୍ଟ ପ୍ରଦାନ କରାଯାଇଛି। ମାତ୍ର ଉକ୍ତ ରିପୋର୍ଟକୁ ନେଇ ମୃତ ଶିଶୁଙ୍କ ପରିବାର ପକ୍ଷରୁ ଅସନ୍ତୋଷ ପ୍ରକାଶ ପାଇଛି। ମଙ୍ଗଳବାର ପୁଣି ମୃତ ଶିଶୁଙ୍କ ପରିବାରବର୍ଗ ଅଙ୍ଗନୱାଡ଼ି କର୍ମୀଙ୍କ ବହିଷ୍କାର ଦାବିରେ ଶିଶୁ ବିକାଶ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଥିଲେ। ଅଭିଯୋଗକାରୀଙ୍କ କହିବା ହେଲା ରବିବାର ଅଣ୍ଡା ଓ ଛତୁଆ ବଣ୍ଟା ଯିବାକୁ କାର୍ଯ୍ୟାଳୟ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇ ନ ଥିଲା। ଏହାସତ୍ତ୍ୱେ ଅଙ୍ଗନୱାଡି କର୍ମୀ କାହିଁକି କେନ୍ଦ୍ର ଖୋଲିଥିଲେ। ତେଣୁ ଶିଶୁଦ୍ୱୟଙ୍କ ମୃତ୍ୟୁ ପାଇଁ ଅଙ୍ଗନୱାଡ଼ି କର୍ମୀ ଦାୟୀ ବୋଲି ଅଭିଯୋଗ କରିଥିଲେ। ଅଭିଯୋଗକାରୀମାନେ ସୁପରଭାଇଜର ଚମ୍ପାବତୀ ବେହେରାଙ୍କୁ ଏ ନେଇ ପ୍ରଶ୍ନ କରିବାରେ ତାଙ୍କ କାର୍ଯ୍ୟାଳୟ ପକ୍ଷରୁ ଜିଲା ଅଧିକାରୀଙ୍କୁ ରିପୋର୍ଟ ପ୍ରଦାନ କରାଯାଇଛି। ଜିଲା ଅଧିକାରୀ ଏ ଦିଗରେ ଯାହାକିଛି ନିଷ୍ପତି ନେବେ ବୋଲି ବେହେରା ପ୍ରକାଶ କରିଛନ୍ତି।

# କାଳୀ ପୂଜା କମିଟି ସଦସ୍ୟଙ୍କୁ ସମ୍ବର୍ଦ୍ଧନା



କାଳୀପୂଜା କମିଟି ସଦସ୍ୟଙ୍କୁ ସମ୍ବର୍ଦ୍ଧନା ଉତ୍ସବରେ ମଞ୍ଚାସୀନ ଅତିଥି।

**ଯାଜପୁର ଅଫିସ,୪।୧୨**

ଯାଜପୁରର ଗଣପର୍ବ କମିଟି ଓ ଶାନ୍ତି କମିଟିର ସଦସ୍ୟମାନଙ୍କୁ ମଙ୍ଗଳବାର ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ସମ୍ମିଳନୀ ଗୃହରେ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଏସ୍‌ପି ଚରଣସିଂ ମୀନା ମୁଖ୍ୟଅତିଥି ଭାବେ ଯୋଗଦେଇ ଯାଜପୁରରେ କାର୍ଯ୍ୟ କରିବାର ଅନୁଭୂତି ଓ ଅନୁଭବ ସ୍ମରଣୀୟ ବୋଲି କହିଥିଲେ। ପ୍ରତ୍ୟେକ ଏଠି ଆଇନକୁ ସମ୍ମାନ ଓ ସହଯୋଗ ଦେଇ ଜାଣିଥିବାରୁ ପ୍ରଶାସନ ପାଇଁ କାର୍ଯ୍ୟ କରିବା ସହଜ ହୋଇଛି ବୋଲି ମତ ଦେଇ ଆଗକୁ ଏହିପରି ସହଯୋଗ ଓ ସମନ୍ୱୟ ପ୍ରଦାନ ପାଇଁ ଜିଲାବାସୀଙ୍କୁ ଅନୁରୋଧ କରିଥିଲେ। ଉପଜିଲାପାଳ ନାରାୟଣ ଚନ୍ଦ୍ର ଧଳ, ପୂର୍ବତନ ପୌରପାଳ ଭବ ପ୍ରସାଦ ଦାସ, ଉପଖଣ୍ଡ ଆରକ୍ଷୀ ଅଧିକାରୀ ପ୍ରଶାନ୍ତ କୁମାର ମଲ୍ଲ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ପରେ ଶାନ୍ତି କମିଟିର ସଦସ୍ୟ କର୍ଣ୍ଣାଟ କେଶରୀ ଦାସ, ଦିଗମ୍ବର କର, ଭବ ପ୍ରସାଦ ଦାସ, ବିଜୟ କୁମାର ମହାନ୍ତି, ସନ୍ତୋଷ କୁମାର ମଲ୍ଲିକ, ବଳଭଦ୍ର ଦାସ, ରାଜୀବ ମହାନ୍ତି, ସମରଜିତ୍ ମହାନ୍ତି, ମହମ୍ମଦ ଆର୍ଶଦ ଜମାଲଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପୂଜା କମିଟି ଭାବେ ନାରାୟଣୀ ଶ୍ୟାମା କାଳୀ ପୂଜା କମିଟି, ଭବାନୀ ପୂଜା କମିଟି, ହର ପାର୍ବତୀ ଶ୍ୟାମା ପୂଜା କମିଟି, ସାନ ବଜାର ଶ୍ୟାମା ପୂଜା କମିଟିର ସଦସ୍ୟ ମାନଙ୍କୁ ଅତିଥି ମାନେ ସମ୍ବର୍ଦ୍ଧିତ କରିଥିଲେ।

## ■ ଆଜି ବିଶ୍ୱ ମୃତ୍ତିକା ଦିବସ

# ମାଟିରେ ଅମ୍ଳ ପରିମାଣ ଚିନ୍ତାର କାରଣ

**ରସୁଲପୁର,୪।୧୨**
**(ରଞ୍ଜିତ କୁମାର ରାଉତ)**

ରସୁଲପୁର ବ୍ଲକର ୨୮ଗୋଟି ପଞ୍ଚାୟତରୁ ହାରାହାରି ୨୦ଟି ପଞ୍ଚାୟତର ଚାଷ ଜମିର ମାଟିରେ ଅମ୍ଳ ପରିମାଣ ଚିନ୍ତାର କାରଣ ପାଲଟିଛି। ବ୍ଲକ କୃଷି ବିଭାଗ ପକ୍ଷରୁ କରାଯାଇଥିବା ସର୍ଭେରୁ ଏଭଳି ସାଂଘାତିକ ତଥ୍ୟ ପଦାକୁ ଆସିଛି। କୃଷକମାନେ କୃଷି କ୍ଷେତର ମାଟି ପରୀକ୍ଷାକରି ମଞ୍ଜି ଓ ଚାରାରୋପଣ କରିବାକୁ ବିଭାଗ ପକ୍ଷରୁ ପରାମର୍ଶ ଦିଆଯାଇଛି। ଯେଉଁ ଚାଷୀମାନେ କ୍ଷେତର ମାଟି ପରୀକ୍ଷା କରିବେ ସେମାନଙ୍କୁ ବିଭାଗ ପକ୍ଷରୁ ଏକ କାର୍ଡ ପ୍ରଦାନ କରାଯିବ । ଚାଷ ଜମିର ମାଟିର ଉର୍ବରତା ସମ୍ପର୍କରେ କାର୍ଡରେ ଉଲ୍ଲେଖ କରାଯିବ। ଉକ୍ତ କାର୍ଡରେ ଦର୍ଶାଯାଇଥିବା ରିପୋର୍ଟ ଅନୁସାରେ ରାସାୟନିକ ସାର ଓ ଜୈବିକ ଖତ ପ୍ରୟୋଗକୁ ନେଇ ବିଶେଷଜ୍ଞଙ୍କ ପକ୍ଷରୁ ପରାମର୍ଶ ଦିଆଯିବ। ଏଥିରେ ତ୍ରୁଟି ଘଟିଲେ ଚାଷୀଙ୍କୁ ଫସଲ ଜନିତ କ୍ଷତିପୂରଣ ମିଳିବାରେ ସମସ୍ୟା ସୃଷ୍ଟି ହେବ ବୋଲି ଜଣାପଡିଛି।

ଡିସେମ୍ବର ୫ତାରିଖକୁ ବିଶ୍ୱ ମୃତ୍ତିକା ଦିବସ ଭାବରେ ପାଳନ କରାଯାଉଛି। ଏହି ଅବସରରେ ରସୁଲପୁର ବ୍ଲକ କୃଷି ବିଭାଗ ପକ୍ଷରୁ ୧୦୦ଜଣ ଅଗ୍ରଣୀ ଚାଷୀଙ୍କୁ ମୃତ୍ତିକା ପରୀକ୍ଷା ପ୍ରମାଣପତ୍ର ପ୍ରଦାନ କରାଯିବ। ଏହି ବ୍ଲକରୁ ଚଳିତବର୍ଷ ୬ଶହ ଚାଷୀଙ୍କ ମୃତ୍ତିକା ପରୀକ୍ଷା ପାଇଁ ପରୀକ୍ଷଣ କେନ୍ଦ୍ରକୁ ପଠାଯାଇଥିଲା। ପ୍ରଥମ ପର୍ଯ୍ୟାୟରେ ୧୦୦ଜଣ ଚାଷୀଙ୍କ ପାଇଁ କାର୍ଡ ଆସିଛି। ସେଥିମଧ୍ୟରୁ ଅଧିକାଂଶ ଜମିରେ ଅମ୍ଳ ଅଂଶ ଆବଶ୍ୟକ ପରିମାଣଠାରୁ କମ୍ ରହିଥିବା ଜଣାପଡ଼ିଛି। ଯାହାଫଳରେ କ୍ଷେତର ଉତ୍ପାଦନକ୍ଷମତା ହ୍ରାସ ପାଉଛି। ମାଟିରେ ଅନ୍ୟୁନ୍ୟ ଶତକାଡ ୬.୫ ରୁ ୭.୫ ପର୍ଯ୍ୟନ୍ତ ଅମ୍ଳ ରହିବା ବିଧେୟ। ଏହାଠାରୁ ଅମ୍ଳ ଅଂଶ କମିଗଲେ ମାଟିର ଉର୍ବରତା କମି ଯାଏ। ଅତ୍ୟଧିକ ରାସାୟନିକ ସାର ଓ କୀଟନାଶକ ଷଧ ପ୍ରୟୋଗ ଦ୍ୱାରା ଏଭଳି ସ୍ଥିତି ଉପୁଯୁଛି ବୋଲି କୃଷି ବୈଜ୍ଞାନିକମାନେ ମତ ପୋଷଣ କରିଛନ୍ତି। ମାଟିର ଅମ୍ଳକୁ ସୁପରିଚାଳନା ଦିଗରେ ଜୈବିକ ଖତର ବହୁଳ ବ୍ୟବହାର ହିଁ ସହାୟକ ହୋଇପାରିବ। ମାଟିର ଅମ୍ଳ ଅଂଶର ମାତ୍ରାକୁ ଠିକ୍ ପରିଚାଳନା ପାଇଁ କାଗଜ କଳରୁ ବାହାରୁ ଥିବା ଗୁଣ୍ଡ ଓ ଚୂନ ବ୍ୟବହାର ଦ୍ୱାରା ଏହା ନିୟନ୍ତ୍ରଣକୁ ଆସିପାରିବ । ନଚେତ୍ ମାଟି ପରୀକ୍ଷା ଦ୍ୱାରା ଫସଲ ଅନୁଯାଇ ନାଇଟ୍ରୋଜେନ୍-ଫସଫେଟ୍-ପଟାସକୁ ସମତୁଲ କରାଯାଇ ପାରିଲେ ଅମ୍ଳ ଅଂଶକୁ ନିୟନ୍ତ୍ରଣ କରାଯାଇ ପାରିବ। ଏ ଦିଗରେ ମାଟି ପରୀକ୍ଷା କରାଯାଇ ସାର୍ଟି ଫିକେଟ ହାସଲ କରିବା ନିହାତି ଆବଶ୍ୟକ। କୃଷି ବିଭାଗ ପକ୍ଷରୁ ପ୍ରଦତ୍ତ ମାଟି ପ୍ରମାଣପତ୍ରକୁ ଦେଖି ଡିଲରମାନେ ସାର ବିକ୍ରି କରିବେ ଓ ଆବଶ୍ୟକୀୟ ପରାମର୍ଶ ପ୍ରଦାନ କରିବେ । ଏହାଛଡା ଧାନ ଚାଷ ପାଇଁ ନାଇଟ୍ରୋଜେନ୍-ଫସଫର-ପଟାସ ହାର ୩୨-୧୬-୧୬ ଆବଶ୍ୟକ ଥିବାବେଳେ ପନିପରିବା ଚାଷ ପାଇଁ ୫୦-୨୪-୪୮, ଡାଲିଜାତୀୟ ଫସଲ ପାଇଁ ୮-୧୬-୧୬ ହାର ରହିବା ଆବଶ୍ୟକ। ଏଥିରୁ ମାଟିରେ କୌଣସି ଭାଗ କମ୍ ରହିଲେ ସେହି ଅଂଶ ବୃଦ୍ଧି କରିବା ପାଇଁ ୨୫ ଶତକଡା ଅଧିକ ସାର ବ୍ୟବହାର କଲେ ମାଟିର ସୁସମତାକୁ ବଜାଇ ରଖାଯାଇ ପାରିବ ବୋଲି ରସୁଲପୁର ବ୍ଲକ ସହକାରୀ କୃଷି ଅଧିକାରୀ ଭାଗ୍ୟଧର ସାହୁ ପ୍ରକାଶ କରିଛନ୍ତି। ଏ ଦିଗରେ ଚାଷୀମାନଙ୍କୁ ବିଶ୍ୱ ମୃତ୍ତିକା ଦିବସରରେ କାର୍ଯାଳୟ ପରିସରରେ ଏକ ସଚେତନତା ଶିବିର ଆୟୋଜନ କରାଯିବ। ଶିବିର ଜରିଆରେ ମୃତ୍ତିକା ସଂରକ୍ଷଣ ଓ ଉର୍ବରତା ରକ୍ଷା ଦିଗରେ ମାଟି ପରୀକ୍ଷଣ ଦିଗପ୍ରତି ଗୁରୁତ୍ୱ ପ୍ରଦାନ କରିବାକୁ ପରାମର୍ଶ ଦିଆଯିବ । ଏଦିଗରେ ଚାଷୀଭାଇମାନେ ଭ୍ରାମ୍ୟମାଣ ମୃତ୍ତିକା ପରୀକ୍ଷଣ ଗାଡି ଓ ଗ୍ରାମ୍ୟକୃଷି ଅଧିକାରୀମାନଙ୍କୁ ସହାୟତା ପ୍ରଦାନ କରିବା ପାଇଁ ବିଭାଗ ପକ୍ଷରୁ ଅନୁରୋଧ କରାଯାଉଛି ।

### ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ

**ଦଶରଥପୁର,୪।୧୨(ଡିଏନ୍ଏ)**

ଦଶରଥପୁର ବ୍ଲକରେ ସୋମବାର ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ ସହ ଭୋଟ ଦେବାର ସଚେତନତା ସମ୍ପର୍କିତ ଏକ ସଭା ଅନୁଷ୍ଠିତ ହୋଇଛି। ବ୍ଲକର ସମ୍ମିଳନୀ ଗୃହରେ ବିଡିଓ ନାରାୟଣ ଚନ୍ଦ୍ର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବ୍ଲକ ଅଧ୍ୟକ୍ଷା ସୁଜାତା ସାହୁ, ଉପାଧ୍ୟକ୍ଷ ରଞ୍ଜନ କୁମାର ପୃଷ୍ଟି, ଯାଜପୁର ବିଧାୟକଙ୍କ ପ୍ରତିନିଧି କର୍ଣ୍ଣାଟ କେଶରୀ ଦାସ, ଜିଲା ପରିଷଦ ସଭ୍ୟ ସରୋଜ କୁମାର ମହାପାତ୍ର, ଜିପିଓ ଶ୍ରୀକାନ୍ତ ବେହେରା, ସାମାଜିକ ସୁରକ୍ଷା ଅଧିକାରୀ ସୁମନ୍ତ ବେହେରା ଓ ରତିରଞ୍ଜନ ଖଣ୍ଡାଇ ପ୍ରମୁଖ ଯୋଗ ଦେଇଥିଲେ। ଏହିଦିବସର ତାତ୍ପର୍ଯ୍ୟ ସହ ଇଭିଏମ୍ ମେଶିନରେ ଦିବ୍ୟାଙ୍ଗମାନେ କିପରି ଭୋଟ ଦେବେ ତାହା ଦେଖାଯାଇ ସଚେତନତା କରାଯାଇଥିଲା। ଏଥିରେ ୯୫ ଜଣ ଦିବ୍ୟାଙ୍ଗ ଯୋଗ ଦେଇଥିଲେ।

# ଖଣି ବିଭାଗର କୋଟିପତି କିରାଣି

**କଟକ ଅଫିସ/ ଯାଜପୁର ଅଫିସ, ୪।୧୨**

ଯାଜପୁର ଖଣି ଉପନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟର କନିଷ୍ଠ କିରାଣି ଚିନ୍ମୟ କୁମାର ବେହୁରାଙ୍କ ସମ୍ପତ୍ତିର ମୂଲ୍ୟ ୧କୋଟି ୨ଲକ୍ଷ ୮୦ହଜାର ୧୪୫ ହଜାର ଟଙ୍କା। ଚିନ୍ମୟ ଏବେ ଡେପୁଟେଶନରେ ଟିସ୍କୋ କାଳିଆପାଣିଠାରେ କାର୍ଯ୍ୟରତ। ତାଙ୍କ ବିରୋଧରେ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗ ଆସିବା ପରେ ମଙ୍ଗଳବାର ଭିଜିଲାନ୍ସ ପକ୍ଷରୁ ଘର, ଅଫିସ ସମେତ ମୋଟ ୬ଟି ସ୍ଥାନରେ ଏକକାଳୀନ ଚଢ଼ାଉ କରାଯାଇଥିଲା। ଯାଞ୍ଚ ସ୍ଥାନଗୁଡ଼ିକ ମଧ୍ୟରେ ଯାଜପୁର ଧବଳଗିରି ନିକଟରେ ଥିବା ମାଇନିଂ କଲୋନୀସ୍ଥିତ ଆବାସିକ ସରକାରୀ କ୍ୱାର୍ଟର, ଟିସ୍କୋ କଲୋନୀ ପରିସରରେ ଥିବା ସରକାରୀ କ୍ୱାର୍ଟର, ଯାଜପୁର ଜିଲା ସୁକିନ୍ଦାଗଡ଼ ପାଇକସାହି ଗ୍ରାମରେ ଥିବା ଘର, ଯାଜପୁର ରୋଡ୍‌ର କୁସୁନପୁରସ୍ଥିତ ସାଇ ରେସିଡେନ୍ସି ଆପାର୍ଟମେଣ୍ଟରେ ଥିବା ଫ୍ଲାଟ୍, ଭଦ୍ରକ ଜିଲା ଚାନ୍ଦବାଲି ନିକଟ ଛରାଡ଼ିଆ ଗ୍ରାମରେ ଥିବା ସମ୍ପର୍କୀୟଙ୍କ ଘର ଓ ଟିସ୍କୋ ଅଫିସ ଆଦି ରହିଛି। ତେବେ ଯାଞ୍ଚରୁ ଠାବ ସମ୍ପତ୍ତିଗୁଡ଼ିକ ମଧ୍ୟରେ ଫ୍ଲାଟ୍‌ର ମୂଲ୍ୟକୁ ୨୪ ଲକ୍ଷ ୯୨ହଜାର ଟଙ୍କା, ସୁକିନ୍ଦାଗଡ଼ ନିକଟରେ ଥିବା ଦୁଇ ମହଲା କୋଠାକୁ ୩୬ ଲକ୍ଷ ୮୫ହଜାର ଟଙ୍କା ଓ ସୁକିନ୍ଦା ନିକଟରେ ଥିବା ଦୁଇଟି ପ୍ଲଟ୍ ମୂଲ୍ୟକୁ ୫୭ ହଜାର ଟଙ୍କାରେ ଆକଳନ କରିଛି ଭିଜିଲାନ୍ସ। ସେହିପରି ବେହୁରାଙ୍କର ୫ ଲକ୍ଷ ୫୬ହଜାର ୭୨୯ ଟଙ୍କାର ଗୋଟିଏ କାର୍ ଥିବାବେଳେ ୧ ଲକ୍ଷ ୨୯ହଜାର ୬୫୪ ଟଙ୍କାର ଦୁଇଟି ମୋଟରସାଇକେଲ ଓ ୫୪ହଜାର ୬୩୫ ଟଙ୍କା ମୂଲ୍ୟର ଗୋଟିଏ ସ୍କୁଟି ଥିବା ଭିଜିଲାନ୍ସ ସୂଚନା ଦେଇଛି। ଏଥିସହ ବିଭିନ୍ନ ବ୍ୟାଙ୍କ ଓ ବୀମା କମ୍ପାନୀରେ ତାଙ୍କର ୧୩ ଲକ୍ଷ ୧୧ହଜାର ୮୪୭ ଟଙ୍କା ଜମା ଥିବାବେଳେ ଘରୁ ୧୩ ଲକ୍ଷ ୮୨ହଜାର ୨୮୦ ଟଙ୍କା ମୂଲ୍ୟର ସୁନାଗହଣା, ୫ଲକ୍ଷ ୪୦ହଜାର ଟଙ୍କା ମୂଲ୍ୟର ଆସବାବପତ୍ର ଓ ଘରୁ ନଗଦ ୭୧ ହଜାର ଟଙ୍କା ଭିଜିଲାନ୍ସ ଠାବ କରିଛି।



ଯାଜପୁର ରୋଡ ଡିଡିଏମ୍ କଲୋନୀ ଘରେ ଭିଜିଲାନ୍ସ ଟିମ୍‌ର ଯାଞ୍ଚ।

- ୬ ସ୍ଥାନରେ ଏକକାଳୀନ ଭିଜିଲାନ୍ସ ଯାଞ୍ଚ
- ୧ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ସମ୍ପତ୍ତି ଠାବ



| କ୍ର. ନ. | ରଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନଙ୍କ ନାମ ଏବଂ ଠିକଣା | ଋଣ ପରିମାଣ/ ଋଣ ମଞ୍ଜୁରୀ ତାରିଖ | ରଣଗ୍ରହୀତା/ଗ୍ୟାରେଣ୍ଟିଦାତା/ବନ୍ଧକଦାତାଙ୍କ ଦ୍ୱାରା ପରିଶୋଧ କରିବାକୁ ଥିବା ସୁଧ ସହିତ ବକେୟା ପରିମାଣ |
|---|---|---|---|
| ୧. | ରଣଗ୍ରହୀତା: ମେସର୍ସ ସୁପ୍ରିୟା ଫୁଡ୍ ପ୍ରଡକ୍ଟସ୍, ସ୍ୱତ୍ୱାଧିକାରୀ: କେ. ରଶ୍ମୀତା ପାତ୍ର, ସା: ଦେବୀଘାଟ, ବାରବାଟୀ ଲେନ୍, ପୁରୀ-୭୫୨୦୦୧ / ଗ୍ୟାରେଣ୍ଟିଦାତାମାନେ : ୧) କେ. ସୁରେଶ କୁମାର, ସା: ଦେବୀଘାଟ, ବାରବାଟୀ ଲେନ୍, ପୁରୀ-୭୫୨୦୦୧, ୨) ବାଳକୃଷ୍ଣ ନାୟକ, କୁଣ୍ଡେଇବେଣ୍ଟ ସାହି, ବାନାମ୍ବର ମନ୍ଦିର ନିକଟ, ପୁରୀ-୭୫୨୦୦୧ | ଟ.୨୦.୦୦ଲକ୍ଷ / ୩୧.୧୨.୨୦୧୫ | ୦୧.୧୦.୨୦୧୮ ସୁଦ୍ଧା ଟ.୨୦,୯୦,୭୪୨/- |

**IDBI BANK** (A Govt. of India Owned Bank)
ଆଇଡ଼ିବିଆଇ ବ୍ୟାଙ୍କ ଲିଃ., ଗ୍ରାଣ୍ଡ ରୋଡ୍, ବଡ଼ଶଙ୍ଖ, ପୁରୀ-୭୫୨୦୦୨, ଓଡ଼ିଶା (CIN: L65190MH2004GOI148838)
**ଋଣ ରିକଲ୍ ନୋଟିସ୍**

ଏତଦ୍‌ଦ୍ୱାରା ଉପରୋକ୍ତ ରଣଗ୍ରହୀତା ଏବଂ ଗ୍ୟାରେଣ୍ଟିଦାତା/ବନ୍ଧକଦାତାଙ୍କୁ ନୋଟିସ୍ ମାଧ୍ୟମରେ ଜଣାଇଦିଆଯାଉଛି ଯେ, ଉପରୋକ୍ତ ରଣଗ୍ରହୀତାଙ୍କୁ **ଆଇଡିବିଆଇ ବ୍ୟାଙ୍କ ଲିଃ., (ଆଇଡିବିଆଇ ବ୍ୟାଙ୍କ)** ଦ୍ୱାରା ଆର୍ଥିକ ସହାୟତା/ଋଣ ପ୍ରଦାନ କରାଯାଇଥିଲା । ଯେହେତୁ କଥିତ ରଣଗ୍ରହୀତା ଋଣ ପରିଶୋଧ କରିବାରେ ଅସଫଳ ହୋଇଛନ୍ତି, ତେଣୁ ତାଙ୍କର ଆକାଉଣ୍ଟ ଅଣକାର୍ଯ୍ୟକାରୀ ସମ୍ପତ୍ତି (**NPA**) ଶ୍ରେଣୀଭୁକ୍ତ ହୋଇଛି। ଆଇଡିବିଆଇ ବ୍ୟାଙ୍କ "ରେଜେଷ୍ଟ୍ରି ଡାକ ସହିତ ଏ.ଡି."/କୋରିୟର ମାଧ୍ୟମରେ ଋଣ ପରିଶୋଧ ନିମନ୍ତେ ପୁନଃ ନୋଟିସ୍ ପ୍ରେରଣ କରାଯାଇଥିଲା। ଯାହାକି ଡାକ ବିଭାଗ/କୋରିୟର ଦ୍ୱାରା ପ୍ରଦାନ କରାଯାଇ ନପାରି ଫେରସ୍ତ ଆସିଛି। ତେଣୁ ଏହି ନୋଟିସ୍ ପ୍ରକାଶନ ମାଧ୍ୟମରେ କଥିତ ରଣଗ୍ରହୀତା, ଗ୍ୟାରେଣ୍ଟିଦାତା/ବନ୍ଧକଦାତାମାନଙ୍କୁ ଜଣାଇ ଦିଆଯାଉଛି ଯେ, ବ୍ୟାଙ୍କର ଉପରୋକ୍ତ ବକେୟା ରାଶି ସହିତ ତତ୍‌ପରବର୍ତ୍ତୀ ସୁଧ ଏବଂ ଆନୁସଙ୍ଗିକ ଖର୍ଚ୍ଚ ଏହି ପ୍ରକାଶନର **୧୫** ଦିନ ମଧ୍ୟରେ ପୈଠ କରନ୍ତୁ । ନଚେତ୍ ଆଇଡିବିଆଇ ବ୍ୟାଙ୍କ ଏହାପରେ, ରଣଗ୍ରହୀତା /ଗ୍ୟାରେଣ୍ଟିଦାତାମାନଙ୍କୁ କୌଣସି ପ୍ରକାରର ଯୋଗାଯୋଗ ନ କରି ନ୍ୟାୟାଳୟ ମାଧ୍ୟମରେ ସେମାନଙ୍କ ବିପକ୍ଷରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ । ଏ ବାବଦ ଖର୍ଚ୍ଚ ଓ ଫଳାଫଳ ନିମନ୍ତେ ସେମାନେ ହିଁ ଦାୟୀ ରହିବେ।

ସ୍ଥାନ: ପୁରୀ, ତାରିଖ: ୦୪.୧୨.୨୦୧୮ — ସ୍ୱା/- ଶାଖା ମୁଖ୍ୟ, ଆଇଡ଼ିବିଆଇ ବ୍ୟାଙ୍କ ଲିମିଟେଡ


ମହିଳାଙ୍କ ପାଇଁ ୩୩ % ସ୍ଥାନ ସଂରକ୍ଷଣ ପ୍ରସଙ୍ଗ

# ପ୍ରଧାନମନ୍ତ୍ରୀଙ୍କୁ ଚିଠି ଲେଖିଲେ ମୁଖ୍ୟମନ୍ତ୍ରୀ



**ଭୁବନେଶ୍ୱର, ୪।୧୨(ବ୍ୟୁରୋ)**

ମହିଳାଙ୍କୁ ସଶକ୍ତୀକରଣ କରିବାରେ ଓଡ଼ିଶା ଅଗ୍ରଣୀ ରାଜ୍ୟ। ପାର୍ଲାମେଣ୍ଟ ଏବଂ ରାଜ୍ୟ ବିଧାନସଭାଗୁଡ଼ିକରେ ମହିଳାଙ୍କ ପାଇଁ ୩୩ ପ୍ରତିଶତ ସ୍ଥାନ ସଂରକ୍ଷଣ ହେଉ। ଏହାକୁ ଆଇନରେ ପରିଣତ କରିବା ପାଇଁ କେନ୍ଦ୍ର ସରକାର ପଦକ୍ଷେପ ନିଅନ୍ତୁ। ଏଥିପାଇଁ ଓଡ଼ିଶା ସରକାରଙ୍କ ପୂର୍ଣ୍ଣ ସମର୍ଥନ ରହିବ। ଜାତିର ପିତା ମହାତ୍ମାଗାନ୍ଧୀଙ୍କ ୧୫୦ତମ ଜୟନ୍ତୀରେ ଏହା ପ୍ରକୃତ ଶ୍ରଦ୍ଧାଞ୍ଜଳି ହେବ ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଚିଠି ଲେଖି କହିଛନ୍ତି।

ମୁଖ୍ୟମନ୍ତ୍ରୀ ମଙ୍ଗଳବାର ଲେଖିଥିବା ଉକ୍ତ ଚିଠିରେ ଉଲ୍ଲେଖ କରିଛନ୍ତି, ନବେ ଦଶକରେ ବିଜୁ ପଟ୍ଟନାୟକ ପଞ୍ଚାୟତ ଏବଂ ପୌରନିର୍ବାଚନରେ ମହିଳାଙ୍କ ପାଇଁ ୩୩ ପ୍ରତିଶତ ସ୍ଥାନ ସଂରକ୍ଷଣ କରିଥିଲେ। ଏହା ସହ ପୁରୁଷ ଏବଂ ମହିଳାଙ୍କ ପାଇଁ ସମାନ ମଜୁରି ବ୍ୟବସ୍ଥା ମଧ୍ୟ କରିଥିଲେ। ବିଜୁ ବାବୁଙ୍କ ଦ୍ୱାରା କରାଯାଇଥିବା ୩୩ ପ୍ରତିଶତ ସଂରକ୍ଷଣକୁ ରାଜ୍ୟ ସରକାର ୨୦୧୧ରେ ୫୦ ପ୍ରତିଶତକୁ ବୃଦ୍ଧି କରି ସାରିଛନ୍ତି। ନିକଟରେ ଓଡ଼ିଶା ବିଧାନସଭାରେ ମହିଳାଙ୍କୁ ପାର୍ଲାମେଣ୍ଟ ଏବଂ ବିଧାନସଭାଗୁଡ଼ିକରେ ୩୩ ପ୍ରତିଶତ ସଂରକ୍ଷଣ ପାଇଁ ସଂକଳ୍ପ ପ୍ରସ୍ତାବ ସର୍ବସମ୍ମତ ଭାବେ ଗୃହୀତ କରିଥିବା ନବୀନ ପଟ୍ଟନାୟକ କହିଛନ୍ତି।

ସେହିପରି ମହିଳାଙ୍କୁ ସଶକ୍ତୀକରଣ କରିବା ଅର୍ଥ ରାଷ୍ଟ୍ରକୁ ସଶକ୍ତୀକରଣ କରିବା। ମହିଳା ସଶକ୍ତୀକରଣ ବିନା କୌଣସି ରାଷ୍ଟ୍ର, ଘର, ସମାଜ ଏବଂ ରାଜ୍ୟ ଆଗକୁ ବଢ଼ିପାରିବ ନାହିଁ। ଲିଙ୍ଗଗତ ସମାନତା ଅଧିକାର ଉପରେ ଆମ ସମ୍ବିଧାନ ପର୍ଯ୍ୟବସିତ। ସମଗ୍ର ଜନସଂଖ୍ୟାର ୫୦ ପ୍ରତିଶତ ତଥା ମା' ଭଉଣୀମାନେ ସଶକ୍ତକରଣ ହେବା ଦ୍ୱାରା ରାଷ୍ଟ୍ରର ଦ୍ରୁତ ବିକାଶ ହେବ। ତେଣୁ ସେମାନଙ୍କୁ ନୀତି ପ୍ରଣୟନର ସର୍ବୋଚ୍ଚ ସ୍ଥାନ ଗୁଡ଼ିକରେ ୩୩ ପ୍ରତିଶତ ସଂରକ୍ଷଣ ପ୍ରଦାନ କରାଯିବା ଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱାରୋପ କରିଛନ୍ତି।

# ମୁକୁଳିବେ ଅଭିଜିତ



**ମାମଲା ପ୍ରତ୍ୟାହାର ପାଇଁ ରାଜ୍ୟ ସରକାରଙ୍କ ନିଷ୍ପତ୍ତି**

**ଭୁବନେଶ୍ୱର, ୪।୧୨(ବ୍ୟୁରୋ)**

ଶ୍ରୀମନ୍ଦିର, ସୂର୍ଯ୍ୟମନ୍ଦିର ଏବଂ ଓଡ଼ିଶା ସମ୍ପର୍କରେ ଅରୁଚିକର ମନ୍ତବ୍ୟ ଦେଇଥିବା ସାମ୍ବାଦିକ ଅଭିଜିତ ଆୟର ମିତ୍ରଙ୍କୁ ଆଶ୍ୱସ୍ତି ମିଳିଛି। ଅଭିଜିତଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗୁଡୁଥିବାରୁ ତାଙ୍କୁ ମୁକ୍ତ କରିବା ସହ ମାମଲା ପ୍ରତ୍ୟାହାର ପାଇଁ ସେ ମୁଖ୍ୟମନ୍ତ୍ରୀ ଓ ମୁଖ୍ୟ ଶାସନ ସଚିବଙ୍କୁ ଗତ ୨୦ ତାରିଖରେ ଚିଠି ଲେଖିଥିଲେ। ଏହି ଚିଠି ଆଧାରରେ ଅଭିଜିତଙ୍କ ବିରୋଧରେ ଥିବା ମାମଲା ପ୍ରତ୍ୟାହାର କରିବା ସହ ଜେଲରୁ ମୁକ୍ତି ପାଇଁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ଏ ନେଇ ମଙ୍ଗଳବାର ଗୃହ ବିଭାଗ ପକ୍ଷରୁ ଏକ ବିଜ୍ଞପ୍ତିରେ ପ୍ରକାଶ ପାଇଛି। ଅଭିଜିତ ଏହି ପ୍ରସଙ୍ଗରେ ପୂର୍ବରୁ ଗତ ନଭେମ୍ବର ୧୬ରେ ବିଧାନସଭା ଗୃହ କମିଟି ନିକଟରେ ହାଜର ହୋଇ କ୍ଷମାପ୍ରାର୍ଥନା କରିଥିଲେ।










**ପୂର୍ବ ତଟ ରେଳପଥ**

**ତାଳଚେର ରୁ ଜରପଡ଼ା ଏବଂ ରେଢ଼ାଖୋଲ ରୁ ଯୁଯୁମୁରା ନୂତନ ଡ଼ବଲ ଲାଇନ୍‌ରେ ଓଭର ହେଡ୍ ଟ୍ରାକ୍ସନ ତାରରେ ବିଦ୍ୟୁତ୍ ପ୍ରବାହ ସମ୍ବନ୍ଧୀୟ ସାର୍ବଜନିକ ଅଧିସୂଚନା** ପ୍ରୋଫର୍ମା 10.01

ପୂର୍ବ ତଟ ରେଳପଥ ଅନ୍ତର୍ଗତ ନିମ୍ନ ବର୍ଣ୍ଣିତ ସେକ୍ସନ୍‌ର ସମ୍ପୂର୍ଣ୍ଣ ହୋଇଥିବା ସେକ୍ସନରେ ଅବସ୍ଥିତ ରେଳ ଲାଇନ ଏବଂ ପରିସରକୁ ବ୍ୟବହାର କରୁଥିବା ସମସ୍ତ ବ୍ୟକ୍ତିବିଶେଷଙ୍କୁ ଏତଦ୍ୱାରା ଅବଗତ କରାଇ ଦିଆଯାଉଅଛି ଯେ, ନିର୍ଦ୍ଦିଷ୍ଟ ସେକ୍ସନ ନିମନ୍ତେ ନିର୍ଦ୍ଧାରିତ ତାରିଖରେ କିମ୍ବା ଏହାପରେ 25,000 ଭୋଲ୍ଟ, 50 HZ, A.C ଓଭରହେଡ୍ ଟ୍ରାକ୍ସନ ତାରରେ ବିଦ୍ୟୁତ୍ ପ୍ରବାହ କରାଯିବ। ସେହି ତାରିଖ ଦିନ ଓ ତାହା ପରଠାରୁ ଓଭରହେଡ୍ ଟ୍ରାକ୍ସନ ଲାଇନରେ ସବୁ ସମୟପାଇଁ ବିଦ୍ୟୁତ୍ ପ୍ରବାହ ରହିବ ଏବଂ କୌଣସି ଅନଧିକୃତ ବ୍ୟକ୍ତି ଏହି କଥିତ ଓଭରହେଡ୍ ଲାଇନ ନିକଟରେ ପ୍ରବେଶ କରିପାରିବେ ନାହିଁ କିମ୍ବା କାର୍ଯ୍ୟ କରିପାରିବେ ନାହିଁ।

| କ୍ର.ନଂ. | ସେକ୍ସନ | ମଣ୍ଡଳ | ବିଦ୍ୟୁତ୍ ପ୍ରବାହ ତାରିଖ |
|---|---|---|---|
| 1 | ତାଳଚେର ରୁ ଜରପଡ଼ା ମଧ୍ୟରେ ନୂତନ ଡ଼ବଲ୍ ଲାଇନ୍ | ସମ୍ବଲପୁର ଏବଂ ଖୋର୍ଦ୍ଧା ରୋଡ଼ | 31.12.2018 |
| 2 | ରେଢ଼ାଖୋଲ ରୁ ଯୁଯୁମୁରା ମଧ୍ୟରେ ନୂତନ ଡ଼ବଲ୍ ଲାଇନ୍ | ସମ୍ବଲପୁର | 31.01.2019 |

ଦ୍ରଷ୍ଟବ୍ୟ : ତାଳଚେର ଠାରୁ ଜରପଡ଼ା ଓ ରେଢ଼ାଖୋଲ ଠାରୁ ଯୁଯୁମୁରା ପର୍ଯ୍ୟନ୍ତ ସିଙ୍ଗିଲ୍ ଲାଇନ୍ ଏବଂ ଷ୍ଟେସନ ୟାର୍ଡ଼ର **OHE** ଲାଇନ୍ ଗୁଡ଼ିକରେ ଆଗରୁ **25,000** ଭୋଲ୍ଟ **AC** ଦ୍ୱାରା ବିଦ୍ୟୁତ୍ ପ୍ରବାହିତ ହୋଇ ସାରିଛି ।

**AC 25 KV ଟ୍ରାକ୍ସନ୍ ପ୍ରଚଳନ ନିମନ୍ତେ "ସଡ଼କ ବ୍ୟବହାରକାରୀଙ୍କୁ ସତର୍କ ସୂଚନା"** ପ୍ରୋଫର୍ମା 10.02

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ସୂଚାଇ ଦିଆଯାଉଅଛି ଯେ, ପୂର୍ବ ତଟ ରେଳପଥର ସମ୍ବଲପୁର ମଣ୍ଡଳ ଏବଂ ଖୋର୍ଦ୍ଧାରୋଡ଼ ମଣ୍ଡଳ ଅନ୍ତର୍ଗତ ତାଳଚେର-ସମ୍ବଲପୁର ଦୋହରୀକରଣ ସେକ୍ସନର ବିଦ୍ୟୁତୀକରଣ ସମ୍ବନ୍ଧୀୟ ପୂର୍ବ ତଟ ରେଳପଥ ଅନ୍ତର୍ଗତ ତାଳଚେର ରୁ ଜରପଡ଼ା ଏବଂ ରେଢ଼ାଖୋଲ ରୁ ଯୁଯୁମୁରା ନୂତନ ଡ଼ବଲ୍ ଲାଇନ୍ ସେକ୍ସନ ଗୁଡ଼ିକରେ 25,000 ଭୋଲ୍ଟ A.C ଇଲେକ୍ଟ୍ରିକ୍ ଟ୍ରାକ୍ସନର ପ୍ରବର୍ତ୍ତନ ସମ୍ପର୍କରେ ସମସ୍ତ ଲେଭେଲ କ୍ରସିଂ ଗୁଡ଼ିକଠାରେ କୌଣସି ବୋଝେଇ ଗାଡ଼ି ଏହି ଜୀବନ୍ତ ଟ୍ରାକ୍ସନ ତାର ସଂସ୍ପର୍ଶରେ ନ ଆସିବା କିମ୍ବା ଏହାର ନିକଟବର୍ତ୍ତୀ ବିପଦାଞ୍ଚଳକୁ ପ୍ରବେଶ ନିଷିଦ୍ଧ ନିମନ୍ତେ ସମସ୍ତ ରେଳ ଫାଟକମାନଙ୍କରେ ସଡ଼କ ପତନ ଠାରୁ 4.67 ମି. ଉଚ୍ଚତାରେ ହାଇଟ୍ ଗେଜ୍ ମାନ ସ୍ଥାପନ କରାଯାଇଅଛି ।

ତେଣୁ ସର୍ବସାଧାରଣଙ୍କୁ ଏତଦ୍ୱାରା ସୂଚାଇ ଦିଆଯାଉଅଛିଯେ ସଡ଼କ ଗାଡ଼ିରେ ବୋଝେଇ କରିବା ସମୟରେ ଉପର ବର୍ଣ୍ଣିତ ଉଚ୍ଚତାକୁ ଧ୍ୟାନରେ ରଖି ବୋଝେଇ କରିବେ ଏବଂ ଏହା ଯେପରି କୌଣସି ପରିସ୍ଥିତିରେ ହାଇଟ୍ ଗେଜ୍ ସୀମା ଉଲ୍ଲଙ୍ଘନ ନକରେ, ସେଥିପ୍ରତି ଦୃଷ୍ଟି ଦେବେ।

<u>ଅତ୍ୟଧିକ ଉଚ୍ଚତା ବିଶିଷ୍ଟ ବୋଝେଇ ଦ୍ୱାରା ସୃଷ୍ଟି ହେବାକୁ ଥିବା ବିପଦ ନିମ୍ନମତେ ଅଟେ :</u>
(1) ହାଇଟ୍ ଗେଜ୍ ପ୍ରତି ବିପଦ ଫଳସ୍ୱରୂପ ସଡକ ଏବଂ ରେଳ ଲାଇନ୍ ର ଅବରୋଧ ।
(2) ପରିବହନ କରାଯାଉଥିବା ସାମଗ୍ରୀ ବା ଉପକରଣ କିମ୍ବା ଏହାକୁ ନେଉଥିବା ଗାଡ଼ି ପ୍ରତି ବିପଦ।
(3) ବିଦ୍ୟୁତପ୍ରବାହୀ ତାର ସନ୍ନିକଟ ବିପଜ୍ଜନକ ଅଞ୍ଚଳ କିମ୍ବା ଏହାର ସଂସ୍ପର୍ଶରେ ଆସିବା ଦ୍ୱାରା ଅଗ୍ନି ବିପଦ ଏବଂ ଜୀବନ ପ୍ରତି ବିପଦ।

PR-89/CB/18-19 — ଉପ ମୁଖ୍ୟ ବିଦ୍ୟୁତ୍ ଯନ୍ତ୍ରୀ /ନିର୍ମାଣ/ଅନୁଗୋଳ



**GOVT. OF INDIA**
**MINISTRY OF FINANCE**
**DEPARTMENT OF FINANCIAL SERVICES**
**DEBTS RECOVERY TRIBUNAL**
**COURT OF THE RECOVERY OFFICER**
**Plot No.: C/71, Sector-7, CDA, Cuttack - 753014**
FORM NO. ITCP-1

**NOTICE OF DEMAND TO THE CERTIFICATE DEBTORS**
(See Rule 2 of the Second Schedule as referred to in Section 29 of the Recovery of Debts due to Banks & Financial Institutions Act, 1993)
**R.P. No. 216/2017/CTC**
**(Arising out of OA No. 281 of 2009)**

**Next Date: 28.12.2018**

**AXIS Bank Ltd.,** Cuttack Branch, At: Badambadi, P.O.: Telenga Bazar, Town/Dist.: Cuttack, PIN-753009 **...Certificate Holder Bank**
**Vs.**
**Shri Subhranshu Kumar Jena & others** **...Certificate Debtors**
**To,**
1. **Shri Subhranshu Kumar Jena,** S/o: Shri Sudhanshu Sekhar Jena, At: Plot No.: 132, Bapujee Nagar, P.O.: Bapujee Nagar, Bhubaneswar, Dist.: Khurda.
2. **Shri Alekh Charan Prusty,** S/o: Late Govinda Prusty, At: Hatasinghpur, G.P.: Kalana, Dist.: Jajpur.
3. **Smt. Kumarika Samal,** W/o: Shri Subhranshu Kumar Jena, At: Plot No.: 132, Bapujee Nagar, P.O.: Bapujee Nagar, Bhubaneswar, Dist.: Khurda.
7. **Shri Prafulla Kumar Basti,** S/o: Shri Pitabas Basti, Vill- Gola Sahi, G.P. Badasa, Dist.: Nayagarh.
8. **Shri Pramod Pandi,** Shri Kishore Chandra Pandi, Vill: Ward No.: 19 of C.M.C., P.S.: Purighat, Town/Dist.: Cuttack.
9. **Shri Krushna Chandra Roul,** S/o: Ganeswar Roul, At: Goutam Nagar, Bhubaneswar, Dist.: Khurda.
11. **M/s. National Bulk Handling Corporation Ltd.,** At: Bajrakabati Road, P.O.: Buxi Bazar, Town/Dist.: Cuttack (Represented by its Cluster Head)

Take notice that Certificate arising out of **OA No. 281 of 2009** issued by the Hon'ble Presiding Officer, Debts Recovery Tribunal, Cuttack under Section 19 (22) of the Recovery of Debts due to Banks and Financial Institutions Act, 1993 and forwarded to the undersigned for recovery of **Rs. 55,39,700.41 (Rupees Fifty Five Lac Thirty Nine Thousand Seven Hundred and Paise Forty One Only)** together with interest till realisation of the dues, cost, charges as per the certificate, the details of which are given below:

| | | | |
|---|---|---|---|
| 1. Decretal Dues | | : Rs. | 55,39,700.41 |
| 2. Cost allowed | (+) | : Rs. | 1,22,000.00 |
| 3. Interest @12% p.a with quarterly rests from 03.09.2009 to 16.11.2017 | | :Rs. | 90,88,581.37 |
| **Total** | | **:Rs.** | **1,47,50,281.78** |


(**Rupees One Crore Forty Seven Lac Fifty Thousand Two Hundred Eighty One and Paise Seventy Eight Only**) with Interest @12% p.a. with quarterly rests on the amount due from 17.11.2017 till realization of the entire Dues.

2. You are hereby directed to pay the above stated sum **within 15 (Fifteen) days** of the publication of this notice, failing which the recovery shall be made in accordance with the provisions contained in Chapter V of the Recovery of Debts due to Banks & Financial Institutions Act, 1993.
3. In addition to the aforesaid amount you will also be liable for all future interest, costs, charges and expenses incurred in respect of the service of this notice and of warrants and other processes etc. and of all the other proceedings taken for realising of arrears.
4. You are hereby directed to appear in person or through legal representative before the undersigned on **28.12.2018** and report the details of payment made by you.

Given under my hand & seal at Cuttack on this **15th day of November, 2018.**

**Sd/- (R. P. Patnaik)**
**Recovery Officer**





ଆମ ଗାଁ ଆମ ବିକାଶ କାର୍ଯ୍ୟକ୍ରମ

# ୮୯ ପ୍ରକଳ୍ପ ପାଇଁ ୨.୪୦ କୋଟି ମଞ୍ଜୁର

ଶଙ୍କରାଖୋଲ,୪।୧୨(ଡି.ଏନ୍.ଏ.)

ଆମ ଗାଁ ଆମ ବିକାଶ କାର୍ଯ୍ୟକ୍ରମ ଚକାପାଦ ବ୍ଲକ ଗୁଡ଼ାଗାଁ ପଡ଼ିଆରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ କନ୍ଫରେନ୍ସିଂ ମାଧ୍ୟମରେ ୮୯ ପ୍ରକଳ୍ପ ପାଇଁ ୨ କୋଟି ୪୦ ଲକ୍ଷ ଟଙ୍କା ମଞ୍ଜୁର କରିଛନ୍ତି। ବ୍ଲକର ୧୨ ପଞ୍ଚାୟତରୁ ପ୍ରତି ପଞ୍ଚାୟତକୁ ୨୦ ଲକ୍ଷ ଲେଖାଏ ଅର୍ଥ ମଞ୍ଜୁର କରାଯାଇଛି। ନିର୍ଦ୍ଧାରିତ ସମୟରେ ପ୍ରକଳ୍ପ କାର୍ଯ୍ୟ ସାରିବାକୁ ମୁଖ୍ୟମନ୍ତ୍ରୀ ଜିଲାପାଳ ଓ ବିଡିଓଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିରେ ଜିଲାପାଳ ଡ. ବୃନ୍ଦା ଡି, ଅତିରିକ୍ତ ଜିଲାପାଳ ବସନ୍ତ କୁମାର ସାହୁ, ବିଧାୟକ ଦୁଗୁନି କହଁର, ବ୍ଲକ ଅଧ୍ୟକ୍ଷ ପ୍ରଭଞ୍ଜନ କହଁର, ଜିଲା ପରିଷଦ ସଭ୍ୟ ରଞ୍ଜନ କୁମାର ମଳିକ ପ୍ରମୁଖ ଉପସ୍ଥିତ ଥିଲେ। ଚକାପାଦ ବିଡିଓ ଅନିଲ କୁମାର ପଟ୍ଟନାୟକ, ଅତିରିକ୍ତ ତହସିଲଦାର ତପନ କୁମାର ମହାପାତ୍ର ପ୍ରମୁଖ ପରିଚାଳନା କରିଥିଲେ। ଏହାପରେ ପଣସପଦର ପ୍ରତିମା ପାର୍ବତୀ, ଏସ୍‌ଏଚ୍‌ଜି ସମ୍ପାଦିକା ସିବାଜିନୀ ସାହୁ ମୁଖ୍ୟମନ୍ତ୍ରୀଙ୍କ ସହ ଭିଡିଓ କନଫରେନ୍ସିଂରେ କଥା ହେବାପରେ ସବୁ ଏସ୍‌ଏଚ୍‌ଜିଙ୍କୁ ବୈଠକ କରିବା ପାଇଁ ବୈଠକ ଗୃହ ଯୋଗାଇଦେବାକୁ ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ।



କାର୍ଯ୍ୟକ୍ରମରେ ଉପସ୍ଥିତ ଜିଲାପାଳ ଓ ଅନ୍ୟମାନେ।

# ଷ୍ଟୋଭ ଫାଟି ଭଉଣୀ, ଭାଇ ଗୁରୁତର

ବୁଗୁଡ଼ା,୪।୧୨(ଡି.ଏନ.ଏ.)

ବୁଗୁଡ଼ା ଏନ୍‌ଏସି ଗୋଲାମୁଣ୍ଡଳା ଗ୍ରାମର ଏକ ପରିବାରରେ ଷ୍ଟୋଭ ଫାଟି ନିଆଁ ଲାଗିଯିବାରୁ ଭାଇ ଆହତ ହୋଇଥିବା ବେଳେ ଭଉଣୀ ଗୁରୁତର ହୋଇଛନ୍ତି । ସେମାନେ ହେଲେ ଅଶ୍ୱିନୀ ଗୌଡ଼, ଭଉଣୀ ପୂଜାରାଣୀ। ମଙ୍ଗଳବାର ସନ୍ଧ୍ୟାରେ ପୂଜାରାଣୀ ରୋଷେଇ କରୁଥିବା ସମୟରେ ଷ୍ଟୋଭ ଫାଟି ନିଆଁ ଲାଗିଯାଇଥିଲା। ଏହା ଦେଖି ଅଶ୍ୱିନୀ ନିଆଁ ଲିଭାଇବାକୁ ଭଉଣୀଙ୍କ ନିକଟକୁ ଯାଇ ଆହତ ହୋଇଥିଲେ । ଅଗ୍ନିଶମ ବିଭାଗ କର୍ମଚାରୀ ପହଞ୍ଚି ଉଭୟଙ୍କୁ ଉଦ୍ଧାର କରି ବୁଗୁଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଛନ୍ତି । ଅଶ୍ୱିନୀ ବୁଗୁଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେଉଥିବା ବେଳେ ପୂଜାଙ୍କୁ ବ୍ରହ୍ମପୁର ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି ।

# ବିଦ୍ୟାଳୟ ସମ୍ମୁଖରେ ଭାସୁଛି ଆବର୍ଜନା ପାଣି

କବିସୂର୍ଯ୍ୟନଗର,୪।୧୨

ମର୍ଦ୍ଦରାଜ ହାଇସ୍କୁଲ ସମ୍ମୁଖରେ ଭାସୁଛି ଆବର୍ଜନା ପାଣି, ଏହି ପାଣିରେ ପଶି ବିଦ୍ୟାର୍ଥୀମାନେ ଯାଇ ଟେଷ୍ଟ ପରୀକ୍ଷା ଦେଇଛନ୍ତି। ଏ ନେଇ ଛାତ୍ରୀଛାତ୍ରୀ ଓ ଅଭିଭାବକ ମହଲରେ ଅସନ୍ତୋଷ ଦେଖାଦେଇଛି। ପ୍ରକାଶ ଯେ, ସୋମବାର ଥିଲା ମାଟ୍ରିକ ଟେଷ୍ଟ ପରୀକ୍ଷା । ପିଲାମାନେ ସକାଳୁ ପରୀକ୍ଷା ଦେବାକୁ ସ୍କୁଲକୁ ଯାଇଥିଲେ। ବିଦ୍ୟାଳୟ ଆଗରେ ଅଳିଆ ପାଣି ଜମି ରହିଥିଲା। ଦୀର୍ଘ ୬ ମାସ ହେଲା ପିଲାମାନେ ଏଭଳି ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ପ୍ରଧାନ ଶିକ୍ଷକ କ୍ଷମା ସାଗର ମହାପାତ୍ର ଏ ବିଷୟରେ ବାରମ୍ବାର ଏନ୍‌ଏସି ନିର୍ବାହୀ ଅଧିକାରୀଙ୍କୁ ଅଭିଯୋଗ କରିଛନ୍ତି । ରାସ୍ତା କୋଠା ବାଡ଼ି ନିର୍ମାଣ ବିଭାଗକୁ ମଧ୍ୟ ଜଣାଇଥିଲେ ସୁଦ୍ଧା କୌଣସି ସୁଫଳ ମିଳୁନଥିବା କହିଛନ୍ତି । ଏନଏସି ନିର୍ବାହୀ ଅଧିକାରୀ ତ୍ରୁଟିପୂର୍ଣ୍ଣ ଡ୍ରେନ ନିର୍ମାଣ ହେତୁ ଏଭଳି ଘଟୁଥିବା କହିଛନ୍ତି । ଏହାର ସ୍ଥାୟୀ ପ୍ରତିକାର ଶୀଘ୍ର ନ ହେଲେ ସମସ୍ତ ଛାତ୍ରୀଛାତ୍ର, ଅଭିଭାବକ ଆନ୍ଦୋଳନ କରି ରାସ୍ତାକୁ ଓହ୍ଲାଇବେ ବୋଲି କହିଛନ୍ତି । ଏ ନେଇ ଜେଇ ଜେଇ ପ୍ରଦୀପ କୁମାର ନାୟକ କହିଛନ୍ତି ସେଠାରେ ଗୋଟିଏ କଲଭର୍ଟ ନିର୍ମାଣ ହେଲେ ସମସ୍ୟାର ସମାଧାନ ହୋଇଯିବ।


ଆବର୍ଜନା ପାଣିରେ ପଶି ପିଲାମାନେ ସ୍କୁଲ ଯାଉଛନ୍ତି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଅଦିନ ଶାଗ କିଆରି**
**ଅଦିନ କକେଇ ଡାକି ଆଇଚିଲୋ**
**ମୁଁ ତୋର କୋଉ ଝିଆରୀ ?**

ସ୍ୱାର୍ଥାନ୍ୱେଷୀ ବ୍ୟକ୍ତି ପରିଚିତ ବା ସମ୍ପର୍କୀୟ ବ୍ୟକ୍ତିଙ୍କ ସହ ମଧ୍ୟ ବିନା ସ୍ୱାର୍ଥରେ ଦିନେ କାଳେ ସମ୍ପର୍କ ରଖି ନ ଥାନ୍ତି କି ପଚାରି ନ ଥାନ୍ତି। କିନ୍ତୁ ହଠାତ୍ କୌଣସି ସ୍ୱାର୍ଥସିଦ୍ଧିର ଆବଶ୍ୟକ ପଡ଼ିଲେ ନିଜକୁ ମାମୁ, ମାଇଁ, ମଉସା, ମାଉସୀ ବା ଦାଦାଖୁଡ଼ୀର ପରିଚୟ ଦେଇ ନିକଟତର ହେବାକୁ ଚେଷ୍ଟା କରନ୍ତି। ତାଙ୍କର ଏପରି ଆଚରଣରୁ କିଛି ଗୁପ୍ତ ଉଦ୍ଦେଶ୍ୟ ଥିବା ସ୍ପଷ୍ଟ ବୁଝା ପଡ଼ିଯାଇଥାଏ। ଏପରିସ୍ଥଳେ ସେମାନଙ୍କ ଲୋକଦେଖାଣିଆ ମିଛ ସମ୍ପର୍କ ପ୍ରତି ମନରେ ପ୍ରଶ୍ନ ଉଠିବା ସ୍ୱାଭାବିକ ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଅଢ଼େଇ ଦିନିଆ ଏ ସଂସାର**
**ପୁଅ କାହାର ବା ଝିଅ କାହାର ?**

ମିଛ ମାୟା ଭରା ଏ ସାରା ଦୁନିଆରେ କେହି ନୁହନ୍ତି ଆପଣାର। ପୁଅ ଝିଅ ଭଳି ସମସ୍ତ ସମ୍ପର୍କ ଏଠି ମିଛ ବା ତୁଚ୍ଛ। ସମସ୍ତେ ମାୟାରେ ବଶ। ଏହି ଅନିତ୍ୟ ସଂସାରରେ କେହି କାହାର ନୁହନ୍ତି ବୋଲି ଏଠାରେ ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ
-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା.ଲି.

# ହାତୀଙ୍କ ସୁରକ୍ଷା ନେଇ ବନ, ବିଦ୍ୟୁତ୍ ବିଭାଗର ବୈଠକ

ଜଗନ୍ନାଥପ୍ରସାଦ,୪।୧୨

ହାତୀଙ୍କ ସୁରକ୍ଷା ନେଇ ଜଗନ୍ନାଥପ୍ରସାଦ ବନାଞ୍ଚଳ ଅଧିକାରୀ ରବୀନ୍ଦ୍ର କୁମାର କରଙ୍କ ପୌରୋହିତ୍ୟରେ ବୈଠକ ଗୃହରେ ବନାଞ୍ଚଳର ସମସ୍ତ ବନପାଳ, ବନରକ୍ଷୀ ଓ ବିଦ୍ୟୁତ୍ ବିଭାଗ ଯନ୍ତ୍ରୀ ଦେବବ୍ରତ ସାହୁଙ୍କ ଉପସ୍ଥିତିରେ ବୈଠକର ଆୟୋଜନ ହୋଇଥିଲା । ବର୍ତ୍ତମାନ ପାଚିଲା ଧାନ ଖାଇବା ପାଇଁ ଏହି ବନାଞ୍ଚଳରେ ପ୍ରାୟ ୩୫ଟି ହାତୀ ଚଳପ୍ରଚଳ କରିବା ସହ ଜଙ୍ଗଲ ପାଖ ଗ୍ରାମ ଅଭିମୁଖେ ଆସୁଛନ୍ତି। ଏହି ଅଞ୍ଚଳରେ ଲଙ୍କାଗଡ଼, ଆକୁଲକୁମ୍ପା, ନାରଣ ସହି କାଜୁ ଜଙ୍ଗଲ, ବରବରାର ଖଳି ସାହି, ବାଣିଖୋଲା, ମୁଣ୍ଡିଆସାହି ଆଦି ଅଞ୍ଚଳରେ ହାତୀମାନେ ଚଳପ୍ରଚଳ ହେଉଛନ୍ତି। ତେଣୁ ଏହି ଅଞ୍ଚଳ ଦେଇ ଯାଇଥିବା ୧୧ କେଭି ବିଦ୍ୟୁତ୍ ଖୁଣ୍ଟ ଗୁଡ଼ିକ ହଟାଇ ଅଧିକ ଉଚ୍ଚତାର ଖୁଣ୍ଟ ପୋତିବା ଓ ଖୋଲା ତା'ର ଗୁଡ଼ିକ କୋର କେବୁଲ କରାଯିବା ସହ ଆବଶ୍ୟକସ୍ଥଳେ ହାତୀ ଚଳପ୍ରଚଳ ବେଳେ ବିଦ୍ୟୁତ କାଟ୍‌ର ବ୍ୟବସ୍ଥା କରାଯିବ। ଏ ନେଇ ଦୁଇ ବିଭାଗର କର୍ମଚାରୀ ମିଶି ବିଦ୍ୟୁତ୍ ଖୁଣ୍ଟ ହଟାଇବା ପାଇଁ ନିଷ୍ପତ୍ତି ନେଇ ଶୀଘ୍ର କାର୍ଯ୍ୟାରମ୍ଭ କରିବା ପାଇଁ ଉଭୟ ବିଭାଗର ଅଧିକାରୀଗଣ ରାଜି ହୋଇଥିଲେ । ଏ ବିଷୟରେ ସାଉଥ୍‌କୋ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଭଞ୍ଜନଗର ଓ ଘୁମୁସର ଉତ୍ତରାଞ୍ଚଳ ବନଖଣ୍ଡୀୟ ଅଧିକାରୀଙ୍କୁ ବିହିତ କାର୍ଯ୍ୟାନୁଷ୍ଠାନ ପାଇଁ ଅବଗତ କରାଯାଇଥିବା ରେଞ୍ଜର କର ପ୍ରକାଶ କରିଛନ୍ତି ।

OFFICE OF THE EXECUTIVE ENGINEER
BALANGIR (R&B) DIVISION, BALANGIR
Email : eepwd.bgr@rediffmail.com, eepwd.bgr@gmail.com, Ph.No. 06652-232374

CANCELLATION OF WORK

Bid Identification No. BGR R&B / 14/ 2018-19
Letter No. 4408/ Dtd. 13.11.2018
Tender ID Nos. 2018_EICCL_50941_2
No. 4683/ Date. 30.11.2018

No. 969-B

The works in Sl. No. 02 "Construction of approach road to Reserve Police Colony at Balangir District head quarters." In Bid Identification No. BGR R&B /14/ 2018-19 is hereby cancelled on technical ground.

Sd./- Executive Engineer,
34028/11/0044/1819 Balangir (R&B) Division, Balangir

+PILES CLINIC+
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
☎ 0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD
GAMS (PATNA)
DR. PREM KUMAR
BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
☎ 0674 - 2581337, 9437301790

OFFICE OF THE SUPERINTENDENT,
SAHEED LAXMAN NAYAK MEDICAL COLLEGE AND HOSPITAL, KORAPUT

Letter No. 1663 Dt. 01.12.2018

NOTICE

620-E

Sub- Provisional list of Paramedical Staff.

Candidate who have applied for the post of Laboratory Technician & Radiographer vide this office Advt. No. 1330, Dt.30.10.2018 are hereby requested to visit the Koraput Dist. Website www.koraput.nic.in to invite objections on the provisional list. They are requested to submit their objections on provisional list if any in the given prescribed format before 08.12.2018 by 5.00PM. No objections will be entertained beyond the stipulated time period. Final Merit list will be published in the website for appointment later.

Sd./- Superintendent
SLNMCH, Koraput
10121/11/0028/1819

ZILLA SWASTHYA SAMITI, KHORDHA
DISTRICT PROGRAMME MANAGEMENT UNIT
NATIONAL HEALTH MISSION
Advt. No. 14039/NHM/2018 Date: 03.12.2018

NOTICE INVITING BID
FOR EQUIPMENT, AIDS & DRUGS FOR DEIC (RBSK) O/O CDM&PHO, KHORDHA

No. 623-E:- Bids are invited from eligible firms / company / agency / suppliers /distributors to supply the Equipments, Aids & Drugs to DEIC, RBSK Khordha. The bid document with all information relating to the bidding process including the cost of bid document, EMD, Eligibility criteria and terms & conditions are available in the district website: www.khordha.nic.in. The last date of submission of bid is on or before 26.12.2018 by 4PM to the O/o-CDM&PHO, Khordha through Speed Post / Regd. Post / Courier only. The undersigned reserves the right to cancel any or all the bids without assigning any reason thereof.

Sd./- Chief District Medical &
10029/11/0034/1819 Public Health Officer, Khordha

ZILLA SWASTHYA SAMITI, SUNDARGARH
DISTRICT PROGRAMME MANAGEMENT UNIT, NHM
O/o CDM & PHO, SUNDARGARH, DIST.- SUNDARGARH
Advertisement No. 5412 Date: 01.12.2018

NOTICE

No. 616-E:- Applications are invited from the contractual employees of NHM working in the same post under OSH & FW Society in other districts, desiring to be posted in SUNDARGARH District against the category of posts mentioned below:-

| Sl. No. | Name of the Post | No. of Vacancy |
|---|---|---|
| 1. | Block Programme Manager | 01 |
| 2. | Block Accounts Manager/Accountant | 04 |

Interested in-house candidates of NHM only are requested to apply in the prescribed format with NOC and experience certificate issued by concerned CDM & PHO. Selection shall be made on the highest length of incumbency in the same post under OSH&FW Society. The application format & other details can be obtained from the district website www.sundergarh.nic.in and the application should reach to the Office of the Chief District Medical & Public Health Officer, Sundargarh, PIN-770001 by dt.13th December 2018 upto (5.00PM) through REGISTERED / SPEED POST only. Envelopes containing applications must be superscribed in bold letter for the post applied for. Applications received after due date will be rejected and the undersigned is not responsible for any postal delay. Vacancies shown above are provisional and subject to change during the time of posting. Incomplete application in any form is liable for rejection. The undersigned reserves the right to accept / reject any application and modify / cancel the advertisement without assigning any reason thereof. Status of the selection process will be web hoisted in the District website and no personal query will be entertained.

Sd./-
Chief District Medical & Public Health Officer
10100/11/0068/1819 -cum-District Mission Director, Sundargarh

ଜିଲ୍ଲା ପ୍ରକଳ୍ପ କାର୍ଯ୍ୟାଳୟ
ଶିକ୍ଷା ଅଧିକାର, ସର୍ବ ଶିକ୍ଷା ଅଭିଯାନ
ଶିକ୍ଷା ସଦନ, କୋରାପୁଟ- ୭୬୪୦୨୦
ଫୋନ: (୦୬୮୫୨)-୨୫୨୪୨୧(କାର୍ଯ୍ୟାଳୟ), ୨୫୨୮୫୭(ଏମଆଇଏସ),
ଇମେଲ: dpckoraputssa.opepa@nic.in, grievancessakpt@gmail.com

ବିଜ୍ଞାପନ

ବିଜ୍ଞାପନ ସଂଖ୍ୟା: ୪୩୬୭/ ୨୦୧୮ V. Estt. 109/18 ତା: ୦୧।୧୨।୨୦୧୮

No.63-n:- ଏହି କାର୍ଯ୍ୟାଳୟ ବିଜ୍ଞାପନ ସଂଖ୍ୟା ୪୩୪୯ ତା: ୩୦।୧୧।୨୦୧୮ ରିଖ ପ୍ରତି ଦୃଷ୍ଟି ଆକର୍ଷଣ ପୂର୍ବକ, ସର୍ବସାଧାରଣ ଓ ବର୍ତ୍ତମାନ ଚିଠାଯୋଗ୍ୟ ତାଲିକାରେ ନାମ ରହିଥିବା ସମସ୍ତ ପ୍ରାର୍ଥୀ ଓ ପ୍ରାର୍ଥିନୀ +2 CT (Science & Arts) ଓ +3 B.Ed (Science & Arts)ଙ୍କ ଅବଗତ ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ନିଯୁକ୍ତି ସ୍ଥାନ ଚୟନ ପ୍ରକ୍ରିୟା (Counseling) ଆସନ୍ତା ତା: ୦୭।୧୨।୨୦୧୮ ରିଖ ପୂର୍ବାହ୍ନ ୧୦.୦୦ ଘଟିକା ସମୟରୁ ଜିଲ୍ଲା ପ୍ରକଳ୍ପ କାର୍ଯ୍ୟାଳୟ, ସର୍ବ ଶିକ୍ଷା ଅଭିଯାନ, କୋରାପୁଟ ଠାରେ ଅନୁଷ୍ଠିତ ହେବ। ପ୍ରସ୍ତାବିତ ନିଯୁକ୍ତି ସ୍ଥାନ ଚୟନ ପ୍ରକ୍ରିୟା (Counseling) ଦିନ ଓ ସମୟରେ ସମସ୍ତ ପ୍ରାର୍ଥୀ ଓ ପ୍ରାର୍ଥିନୀ ଉପସ୍ଥିତ ରହି ସ୍ଥାନ ଚୟନ ସହ ନିମ୍ନଲିଖିତ ପ୍ରମାଣପତ୍ର (Photocopies of Certificates) ଗୁଡ଼ିକର ନକଲ ଓ ଦୁଇଟି Passport size Photo ପ୍ରାଧିକୃତ ଅଧିକାରୀଙ୍କ ନିକଟରେ ଦାଖଲ କରିବେ ଓ ମୂଳ ଯୋଗ୍ୟତା ପ୍ରମାଣପତ୍ର (Original Certificates) ସହ ଯାଞ୍ଚ କରାଇନେବେ। ଏଥିରେ କୌଣସି ବ୍ୟତିକ୍ରମ ଯେପରି ନ ହୁଏ ସେଥିପ୍ରତି ସଜାଗ ରହିବେ।

ସ୍ୱା./- ଜିଲ୍ଲା ପ୍ରକଳ୍ପ ସଂଯୋଜକ
ଶିକ୍ଷା ଅଧିକାର-ସର୍ବ ଶିକ୍ଷା ଅଭିଯାନ, କୋରାପୁଟ

DOCUMENTS REQUIRED TO BE SUBMITTED IN CRONOLOGICAL ORDER FOR VERIFICATION WITH ORIGINAL CERTIFICATES (For +2 CT Science & Arts Candidates) on 07.12.2018

1. Application form (downloaded at the time of application), 2. HSC Certificate, 3. HSC Mark Sheet, 4. +2 Certificate, 5. +2 Mark Sheet (All semester), 6. Training Qualification Certificate, 7. Trainign qualification Mark Sheet, 8. +3 Certificate, 9. +3 Mark Sheets (if passed), 10. OTET pass certificate, 11. Recent Caste Certificate issued by competent authority, 12. Recent Residence Certificate issued by competent authority. 13. Valid Employment Exchange Registration Certificate, 14. 02 Nos. of recent color Passport size photograph, 15. Proof of identification (Aadhaar/ DL/Voter ID/PAN), 16. Equivalency certificate in case of certificates from Boards / Universities other than Odisha Board / Universities, 17. RCI registration certificate in case of special education Training.
27035/11/0023/1819

CLASSIFIED DISPLAY
ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

Get Instant Cash against Gold, Sell Your Gold at 100% Market Value
GOLD CASH LTD
(an ISO 9001:2015 Certified Company)
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ ମୂଲ୍ୟରେ ନେବା ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ୍ ମୂଲ୍ୟରେ।
WWW.GOLDCASH.CO
9090902555, 9090903555
Toll Free: 1800-120-3430
Branches: Bhubaneswar, Cuttack, Bhadrak, Rourkela & Berhampur

BALADEV FINANCE
ଓଡ଼ିଶାର ସମସ୍ତ ଜିଲ୍ଲା ପାଇଁ Personal, Business, Home, Certificate, Property, କୃଷି ଓ ଶିକ୍ଷା ପାଇଁ ସମସ୍ତ ପ୍ରକାର loan Baladev Finance ଦ୍ୱାରା ଯୋଗାଇ ଦିଆଯାଉଛି।
ସୁଧ ୨%
M: 7750923286
7750921101

ମୁଦ୍ରିକା ଫାଇନାନ୍ସ ଲୋନ
ଏଜେଣ୍ଟ ଏବଂ ଡିଲରଶିପ୍ ସୁଧ 2% ଛାଡ଼, 40% ସହଜ କିସ୍ତିରେ କମ୍ପାନୀଠୁ ସମସ୍ତ ପ୍ରକାରର ଲୋନ ପ୍ରାପ୍ତ କରନ୍ତୁ।
7055500110
7351444489
ବାଲେଶ୍ୱର- 7088008550
କଟକ- 7618439473
ଯାଜପୁର- 7055111132
ସୁନ୍ଦରଗଡ଼- 8057447508

FINANCE
Mahalaxmi Credit Services
Bank ଯଦି ଋଣ ଦଉନି ତାହେଲେ ଆମ କମ୍ପାନୀ ଠାରୁ ମାର୍କସିଟ, ଆଧାରକାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ, BPL ଋଣ ପାଆନ୍ତୁ
25 ଲକ୍ଷ୍ୟ ପର୍ଯ୍ୟନ୍ତ। ବାର୍ଷିକ 4% ସୁଧ 35% ଛାଡ । ଘରେ ବସି ପାଆନ୍ତୁ
website- mahalaxmicreditservices.com
Lane No - 5, MG Road, Bangalore
9105689469
8395030162

ମୁଦ୍ରା ପ୍ରୋତ୍ସାହନ ଯୋଜନା ଅଧୀନରେ !!! ଋଣ ଉପରେ ଋଣ !!! ମାର୍କଶିଟ୍, ପର୍ସନାଲ, କୃଷି, ଲଘୁ ଉଦ୍ୟୋଗ ଋଣ !!! ମହିଳା ଗ୍ରୁପ୍, ବିକଳାଙ୍ଗଙ୍କ ପାଇଁ ବିଶେଷ ରିହାତି !!! ପ୍ରକ୍ରିୟାକରଣ ୨ କାଗଜ ଉପରେ !!! ୨% ସୁଧ, ୪୦% ସବ୍‌ସିଡି !!! ଗ୍ରୁପ୍ ଫାଇଲ୍ ଉପରେ ୨% କମିଶନ।
8376930370
7840058835
H.No.-258, VPO Duhai, Ghaziabad, (U.P.) 201203

BUSINESS
ଖାଲିଥିବା ଜମି ଓ ଛାତ ଉପରେ ଗ୍ୟାଲେକ୍ସୀ ଗ୍ରୁପର ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ । ଆଜି ହିଁ ସଂମ୍ପର୍କ କରନ୍ତୁ
Plot No - 114/617, Devaraja Mohalla, Bangalore, Karnataka 570001
Call / SMS Now
8697980580

କୁବେର ଫାଇନାନ୍ସ
ମୁଖ୍ୟମନ୍ତ୍ରୀ ଯୋଜନା ଦ୍ୱାରା ସବୁ ଋଣ ଘରେ ବସି 24 ଘଣ୍ଟାରେ ପାଆନ୍ତୁ। ମାର୍କଶିଟ, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ବିପିଏଲ, ମହିଳା ଗ୍ରୁପ୍ ଋଣ 0% ସୁଧ, 35% ସବ୍‌ସିଡି।
Helpline
18002126755
08802683947
Dist: Khargaon, Madhyapradesh

T.C.F. FINANCE
(Govt. Registered)
ଋଣ ମାତ୍ର 6 ଘଣ୍ଟାରେ । ନୋ ଫାଇଲ ଚାର୍ଜ, ବିନା ଗ୍ୟାରେଣ୍ଟର ମାର୍କଶିଟ୍ ଋଣ (ସାର୍ଟିଫିକେଟ୍), ପ୍ରପର୍ଟି, ପର୍ସନାଲ, ଗୃହଋଣ, 0% ସୁଧ, 50% ରିହାତି। (ଠକମାନଙ୍କ ପ୍ରତି ସାବଧାନ)
08859668407
୩୯, ପଟେଲ ନଗର, ଆଶିକ ସାହାରନପୁର ରୋଡ୍, ଡେରାଡୁନ୍ - ୨୪୫୦୦୧

LOAN
ଆପଣ ବେରୋଜଗାରିଆ କି? ଏବେ ଓଡ଼ିଶାରେ ପ୍ରଥମ ଥର ପାଇଁ ମୁଦ୍ରା ଯୋଜନାରେ ଗ୍ରାହକମାନଙ୍କୁ କମ୍ ସୁଧରେ ୫୦ ହଜାରରୁ ୫ ଲକ୍ଷ ପର୍ଯ୍ୟନ୍ତ ଋଣ ଯୋଗାଇ ଦିଆଯାଉଛି।
ଡକ୍ୟୁମେଣ୍ଟ Email:-
fileodisha@gmail.com
ରେ ପଠାଇ ପାରିବେ।
7991052261
7991052595
405 D, Gandhi Marg, Mumbai-02

LOAN
ଓଡ଼ିଶାର ସମସ୍ତ ଜିଲ୍ଲା ପାଇଁ ବ୍ୟକ୍ତିଗତ, କୃଷି, ଶିକ୍ଷା, ମାର୍କସିଟ୍, ବ୍ୟବସାୟ ଓ ମହିଳା ଗ୍ରୁପ୍‌କୁ SAMRUDHI FINANCEରୁ ଋଣ ଯୋଗାଇ ଦିଆଯାଉଛି।
B-19, Tower No-9, New Moti Bagh, New Delhi-110021
8658167603
7064382081

ଟଙ୍କା ନେଉନ୍ତୁ, ଧୋକା ଦେଉନ୍ତୁ
MUDRA FINANCE
ଆଗେ କାମ - ପରେ ଦାମ
ପର୍ସନାଲ, ପ୍ରପର୍ଟି ମାର୍କଶିଟ୍, ବ୍ୟବସାୟ ଯାନବାହନ, ଆଧାରକାର୍ଡ ରାଶନ କାର୍ଡ ସମସ୍ତ ଋଣ
2% ସୁଧ - 40% ରିହାତି
ଘରେ ବସି ଉପଲବ୍ଧ
7078300380
Ram Nagar, Narnel, Haryana

ସରକାରୀ ଜନଧନ ଯୋଜନା ଅଧୀନରେ
DHANLAXMI FINANCE PVT. LTD.
(Regd. No.- 004554MH)
ଦ୍ୱାରା ସରକାରୀ ବ୍ୟାଙ୍କରୁ ମାର୍କଶିଟ୍, ପ୍ରପର୍ଟି, ଆଧାରକାର୍ଡ, ରାଶନକାର୍ଡ, ପର୍ସନାଲ , ଗ୍ରୁପ୍ ଋଣ ଏବଂ ସମସ୍ତ ଋଣ କେବଳ 24 ଘଣ୍ଟାରେ ପାଆନ୍ତୁ । 2% ସୁଧ 50% ରିହାତି
Helpline Number
9499218982
Goudunipokhari, Pharsibandha, Bhadrak, Odisha - 756132

ପାଠକଙ୍କ ପାଇଁ ସୂଚନା:
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

TARIFF — MORE SPACE • SAME PRICE — *GST 5% Extra

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6×4 | 12×4 | 6×4 | 12×4 | 6×4 | 12×4 | 6×4 | 12×4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

କେମିତି ମଦ ଛାଡ଼ିବେ
ଆସକ୍ତ ବ୍ୟକ୍ତିଙ୍କୁ ନ ଆଣି ଏବଂ ନ ଜଣାଇ। ସମୟ ପୂର୍ବାହ୍ନ ୧୦ ଘଟିକାରୁ ଅପରାହ୍ନ ୨ ଘଟିକା
ବାଲେଶ୍ୱର: ପ୍ରତିମାସ ୧ ଓ ୧୫, ହୋଟେଲ କଳିଙ୍ଗ, ଷ୍ଟେଶନ ଗୋଲେଇ। ଭଦ୍ରକ: ୨ ଓ ୧୬, ହୋଟେଲ ବ୍ଲୁଭାଇନ୍, ରାଜଘାଟ ଛକ। ଯାଜପୁର: ୩ ଓ ୧୭, ହୋଟେଲ ଭୀମସେନ ପ୍ୟାଲେସ୍, ଗୋପବନ୍ଧୁ ଛକ, ଯାଜପୁର ରୋଡ୍। କଟକ: ୪ ଓ ୧୮, ହୋଟେଲ ମା ମଙ୍ଗଳା, ବାଦାମବାଡ଼ି, ବସ୍‌ଷ୍ଟାଣ୍ଡ ନିକଟ। ଭୁବନେଶ୍ୱର: ୫ ଓ ୧୯ ହୋଟେଲ ଟ୍ରାଇଡେଣ୍ଟ (ଲଜ୍) ବଡ଼ଜେନା କମର୍ସିଆଲ୍ କମ୍ପ୍ଲେକ୍ସ, ୧୩୮, ଅଶୋକ ନଗର, ୟୁନିଟ୍-୩। ପୁରୀ: ୬ ଓ ୨୦, ହୋଟେଲ ପାରାଡାଇଜ୍, ଗ୍ରାଣ୍ଡ ରୋଡ୍, ବଡ଼ଦାଣ୍ଡ ନିକଟ। ବାରିପଦା: ୭ ଓ ୨୧, ହୋଟେଲ ଗଣେଶ, ଗଣେଶ ମାର୍କେଟ। ସମ୍ବଲପୁର: ପ୍ରତିମାସ ୮ ଓ ୨୨, ହୋଟେଲ ସୁଜାତା, ଭି.ଏସ୍.ଏଫ୍. ମାର୍ଗ, ବସ୍ ଷ୍ଟାଣ୍ଡ ନିକଟ। ରାଉରକେଲା: ପ୍ରତିମାସ ୯ ଓ ୨୩, ହୋଟେଲ ଶ୍ୟାମ, ବିସ୍ରା ରୋଡ୍, ରେଳ ଷ୍ଟେଶନ ନିକଟ। ପାରାଦୀପ: ପ୍ରତିମାସ ୮ ଓ ୨୨, ହୋଟେଲ ଆରିଷ୍ଟୋକ୍ରାଟ୍। କେନ୍ଦ୍ରାପଡ଼ା: ପ୍ରତିମାସ ୯ ଓ ୨୩, ହୋଟେଲ ଗୋଲ୍‌ଡେନ୍ ପ୍ୟାଲେସ, ବସ୍ ଷ୍ଟାଣ୍ଡ ନିକଟ। କେନ୍ଦୁଝର: ପ୍ରତିମାସ ୧୦ ଓ ୨୪, ହୋଟେଲ ବରାଳ, ବସ୍ ଷ୍ଟାଣ୍ଡ ନିକଟ। ଝାରସୁଗୁଡ଼ା: ୧୦ ଓ ୨୪, ହୋଟେଲ ଉପହାର, ଏମ୍.ବି. ରୋଡ୍। ଅନୁଗୋଳ: ୧୧ ଓ ୨୫, ହୋଟେଲ ଶାନ୍ତି, ବସ୍ ଷ୍ଟାଣ୍ଡ ନିକଟ। ବ୍ରହ୍ମପୁର: ୧୨ ଓ ୨୬, ହୋଟେଲ ଲେକ୍‌ଭ୍ୟୁ, ରାମ ଲିଙ୍ଗ ଟ୍ରଙ୍କ ରୋଡ୍। ଭବାନୀପାଟଣା: ୧୩ ଓ ୨୭, ରବି ଲଜ୍, ଗାନ୍ଧୀ ଚୌକ। ବରଗଡ଼: ୧୪ ଓ ୨୮, ହୋଟେଲ ଓରିଏଣ୍ଟାଲ, କେନାଲ ଆଭେନ୍ୟୁ ନିକଟ। ଫୁଲବାଣୀ: ପ୍ରତିମାସ ୧୨ ତାରିଖ, ହୋଟେଲ ରାଜ କମଲ। ନୟାଗଡ଼: ପ୍ରତିମାସ ୧୧ ତାରିଖ, ହୋଟେଲ ତ୍ରିନାଥ, ଦିଘା ରୋଡ୍। ପୂଜା ହେଲ୍‌ଥ ସେଣ୍ଟର
ଶ୍ୱାସରୋଗ, ଗଣ୍ଠି ଯନ୍ତ୍ରଣା, ଅର୍ଶ, ଓଜନ ବୃଦ୍ଧି ପାଇଁ ପ୍ରଭାବୀ ଔଷଧ।

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଚ୍ୟାଲେଞ୍ଜ
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଳେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୂଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

M. GROUP FINANCE CO.
DIWALI OFFER
(Govt. Approved)
• Personal Loan
• Business Loan
• Salary Slip Loan
• Marksheet Loan
2% Interest, ମହିଳାଙ୍କ ପାଇଁ 50% subsidy
Balasore, Ganjam, Dhenkanal, Delhi
9650189261
9718741868
Block Chack, Balasore-756027

Shri Ram Finance
ସେବା ସମିତି ଋଣ ଅଫର୍
ପିଏମ୍ ଋଣ ଯୋଜନା ଅଧୀନରେ 5 ଘଣ୍ଟାରେ ସବୁ ପ୍ରକାର ଋଣ ପାଆନ୍ତୁ । ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ବିପିଏଲ୍ କାର୍ଡ । ବେରୋଜଗାର, ମହିଳା ଗ୍ରୁପ୍ ଋଣ ପାଆନ୍ତୁ 2% ସୁଧ 40% ସରକାରୀ ସବ୍‌ସିଡି।
Helpline Numbers
9996568749
7497026992
Kutasingha, Tentuligaon, Bolangir, Orissa 767068

ନୂଆବର୍ଷର ଶୁଭ ଅବସରରେ
GANAPATI FINANCE
ଦ୍ୱାରା ଆଧାରକାର୍ଡ, ମାର୍କଶିଟ୍, ଗୃହ, ପର୍ସନାଲ, ବ୍ୟବସାୟ
ସମସ୍ତ ଋଣ ମାତ୍ର 4 ଘଣ୍ଟାରେ
1% ସୁଧ - 50% ରିହାତି
ମହିଳା / ସରକାରୀ କର୍ମଚାରୀଙ୍କ ପାଇଁ ରିହାତି
ଦ୍ରଷ୍ଟବ୍ୟ: ଆମର ଅନ୍ୟ କୌଣସି ଶାଖା ନାହିଁ
ଯୋଗାଯୋଗ: ସୁନିତା
8860416623, 8860412564
168, Sector 30, Jagatpura, Jaipur (Rajasthan)

ଭାରତର ନଂ.1 କମ୍ପାନୀ
HI-TECH TOWER
(GOVT. REGD.)
ଡିଜିଟାଲ ଉପକରଣ ଜମି, ଛାତ, ପ୍ଲଟ୍ କ୍ଷେତରେ ଲଗାନ୍ତୁ
ପାଆନ୍ତୁ 60 ଲକ୍ଷ ଅଗ୍ରିମ + ଭଡ଼ା 40 ହଜାର + 20,000/-ର ପ୍ରୋତ୍ସାହନ + ବାଇକ୍ + ଜୀବନ ବୀମା
(ଠକମାନଙ୍କ ପ୍ରତି ସାବଧାନ)
08818956614
09753490869
#908, Dhiman Line, Yamuna Nagar, Haryana.



"ନୀତିହୀନ ରାଜନୀତି, ଚରିତ୍ରହୀନ ଶିକ୍ଷା, ମାନବିକତାହୀନ ବାଣିଜ୍ୟ ବ୍ୟବସାୟ କେବଳ ଅନୁପଯୋଗୀ ନୁହେଁ, ଏହା ନିଶ୍ଚିତ ପକ୍ଷେ ବିପଜ୍ଜନକ।
- ସତ୍ୟସାଇ ବାବା



## ସଂକ୍ଷେପରେ

### ବିଜୁ ଯୁବ ବାହିନୀକୁ କ୍ରୀଡା ଉପକରଣ ବଣ୍ଟନ



**ଖଣ୍ଡପଡା,୪।୧୨(ସ୍ୱ.ପ୍ର.):** କ୍ରୀଡାର ପ୍ରସାର ତଥା ବିକାଶ ଦିଗରେ ବିଭିନ୍ନ ଯୁବଗୋଷ୍ଠୀ ଏବଂ ଖେଳାଳିମାନଙ୍କୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ରାଜ୍ୟ ସରକାର ପ୍ରତ୍ୟେକ ବିଜୁ ଯୁବ ବାହିନୀକୁ ଖେଳ ଉପକରଣ ଯୋଗାଇବା ପାଇଁ ଯୋଜନା ଆରମ୍ଭ କରିଛନ୍ତି। ରାଜ୍ୟ ସରକାରଙ୍କ ପକ୍ଷରୁ ମଙ୍ଗଳବାର ବିଜୁ ଯୁବ ବାହିନୀ ଗୁଡିକୁ କ୍ରୀଡା ଉପକରଣ ଓ ଆନୁଷଙ୍ଗିକ ସାମଗ୍ରୀ ସବୁ ବଣ୍ଟନ କରାଯାଇଛି। ଖଣ୍ଡପଡା ବ୍ଲକ ସମ୍ମିଳନୀ କକ୍ଷରେ ଆୟୋଜିତ ଉତ୍ସବରେ ବିଧାୟକ ଅନୁଭବ ପଟ୍ଟନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ବ୍ଲକ ଅନ୍ତର୍ଗତ ୨୨ ଗୋଟି ପଞ୍ଚାୟତ ଓ ଖଣ୍ଡପଡା ସହରରେ କାର୍ଯ୍ୟ କରୁଥିବା ବିଜୁ ଯୁବ ବାହିନୀର ସଭାପତି ଏବଂ ସମ୍ପାଦକ ମାନଙ୍କୁ କ୍ରୀଡା ଉପକରଣ ବଣ୍ଟନ କରିଥିଲେ। ବିଡିଓ ଶିବାନନ୍ଦ ସ୍ୱାଇଁ କାର୍ଯ୍ୟକ୍ରମରେ ପୌରୋହିତ୍ୟ କରିଥିଲେ। ସମ୍ମାନିତ ଅତିଥି ଭାବେ ବ୍ଲକ ଅଧକ୍ଷ ମନୋଜ କୁମାର ପ୍ରଧାନ, ଖଣ୍ଡପଡା ଏନ୍ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଇତିଶ୍ରୀ ଷଡଙ୍ଗୀ ପ୍ରମୁଖ ଉପସ୍ଥିତ ଥିଲେ। ବିଜୁ ଯୁବ ବାହିନୀ ବ୍ଲକ ସଂଯୋଜକ ରାକେଶ ପତି ଓ ଏନଏସି ସଂଯୋଜକ ଅଭିଜିତ୍ ବେହେରା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### ଭାଜପାର ଜନପରାମର୍ଶ ପଦଯାତ୍ରା




**ବୋଲଗଡ଼,୪।୧୨(ଡି.ଏନ.ଏ.):** ବୋଲଗଡ଼ ବ୍ଲକ୍ ଅଞ୍ଚଳରେ ଭାଜପା ପକ୍ଷରୁ ମଙ୍ଗଳବାର ଜନପରାମର୍ଶ ପଦଯାତ୍ରା ଆରମ୍ଭ ହୋଇଛି। ଭାଜପା ଓବିସି ମୋର୍ଚ୍ଚାର ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପ୍ରକାଶ ବିଜୁଳି ନେତୃତ୍ୱରେ ୩୦୦ରୁ ଊର୍ଦ୍ଧ୍ୱ ସମର୍ଥକ ପିଚୁକୁଳିଠାରୁ ପାନନଗର, ରାଜସୁନାଖଳା ବଜାର ଅଞ୍ଚଳ ଓ କାଉଁରୀପାଟଣା ଆଦି ଗ୍ରାମ ପରିକ୍ରମା କରି ଜନସଚେତନତା କରିଥିଲେ। ସୁବାସ ଚନ୍ଦ୍ର ମିଶ୍ର, ଅଶୋକ କୁମାର ରାଉତ, ସିଲୁ ବଳିୟାର୍‌ସିଂହ, ମାଧବ ଦାଶ, ମୀନା କୁମାରୀ ସାମନ୍ତରାୟ, ଗୀତାଞ୍ଜଳି ନାୟକ, ପ୍ରଦୀପ ନାୟକ ଓ ବିଶ୍ୱନାଥ ରଣସିଂହ ପ୍ରମୁଖ ପଦଯାତ୍ରାରେ ଯୋଗଦେଇଥିଲେ। ମୋର ଆଶା ନୂଆ ଓଡିଶା' ପ୍ରଚାର ପତ୍ର ବଣ୍ଟନ କରାଯାଇଥିଲା।

### ଦିବ୍ୟାଙ୍ଗ ଉତ୍ସବ ପାଳିତ

**ବୋଲଗଡ଼,୪।୧୨(ଡି.ଏନ.ଏ.):** ବୋଲଗଡ଼ ବ୍ଲକ୍ ସାଗରଗାଁସ୍ଥିତ ଅଲଟ୍ରା ଭିନ୍ନକ୍ଷମ ବିଦ୍ୟାଳୟରେ ଆନ୍ତର୍ଜାତିକ ଭିନ୍ନକ୍ଷମ ଦିବସ ଅବସରରେ ମଙ୍ଗଳବାର ଦିବ୍ୟାଙ୍ଗ ଉତ୍ସବ -୨୦୧୮ ଅନୁଷ୍ଠିତ ହୋଇଛି । ଶିକ୍ଷାବିତ୍ କୈଳାସ ଚନ୍ଦ୍ର ସାହୁଙ୍କ ପୌରୋହିତ୍ୟରେ ଆୟୋଜିତ ସାଧାରଣ ସଭାରେ ମୁଖ୍ୟଅତିଥି ଭାବେ ବେଗୁନିଆ ବିଧାୟକ ପ୍ରଶାନ୍ତ କୁମାର ଜଗଦେବ ଯୋଗ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ପୂର୍ବତନ ବ୍ଲକ୍ ଉପାଧକ୍ଷ ଦୁର୍ଯ୍ୟୋଧନ ସ୍ୱାଇଁ, ଯୁବ ବିଜେଡି ସଭାପତି ରବୀନ୍ଦ୍ର କୁମାର ସୁବୁଦ୍ଧି, ଶିକ୍ଷାବିତ୍ ଜୟକୃଷ୍ଣ ଫତେସିଂହ, ସରପଞ୍ଚ ସୁବାସ ରାୟଗୁରୁ ପ୍ରମୁଖ ମଞ୍ଚାସୀନ ଥିଲେ। ଅନୁଷ୍ଠାନର ସମ୍ପାଦକ ବ୍ରହ୍ମଚାରୀ ରାୟ୍ ଦିବ୍ୟାଙ୍ଗମାନଙ୍କ ବିକାଶ ସମ୍ବନ୍ଧରେ କହିଥିବା ବେଳେ ବିଦ୍ୟାଳୟ କମିଟି କୋଷାଧକ୍ଷ ଫକିର ମହାରାଣା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ।

■ ପୁରୀ ଜିଲା କୃଷି ନିର୍ଦ୍ଧାରଣ କମିଟି ବୈଠକ

# ୯୮,୪୭୭ ହେକ୍ଟର ଜମିରେ ହେବ ରବି ଫସଲ

**ପୁରୀ ଅଫିସ, ୪।୧୨**

ଆସନ୍ତା ରବି ଋତୁରେ ଜିଲାର ୯୮,୪୭୭ ହେକ୍ଟର ଜମିରେ ଧାନ ଓ ଅଣଧାନ ଜାତୀୟ ଫସଲ କରାଯିବ। ଏଥିରୁ ୨୧,୯୯୨ ହେକ୍ଟର ଜମିରେ ଧାନ ଏବଂ ୯୧,୮୫୪ ହେକ୍ଟର ଜମିରେ ଅଣଧାନ ଜାତୀୟ ଫସଲ ଚାଷ ହେବ। ହେକ୍ଟର ପିଛା ୫୦କୁଇଣ୍ଟାଲ ଧାନ ଉତ୍ପାଦନ ଲକ୍ଷ୍ୟ ଧାର୍ଯ୍ୟ ହୋଇଛି। ସମବାୟ ବ୍ୟାଙ୍କ ଜରିଆରେ ଚଳିତ ରବିରେ ଚାଷୀଙ୍କୁ ୧୪୦ କୋଟି ଟଙ୍କାର କୃଷି ଋଣ ଦେବା ପାଇଁ ପୁରୀ ଜିଲା କୃଷି ନିର୍ଦ୍ଧାରଣ କମିଟି ବୈଠକରେ ସ୍ଥିର ହୋଇଛି। ଚାଷୀଙ୍କୁ ଠିକଣା ସମୟରେ ଋଣ ଦେବାକୁ ବୈଠକରେ ପରାମର୍ଶ ଦିଆଯାଇଛି।

ରବି ଚାଷ ଲାଗି ପୁରୀ ଜିଲା କୃଷି ନିର୍ଦ୍ଧାରଣ କମିଟି ବୈଠକ ମଙ୍ଗଳବାର ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଛି। ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ଉଦ୍ଧବ ଚନ୍ଦ୍ର ମାଝିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ରବି ଚାଷର ପ୍ରସ୍ତୁତି ଉପରେ ଆଲୋଚନା କରାଯାଇଥିଲା। ଜିଲାରେ ୮୦,୯୧୯ ହେକ୍ଟର ଜଳସେଚିତ ଜମି ରହିଥିବାବେଳେ ୨୩,୫୭୫ ହେକ୍ଟର ଜମିରେ ଧାନ




ବୈଠକରେ ଉପସ୍ଥିତ ଅତିଥି।

■ଚାଷୀଙ୍କ ପାଇଁ ୧୪୦ କୋଟି ଋଣ ବ୍ୟବସ୍ଥା

■ଜଳସେଚନ ଉପରେ ଗୁରୁତ୍ୱ

ଫସଲ ଏବଂ ୫୭,୩୪୪ଏକର ଜମିରେ ଅଣଧାନ ଜାତୀୟ ଫସଲ କରାଯିବ। ୧୭,୫୫୮ହେକ୍ଟର ଅଣ ଜଳସେଚିତ ଜମିରେ ଅଣଧାନ ଜାତୀୟ ଫସଲ ଚାଷ ହେବ। ୪୭,୯୩୯ ହେକ୍ଟର ଜମିରେ ଡାଲି ଜାତୀୟ ଫସଲ କରିବା ଲାଗି ଲକ୍ଷ୍ୟ ଧାର୍ଯ୍ୟ ହୋଇଛି। ସେହିପରି ୮୬୨୭ ହେକ୍ଟର ଜମିରେ ତୈଳଜାତ ପଦାର୍ଥ ଅର୍ଥାତ୍ ଚିନାବାଦାମ, ସୋରିଷ ଓ ରାଶି ଆଦି ଚାଷ ପାଇଁ ଲକ୍ଷ୍ୟ ଧାର୍ଯ୍ୟ ରହିଛି। ପ୍ରାୟ ୧୫ହଜାର ହେକ୍ଟର ଜମିରେ ପରିବା ଚାଷ ପାଇଁ ଟାର୍ଗେଟ ରହିଛି। ମୃତ୍ତିକା ପରୀକ୍ଷା କରି ସାର ପକାଇବା ନିମନ୍ତେ ଚାଷୀଙ୍କୁ ବୁଝାଇବାକୁ କୃଷି ଅଧିକାରୀମାନଙ୍କୁ ପରାମର୍ଶ ଦିଆଯାଇଛି। ଚଳିତବର୍ଷ ପିଓଏସ୍ ମାଧ୍ୟମରେ ଚାଷୀଙ୍କୁ ସାର ଦିଆଯିବ। ସାର ବିକ୍ରି ଲାଗି ୫୦୩ଟି ଡିଲର ଓ ସୋସାଇଟିକୁ ଅନୁମତି ଦିଆଯାଇଛି। ସାର କଳାବଜାରୀକୁ ରୋକିବା ଲାଗି ୩ଟି ଏନ୍‌ଫୋର୍ସମେଣ୍ଟ ସ୍କ୍ୱାଡ୍ ଗଠନ ହୋଇଛି। ରବି ଫସଲ ପାଇଁ ବର୍ତ୍ତମାନ ସୁଦ୍ଧା ୧ ହଜାର କୁଇଣ୍ଟାଲ ଧାନ ବିହନ ୧୨୦୦ କୁଇଣ୍ଟାଲ ଚିନାବାଦାମ ବିହନ ଆସି ପହଞ୍ଚିଛି। କେନାଲ ପାଣି ଯେଭଳି ସବୁ ଜମିକୁ ମାଡ଼ିବ ସେ ଦିଗରେ ଜଳସେଚନ ବିଭାଗ ଦୃଷ୍ଟି ଦେବ। ବୈଠକରେ ଜିଲା କୃଷି ଉପ ନିର୍ଦ୍ଦେଶକ ଏସ୍. ଚନ୍ଦ୍ରଶେଖର ରାଓ, ଉଦ୍ୟାନ କୃଷି ଉପ ନିର୍ଦ୍ଦେଶକ ନବ କିଶୋର ତାଡ, ଡିଆରସିଏସ୍ ରୋଜାଲିନ ସେନାପତି ପ୍ରମୁଖ ଉପସ୍ଥିତ ଥିଲେ।

■ ଜାତୀୟ ଶିଶୁ ମହୋତ୍ସବ ଉଦ୍‌ଯାପିତ

# କଳାକାରଙ୍କୁ ଆଗକୁ ନେବାରେ ଶିଶୁବାର୍ତ୍ତାର ଉଦ୍ୟମ ପ୍ରଶଂସନୀୟ

**ପୁରୀ ଅଫିସ, ୪।୧୨**

କଳା ଏବଂ କଳାକାରଙ୍କୁ ଆଗକୁ ନେବାରେ ଶିଶୁବାର୍ତ୍ତାର ଉଦ୍ୟମ ପ୍ରଶଂସନୀୟ। ୧୨ ବର୍ଷ ହେଲା ଶିଶୁ କଳାକାରଙ୍କୁ ଛୋଟ ମଞ୍ଚରୁ ରାଜ୍ୟ ଏବଂ ଜାତୀୟସ୍ତରକୁ ଆଣିବାରେ ଶିଶୁବାର୍ତ୍ତା ଅଭିଯାନ ଜାରି ରଖିଛି। ଆଜି ସେହି ଶିଶୁ କଳାକାର ପ୍ରତିଷ୍ଠିତ ହୋଇପାରିଛନ୍ତି। ଯାହା ନିଶ୍ଚିତ ଶିଶୁବାର୍ତ୍ତା ପାଇଁ ଗର୍ବର କଥା ବୋଲି ଜାତୀୟ ଶିଶୁ ମହୋତ୍ସବର ଉଦ୍‌ଯାପନୀ ସନ୍ଧ୍ୟାରେ ଯୋଗଦେଇଥିବା ଅତିଥିମାନେ କହିଛନ୍ତି।

ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚରେ ଅନୁଷ୍ଠିତ ତିନିଦିନିଆ ଦ୍ୱାଦଶ ଜାତୀୟ ଶିଶୁ ମହୋତ୍ସବ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ଡା. ଗୁଣାକାର ରଥ ମୁଖ୍ୟଅତିଥି ଭାବେ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଶିଶୁ ସମାଚାରର ସମ୍ପାଦକ ସୁକାନ୍ତ ପଣ୍ଡା, ସାମାଜିକ କର୍ମୀ ଲଡୁକିଶୋର ସାହୁ, ଗୋପାଳ ଚନ୍ଦ୍ର ଖୁଣ୍ଟିଆ ପ୍ରମୁଖ ଯୋଗଦେଇ ଶିଶୁ କଳାକାରଙ୍କ ଉନ୍ନତ ଭବିଷ୍ୟତ କାମନା କରିଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ଶିଶୁ କଳାକାରମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଆସନ୍ତା ଏପ୍ରିଲ ୨୫ରେ ଭୁଟାନରେ ତିନିଦିନ ଧରି ଅନ୍ତର୍ଜାତୀୟ ଶିଶୁ ମହୋତ୍ସବ ଅନୁଷ୍ଠିତ ହେବ ବୋଲି ଏହି ଅବସରରେ ଘୋଷଣା କରାଯାଇଥିଲା। ଶେଷରେ କଳାକାରମାନେ ପ୍ରାଦେଶିକ ଲୋକନୃତ୍ୟ ପରିବେଷଣ କରିଥିଲେ।




ଶିଶୁକଳାକାରଙ୍କ ଓଡ଼ିଶୀ ନୃତ୍ୟ ପରିବେଷଣ।

■ ସର୍ବଭାରତୀୟ ଫୁଟବଲ୍ ଟୁର୍ନାମେଣ୍ଟ

# ୩-୧ ଗୋଲ୍‌ରେ ଗୋଆ ବିଜୟୀ

**ନୟାଗଡ଼ ଅଫିସ,୪।୧୨**

୭୮୬ ୟୁଥ୍‌କ୍ଲବ ସିନ୍ଦୂରିଆ ଓ ଜିଲା ଆଥ୍‌ଲେଟିକ ଆସୋସିଏଶନ ମିଳିତ ଆନୁକୂଲ୍ୟରେ ନୟାଗଡ ଖେଳପଡ଼ିଆଠାରେ ସର୍ବଭାରତୀୟ ଫୁଟବଲ୍ ଟୁର୍ନାମେଣ୍ଟ ଚାଲୁରହିଛି। ମଙ୍ଗଳବାର ଦ୍ୱିତୀୟ ଦିବସରେ ସଂଘର୍ଷ କ୍ଲବ ଭୁବନେଶ୍ୱର ଓ ସିଗ୍ନାଲ୍ ଏଫସି ଗୋଆ ଦଳ ମଧ୍ୟରେ ଖେଳ ଅନୁଷ୍ଠିତ ହୋଇଥିଲା। ପ୍ରଥମାର୍ଦ୍ଧ ଖେଳର ୧୬ ମିନିଟରେ ଗୋଆ ଦଳର ୧୧ ନମ୍ବର ଖେଳାଳି ଏଲ୍ ନୋକୁଲ ସିଂହ ପ୍ରଥମ ଗୋଲ୍ ସ୍କୋର କରିଥିଲେ। ପରେ ଗୋଆର ୬ ନମ୍ବର ଖେଳାଳି ସୁକ୍ଲିଲାବ୍ ବର୍ଦ୍ଦୋଲାଇ ଆଉ ଦୁଇଟି ଗୋଲ୍ ସ୍କୋର କରିଥିଲେ। ୫୨ ମିନିଟ୍ ସମୟରେ ଭୁବନେଶ୍ୱର ଦଳର ୭ ନମ୍ବର ଖେଳାଳି ଇଲୁ ଇସ ଏକ ମାତ୍ର ଗୋଲ୍ ଦେଇଥିଲେ। ଏହା ପରେ ଆଉ କୌଣସି ଗୋଲ୍ ସ୍କୋର ହୋଇପାରି ନ ଥିଲା। ଫଳରେ



ମ୍ୟାଚ୍‌ର ଏକ ରୋମାଞ୍ଚକର ଦୃଶ୍ୟ।

ଗୋଆ ଦଳ ୩-୧ ଗୋଲ୍‌ରେ ସଂଘର୍ଷ କ୍ଲବ୍‌କୁ ହରାଇ ବିଜୟୀ ହୋଇଥିଲା। ବିଜୟୀ ଦଳର ସୁକ୍ଲାବ ବର୍ଦ୍ଦୋଲାଇଙ୍କୁ ଅତିଥିମାନେ ମ୍ୟାନ୍ ଅଫ ଦି ମ୍ୟାଚ୍ ଟ୍ରଫି ସହ ହଜରତ୍ ଅଲ୍ଲୀ ୫୦୧ ଟଙ୍କା ପୁରସ୍କାର ପ୍ରଦାନ କରିଥିଲେ। ମୁଖ୍ୟ ରେଫରି ଭାବେ ସୁଦୀପ୍ତ ଦାସ ଖେଳ ପରିଚାଳନା କରିଥିବା ବେଳେ ଜ୍ୟୋତି ରଞ୍ଜନ ସାହୁ, ଶେଷଦେବ ବେହେରା ଓ ଅଶୋକ କୁମାର ଲାଇନ୍‌ରେ ସହଯୋଗ କରିଥିଲେ। ନୟାଗଡ଼ ତହସିଲଦାର ମନୋରଞ୍ଜନ ସାହୁ, ସିନ୍ଦୂରିଆ ସରପଞ୍ଚ ହୁରଜାନ୍ ବେଗମ୍ ଅତିଥିଭାବେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ରଣପୁରର ପୂର୍ବତନ ବିଧାୟକ ସତ୍ୟନାରାୟଣ ପ୍ରଧାନ, ପୂର୍ତ୍ତ ବିଭାଗ କନିଷ୍ଠ ଯନ୍ତ୍ରୀ କିଶୋର ଚନ୍ଦ୍ର ଶତପଥୀ ମଞ୍ଚାସୀନ ଥିଲେ। ବୁଧବାର ଓଡ଼ିଶା ପୋଲିସ କଟକ ଓ ଆନ୍ଧ୍ରପ୍ରଦେଶର ଆର୍ମି ହାଇଦ୍ରାବାଦ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ ବୋଲି କମିଟି ପକ୍ଷରୁ ସୂଚନା ଦିଆଯାଇଛି।

## ବିଶାଳ ହିନ୍ଦୁ ଶୋଭାଯାତ୍ରା ନେଇ ସଂଘ ପରିବାରର ବୈଠକ

**ଖଣ୍ଡପଡା,୪।୧୨(ସ୍ୱ.ପ୍ର.)**

ରାମ ଜନ୍ମଭୂମି ଅଯୋଧ୍ୟାରେ ରାମ ମନ୍ଦିର ନିର୍ମାଣ ପରିପ୍ରେକ୍ଷୀରେ ଖଣ୍ଡପଡା ନିର୍ବାଚନ ମଣ୍ଡଳୀରେ ଆସନ୍ତା ୬ ତାରିଖରେ ଏକ ବିଶାଳ ହିନ୍ଦୁ ଶୋଭାଯାତ୍ରା ଅନୁଷ୍ଠିତ ହେବ ବୋଲି ସଂଘ ପକ୍ଷରୁ ସୋମବାର ଖଳିସାହି ଟୋଟା ହନୁମାନଙ୍କ ପୀଠରେ ଆୟୋଜିତ ଏକ ପ୍ରସ୍ତୁତି ବୈଠକରେ ନିଷ୍ପତି ନିଆଯାଇଛି। ଆରଏସଏସ, ବିଶ୍ୱ ହିନ୍ଦୁ ପରିଷଦ, ବଜରଙ୍ଗ ଦଳ, ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦର କର୍ମକର୍ତ୍ତାଙ୍କ ମିଳିତ ସହଯୋଗରେ ବୈଠକର ଆୟୋଜନ କରାଯାଇଥିଲା। ଆରଏସଏସ ପ୍ରମୁଖ ପରାଶର ମିଶ୍ର ଓ ଜିଲା ବୌଦ୍ଧିକ ପ୍ରମୁଖ ଜିତେନ୍ଦ୍ର କୁମାର କାଟିଆଙ୍କ ଆବାହକତ୍ୱରେ ଆୟୋଜିତ ପ୍ରସ୍ତୁତି ବୈଠକରେ ଏବିଭିପି ଜିଲା ସଂଯୋଜକ ପରମେଶ୍ୱର ମହାନ୍ତି, ବିଶ୍ୱ ହିନ୍ଦୁ ପରିଷଦ ସଂଯୋଜକ ତଥା ଆଇନଜୀବୀ ପ୍ରିୟବତ ମିଶ୍ର, ବିମଳେନ୍ଦୁ ସ୍ୱାଇଁ, ଆରଏସଏସ ସଦସ୍ୟ ମାନସ କୁମାର ସ୍ୱାଇଁ ପ୍ରମୁଖ ଉପସ୍ଥିତ ରହି ମତବ୍ୟକ୍ତ କରିଥିଲେ ।

# ଭାଜପା କୃଷକ ମୋର୍ଚ୍ଚା ସଂଯୋଜକଙ୍କ ପରଲୋକ

**ଭାପୁର,୪।୧୨(ଡି.ଏନ୍.ଏ.)**

ରାଜ୍ୟ ଭାଜପା କୃଷକ ମୋର୍ଚ୍ଚା ସଂଯୋଜକ କୃଷ୍ଣଚନ୍ଦ୍ର ବରାଡ଼ଙ୍କ ମଙ୍ଗଳବାର ସକାଳେ ହୃଦ୍‌ଘାତରେ ପରଲୋକ ଘଟିଛି। ତାଙ୍କୁ ୬୮ବର୍ଷ ହୋଇଥିଲା। ଏହି ଖବର ପାଇବା ପରେ ଜନ୍ମଭୂମି ନୟାଗଡ଼ ଜିଲା ଭାପୁରରେ ଶୋକର ଛାୟା ଖେଳିଯାଇଛି। ଭୁବନେଶ୍ୱର ଚନ୍ଦ୍ରଶେଖରପୁରସ୍ଥିତ ବାସଭବନରେ ସକାଳେ ନିତ୍ୟକର୍ମ ସାରିବା ବେଳକୁ ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ତାଙ୍କୁ ନିକଟସ୍ଥ ଏକ ଘରୋଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ତାଙ୍କ ମରଶରୀର ଏଠାରେ ପହଞ୍ଚିବା ପରେ ଭାପୁର ବଜାର ଓ ଗ୍ରାମ ପରିକ୍ରମା କରାଯାଇ ଗାଁ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ତାଙ୍କର ୪ ପୁଅ ଓ ୧ ଝିଅ ମଧ୍ୟରୁ ବଡ଼ପୁଅ ଦୀପକ ମୁଖାଗ୍ନି ଦେଇଥିଲେ। ଖଣ୍ଡପଡା ବିଧାୟକ ଅନୁଭବ ପଟ୍ଟନାୟକ, ପୂର୍ବତନ ମନ୍ତ୍ରୀ ସୁରମା ପାଢୀ, ପୂର୍ବତନ ଖଣ୍ଡପଡ଼ା ବିଧାୟକ ସିଦ୍ଧାର୍ଥ ଶେଖର ସିଂହ, ଭାଜପା ଜିଲା ସଭାପତି ସନ୍ନ୍ୟାସୀ ନାୟକ, ଭାଜପାର ଲାଲା



କୃଷ୍ଣଚନ୍ଦ୍ର ବରାଡ଼ଙ୍କ ଫାଇଲ ଫଟୋ।

ମନୋଜ ରାୟ, ମହିଳାନେତ୍ରୀ ଅର୍ଚ୍ଚନା ଦାଶ, ପୂର୍ବତନ ସରପଞ୍ଚ କାର୍ତ୍ତିକଚନ୍ଦ୍ର ନାୟକ, ଭାଜପା ଜିଲା ଉପସଭାପତି ପ୍ରଦୀପ୍ତ କୁମାର ପଟ୍ଟନାୟକ, ଶିକ୍ଷାବିତ୍ ବିରଞ୍ଚି ପଟ୍ଟନାୟକ, ପୂର୍ବତନ ସମିତିସଭ୍ୟ ନିରାକାର ରଥ ପ୍ରମୁଖ ପହଞ୍ଚି ତାଙ୍କ ମରଶରୀରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ସ୍ୱର୍ଗତ ବରାଡ ୨୦୧୪ ମସିହା ସାଧାରଣ ନିର୍ବାଚନରେ ଖଣ୍ଡପଡା ନିର୍ବାଚନ ମଣ୍ଡଳୀରୁ ସ୍ୱାଧୀନ ବିଧାୟକ ପ୍ରାର୍ଥୀ ଭାବେ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ। ପରେ ସେ ଭାଜପାରେ ଯୋଗଦେଇ ପ୍ରାୟ ୧ବର୍ଷ ହେବ ରାଜ୍ୟ କୃଷକ ମୋର୍ଚ୍ଚାର ସଂଯୋଜକ ଭାବେ କାର୍ଯ୍ୟ କରିଆସୁଥିଲେ।

# ଖଣ୍ଡପଡ଼ା ବ୍ଲକ : ୫ମ ଶ୍ରେଣୀ ମେଧାବୃତ୍ତି ଫଳ ପ୍ରକାଶିତ

## ମେଧାବୃତ୍ତିରେ ମୃତ୍ୟୁଞ୍ଜୟ କାଣ୍ଟି ଓ ଗରିବ ମେଧା ବୃତ୍ତିରେ ତୁଷାର ସାହୁ ପ୍ରଥମ ସ୍ଥାନରେ


**ଖଣ୍ଡପଡା,୪।୧୨(ସ୍ୱ.ପ୍ର.)**

ଖଣ୍ଡପଡ଼ା ବ୍ଲକର ପ୍ରାଥମିକ ବିଦ୍ୟାଳୟ (୫ମ ଶ୍ରେଣୀ) ମେଧାବୃତ୍ତି ଓ ଗରିବ ମେଧାବୃତ୍ତି ପରୀକ୍ଷା ୨୦୧୮ର ଫଳ ମଙ୍ଗଳବାର ପ୍ରକାଶିତ ହୋଇଛି। ଏଥିରେ ୭ ଜଣ ମେଧା ଛାତ୍ରୀଛାତ୍ର ଓ ୭ ଜଣ ଗରିବ ମେଧା ଛାତ୍ରୀଛାତ୍ର ଯୋଗ୍ୟ ବିବେଚିତ ହୋଇଥିବା ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ସୂତ୍ରରୁ ଜଣାପଡିଛି। ଏହି ପରିପ୍ରେକ୍ଷୀରେ ୫ମ ମେଧାବୃତ୍ତି ପରୀକ୍ଷାରେ ୧ମ, ୨ୟ, ୩ୟ, ୪ର୍ଥ, ୫ମ, ୬ଷ୍ଠ ଓ ୭ମ ସ୍ଥାନରେ ଯଥାକ୍ରମେ ନୀଳମାଧବ ନୋଡାଲ ହାଇସ୍କୁଲ କଣ୍ଟିଲୋର ଛାତ୍ର ମୃତ୍ୟୁଞ୍ଜୟ କାଣ୍ଟି, ଖଣ୍ଡପଡ଼ା ସାମନ୍ତ ଚନ୍ଦ୍ରଶେଖର ଶିକ୍ଷାକେନ୍ଦ୍ରର ଛାତ୍ରୀ ସୁଶ୍ରୀ ସ୍ୱାଗତିକା ସାହୁ, ସରସ୍ୱତୀ ଶିଶୁ ମନ୍ଦିର ଖଣ୍ଡପଡ଼ାର ପୁନର୍ନବା ମହାପାତ୍ର, ସାମନ୍ତ ଚନ୍ଦ୍ରଶେଖର ଶିକ୍ଷାକେନ୍ଦ୍ରର ପ୍ରତ୍ୟୁଷ କୁମାର ପଟ୍ଟନାୟକ, ଢୋଲମରା ପ୍ରାଥମିକ ବିଦ୍ୟାଳୟର ଶୁଭଶ୍ରୀ ସାହୁ, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର କଣ୍ଟିଲୋର ସାଇସ୍ୱସ୍ତିକ ସାହୁ ଓ ସରସ୍ୱତୀ ଶିଶୁ ମନ୍ଦିର ଖଣ୍ଡପଡ଼ାର ରଚିତା ପୃଷ୍ଟି ବିବେଚିତ ହୋଇଛନ୍ତି । ସେହିପରି ୫ମ ଶ୍ରେଣୀ ଗରିବ ମେଧାବୃତ୍ତି ପରୀକ୍ଷାରେ ୧ମ, ୨ୟ, ୩ୟ, ୪ର୍ଥ, ୫ମ, ୬ଷ୍ଠ ଓ ୭ମ ସ୍ଥାନରେ ଯଥାକ୍ରମେ ଖଳିସାହି ଲିଙ୍ଗରାଜ ନୋଡାଲ ୟୁପିଏସ୍‌ର ଛାତ୍ର ତୁଷାର ସାହୁ, ଶିଖରପୁର ପିଏସ୍‌ର ଗାୟତ୍ରୀ ସାହୁ, ସତ୍ୟଜିତ ମୁଦୁଲି, ସାମନ୍ତ ଚନ୍ଦ୍ରଶେଖର ଶିକ୍ଷାକେନ୍ଦ୍ର ଖଣ୍ଡପଡ଼ାର ଅଭିପ୍ସା ମଲ୍ଲିକ, କେସି ବାଳିକା ପ୍ରାଥମିକ ବିଦ୍ୟାଳୟର ରୀତାଞ୍ଜଳି ସାହୁ, ବୋଦଶା ୟୁଜିଏମଇର ଦୀପ୍ତିମୟୀ ପୃଷ୍ଟି ଓ ଶରଧାପୁର ପ୍ରାଥମିକ ବିଦ୍ୟାଳୟର ଶୁଭ୍ରାଂଶୁ ନାୟକ ପ୍ରମୁଖ ବିବେଚିତ ହୋଇଛନ୍ତି । ସମ୍ପୃକ୍ତ ଛାତ୍ରୀଛାତ୍ର ଗତ ଏପ୍ରିଲ ୧ ତାରିଖଠାରୁ ଆସନ୍ତା ୨ ବର୍ଷ ପାଇଁ ମାସିକ ୨ଶହ ଟଙ୍କା ଲେଖାଏ ବୃତ୍ତି ଆକାରରେ ପାଇବେ ।

# ୭ ଶିଶୁଙ୍କ ହାର୍ଟ ଅପରେଶନ ସଫଳ

**ନୟାଗଡ଼ ଅଫିସ,୪।୧୨**

ରାଷ୍ଟ୍ରୀୟ ବାଲ୍ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମରେ ନଭେମ୍ବର ୨୬ ତାରିଖରେ ନୟାଗଡ଼ ଜିଲାରୁ ୧୮ଜଣ ଶିଶୁଙ୍କୁ ହାର୍ଟ ଅପରେଶନ୍ ନିମନ୍ତେ ସତ୍ୟସାଇ ହାର୍ଟ ହସ୍ପିଟାଲ୍ ଅହମଦାବାଦ୍ ପଠାଯାଇଥିଲା। ପ୍ରଥମ ପର୍ଯ୍ୟାୟରେ ସେମାନଙ୍କ ମଧ୍ୟରୁ ୭ ଶିଶୁଙ୍କ ହାର୍ଟ ଅପରେଶନ ସଫଳ ହୋଇଛି। ଅନ୍ୟ ୧୧ ଜଣ ବର୍ତ୍ତମାନ ଉକ୍ତ ହସ୍ପିଟାଲ୍‌ରେ ଚିକିତ୍ସାଧୀନ ଅଛନ୍ତି। ଅସ୍ତ୍ରୋପଚାର ସଫଳ



ଜିଲାପାଳ ଓ ଡାକ୍ତରମାନଙ୍କ ଗହଣରେ ଅସ୍ତ୍ରୋପଚାର ପରେ ଆସିଥିବା ପିଲାମାନେ।

ହେବା ପରେ ମଙ୍ଗଳବାର ୭ ଶିଶୁ ଓ ସେମାନଙ୍କ ଅଭିଭାବକଙ୍କୁ ଜିଲାପାଳ ଡ. ଏନ୍ ତିରୁମାଲା ନାୟକ ଦେଖା କରିବା ସହ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ତଥ୍ୟ ପଚାରି ବୁଝିଥିଲେ। ସେହିଭଳି ସେମାନଙ୍କ ପାଇଁ ରେଡ୍‌କ୍ରସ୍ ପାଣ୍ଠିରୁ ୨ ହଜାର ଟଙ୍କା ଲେଖାଏ ମଞ୍ଜୁର କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ମୁଖ୍ୟ ଚକିତ୍ସା ଅଧିକାରୀ ଫଣୀନ୍ଦ୍ର ପାଣିଗ୍ରାହୀ, ଡା. ଶ୍ୱେତ କୁମାର ମହାପାତ୍ର, ଡା. ନୀଳମାଧବ ଶତପଥୀ, ଡା. ଆଶିଷ ଦୀକ୍ଷିତ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରକାଶ ଯେ, ରାଷ୍ଟ୍ରୀୟ ବାଲ୍ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ମ୍ୟାନେଜର ରବୀନ୍ଦ୍ର କୁମାର ପ୍ରଧାନ ଓ ଡା. କମଳାକାନ୍ତ ତ୍ରିପାଠୀ ଶିଶୁମାନଙ୍କୁ ନେଇ ଅହମଦାବାଦ୍ ଯାଇଥିଲେ।

# ମୁଖ୍ୟରାସ୍ତା ପାର୍ଶ୍ୱରେ ଧାନ ଅମଳ ମେଶିନ

**ଓଡ଼ଗାଁ, ୪।୧୨(ସ୍ୱ.ପ୍ର.)**

**ରାସ୍ତାରେ ପଡୁଛି ଧୂଷ ଓ ପାଳ: ଗମନାଗମନରେ ବାଧା ସୃଷ୍ଟି**

ସମ୍ପ୍ରତି ଧାନ ଅମଳ ବେଳ । ପାରମ୍ପରିକ ବଳଦ ବେଙ୍ଗଳା ପରିବର୍ତ୍ତେ ମେଶିନ ଦ୍ୱାରା ଧାନ ଅମଳକୁ ଚାଷୀମାନେ ଅନୁକରଣ କରୁଛନ୍ତି । ସେମାନେ ସ୍ୱଳ୍ପ ସମୟ ମଧ୍ୟରେ ଖଳାବାରି ବଦଳରେ ବିଲରେ ହିଁ ଟ୍ରାକ୍ଟର ସହିତ ଲାଗିଥିବା ଧାନ ଅମଳ ମେଶିନ ଦ୍ୱାରା ଧାନ ଅମଳ କରୁଥିବା ଦେଖିବାକୁ ମିଳୁଛି । ଏପରି କି ମୁଖ୍ୟରାସ୍ତା ପାର୍ଶ୍ୱରେ ଏହି ମେଶିନ ରଖାଯାଇ ଧାନ ଅମଳ କରାଯାଉଛି। କେତେକ କ୍ଷେତ୍ରରେ ମେଶିନର ସମ୍ମୁଖ ଭାବେ ରାସ୍ତା ଆଡକୁ କରାଯାଉଥିବାରୁ ଏଥିରୁ ନିର୍ଗତ ଧୂଷ, ଚଷୁ ଓ ପାଳ ଗୁଣ୍ଡ ରାସ୍ତା ଉପରେ ପଡୁଥିବା ଦେଖାଯାଉଛି। ଏହାଦ୍ୱାରା ସେହି ରାସ୍ତା ଦେଇ ଯାଉଥିବା ଛାତ୍ରୀଛାତ୍ର, ଦୁଇଚକିଆ, ସାଇକେଲ କିମ୍ବା ପଥଚାରୀଙ୍କ ନିମନ୍ତେ ଅସୁବିଧାର କାରଣ ସାଜୁଛି । ଏପରି କି ଏହାଦ୍ୱାରା ଦୁର୍ଘଟଣା ଘଟିବାର ମଧ୍ୟ ସମ୍ଭାବନା



ରାସ୍ତାରେ ଧାନ ଅମଳ ମେଶିନ୍।

ଅଧିକ। ବାହାଡ଼ାଝୋଲା-ଓଡ଼ଗାଁ ପୂର୍ତ୍ତ ରାସ୍ତା ପାର୍ଶ୍ୱରେ ଏହିପରି ଏକ ମେଶିନ ଦ୍ୱାରା ଧାନ ଅମଳ ହେଉଥିବା ଦେଖିବାକୁ ମିଳିଥିଲା । ଫଳରେ ସେହି ରାସ୍ତା ଦେଇ ଯାଉଥିବା ଅନେକ କଲେଜ ଛାତ୍ରୀଛାତ୍ର ଓ ଦୁଇଚକିଆ ଯାନ ଆରୋହୀ ନାନା ଅସୁବିଧା ମଧ୍ୟରେ ଯିବାଆସିବା କରୁଥିଲେ। ଏ ନେଇ ଲୋକେ ସମ୍ପୃକ୍ତ ଟ୍ରାକ୍ଟର ଚାଳକଙ୍କୁ କହିଲେ ସୁଦ୍ଧା ସେ ଏଥିପ୍ରତି କର୍ଣ୍ଣପାତ କରି ନ ଥିଲେ। ବାହାଡ଼ାଝୋଲା ସରପଞ୍ଚ ଆଡଭୋକେଟ ବିନୋଦ କୁମାର ସାହୁ ପହଞ୍ଚି ଟ୍ରାକ୍ଟର ଚାଳକଙ୍କୁ ତାଗିଦ୍ କରିବା ପରେ ସେ ଧାନ ଅମଳ ମେଶିନର ଦିଗ ପରିବର୍ତ୍ତନ କରିଥିଲେ। ଧାନ ଅମଳ ମେଶିନ ଚାଲୁ କରିବା ପୂର୍ବରୁ ଲୋକମାନଙ୍କ ସୁରକ୍ଷା ତଥା ଗମନାଗମନ ପ୍ରତି ଧ୍ୟାନ ଦେବାକୁ ସେ ପରାମର୍ଶ ଦେବା ସହିତ ଏ ନେଇ ବ୍ୟାପକ ଜନସଚେତନତା ଆବଶ୍ୟକ ବୋଲି ପ୍ରକାଶ କରିଛନ୍ତି ।

# ହାତୀ ଉପଦ୍ରବ: ନଷ୍ଟ କଲେ ୨୦ ଏକର ପାଚିଲା ଧାନ


**ନିରାକାରପୁର,୪।୧୨ (ଡି.ଏନ.ଏ.)**

ଖୋର୍ଦ୍ଧା ଜିଲା ଟାଙ୍ଗୀ ବନ ବିଭାଗ ଅଧୀନ ଡିଆ ପଞ୍ଚାୟତ କାଶୀପୁରରେ ହାତୀ ଉପଦ୍ରବ ବଢୁଛି। ସୋମବାର ରାତିରେ ୧୫ରୁ ଊର୍ଦ୍ଧ୍ୱ ଥିବା ହାତୀପଲ ଓଲମା, ସେନେଇ, ବଡ଼ହାଲ, ପିରୁଡ଼ିମାଳ ବିଲ ଗହୀରରେ ପଶି ୨୦ ଏକର ଅମଳକ୍ଷମ ପାଚିଲା ଧାନକୁ ଦଳିଚକଟି ନଷ୍ଟ କରିଦେଇଥିବା ଅଭିଯୋଗ ହୋଇଛି। ଏମାନେ ପିରୁଡି ପୋଖରୀରେ ପଶି ପଙ୍କ କାଦୁଅ କରିବା ସହ ପାହାଚଗୁଡ଼ିକୁ ମଧ୍ୟ ଭାଙ୍ଗି ଦେଇଛନ୍ତି। ବିଲରେ ଚାଷୀମାନେ ଗଦାମାରି ଧାନ ରଖିଥିବା ବେଳେ ହାତୀପଲ ଏହାକୁ ସମ୍ପୂର୍ଣ୍ଣ ଭାବେ ନଷ୍ଟ କରିଦେବାରୁ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧିପାଇଛି। କ୍ଷତିଗ୍ରସ୍ତ ଚାଷୀମାନେ ହେଲେ ସୁନୀଲ ସୁବୁଦ୍ଧି, ନୃସିଂହ ଦଳେଇ, ପର୍ଶୁରାମ ସୁନ୍ଦରାୟ, ଦେବରାଜ ପ୍ରଧାନ,



ହାତୀ ଉପଦ୍ରବ ଯୋଗୁ କ୍ଷତିଗ୍ରସ୍ତ ଧାନଫସଲ।

ରାଜୀବ ଜେନା, କପିଳା ସାହୁ, ଗୋକୁଳ ପ୍ରଧାନ, ଲିଙ୍ଗୁ ଦାସ, ଗୋଦାବରୀଶ ପାଇକରାୟ ଓ ରତ୍ନାକର ବେହେରା ପ୍ରମୁଖ। ଏ ନେଇ ବଡ଼ପାଟଣାର ଜନୈକ ଚାଷୀ ରାଜୀବ ଜେନା କହନ୍ତି, ହାତୀପଲ ହରିପୁର ଦକ୍ଷିଣ-ପୂର୍ବ ରେଳଧାରଣା, ତିନି ଗୋଳିଆ ଶଙ୍ଖ ଦେଇ ଲୁଣୀ ଦଣ୍ଡାରେ ଷୋଳମାଣ ଯାଏ ଆସିଛନ୍ତି। ମୋର ଦେଢ଼ ଏକରରୁ ଅଧିକ ଫସଲ ନଷ୍ଟ କରିଛନ୍ତି। ସୁନୀଲ ସୁବୁଦ୍ଧିଙ୍କ ୩ ଏକର ଚାଷ ଜମିର ଧାନ ନଷ୍ଟ ହୋଇଥିବାରୁ ତାଙ୍କ ପରିବାର ଏ ବର୍ଷ କ'ଣ ଖାଇବେ ତାହା ଚିନ୍ତାର ସହ କହିଥିଲେ। ନୃସିଂହ ଦଳେଇ କହିଥିଲେ ଯେ, ପୂର୍ବରୁ ବାତ୍ୟା ଓ ଏବେ ହାତୀପଲ ଆମର ଦାଉ ସାଜିଛନ୍ତି। ଭୂଷଣ୍ଡପୁର ଫରେଷ୍ଟର ଆଲୋକ ହୋତା ଏ ନେଇ କହିଥିଲେ, ହାତୀପଲ ଗହୀର ଉପର ମୁଣ୍ଡରେ ଥିବା ଚିତ୍ରକୁଟ ପାହାଡ଼ରେ ରହୁଥିବା ଆମେ ଜନସାଧାରଣ ଓ ବିଶେଷ କରି ଚାଷୀମାନଙ୍କୁ ପୂର୍ବରୁ ସତର୍କ କରାଇ ଦେଇଥିଲୁ। କ୍ଷତିଗ୍ରସ୍ତ ଚାଷୀମାନେ ଫର୍ମପୂରଣ କରି ଆବେଦନ କଲେ ତଦନ୍ତ ପୂର୍ବକ କ୍ଷତିପୂରଣ ପ୍ରଦାନ କରାଯିବ ବୋଲି ସେ କହିଥିଲେ।



ନ୍ୟାୟ ଯଦି ବିଳମ୍ବରେ ମିଳିଲା, ତାହା ନ ମିଳିବା ସଙ୍ଗେ ସମାନ।

- ୱିଲିୟମ ଗ୍ଲାଡ୍‌ଷ୍ଟୋନ

# ୧୯ କର୍ମଚାରୀଙ୍କୁ ଠକିଦେଲା ଠିକା ସଂସ୍ଥା

- ଚାକିରି ଦେଇ ଦରମା ଦେଲାନି
- ପୁରୁଣାଙ୍କୁ କାଢ଼ି ନୂଆ ନିଯୁକ୍ତି ଯୋଜନା

**ନୟାଗଡ଼ ଅଫିସ,୪।୧୨**

ନୟାଗଡ଼ ଜିଲାର ୧୯ ଜଣଙ୍କୁ ଶାରଦା ସିଷ୍ଟମ ନାମକ ଏକ ଠିକା ସଂସ୍ଥା ଠକିଥିବା ଅଭିଯୋଗ ହୋଇଛି। ଚାକିରି ଦେଲା, ହେଲେ ଦରମା ଦେଲାନି। ଏବେ ଦରମା ନ ପାଇ ସଂସ୍ଥାର ୧୯ କର୍ମଚାରୀ ଚିନ୍ତାରେ ପଡ଼ିଛନ୍ତି। ଏପରି ସମୟରେ କମ୍ପାନୀ ପକ୍ଷରୁ ସେମାନଙ୍କୁ କାଢ଼ିଦିଆଯାଇ ନୂତନ ନିଯୁକ୍ତି ଯୋଜନା କରାଯାଉଛି। ଏହାକୁ ନେଇ ସେମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ସଂସ୍ଥାର ଜଣେ ଅଧିକାରୀ ମଙ୍ଗଳବାର ଜିଲା ସାମାଜିକ ସୁରକ୍ଷା କାର୍ଯ୍ୟାଳୟକୁ ଆସିଥିବାବେଳେ ଏହି କର୍ମଚାରୀମାନେ ତାଙ୍କୁ ଘେରିଯାଇ ପ୍ରାପ୍ୟ ନ ଦେଲେ ଛାଡ଼ିବେ ନାହିଁ ବୋଲି ଅଡ଼ି ବସିଥିଲେ।

ଘଟଣାରୁ ପ୍ରକାଶ ଯେ, ଜିଲା ସାମାଜିକ ସୁରକ୍ଷା ବିଭାଗର କିଛି କାମ ପାଇଁ ଶାରଦା ସିଷ୍ଟମ ନାମକ ଠିକା ସଂସ୍ଥାକୁ କୁହାଯାଇଥିଲା। ଉକ୍ତ ସଂସ୍ଥା ନୟାଗଡ଼ ବ୍ଲକ୍‌ରେ ପାଇଲଟ୍ ପ୍ରୋଜେକ୍ଟ ଭାବେ ହେଉଥିବା ଭିନ୍ନକ୍ଷମ ବ୍ୟକ୍ତିମାନଙ୍କ ଆଧାର କାର୍ଡ ସଂଯୋଗ ଓ ଅନ୍ୟାନ୍ୟ କାର୍ଯ୍ୟ ପାଇଁ ୨୯ ପଞ୍ଚାୟତରେ ୧୫ ଜଣ କ୍ଷେତ୍ର କର୍ମଚାରୀ ଓ କାର୍ଯ୍ୟାଳୟରେ ୪ ଜଣ କର୍ମଚାରୀଙ୍କୁ ନିଯୁକ୍ତି ଦେଇଥିଲା।



ଠିକା ସଂସ୍ଥାରେ କାମ କରୁଥିବା କର୍ମଚାରୀମାନେ।

୧୫ ନଭେମ୍ବର ୨୦୧୭ରୁ ଏକବର୍ଷିଆ ଚୁକ୍ତିରେ ସଂସ୍ଥା ଉକ୍ତ କର୍ମଚାରୀମାନଙ୍କୁ ରଖିଥିଲା। ଏଥିରେ ଡେ଼ପୁଟି ଡିପିଏମ୍ ଭାବେ ବିଶ୍ୱମୋହନ ସାହୁଙ୍କୁ ନିଯୁକ୍ତି ଦିଆଯାଇଥିଲା। ବିଶ୍ୱମୋହନଙ୍କ ଅଭିଯୋଗ ଅନୁସାରେ ମାର୍ଚ୍ଚ ୨୦୧୮ ଯାଏ ଏମାନେ କାମ କରିଥିଲେ। ଏହା ପରେ ସଂସ୍ଥା ସେମାନଙ୍କୁ ନୋ ୱାର୍କ ନୋ ପେ ଭାବେ ରଖିଥିଲେ। କର୍ମଚାରୀଙ୍କ କାମ ଦେଖାଇ ସଂସ୍ଥା ବିଭାଗଠାରୁ ମାର୍ଚ୍ଚ ମାସ ଯାଏ ପଇସା ନେଇସାରିଛି। ହେଲେ ସେମାନଙ୍କ ସମ୍ପୂର୍ଣ୍ଣ ପ୍ରାପ୍ୟ ଦେଇନାହିଁ। କେବଳ ନଭେମ୍ବରରୁ ଜାନୁୟାରୀ ଅଢ଼େଇମାସ ଟଙ୍କା ଦେଇଛି। ବାକି ଅଢ଼େଇମାସ ଟଙ୍କା ଦେଇନାହିଁ। ଏହି ପ୍ରାପ୍ୟ ପାଇଁ ବାରମ୍ବାର ଠିକା ସଂସ୍ଥାକୁ କହିଥିଲେ ମଧ୍ୟ ସେମାନେ ଆଜି କାଲି କହି ସମୟ ଗଡାଇ ଚାଲିଛନ୍ତି। ଏପରି ସମୟରେ ସଂସ୍ଥା ଆମକୁ କାଢି ନୂତନ ନିଯୁକ୍ତି ଦେବା ଯୋଜନା କରୁଛି। ଏହି ଖବର ପାଇ ଆମେ ଆସି ପ୍ରାପ୍ୟ ଦାବି କରୁଛୁ ବୋଲି ସେ ପ୍ରକାଶ କରିଥିଲେ। ଏହାସହ ବିଭିନ୍ନ ସମୟରେ କମ୍ପାନୀ ଆମକୁ ଡାକି ମିଛ ଆଶ୍ୱାସନା ଦିଅନ୍ତି ବୋଲି ବିଶ୍ୱମୋହନ ପ୍ରକାଶ କରିଛନ୍ତି। ତତ୍କାଳୀନ ଜିଲାପାଳ ଅରିନ୍ଦମ ଡାକୁଆ ଏହି ସଂସ୍ଥା କଳା ତାଲିକାଭୁକ୍ତ ହୋଇଥିବା ଦର୍ଶାଇଥିଲେ। ଏପରି ଏକ ସଂସ୍ଥାକୁ କିପରି କାମ ମିଳିଲା ତାହାକୁ ନେଇ ସେମାନେ ପ୍ରଶ୍ନ କରିଛନ୍ତି। ପୁଣି ସେତେବେଳେ ଥିବା ଜିଲା ସାମାଜିକ ସୁରକ୍ଷା ଅଧିକାରୀ ମଧ୍ୟ ବଦଳି ହୋଇଗଲେଣି। ଫଳରେ କର୍ମଚାରୀମାନେ କିପରି ତାଙ୍କ ଟଙ୍କା ପାଇବେ ସେହି ଚିନ୍ତାରେ ଅଛନ୍ତି। ବାଧ୍ୟ ହୋଇ ଏ ନେଇ ଥାନାରେ ଅଭିଯୋଗ କରିବେ ବୋଲି କର୍ମଚାରୀମାନେ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ଶାରଦା ସିଷ୍ଟମର ରାଜ୍ୟ ସଂଯୋଜକ ପ୍ରଭାତ ଷଡଙ୍ଗୀ କହନ୍ତି, ଏହି ପ୍ରୋଗ୍ରାମ୍‌କୁ ବାଛି ୧୯ ଜଣ ପିଲାଙ୍କୁ ଟାର୍ଗେଟ ବେସିସ୍‌ରେ କାମ ଦିଆଯାଇଥିଲା। ପୁରୁଣା ପିଲାଙ୍କୁ ବାଦ୍ ଦିଆଯାଉ ନାହିଁ। ତୁରନ୍ତ ଏମାନଙ୍କ ବକେୟା ଟଙ୍କା ମିଳିବ ବୋଲି ଷଡ଼ଙ୍ଗୀ ପ୍ରକାଶ କରିଥିଲେ। ଡିପିଏମ୍ ଗିରିଶ ଚନ୍ଦ୍ର ସେଠୀ, ସିସି ଲିପ୍ସା ଦାଶଙ୍କ ସମେତ ୧୯ କର୍ମଚାରୀ ସଂଯୋଜକ ପ୍ରଭାତଙ୍କୁ ମଙ୍ଗଳବାର ଜିଲା ସାମାଜିକ ସୁରକ୍ଷା କାର୍ଯ୍ୟାଳୟ ଆଗରେ ଘେରିଯାଇଥିଲେ। ରିପୋର୍ଟ ଲେଖା ହେବା ସୁଦ୍ଧା ଏ ନେଇ କୌଣସି ସମାଧାନ ବାହାରି ନ ଥିବାବେଳେ ଜିଲାସ୍ତରୀୟ ଅଧିକାରୀମାନେ ଘଟଣାର ଆପୋସ ସମାଧାନ କରିବେ ବୋଲି ସୂଚନା ମିଳିଛି।

## ସଂକ୍ଷେପରେ

### ଭାରସାମ୍ୟ ହରାଇ ଓଲଟିଲା ଟ୍ରାକ୍ଟର



**ଗଣିଆ,୪।୧୨(ଡି.ଏନ.ଏ.):** ଗଣିଆ-କଣ୍ଟିଲୋ ରାଜ୍ୟ ରାଜପଥରେ ଗଣିଆ ତହସିଲ ଅଫିସ ନିକଟରେ ମଙ୍ଗଳବାର ଅପରାହ୍ନରେ ଏକ ଟ୍ରାକ୍ଟର ଭାରସାମ୍ୟ ହରାଇ ରାସ୍ତା ଉପରେ ଓଲଟି ପଡ଼ିଛି। ଟ୍ରାକ୍ଟରଟି ଇଲେକ୍ଟ୍ରି ପୋଲ ନେଇ କିଶୋର ପ୍ରସାଦ ଯାଉଥିବା ବେଳେ ଅତ୍ୟଧିକ ଲୋଡ଼ ହେତୁ ଭାରସାମ୍ୟ ହରାଇ ଓଲଟି ପଡ଼ିଥିଲା। ଘଟଣାସ୍ଥଳରେ ଡ୍ରାଇଭର ଗଣିଆ ବ୍ଲକ ପାଣ୍ଡରାସିଂହା ଗ୍ରାମର ଅଭିରାମ ରାଉତ (୧୮) ସାମାନ୍ୟ ଆହତ ହୋଇଛନ୍ତି।

### ଉତ୍କଳ ପବ୍ଲିକ ସ୍କୁଲରେ ବିଜ୍ଞାନମେଳା



**ନୟାଗଡ଼ ଅଫିସ,୪।୧୨:** ନୟାଗଡ଼ ଜିଲା ଓଡ଼ଗାଁ ବ୍ଲକ ଗୋଡ଼ିପଡ଼ାସ୍ଥିତ ଉତ୍କଳ ପବ୍ଲିକ ସ୍କୁଲରେ ମଙ୍ଗଳବାର ବିଜ୍ଞାନ ମେଳା ଆୟୋଜିତ ହୋଇଥିଲା। ପ୍ରଶାନ୍ତ କୁମାର ଦାଶଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପଠାଣିସାମନ୍ତ ବିଜ୍ଞାନ ପ୍ରଚାର ପ୍ରସାର ପରିଷଦର ନୟାଗଡ଼ ଜିଲା ସଂଯୋଜନ ଉମାକାନ୍ତ ମିଶ୍ର ମୁଖ୍ୟଅତିଥି ଓ ଲକ୍ଷ୍ମୀଧର ସାହୁ, ପ୍ରଦୀପ କୁମାର ମହାପାତ୍ର, ସ୍କୁଲ ଅଧକ୍ଷା ରଞ୍ଜିତାରାଣୀ ଷଡ଼ଙ୍ଗୀ ଅତିଥି ଭାବେ ଯୋଗଦେଇଥିଲେ। ବିଜ୍ଞାନମେଳା ବିଜ୍ଞ ମଣିଷମାନଙ୍କ ସୃଷ୍ଟିର ଅନ୍ତୁଡ଼ିଶାଳା ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏହି ମେଳାରେ ୬୫ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ସର୍ବକନିଷ୍ଠ ବିଭାଗରେ ବିଷ୍ଣୁପ୍ରିୟା ପାତ୍ର, ସ୍ୱୟମ ଅଭିଜିତ୍, ସ୍ୱପ୍ନ ସମ୍ବିତ ଓ କନିଷ୍ଠ ବିଭାଗରେ ଆଶିଷ କୁମାର ସାହୁ, ଅର୍ଚ୍ଚିତା ସାହୁ, ଓମ୍ ପ୍ରକାଶ ମହାପାତ୍ର, ସତ୍ୟସୁନ୍ଦର ସେନାପତି, ରିପ୍ସା ବିଜୟନୀଙ୍କ ପ୍ରକଳ୍ପ ପୁରସ୍କାର ପାଇଁ ଯୋଗ୍ୟ ବିବେଚିତ ହୋଇଥିଲା। ବରିଷ୍ଠ ବିଭାଗରେ ନିହାର କୁମାର ସାହୁ, ସୌମ୍ୟରଞ୍ଜନ ଦଳେଇ, ଅଶୋକ ଜେନା ଓ ଅମ୍ବିକା ସ୍ୱାଇଁ ପ୍ରମୁଖ ସେମାନଙ୍କ ପ୍ରକଳ୍ପ ପାଇଁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ ହୋଇଥିଲେ। ଶିକ୍ଷକ ଶରତ କୁମାର ପ୍ରଧାନ ସ୍ୱାଗତ ଭାଷଣ ଓ ଶ୍ରବଣ କୁମାର ସାହୁ ଧନ୍ୟବାଦ ଦେଇଥିଲେ।

### ଶିକ୍ଷକ ପ୍ରଶିକ୍ଷାର୍ଥୀଙ୍କ ଜନସଚେତନତା ଶୋଭାଯାତ୍ରା

**ଟାଙ୍ଗୀ(ଖୋର୍ଦ୍ଧା),୪।୧୨(ଡି.ଏନ.ଏ.):** ରାଜ୍ୟ ସରକାରଙ୍କ ଶିକ୍ଷକ ପ୍ରଶିକ୍ଷଣ ବିଭେଦ ନୀତି ବିରୋଧରେ ଜାରି ରହିଥିବା କାର୍ଯ୍ୟବନ୍ଦ ଆନ୍ଦୋଳନ ମଙ୍ଗଳବାର ୭ ଦିନରେ ପହଞ୍ଚିଛି। ଟାଙ୍ଗୀ ସରକାରୀ ପ୍ରାଥମିକ ଶିକ୍ଷକ ଶିକ୍ଷା ପ୍ରତିଷ୍ଠାନରେ ଅଧ୍ୟୟନରତ ୨୦୦ ଛାତ୍ରୀଛାତ୍ର ଏଥିରେ ସାମିଲ ଅଛନ୍ତି। ଶିକ୍ଷକମାନଙ୍କ ସମସ୍ୟା ନେଇ ଜନସଚେତନତା ସୃଷ୍ଟି କରିବା ନିମନ୍ତେ ପ୍ରଶିକ୍ଷାର୍ଥୀମାନେ ବିଭିନ୍ନ ସ୍ଲୋଗାନ ଦେଇ ପ୍ଲାକାର୍ଡ ଧରି ଶୋଭାଯାତ୍ରାରେ ଟାଙ୍ଗୀ ଗ୍ରାମ ପରିକ୍ରମା କରିଥିଲେ। ତୁରନ୍ତ ଦାବି ପୂରଣ ନ ହେଲେ ମୁଖ୍ୟମନ୍ତ୍ରୀଙ୍କ ବାସ ଭବନ ଘେରାଉ କରିବେ ବୋଲି ଧାରଣାରତ ଶିକ୍ଷକମାନେ ଚେତାବନୀ ଦେଇଛନ୍ତି ।

# ବାର୍‌ହା ଉପଦ୍ରବରେ ୩ ଏକର ଧାନ ଫସଲ ନଷ୍ଟ



ବାର୍‌ହା ଦ୍ୱାରା ନଷ୍ଟ ହୋଇଥିବା ଧାନ ଫସଲ।

**ରଣପୁର, ୪।୧୨(ସ୍ୱ.ପ୍ର.)**

ରଣପୁର ଅଞ୍ଚଳର ମାଳସଂରକ୍ଷିତ ଜଙ୍ଗଲରେ ଥିବା ବାର୍‌ହା ପଲ ଏବେ ଚାଷୀମାନଙ୍କର ଚିନ୍ତାର କାରଣ ପାଲଟିଛନ୍ତି । ବର୍ଷ ତମାମ୍ ଜମିରେ କଠିନ ପରିଶ୍ରମ କରି ଚାଷୀମାନେ ଧାନ ଫସଲ କରିଥିବାବେଳେ ପାଚିଲା ଧାନକୁ ଖାଇବା ପାଇଁ ବାର୍‌ହାପଲ ଜଙ୍ଗଲ ଛାଡି ବିଭିନ୍ନ ଗ୍ରାମ ମୁହାଁ ହେଉଛନ୍ତି। ବାର୍‌ହାପଲ ଧାନ ଫସଲ ଖାଇବା ସହ ନଷ୍ଟ କରି ଦେଉଥିବା ଦେଖାଯାଉଛି। ଏ ନେଇ ଚାଷୀମାନେ ସ୍ଥାନୀୟ ବନ ବିଭାଗରେ ଅଭିଯୋଗ କଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ କି ନଷ୍ଟ ହୋଇଥିବା ଧାନ ଫସଲର କ୍ଷତିପୂରଣ ଦିଆ ଯାଉନାହିଁ । ଫଳରେ ଚାଷୀମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖା ଦେଇଛି । ଏପରିସ୍ଥଳେ ସୋମବାର ରାତିରେ ପ୍ରାୟ ୩ ଏକର ଧାନ ଜମିରେ ପଶି ବାର୍‌ହା ପଲ ଫସଲ ନଷ୍ଟ କରିଥିବା ଜଣାପଡିଛି।

ଖୋର୍ଦ୍ଧା ଜିଲା ବନଖଣ୍ଡ ଅଧୀନରେ ଥିବା ନୟାଗଡ ଜିଲା ରଣପୁର ବନ ବିଭାଗର ବିଭିନ୍ନ ଜଙ୍ଗଲରୁ ଆସି ବାର୍‌ହାମାନେ ଉପଦ୍ରବ କରୁଥିବାରୁ ରାତିରେ ଚାଷୀମାନେ ଜମିରେ ଜଗି ରହୁଛନ୍ତି। ତେବେ ଗୋଟିଏ ଗୋଟିଏ ପଲରେ ପ୍ରାୟ ୫୦ରୁ ଊର୍ଦ୍ଧ୍ୱ ବାର୍‌ହା ଆସି ଉପଦ୍ରବ କରୁଥିବାରୁ ଚାଷୀମାନେ ସେମାନଙ୍କୁ ରୋକିବାରେ ବିଫଳ ହେଉଛନ୍ତି। ଖରିଫ ଧାନ ଫସଲ ଅମଳ ପାଇଁ ଚାଷୀ ଅଣ୍ଟା ଭିଡୁଥିଲା ବେଳେ ବାର୍‌ହା ଉପଦ୍ରବ ଯୋଗୁ ନିରାଶ ହୋଇ ପଡିଛନ୍ତି। ସୋମବାର ରାତିରେ ଏକ ବାର୍‌ହା ପଲ ମହତପଲ୍ଲା ପଞ୍ଚାୟତର ବିରୁଡା ଗ୍ରାମରେ ଚାଷୀ ଲକ୍ଷ୍ମୀଧର ବେହେରା, ପ୍ରଫୁଲ୍ଲ ବେହେରା, ପ୍ରମିଳା ବେହେରା ପ୍ରମୁଖ ୧୦ ରୁ ଊର୍ଦ୍ଧ୍ୱ ଚାଷୀଙ୍କ ୮ଏକରରୁ ଊର୍ଦ୍ଧ୍ୱ ଜମିରେ ପଶି ଧାନ ଫସଲ ଖାଇବା ସହିତ ଦଳିଚକଟି ନଷ୍ଟ କରିଦେଇଛନ୍ତି । ବନ ବିଭାଗରେ ସମ୍ପୃକ୍ତ ଚାଷୀ ମାନେ ଅଭିଯୋଗ କରିବାରୁ ମଙ୍ଗଳବାର ବନବିଭାଗର କର୍ମଚାରୀମାନେ ଘଟଣା ସ୍ଥଳକୁ ଯାଇ ତଦନ୍ତ କରିଛନ୍ତି।

# ଗୋକୁଳାନନ୍ଦ କ୍ରିକେଟ୍ ଧମାକା : ସିଧାମୂଳା ଓ କଣ୍ଟିଲୋ ବିଜୟୀ

**ଖଣ୍ଡପଡ଼ା,୪।୧୨(ସ୍ୱ.ପ୍ର.):** ଗୋକୁଳାନନ୍ଦ ସ୍ପୋର୍ଟସ ଆସୋସିଏଶନ ସିଧାମୂଳା ଆନୁକୂଲ୍ୟରେ ସ୍ଥାନୀୟ ଏମ୍‌ଇ ସ୍କୁଲ ଖେଳ ପଡ଼ିଆଠାରେ ରବିବାର ଆରମ୍ଭ ହୋଇଥିବା କ୍ରିକେଟ ମ୍ୟାଚର ମଙ୍ଗଳବାର ଥିଲା ତୃତୀୟ ଦିବସ। ଏଥିରେ ୨ଟି ମ୍ୟାଚ ଅନୁଷ୍ଠିତ ହୋଇଥିବାବେଳେ ସିଧାମୂଳା ଓ କଣ୍ଟିଲୋ କ୍ରିକେଟ ଦଳ ବିଜୟୀ ହୋଇଛନ୍ତି । ପ୍ରଥମ ମ୍ୟାଚରେ ଗଣଗଣା କ୍ରିକେଟ କ୍ଲବ ପ୍ରଥମେ ବ୍ୟାଟିଂ କରି ୧୫୨ ରନ୍ ସଂଗ୍ରହ କରିଥିଲା । ଜବାବରେ ସିଧାମୂଳା କ୍ରିକେଟ କ୍ଲବ ୧୫୩ ରନ୍ ସଂଗ୍ରହ କରି ୩ ଉଇକେଟରେ ଗଣଗଣା ଦଳକୁ ହରାଇ ବିଜୟୀ ହୋଇଛି। ବିଜୟୀ ଦଳର ତପନ ଦାଶ ମ୍ୟାନ୍ ଅଫ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି । ସେହିପରି ୨ୟ ମ୍ୟାଚରେ କଣ୍ଟିଲୋ କ୍ରିକେଟ କ୍ଲବ ପ୍ରଥମେ ବ୍ୟାଟିଂକରି ୧୫୧ ରନ ସଂଗ୍ରହ କରିଥିଲା । ଜବାବରେ ବରହମପୁରା କ୍ରିକେଟ କ୍ଲବ ୯୧ ରନ ସଂଗ୍ରହ କରିଥିଲା। ଫଳରେ କଣ୍ଟିଲୋ ଦଳ ୬୦ ରନରେ ବରହମପୁରା ଦଳକୁ ହରାଇ ବିଜୟୀ ହୋଇଛି । ମ୍ୟାଚକୁ ଦୀପକ ବେହେରା ଓ ହେମାନନ୍ଦ ଦାଶ ପରିଚାଳନା କରିଥିଲେ ।

# ହେଟାବାଘ ଆକ୍ରମଣରେ ୧୨ ଛେଳି ମୃତ

**ନୂଆଗାଁ, ୪।୧୨ (ଡି.ଏନ.ଏ.)**

ନୟାଗଡ ଜିଲା ନୂଆଗାଁ ବ୍ଲକ ଉଦୟପୁର ପଞ୍ଚାୟତ ବଡକାଠବାରି ଗ୍ରାମ ନିକଟସ୍ଥ ହାତୀମୁଣ୍ଡା ଜଙ୍ଗଲରେ ହେଟାବାଘ ଆକ୍ରମଣରେ ୧୨ଛେଳିଙ୍କ ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି। ଏନେଇ ସ୍ଥାନୀୟ ଅଞ୍ଚଳରେ ଆତଙ୍କ ଖେଳି ଯାଇଛି।

ପ୍ରକାଶ ଯେ,ବଡକାଠବାରି ଗ୍ରାମର ଗଣେଶ ବେହେରା ଗ୍ରାମ ନିକଟ ପଡିଆରେ ଶନିବାର ଛେଳି ଚରାଉଥିବାବେଳେ କୌଣସି ବନ୍ୟଜନ୍ତୁଙ୍କୁ ଦେଖି ୧୨ ଛେଳି ଭୟରେ ନିକଟସ୍ଥ ଜଙ୍ଗଲ ଭିତରକୁ ଦୌଡି ପଳାଇଥିଲେ । ଗଣେଶ ଜଙ୍ଗଲ ଭିତରେ ବହୁ ଖୋଜାଖୋଜି କରି ଛେଳିମାନଙ୍କୁ ନ ପାଇ ନିରାଶରେ ଘରକୁ ଫେରିଥିଲେ । ରବିବାର କେତେକ ଗ୍ରାମବାସୀ ଓ ପରିବାର ଲୋକ ମିଶି ଜଙ୍ଗଲରେ ଖୋଜାଖୋଜି କରିବାରେ ହଜିଥିବା ଛେଳିସବୁ ଖଣ୍ଡିଆ ଖାବରା ହୋଇ ମରି ପଡିଥିବାର ଦେଖିବାକୁ ପାଇଥିଲେ । ପରେ ମୃତ ଛେଳି ସବୁକୁ ଗାଁକୁ ଆଣିଥିଲେ । ପରେ ମହିତମା ବନପାଳ ଘଟଣା ସ୍ଥଳକୁ ଯାଇ ତଦନ୍ତ କରିଥିଲେ। ଗଣେଶ ପ୍ରାଣୀଧନ ଚିକିତ୍ସାଳୟକୁ ଛେଳିସବୁ ଆଣିବା ପରେ ମହିପୁର ବନାଞ୍ଚଳ ଅଧିକାରୀ ଶୁଭ୍ରାଂଶୁ ଶେଖର ପଣ୍ଡାଙ୍କ ଉପସ୍ଥିତିରେ ବ୍ୟବଚ୍ଛେଦ କରାଯାଇଥିଲା ।



ହେଟାବାଘ ଆକ୍ରମଣରେ ମରିପଡିଥିବା ଛେଳି ।

ଜଙ୍ଗଲରେ ଛେଳିମାନେ ହେଟାବାଘର ଶିକାର ହୋଇଥିବା ବନପାଳ ରମେଶ ମଲିକ,ବନାଞ୍ଚଳ ଅଧିକାରୀ ପଣ୍ଡା ସୂଚନା ଦେଇଛନ୍ତି। ଗଣେଶ ଛେଳି ପାଳନ କରି ପରିବାର ପ୍ରତିପୋଷଣ କରୁଥିବା ବେଳେ ହେଟାବାଘ ଛେଳିସବୁ ମାରି ଦେଇଥିବାରୁ ତାଙ୍କୁ ସରକାରଙ୍କ ପକ୍ଷରୁ କ୍ଷତିପୂରଣ ଦିଆଯିବା ପାଇଁ ସାଧାରଣରେ ଦାବି ହେଉଛି।

# ଲକ୍ଷାଧିକ ଟଙ୍କା, ସୁନା ଅଳଙ୍କାର ଚୋରି

**ଜଟଣୀ,୪।୧୨(ଡି.ଏନ.ଏ)**

ଜଟଣୀ ଥାନା ଅନ୍ତର୍ଗତ ଚିନ୍ତାମଣି ନଗର ଅଞ୍ଚଳରେ ସନାତନ ସାହୁଙ୍କ ଘରୁ ବଡ଼ଧରଣର ଚୋରି ହୋଇଛି। ପରିବାର ଲୋକେ ନ ଥିବା ସୁଯୋଗରେ ସୋମବାର ସନ୍ଧ୍ୟାରେ ଦୁର୍ବୃତ୍ତମାନେ ଘର ମୁଖ୍ୟ ଗେଟ୍ ତାଲା ତାଡି କୋଠରି ମଧ୍ୟରେ ଥିବା ଆଲମିରା ଭାଙ୍ଗି ଏହି ଚୋରି କରିଛନ୍ତି। ଆଲମିରା ମଧ୍ୟରୁ ୧୫ ଭରି ସୁନା ଅଳଙ୍କାର ଓ ୩ ଲକ୍ଷ ୨୦ ହଜାର ଟଙ୍କା ଚୋରି କରି ନେଇଛନ୍ତି। ଖବରପାଇ ପୋଲିସ ଓ ସାଇଣ୍ଟିଫିକ୍ ଟିମ୍ ମଙ୍ଗଳବାର ତଦନ୍ତ କରି ଫେରି ଯାଇଛନ୍ତି।

# ୧୦ ଗ୍ରାମକୁ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା

**ଖଣ୍ଡପଡା,୪।୧୨(ସ୍ୱ.ପ୍ର.)**

ଖଣ୍ଡପଡା ବ୍ଲକ ଅନ୍ତର୍ଗତ ୮ ପଞ୍ଚାୟତର ୧୦ ଗ୍ରାମକୁ ସୋଲାର ସିଷ୍ଟମ ମାଧ୍ୟମରେ ପାନୀୟ ଜଳ ଯୋଗାଣ କରାଯିବ ବୋଲି ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ ସୂତ୍ରରୁ ଜଣାପଡିଛି। ଗ୍ରାମବାସୀ ଦୀର୍ଘ ବର୍ଷ ହେଲା ପାନୀୟ ଜଳ ପାଇଁ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ବାରମ୍ବାର ନିବେଦନ କରି ଆସୁଥିଲେ। ସ୍ଥାନୀୟ ବିଧାୟକ ଅନୁଭବ ପଟ୍ଟନାୟକଙ୍କ ଉଦ୍ୟମ କ୍ରମେ ଏହିସବୁ ସୋଲାର ପ୍ରକଳ୍ପ ମଞ୍ଜୁର ହୋଇଥିବା ଜଣାପଡିଛି। ପାନୀୟ ଜଳ ଯୋଗାଣର ବ୍ୟବସ୍ଥା ହୋଇଥିବା ଗ୍ରାମଗୁଡ଼ିକ ହେଲା ବାଣପୁର ପଞ୍ଚାୟତର କୁମୁଣ୍ଡି, ବେଣାଗାଡ଼ିଆ ପଞ୍ଚାୟତର ମରେଇକଣ ହରିଜନ ସାହି, କିଆଝରର କୋଦୁଅପଲ୍ଲୀ, କୋସକାର ଅଁଳାପଟା, ଆମ୍ବଅଠା, ବଡପୋଖରିଆ, ରୟତ ଡୋଳମରାର ବାଦଭୂଇଁ, ରାଣୀପଡାର ସୁବଳୟା, ଯୋଗିଆପଲ୍ଲୀର ତେନ୍ତୁଳାପଲ୍ଲୀ ଓ ସିଂଘାପଡା ପଞ୍ଚାୟତର ଦଉପୋଖରୀ ଗ୍ରାମ। ଏହାଛଡା ଲୋକଙ୍କ ଆବଶ୍ୟକତା ଦୃଷ୍ଟିରୁ ବଡ଼ବାଣପୁର, ବଳଭଦ୍ରପ୍ରସାଦ, ବେଣାଗାଡିଆ, ବୋଦଶା, ଗୁଣ୍ଠୁଣୀ, ଜଗନ୍ନାଥପ୍ରସାଦ, ଖଳିସାହି ଓ ଶିଖରପୁର ଆଦି ୮ ପଞ୍ଚାୟତର ୧୨ ଗ୍ରାମରେ ୧୨ନୂତନ ନଳକୂପର ବ୍ୟବସ୍ଥା କରାଯାଇଛି । ତେବେ ଉକ୍ତ ପ୍ରକଳ୍ପଗୁଡ଼ିକ ଖୁବଶୀଘ୍ର କାର୍ଯ୍ୟକାରୀ ହେବ ବୋଲି ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ ଯନ୍ତ୍ରୀ ଇଂ. ଜୟନ୍ତ ସାହୁ ସୂଚନା ଦେଇଛନ୍ତି। ସୋମବାର ଓ ମଙ୍ଗଳବାର ବିଧାୟକ ପଟ୍ଟନାୟକ ବାଣପୁର, ବେଣାଗାଡ଼ିଆ, କିଆଝର, କୋସକା ଆଦି ବିଭିନ୍ନ ପଞ୍ଚାୟତକୁ ଗସ୍ତ କରି ପ୍ରକଳ୍ପଗୁଡିକର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି।ଏହି କାର୍ଯ୍ୟକ୍ରମରେ କନିଷ୍ଠଯନ୍ତ୍ରୀ ସାହୁ, ବଡ଼ବାଣପୁର, ବେଣାଗାଡ଼ିଆ, କିଆଝର ସରପଞ୍ଚ, ସମିତି ସଭ୍ୟ, ବେଣାଗାଡ଼ିଆ ବିଜୁ ଜନତା ଦଳ ସଭାପତି ଗଦାଧର ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ଗ୍ରାମବାସୀମାନେ।

ଧରିତ୍ରୀ CAREER APPOINTMENT
every Wednesday & Saturday

BACHPAN a play school
Requires : TEACHERS
MINIMUM 2 YEARS OF EXPERIENCE WITH FLUENCY IN ENGLISH
KAPIL PRASAD, BDA COLONY, HIG 1/17, NEAR LINGARAJ RAILWAY STATION, BBSR-2
Mob.: 9437143495

OMM SAI INFRATECH
ବ୍ଲକ୍ ସ୍ତରୀୟ ନିଯୁକ୍ତି
ନିଜ ନିଜ ପଞ୍ଚାୟତସ୍ତରରେ କାମ କରିବାପାଇଁ ODISHA ର ପ୍ରତ୍ୟେକ ଜିଲ୍ଲାରୁ ଆବଶ୍ୟକ
Qual. 7th, 10th, +2, +3 ଓ ITI candidate
Salary : Rs. 8,000 To Rs.15,000
CONTACT : 9776141333

ଭୁବନେଶ୍ୱରରେ ରହୁଥିବା ଛୋଟ ପରିବାର ପାଇଁ ରୋଷେଇ ଏବଂ ଘର କାମ କରିବା ପାଇଁ ଅଭିଜ୍ଞତା ଥିବା ସ୍ତ୍ରୀଲୋକ/ଝିଅ ଆବଶ୍ୟକ। ରହିବା, ଖାଇବା ସୁବିଧା ଅଛି।
ସମ୍ପର୍କ କରନ୍ତୁ:
8114721727

WALK-IN-INTERVIEW
Bhubaneswar a leading travel agency need Sales & Marketing Boys. All candidate qualification: MBA + Salary negotiable.
Contact: 0674-2595523, 2595513, 9937438896

Urgent Requirement for FIELD EXECUTIVE. 10th Pass. Salary: 7000 to 10000.
Ph. No.: 7290035795

WANTED
YOUNG MALE BODY MASSAGE (BOY)
For Body Massage Parlour
Ph : 9861550765

MNC କମ୍ପାନୀରେ ଚାକିରୀ
VACANCY- 10 (Male) & 7 (Female)
No Registration Fee / No Experience
ଯୋଗ୍ୟତା-10th/+2/+3. Age Below 30 yrs
Monthly : Rs.10000/- ଓ ରହିବା ସୁବିଧା
ଆସନ୍ତା ୫ଦିନ ମଧ୍ୟରେ ଯୋଗାଯୋଗ କରନ୍ତୁ
BHUBANESWAR : 9437186335

ବ୍ଲକସ୍ତରୀୟ ନିଯୁକ୍ତି
ନିଜ ବ୍ଲକ ଓ ପଞ୍ଚାୟତ ସ୍ତରରେ କାମ କରିବା ପାଇଁ ପ୍ରତ୍ୟେକ ଜିଲ୍ଲାରୁ Candidate ଆବଶ୍ୟକ।
ଦରମା: 7,000/- to 42,000/-.
ଯୋଗାଯୋଗ: 9777639313

ଆବଶ୍ୟକ
ଭୁବନେଶ୍ୱର, କଟକ, ବ୍ରହ୍ମପୁର ଏବଂ ରାଉରକେଲା ପାଇଁ Office Staff ଆବଶ୍ୟକ। ଯୋଗ୍ୟତା: 10th/above. Monthly Salary upto Rs.27000/-.
(Part Time / Full Time)
Contact: 9938676412

CONTACT:- 9938414918
ଭୁବନେଶ୍ୱର ପାଇଁ Accountant, Computer Operator, Field Officer, Office Assistant, Receptionist & Supervisor ଆବଶ୍ୟକ। ଯୋଗ୍ୟତା: 10th/above. ବୟସ: (17-30) yrs, Monthly Salary upto Rs. 24000/-.

A reputed C & FA of Home Appliances at BBSR requires
SALES OFFICER
Persons having (3 to 5 years Experience) in Same Trade.
Salary Negotiable.
IMMEDIATELY CONTACT
9937136851

AIRPORT RECRUITMENT
Male, Female Ground Staff, Floor Manager, Ticket Checker, Security Staff, Cook.
Salary: 27k to 45 k + PF + ESI + Accommodation
Departmenthrpoojasharma@gmail.com
7289943942, 9582577706

WANTED Following Staffs for Steel Industries at Cuttack.
- FIELD SUPERVISORS
- MALI
CONTACT
9437496020
7381075901

OFFICIALLY JOB
ଯୋଗ୍ୟତା: ଦଶମ ପାସ୍/ଫେଲ୍, ବୟସ: (18-35) yrs. ମାସିକ ଦରମା upto Rs.25000/-.
Contact Immediately:
Mob: 8763257042

SWIGGY REQUIRES
Work Full Time/ Part Time with Swiggy as a DELIVERY EXECUTIVE (Bike and DL) and earn up to 12000 - 25000 / month (Incentives and Insurance worth 6 lakhs extra).
Walk-in at Swiggy office at Gulmohar Building, Ground Floor, Behera Sahi, Nayapalli (opp. NABARD) Regiona, Bhubaneshwar, Odisha-751012 or give a missed call or call us on
011 30017619

ସବୁ ଏୟାର ପୋର୍ଟ ହେତୁ ଡାଇରେକ୍ଟ ଭର୍ତ୍ତି ପକ୍କା ଜଏନିଂ। ଶାସକୀୟ, ଅର୍ଦ୍ଧଶାସକୀୟ, ଅପାଠୁଆରୁ ଗ୍ରାଜୁଏଟ 45,500/- ରୁ 85,500/-। ଗ୍ରାଉଣ୍ଡ ଷ୍ଟାଫ, ସୁପରଭାଇଜର, ଏୟାରହୋଷ୍ଟେସ୍, ଲୋଡର, ହେଲପର, ଡ୍ରାଇଭର। ରହିବା + ଖାଇବା + ବୀମା
CONSULTANT
07303520928

24 x 7 Satellite News Channel ODISHA NEWS9 ଆପଣଙ୍କ ସ୍ୱର
An upcoming Satellite News Channel of Odisha
Requires
● Reporter (All Block/District) ● Anchor, ● Input incharge, ● Output incharge, ● IT & Broadcast head & executives, ● Graphics Offline Head & executives, ● Graphics Designer, ● PCR, ● Switcher, ● Sting clint, ● Sound engineer, ● MCR- Executive, ● Visual Editor, ● Camera-video Journalist, ● Promo Dept. Designer, ● Research Executives, ● Library Associates, ● Makeup associates, ● Marketing & Sales Manager & Associates, ● Operation Coordinator, ● Drivers, ● Distribution executives, ● HR & Admin. executives, ● Store incharge, ● Current Affairs Head, ● Producer, Asst./Tr.producer, ● Art Dept. executives, ● Animation designer, ● Public relations-executive, ● Digital contain executives,
Preference will be given to experienced, highly motivated creative candidates having flair for initiating innovative programmes & activities. Very Attractive Incentives to really deserving candidates with proven merit and talent.
Interested candidates are requested to send the duly filled Biodata to: news9odisha@gmail.com within 7 days of publication of this advertisement.
Walk-in-Interview
At 09:00 AM to 05:00 PM on 1st, 2nd, 8th & 9nd December 2018 at Hotel Royal Suites, Near Durga Mandap, Satyanagar, Bhubaneswar.

See Career Appointment on every Wednesday & Saturday

URGENT REQUIRED
ନିଜ ଜିଲ୍ଲାରେ ରହିବା, ଖାଇବା ସୁବିଧା ଦିଆଯିବ। ଦରମା: 25,000/-, ଶିକ୍ଷାଗତ ଯୋଗ୍ୟତା: 8th to 10th & above.
Contact:
8339922964

SANTANU ENGLISH MEDIUM SCHOOL
Affiliated to CBSE, New Delhi
Chintamaniswar Temple Road, Bhubaneswar - 751 006
Ph : (0674) 2312784/2972080, Mail : semsbbsr@gmail.com
WANTED : Teachers in Science (CBZ) English, Hindi, Computer, Activity, Peon (Gents) and a Driver. Apply within 7 days to the Principal.

TEAM ADMARK (P) LTD
99/A, Saheed Nagar, 1st Lane Facing N.Opp of Ayakar Bhawan, Bhubaneswar-751007
Phone-0674-6532628/7205006004/9238121210
Mail id- careerteamadmark@gmail.com
URGENTLY REQUIRED
1. Sr. Marketing Executive (outdoor) - Graduate (Male & Female) with min. 5-7 years marketing experience in outdoor advertising trade or in space selling. Preferably MBA, Salary- ₹15, 000/- to ₹20,000/- per month, Fuel and Mob. Expenses Extra, Two wheeler must.
2. Marketing Executive (outdoor) - BBA Graduate (Male & Female) with min. 2-3 years marketing experience in outdoor advertising trade or in space selling., salary- ₹10, 000/- to ₹12,000/- per month, Fuel and Mob. Expenses Extra.
3. Field Supervisor (outdoor): Graduate with Min. 2-3 years experience in Outdoor advertising business/construction in managing field works, salary- ₹7,000/- to ₹9,000/- per month, fuel and mob. Expenses extra, Computer Knowledge & Two wheeler must.
4. Electrician: ITI Pass out with Min 2-3 years experience in Electrical Trade/ outdoor advertising business/ construction in managing field work, salary- ₹7,000/- to ₹9, 000/- per month, Fuel and Mob. Expenses Extra, Two wheeler must.
5. Office Peon: 10th Pass with min. 1 year experience in Office/field work, salary- ₹6, 000/-per month with own bicycle or two wheeler.
Interested candidates may apply to our above address & mail ID with complete Bio-data and photo within 7 days from the date of advertisement.

ନୋଟିସ୍: ନିଯୁକ୍ତି ଓ କ୍ୟାରିୟର ପୃଷ୍ଠାରେ ଅନେକ ନିଯୁକ୍ତି ସମ୍ବନ୍ଧୀୟ ବିଜ୍ଞାପନ ପ୍ରକାଶ ପାଉଛି। ସମସ୍ତ ବିଜ୍ଞାପନ ବା ବିଜ୍ଞାପନଦାତାଙ୍କ ସତ୍ୟାସତ୍ୟ ଅନୁସନ୍ଧାନ କରିବା ଆମ ପକ୍ଷରେ ସମ୍ଭବପର ନୁହେଁ। ତେଣୁ ଯେଉଁ ବିଜ୍ଞାପନକୁ ଦେଖି ଆପଣ ଆବେଦନ କରୁଛନ୍ତି ବା ପରବର୍ତ୍ତୀ ସମୟରେ କୌଣସି ସମ୍ପର୍କ ସ୍ଥାପନ କରୁଛନ୍ତି ତାହା କରିବା ବେଳେ ନିଜର ବିବେକ, ବୁଦ୍ଧି ଖଟାଇ କରନ୍ତୁ। ବିଜ୍ଞାପନକାରୀ କମ୍ପାନୀ ପକ୍ଷରୁ ଅର୍ଥ ଦାବି କରାଗଲେ ତାହା ଦେବା ପୂର୍ବରୁ ନିଜ ସ୍ତରରେ ଅନୁସନ୍ଧାନ କରନ୍ତୁ। କୌଣସି ଅର୍ଥ ନେଣଦେଣ ପାଇଁ 'ଧରିତ୍ରୀ' ଦାୟୀ ରହିବ ନାହିଁ।